# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଜାନୁୟାରୀ ୧୪/୨୦୧୯ (୨୦ ପୃଷ୍ଠା) | Sambalpur, Monday, January 14/ 2019 | ★★

୧୫୪ ଭାଗ ୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## ଅଂଶୁଙ୍କୁ ତ୍ରିମୁକୁଟ

କଳିଙ୍ଗ ଷ୍ଟାଡିୟମରେ ରବିବାର ଉଦ୍‌ଯାପିତ ଉତ୍କଳ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ଉଭୟ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ ଟାଇଟଲ ଜିତି ତ୍ରିମୁକୁଟ ହାସଲ କରିଛନ୍ତି ଅଂଶୁ କୁମାର ଭୂୟାଁ। **୧୫**

**୧୩** ## ହୀରାନିଙ୍କ ନାଁରେ ଯୌନ ଉତ୍ପୀଡନ ଅଭିଯୋଗ

୨୦୧୭ରେ 'ସାଞ୍ଜୁ' ଫିଲ୍ମ ନିର୍ମାଣ ବେଳେ ନିର୍ମାତା ରାଜକୁମାର ହାରାନି ଜଣେ ମହିଳାଙ୍କୁ ଯୌନ ଉତ୍ପୀଡନ ଦେଇଥିବା ଅଭିଯୋଗ ହୋଇଛି।








# ପୁନଃ ଜାରିହେଲା ତିନି ତଲାକ୍ ଅଧ୍ୟାଦେଶ

**ନୂଆଦିଲ୍ଲୀ,୧୩।୧(ପି.ଟି.)**



ତତ୍କାଳ ତିନି ତଲାକ୍ ପ୍ରଥାକୁ ବେଆଇନ କରିବା ଲାଗି ସରକାର ଆଣିଥିବା ମୁସଲମାନ ମହିଳା (ବିବାହ ଅଧିକାର ସୁରକ୍ଷା) ଅଧ୍ୟାଦେଶ ଶନିବାର ପୁନର୍ବାର ଜାରି କରାଯାଇଛି। ପୂର୍ବରୁ ୨୦୧୮ ସେପ୍ଟେମ୍ବରରେ ଏହି ଅଧ୍ୟାଦେଶ ଜାରି ହୋଇଥିଲା। ଏହାକୁ ଆଇନରେ ପରିଣତ କରିବା ଲାଗି ସରକାର ଆଣିଥିବା ବିଲ୍ ଗତ ଡିସେମ୍ବରରେ ଲୋକ ସଭାରେ ଗୃହୀତ ହୋଇଥିବାବେଳେ ରାଜ୍ୟ ସଭାରେ ଏହା ଅଟକି ରହିଛି। ପାର୍ଲାମେଣ୍ଟ ଅନୁମୋଦନ ଲାଭ କରିପାରି ନ ଥିବାରୁ ସାନି ଅଧ୍ୟାଦେଶ ଜାରି କରିବାକୁ ପଡିଛି। କେନ୍ଦ୍ର କ୍ୟାବିନେଟ ଗତ ସପ୍ତାହରେ ଏହାକୁ ମଞ୍ଜୁରୀ ଦେଇଥିଲା।

ପ୍ରସ୍ତାବିତ ଆଇନରେ ତତ୍କାଳ ତିନି ତଲାକ ପ୍ରଥାକୁ ବେଆଇନ ଦର୍ଶାଯିବା ସହ ଏଥିପାଇଁ ସ୍ୱାମୀଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ଦେବା ବ୍ୟବସ୍ଥା ରହିଛି। ତେବେ ଉକ୍ତ ଆଇନର ଅପବ୍ୟବହାର ସମ୍ଭାବନା ଥିବା ବିରୋଧୀ ଦଳ ଅଭିଯୋଗ କରିବା ପରେ ସରକାର ବିଲ୍‌ରେ କେତେକ ପରିବର୍ତ୍ତନ ଆଣିଛନ୍ତି। ଏଥିରେ ବିଚାର ପୂର୍ବରୁ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ବ୍ୟବସ୍ଥା ରଖାଯାଇଛି। ଅଧ୍ୟାଦେଶରେ ତିନି ତଲାକକୁ ଜାମିନବିହୀନ ଅପରାଧ ଭାବେ ବିବେଚିତ କରାଯାଇଥିଲେ ମଧ୍ୟ ବିଚାର ପୂର୍ବରୁ ଅଭିଯୁକ୍ତ ମାଜିଷ୍ଟ୍ରେଟଙ୍କ ପାଖରେ ଜାମିନ ପାଇଁ ଆବେଦନ କରିପାରିବେ। ମାଜିଷ୍ଟ୍ରେଟ ମହିଳାଙ୍କ ପକ୍ଷ ଶୁଣିବା ପରେ ସ୍ୱାମୀ ସ୍ତ୍ରୀଙ୍କୁ କ୍ଷତିପୂରଣ ଦେବା ପାଇଁ ରାଜି ହେଲେ ତାଙ୍କୁ ଜାମିନ ମଞ୍ଜୁର କରିପାରିବେ। ସ୍ତ୍ରୀ, ତାଙ୍କର ରକ୍ତ ସମ୍ପର୍କୀୟ କିମ୍ବା ବିବାହ ପରବର୍ତ୍ତୀ ସମ୍ପର୍କୀୟଙ୍କ ଅଭିଯୋଗ କ୍ରମେ ପୋଲିସ ଏତଲା ଦାଏର କରିପାରିବ। ଅଧ୍ୟାଦେଶ ଅନୁଯାୟୀ ପଡୋଶୀ କିମ୍ବା ଅନ୍ୟମାନେ ଏଥିପାଇଁ ଅଭିଯୋଗ ଦାଏର କରିପାରିବେ ନାହିଁ। ମାଜିଷ୍ଟ୍ରେଟ ତାଙ୍କ କ୍ଷମତା ବଳରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାଦର ଆପୋସ ସମାଧାନ କରିପାରିବେ। ଉଭୟ ପକ୍ଷ ଚାହିଁଲେ ମାମଲା ପ୍ରତ୍ୟାହାର କରିନେଇପାରିବେ। ଛାଡ଼ପତ୍ର ପାଇଥିବା ମହିଳା ନିଜ ଏବଂ ପିଲାମାନଙ୍କ ଲାଗି ଭରଣପୋଷଣ ଦାବି କରିପାରିବେ। ନାବାଳକ ପିଲାମାନଙ୍କୁ ନିଜ ପାଖରେ ରଖିବା ଲାଗି ମହିଳା ଜଣକ ମଧ୍ୟ ନିବେଦନ କରିପାରିବେ। ଏହା ଉପରେ ଚୂଡାନ୍ତ ନିଷ୍ପତ୍ତି ନେବା କ୍ଷମତା ମାଜିଷ୍ଟ୍ରେଟଙ୍କର ରହିଛି।

■ କମନ୍‌ୱେଲ୍‌ଥ ଟ୍ରିବ୍ୟୁନାଲକୁ ଜଷ୍ଟିସ୍ ସିକ୍ରିଙ୍କୁ ଚୟନ

# ବିବାଦ ପରେ ଓହରିଲେ

**ନୂଆଦିଲ୍ଲୀ,୧୩।୧**

**ବୋଲ ମାନିବାର ପୁରସ୍କାର**

- ■ ଆଲୋକ ବର୍ମାଙ୍କୁ ସିବିଆଇ ନିର୍ଦ୍ଦେଶକ ପଦରୁ ହଟାଇବାରେ ନିର୍ଣ୍ଣାୟକ ଭୂମିକା ନେଇଥିଲେ ଜଷ୍ଟିସ୍ ସିକ୍ରି
- ■ ଏହାର ଦୁଇଦିନ ପରେ ସିକ୍ରିଙ୍କୁ ସିଏସ୍‌ଏଟିକୁ ମନୋନୀତ କଲେ କେନ୍ଦ୍ର ସରକାର
- ■ ଅନ୍ତର୍ଜାତୀୟ ସଙ୍ଗଠନରେ ୪ ବର୍ଷ କାର୍ଯ୍ୟ କରିଥାନ୍ତେ
- ■ ରିପୋର୍ଟ ପ୍ରକାଶ ପାଇବା ପରେ ସହମତି ପ୍ରତ୍ୟାହାର



ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଅର୍ଜନ କୁମାର ସିକ୍ରି କମନ୍‌ୱେଲ୍‌ଥ ସେକ୍ରେଟେରିଏଟ୍ ଆର୍ବିଟ୍ରାଲ୍ ଟ୍ରିବ୍ୟୁନାଲ୍ (ସିଏସ୍‌ଏଟି)କୁ ଯାଇଥାନ୍ତେ। ଏଥିପାଇଁ କେନ୍ଦ୍ର ସରକାର ତାଙ୍କୁ ମନୋନୀତ କରିଥିଲେ। ଲଣ୍ଡନସ୍ଥିତ ସିଏସ୍‌ଏଟିକୁ ଭାରତର ପ୍ରତିନିଧି ଭାବେ ଜଷ୍ଟିସ୍ ସିକ୍ରିଙ୍କୁ ପଠାଇବାକୁ ସରକାର ପୂର୍ବରୁ ବିଚାର କରିଥିବା ନେଇ ରବିବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ହେଲେ ଆଲୋକ ବର୍ମାଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ ପଦରୁ ହଟାଇବା ପାଇଁ ସରକାରଙ୍କ ସହ ସ୍ୱର ମିଳାଇଥିବାରୁ ଏହା ଜଷ୍ଟିସ୍ ସିକ୍ରିଙ୍କୁ କେନ୍ଦ୍ରର ପୁରସ୍କାର ବୋଲି କେତେକ ମହଲରେ ବିବେଚନା କରାଯାଉଛି। ଏହାକୁ ନେଇ ବିବାଦ ସୃଷ୍ଟି ହେବା ପରେ ଜଷ୍ଟିସ୍ ସିକ୍ରି ନିଜେ ସହମତି ପ୍ରତ୍ୟାହାର କରି ଏହି ମର୍ଯ୍ୟାଦାଜନକ ପଦବୀରୁ ଓହରିଯାଇଛନ୍ତି।

ସିବିଆଇରେ ଅନ୍ତର୍ଦ୍ୱନ୍ଦ୍ୱ ପରେ ଅକ୍ଟୋବର ୨୩ରେ କେନ୍ଦ୍ର ସରକାର ନିର୍ଦ୍ଦେଶକ ଆଲୋକ ବର୍ମା ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କୁ ବାଧ୍ୟତାମୂଳକ ଛୁଟିରେ ପଠାଇଦେଇଥିଲେ। ଏହାକୁ ବର୍ମା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ମଙ୍ଗଳବାର ବର୍ମାଙ୍କୁ ପଦରେ ପୁନଃ ଅବସ୍ଥାପିତ କରିଥିଲେ। ଏହାସହ ସିବିଆଇ ନିର୍ଦ୍ଦେଶକଙ୍କୁ ଚୟନ କରି ନିଯୁକ୍ତି ଦେଉଥିବା ତଥା ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ ଉଚ୍ଚକ୍ଷମତାସମ୍ପନ୍ନ କମିଟି ସିଭିସିଙ୍କ ତଦନ୍ତ ଆଧାରରେ ବର୍ମାଙ୍କ ଉପରେ ନିଷ୍ପତ୍ତି ନେବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ। ସିଜେଆଇ ଗୋଗୋଇ ୩ ଜଣିଆ କମିଟିରେ ନିଜ ପ୍ରତିନିଧି ଭାବେ ଜଷ୍ଟିସ୍ ଏ.କେ. ସିକ୍ରିଙ୍କୁ ଚୟନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚକ୍ଷମତାସମ୍ପନ୍ନ ଚୟନ କମିଟିର ମାରାଥନ ବୈଠକ ପରେ ଗୁରୁବାର ସନ୍ଧ୍ୟାରେ ୨:୧ ସଂଖ୍ୟାଗରିଷ୍ଠତାରେ ବର୍ମାଙ୍କୁ ପଦରୁ ହଟାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରଧାନମନ୍ତ୍ରୀ ଓ ଜଷ୍ଟିସ୍ ସିକ୍ରି ସିବିଆଇ ନିର୍ଦ୍ଦେଶକ ☞ପୃଷ୍ଠା-୪

## ସିଏସ୍‌ଏଟି କ'ଣ

**ନୂଆଦିଲ୍ଲୀ,୧୩।୧**

ସହମତ ସ୍ମାରକପତ୍ର (ଏଗ୍ରିଡ୍ ମେମୋରେଣ୍ଡମ୍)ର ଆବଶ୍ୟକତା ପୂରଣ ପାଇଁ ୧୯୬୪ରେ କମନୱେଲ୍‌ଥ ସେକ୍ରେଟେରିଏଟ୍ ଆର୍ବିଟ୍ରାଲ୍ ଟ୍ରିବ୍ୟୁନାଲ୍ (ସିଏସ୍‌ଏଟି) ଗଠନ ହୋଇଥିଲା। ରାଜ୍ୟଗୋଷ୍ଠୀ ସେକ୍ରେଟାରିଏଟ୍ ଆଇନ, ୧୯୬୬କୁ ବ୍ରିଟେନ ସରକାର ଗୃହୀତ କରିଥିବାବେଳେ ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକ ୨୦୦୫ରେ ସିଏସ୍‌ଏଟିର ପୁନଃ ସମୀକ୍ଷା କରିଥିଲେ। ୫୩ ସଦସ୍ୟତା ବିଶିଷ୍ଟ ଏହି ସଙ୍ଗଠନ ଆନ୍ତର୍ଜାତିକ ବିବାଦଗୁଡ଼ିକର ବିଚାର ଓ ସମାଧାନ କରିଥାଏ। ଏହି ଟ୍ରିବ୍ୟୁନାଲର ରାୟ ଚୂଡ଼ାନ୍ତ ଏବଂ ଏହାକୁ ସମସ୍ତ ପକ୍ଷ ମାନିବାକୁ ବାଧ୍ୟ। ଏହା ବିରୋଧରେ କୌଣସି ଅଦାଲତରେ ଆବେଦନ କରାଯାଇ ପାରେନାହିଁ। ଏହାର ମୁଖ୍ୟାଳୟ ଲଣ୍ଡନରେ ଅବସ୍ଥିତ। ଏଠାରେ ନିଯୁକ୍ତି ପାଉଥିବା ସଦସ୍ୟଙ୍କ କାର୍ଯ୍ୟକାଳ ୪ ବର୍ଷ। ସ୍ଥଳବିଶେଷରେ ସେମାନଙ୍କ କାର୍ଯ୍ୟ ଅବଧି ଆଉ ବର୍ଷେ ବୃଦ୍ଧି କରାଯାଇଥାଏ। ସିଏସ୍‌ଏଟିରେ ଜଣେ ଅଧ୍ୟକ୍ଷ ଓ ୭ ସଦସ୍ୟ ରହିଥାନ୍ତି। ଏଥିରେ ଭାରତ ପକ୍ଷରୁ ଅନେକ ବର୍ଷ ହେଲା କୌଣସି ପ୍ରତିନିଧି ନ ଥିବାରୁ ଗୋଟିଏ ପଦବୀ ଖାଲି ପଡ଼ିଛି।

## ଜିଏସ୍‌ଟି ଲାଗୁ ପରେ ଓଡ଼ିଶା ସମେତ ୯ରାଜ୍ୟର କମିଛି ଆୟ

**ନୂଆଦିଲ୍ଲୀ,୧୩।୧**

ଦେଶରେ ଜିଏସ୍‌ଟି ଲାଗୁ ହେବା ପରେ ଓଡ଼ିଶା ସମେତ ରାଜ୍ୟଗୁଡିକର ଟିକସ ଆଦାୟ ହ୍ରାସ ପାଇଛି। ଏହାର କାରଣ ଜାଣିବା ତଥା ଆୟ ବଢ଼ାଇବା ଲାଗି ସୁପାରିସ କରିବା ଉଦ୍ଦେଶ୍ୟରେ ବିହାର ଉପମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ସୁଶୀଲ କୁମାର ମୋଦିଙ୍କ ଅଧ୍ୟକ୍ଷତାରେ ଏକ ୭ ଜଣିଆ ମନ୍ତ୍ରିଗୋଷ୍ଠୀ ଗଠନ କରାଯାଇଛି। ଜିଏସ୍‌ଟି କାଉନସିଲ୍ ପକ୍ଷରୁ ଜାରି ନୋଟିଫିକେଶନରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସୂଚନାଥାଉ କି, ୨୦୧୭ ଜୁଲାଇରେ ଦେଶରେ ଜିଏସ୍‌ଟି ଲାଗୁ ହେବା ପରେ ଓଡ଼ିଶା, ପଞ୍ଜାବ, ହିମାଚଳ ପ୍ରଦେଶ, ଛତିଶଗଡ଼, ଉତ୍ତରାଖଣ୍ଡ, ଜମ୍ମୁ-କଶ୍ମୀର, ଗୋଆ, ବିହାର, ଗୁଜରାଟ ଓ ଦିଲ୍ଲୀର ଆୟ କମିଛି। ଏପ୍ରିଲ-ନଭେମ୍ବର ଅବଧିରେ ଉକ୍ତ ରାଜ୍ୟଗୁଡିକର ଆୟ ୧୪ରୁ ୩୭ ପ୍ରତିଶତ ପର୍ଯ୍ୟନ୍ତ କମିଥିବା ଦେଖାଯାଇଛି। କେନ୍ଦ୍ରଶାସିତ ପ୍ରଦେଶଗୁଡିକ ମଧ୍ୟରେ ପୁଦୁଚେରୀକୁ ସର୍ବାଧିକ କ୍ଷତି ସହିବାକୁ ପଡ଼ିଛି। ଏହାର ଆୟ ସବୁଠାରୁ ଅଧିକ ୪୩ ପ୍ରତିଶତ ହ୍ରାସ ପାଇଛି। ଓଡ଼ିଶା ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ପଞ୍ଜାବ ଅର୍ଥମନ୍ତ୍ରୀ ମନପ୍ରୀତ ସିଂହ ବାଦଲ, କେରଳ ଅର୍ଥମନ୍ତ୍ରୀ ଥମାସ ଆଇଜାକ, କର୍ଣାଟକ ଗ୍ରାମୀଣ ବିକାଶ ମନ୍ତ୍ରୀ କ୍ରିଷ୍ଣା ବି.ଗୌଡା, ହରିୟାଣା ରାଜସ୍ୱ ମନ୍ତ୍ରୀ କ୍ୟାପ୍‌ଟେନ୍ ଅଭିମନ୍ୟୁ ଏବଂ ଗୋଆ ପଞ୍ଚାୟତ ମନ୍ତ୍ରୀ ମୋବିନ ଗୋଡିହ୍ନୋ ଏହି ମନ୍ତ୍ରିଗୋଷ୍ଠୀ ସଦସ୍ୟ ରହିଛନ୍ତି। ଜିଏସ୍‌ଟି ଲାଗୁ ହେବା ପରେ ୩୧ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ମଧ୍ୟରେ କେବଳ ଆନ୍ଧ୍ରପ୍ରଦେଶ ଓ ଉତ୍ତର-ପୂର୍ବର ୫ ରାଜ୍ୟ ମିଜୋରାମ, ଅରୁଣାଚଳ ପ୍ରଦେଶ, ମଣିପୁର, ସିକ୍କିମ୍ ଓ ନାଗାଲାଣ୍ଡର ଆୟ ବଢ଼ିଛି।

# ଓଡ଼ିଶାର ଗାଁ, ନିଜ ଜିଲାର ଦର୍ଶାଇଛି ଆନ୍ଧ୍ର

**ସେମିଳିଗୁଡ଼ା,୧୩।୧(ସ୍ୱ.ପ୍ର.)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ ବିବାଦୀୟ କୋଟିଆ ଓ ନନ୍ଦପୁର ବ୍ଲକ ସୀମାନ୍ତରେ ପୂର୍ବରୁ ବାରମ୍ବାର ଅନୁପ୍ରବେଶ କରିଆସୁଛି ଆନ୍ଧ୍ରପ୍ରଦେଶ। ଏବେ ଜିଲାର ସେମିଳିଗୁଡ଼ା ବ୍ଲକ ସାତାମ ପଞ୍ଚାୟତ ପାଣ୍ଡ୍ରିଆମ୍ବଗୁଡ଼ାରେ ଆନ୍ଧ୍ର ଅନଧିକାର ପ୍ରବେଶ କରିଛି। ଗ୍ରାମର ଲୋକଙ୍କୁ ପ୍ରଲୋଭିତ କରିବା ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଇଛି। ଗ୍ରାମର ୨ଟି ସାହି ମଧ୍ୟରେ ଦୂରତା ଅଧା କିଲୋମିଟର ଥିବାବେଳେ ଏହା ଆନ୍ଧ୍ର ସୀମାରେ ରହିଛି। ବେଙ୍ଗାଲୁରର ଇନଫୋସିସ୍ ପକ୍ଷରୁ ନରସିଂହପାଟଣା ସ୍ଥିତ ବିଶାଖା ଜିଲା ନବନିର୍ମାଣ ସମିତି ପକ୍ଷରୁ ୫ ଲକ୍ଷ ଟଙ୍କା ବ୍ୟୟରେ ଏହି ପାନୀୟ ଜଳ ପ୍ରକଳ୍ପ ବ୍ୟବସ୍ଥା କରାଯାଇଛି। ଏନେଇ ସେଠାରେ ଲାଗିଥିବା ପ୍ରକଳ୍ପ ସୂଚନା ଫଳକରେ ପାଣ୍ଡ୍ରିଆମ୍ବଗୁଡ଼ାକୁ ପାଣ୍ଡିରିମାମିଡ଼ି ବୋଲି ଉଲ୍ଲେଖ କରି ଏହା ନିଜ ରାଜ୍ୟ ଅଧୀନ ବିଶାଖାପାଟଣା ଜିଲାର ବୋଲି ଆନ୍ଧ୍ର ଦର୍ଶାଇଛି। ଗ୍ରାମରେ ୮୦ଟି ପରିବାରର ୩୭୦ ଜଣ ସଦସ୍ୟ ରହିଛନ୍ତି। ସେମାନଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ଆନ୍ଧ୍ର ୨୦୧୮ ମାର୍ଚ୍ଚରେ କାମ ଆରମ୍ଭ କରି ମେ ମାସରେ ଶେଷ କରିଥିଲା। ଏନେଇ ସେମିଳିଗୁଡ଼ା ବିଡିଓ ତ୍ରିନାଥ ମାଝିଙ୍କୁ ପଚାରିବାରୁ ସେ କହିଥିଲେ, ପାଣ୍ଡ୍ରିଆମ୍ବଗୁଡ଼ାକୁ ସେ ନିଜେ ଗସ୍ତ କରିଛନ୍ତି। ସେଠାରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥିବା ବେଳେ ଆନ୍ଧ୍ର ପକ୍ଷରୁ କିଛି କରାଯାଇ ନାହିଁ। ଲୋକେ ଯାହା ଅଭିଯୋଗ କରିଛନ୍ତି, ତାହା ସମ୍ପୂର୍ଣ୍ଣ ମିଛ।

■ ତୃତୀୟ ଦିନରେ ଡି.ଆର୍. ପଟ୍ଟନାୟକଙ୍କ ଘରେ ଆଇଟି ଚଢ଼ାଉ

# ଅଧିକାରୀଙ୍କ ହାତରେ ଖଣି ସଂକ୍ରାନ୍ତ କାଗଜପତ୍ର

**ରାଉରକେଲା ଅଫିସ,୧୩।୧**

ଖଣି ମାଲିକ ଦୀପ୍ତିରଞ୍ଜନ (ଡି.ଆର୍.) ପଟ୍ଟନାୟକ, ତାଙ୍କ ଦୁଇ ସହଯୋଗୀ ରାଜେନ୍ଦ୍ର ଗୁପ୍ତା ଓ ସଞ୍ଜୟ ବଂଶଲଙ୍କ ରାଉରକେଲାସ୍ଥିତ ଘର ଓ କାର୍ଯ୍ୟାଳୟରେ ଆୟକର ବିଭାଗ (ଆଇଟି) ପକ୍ଷରୁ ରବିବାର ଚଢ଼ାଉ ଜାରି ରହିଥିଲା। ଶୁକ୍ରବାରଠାରୁ ଏହା ଆରମ୍ଭ ହୋଇଥିଲା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ, ଖଣି ଉତ୍ତୋଳନ, ବ୍ୟବସାୟିକ କାରବାରରେ ଟିକସ ଫାଙ୍କି ତଥା ହେରଫେର ଅଭିଯୋଗରେ ଚଢ଼ାଉ କରାଯାଇଥିବା ଜଣାପଡ଼ିଛି। ଏହି ତିନିଦିନ ମଧ୍ୟରେ ଅଧିକାରୀମାନେ ଖଣି ସଂକ୍ରାନ୍ତ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଛନ୍ତି। ଇତିମଧ୍ୟରେ ଅଧିକାରୀଙ୍କ ହାତରେ କିଛି ଗୁରୁତ୍ୱପୂର୍ଣ୍ଣ କାଗଜ ପଡ଼ିଥିବା ଆଲୋଚନା ହେଉଛି। ଶନିବାରଠାରୁ ପଟ୍ଟନାୟକଙ୍କ ବ୍ୟବସାୟିକ ସହଯୋଗୀ ଗୁପ୍ତା ଏବଂ ବଂଶଲଙ୍କ ସ୍ଥାନୀୟ ସିଭିଲ ଟାଉନଶିପ୍‌ସ୍ଥିତ ଘର ଓ କାର୍ଯ୍ୟାଳୟରେ ଚଢ଼ାଉ କରି ବିଭାଗୀୟ ଅଧିକାରୀ ତନାଘନା ଜାରି ରଖିଥିଲେ। ଖଣି ଅଞ୍ଚଳରେ ଥିବା ଇନ୍ଦ୍ରାଣୀ ପଟ୍ଟନାୟକ ମାଇନ୍ସଗୁଡ଼ିକରେ ☞ପୃଷ୍ଠା-୪

**ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

**ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି**

........୩........

**ଆଜିର ସମ୍ପାଦକୀୟ**

**ପ୍ରତିଶ୍ରୁତି ରକ୍ଷାକାରୀ**

**ଆଜିର ମନ୍ତବ୍ୟ**

"ବିରୋଧୀ ନିଜ ସାମ୍ରାଜ୍ୟ ପ୍ରତିଷ୍ଠା କରିବାକୁ ଚାହାନ୍ତି, କିନ୍ତୁ ଆମେ ଲୋକଙ୍କୁ ସଶକ୍ତ କରିବାକୁ ଚାହୁଁ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୨୦୧୮ ଏପ୍ରିଲ-ଡିସେମ୍ବର ମଧ୍ୟରେ ଦେଶର ପ୍ରମୁଖ ବନ୍ଦରଗୁଡ଼ିକରୁ ମାଲ୍ ପରିବହନରେ ୩.୭୭% ବୃଦ୍ଧି ଘଟି ୫୧୯ ନିୟୁତ ଟନ୍ ଛୁଇଁଛି।

– ଇଣ୍ଡିଆନ୍ ପୋର୍ଟ ଆସୋସିଏସନ

# ସେବାଶ୍ରମରେ ମା'ହେଲେ ନାବାଳିକା

**ଦାରିଙ୍ଗବାଡ଼ି,(ଡି.ଏନ୍.ଏ.)/ ଫୁଲବାଣୀ ଅଫିସ,୧୩।୧**

- ■ କନ୍ୟା ସନ୍ତାନ ଜନ୍ମ ଦେଲେ ୮ମ ଶ୍ରେଣୀ ଛାତ୍ରୀ
- ■ ୨ ଘଣ୍ଟା ଧରି ରାସ୍ତା ଅବରୋଧ, ଅଭିଯୁକ୍ତ ଅଟକ
- ■ ୬ ବହିଷ୍କୃତ, ୩ ନିଲମ୍ବିତ, ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ ସୁପାରିସ
- ■ ତଦନ୍ତ ନିର୍ଦ୍ଦେଶ ଦେଲେ ଆଦିବାସୀ କଲ୍ୟାଣ ମନ୍ତ୍ରୀ

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ଏକ ସେବାଶ୍ରମରେ ଘଟିଛି ଅପ୍ରୀତିକର ଘଟଣା । ଏଠାରେ ରହି ୮ମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକା ଛାତ୍ରୀ ରବିବାର ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ଏହା ଜଣାପଡ଼ିବା ପରେ ସେବାଶ୍ରମ ବାହାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ଏହି ଘଟଣାରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସେବାଶ୍ରମର ୨ ମ୍ୟାଟ୍ରନ, ୨ ଜଣ କୁକ୍ କମ୍ ଆଟେଣ୍ଡାଣ୍ଟ (ସିସିଏ), ଜଣେ ଏଏନ୍‌ଏମ୍ ଓ ଜଣେ ମହିଳା ୱାର୍ଡେନଙ୍କୁ ବହିଷ୍କାର କରାଯାଇଥିବାବେଳେ ସହକାରୀ ଶିକ୍ଷୟିତ୍ରୀ ତଥା ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ୩ ଜଣଙ୍କୁ ନିଲମ୍ବନ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରାଧାରାଣୀ ଦଳେଇଙ୍କୁ ନିଲମ୍ବନ ପାଇଁ ଜିଲାପାଳ ବୃନ୍ଦା ଡି. ରାଜ୍ୟ ସରକାରଙ୍କୁ ସୁପାରିସ୍ କରିଛନ୍ତି। ଏପରିକି ୧୦ ଦିନ ମଧ୍ୟରେ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ବାଲିଗୁଡ଼ା ଉପଜିଲାପାଳଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ରମେଶ ମାଝି ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତୁରନ୍ତ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦାରିଙ୍ଗବାଡି ଥାନାରେ ଛାତ୍ରୀଙ୍କ ବାପାଙ୍କ ଅଭିଯୋଗକ୍ରମେ ଘଟଣାରେ ସମ୍ପୃକ୍ତି ସନ୍ଦେହରେ ଜଣେ ଯୁବକଙ୍କୁ ପୋଲିସ ଅଟକ ରଖି ପଚରା ଉଚୁରା ଜାରି ରଖିଛି। ☞ପୃଷ୍ଠା-୪



ଦାରିଙ୍ଗବାଡି ଚାରିଛକରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।


NECC NATIONAL EGG CO-ORDINATION COMMITTEE | 13.01.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 68 | 116 | 126 |
| CTC | 68 | 116 | 126 |
| DKL | 69 | 118 | 128 |
| BDK | 70 | 119 | 129 |
| BLS | 70 | 119 | 129 |
| ANG | 70 | 119 | 129 |

*Conditions Apply

Eggs Retail Price- 56/-Dozen
Issued in the Interest of Consumers



ପର ପାଇଁ ଦୁଃଖ ସହିବା ହେଉଛି
ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମାଗାନ୍ଧୀ

## ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ଜନ ଆନ୍ଦୋଳନ, ନୀରବ ସରକାର

“ପଶ୍ଚିମ ଓଡ଼ିଶାରେ ନିଆଁ ଜଳୁଛି। ସରକାରୀ ଦପ୍ତର, କଚେରି ଏବଂ ଅନେକ ସେବା ଏବେ ଦୀର୍ଘଦିନ ହେବ ବନ୍ଦ ହୋଇ ରହିଛି। ଦୀର୍ଘବର୍ଷ ଧରି ଚାଲିଥିବା ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ସମ୍ପର୍କିତ ଆନ୍ଦୋଳନ ବିଗତ ବର୍ଷ ଶେଷ ପର୍ଯ୍ୟାୟରେ ଜୋରଦାର ହୋଇଥିଲା । ଏହି ଆନ୍ଦୋଳନ ସମ୍ବଲପୁରରେ ୧୩୧ଦିନ ଓ ବଲାଙ୍ଗୀରରେ ୪୧ଦିନ ଧରି ନିରବଚ୍ଛିନ୍ନ ଭାବେ ଚାଲିଛି । ପରବର୍ତ୍ତୀ ପର୍ଯ୍ୟାୟରେ ଏହା କଳାହାଣ୍ଡି, ରାଉରକେଲା ଭଳି ସ୍ଥାନକୁ ବ୍ୟାପିଛି। ସମସ୍ତେ ନିଜ ନିଜ ସ୍ଥାନରେ ଉଚ୍ଚ ନ୍ୟାୟାଳୟ ବେଞ୍ଚ ଦାବି କରୁଥିବା ବେଳେ ରାଜ୍ୟ ସରକାରଙ୍କ ନୀରବତା ଏହାକୁ ଇନ୍ଧନ ଯୋଗାଉଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭିନ୍ନ ଭିନ୍ନ ସମୟରେ ୫ଟି ପତ୍ର ଲେଖି କେନ୍ଦ୍ର ସରକାରଙ୍କୁ ସ୍ଥାୟୀବେଞ୍ଚ ସ୍ଥାପନ ଦିଗରେ ପଦକ୍ଷେପ ନେବା ଲାଗି ଦାବି କରିଛନ୍ତି। ଏହି ପରିସ୍ଥିତି ଏବେ ଉଭୟ ଆନ୍ଦୋଳନକାରୀ ଓ ସରକାରଙ୍କ ପାଇଁ ଏକ ବିରାଟ ଚ୍ୟାଲେଞ୍ଜଭାବେ ମୁଣ୍ଡ ଟେକିଲାଣି। ଏହି ଅଶାନ୍ତ ପରିସ୍ଥିତି ବିଷୟରେ ଧରିତ୍ରୀ ପକ୍ଷରୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ଆଇନଜୀବୀ, ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ଛାତ୍ରନେତାଙ୍କ ମତାମତ ନେଇ ଏକ ରିପୋର୍ଟ ନିମ୍ନରେ ପ୍ରକାଶ କରାଯାଇଛି।”

### କେନ୍ଦ୍ର କୋର୍ଟକୁ ବଲ୍ ଫିଙ୍ଗା



“ପଶ୍ଚିମ ଓଡିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି(ସିଏସି) ନେତୃତ୍ୱରେ ଦୀର୍ଘବର୍ଷ ହେବ ଏହି ଆନ୍ଦୋଳନ ଚଳାଇ ଆସିଛନ୍ତି । କିନ୍ତୁ ଏହି ଦାବି ପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ଅଣଦେଖା କରି ଆସିଛନ୍ତି । ମୁଖ୍ୟମନ୍ତ୍ରୀ ଶୁକ୍ରବାର କେନ୍ଦ୍ର ଆଇନମନ୍ତ୍ରୀଙ୍କୁ ଯେଉଁ ଚିଠି ଲେଖିଛନ୍ତି ତା'ର କୌଣସି ମୂଲ୍ୟନାହିଁ। କେଉଁଠି ବେଞ୍ଚ ପ୍ରତିଷ୍ଠା ହେବ ସେ ନିଷ୍ପତ୍ତି ରାଜ୍ୟ ସରକାରଙ୍କର ଚିଠିରେ ସେ କିଛି ଉଲ୍ଲେଖ ନାହିଁ। ଆଗକୁ ନିର୍ବାଚନ ଥିବାରୁ କେନ୍ଦ୍ର କୋର୍ଟକୁ ବଲ ଫିଙ୍ଗିବାକୁ ମୁଖ୍ୟମନ୍ତ୍ରୀ ପ୍ରୟାସ କରିଛନ୍ତି। ରାଜ୍ୟ ସରକାର ସ୍ପଷ୍ଟ ମତ ନ ରଖିଲେ ଆସନ୍ତା ନିର୍ବାଚନରେ ଏହାର ଦୃଢ଼ ଜବାବ ଦିଆଯିବ।

**ସର୍ବେଶ୍ୱର ପୁରୋହିତ, ସଭାପତି, ସୁବର୍ଣ୍ଣପୁର ଜିଲା ଓକିଲ ସଂଘ**

### ଆଞ୍ଚଳିକ ବିଭେଦ ବଢୁଛି



“ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଜାରି ରହିଛି। ରାଜ୍ୟ ସରକାର ଏପର୍ଯ୍ୟନ୍ତ ଠୋସ ପଦକ୍ଷେପ ନେଇନାହାନ୍ତି। ରାଜ୍ୟ ସରକାର ବେଞ୍ଚ ପ୍ରତିଷ୍ଠା ଲାଗି ସ୍ଥାନ ନିରୂପଣ କରି ନ ପାରିବାରୁ ଜିଲା ଜିଲା ମଧ୍ୟରେ ବିବାଦ ସୃଷ୍ଟି ହେବାରେ ଲାଗିଛି। ଆଞ୍ଚଳିକ ବିଭେଦ ଯୋଗୁଁ ଆନ୍ଦୋଳନ ମୂଳଲକ୍ଷ୍ୟରୁ ବିଚ୍ୟୁତ ହେବାକୁ ବସିଛି। ଅନ୍ୟପକ୍ଷେ ଦୀର୍ଘଦିନ ଧରି ଆନ୍ଦୋଳନ ଯୋଗୁ ପ୍ରଶାସନିକସ୍ତରରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଅଞ୍ଚଳବାସୀ ହିଁ ଏହାଦ୍ୱାରା କ୍ଷତି ସହୁଛନ୍ତି ।

**ଭଗବାନ ମିଶ୍ର, ସଭାପତି, ବରିଷ୍ଠ ନାଗରିକ ସଂଘ, ବୀରମହାରାଜପୁର**

### ଇଚ୍ଛାଶକ୍ତିର ଅଭାବ



“ମୁଖ୍ୟମନ୍ତ୍ରୀଙ୍କ ସଦ୍ୟ ଚିଠି ଏକ ପ୍ରହସନ। ନିର୍ବାଚନର ଅବ୍ୟବହିତ ପୂର୍ବରୁ ଜନମାନସକୁ ପ୍ରଭାବିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉଦ୍ୟମ କରିଛନ୍ତି। ଏଥିରୁ କିଛି ଲାଭ ହେବାର ନାହିଁ। ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ରାଜ୍ୟ ସରକାରଙ୍କୁ ଏକ ସମ୍ପୂର୍ଣ୍ଣ ପ୍ର ସ୍ତ । ବ ଦେବାର ଥିଲା। ସ୍ଥାନ ନିରୂପଣ ନ କରି ରାଜ୍ୟ ସରକାରଙ୍କ ପ୍ରସ୍ତାବ ପୂର୍ବରୁ ଦିଆଯାଇଥିଲା। ଶୁକ୍ରବାର ମଧ୍ୟ ପୂର୍ବଭଳି ଚିଠି ଦିଆଯାଇଛି। ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ଇଚ୍ଛା ନ ଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏହାଦ୍ୱାରା ଆଞ୍ଚଳିକତାବାଦ ମୁଣ୍ଡ ଟେକିବାର ସମ୍ଭାବନା ରହିଛି ।

**ଅଶୋକ କୁମାର ପୂଜାରୀ, ବରିଷ୍ଠ ସଭ୍ୟ, ରାମପୁର ଓକିଲ ସଂଘ**

### କେନ୍ଦ୍ର ସରକାର ପଦକ୍ଷେପ ନିଅନ୍ତୁ



“ମୁଖ୍ୟମନ୍ତ୍ରୀ କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ଚାଲିଥିବା ଆନ୍ଦୋଳନ ଉପରେ ପ୍ରଭାବ ପଡିବ। ଏବେ ଆନ୍ଦୋଳନ ପ୍ରଶମିତ ହେବ। ଜଷ୍ଟିସ ଯଶୱନ୍ତ ସିଂ କମିଶନଙ୍କ ସୁପାରିସ ଅନୁଯାୟୀ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବାର କ୍ଷମତା କେନ୍ଦ୍ର ସରକାରଙ୍କ ରହିଛି। ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ କେନ୍ଦ୍ର ସରକାର ରାଜ୍ୟରେ ବେଞ୍ଚ ପ୍ରତିଷ୍ଠା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉଚିତ।

**ଶାଶ୍ୱତ କୁମାର ମିଶ୍ର, ପ୍ରାକ୍ତନ ସଭାପତି, ସୋନପୁର କଲେଜ**

### ମୂଳଦାବି ଦୁର୍ବଳ ହେଉଛି



“ରାଜ୍ୟ ସରକାର କେନ୍ଦ୍ରକୁ ଚିଠି ଲେଖିବା ପରେ କିଛିମାତ୍ରାରେ ତା'ର ପ୍ରଭାବ ପଡ଼ିବ । କିନ୍ତୁ ସମ୍ପୂର୍ଣ୍ଣ ଭାବେ ନୁହେଁ। କାରଣ ରାଜ୍ୟ ସରକାର ଅନ୍ୟ କିଛି ପଦକ୍ଷେପ ନେଇ ନାହାନ୍ତି । ଆନ୍ଦୋଳନ ଯୋଗୁ ପ୍ରଶାସନିକ ଅଚଳାବସ୍ଥା ସହ ବିଭିନ୍ନ ଉନ୍ନୟନ କାମ ପ୍ରଭାବିତ ହେଉଛି । ଏହା ଜନସାଧାରଣଙ୍କ ପାଇଁ ମୋଟେ ଶୁଭଙ୍କର ନୁହେଁ । ବିଭିନ୍ନ ସ୍ଥାନରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ ଆନ୍ଦୋଳନ ବିଭେଦ ସୃଷ୍ଟି କରୁଛି। ଏହାଦ୍ୱାରା ମୂଳଦାବି ଦୁର୍ବଳ ହେଉଛି ।

**ବୀରେନ୍ଦ୍ର କୁମାର ନାୟକ, ବୁଦ୍ଧିଜୀବୀ, ଦେବଗଡ଼**

### ରାଜ୍ୟ ସରକାରଙ୍କ ଚିଠି ଯଥାର୍ଥ



“ରାଜ୍ୟ ସରକାରଙ୍କ ଚିଠି ପଶ୍ଚିମ ଓଡିଶାବାସୀଙ୍କ ପାଇଁ ଯଥାର୍ଥ ଅଟେ । କିନ୍ତୁ କେନ୍ଦ୍ର ସରକାର ଏହି ନ୍ୟାଯ୍ୟ ଦାବି ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଆନ୍ଦୋଳନକୁ ରାଜ୍ୟ ସରକାର ପ୍ରଶମିତ କରିବା ପାଇଁ ସମସ୍ତ ଚେଷ୍ଟା ଚଳାଇଛନ୍ତି। ଆନ୍ଦୋଳନ ଯୋଗୁ ସରକାରୀ ଅଫିସ, କୋର୍ଟ କଚେରୀ ବନ୍ଦ ରହିଛି। ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜୁଛି। ଏହି ସମସ୍ୟାର ସମାଧାନ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ଧ୍ୟାନ ଦେବା ଦରକାର। ଯଶଓ୍ୱନ୍ତ ସିଂ କମିଟି ସୁପାରିସ ଆଧାରରେ ପଶ୍ଚିମ ଓଡିଶାର ଯେ କୌଣସି ସ୍ଥାନରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ସ୍ୱାଗତଯୋଗ୍ୟ। ଏହାଦ୍ୱାରା କୌଣସି ବିଭେଦ ସୃଷ୍ଟି ହେବ ନାହିଁ।

**ବିକାଶ କୁମାର ପ୍ରଧାନ, ସମ୍ପାଦକ ଜିଲା ଓକିଲ ସଂଘ, ଦେବଗଡ଼**

### କେବଳ ଉପରଠାଉରିଆ



“ରାଜ୍ୟ ସରକାରଙ୍କ ଚିଠିରେ କୌଣସି ନୂଆକଥା ନାହିଁ । କେବଳ ଉପରଠାଉରିଆ । ଦୀର୍ଘ ଦିନ ଧରି ଏହି ପ୍ରସଙ୍ଗକୁ ନେଇ ଆନ୍ଦୋଳନ ଚାଲିଥିଲେ ବି ସରକାର କିଛି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଅଚଳାବସ୍ଥା ଦୂର କରିବା ଦିଗରେ ସରକାର ନୀରବଦ୍ରଷ୍ଟା ସାଜିବା ଆମ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଆଦୌ ଶୁଭଙ୍କର ନୁହେଁ। ପୁନଶ୍ଚ ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ହାଇକୋର୍ଟ ସ୍ଥାୟୀବେଞ୍ଚ ସ୍ଥାପନ ଦାବି ପ୍ରବଳ ହେଉଥିବାରୁ ନିଶ୍ଚିତ ଭାବେ ଏହା ବିଭେଦ ସୃଷ୍ଟି କରୁଛି । ମୁଖ୍ୟଦାବି ଦୁର୍ବଳ ହେଉଛି । ଏଥିପାଇଁ ସମସ୍ତେ ଏକ ହେବା ଦରକାର ।

**ଅରବିନ୍ଦ ପ୍ରଧାନ,ଛାତ୍ର ନେତା,ଦେବଗଡ଼**

### ଠୋସ୍ ପଦକ୍ଷେପ ଜରୁରୀ



“ଆଗକୁ ସାଧାରଣ ନିର୍ବାଚନ। ମୁଖ୍ୟମନ୍ତ୍ରୀ ଏଥିପାଇଁ ଠୋସ୍ ପଦକ୍ଷେପ ନେବା ଜରୁରୀ। ଏଥିପୂର୍ବରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କାଳକ୍ଷେପଣ ନୀତି ଅବଲମ୍ବନ କରି ପଶ୍ଚିମ ଓଡ଼ିଶାବାସୀଙ୍କ ଏହି ଦାବି ପ୍ରତି ଅଣଦେଖା କରିଆସିଛନ୍ତି। ତେଣୁ ଦାବି ପୂରଣ ଆନ୍ଦୋଳନ ଦିନକୁ ଦିନ ତୀବ୍ରତର ହେବାରେ ଲାଗିଛି। କୋର୍ଟ ଅଚଳ ରହିବାରୁ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ରହୁଛନ୍ତି। କୋର୍ଟରେ ମାମଲା ସଂଖ୍ୟା ଆଶାତୀତ ବଢ଼ି ଚାଲିଛି। ଏହା ବଡ଼ ସମସ୍ୟା ସୃଷ୍ଟି କରୁଛି। ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ଜୋରଦାର ହେଉଥିବାରୁ ଅଞ୍ଚଳ ଅଞ୍ଚଳ ଭିତରେ ବିଭେଦ ସୃଷ୍ଟି ହେଉଛି।

**ସୁଶିଲ କୁମାର କର, ସାମାଜିକ କର୍ମୀ, ଦେବଗଡ଼**

### ଆନ୍ଦୋଳନ ଶକ୍ତିଶାଳୀ, ଦାବି ଦୁର୍ବଳ



“ରାଜ୍ୟ ସରକାର କେନ୍ଦ୍ରକୁ ଚିଠି ଲେଖି ନିଜ ଦୋଷକୁ ଖସାଇବା ଉଦ୍ୟମ କରୁଛନ୍ତି। ପ୍ରଥମେ ଏହି ବେଞ୍ଚ ସ୍ଥାପନ ପାଇଁ ସ୍ଥାନ ନିରୂପଣ କରିବା ଆବଶ୍ୟକ। ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ ରାଜ୍ୟ ସରକାର ସମସ୍ତ ଆନ୍ଦୋଳନରତ ଓକିଲ ସଂଘଗୁଡ଼ିକୁ ଡାକି ଆଲୋଚନା କରିବା କଥା। ହେଲେ ଆଜି ପର୍ଯ୍ୟନ୍ତ ସେପରି ପଦକ୍ଷେପ ଗ୍ରହଣ କରାଯାଇନି। ଆନ୍ଦୋଳନ ଯୋଗୁ ଦୀର୍ଘ ଦିନରୁ କୋର୍ଟ କଚେରି କାମ ପ୍ରଭାବିତ ହୋଇଛି। ଲୋକେ ନାନା ହଇରାଣ ହେଉଛନ୍ତି। ବିଭିନ୍ନ ସ୍ଥାନରେ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ଆଞ୍ଚଳିକ ବିଭେଦ ସୃଷ୍ଟି କରୁଛି। ଏହା ଦ୍ୱାରା ଆନ୍ଦୋଳନ ଶକ୍ତିଶାଳୀ ହେବାରେ ଲାଗିଛି, ମାତ୍ର ଦାବି ଦୁର୍ବଳ ହେଉଛି।

**କୀର୍ତ୍ତନ ନାୟକ, ଆଇନଜୀବୀ, ଭବାନୀପାଟଣା**

### ମଧ୍ୟାଞ୍ଚଳରେ ବେଞ୍ଚ ପ୍ରତିଷ୍ଠା ହେଉ



“ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ବାରମ୍ବାର ଚିଠି ଲେଖି ସାରିଛନ୍ତି । ଏଥିପାଇଁ ଆବଶ୍ୟକ ଜମି ଓ ଆନୁଷଙ୍ଗିକ ସହଯୋଗ ପାଇଁ ମଧ୍ୟ ରାଜ୍ୟ ସରକାର ରାଜି ଅଛନ୍ତି। ଗଣତନ୍ତ୍ରରେ ନିଜର ହକ୍ ପାଇଁ ସମସ୍ତେ ଆନ୍ଦୋଳନ କରୁଛନ୍ତି। ଜଷ୍ଟିସ ଯଶଓ୍ୱନ୍ତ ସିଂ କମିଟିର ମାନଦଣ୍ଡକୁ ଆଖିଆଗରେ ରଖି ପଶ୍ଚିମ ଓଡ଼ିଶାର ମଧ୍ୟାଞ୍ଚଳରେ ବେଞ୍ଚ ପ୍ରତିଷ୍ଠା ହେବା ଯୁକ୍ତିଯୁକ୍ତ। ଏକଥା ସତ୍ୟ ଯେ, ଆନ୍ଦୋଳନ ଯୋଗୁ ଲୋକେ ପ୍ରଭାବିତ ହେଉଛନ୍ତି। ହେଲେ ବିଭିନ୍ନ ସ୍ଥାନରେ ହାଇକୋର୍ଟ ବେଞ୍ଚ ପାଇଁ ଆନ୍ଦୋଳନ ହେବାରୁ ଆଞ୍ଚଳିକ ବିବାଦ ବୃଦ୍ଧି ପାଉଛି।

**ଅବିନାଶ ଠାକୁର, ଛାତ୍ରନେତା, ଭବାନୀପାଟଣା**

### ଏପରି ଆନ୍ଦୋଳନ ଶୁଭଙ୍କର ନୁହେଁ



“ରାଜ୍ୟ ସରକାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ କେନ୍ଦ୍ରକୁ ଲେଖିଥିବା ଚିଠି କେତେ ପ୍ରଭାବ ପକାଇବ ତାହା ସେହି ଆଇନମନ୍ତ୍ରୀଙ୍କ ଉପରେ ନିର୍ଭର କରୁଛି। ସେହି ଚିଠି ହିଁ ବର୍ତ୍ତମାନ ପାଇଁ ଏକମାତ୍ର ବିକଳ୍ପ। କୌଣସି ଆନ୍ଦୋଳନ ଜନସାଧାରଣଙ୍କ ପାଇଁ ଶୁଭଙ୍କର ନୁହେଁ। ସ୍ଥାୟୀ ବେଞ୍ଚ ସେମାନଙ୍କ ଜିଲାରେ ହେଉ ବୋଲି ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳବାସୀ ଆନ୍ଦୋଳନ କରୁଛନ୍ତି, ଯଦ୍ଦ୍ୱାରା ଆନ୍ଦୋଳନ ଦୁର୍ବଳ ହେଉଛି।

**ତ୍ରିଲୋଚନ ସିଂହ ବେଲଦାର, ଶିକ୍ଷାବିତ୍ , ଜୁନାଗଡ଼, କଳାହାଣ୍ଡି**

### ନିର୍ଦ୍ଦିଷ୍ଟ ସ୍ଥାନ ପାଇଁ ସହମତି ସୃଷ୍ଟି ହେଉ



“ଏହି ଆନ୍ଦୋଳନକୁ ବନ୍ଦ କରିବା ପାଇଁ ରାଜ୍ୟ ସରକାର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ନିଷ୍କର୍ଷ ବାହାର କରିବାରେ ବିଫଳ ହୋଇଛନ୍ତି। ଏଥିପାଇଁ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନ ପ୍ରଶାସନିକ ଓ ବିଚାର ବ୍ୟବସ୍ଥାରେ ଅଚଳାବସ୍ଥା ସୃଷ୍ଟି କରିଛି। ପୁନଶ୍ଚ ବିଭିନ୍ନ ସ୍ଥାନରେ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ହେବା ଆଞ୍ଚଳିକ ବିଭେଦ ସୃଷ୍ଟି କରିବା ସଙ୍ଗେସଙ୍ଗେ ଯଥାର୍ଥ ଦାବିକୁ ଦୁର୍ବଳ କରୁଛି । ଏକ ନିର୍ଦ୍ଦିଷ୍ଟ ସ୍ଥାନ ନେଇ ସହମତି ସୃଷ୍ଟି କରିବା ପାଇଁ ଉଦ୍ୟମ ହେଲେ ଦାବି ଶକ୍ତିଶାଳୀ ଓ ବଳିଷ୍ଠ ହେବ ।

**ହୃଷୀକେଶ ମିଶ୍ର, ବୁଦ୍ଧିଜୀବୀ, ଧର୍ମଗଡ଼, କଳାହାଣ୍ଡି**

### ତାଳିପକା କାମ



“ମୁଖ୍ୟମନ୍ତ୍ରୀଙ୍କ ଚିଠି କେନ୍ଦ୍ରକୁ ପ୍ରଭାବିତ କରିବା ପରି ମନେ ହେଉନାହିଁ। ସରକାର ଯଦି ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରି ଚିଠି ଦିଅନ୍ତେ, ତେବେ ସୁଫଳ ମିଳନ୍ତା। ବିଧିରକ୍ଷା କରିବାକୁ ଚିଠି ଦେବା ଏକ ତାଳିପକା କାମ। ନିଜ ଦାବି ହାସଲ ନେଇ ସମସ୍ତଙ୍କ ଆନ୍ଦୋଳନ କରିବାର ଅଧିକାର ରହିଛି। ଏହା ଶୁଭଙ୍କର କି ଅଶୁଭଙ୍କର ତାହା ଏକ ଭିନ୍ନ ପ୍ରସଙ୍ଗ। ଏନେଇ ବିଭିନ୍ନ ଜିଲାରେ ଚାଲିଥିବା ଆନ୍ଦୋଳନକୁ ବିଭେଦର ରୂପ ଦିଆଯାଇ ପାରିବ ନାହିଁ। ଏକାଧିକ ଆନ୍ଦୋଳନ ଯୋଗୁ ଦାବି ଦୁର୍ବଳ ହେଲା ବୋଲି ମଧ୍ୟ କୁହାଯାଇ ପାରିବ ନାହିଁ।

**ରମେଶ ବଳ, ସଭାପତି, ରାଉରକେଲା ଓକିଲ ସଂଘ**

### ମୁଖ୍ୟମନ୍ତ୍ରୀଙ୍କ ଚିଠି ଏକ ପ୍ରହସନ



“ହାଇକୋର୍ଟ ସ୍ଥାୟୀ ବେଞ୍ଚ ନେଇ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀଙ୍କ ଚିଠି ଏକ ପ୍ରହସନ। ଏହା ଆଦୌ ପ୍ରଭାବ ପକାଇବ ନାହିଁ। ଆନ୍ଦୋଳନକୁ ପ୍ରଶମିତ କରିବା ନେଇ ରାଜ୍ୟ ସରକାରଙ୍କ ପଦକ୍ଷେପ ଶୂନ। ଏନେଇ ବିଭିନ୍ନ ଜିଲାରେ ଜାରି ରହିଥିବା ଆନ୍ଦୋଳନ ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଆଦୌ ଶୁଭଙ୍କର ନୁହେଁ। ଏହାଦ୍ୱାରା ଆଞ୍ଚଳିକ ବିଭେଦ ଦେଖାଦେବା ସୁନିଶ୍ଚିତ। ଏଥିପାଇଁ ସରକାର ଦାୟୀ। ଜାଣିଶୁଣି ଆନ୍ଦୋଳନକୁ ପ୍ରୋତ୍ସାହିତ କରାଯାଉଛି। ଫଳରେ ଆନ୍ଦୋଳନକୁ ଦୁର୍ବଳ କରିବାକୁ ଏକ ପ୍ରକାର ଷଡ଼ଯନ୍ତ୍ର ରଚାଯାଇଛି ବୋଲି ମୋର ହୃଦ୍‌ବୋଧ ହେଉଛି।

**ଡ. ସୁରମା ମିଶ୍ର, ସାମାଜିକ କର୍ମୀ, ରାଉରକେଲା**

### ଆଞ୍ଚଳିକ ବିଭେଦକୁ ଆମନ୍ତ୍ରଣ କରିବ



“ହାଇକୋର୍ଟ ସ୍ଥାୟୀ ବେଞ୍ଚ ନେଇ କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ଚିଠି କେବଳ ଆତ୍ମରକ୍ଷା ପାଇଁ ଉଦ୍ଦିଷ୍ଟ। ଆନ୍ଦୋଳନକୁ ପ୍ରଶମିତ କରିବାକୁ ସରକାରଙ୍କ ପଦକ୍ଷେପ ଆଦୌ ସନ୍ତୋଷଜନକ ନୁହେଁ। ଯାହା ଚାଲିଛି ସବୁ ଲୋକଦେଖାଣିଆ। ଆନ୍ଦୋଳନ ଯୋଗୁ ସାଧାରଣ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି ଆନ୍ଦୋଳନ ପଶ୍ଚିମ ଓଡ଼ିଶା ପାଇଁ ଆଦୌ ଶୁଭଙ୍କର ନୁହେଁ। ଏଭଳି ଲମ୍ବା ଆନ୍ଦୋଳନ ନିଶ୍ଚିତ ରୂପେ ଆଞ୍ଚଳିକ ବିଭେଦକୁ ଆମନ୍ତ୍ରଣ କରିବ। ଏହାକୁ ନେଇ ବିଭିନ୍ନ ସ୍ଥାନରେ ଚାଲିଥିବା ଆନ୍ଦୋଳନ ଶକ୍ତିଶାଳୀ ନୁହେଁ ବରଂ ଦୁର୍ବଳ ହେବାକୁ ବାଟ କଢ଼ାଇ ନେଉଛି।

**ବିଷ୍ଣୁ ପଣ୍ଡା, ବାମପନ୍ଥୀ ଯୁବନେତା, ରାଉରକେଲା**

### ଦାବି ଶକ୍ତିଶାଳୀ କି ଦୁର୍ବଳ ସମୟ କହିବ



“ହାଇକୋର୍ଟ ସ୍ଥାୟୀ ବେଞ୍ଚ ନେଇ କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ଚିଠି ନିଶ୍ଚିତ ପ୍ରଭାବ ପକାଇବ। ଏହା ରାଜ୍ୟ ପ୍ରସଙ୍ଗ ନୁହେଁ। ଆନ୍ଦୋଳନକୁ ପ୍ରଶମିତ କରିବାକୁ ରାଜ୍ୟ ସରକାରଙ୍କ ଆନ୍ତରିକତା ରହିଛି। କେନ୍ଦ୍ର ଅବହେଳା ପାଇଁ ଏହା ସମାଧାନ ହୋଇ ପାରୁନି। ତେବେ ଏହାର ସମାଧାନ ହୋଇଯିବା ଖୁବ୍ ଭଲ। ଦାବି ପୂରଣ ନେଇ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାବାସୀଙ୍କ ଆଗ୍ରହ ରହିଛି। ଆନ୍ଦୋଳନ କେବେ ବିଭେଦ ସୃଷ୍ଟି କରିବ ନାହିଁ। ଏନେଇ ଆଞ୍ଚଳିକ ବିଭେଦକୁ ଆମନ୍ତ୍ରଣ କରୁଛି।

**ରାଜଲକ୍ଷ୍ମୀ ଦାସ, ଛାତ୍ର ନେତ୍ରୀ ରାଉରକେଲା**

### ପଦକ୍ଷେପ ଯଥେଷ୍ଟ ନୁହେଁ



“ରାଜ୍ୟ ସରକାରଙ୍କ ଚିଠି ଏହି ସ୍ଥିତିରେ କୌଣସି ପ୍ରଭାବ ପକାଇବ ନାହିଁ। ରାଜ୍ୟ ସରକାର ଆନ୍ଦୋଳନ ପ୍ରଶମିତ କରିବା ପାଇଁ ପଦକ୍ଷେପ ନେଇଛନ୍ତି। କିନ୍ତୁ ତାହା ଯଥେଷ୍ଟ ନୁହେଁ। ଆନ୍ଦୋଳନ ଯୋଗୁ ପ୍ରଶାସନିକ ଓ ନ୍ୟାୟିକ ପ୍ରକ୍ରିୟାରେ ଅଚଳାବସ୍ଥା ଲୋକଙ୍କ ପାଇଁ ଶୁଭଙ୍କର ନୁହେଁ। ହେଲେ ମଧ୍ୟ ଆନ୍ଦୋଳନକୁ ଲୋକେ ସ୍ୱତଃପ୍ରବୃତ୍ତ ଭାବେ ସମର୍ଥନ କରୁଛନ୍ତି। ଭିନ୍ନଭିନ୍ନ ସ୍ଥାନରେ ସ୍ଥାୟୀ ବେଞ୍ଚ ସ୍ଥାପନ ଆନ୍ଦୋଳନ ଆଞ୍ଚଳିକ ବିଭେଦ ସୃଷ୍ଟି କରୁନାହିଁ ବରଂ ଆନ୍ଦୋଳନକୁ ଶକ୍ତିଶାଳୀ କରୁଛି।

**ଗୋପାଳ ପଟ୍ଟନାୟକ, ଆଇନଜୀବୀ, ଝାରସୁଗୁଡ଼ା**

### ନ୍ୟାୟିକ ପ୍ରକ୍ରିୟାରେ ସୃଷ୍ଟ ଅଚଳାବସ୍ଥା



“ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ଚିଠି କେନ୍ଦ୍ର ସରକାରଙ୍କ ଉପରେ, ଆନ୍ଦୋଳନ ଉପରେ ଏବଂ ଲୋକଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ଏହି ଆନ୍ଦୋଳନ ପାଇଁ ରାଜ୍ୟ ସରକାର ଯଦିଓ ପାଲ କମିଶନ୍ ଗଠନ କରିଥିଲେ, କିନ୍ତୁ ଏହାର ରିପୋର୍ଟ ସାର୍ବଜନୀନ ହୋଇନାହିଁ। ଆନ୍ଦୋଳନ ଯୋଗୁ ପ୍ରଶାସନିକ ଓ ନ୍ୟାୟିକ ପ୍ରକ୍ରିୟାରେ ସୃଷ୍ଟ ଅଚଳାବସ୍ଥା ଯୋଗୁ ଲୋକେ ହଇରାଣ ହରକତ ହେଉଛନ୍ତି। ତେଣୁ ଏହା ଗ୍ରହଣଯୋଗ୍ୟ ନୁହେଁ। ଭିନ୍ନଭିନ୍ନ ସ୍ଥାନରେ ସ୍ଥାୟୀବେଞ୍ଚ ସ୍ଥାପନ ଆନ୍ଦୋଳନ ଆଞ୍ଚଳିକ ବିଭେଦ ସୃଷ୍ଟି କରିବ ନାହିଁ। ତେବେ ଏହା ଆନ୍ଦୋଳନକୁ ନିଶ୍ଚିତ ଦୁର୍ବଳ କରିବ।

**ପ୍ରହ୍ଲାଦ ନାୟକ, ଅବସରପ୍ରାପ୍ତ ଶିକ୍ଷକ, ଝାରସୁଗୁଡ଼ା**

### ଆଞ୍ଚଳିକ ବିଭେଦ ସୃଷ୍ଟି କରିବ ନାହିଁ



“ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ଦୀର୍ଘଦିନର। ବେଞ୍ଚ ସ୍ଥାପନ ନେଇ ରାଜ୍ୟ ସରକାର କୌଣସି ଉଦ୍ୟମ ନ କରି କେବଳ ଦୋଷ ଖସାଇବାକୁ କେନ୍ଦ୍ରକୁ ଚିଠିଲେଖି ଦାୟିତ୍ୱ ସରିଗଲା ବୋଲି ଭାବୁଛନ୍ତି। କିନ୍ତୁ ଏହା କୌଣସି ପ୍ରଭାବ ପକାଇବ ନାହିଁ। ବାରମ୍ବାର ଆନ୍ଦୋଳନ ଯୋଗୁ କୋର୍ଟ କଚେରି ବନ୍ଦ ହେବା ଦ୍ୱାରା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ଲୋକଙ୍କ ସୁବିଧା ପାଇଁ ଏହି ଆନ୍ଦୋଳନ କରାଯାଉଛି। ବେଞ୍ଚ ପ୍ରତିଷ୍ଠାର ସ୍ଥାନ ନିରୂପଣକୁ ନେଇ ବିବାଦ ରହିଥିଲେ ମଧ୍ୟ ଆଞ୍ଚଳିକ ବିଭେଦ ସୃଷ୍ଟି କରିବ ନାହିଁ।

**ହରିହର ମିଶ୍ର, ଆଇନଜୀବୀ, ଲଖନପୁର**

### ପ୍ରଭାବଶୂନ୍ୟ ଚିଠି



“ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ଚିଠି ଲେଖିବା ଓ କାର୍ଯ୍ୟକାରୀ ଲାଗି ଉଦ୍ୟମ କରିବା ଦୁଇଟି ଭିନ୍ନ କଥା। ରାଜ୍ୟ ସରକାରଙ୍କ ଚିଠି କୌଣସି ପ୍ରଭାବ ପକାଇବ ବୋଲି ଭାବୁ ନାହିଁ। ଆନ୍ଦୋଳନ ଯୋଗୁ ସୃଷ୍ଟି ହୋଇଥିବା ନ୍ୟାୟିକ ଓ ପ୍ରଶାସନିକ ଅଚଳାବସ୍ଥା ଲୋକଙ୍କ କାମରେ ବାଧା ସୃଷ୍ଟି କରୁଛି। ସ୍ଥାୟୀ ବେଞ୍ଚ ପାଇଁ ହେଉଥିବା ଭିନ୍ନଭିନ୍ନ ଆନ୍ଦୋଳନ ଆଞ୍ଚଳିକ ବିଭେଦ ସୃଷ୍ଟି କରିବା ସହ ମୂଳ ଚିନ୍ତାଧାରାକୁ ଦୁର୍ବଳ କରିବ।

**ବୀରେନ୍ଦ୍ର କୁମାର ମହାପାତ୍ର , ସାମାଜିକ କର୍ମୀ, କୋଲାବିରା**

### ପଶ୍ଚିମ ଓଡ଼ିଶାବାସୀ ସଙ୍ଗଠିତ ହୁଅନ୍ତୁ



“ଓକିଲଙ୍କ ଆନ୍ଦୋଳନ ଯୋଗୁ ଜନଜୀବନ ପ୍ରଭାବିତ ହେଉଛି। ସମସ୍ୟା ସମାଧାନ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଆନ୍ତରିକତା ପ୍ରକାଶ କରିବା ଆବଶ୍ୟକ। ଅପରପକ୍ଷରେ ହାଇକୋର୍ଟ ବେଞ୍ଚ ସ୍ଥାପନକୁ ନେଇ ବିଭିନ୍ନ ଜିଲାରେ ସ୍ଥାନକୁ ନେଇ ବିବାଦ ହେବା ଦ୍ୱାରା ଆନ୍ଦୋଳନକୁ ଶକ୍ତିଶାଳୀ ପରିବର୍ତ୍ତେ ଦୁର୍ବଳ କରିବାକୁ ଚକ୍ରାନ୍ତ ମଧ୍ୟ କରାଯାଉଛି। ଦାବି ହାସଲ ପାଇଁ ପଶ୍ଚିମ ଓଡ଼ିଶାବାସୀ ସଙ୍ଗଠିତ ହେବା ଆବଶ୍ୟକ। ଏହି ଦାବି ପ୍ରତି ଅଣଦେଖା କଲେ ପଶ୍ଚିମ ଓଡ଼ିଶାରେ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ଆନ୍ଦୋଳନ ମୁଣ୍ଡ ଟେକିବାର ଆଶଙ୍କା ରହିଛି।

**ସୁରୁ ମିଶ୍ର, ସାମାଜିକ କର୍ମୀ, ସୁନ୍ଦରଗଡ଼**

### କେନ୍ଦ୍ର ଉପରେ ଚାପ ପ୍ରୟୋଗ ହେଉ



“ପତ୍ର ଲେଖିବା ନୁହେଁ, ବରଂ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଏହି ଦାବିର ଯଥାର୍ଥତା ନେଇ ଚାପ ପ୍ରୟୋଗ କରିବା ଉଚିତ। ଦାବି ହାସଲ ପାଇଁ ସରକାରୀ କାର୍ଯ୍ୟାଳୟ, କୋର୍ଟ, କଚେରି ବନ୍ଦ ହେବା ଜନସାଧାରଣଙ୍କ ପାଇଁ ଆଦୌ ଶୁଭଙ୍କର ନୁହେଁ। ବିଭିନ୍ନ ସ୍ଥାନରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ନିଶ୍ଚିତ ଭାବେ ଆଞ୍ଚଳିକ ବିଭେଦ ସୃଷ୍ଟି କରୁଛି। ଆଗାମୀ ଦିନରେ ପଶ୍ଚିମ ଓଡ଼ିଶାବାସୀ ସମସ୍ତେ ଏକଜୁଟ ହୋଇ ଲଢ଼େଇ କଲେ ନିଶ୍ଚିତ ଭାବେ ଏହି ଆନ୍ଦୋଳନ ଶକ୍ତିଶାଳୀ ହେବ।

**ଜଗବନ୍ଧୁ ଚମ୍ପତି, ଅବସରପ୍ରାପ୍ତ ଆୟୁର୍ବେଦ ଚିକିତ୍ସାଧିକାରୀ, ଲେଫ୍ରିପଡା, ସୁନ୍ଦରଗଡ଼**

### ଆନ୍ଦୋଳନ ଦୁର୍ବଳ ହେଉଛି



“ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲିଥିବା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନ ସମ୍ପର୍କରେ ରାଜ୍ୟ ସରକାର କେନ୍ଦ୍ରକୁ ଚିଠି ଲେଖିବା ଦ୍ୱାରା କିଛି ପ୍ରଭାବ ପଡ଼ିବ ନାହିଁ। ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ ରାଜ୍ୟ ସରକାର ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇଥିବା ବର୍ତ୍ତମାନ ସୁଦ୍ଧା ଜଣାପଡିନାହିଁ। ଆନ୍ଦୋଳନ ଯୋଗୁ ପ୍ରଶାସନିକ ଅଚଳାବସ୍ଥା ସହ କୋର୍ଟ କଚେରି କାମ ପ୍ରଭାବିତ ହେଉଛି। ବିଭିନ୍ନ ସ୍ଥାନରେ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ଆଞ୍ଚଳିକ ବିଭେଦ ସୃଷ୍ଟି କରିବା ସହ ଆନ୍ଦୋଳନ ମଧ୍ୟ ଦୁର୍ବଳ ହେଉଛି।

**ଦିଲୀପ ପୁରୋହିତ, ଅବସରପ୍ରାପ୍ତ ପୋଲିସ ଅଧିକାରୀ, ବଡ଼ଗାଁ, ସୁନ୍ଦରଗଡ଼**

### ବେଞ୍ଚ ପ୍ରତିଷ୍ଠା ହେଉ



“ସରକାର କୌଣସି ସ୍ପଷ୍ଟ ନିଷ୍ପତ୍ତି ଗ୍ରହଣ କରୁ ନ ଥିବାରୁ ଏହି ଆନ୍ଦୋଳନ ଦିନକୁଦିନ ବଢ଼ି ଜନଆନ୍ଦୋଳନର ରୂପ ନେଇଛି। କୋର୍ଟ କଚେରିରେ ବିଭିନ୍ନ ମାମଲା ଗଡି ଚାଲିଥିବା ବେଳେ ସରକାରୀ କାର୍ଯ୍ୟାଳୟରେ ମଧ୍ୟ ଲୋକଙ୍କ କାର୍ଯ୍ୟ ବିଳମ୍ବ ହେଉଛି। ରାଜ୍ୟ ସରକାର ହାଇକୋର୍ଟ ପ୍ରତିଷ୍ଠା ନେଇ ନିର୍ଦ୍ଦିଷ୍ଟ ସ୍ଥାନ ସ୍ପଷ୍ଟ କରି କେନ୍ଦ୍ରକୁ ଚିଠି ଲେଖିବା ଆବଶ୍ୟକ। ଏହି ଦାବି ନେଇ ଭିନ୍ନଭିନ୍ନ ସ୍ଥାନରେ କୋର୍ଟ ପ୍ରତିଷ୍ଠା ଦାବି ଯୋଗୁ ଆନ୍ଦୋଳନ ଦୁର୍ବଳ ହେଉଛି। ପଶ୍ଚିମ ଓଡ଼ିଶା ଅଞ୍ଚଳବାସୀଙ୍କ ସୁବିଧାକୁ ଆଖିଆଗରେ ରଖି ବେଞ୍ଚ ପ୍ରତିଷ୍ଠା ହେବା ଆବଶ୍ୟକ।

**ଶୁଚୀସ୍ମିତା ନାୟକ, ବିଇଡି ଦ୍ୱିତୀୟ ବର୍ଷ ଛାତ୍ରୀ, ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ**

### ଉଚ୍ଚସ୍ତରୀୟ କମିଟି ଗଠନ ହେଉ



“ରାଜ୍ୟ ସରକାରଙ୍କ କେନ୍ଦ୍ରକୁ ଚିଠି ଲେଖିବା ଦ୍ୱାରା ବିଭିନ୍ନ ସ୍ଥାନରେ ଆନ୍ଦୋଳନ କିଛିକାଂଶରେ ପ୍ରଭାବିତ କରିବ। ଆନ୍ଦୋଳନକୁ ପ୍ରଶମିତ କରିବାକୁ ସରକାର ସେଭଳି କୌଣସି ପଦକ୍ଷେପ ନେଇନାହାନ୍ତି। ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା କଥା। ବିଭିନ୍ନ ଜାଗାରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଶୁଭଙ୍କର ନୁହେଁ। ପ୍ରକୃତରେ ଏହା ଦାବିକୁ ଦୁର୍ବଳ କରୁଛି।

**ବରିଷ୍ଠ ଆଇନଜୀବୀ ମୁରଲୀଧର ପଣ୍ଡା, ନୂଆପଡ଼ା**

### ଦାବି ଫସର ଫାଟୁଛି



“ରାଜ୍ୟ ସରକାରଙ୍କ କେନ୍ଦ୍ରକୁ ଚିଠି କୌଣସି ପ୍ରଭାବିତ କରୁଥିବା ମନେ ହେଉନାହିଁ । ଏଥିପାଇଁ ରାଜ୍ୟ ସରକାର ସେଭଳି କୌଣସି ଠୋସ୍ ପଦକ୍ଷେପ ନେଇନାହାନ୍ତି। ଏହା ପଶ୍ଚିମ ଓଡ଼ିଶା ପାଇଁ ଶୁଭଙ୍କର ନୁହେଁ। ଏହା ଆଞ୍ଚଳିକ ବୈଷମ୍ୟ ସୃଷ୍ଟି କରୁଛି। ଦାବି ଫସର ଫାଟୁଛି।

**– ଶିକ୍ଷାବିତ୍ ସୁଶାନ୍ତ କୁମାର ମୁଣ୍ଡ, ନୂଆପଡ଼ା**

### କେନ୍ଦ୍ର ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରୁନାହିଁ



“ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରିବା ଫଳରେ କେନ୍ଦ୍ର ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରୁନାହିଁ। ଆନ୍ଦୋଳନକୁ ପ୍ରଶମିତ କରିବାକୁ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ଏହା ସାଧାରଣ ଜନତାଙ୍କ ଜୀବନଜୀବିକାକୁ ପ୍ରଭାବିତ କରୁଛି। ଏହା ଆଦୌ ଶୁଭଙ୍କର ନୁହେଁ। ଏହା ଆଞ୍ଚଳିକ ବିଭେଦ ସୃଷ୍ଟି କରୁଛି । ଦାବି ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି ।

**ସାମାଜିକ କର୍ମୀ ଆ.ବିଜୟରାଜା, ନୂଆପଡ଼ା**

### ସରକାରଙ୍କ ପଦକ୍ଷେପ ନାହିଁ



“ବିଭିନ୍ନ ସ୍ଥାନରେ ଆନ୍ଦୋଳନ ହେବା ଫଳରେ ରାଜ୍ୟ ସରକାରଙ୍କ କେନ୍ଦ୍ରକୁ ଚିଠି ପ୍ରଭାବ ପକାଉଛି। ଆନ୍ଦୋଳନକୁ ପ୍ରଶମିତ କରିବାକୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହା ପଶ୍ଚିମ ଓଡ଼ିଶା ପାଇଁ ଶୁଭଙ୍କର ନୁହେଁ । ବିଭିନ୍ନ ସ୍ଥାନରେ ଆନ୍ଦୋଳନ ହେବା ଦ୍ୱାରା ଦାବି ଦୁର୍ବଳ ହେଉଛି।

**ସୁମନ ପଣ୍ଡା, ଛାତ୍ରୀ, ନୂଆପଡ଼ା**

### ଆନ୍ତରିକତା ନାହିଁ



“କେନ୍ଦ୍ରମନ୍ତ୍ରୀଙ୍କ ପ୍ରଶ୍ନର କୌଣସି ଉତ୍ତର ମୁଖ୍ୟମନ୍ତ୍ରୀଙ୍କ ଚିଠିରେ ନାହିଁ। ମୁଖ୍ୟମନ୍ତ୍ରୀ ଉପରଠାଉରିଆ ଓ ଆନ୍ତରିକତା ନ ଥିବା ଭଳି ଚିଠି ଲେଖିଛନ୍ତି । ଯଦି ଆନ୍ଦୋଳନକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଥାନ୍ତେ ତାହାହେଲେ ଆନ୍ଦୋଳନକୁ ଶେଷ କରିବା ପାଇଁ ଚେଷ୍ଟା କରିଥାନ୍ତେ। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାବାସୀ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ ଦାବି କରୁଛନ୍ତି। ଏଥିରେ ଆନ୍ଦୋଳନ ଦୁର୍ବଳ ହୋଇନାହିଁ। ଆନ୍ଦୋଳନ ଓ ଦାବି କରିବା ପାଇଁ ସମସ୍ତଙ୍କ ଅଧିକାର ରହିଛି। ଏଥିରେ ବିଭେଦ ହୋଇ ନାହିଁ। ଯାହା ନିୟମ ଅଛି, ତଦନ୍ତ ହେଲା ପରେ ସେହି ସ୍ଥାନରେ ହାଇକୋର୍ଟ ବେଞ୍ଚ ସ୍ଥାପନ ହେବ ।

**ବିଭୂତି ପଟ୍ଟନାୟକ, ଆଇନଜୀବୀ, ସମ୍ବଲପୁର**

ଅବଶିଷ୍ଟାଂଶ (ପୃଷ୍ଠା-୮)



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ୍।
- ଦୟାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ଦାରିଙ୍ଗବାଡ଼ିରେ ୮ଡିଗ୍ରୀ

**ଭୁବନେଶ୍ୱର, ୧୩।୧(ବ୍ୟୁରୋ):** ରାଜ୍ୟରେ ବର୍ତ୍ତମାନ ଶୀତର ପ୍ରକୋପ ସମାନ୍ୟ ହ୍ରାସ ପାଇଛି। ଯଦିଓ ସକାଳେ ଏବଂ ସନ୍ଧ୍ୟା ସମୟରେ ଅଧିକ ଥଣ୍ଡା ଅନୁଭୂତ ହେଉଛି, କିନ୍ତୁ ପୂର୍ବାପେକ୍ଷା ସର୍ବନିମ୍ନ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ପରିଲକ୍ଷିତ ହୋଇଛି। ରବିବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୮ଡିଗ୍ରୀ ରହିଥିବା ରେକର୍ଡ କରାଯାଇଛି। ୮ଟି ସହରର ତାପମାତ୍ରା ୮ରୁ ୧୧ଡିଗ୍ରୀ ମଧ୍ୟରେ ରହିଥିଲା। ଦାରିଙ୍ଗବାଡ଼ି ବ୍ୟତୀତ ଫୁଲବାଣୀରେ ତାପମାତ୍ରା ୮.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଅନୁଗୋଳ ୯, କେନ୍ଦୁଝର ୯.୩, ସୋନପୁର ୯.୬, ସୁନ୍ଦରଗଡ଼ ୧୦, ଟିଟିଲାଗଡ଼ ୧୦.୫ ଏବଂ ବଲାଙ୍ଗୀରରେ ୧୦.୬ ଡିଗ୍ରୀ ରେକର୍ଡ କରାଯାଇଥିଲା।

### ‘କାଳିଆ’ ସଚେତନତା ପାଇଁ ଅଡିଓ ଜାରି

**ଭୁବନେଶ୍ୱର,୧୩।୧(ବ୍ୟୁରୋ):** କୃଷକ ସଶକ୍ତୀକରଣ ପାଇଁ ରାଜ୍ୟ ସରକାର ‘କାଳିଆ’ ଯୋଜନାର ଶୁଭାରମ୍ଭ କରିଛନ୍ତି। ପିଠା କାର୍ଯ୍ୟକ୍ରମରେ ଏହି ଯୋଜନା ସମ୍ପର୍କରେ ସଚେତନତା ପ୍ରଦାନ କରାଯିବ। ପ୍ରତି ମାସର ୧୫ରୁ ୨୦ ତାରିଖ ମଧ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ପାଇଁ ବାର୍ତ୍ତା ସମ୍ପର୍କିତ ଏକ ଅଡିଓ ରିଲିଜ୍ କରାଯାଇଛି। ସମ୍ବଲପୁରୀ ସ୍ୱରରେ ସୁନ୍ଦରଭାବେ ଅଡିଓଟି ପରିବେଷଣ କରାଯାଇଛି। ପିଠା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କାଳିଆ ସମେତ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ହେବା ପାଇଁ ଏଥିରେ କୁହାଯାଇଛି।

### ଡିଏଫ୍‌ଓଙ୍କ ଜରିଆରେ ଅପପ୍ରଚାର କରାଯାଉଛି

**ଭୁବନେଶ୍ୱର, ୧୩।୧(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତକୁ ଲକ୍ଷ୍ୟ କରି ହେଲିପ୍ୟାଡ୍ ନିର୍ମାଣ ସମୟରେ ହଜାର ହଜାର ସଂଖ୍ୟାର ଗଛ କଟାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ଘଟଣାରେ ସ୍ଥାନୀୟ ଡିଏଫ୍‌ଓ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଯେଉଁମାନେ ଭୟଭୀତ ହୋଇପଡିଛନ୍ତି ସେମାନେ ଡିଏଫଓଙ୍କ ଭଳି ଭଡାଟିଆଙ୍କୁ ଲଗାଇ ଅପପ୍ରଚାର କରୁଛନ୍ତି । ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟର କେଉଁଠି ଓହ୍ଲାଇବ ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ନିଷ୍ପତ୍ତି ନେଇଥାଏ । ଡିଏଫଓ କ’ଣ ଏସ୍‌ପି, ଜିଲାପାଳଙ୍କ ବିରୋଧରେ ଅଭିଯୋଗ କରୁଛନ୍ତି କି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି । ଗରିବଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ରାଜ୍ୟ ସରକାର ବିଅର ଫ୍ୟାକ୍ଟ୍ରି ପାଇଁ ହଜାର ହଜାର ଗଛ କାଟିଥିଲେ । ମାତ୍ର ପ୍ରଧାନମନ୍ତ୍ରୀଙ୍କ ଗସ୍ତରେ ଭୟଭୀତ ହୋଇ ସେମାନେ ଏପରି ଅପପ୍ରଚାର କରୁଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି ।

■ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି

**ଭୁବନେଶ୍ୱର, ୧୩।୧(ବ୍ୟୁରୋ)**



ସୂଚନାଭବନଠାରେ ରବିବାର ଅୟୋଜିତ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

ଆଧୁନିକ ଓଡ଼ିଶା ଗଠନ ଓ ବିକାଶରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ବିଶେଷ ଅବଦାନ ରଖିଯାଇଛନ୍ତି। ଜଣେ ରାଜା ଭାବରେ ସେ ଲୋକମାନଙ୍କୁ ଉତ୍ତମ ଶାସନ ଦେଇଥିଲେ। ଉତ୍କଳ ଜନନୀଙ୍କ ସୁପୁତ୍ର ଭାବରେ ସେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅଗ୍ରଣୀ ଭୂମିକା ନେଇଥିଲେ। ସେ ଏକାଧାରାରେ ଜଣେ ଆଦର୍ଶ ଶାସକ, ଆଦର୍ଶ ଲୋକ ପ୍ରତିନିଧି ଓ ଆଦର୍ଶ ମଣିଷ ଥିଲେ। ସେ ଆମ ସମସ୍ତଙ୍କ ପାଇଁ ପ୍ରେରଣା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ରବିବାର ସୂଚନା ଭବନଠାରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୁବନେଶ୍ୱରରେ ରାଜାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯିବ ବୋଲି ଘୋଷଣା କରିଛନ୍ତି।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟମନ୍ତ୍ରୀ କହିଥିଲେ, ଜଣେ ଲୋକ ପ୍ରତିନିଧି ଏବଂ ମନ୍ତ୍ରୀ ଭାବରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ତାଙ୍କର ଗଣତାନ୍ତ୍ରିକ ଦାୟିତ୍ୱ ସଫଳତାର ସହ ତୁଲାଇଥିଲେ। ଶିକ୍ଷା, ବିଶେଷ କରି ନାରୀ ଶିକ୍ଷାର ପ୍ରସାର ଓ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ତାଙ୍କର ଅବଦାନକୁ ଭୁଲିହେବ ନାହିଁ। ଗଣତନ୍ତ୍ର ଓ ରାଜତନ୍ତ୍ର ଉଭୟରେ ସେ ସଫଳ ହୋଇଥିଲେ। ତାଙ୍କର ତ୍ୟାଗ, ପ୍ରତିବଦ୍ଧତା ଓ ମାନବିକତାକୁ ଗ୍ରହଣ କରି କାର୍ଯ୍ୟ କରିବା ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଏମ୍‌ପି ସିଦ୍ଧାନ୍ତ ମହାପାତ୍ର, ବଳଭଦ୍ର ମାଝି, ବିଧାୟିକା ନନ୍ଦିନୀ ଦେବୀ, ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଦେବରାଜ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ସମ୍ମାନିତ ଅତିଥିଭାବରେ ଯୋଗଦେଇ ସେମାନଙ୍କ ବକ୍ତବ୍ୟରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୀବନୀ ଓ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ ସଞ୍ଜୟ କୁମାର ସିଂ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୂଚନା ଅଧିକାରୀ ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା କରିଥିଲେ। ମା’ ଦେବୀ ନାଟ୍ୟ କଳା ସଂସଦ, ସାନଖେମୁଣ୍ଡି, ଗଞ୍ଜାମ ଦ୍ୱାରା ଭାରତ ଲୀଳା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂଜ୍ୟପୂଜା ସାହିତ୍ୟ ସଂସଦର ସମ୍ପାଦକ ମହେଶ୍ୱର ବରାଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

■ ତେଲେଙ୍ଗାନାରେ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ଗାଁରେ ପହଞ୍ଚିଲା ମୃତଦେହ

**ସଜନାଗଡ଼,୧୩।୧(ଡି.ଏନ.ଏ.)**

ତେଲେଙ୍ଗାନା ରାଜ୍ୟର କରିନ୍ ନଗରସ୍ଥିତ ଗ୍ରାନାଇଟ୍ ମାର୍ବଲ ଫ୍ୟାକ୍ଟ୍ରିରେ କାମ କରୁଥିବା ମନୋରଞ୍ଜନ ମହାପାତ୍ର (୫୦) ନାମକ ଶ୍ରମିକଙ୍କ ମୁଣ୍ଡରେ ମାର୍ବଲ ପଡ଼ିବାରୁ ଗତ ୧୧ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ମନୋରଞ୍ଜନଙ୍କ ଘର ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ନରସିଂହପୁର ଗ୍ରାମରେ। ରବିବାର ସକାଳେ ତାଙ୍କ ମୃତଦେହ ଏକ ଆମ୍ବୁଲାନ୍ସରେ ନରସିଂହପୁର ଅଣାଯାଇଥିଲା। ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ମୃତକଙ୍କ ପରିବାରକୁ ସାନ୍ତ୍ୱନା ଦେବା ସହ ସହାୟତା ରାଶି ପ୍ରଦାନ କରିଛନ୍ତି।

ମନୋରଞ୍ଜନ ୪ବର୍ଷରୁ ଉର୍ଦ୍ଧ୍ୱ ହେଲା ତେଲେଙ୍ଗାନା ରାଜ୍ୟରେ କାମ କରି ଆସୁଥିଲେ। ଉକ୍ତ ଦିନ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ମାର୍ବଲ ପ୍ଲେଟ ଉପରକୁ ଉଠୁଥିବା ବେଳେ ହଠାତ୍ ମାର୍ବଲ ପ୍ଲେଟଗୁଡ଼ିକ ମନୋରଞ୍ଜନଙ୍କ ଉପରେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଶକ୍ତ



ମରଶରୀର ନେଇ ଆସିଥିବା ଆମ୍ବୁଲାନ୍ସ।

ଆଘାତ ଲାଗିଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ଅନ୍ୟ ଶ୍ରମିକମାନେ କରିନ୍‌ନଗର ସରକାରୀ ମେଡିକାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କର ମରଶରୀରକୁ ଏକ ଆମ୍ବୁଲାନ୍ସ ଯୋଗେ ଉକ୍ତ ଫ୍ୟାକ୍ଟ୍ରିର ସହଯୋଗକ୍ରମେ କମ୍ପାନୀର ଅନ୍ୟ ଦୁଇଜଣ ଓଡ଼ିଆ ସହକର୍ମୀ ତଥା ଭୋଗରାଇ ଅଞ୍ଚଳର ଦୀପୁ ଓ ବାସୁଦେବପୁର ଅଞ୍ଚଳର ମଦନ ମରଶରୀର ସହିତ ରବିବାର ସକାଳେ ମୃତକଙ୍କ ଗାଁ ନରସିଂହପୁର ଗ୍ରାମରେ ପହଞ୍ଚାଇଥିଲେ। ମରଶରୀର ନେଇ ଆସିଥିବା ଦୁଇ ସହଯୋଗୀ କମ୍ପାନୀ ତରଫରୁ ଆଣିଥିବା ୨୦ହଜାର ଟଙ୍କା ପ୍ରଦାନ କରିଥିଲେ। ଏହାକୁ ନେଇ ଗ୍ରାମବାସୀ ଓ ପରିବାରବର୍ଗ ଆମ୍ବୁଲାନ୍ସ ଅଟକାଇଥିଲେ ଓ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ନୀଳଗିରି ଆଇଆଇସି ନଳିତା ମୋଦି ଏବଂ ଅତିରିକ୍ତ ତହସିଲଦାର ରାକେଶ ପଣ୍ଡା ପହଞ୍ଚି ପରିବାରବର୍ଗ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରି ଗ୍ରାନାଇଟ୍ ଫ୍ୟାକ୍ଟ୍ରିର ମ୍ୟାନେଜର ଓ କର୍ମଚାରୀ ସଂଘର ସଭାପତିଙ୍କ ସହିତ ଫୋନ୍ ଯୋଗେ ଆଲୋଚନା କରିଥିଲେ। କମ୍ପାନୀ ତରଫରୁ ଶୁଦ୍ଧି କ୍ରିୟା ସରିବା ପରେ ଲିଗାଲ ହେୟାର ସାର୍ଟିଫିକେଟ୍ ଆଣିଲେ ୫ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହା ପରେ ଉତ୍ତେଜନା ଶାନ୍ତ ପଡ଼ିଥିଲା ଏବଂ ଆମ୍ବୁଲାନ୍ସକୁ ମଧ୍ୟ ଛଡ଼ାଯାଇଥିଲା।

■ ବାପଘରୁ ଫେରିଲେ ମହାଲକ୍ଷ୍ମୀ

# ସରିଲା ନବାଙ୍କ, ଶ୍ରୀମନ୍ଦିରରେ ଆଜି ମକର

**ପୁରୀ ଅଫିସ,୧୩।୧:** ଶ୍ରୀମନ୍ଦିରରେ ରବିବାର ନବାଙ୍କ ନୀତି ଶେଷ ହୋଇଛି। ସୋମବାର ବଡ଼ଦେଉଳରେ ମକର ସଂକ୍ରାନ୍ତି ନୀତି ପାଳିତ ହେବ। ତିନିଠାକୁରଙ୍କୁ ମକର ଚୂଳ ଲାଗି କରାଯିବ। ଅନ୍ୟପକ୍ଷରେ ଧନୁ ସଂକ୍ରାନ୍ତିଠାରୁ ବାପଘରକୁ ଯାଇଥିବା ମହାଲକ୍ଷ୍ମୀ ନବାଙ୍କ ଅବସରରେ ଭାର, ଥୋର ନେଇ ଶ୍ରୀମନ୍ଦିରକୁ ଫେରିଛନ୍ତି। ମକର ପରିପ୍ରେକ୍ଷୀରେ ରବିବାର ଶ୍ରୀମନ୍ଦିରରେ ଚାଉଳ ମେଲାଣ ସହ ଫୁଲ ମେଲାଣ ନୀତି ଅନୁଷ୍ଠିତ ହୋଇଛି। ମାଳିମାନେ ବାଘମୁହାଁ ବାନ୍ଧି ମାଳଚୂଳ, ଜଳ କବରମାନ ଘେନି ଭିତର ସେବକଙ୍କ ପଟୁଆରରେ ଘଣ୍ଟ, ଛତା, କାହାଳୀ ସହ ବଡ଼ ଦେଉଳକୁ ବେଢାଏ ପ୍ରଦକ୍ଷିଣ କରି ବେହେରଣଠାରେ ବେଶ ପାଇଁ ପାଳିଆ ସେବକଙ୍କୁ ଦେଇଥିଲେ। ଏହି ମାଳମାନ ସନ୍ଧ୍ୟା ଆଳତି ବେଶରେ ଲାଗି ହୋଇଥିଲା। ମହାପ୍ରଭୁଙ୍କ ଚନ୍ଦନ ଲାଗି ବଢିବା ପରେ ଭୋଗମଣ୍ଡପ ଘରେ ଭଦ୍ରାସନ ଉପରେ ମୁରୁଜ ପଡ଼ି ୩ଟି ବାଉଁଶିଆରେ ଚାଉଳ ରଖାଯାଇଥିଲା। ସେଥିରେ ଫୁଲ, ଚନ୍ଦନ, ଚେମେଡ଼ି ପତନି ଦିଆଯାଇ ଅଧିବାସ କରାଯିବା ପରେ ଦୁଆରମାନ ମୁଦ ହୋଇଥିଲା। ଏହି ଅଧିବାସ ଚାଉଳ ହିଁ ମକର ଚାଉଳ ଭାବେ ମହାପ୍ରଭୁଙ୍କୁ ସୋମବାର ଲାଗି ହେବ।

ବଡ଼ସିଂହାର ବେଶରେ ମହାପ୍ରଭୁଙ୍କ ନବାଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶ ବଢିପାଣି ପଡି ବଡ଼ସିଂହାର ଭୋଗ ଆସିବା ପରେ ଦକ୍ଷିଣୀ ଘରୁ ମଦନମୋହନ ଭିତର ସିଂହାସନକୁ ବିଜେ କରିଥିଲେ। ଭିତର ଭୋଗ ସରି ପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ଦେବା ପରେ ମହାଜନେ ମଦନମୋହନଙ୍କୁ ଧରି ସିଂହାସନ ଚାରିପଟେ ସାଢେ ୪ ଘେରା ବେଢା କରିଥିଲେ। ଏହାପରେ ମହାଜନେ ଠାକୁରଙ୍କୁ ଆଣି ବଟମୂଳେ ଥିବା ବିମାନରେ ବିଜେ କରାଇଥିଲେ। ଏହାପରେ ଅନ୍ୟାନ ନୀତି ବଢିଥିଲା।














ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ। - **ସନ୍ଥ କବୀର ଦାସ**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:...................................

ଜନ୍ମ ତାରିଖ: ..............................



ଲିକୁ
ପରିବାରବର୍ଗ



ରଘୁରାଜ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

### ନବମ ଜନ୍ମଦିନ ଶୁଭେଚ୍ଛା



**ଆୟୁଷ ରଞ୍ଜନ ସାହୁ**

**କତରାପାଲି, ନାକଟିଦେଉଳ, ଜିଲ୍ଲା-ସମ୍ବଲପୁର**

ସ୍ୱାମୀ ନିଖିଳେଶ୍ୱର ନନ୍ଦ ମହାରାଜଙ୍କ ଆଶୀର୍ବାଦରୁ ତୋର ଚଲାପଥ କୁସୁମିତ ହେଉ। ଏହା ଜଗତର ନାଥ ଶ୍ରୀଜଗନ୍ନାଥଙ୍କଠାରେ ଆମର ବିନୀତ ପ୍ରାର୍ଥନା।

**ଶୁଭେଚ୍ଛା ସହ**

ତୋର ବାପା, ମାଆ, ଅଜା, ଆଈ, କକାକାକୀ, ସାନଭାଇ ଓ ଭଉଣୀ ତଥା ବନ୍ଧୁ ପରିବାରବର୍ଗ।

ଧ-୧୦୫୫୧





**SALE**

L&T Pc 71 Komatsu show room condition, 2009 Dec (Mo): 7978887806. D-10485


### ୧୨ତମ ଜନ୍ମଦିନ ଶୁଭେଚ୍ଛା



(ସ୍ନିଗ୍ଧ)

**ରେହାନ ମିଶ୍ର**

**ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ: ବାପା, ମା, ଦଦେଇ, ଦେଠେଇ, କକେଇ, ଭାଇନା, ଅଜା, ଆଈ, ମାମା, ନନା, ରାଜ୍, ରିଶି, ରିଆ, ରୁଚି, ସାନ୍‌ଭି ଓ ରିତିକା।

ଧ-୧୦୪୬୩

### Birthday Wish



Many many happy returns of the day **Papulu.** Wish you a many many happy returns of this day. Best wishes from Bapa, Mummy, Mama Nani, Ashu all family members & friends.

Happy Birthday again
God bless you

D-10540

## ନିକିତା ନିଜେ ଛାତରୁ ଡେଇଁଥିଲେ: ସୋନମ

କଟକ ଅଫିସ, ୧୩।୧

ଅଭିନେତ୍ରୀ ନିକିତା ଓରଫ୍ ଲକ୍ଷ୍ମୀପ୍ରିୟା ବେହେରା ହତ୍ୟା ଘଟଣାରେ ତାଙ୍କ ସ୍ୱାମୀ ଲିପନ ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ନିକିତାଙ୍କୁ ଛାତରୁ ଠେଲିଥିବା ନେଇ ଲିପନ ସ୍ୱୀକାର କରିଥିବା ଡିସିପି ଅଖିଳେଶ୍ୱର ସିଂ କହିଥିଲେ। ହେଲେ ରବିବାର ନିକିତାଙ୍କ ନଣଦ ତଥା ଲିପନଙ୍କ ଭଉଣୀ ସୋନମ ସାହୁ ତାହାକୁ ଅସ୍ୱୀକାର କରିଛନ୍ତି। ସେ ଗଣମାଧ୍ୟମକୁ କହିଛନ୍ତି, ନିକିତା ନିଜେ ଛାତ ଉପରୁ ଡେଇଁଛନ୍ତି। ସେଦିନ ରାତିରେ ନିକିତାଙ୍କ ସହିତ ତାଙ୍କ ବାପା, ଭାଇ ଏବଂ ଲିପନ ଥିଲେ। ଲିପନଙ୍କ ସହ ତାଙ୍କର ଝଗଡା ହୋଇଥିଲା। ନିକିତା ବଦରାଗୀ। ତେଣୁ ସେ ଛାତ ଉପରୁ ତଳକୁ ଡେଇଁ ପଡ଼ିଥିଲେ। ତାଙ୍କ ବାପା ଏବଂ ଲିପନ ତାଙ୍କୁ ଅଟକାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ତାଙ୍କୁ ରୋକିପାରି ନ ଥିଲେ। ଏପଟେ ନିକିତାଙ୍କ ଶାଶୁ ଓ ଶ୍ୱଶୁର ଫେରାର ଥିବା ବେଳେ ଚାଉଳିଆଗଞ୍ଜ ପୋଲିସ ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।





**SALE**

ହଂସପାଳ 100’ କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30’ road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-10474

ନଖରା ପଞ୍ଚବଟି main road ପାଖରେ immediate ଘର କରିବା ପାଇଁ ଘରବାରି boundary ପଡ଼ାଥିବା plot (ପାଖରେ ଚାରିପଟ ଘର) ମିଳୁଛି। 9178031478. D-64687

Gharabadi yellow zone plot near AIIMS Hospital immediate possession. 9438277164, 9938670164. D-65508

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଡ଼ାରୁ ବିକ୍ରିହେବ। 9178660666. D-65509

Plot sale near AIIMS Hospital, Bhubaneswar 30’ wide road. 8280401077. D-65333


### ୬୭ତମ ଜନ୍ମଦିନ ଶୁଭେଚ୍ଛା



(ବାବୁ)

**ରମେଶ ଚନ୍ଦ୍ର ଦାଶ**

**ଆଶୀର୍ବାଦ ଆପାର୍ଟମେଣ୍ଟ, ବମିଖାଲ, ଭୁବନେଶ୍ୱର**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆପଣ ନୀରୋଗ ରୁହନ୍ତୁ।

**ଶୁଭେଚ୍ଛା ସହ**

ପୁଅ, ବୋହୂ, କ୍ରିଷ୍ଣା, ମାମା, ଆୟୁଷମାନ୍।

ଧ-୧୦୫୦୪

### ୩୪ତମ ଜନ୍ମଦିନ ଶୁଭେଚ୍ଛା



**Prashna Rani Biswal**

ଆଜି ତୋର ୩୪ତମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଗୁହାରି କରୁଛୁ ତୁମକୁ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ। ଅନେକ ଅନେକ

**ଶୁଭେଚ୍ଛା ସହ**

Teachers in Bachapan Public School Ganijanga Bhadrak

Blessing you from: Baba ,Mama, Bada dei, Bada Nana, Don, Mama Dei, Baba, Likuna, Raja, Pratima Mam, Gobinda Esteemed Principal & beloved all staff.

D-10547

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଛାତିରେ ପଶିଲା ଲୁହାଛଡ଼: ଆହତ ଶିଶୁ କଟକ ସ୍ଥାନାନ୍ତର

**କେନ୍ଦୁଝର, ୧୩।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ଡିମ୍ବୋ ଗ୍ରାମରେ ରବିବାର ଜଣେ ଶିଶୁ ଘର ନିକଟରେ ଖେଳୁଥିବା ବେଳେ ଏକ ଲୁହାଛଡ ଛାତିରେ ପଶି ଯିବାରୁ ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଚନ୍ଦନ ମହାକୁଡ଼ (୯)। ଖେଳୁଥିବା ସମୟରେ ଅସାବଧାନତାରୁ ପଡ଼ିଯିବାରୁ ତାଙ୍କ ଛାତିରେ ଏକ ଲୁହା ରଡ୍ ପଶିଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ଚନ୍ଦନଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ଲୁହାଛଡ଼କୁ ବାହାର କରି ନ ପାରିବାରୁ ଚନ୍ଦନଙ୍କୁ କଟକ ଏସସିବି ମେଡିକାଲ କଲେଜକୁ ପଠାଇ ଦେଇଛନ୍ତି।

## ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ



**ସ୍ୱର୍ଗତ ଅଚ୍ୟୁତାନନ୍ଦ ଶତପଥୀ**

ବରିଷ୍ଠ ମୋହରିର
ମହାବୀର ବଜାର, ଢେଙ୍କାନାଳ
ତିରୋଧାନ: ୦୫।୦୧।।୨୦୧୯

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ପରୋପକାରିତା ସବୁଦିନ ପାଇଁ ଆମ ଜୀବନରେ ସ୍ମରଣୀୟ ହୋଇରହିବ। ଆପଣଙ୍କ ଅମରାତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ

ଭ୍ରାତା, ପୁତ୍ର, ପୁତ୍ରବଧୂ, ନାତିନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୬୨୦୬୪

### ଶ୍ରଦ୍ଧାଞ୍ଜଳି ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ପଦ୍ମାବତୀ ସାହୁ**

ତିରୋଧାନ:୦୪।୦୧।୨୦୧୯

ବୋଉ ଆଜକୁ ଏଗାରଦିନ ହେଲା ଆମକୁ ଛାଡି ଚାଲିଗଲୁ। ଯେଉଁଠି ଥାଅ ଭଲରେ ଥାଅ। ପ୍ରଭୁ ଶ୍ରୀଜଗନ୍ନାଥ ତୁମର ଆତ୍ମାକୁ ସଦ୍‌ଗତି ଦିଅନ୍ତୁ। ତୁମର ଅନୁପସ୍ଥିତିକୁ ସହ୍ୟ କରିବାକୁ ଆମକୁ ଶକ୍ତି ଦିଅନ୍ତୁ।

ରାଜୁ, ବିଜୁ, ଚନ୍ଦନ, ରଞ୍ଜନ, ସାଇ, ଖୁସି, ମଣ୍ଟୁ, ପିଣ୍ଟୁ।

ଧ-୧୦୫୦୨

### ଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଚାରୁଲତା ରାୟ**

ସିଭିଲ୍‌କୋର୍ଟଲେନ, ନୟାଗଡ
ଆବିର୍ଭାବ: ୩୦।୧୧।୧୯୪୭
ତିରୋଧାନ: ୫।୧।୨୦୧୯

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା।

ଶୋକାତୁର ବୃନ୍ଦ:
ସ୍ୱାମୀ-ବୃନ୍ଦାବନ, ପୁତ୍ର-ବିମଳ ଓ କମଳ, ପୁତ୍ରବଧୂ, ନାତୁଣୀ, ନାତି, ରାୟ ପରିବାରବର୍ଗ।

ଧ-୧୦୫୫୩

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ନିରଞ୍ଜନ ମହାପାତ୍ର**

ନୂଆଗଡ଼, ରେଡ୍ଡୁଆ, ଜଗତ୍‌ସିଂହପୁର
ଆବିର୍ଭାବ: ୮।୦୩।୧୯୩୫
ତିରୋଧାନ: ୪।୦୧।୨୦୧୯

ବାପା, ଆପଣଙ୍କର ତିରୋଧାନରେ ସମସ୍ତେ ମର୍ମାହତ। ଆରପାରିରେ ଥିଲେ ସୁଦ୍ଧା ଆପଣଙ୍କର ସ୍ନେହ, ଶ୍ରଦ୍ଧା ଏବଂ ଆଶୀର୍ବାଦ ଆମ ଉପରେ ଅଜାଡି ହୋଇପଡୁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପରିବାରବର୍ଗ ଓ ବନ୍ଧୁ ବାନ୍ଧବ।

ଧ-୫୨୮୫

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ କୃଷ୍ଣଚନ୍ଦ୍ର ନାୟକ (ଧଉନ)**

ପାଟପୁର, ନିମାପଡ଼ା

ଦିନ ଚାଲିଗଲା ମାସବି ପୂରିଲା, ଏକବର୍ଷ ଗଲା ପୂରି କୋଣ ଅନୁକୋଣ ତୁମରି ସତ୍ତାକୁ ଅନୁଭବ ଅଛୁ କରି।

ତୁମର ପୁତ୍ର- ତନୁୟ, ଦୀପ୍ତିମୟ, ବୋହୂ- ହରପ୍ରିୟା, ସୋନାଲି, ଝିଅ- ପ୍ରଜ୍ଞାଶ୍ରୀ, ସନ୍ଧ୍ୟାଶ୍ରୀ, ନାତି- ଝୁଣ୍ଟୁ, ଗୁଗୁ, କାହ୍ନା, ଶୁଭ, ସତ୍ୟମ୍, ନାତୁଣୀ, ଲିସା, ବନ୍ଧୁ ଓ ପରିବାରବର୍ଗ।

ଧ-୬୪୬୮୮

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**





1000, 750, 700, 650, 450 sqft. available for office purpose at Centrally located Unit-9, 2300 sqft. office space available at Metro House, Vani Vihar, 3BHK available for rent at Damayanti Apartment Nayapalli. Mob: 7789837712, 9861256148. D-10483

1400 sqft. commercial space at BMC Bhabani mall sqft. 50/-. 9337119834. D-65331


ଜମନକିରା ଷ୍ଟେଟ୍ ବ୍ୟାଙ୍କରୁ ଲୁଟ୍ ଉଦ୍ୟମ ବିଫଳ

# ସାଇରନ ବାଜିବାରୁ ଖସି ପଳାଇଲେ ଲୁଟେରା

**ଜମନକିରା,୧୩।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ଜମନକିରା ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ଶନିବାର ବିଳମ୍ବିତ ରାତିରେ ଲୁଟ୍ ଉଦ୍ୟମ ବିଫଳ ହୋଇଛି। ବ୍ୟାଙ୍କରେ ଲାଗିଥିବା ସାଇରନ ବାଜି ଉଠିବାରୁ ଦୁର୍ବୃତ୍ତମାନେ ଟଙ୍କା ଓ ସୁନା ଲୁଟ୍ କରି ନ ପାରି ଫେରାର୍ ହୋଇଛନ୍ତି। କର୍ମଚାରୀମାନେ ଶୁକ୍ରବାର କାମ ଶେଷ କରି ସବୁଦିନ ପରି ଆଇରନ୍ ଚେଷ୍ଟରେ ଟଙ୍କା ଓ ସୁନା ରଖି ତାଲା ପକାଇ ଚାଲି ଯାଇଥିଲେ। ମାସର ଦ୍ୱିତୀୟ ଶନିବାର ହେତୁ ବ୍ୟାଙ୍କ ଛୁଟି ରହିଥିଲା। ଦୁର୍ବୃତ୍ତମାନେ ରାତି ପ୍ରାୟ ସାଢ଼େ ୧୨ଟାରେ ବ୍ୟାଙ୍କର ପଛପଟେ ଥିବା ଏକ ଝରକାର ଗ୍ରୀଲ ତାଡ଼ି ଭିତରକୁ ପ୍ରବେଶ କରିବା ପରେ ବିଦ୍ୟୁତ୍ ସଂଯୋଗ ଓ ସିସିଟିଭି କନେକ୍ସନକୁ କାଟି ଦେଇଥିଲେ। ବ୍ୟାଙ୍କ ଶାଖା ପରିଚାଳକଙ୍କ ପ୍ରକୋଷ୍ଠରେ ଲାଗିଥିବା ମୁଖ୍ୟ ସିପିୟୁ (ହାର୍ଡଡିସ୍କ)କୁ ବାହାର କରି ଦେଇଥିଲେ। ପରେ ଟଙ୍କା ଓ ସୁନା ଗଚ୍ଛିତ ଥିବା ଆଇରନ୍ ଚେଷ୍ଟର ଗେଟ୍‌କୁ ଖୋଲିବାକୁ ଉଦ୍ୟମ କରିବା ବେଳେ ସାଇରନ୍ ବାଜି ଉଠିଥିଲା। ଏହି ସମୟରେ ପାଖରେ ପାଟ୍ରୋଲିଂ କରୁଥିବା ପୋଲିସ ଟିମ୍ ଏହା ଜାଣିପରେ ତତ୍‌କ୍ଷଣାତ ଆଖପାଖ ରାସ୍ତା ସିଲ୍ କରି ଦେଇଥିଲେ। ହେଲେ ଦୁର୍ବୃତ୍ତଙ୍କ ସୁରାକ ପାଇ ପାରି ନ ଥିଲା। ରବିବାର ସକାଳେ ପୋଲିସ ସନ୍ଧାନୀ କୁକୁର ସହାୟତାରେ ଛାନଭିନ କରିଥିଲା। ତଥାପି କୌଣସି ସନ୍ଧାନ ପାଇପାରିନି। ବ୍ୟାଙ୍କ ଭିତରୁ ପୋଲିସ ୬ଟି ଗ୍ୟାସ୍ ଟାଙ୍କି (୫ଲିଟର) ଓ ଲୁଟ୍ କରିବା ପାଇଁ ଆବଶ୍ୟକ ବିଭିନ୍ନ ସାମଗ୍ରୀ ଜବତ କରିଛି। ପୋଲିସ କହିଛି ଯେ, ବ୍ୟାଙ୍କଠାରୁ ପ୍ରାୟ ୫ ଶହ ମିଟର ଦୂର ଏକ ବିଲରେ ମଦ ବୋତଲ ଓ ଖାଦ୍ୟ ପଡିଥିବା ଦେଖିବାକୁ ମିଳିଛି। ଏଣୁ ସମ୍ଭବତଃ ୫/୭ ଜଣ ଲୁଟେରା ସେଠାରେ ଖିଆପିଆ କରି ବ୍ୟାଙ୍କ ଲୁଟ୍ ଉଦ୍ୟମ କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।

## ସେବାଶ୍ରମରେ...

ପ୍ରଥମ ପୃଷ୍ଠାରୁ...

ନାବାଳିକା ଛାତ୍ରୀ ପ୍ରସବ କରିଥିବା ଜଣାପଡ଼ିବା ପରେ ଶତାଧିକ ଅଭିଭାବକ ଓ ସ୍ଥାନୀୟ ଅଞ୍ଚଳବାସୀ ସେବାଶ୍ରମ ଓ ଦାରିଙ୍ଗବାଡି ଚାରିଛକଠାରେ ଟାୟାର ଜାଳି ପ୍ରାୟ ୨ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ସେବାଶ୍ରମରେ ଛାତ୍ରୀମାନେ ଅସୁରକ୍ଷିତ ଥିବା ସେମାନେ ଅଭିଯୋଗ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଦାରିଙ୍ଗବାଡ଼ି ଆଇଆଇସି ଅଲେଖ ଗରଡ଼ିଆ ସଦଳବଳ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ବାଲିଗୁଡ଼ା ଏସଡିପିଓ ନୀତୀନ କୁଶାଲକର ମଧ୍ୟ ସେଠାରେ ପହଞ୍ଚି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଏପଟେ ପ୍ରଶାସନ ପକ୍ଷରୁ ଏହି ଘଟଣାରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ମ୍ୟାଟ୍ରନ ସୌଦାମିନୀ ସିଂ, ମଞ୍ଜୁଳା ଦିଗାଲ, ସିସିଏ ସୁମିତ୍ରା ପ୍ରଧାନ, ରଶ୍ମିତା ପ୍ରଧାନ, ୱାର୍ଡେନ୍ ଲତା ପ୍ରଧାନ ଓ ଏଏନ୍‌ଏମ ଶୈବାଳିନୀ ପ୍ରଧାନଙ୍କୁ ବହିଷ୍କାର କରାଯାଇଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ/ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ନକ୍ଷତ୍ରମାଳା ସାହୁ, ଜ୍ୟୋତ୍ସ୍ନାରାଣୀ ନାୟକ ଓ ଆଶାରାଣୀ ମିଶ୍ରଙ୍କୁ ନିଲମ୍ବିତ କରାଯାଇଛି।

ଅପରାହ୍ନରେ ଏସ୍‌ପି ପ୍ରତୀକ୍ ଗୀତା ସିଂ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ସମ୍ପୃକ୍ତ ଛାତ୍ରୀ ଜଣକ ୭/୮ ମାସ ପୂର୍ବେ ଛୁଟିରେ ଘରକୁ ଯାଇଥିଲେ। ତାଙ୍କ ଗ୍ରାମର ଜଣେ ଯୁବକ ନିକଟସ୍ଥ ଏକ ଚର୍ଚ୍ଚ ପାଖରେ ବଳାତ୍କାର କରିଥିଲେ। ଏ ନେଇ ଛାତ୍ରୀଙ୍କ ବାପାଙ୍କ ଲିଖିତ ଅଭିଯୋଗ କ୍ରମେ ଦାରିଙ୍ଗବାଡି ଥାନାରେ ନଂ. ୩/୧୯ରେ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖାଯାଇଛି। ଛାତ୍ରୀ ଏବଂ ନବଜାତକଙ୍କୁ ବାଲିଗୁଡା ଡାକ୍ତରଖାନାକୁ ନିଆଯାଇଛି। ଉଭୟେ ସୁସ୍ଥ ଅଛନ୍ତି। ସେମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯିବ। ଛାତ୍ରୀଙ୍କ ବୟାନ ନେବାପରେ ନବଜାତକ ସହ ଶିଶୁ ମଙ୍ଗଳ କମିଟିରେ ହାଜର କରାଯିବ। ଏଠାରେ ପ୍ରଶ୍ନ ଉଠୁଛି ଯେ, ଯଦି ନବାଳିକା ଛାତ୍ରୀଙ୍କୁ ୭ରୁ ୮ ମାସ ତଳେ ବଳାତ୍କାର କରାଯାଇଥିଲା ଏବଂ ସେ ଗର୍ଭବତୀ ହୋଇଥିଲେ, ତେବେ ସେବାଶ୍ରମରେ ପ୍ରତି ମାସରେ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଥିବାବେଳେ ଏହା କିପରି ଜଣାପଡ଼ି ନ ଥିଲା। ସେବାଶ୍ରମର କର୍ମକର୍ତ୍ତା ଏନେଇ କିଛି ଜାଣି ନ ଥିଲେ କି, ଜାଣିଶୁଣି ଘଟଣାକୁ ଲୁଚାଇବାକୁ ଉଦ୍ୟମ କରିଥିଲେ ତାହା ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଛାତ୍ରୀମାନଙ୍କ ସୁରକ୍ଷା ନେଇ ଅଭିଭାବକମାନେ ଚିନ୍ତାରେ ପଡ଼ିଯାଇଛନ୍ତି।

## ରିପୋର୍ଟ ମାଗିଲେ ମନ୍ତ୍ରୀ

ଭୁବନେଶ୍ୱର, ୧୩।୧(ବ୍ୟୁରୋ): ସେବାଶ୍ରମର ନାବାଳିକା ଛାତ୍ରୀ କନ୍ୟା ସନ୍ତାନ ଜନ୍ମଦେବା ଏକ ସମ୍ବେଦନଶୀଳ ଘଟଣା। ଏହାକୁ ବିଭାଗ ପକ୍ଷରୁ ଗୁରୁତର ସହ ନିଆଯାଇଛି। ଜିଲାପାଳଙ୍କୁ ରିପୋର୍ଟ ମଗାଯାଇଛି। ଯଥାଶୀଘ୍ର ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛି। ଏସ୍‌ଟି,ଏସ୍‌ସି ସ୍କୁଲର ଯେଉଁମାନେ ନିୟମିତ କର୍ମଚାରୀଭାବେ ଦାୟିତ୍ୱରେ ଥିଲେ ସେମାନଙ୍କୁ ନିଲମ୍ବିତ କରାଯାଇଛି। ସେଠାରେ ଅସ୍ଥାୟୀଭାବେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ବହିଷ୍କାର କରାଯାଇଛି। ପର୍ଯ୍ୟାୟକ୍ରମେ ଘଟଣାର ସମସ୍ତ ରିପୋର୍ଟ ସଂଗ୍ରହ କରାଯିବ। ପୂର୍ବରୁ ଏଭଳି ଘଟଣା ନେଇ କିଛି ଶୁଣାଯାଉ ନ ଥିଲା। ଘଟଣାରେ ଯେଉଁମାନେ ଦୋଷୀ ହୋଇଥିବେ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍କୁଲର ପ୍ରଧାନ ଶିକ୍ଷକ ମଧ୍ୟ ଯାହା ସୁପାରିସ କରିଛନ୍ତି ତାକୁ ମଧ୍ୟ ନିରୀକ୍ଷଣ କରାଯିବ ବୋଲି ମାଝୀ କହିଛନ୍ତି।

## ବିବାଦ ପରେ...

ପଦରୁ ବର୍ମାଙ୍କୁ ହଟାଇବାକୁ ନିଷ୍ପତ୍ତି ନେଇଥିବାବେଳେ ଚୟନ କମିଟିର ସଦସ୍ୟ ତଥା ଲୋକ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏହାକୁ ବିରୋଧ କରିଥିଲେ। ଖାର୍ଗେ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ ହେଁ ତାଙ୍କ ପ୍ରସ୍ତାବ ଗ୍ରହଣୀୟ ହୋଇ ନ ଥିଲା। ୧୯୭୯ ବ୍ୟାଚ୍ ଏଜିଏମ୍‌ୟୁଟି କ୍ୟାଡର ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ବର୍ମା ପୁଣିଥରେ ସିବିଆଇ ନିର୍ଦ୍ଦେଶକ ପଦ ସମ୍ଭାଳିବାର ୨୪ ଘଣ୍ଟା ପରେ ତାଙ୍କୁ ଅପ୍ରତ୍ୟାଶିତ ଭାବେ ହଟାଯାଇ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଥିଲା। ସେ ଏଥିରେ କ୍ଷୁବ୍ଧହୋଇ ପରଦିନ ନିଜ ଚାକିରିରୁ ଇସ୍ତଫା ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ସହ ଏକମତ ହୋଇ ବର୍ମାଙ୍କୁ ପଦଚ୍ୟୁତ କରିଥିବାରୁ ଜଷ୍ଟିସ୍ ସିକ୍ରିଙ୍କୁ ରବିବାର କେନ୍ଦ୍ର ସରକାର ସିଏସ୍‌ଏଟିକୁ ପଠାଇ ପୁରସ୍କୃତ କରିଥିବା କୁହାଯାଉଛି। କାରଣ ଏହି ପ୍ରସଙ୍ଗରେ ତାଙ୍କ ଭୋଟ ନିର୍ଣ୍ଣାୟକ ଥିଲା। ଜଷ୍ଟିସ୍ ସିକ୍ରି ହେଉଛନ୍ତି ସିଜେଆଇ ଗୋଗୋଇଙ୍କ ପରେ ସୁପ୍ରିମକୋର୍ଟରେ ଦ୍ୱିତୀୟ ବରିଷ୍ଠ ବିଚାରପତି। ଆସନ୍ତା ମାର୍ଚ୍ଚ ୪ରେ ସେ ବିଚାରପତି ପଦରୁ ଅବସର ନେବାକୁ ଥିବାବେଳେ କେନ୍ଦ୍ରର ନୂଆ ନିଯୁକ୍ତି ଫଳରେ ସେ ଲଣ୍ଡନସ୍ଥିତ ସିଏସ୍‌ଏଟିରେ ଖାଲିଥିବା ସଦସ୍ୟ ପଦରେ ୪ ବର୍ଷ କାର୍ଯ୍ୟ କରିଥାନ୍ତେ। ଏହି ଚୟନ ପୂର୍ବରୁ କେନ୍ଦ୍ର ସରକାର ଉଭୟ ସିଜେଆଇ ଗୋଗୋଇ ଏବଂ ଜଷ୍ଟିସ୍ ସିକ୍ରିଙ୍କ ସହମତି ହାସଲ କରିଥିବା ନେଇ ଏକ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। କେନ୍ଦ୍ରର ଏଭଳି ଅନୁଗ୍ରହକୁ ନେଇ ବିବାଦ ମୁଣ୍ଡ ଟେକିଛି। ଫଳରେ ଜଷ୍ଟିସ୍ ସିକ୍ରି ସିଏସ୍‌ଏଟିରେ ନିଯୁକ୍ତିରୁ ନିଜଆଡୁ ସହମତି ପ୍ରତ୍ୟାହାର କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ୧୯୫୪ ମାର୍ଚ୍ଚ ୭ରେ ଜନ୍ମିତ ଜଷ୍ଟିସ୍ ସିକ୍ରି ୨୦୧୩ ଏପ୍ରିଲ ୧୨ରେ ସୁପ୍ରିମକୋର୍ଟ ବିଚାରପତି ଭାବେ ଶପଥ ନେଇଥିଲେ। ଏହା ପୂର୍ବରୁ ସେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ କରିଥିଲେ।

## ଅଧିକାରୀଙ୍କ...

ଟିକସ ଫାଙ୍କି ଉପରେ ମଧ୍ୟ ଆୟକର ଅଧିକାରୀ ବିଶେଷ ଧ୍ୟାନ ଦେଇଥିବା ସୂଚନା ମିଳିଛି। ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ନେଇ ଆୟକର ଅଧିକାରୀ ରବିବାର ଅପରାହ୍ନରେ ଫେରିଯାଇଥିବା ଶୁଣିବାକୁ ମିଳିଛି। ତେବେ ଏ ନେଇ ବିଭାଗୀୟ ଅଧିକାରୀ କିମ୍ବା ପଟ୍ଟନାୟକଙ୍କ ପରିବାର ପକ୍ଷରୁ କୌଣସି ସୂଚନା ମିଳିନାହିଁ। ସୂଚନାଯୋଗ୍ୟ, ଡି.ଆର୍. ପଟ୍ଟନାୟକ ହେଉଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ବିଜେଡି ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଭାଇ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ସୂର୍ଯ୍ୟଦେବଙ୍କ ଉତ୍ତରାୟଣ ଗତିର ପ୍ରଥମ ଦିବସର କରୁଣାକିରଣ ଆପଣଙ୍କ ପରିବାର ଓ କର୍ମକ୍ଷେତ୍ରକୁ ନୂତନ ଉତ୍ସାହରେ ଦୀପ୍ତିମନ୍ତ କରିବ। ଦୀର୍ଘଦିନରୁ ଭଲ ସମ୍ପର୍କ ଥାଇ ମଧ୍ୟ ଦେଖିପାରିନଥିବା ପ୍ରିୟବନ୍ଧୁଟିର ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ବନ୍ଧୁଗହଣରେ ପୂର୍ବନିର୍ଦ୍ଧାରିତ କାମ, ବାଣିଜ୍ୟ ଓ ଆନୁଷ୍ଠାନିକ କାମରେ ସହଯୋଗୀ ହୋଇପାରନ୍ତି।

**ବୃଷ**
ଆପଣଙ୍କ ଆଶା ଓ କାମନା ପୂରଣ ହେଲେ ମଧ୍ୟ ସେଥିପାଇଁ ବହୁତ କଷ୍ଟ ସହିବାକୁ ପଡ଼ିବ। ଯେତେ ଭଲ କାମ ଓ ଚିନ୍ତା କଲେ ମଧ୍ୟ ଘରର ସଦସ୍ୟମାନେ ମନେମନେ ବିରକ୍ତି ପ୍ରକାଶ କରିପାରନ୍ତି। ମନରେ ସରସତା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ୍ୟହେବେ।

**ମିଥୁନ**
ନିଜର ଲୋକମାନେ ବିରୁଦ୍ଧାଚରଣ କରୁଥିଲେ ମଧ୍ୟ ଆପଣଙ୍କ ପୂର୍ବ ଯୋଜନା ଅନୁଯାୟୀ କର୍ମ ଯଥାବିଧି ସମ୍ପନ୍ନ ହୋଇପାରିବ। ଆରଦ୍ରା ନକ୍ଷତ୍ର ସକାଶେ ପୁରାତନ ରୋଗର ପୀଡା କାମ କରିବାକୁ ନିରୁତ୍ସାହିତ କରିପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସକାଶେ ଦିନଟି ବହୁତ ବଢ଼ିଆ। ବନ୍ଧୁ ଗହଣରେ ଭୁଲ୍ ବୁଝାମଣା ନ ହେଲା ଭଳି କାମ କରନ୍ତୁ।

**କର୍କଟ**
ଅଭାବ ନ ଥିଲେ ମଧ୍ୟ ସାମୟିକ ଅର୍ଥସଂକଟକୁ ସାମ୍ନା କରିବା କଷ୍ଟକର ହୋଇପାରେ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର କଷ୍ଟ ସ୍ୱୀକାର କରିବାକୁ ପଡିବ। ନିଜେ ଅସୁବିଧା ଭିତରେ ଚଳୁଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଯଥାସାଧ୍ୟ ସାହାଯ୍ୟ କରିବେ। ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ କୌଣସି ଅସୁବିଧା ରହିବନାହିଁ।

**ସିଂହ**
ପରିସ୍ଥିତିବଶତଃ ମାତ୍ରାଧିକ ଭ୍ରମଣ ଓ କାମର ଚାପ ଯୋଗୁ କର୍ମକ୍ଳାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତିସୂଚକ କଥା ଶୁଣି ମନ ହାଲୁକା ହୋଇଯିବ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜର କାମ ଅଟକି ରହିଯିବାର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ପ୍ରଶାସନ ପାଇଁ କୌଣସି ଅସୁବିଧା ହେବନି।

**କନ୍ୟା**
ଆଜିର ଦିନଟି ଏହିପରିଯେ, ନିଜ ଲୋକମାନଙ୍କ ଉପରେ ଭରସା କରି କୌଣସି କାମକୁ ପୂର୍ଣ୍ଣ କରିପାରିବେ। କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହିନପାରେ। ଆଜି ଯେକୌଣସି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ଶିଳ୍ପ, ବ୍ୟବସାୟ, ପରିବହନ, ମାଲି ମକଦ୍ଦମାରେ ଆଶାଜନକ ଫଳ ପାଇବେ।

**ତୁଳା**
ଆପଣଙ୍କ ଆକର୍ଷଣୀୟ ବ୍ୟବହାର ବନ୍ଧୁ ପରିଜନଙ୍କ ପ୍ରୀତିବର୍ଦ୍ଧନ କରିବ। କିନ୍ତୁ ରାହୁଙ୍କ ପ୍ରଭାବରେ କୌଣସି ଦୀର୍ଘମିଆଦୀ ଯୋଜନା ଫସର ଫାଟିଯିବା କାରଣରୁ ମନ ଭଲ ରହିନପାରେ। ଆଜି ଇଚ୍ଛା ନ ଥିଲେ ମଧ୍ୟ ହଠାତ୍ ପରିସ୍ଥିତିରେ ପଡି ଖର୍ଚ୍ଚାନ୍ତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ମାନସିକ ସୁସ୍ଥତା ବ୍ୟାହତ ହେବାର ସୂଚନା ରହିଛି।

**ବିଛା**
ଅନୁକୂଳ ଗ୍ରହ ପ୍ରଭାବରେ ଯେଉଁ କାମରେ ହାତଦେଲେ ମଧ୍ୟ ବିଫଳତାର ପ୍ରଶ୍ନ ଉଠିବ ନାହିଁ। ବିଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରି ଆଶା ପୂରଣ ଦିଗରେ ଚେଷ୍ଟା କରିପାରନ୍ତି। ସାହିତ୍ୟ, ସଂଗୀତ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ଯାନବାହନରେ ଯିବାଆସିବା ସମୟରେ ଜିନିଷପତ୍ର ଅଦଳବଦଳ ହୋଇଯାଇପାରେ।

**ଧନୁ**
ପରିବର୍ତ୍ତିତ ପରିସ୍ଥିତି କେତେକାଂଶରେ ମାନସିକ ସ୍ଥିରତା ରକ୍ଷା କରିବାରେ ସହାୟକ ହୋଇପାରିବ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇବାରେ କୌଣସି ଶୁଭେଚ୍ଛୁଙ୍କ ଅବଦାନ ଉପଲବ୍ଧି କରିପାରିବେ। ସଭାସମିତିରେ ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି।

**ମକର**
ସକାଳୁ ସକାଳୁ ପ୍ରିୟଜନଙ୍କ ସହ ଭ୍ରମଣ ଓ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ପାଇ ଆନନ୍ଦ ଅନୁଭବ କରିବେ। ପାରିବାରିକ କ୍ଷେତ୍ରରୁ ସମର୍ଥନ ଲାଭକରି ଅଭିଳଷିତ କାମକୁ ଶେଷପର୍ଯ୍ୟାୟକୁ ନେବା ପାଇଁ ଶ୍ରବଣା ଚେଷ୍ଟିତ ହୋଇପାରନ୍ତି। ଦୂର ସମ୍ପର୍କୀୟ ଜଣେ ବନ୍ଧୁ ବିଭିନ୍ନ ପ୍ରଲୋଭନ କିମ୍ବା ସାହାଯ୍ୟର ପ୍ରତିଶ୍ରୁତି ଦେଇ ଆପଣେଇବେ।

**କୁମ୍ଭ**
କର୍ମସ୍ଥାନରେ ଶୁକ୍ର ଚତୁର୍ଥଭାବକୁ ଅବଲୋକନ କରି ପାରିବାରିକ ଅସ୍ଥିରତା ଦୂର କରିବାର ମାର୍ଗଦର୍ଶନ କରାଇବେ। ରାଶ୍ୟାଧିପତି ଶନିଙ୍କ ପ୍ରଭାବରେ ବିଜାତୀୟ ବନ୍ଧୁମାନଙ୍କ ସହ ମିତ୍ରତା ସ୍ଥାପନ କାର୍ଯ୍ୟ ହାସଲେ ସାହାଯ୍ୟ କରିବ। ଶିଳ୍ପ, ବାଣିଜ୍ୟ, ପରିବହନ, ମାଲି ମକଦ୍ଦମା, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ର ମନ୍ଦ ହେବନି।

**ମୀନ**
ସ୍ୱାସ୍ଥ୍ୟୋନ୍ନତି ସଙ୍ଗକୁ ଆତ୍ମୀୟମାନଙ୍କ ସହାନୁଭୂତି ମାନସିକ ସ୍ତରକୁ ପ୍ରଫୁଲ୍ଲିତ କରିରଖିବ। ନିଜ ପରିସରରେ ପିଲାମାନଙ୍କ କଳହକୁ କେନ୍ଦ୍ର କରି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। କୌଣସି ବନ୍ଧୁ ପ୍ରତିଶ୍ରୁତି ଦେଇ ମଧ୍ୟ ଆସି ନ ପାରନ୍ତି। ପରିବାରରେ ଯୁକ୍ତିତର୍କଜନିତ ମତାନ୍ତର ରେବତୀ ନକ୍ଷତ୍ର ସକାଶେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

ଆଜି ଜାନୁୟାରୀ ୧୪ ତାରିଖ, ମକର ସଂକ୍ରାନ୍ତି ପୌଷ ଶୁକ୍ଳ ଅଷ୍ଟମୀ ସୋମବାର, ଶ୍ରୀସୂର୍ଯ୍ୟଦେବଙ୍କର ଉତ୍ତରାୟଣ ବନ୍ଦାପନା, ମକର ବୁଡ଼, ଗଙ୍ଗାସାଗର ସ୍ନାନ, ଶ୍ରୀଲିଙ୍ଗରାଜଙ୍କ ଘୃତକମ୍ବଳ, ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ, ବାରାହୀ ପୀଠରୁ ଶ୍ରୀଲୋକନାଥ ଦେବଙ୍କର ମକର ଚୁଳ ବିଜେ, ପୋଙ୍ଗଲ, ରାଶି ନକ୍ଷତ୍ର- ଦିବା ଘ୧।୩୧ମି. ଗତେ ଅଶ୍ୱିନୀ/ମେଷ, ମିଥୁନ ରାଶିର ଘାତବାର, ଅପରାହ୍ନେ ମେଷ ରାଶିର ଘାତଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ଦିବା ଘ୭।୫୦ମି. ମଧ୍ୟେ ଘ୧।୨୫ମି. ଗତେ, ଘ୨।୪୮ମି. ମଧ୍ୟେ ଘ୪।୧୦ମି. ଗତେ, ଘ୫।୩୪ମି. ମଧ୍ୟେ ଅମୃତବେଳା।



“ କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ

■ବରଗଡ଼ ଧନୁଯାତ୍ରା ମହୋତ୍ସବ

# ଗୋପପୁର ଯାତ୍ରା ଉଦ୍‌ଘାଟିତ

**ମଥୁରାନଗରୀ/ଗୋପପୁର,୧୩।୧**

ବରଗଡ଼ ଧନୁଯାତ୍ରା ମହୋତ୍ସବର ତୃତୀୟ ଦିବସ ରବିବାର ଅପରାହ୍ଣରେ ଗୋପପୁର ଯାତ୍ରା ଉଦ୍‌ଘାଟିତ ହୋଇଛି । ଏସ୍‌ପି ମୁକେଶ କୁମାର ଭାମୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ସମାରୋହରେ ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ସମ୍ପାଦକ ସୁରେଶ୍ୱର ଶତପଥୀ, ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ, ପୌର ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ରାଉତ, ପୂର୍ବତନ ନଗରପାଳ କୃଷ୍ଣଚନ୍ଦ୍ର ମହାପାତ୍ର, ଦୟାନିଧି ପ୍ରଧାନ, ସୁଶୀଲ ମହାପାତ୍ର, କାଉନସିଲର ନାରାୟଣ ଭୋଇ, ଗୋପପୁର ନାଟ୍ୟ ନିର୍ଦ୍ଦେଶକ ରବିନ୍ଦ୍ର ପୂଜାରୀ, ଦୟାନିଧି ପୂଜାରୀ, ବେଣୁବାବା ମଠ ମହନ୍ତ ହରିଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ନନ୍ଦରାଣୀ, ନନ୍ଦରାଜା ଶ୍ରୀକୃଷ୍ଣଙ୍କୁ ଧରି ଗୋପାଳ, ଗୋପୀ ଗୋପାଙ୍ଗନାଙ୍କ ଗହଣରେ ନନ୍ଦ ଦରବାରକୁ ପହଞ୍ଚିଥିଲେ। ଗୋପୀ ଗୋପାଙ୍ଗନାମାନେ ରାସନୃତ୍ୟ ଏବଂ ଗୋପାଳ ପିଲାଏ ବାଡ଼ିଖେଳ କରି ଖୁସି ମନାଇଥିଲେ । ସେହିପରି ନନ୍ଦରାଣୀ, ନନ୍ଦରାଜା ଶ୍ରୀକୃଷ୍ଣଙ୍କୁ ଧରି ଶୋଭାଯାତ୍ରାରେ ଯାଇ ଗୋପପୁର ପରିକ୍ରମା କରିଥିଲେ । ଗୋପଦାଣ୍ଡରେ ଶ୍ରୀକୃଷ୍ଣଙ୍କ ଦୋଳିଝୁଲା ଦୃଶ୍ୟ ବେଶ୍ ଉପଭୋଗ୍ୟ ହୋଇଥିଲା। ଅନ୍ୟପଟେ ରାଜମହଲରୁ ମହାରାଜ କଂସ ମଥୁରା ଭ୍ରମଣରେ ବାହାରିଥିଲେ । ମଥୁରା ଭ୍ରମଣ ସାରି ମହାରାଜା ଲୋକମଣ୍ଡପ ପଡ଼ିଆ ରଙ୍ଗମହଲରେ ପହଞ୍ଚି ନୃତ୍ୟଗୀତର ଆସରରେ ମସ୍‌ଗୁଲ୍ ହୋଇଥିଲେ । ରଙ୍ଗମହଲରୁ କଂସ ହାଟପଦାସ୍ଥିତ ରାଜ ଦରବାରକୁ ପହଞ୍ଚି ଶିବଙ୍କୁ ଆରାଧନା କରିଥିଲେ। ମାତ୍ର କାରାଗାରାରେ ବନ୍ଦୀ ଦେବକୀଙ୍କ ଗର୍ଭରୁ ଶିଶୁକନ୍ୟା ଜନ୍ମଲାଭ କରିଥିବା ଜାଣି ଆହୁରି ବିଚଳିତ ହୋଇ ପଡ଼ିଥିଲେ ଏବଂ ସମଲେଶ୍ୱରୀ ମଣ୍ଡପସ୍ଥିତ କାରାଗାରକୁ ଯାଇଥିଲେ । ସେଠାରେ ବିଜୁଳି କନ୍ୟାଙ୍କୁ ତଳେ କଚାଡ଼ି ହତ୍ୟା କରିବାକୁ ଉଦ୍ୟମ କରିବା ବେଳେ ପୁଣି ଶୂନ୍ୟବାଣୀ ଶୁଣି କଂସ ବିଚଳିତ ହୋଇ ପଡ଼ିଥିଲେ ଏବଂ ରାଜ ଦରବାରକୁ ଫେରି ଆସ ବେନିଭାଇଙ୍କୁ ବଧ କରିବା ପାଇଁ ମନ୍ତ୍ରଣା କରିଥିଲେ ।

ସାଂସ୍କୃତିକ କାର୍ଯ୍ୟକ୍ରମରେ ଭୁବନେଶ୍ୱର ନୃତ୍ୟ ଦର୍ପଣର ଓଡ଼ିଶୀ, କନବାର ବ୍ରଜେଶ୍ୱର ନୃତ୍ୟକଳା ସଂଘର ଶବ୍ଦନୃତ୍ୟ, ସଇନ୍ତଳା କୁମ୍ଭାରୀର ଟ୍ରାଇବାଲ ଡ୍ୟାନ୍ସ, ପୁରୀ ଶିବପାର୍ବତୀ ସାଂସ୍କୃତିକ ଦଳର ଗୋଟିପୁଅ ନୃତ୍ୟ, ଟେଙ୍ଗରୁପଦରର ସୁରଝଙ୍କାର, ମହୁଲପାଲି ଭାରତୀ କଳାକେନ୍ଦ୍ରର ସପ୍ତରଙ୍ଗ, ବୌଦ୍ଧର ବଉଳି କଳା ପରିଷଦ, ହୀରାକୁଦର ପାଣିନି ପ୍ରାଞ୍ଜ କଲଚରାଲ ଆସୋସିଏଶନ, ସମ୍ବଲପୁର ସାରସ୍ୱତ କଳା ବିଦ୍ୟା ମନ୍ଦିର ଏବଂ ହୀରାକୁଦ କଳା ପରିଷଦର କଳାକାରମାନେ ନାଚଗୀତ ପରିବେଷଣ କରିଥିଲେ । ବରଗଡ଼ ଚହଟମଲ୍ଲୀ କଳା ପରିଷଦ ଏବଂ ତୋରା ବୋଧନ କଲଚରାଲ ଆସୋସିଏଶନର କଳାକାରମାନେ ସମଲେଶ୍ୱରୀ ମନ୍ଦିର ପଡ଼ାରେ ଅଭିନୀତ ବିଜୁଳି କନ୍ୟା ମଞ୍ଚରେ ନାଚଗୀତ ପରିବେଷଣ କରିଥିଲେ। ଗୋପପୁର ନନ୍ଦ ଦରବାରରେ ବରଗଡ଼ର ବୀଣାପାଣି କଳା ପରିଷଦ, ତୋରାର ଦିଲୀପ ସୁନା ଓ ଦଳ, କଲିକତାର ବେଲ୍‌ଟ ଗ୍ରୁପ୍, ଘୁଡୁକା ନାଚ, ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା ।

## ... ମହୋତ୍ସବର ଝଲକ୍ ...



କଂସ ଶ୍ୟାମେଶ୍ୱର ବାବାଙ୍କୁ ପୂଜାର୍ଚ୍ଚନା କରୁଛନ୍ତି ।



ଗୋପପୁରରେ ଶ୍ରୀକୃଷ୍ଣଙ୍କ ଦୋଳିଝୁଲା ଦୃଶ୍ୟ ।



ଗୋପପୁର ପରିକ୍ରମା ପାଇଁ ଗୋପାଳ, ଗୋପୀ ଗୋପାଙ୍ଗନାମାନେ ନନ୍ଦ ଭବନରୁ ବାହାରୁଛନ୍ତି ।



ଫ୍ରାନ୍ସରୁ ଆସିଥିବା ଚାରି ପର୍ଯ୍ୟଟକ ଗୋପପୁର ଯାତ୍ରାରେ ଫଟୋ ଉଠାଇବାକୁ ପ୍ରସ୍ତୁତ ।



ଯମୁନା ପାଲଟିଥିବା ଜିରା ନଦୀ କୂଳରେ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ ବାଲୁକା କଳାକୃତି ।

## ହିରଣ୍ୟକଶିପୁ ରାଜତ୍ୱ ଆରମ୍ଭ

**ଭେଡ଼େନ, ୧୩।୧ (ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଲୁହାଖଣ୍ଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଶିଳାକ୍ଷେତ୍ର ପୁଡ଼ାପାଲିରେ ରବିବାର ସନ୍ଧ୍ୟାରେ ମକର ମହୋତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ ସ୍ଥାନୀୟ ନୃସିଂହ ମନ୍ଦିରରେ ନୂତନ ଧ୍ୱଜା ରୋହଣ କରାଯାଇଥିଲା । ଏହାପରେ ସନ୍ଧ୍ୟାରେ ରାଜଦରବାରରେ ମୁକ୍ତମଞ୍ଚ ହିରଣ୍ୟକଶିପୁ ରାଜତ୍ୱ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଭେଡ଼େନ ଥାନା ଆଇଆଇସି ତାରା ଜସ୍ୱିନ ଗୁଡ଼ିଆ ମୁଖ୍ୟ ଅତିଥି, ଅଚ୍ୟୁତ ସିପୁନ ଖମାରୀ, ରଞ୍ଜୁ ରାଇମନ, ଅବିନାଶ ବିଶି ପ୍ରମୁଖ ବକ୍ତା ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ପ୍ରଥମ ସନ୍ଧ୍ୟାରେ ବିଷ୍ଣୁଙ୍କ ଅଭିଷେକ, ଅଭିଶାପ ପାଇ ଜୟ ବିଜୟଙ୍କ ହିରଣ୍ୟ ଓ ହିରଣାକ୍ଷ ଭାବେ ଜନ୍ମ, ଦେବସଭା ଆଦି କାର୍ଯ୍ୟକ୍ରମ ଅଭିନିତ ହୋଇଛି। ହିରଣ୍ୟ ଭୂମିକାରେ ହିରାଲାଲ ବଡ଼େଇ ଅଭିନୟ କରୁଥିବାବେଳେ ହିରଣ୍ୟାକ୍ଷ-କରୁଣା ପାତ୍ର, ବିଷ୍ଣୁ-ଅମିତ ପଶାୟତ, ଜୟ-ରିଙ୍କୁ ଅମାତ, ବିଜୟ-ଗୁଣନିଧି କର୍ମୀ ପ୍ରମୁଖ ଅଭିନୟ କରୁଛନ୍ତି। ଏହି ସମସ୍ତ କାର୍ଯ୍ୟକ୍ରମ ସମ୍ବଲପୁରୀ-କୋଶଲି ଭାଷାରେ ଅଭିନୀତ ହେଉଛି ।



ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁ ଫିତା କାଟି ଗୋପପୁର ଯାତ୍ରା ଉଦ୍‌ଘାଟନ କରୁଛନ୍ତି ।




### ଆଜିର ଧନୁଯାତ୍ରା କାର୍ଯ୍ୟକ୍ରମ

ତା:୧୩।୧୨।୧୯ (ସୋମବାର)

.........ମଥୁରାନଗରୀ.........

କଂସଙ୍କ ମନ୍ତ୍ରଣାକ୍ରମେ ପୁତନା, ବକା, ଶକଟା, ତୃଣା, ଧେନୁ, ଷଣ୍ଢାସୁର ଆଦିଙ୍କୁ ଗୋପପୁର ପ୍ରେରଣ, କଂସଙ୍କ ଦ୍ୱାରା ମୁକ୍ତେଶ୍ୱର ବାବାଙ୍କ ରୁଦ୍ରାଭିଷେକ (ସେଲଟ୍ୟାକ୍ସ ଅଫିସ୍) ପରିସର।

.........ଗୋପପୁର.........

ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା, କଂସ ପ୍ରେରିତ ରାକ୍ଷସ ବଧ ଓ ନନ୍ଦୋତ୍ସବ।

## ଦୁର୍ଘଟଣା ନେଲା ୩ ଜୀବନ

**କେନ୍ଦୁଝର/ଢେଙ୍କିକୋଟ, ୧୩।୧ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲାରେ ରବିବାର ପୃଥକ ସ୍ଥାନରେ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପଣ୍ଡାପଡ଼ା ଥାନା ଅନ୍ତର୍ଗତ ଫୁଲଝର ଗ୍ରାମର ସୁଦାନ ନାୟକ ଓ ବାପି ନାୟକ ଏବଂ ଝୁମ୍ପୁରା ଅଞ୍ଚଳର ଅତୁଲ ମହାନ୍ତ। ସୁଦାନ ଓ ବାପି ଏକ ବାଇକ୍ ଯୋଗେ କେନ୍ଦୁଝରରୁ ପୁରୁମୁଣ୍ଡା ନିକଟ ଫୁଲଝର ଗ୍ରାମକୁ ଫେରୁଥିଲେ। ପଣ୍ଡାପଡା ଥାନା ଅନ୍ତର୍ଗତ ବାରବେଡା ଛକ ନିକଟରେ ସନ୍ଧ୍ୟା ୫ଟାରେ ବାଇକ୍ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ କେନାଲ ବନ୍ଧରେ ଧକ୍କା ହୋଇଥିଲା। ୨ ଜଣ ଗୁରୁତର ହୋଇଥିଲେ। ଖବର ପାଇ ଘଟଣାସ୍ଥଳରେ ପଣ୍ଡାପଡ଼ା ପୋଲିସ ପହଞ୍ଚି ସେମାନଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ଝୁମ୍ପୁରା ଥାନା ଅଞ୍ଚଳର ଅତୁଲ ଭୁବନେଶ୍ୱରରୁ ଏକ ପୁରୁଣା ବାଇକ୍ କିଣି ଘରକୁ ଫେରୁଥିଲେ। ହରିଚନ୍ଦନପୁର ଥାନା ଅନ୍ତର୍ଗତ ଶଗଡ଼ପଟା ନିକଟରେ ତାଙ୍କୁ ଅଜଣା ଗାଡି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଅତୁଲଙ୍କ ମୃତ୍ୟୁ ଘଟିଥିଲା। ବାଇକ୍‌ରେ ଅତୁଲଙ୍କ ସହ ବସିଥିବା ଅନ୍ୟ ଜଣେ ଯୁବକ ମଧ୍ୟ ଗୁରୁତର ହୋଇ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।



# ପ୍ରତିଶ୍ରୁତି ରକ୍ଷାକାରୀ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜଣେ ଅତି ଜିଦ୍‌ଖୋର ବ୍ୟକ୍ତି ବୋଲି ବାରମ୍ବାର ପ୍ରମାଣିତ ହେଉଛି। ତାଙ୍କର କଠୋର ମନୋଭାବ ଯୋଗୁ ଆମେରିକାର ବୋମା ବର୍ଷଣ ଘଟିବାରୁ ଇସ୍‌ଲାମିକ ଷ୍ଟେଟ(ଆଇଏସ୍) ଏବେ ଦୁର୍ବଳ ହେବାରେ ଲାଗିଛି। ସେହିଭଳି ତାଙ୍କ ଜିଦି ଯୋଗୁ ଉତ୍ତରକୋରିଆ ନେତା କିମ୍ ଜଙ୍ଗ୍ ଉନ୍ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହେଲେ। କେବଳ ବହିର୍ବ୍ୟାପାର ପ୍ରସଙ୍ଗ ନୁହେଁ, ଆଭ୍ୟନ୍ତରୀଣ କାର୍ଯ୍ୟରେ ମଧ୍ୟ ଟ୍ରମ୍ପଙ୍କ ଏକଜିଦିଆ ନିଷ୍ପତ୍ତି ଆମେରିକୀୟମାନଙ୍କୁ ନୂତନ ପରିସ୍ଥିତିରେ ପକାଉଛି। ଭାରତରେ ରହି ଆମେରିକାର ଭିତିରି ପରିସ୍ଥିତି ସମ୍ପର୍କରେ ମତ ଦେବା କଷ୍ଟକର ହୋଇଥାଏ। ତଥାପି ଟ୍ରମ୍ପଙ୍କ ବିରୋଧରେ ଥିବା ଅଧିକାଂଶ ପାରମ୍ପରିକ ଗଣମାଧ୍ୟମ ଯଥା ନ୍ୟୁୟର୍କ ଟାଇମ୍ସ, ୱାଶିଂଟନ ପୋଷ୍ଟ ଓ ସିଏନ୍‌ଏନ୍ ଇତ୍ୟାଦି ଏବଂ ସପକ୍ଷରେ କେତେକ ନୂତନ ଭାବେ ଗଢ଼ିଉଠିଥିବା ୱେବସାଇଟ୍ ପଢ଼ିଲେ ତାଙ୍କ ଏକମୁହାଁ ଚରିତ୍ର ସ୍ପଷ୍ଟ ଜଣାପଡ଼େ।

୨୦୧୬ ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ସମୟରେ ଟ୍ରମ୍ପ ଅଳ୍ପ କେତେକ ପ୍ରତିଶ୍ରୁତି ଦେଇ ବହୁଳ ମାତ୍ରାର ଭୋଟ ପାଇ ଜିତିଥିଲେ। ଏହି ପ୍ରତିଶ୍ରୁତି ମଧ୍ୟରୁ ଅନ୍ୟତମ ଥିଲା ବିଦେଶୀ ଅନୁପ୍ରବେଶକାରୀଙ୍କୁ ରୋକିବା ଲକ୍ଷ୍ୟରେ ଆମେରିକା–ମେକ୍ସିକୋ ସୀମାନ୍ତରେ ଏକ ପ୍ରାଚୀର ନିର୍ମାଣ କରିବା। ୧୯୫୪ ମାଇଲ୍ସ ଲମ୍ବ ଏହି ପାଚେରି ନିର୍ମାଣ ଲାଗି ୫.୭ ବିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ ହେବ ବୋଲି ଟ୍ରମ୍ପ ପ୍ରଶାସନ ଆକଳନ କରିଛି। କୌତୂହଳର କଥା ହେଲା ନିର୍ବାଚନ ପ୍ରଚାର ସମୟରେ ଏହି ପାଚେରି ତିଆରି କରିବା ପାଇଁ ଯେଉଁ ଅର୍ଥ ଲାଗିବ ତାହା ସମ୍ପୂର୍ଣ୍ଣ ଭାବେ ମେକ୍ସିକୋ ବହନ କରିବାକୁ ବାଧ୍ୟ କରିବେ ବୋଲି ଟ୍ରମ୍ପ କହିଥିଲେ। ଏବେ କିନ୍ତୁ ତାଙ୍କ ମାନସିକତାରେ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ମେକ୍ସିକୋଠାରୁ ଏତେ ପରିମାଣର ଅର୍ଥ ଜୋରଜବରଦସ୍ତ ଆଣିବା କେବେ ହେଲେ ସମ୍ଭବପର ହେବନାହିଁ। ତେଣୁ ଟ୍ରମ୍ପ ଏବେ କହୁଛନ୍ତି ଯେ, ଏହି ଖର୍ଚ୍ଚକୁ ଆମେରିକା ରାଜକୋଷ ବହନ କରୁ। ସେଥିପାଇଁ ନିକଟରେ ସିନେଟ୍‌ରେ ବହୁମତ ପାଇଥିବା ଡେମୋକ୍ରାଟ ଦଳର ସଭ୍ୟମାନଙ୍କର ସହଯୋଗ ଓ ସମର୍ଥନ ଲୋଡ଼ିଲେ ଟ୍ରମ୍ପ। ରିପବ୍ଲିକାନ୍ ଦଳର ରାଷ୍ଟ୍ରପତିଙ୍କୁ ନିଜର ସ୍ୱପ୍ନ ସାକାର କରିବା ପାଇଁ ଡେମୋକ୍ରାଟ ଦଳର ସଭ୍ୟମାନେ ଅମଙ୍ଗ ହେଉଛନ୍ତି। ଏଥିରେ କ୍ରୋଧିତ ହୋଇପଡ଼ିଛନ୍ତି ଟ୍ରମ୍ପ। ନିଜର କ୍ରୋଧ ପ୍ରକାଶ କରିବାକୁ ଯାଇ ରାଷ୍ଟ୍ରପତି ୨୦୧୮ ଡିସେମ୍ବର ୨୨ରୁ ଅଦ୍ୟାବଧି ୨୩ ଦିନ ହେବ ଫେଡେରାଲ ବା କେନ୍ଦ୍ର ସରକାରଙ୍କୁ ଅଚଳ କରିଦେଇଛନ୍ତି। କେତେକ ଅତ୍ୟାବଶ୍ୟକ ସେବାକୁ ବାଦ୍ ଦେଲେ ଆମେରିକାର ଅଧିକାଂଶ କେନ୍ଦ୍ରୀୟ ସେବା ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇପଡ଼ିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆମେରିକା ଇତିହାସରେ ଏତେ ଦୀର୍ଘକାଳ ଶଟ୍‌ଡାଉନ ବା ସରକାରୀ ବନ୍ଦ କେବେ ହେଲେ ହୋଇ ନ ଥିଲା।

ଅନେକ ହଜାର କିଲୋମିଟର ଦୂରରେ ବସି ଟ୍ରମ୍ପଙ୍କୁ ନକାରାତ୍ମକ ସମାଲୋଚନା କରିହେବ। ଅନ୍ୟପଟେ ତାଙ୍କ କାର୍ଯ୍ୟର ସକାରାତ୍ମକ ଦିଗ ମଧ୍ୟ ଭାରତୀୟଙ୍କ ପାଇଁ ଆଶ୍ଚର୍ଯ୍ୟର ବିଷୟ ହେବା କଥା। ଜଣେ ବ୍ୟବସାୟୀ ହଠାତ୍ ରାଜନୀତିରେ ପ୍ରବେଶ କରି ସର୍ବୋଚ୍ଚ ସଫଳତା ଅର୍ଜନ କରିପାରିଲେ । ପୃଥିବୀର ସବୁଠାରୁ ଶକ୍ତିଶାଳୀ ଗଣତାନ୍ତ୍ରିକ ପଦବୀ, ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଗାଦି ହାସଲ କରିପାରିଲେ । କେବଳ ନିଜର ବ୍ୟବସାୟ ଓ ସୁବିଧାସୁଯୋଗକୁ ଆଖିରେ ରଖି ଟ୍ରମ୍ପ କ୍ଷମତାର ମଉଜ ଉଠାଇପାରିଥାଆନ୍ତେ। ତାହା ପରିବର୍ତ୍ତେ ଏବେ ଟ୍ରମ୍ପ ନିଜର ଭାବମୂର୍ତ୍ତିକୁ ବିପଦରେ ପକାଇସାରିଲେଣି। କିନ୍ତୁ ସକାରାତ୍ମକ ଦିଗଟି କୌତୂହଳପୂର୍ଣ୍ଣ ବୋଲି ମନେ ହୋଇପାରେ। ବିଶେଷକରି ଭାରତ ପରିପ୍ରେକ୍ଷୀରେ ଏହିଭଳି ଜିଦ୍‌ଖୋର ରାଜନୈତିକ ନେତା ସାଧାରଣରେ ଦେଖିବାକୁ ମିଳନ୍ତି ନାହିଁ। ଆମ ଚକ୍ଷୁରେ ଜିଦ୍‌ଖୋର ବୋଇଲେ ଭାରତୀୟମାନେ ଏବେକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମୁଦ୍ରୀକରଣ ପଦକ୍ଷେପକୁ ପ୍ରଶଂସା ବା ସମାଲୋଚନା କରିପାରନ୍ତି। ତେବେ ଟ୍ରମ୍ପ ଓ ମୋଦିଙ୍କ ମଧ୍ୟରେ ତଫାତ୍ ଆକାଶପାତାଳ। ମୋଦି ତାଙ୍କ ନିର୍ବାଚନ ପ୍ରଚାରରେ ଯେତେ ପ୍ରତିଶ୍ରୁତି ଦେଇଥିଲେ, ତନ୍ମଧ୍ୟରୁ କୌଣସି ଗୋଟିଏକୁ ବି କାର୍ଯ୍ୟକାରୀ କରାଇବାକୁ ଚେଷ୍ଟା କରିନାହାନ୍ତି। ଅପରପକ୍ଷରେ ବିରୋଧୀ ନେତା ଭାବେ ଜିଏସ୍‌ଟି, ଆଧାର ଭଳି ଅନେକ କାର୍ଯ୍ୟକୁ ବିରୋଧ କରୁଥିବାବେଳେ ପରେ ନିଜ ଆଭିମୁଖ୍ୟକୁ ବଦଳାଇ ସେହିସବୁ ଯୋଜନାକୁ କାର୍ଯ୍ୟକାରୀ କରାଇଥିଲେ। ଟ୍ରମ୍ପଙ୍କ ଚରିତ୍ର ସମ୍ପୂର୍ଣ୍ଣ ଭିନ୍ନ । ଭୁଲ ହେଉ ବା ଠିକ୍ ନିର୍ବାଚନ ପ୍ରଚାରରେ ଆମେରିକା ଓ ମେକ୍ସିକୋ ମଧ୍ୟରେ ପ୍ରାଚୀର ତିଆରି କରିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରାଇବା ପାଇଁ ଟ୍ରମ୍ପ ସବୁ ପ୍ରକାରର ପ୍ରଚେଷ୍ଟା କରିଚାଲିଛନ୍ତି। ମୋଦିଙ୍କ ବିମୁଦ୍ରୀକରଣ ଦେଶକୁ ଦୋହଲାଇଦେଇ କ୍ଷଣକ ପାଇଁ ଉତ୍ତରପ୍ରଦେଶରେ ତାଙ୍କ ଭାଜପାକୁ ସାହାଯ୍ୟ କରିଥାଇପାରେ । କିନ୍ତୁ ନିର୍ବାଚନ ପ୍ରଚାରରେ ଏହା ପ୍ରତିଶ୍ରୁତି ନ ଥିଲା କିମ୍ବା ଜାତୀୟ ଅର୍ଥନୀତି ପାଇଁ ଦୀର୍ଘମିଆଦୀ ମଙ୍ଗଳମୟ ନୁହେଁ ବୋଲି ଏବେ ପ୍ରମାଣିତ ହୋଇଗଲାଣି। ଏହି ପ୍ରଚ୍ଛଦପଟରେ ଦେଖିଲେ, ଆମେରିକା ଓ ମେକ୍ସିକୋ ମଧ୍ୟରେ ପାଚେରି ନିର୍ମାଣ ଦୀର୍ଘମିଆଦୀ ଲାଭ ଆଣିଦେବ ନାହିଁ। ଆଜିର ପୃଥିବୀ ବିଶେଷକରି ଆମେରିକା ଅର୍ଥନୀତିକୁ ଦେଖିଲେ ଏହି ପାଚେରି ନିର୍ମାଣ ଏକ ବୃହତ୍ ବ୍ୟର୍ଥଖର୍ଚ୍ଚ ବୋଲି କୁହାଯାଇପାରିବ। ତଥାପି ଟ୍ରମ୍ପଙ୍କ ନିର୍ବାଚନ ପ୍ରଚାର ସମୟରେ ଅନୁପ୍ରବେଶକାରୀଙ୍କୁ ରୋକିବା ମୁଖ୍ୟ ପ୍ରସଙ୍ଗ ହୋଇଥିଲା । ସେଥିପାଇଁ ପାଚେରି ନିର୍ମାଣ ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ଜିଦିକୁ ପ୍ରଶଂସା କରାଯିବା କଥା । ତାଙ୍କୁ ପ୍ରଶଂସା କଲାବେଳକୁ ଆମେ ଭାରତୀୟମାନେ ଆଶା କରୁଛୁ ଯେ, ଦିନେ ନା ଦିନେ ଆମ ଦେଶରେ ମଧ୍ୟ ପ୍ରତିଶ୍ରୁତି ରକ୍ଷାକାରୀ ରାଜନେତା ଉଭୟ ଜାତୀୟ ଓ ରାଜ୍ୟସ୍ତରରେ ଆବିର୍ଭାବ ହେବେ।

# ସନ୍ତୁଳିତ ଜନସଂଖ୍ୟା ଓ ବିକାଶ



ନାରାୟଣ ପଣ୍ଡା

ଜନବଳ ଗୋଟିଏ ଦେଶର ସମ୍ପତ୍ତି। ପ୍ରାଚୀନ ଭାରତର ରାଜନୀତିବିଜ୍ଞାନୀ ଓ ଦାର୍ଶନିକ ଚାଣକ୍ୟ ଜନବଳକୁ ରାଜ୍ୟର ରାଜନୀତି, ଅର୍ଥନୀତି ଓ ସାମାଜିକ ଶକ୍ତିର ଉତ୍ସ ଭାବୁଥିଲେ। ତାଙ୍କ ସମୟରେ ବିଧବା ବିବାହକୁ ମଧ୍ୟ ପ୍ରୋତ୍ସାହନ ଦିଆଯାଉଥିଲା। ଗ୍ରୀକ୍ ଦାର୍ଶନିକ ପ୍ଲାଟୋ ଓ ଆରିଷ୍ଟଟଲ ନଗରରାଜ୍ୟ ପାଇଁ ବିପୁଳ ଜନସଂଖ୍ୟାର ଆବଶ୍ୟକତା ସ୍ୱୀକାର କରିଛନ୍ତି। କିନ୍ତୁ ଅତ୍ୟଧିକ ଜନସଂଖ୍ୟା ନଗରରାଜ୍ୟର ପୌରଜୀବନକୁ ଦାରିଦ୍ର୍ୟ ମଧ୍ୟକୁ ଠେଲିଦେବା ସହିତ ଆନ୍ଦୋଳନ ଓ ଦେଶଦ୍ରୋହ ସୃଷ୍ଟି କରିବାର ଆଶଙ୍କା ମଧ୍ୟ କରୁଥିଲେ। ଅଗଷ୍ଟସଙ୍କ ସମୟରେ ରୋମ ରାଜ୍ୟରେ ଲୋକଶକ୍ତି ବଢେଇବା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ ହୋଇଥିଲା। ଆଜି ବି ଜାପାନର କେତେକ ରାଜ୍ୟରେ ଅଧିକ ସନ୍ତାନ ସୃଷ୍ଟି କରିବା ପାଇଁ ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି। ସେଠାରେ ବର୍ତ୍ତମାନର ଯୁବପିଢି ବିବାହକରି ସନ୍ତାନ ସୃଷ୍ଟି କରିବା ସପକ୍ଷରେ ନ ଥିବା ଏକ ଅନୁଧ୍ୟାନରୁ ଜଣାପଡିଛି। ଜାପାନର ୟାମାସୁରୀ ରାଜ୍ୟରେ ପ୍ରତ୍ୟେକ ନବଜାତକଙ୍କ ପିତାମାତାଙ୍କୁ ୪୬୦୦ ଆମେରିକୀୟ ଡଲାର ଉପହାର ରାଶି ରୂପେ ଦିଆଯାଉଛି ଏବଂ ୧୦ବର୍ଷ ପର୍ଯ୍ୟନ୍ତ ପ୍ରତିବର୍ଷ ସେମାନଙ୍କ ପାଇଁ ୪୬୦ ଡଲାର ସହାୟତା ରହିଛି। ଜାପାନର ଲୋକସଂଖ୍ୟା ସମ୍ପ୍ରତି ଦ୍ରୁତ ବେଗରେ ହ୍ରାସ ପାଉଛି। ସ୍ପେନରେ ଲୋକସଂଖ୍ୟା ବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇ ଏକ ମନ୍ତ୍ରଣାଳୟ ଖୋଲାଯାଇଛି। ଜନସଂଖ୍ୟାକୁ ନିୟନ୍ତ୍ରିତ କରି ଏକ ସ୍ୱଚ୍ଛଳ ଓ ସୁସ୍ଥ ଲୋକସମାଜ ସୃଷ୍ଟି ପାଇଁ ଅନେକ ଦେଶ ଚାହାନ୍ତି। ଏକ ସୁସଂହତ ଲୋକସଂଖ୍ୟାର ଆକାର ସୃଷ୍ଟିକରି ଦେଶକୁ ବିକାଶମୁଖୀ କରିବାକୁ ଏକଦା ବ୍ରିଟିଶ ଧର୍ମଯାଜକ ଟମାସ ମଲ୍‌ଥୁସ ୧୭୮୯ରେ ଜନସଂଖ୍ୟାର ନୀତି ଶୀର୍ଷକ ଏକ ପ୍ରବନ୍ଧରେ ପ୍ରକାଶ କରିଥିଲେ। ଜ୍ୟାମିତିକ ଗତିରେ ଜନସଂଖ୍ୟା ଦ୍ରୁତବେଗରେ ବଢୁଥିବା ଓ ଦେଶର ଅର୍ଥନୀତି ଏହାର ବିପରୀତ କ୍ରମରେ ବଢୁଥିବା ଲକ୍ଷ୍ୟକରି ସେ ଜନସଂଖ୍ୟାର ନିୟନ୍ତ୍ରଣ ପାଇଁ କେତେକ ବିଧିବ୍ୟବସ୍ଥା ଅନୁସରଣ କରିବାକୁ ପ୍ରସ୍ତାବ ଦେଇଥିଲେ। ଚିକିତ୍ସା ବିଜ୍ଞାନ ପ୍ରୟୋଗରେ ଏହାକୁ ନିୟନ୍ତ୍ରଣ କରାଯାଇ ପାରିଲେ ମଧ୍ୟ ଆତ୍ମସଂଯମକୁ ସେ ପ୍ରମୁଖତା ଦେଉଥିଲେ। ଜନସଂଖ୍ୟାର ଅତ୍ୟଧିକ ବୃଦ୍ଧି ଦ୍ୱାରା ଦେଶରେ ଖାଦ୍ୟାଭାବ, ଅପପୁଷ୍ଟି ସାଙ୍ଗକୁ ସମାଜରେ ଆପରାଧିକ କାର୍ଯ୍ୟ ଓ ବହୁବିଧ ବିଶୃଙ୍ଖଳା ସୃଷ୍ଟି ହେବା ଜନସଂଖ୍ୟାବିତ୍, ଅର୍ଥଶାସ୍ତ୍ରୀ ଓ ପରିବେଶ ବିଜ୍ଞାନୀ ଆଶଙ୍କା କରିଥାନ୍ତି। ବିପୁଳ ଜନସଂଖ୍ୟା ଅରାଜକତା, ବିଭାଜନ ଓ ଅସ୍ଥିରତାକୁ ଉତ୍ସାହିତ କରିଥାଏ। ଆମେରିକାର ଜୀବବିଜ୍ଞାନୀ ଏରଲିକ ୧୯୬୮ରେ ତାଙ୍କ ଲିଖିତ 'ଜନସଂଖ୍ୟା ବୋମା'ରେ ସମାଜରେ ଜନସଂଖ୍ୟାର ଅତ୍ୟଧିକ ବୃଦ୍ଧି କିଭଳି ବିନାଶର କାରଣ ହୁଏ ତହିଁର ଅନେକ ତଥ୍ୟ ଓ ତତ୍ତ୍ୱର ଅବତାରଣା କରିଛନ୍ତି।

ବର୍ତ୍ତମାନ ଆଫ୍ରିକା ଓ ଦକ୍ଷିଣ ଏସିଆ ରାଷ୍ଟ୍ରସମୂହ ପ୍ରବଳ ଜନବୃଦ୍ଧିର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ୟୁରୋପ ଓ ଉଭୟ ଆମେରିକାରେ ଜନସଂଖ୍ୟା ଆନୁପାତିକ ଭାବରେ ହ୍ରାସ ପାଉଥିବା ପରିଲକ୍ଷିତ ହେଉଛି। ବିଶ୍ୱସ୍ତରରେ ମହିଳାଙ୍କ ଉତ୍ପାଦିକା ହାର ୨.୪। ୟୁରୋପ ଓ ଆମେରିକାରେ ଏହା ୨.୧ ଥିବାବେଳେ ୨୦୧୫–୧୬ରେ ଭାରତରେ ଏହା ୨.୨ ଥିଲା।

ବିଭିନ୍ନ ଦେଶ ସେମାନଙ୍କର ଭୂମି, ପ୍ରାକୃତିକ ସମ୍ବଳ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବିଭବକୁ ନେଇ ଲୋକସଂଖ୍ୟାର ରୂପରେଖ ପ୍ରସ୍ତୁତ କରିଥାନ୍ତି। ସମ୍ପୃକ୍ତ ଦେଶରେ ସେହି ଅନୁସାରେ ଆଇନମାନ ପ୍ରଣୀତ ହୁଏ। ବିଭାଜିତ ରୁଷିଆର ଏକ ସ୍ୱଚ୍ଛଳ ରାଷ୍ଟ୍ର ଉଜବେକିସ୍ଥାନକୁ ଦୃଷ୍ଟାନ୍ତ ରୂପେ ନିଆଯାଇପାରେ। ୮୯ ପ୍ରତିଶତ ମୁସଲମାନ ରହୁଥିବା ଏହି ଦେଶରେ ପରିବାର ପିଛା ତିନୋଟି ସନ୍ତାନ ଅନୁମୋଦିତ। ବର୍ତ୍ତମାନ ସେ ଦେଶର ଲୋକସଂଖ୍ୟା ୩ କୋଟି ୨୯ ଲକ୍ଷ। କିନ୍ତୁ ସରକାର ଚାହାନ୍ତି, ଦେଶର ଲୋକସଂଖ୍ୟା ୨ କୋଟି ୮୦ ଲକ୍ଷରେ ସୀମିତ ରହୁ। ସେଠାରେ କଠିନ ପରିବାର ନିୟନ୍ତ୍ରଣ ନୀତି ଅନୁସୃତ ହୁଏ। ବନ୍ଧ୍ୟାକରଣ, ଔଷଧ ବ୍ୟବହାର ସେଠାରେ ଏକ ସାଧାରଣ କଥା। ସେଠାରେ ମହିଳାମାନଙ୍କ ଅଜାଣତରେ ସେମାନଙ୍କ ଜରାୟୁ ଅପସାରଣ କରିଦିଆଯାଏ। ବିବିସି ସାମ୍ବାଦିକା ନାଟାଲିୟା ଆନ୍ତେଲେଭା ଦେଶରେ ସୀମାନ୍ତ ଅଞ୍ଚଳରୁ ଉକ୍ତ ଲୋମହର୍ଷକ ଖବର ପ୍ରସାରଣ କରିବା ପରେ ସମ୍ପୃକ୍ତ ସରକାର ଏହାକୁ ଅସ୍ୱୀକାର କରିଛନ୍ତି। କିନ୍ତୁ ବଳପୂର୍ବକ ବନ୍ଧ୍ୟାକରଣ ଉଜବେକୀ ଲୋକମାନଙ୍କ ପାଇଁ ଏକ ଅଘୋଷିତ ନିର୍ଦ୍ଦେଶନାମା, ଯାହା ଏକଦଳୀୟ ଶାସନରେ ଦେଖାଯାଇଥାଏ।

ବହୁଦଳୀୟ ଗଣତନ୍ତ୍ର ଶାସନ ଭାରତରେ ଏହାର ଚିତ୍ର କିନ୍ତୁ ଭିନ୍ନ। ବହୁଜାତି, ବହୁଧର୍ମ ଓ ବହୁଭାଷାବିଶିଷ୍ଟ ଆମ ଦେଶରେ ବର୍ତ୍ତମାନ ଲୋକସଂଖ୍ୟା ୧୩୨ କୋଟି। ୧୯୯୮ରେ ୧୦୦ କୋଟି ଜନସଂଖ୍ୟାରେ ପହଞ୍ଚିଥିବା ଭାରତ ୨୦୩୦ ବେଳକୁ ୧୫୦ କୋଟିରେ ପହଞ୍ଚିବ। ସ୍ୱାଧୀନତା ପ୍ରାପ୍ତି ସମୟରେ ଭାରତର ୩୬ କୋଟି ଲୋକସଂଖ୍ୟା ମଧ୍ୟରୁ ମୁସଲମାନମାନଙ୍କ ସଂଖ୍ୟା ଥିଲା ୯.୮ ପ୍ରତିଶତ। ବର୍ତ୍ତମାନ ଏମାନଙ୍କ ସଂଖ୍ୟା ୧୪.୨୩ ପ୍ରତିଶତରେ ପହଞ୍ଚିଛି। ୧୯୫୧ ରେ ୮୪.୧ ପ୍ରତିଶତ ଥିବା ହିନ୍ଦୁ ୨୦୧୧ ଜନଗଣନାରେ ୭୯.୮% ରହିଛି। ପରିସଂଖ୍ୟାନ ଅନୁସାରେ ଖ୍ରୀଷ୍ଟଧର୍ମ ଏହି ସମୟ ମଧ୍ୟରେ ପ୍ରାୟତଃ ଅପରିବର୍ତ୍ତିତ ରହୁଥିଲେ ମଧ୍ୟ ଅନ୍ୟ ପ୍ରମୁଖ ଧର୍ମ ଶିଖ, ବୌଦ୍ଧ ଓ ଜୈନ ଜନସଂଖ୍ୟାର ଅଭିବୃଦ୍ଧି ଘଟିଛି। ଇଣ୍ଡୋନେସିଆ ବିଶ୍ୱର ସର୍ବାଧିକ ମୁସଲମାନବହୁଳ ରାଷ୍ଟ୍ର, କିନ୍ତୁ ଭାରତ ବିଶ୍ୱର ସର୍ବାଧିକ ମୁସଲମାନଙ୍କ ବାସସ୍ଥଳୀ। ଆମ ଦେଶ ଏକ ଧର୍ମନିରପେକ୍ଷ ରାଷ୍ଟ୍ର। ଏଠାରେ ବାସ କରୁଥିବା ବିଭିନ୍ନ ଧର୍ମର ଅଧିବାସୀମାନଙ୍କ ସଂଖ୍ୟାରେ ତୁଳନାତ୍ମକ ଅଭିବୃଦ୍ଧି ହାର ସନ୍ତୁଳିତ ରହିବା ଆବଶ୍ୟକ। ଜନସଂଖ୍ୟାର ଅସମାନୁପାତିକ ଅଭିବୃଦ୍ଧି ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ସମ୍ପର୍କକୁ ବେସୁରା କରିଥାଏ। ବର୍ତ୍ତମାନ ଜନସଂଖ୍ୟାର ବୃଦ୍ଧି ରୋକିବା ପାଇଁ ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ନିୟମ ନାହିଁ। କେବଳ ପଞ୍ଚାୟତ ସ୍ତରରେ ନିର୍ବାଚିତ ପ୍ରତିନିଧିଙ୍କ ପାଇଁ ଅଦ୍ୟାବଧି ଦୁଇଟି ସନ୍ତାନ ରହିବା ବାଧ୍ୟତାମୂଳକ କରାଯାଇଛି। ବିଧାନସଭା କିମ୍ବା ସଂସଦ ନିର୍ବାଚନରେ ଏଭଳି କଟକଣା ନାହିଁ। ସରକାରୀ ଚାକିରି କ୍ଷେତ୍ରରେ ଦୁଇ ବା ଏକ ସଂଖ୍ୟା ପରିବାରଙ୍କ ପାଇଁ କେତେକ ବିଶେଷ ସୁବିଧା ରହିଛି। ସାଧାରଣ ନାଗରିକମାନଙ୍କ ପାଇଁ ପରିବାରକୁ ସୀମିତ କରିବା ସକାଶେ କୌଣସି ବାଧ୍ୟତାମୂଳକ ଆଇନର ବ୍ୟବସ୍ଥା ନ ଥିବାରୁ ଦେଶର ଜନସଂଖ୍ୟା ବିପୁଳାୟତନ ହୋଇଚାଲିଛି।

ଚାଇନା ସରକାର ଦୀର୍ଘଦିନ ଧରି ଏକସନ୍ତାନ ନୀତିକୁ ବଳବତ୍ତର କରି ରଖିଥିବା କାରଣରୁ ସେ ଦେଶର ବିକାଶ ଗଗନଚୁମ୍ବୀ ହୋଇପାରିଛି। ୨୦୧୫ଠାରୁ ସେଠାରେ ବ୍ୟବସ୍ଥାର ପରିବର୍ତ୍ତନ କରାଯାଇ ଦୁଇ ସନ୍ତାନ ନୀତି ଅବଶ୍ୟ ଗୃହୀତ ହୋଇଛି। ଚାଇନା ମହିଳାମାନଙ୍କର ଉତ୍ପାଦିକା ଶକ୍ତି ହାରାହାରି ୧.୮। କେବଳ ଜନସଂଖ୍ୟା ନିୟନ୍ତ୍ରଣ ନୀତି ଉପରେ କଠୋର ଅଙ୍କୁଶ ଲଗାଇ ଚାଇନା ଆଜିର ବିଶ୍ୱରେ ଏକ କ୍ଷମତାଶାଳୀ ବିକଶିତ ରାଷ୍ଟ୍ର। ଭାରତ କିନ୍ତୁ ବିଶ୍ୱର ସର୍ବାଧିକ ୨୫ରୁ ୩୫ ବର୍ଷର ଯୁବକଙ୍କ ଶ୍ରମଶକ୍ତିର ଅଧିକାରୀ ହୋଇଥିଲେ ମଧ୍ୟ ଆଜି ବି ଏହାର କୋଟି କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଛନ୍ତି। ଏ ଦେଶର ଲୋକଙ୍କ ହାରାହାରି ବୟସ ଅନ୍ୟ ଦେଶ ଅପେକ୍ଷା ଅଧିକ ତରୁଣ। ଭାରତୀୟଙ୍କ ହାରାହାରି ବୟସ ୨୯, ଚାଇନାରେ ଏହା ୩୭ ଓ ଜାପାନରେ ୪୮। ଏହି ସମସ୍ତ ଯୁବଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ଓ ରୋଜଗାରର ଅଭାବ ସମାଜର ବିକାଶକୁ ସ୍ଥାଣୁ କରିଦେଉଛି। ଏ ସବୁର ମୂଳରେ ପରୋକ୍ଷ ବା ପ୍ରତ୍ୟକ୍ଷରେ ଭୋଟ ରାଜନୀତି ରହିଛି, ଏହା କହିବା ନିଷ୍ପ୍ରୟୋଜନ। ଠିକ୍ ଯୋଜନା ଅଭାବରୁ ପ୍ରତ୍ୟହ ଅର୍ଦ୍ଧଭୁକ୍ କିମ୍ବା ଅଭୁକ୍ତ ରହୁଥିବା ଲୋକଙ୍କ ସଂଖ୍ୟାରେ ବିଶ୍ୱରେ ଭାରତ ସର୍ବୋଚ୍ଚ ସ୍ଥାନରେ ରହିଛି।

ନୂଆବନ୍ଧସାହି, ନବରଙ୍ଗପୁର, ମୋ–୯୪୩୭୧୧୮୯୭୨,
narayanpanda.k@gmail.com

# ଗଣପର୍ବ ମକର

ଡ. ଅସୀମା ସାହୁ

ଭାରତୀୟ ସଂସ୍କୃତିରେ ମକର ପର୍ବକୁ ଗଣପର୍ବ ଭାବେ ପାଳନ କରାଯାଏ। ମାଘମାସରେ ପଡୁଥିବା ହିନ୍ଦୁମାନଙ୍କର ଏହି ପର୍ବ ଦେଶର ଭିନ୍ନ ଭିନ୍ନ ପରମ୍ପରା ଓ ସଂସ୍କୃତିକୁ ନେଇ ପାଳିତ ହୁଏ। ଏହିଦିନ ସୂର୍ଯ୍ୟଦେବ ଉତ୍ତରାୟଣ ଗତି କରନ୍ତି। ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ କଥା ହେଲା, ଏହିଦିନଠାରୁ ଦିନ ଧୀରେ ଧୀରେ ଦୀର୍ଘ ହୁଏ ଓ ଶୀତର ପ୍ରକୋପ ହ୍ରାସ ପାଇଥାଏ।

ପୁରାଣ କହେ, ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ନିଜର ପୁତ୍ର ଶନି (ଯିଏ କି ମକର ରାଶିର ସ୍ୱାମୀ)ଙ୍କ ଘରକୁ ଯାଆନ୍ତି। ତାହା ପିତାପୁତ୍ର ସମ୍ପର୍କର ନିଦର୍ଶନ ହେବା ସହ ବଂଶକୁ ଆଗେଇ ନେବାରେ ପୁତ୍ର ପାଇଁ ପିତାର ସ୍ୱପ୍ନକୁ ମଧ୍ୟ ଇଙ୍ଗିତ କରିଥାଏ। ମଧ୍ୟପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ତଥା ଓଡିଶା ଆଦି ରାଜ୍ୟରେ ମକର ସଂକ୍ରାନ୍ତି ବଡ ଧୁମ୍‌ଧାମରେ ପାଳନ କରାଯାଏ। ଭାରତୀୟମାନେ ଏହି ପୁଣ୍ୟ ଦିବସରେ ବୁଡ ପାଇଁ ଗଙ୍ଗା, ଗୋଦାବରୀ, କୃଷ୍ଣା, କାବେରୀ ଆଦି ସ୍ଥାନମାନଙ୍କୁ ଯାଆନ୍ତି। ସଂସାର ଜଞ୍ଜାଳ ଜାଲରେ ଛନ୍ଦିହୋଇ ଯେଉଁମାନେ ତୀର୍ଥଯାତ୍ରା କରିପାରନ୍ତି ନାହିଁ, ସେମାନେ ନିକଟସ୍ଥ ନଦୀ ବା ପୋଖରୀକୁ ଗଙ୍ଗା ଭାବି ମହାବୁଡ଼ ପକାନ୍ତି।

ଓଡିଶାର ବିଭିନ୍ନ ସ୍ଥାନରେ ମକର ପର୍ବ ବଡ ଆନନ୍ଦ ଉଲ୍ଲାସର ସହ ପାଳିତ ହୁଏ। ବିଶେଷ କରି ମୟୂରଭଞ୍ଜ, କେନ୍ଦୁଝର, କଳାହାଣ୍ଡି, କୋରାପୁଟ ଓ ସୁନ୍ଦରଗଡରେ ଥିବା ମହାନ୍ତ ଓ ଆଦିବାସୀ ସମ୍ପ୍ରଦାୟରେ ଏହି ପୁଣ୍ୟ ଦିବସ ଉତ୍ସାହର ସହ ପାଳନ କରାଯାଇଥାଏ। ପୁରୀ ଜଗନ୍ନାଥ ମନ୍ଦିରରେ ଏହା ଉତ୍ତରାୟଣ ବନ୍ଦାପନା ଭାବେ ପ୍ରସିଦ୍ଧ। ଯୁଗ ଯୁଗରୁ ପ୍ରଚଳିତ 'ମକର ମଣ୍ଡା' ଓ 'ମକର ଚାଉଳ'କୁ ଭୋଗ ଦେଇ ପୂଜାର୍ଚ୍ଚନା କରାଯାଏ। ମକର ମଣ୍ଡା ଉତ୍ତର ଓଡିଶାର ଜାତୀୟ ପର୍ବର ପାରମ୍ପରିକ ନୈବେଦ୍ୟ। ସେହିପରି ଛେନା, କଦଳୀ, ଆଖୁ, ନଡିଆ, ଗୁଡ, ଅରୁଆ ଚାଉଳରେ କ୍ଷୀର ଗୋଳାଯାଇ ମକର ଚାଉଳ ପ୍ରସ୍ତୁତ କରାଯାଇ ଭୋଗ ଲଗାଯାଏ। ଉତ୍ସବ ଦିନ ମକର ସ୍ନାନ ପାଇଁ ମହାନ୍ତ ଓ ଆଦିବାସୀମାନେ ଭୋରରୁ ଉଠି ପାଖରେ ଥିବା ନଦୀ ବା ପୋଖରୀରେ 'ବୁଡ' ଦିଅନ୍ତି। ଭୀଷଣ ଥଣ୍ଡାରୁ ରକ୍ଷା ପାଇବା ପାଇଁ ନଦୀ ବା ପୋଖରୀ ତୁଠଠାରୁ ଗାଁ ପର୍ଯ୍ୟନ୍ତ ଠାକୁ ଠା ମର କୁମା କରନ୍ତି। ଏହି କୁମା ପାଇଁ କିଛିଦିନ ପୂର୍ବରୁ ସେମାନେ ଡାଳକାଟି ରାସ୍ତା ଧାରରେ ପୋତିଦେଇଥାନ୍ତି। ଏହା କ୍ରମେ ଶୁଖିଯାଏ। ଗାଧୋଇ ସାରି ଦଳଦଳ ହୋଇ ଫେରିବା ବେଳେ ସେଇ କୁମାମାନଙ୍କରେ ନିଆଁ ଲଗେଇ ନିଆଁ ପୋଇଁ ପୋଇଁ ଘରେ ପହଞ୍ଚନ୍ତି ଓ ନୂଆ ପୋଷାକ ପିନ୍ଧନ୍ତି। ଯିଏ ଏହି ଦିନ ନୂଆ ପୋଷାକ ପିନ୍ଧି ନ ପାରେ ତାକୁ 'ମକର ଛେଉଣ୍ଡ' କୁହନ୍ତି।

ମକର ପର୍ବ ସାଧାରଣତଃ କେଉଁଠି ତିନି ଦିନ ଓ ଆଉ କେଉଁଠି ସାତଦିନ ଧରି ପାଳନ କରାଯାଇଥାଏ। ସଂକ୍ରାନ୍ତି ପୂର୍ବଦିନକୁ 'ବଉଣ୍ଡି', ସଂକ୍ରାନ୍ତି ଦିନକୁ 'ସଂକ୍ରାନ୍ତି' କୁହାଯାଏ। ବଉଣ୍ଡି ଦିନ ଘରଦ୍ୱାର ଲିପାପୋଛା କରି ମଇଳା ଫୋପଡ଼ା ଯାଉଥିବାରୁ ତାକୁ ପୁଷ ବାଲିଛାଡ୍ କୁହାଯାଏ। ଲୋକେ ମକର ସଂକ୍ରାନ୍ତିଠାରୁ ମାସଟି ଯାକ ବନ୍ଧୁବାନ୍ଧବ, ଅତିଥି ଅଭ୍ୟାଗତ ଚର୍ଚ୍ଚାରେ ସମୟ ଅତିବାହିତ କରୁଥିବାବେଳେ ସଂକୀର୍ତ୍ତନ ଦଳମାନେ ସମବେତ ହୋଇ ମକର ମେଳା ବା 'ମକର ଧାଉଡ଼ି' ପାଳନ କରନ୍ତି। ମକର ପର୍ବ ପାଳନର ପରଦିନଠାରୁ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ସାମୂହିକ ଅସ୍ଥି ବିସର୍ଜନ କାର୍ଯ୍ୟ 'ଦାମଦୋର ମେଳା' ଆରମ୍ଭ ହୁଏ। ଶାଳଗଛକୁ ପୂଜା କରି ଲଣ୍ଡାହୋଇ ସାମୂହିକ ଭାବେ ବୁଡ଼ ପକାଇ ଅସ୍ଥି ବିସର୍ଜନ କଲା ପରେ ପୂର୍ବପୁରୁଷ ଶାନ୍ତି ପାଉଥିବାର ବିଶ୍ୱାସ ରହିଛି।

କିମ୍ବଦନ୍ତୀ ଆଧାରିତ 'ଟୁସୁ'ଦେବୀଙ୍କ ପୂଜାପାଠ ଓ ଟୁସୁମେଳା ମକର ସଂକ୍ରାନ୍ତିର ପ୍ରମୁଖ କାର୍ଯ୍ୟକ୍ରମ ଭାବେ ପରିଚିତ। ଏହା ପଛରେ ଏକ ସୁନ୍ଦର ଲୋକକଥା ଅଛି। ଉତ୍ତରଭାରତର ବୁଲନ୍ଦ ରାଜ୍ୟରେ କୁଡ଼ମୀ ସମ୍ପ୍ରଦାୟର ରାଜା ବୀର୍‌ବଲ୍‌ଙ୍କର ଜଣେ ଖୁବ୍ ସୁନ୍ଦରୀ ଝିଅ ଥିଲେ 'ଟୁସ୍‌ମୁନୀ'। ରାଜା ତାଙ୍କୁ ସ୍ନେହରେ ଟୁସୁ ଡାକୁଥିଲେ। ରାଜକୁମାରୀଙ୍କ ରୂପ ଓ ଗୁଣର ବର୍ଣ୍ଣନା ଶୁଣି ଦିଲ୍ଲୀର ବାଦଶାହ ଆଲାଉଦ୍ଦିନ୍ ଖିଲିଜ ତାଙ୍କୁ ବୋହୂ କରିବା ପାଇଁ ପ୍ରସ୍ତାବ ଦେଲେ। ସେ ଅନ୍ୟ ଧର୍ମର ହୋଇଥିବାରୁ ରାଜା ନିଜ ଝିଅ ଦେବାକୁ ରାଜି ହେଲେନି ଓ ଛୋଟ ନାଗପୁରର ପରେସ୍ନାଥ୍ ପର୍ବତର ଘଞ୍ଚ ଜଙ୍ଗଲରେ ଆତ୍ମଗୋପନ କଲେ। ଏ ଖବର ଶୁଣି କ୍ରୋଧିତ ବାଦଶାହ ଗୁପ୍ତଚର ପଠାଇଲେ। ସେ ଦିନ ମକର ସଂକ୍ରାନ୍ତି ମେଳା କଞ୍ଚନଦୀ କଡ଼ରେ ବସିଥିଲା। ଟୁସୁ ନିଜ ଗୁପ୍ତଚରମାନଙ୍କ ଜାଲରୁ ବଞ୍ଚିବା ପାଇଁ ଓ ନିଜର ସତୀତ୍ୱ ରକ୍ଷା ପାଇଁ ଟୁସୁ ନଦୀକୁ ଡେଇଁ ଆତ୍ମହତ୍ୟା କଲେ। ଏହି ସ୍ମୃତିକୁ ସତେଜ ରଖିବା ପାଇଁ କୁଡ଼ମୀ ଓ ଆଦିବାସୀମାନେ ଟୁସୁଙ୍କୁ ନିଜ ଆରାଧ୍ୟ ଦେବୀ ଭାବେ ପୂଜା କରି ଆସୁଛନ୍ତି। ପବିତ୍ର ମକର ସଂକ୍ରାନ୍ତି ଦିନ ପଲ୍ଲୀ ଗ୍ରାମର ଝିଅବୋହୂମାନେ ଟୁସୁଦେବୀଙ୍କ ମୃଣ୍ମୟ ମୂର୍ତ୍ତିକୁ ଥାଳିରେ ବା ପାଲିଙ୍କିରେ ବସେଇ ପନ୍ଦର କୋଡ଼ିଏ ଜଣ ଦଳବାନ୍ଧି ଘରେ ଘରେ ବୁଲନ୍ତି ଓ ଟୁସୁଗୀତ ଗାନ କରନ୍ତି –

ଟୁସୁର ଛାଇନେ ଲାଉ ଫଲେଛେ,
ଲାଉ ଡୁଲେଛେ ବାଗାଲେ,
ଆଜରେ ବାଗାଲ ଧରା ଯାବି
ଛୋଟ ରାଜର ହାଜରେ ॥
ଯଖନ୍ ବାଗାଲ ଧରାଯାଏ ନା
ତଖନ ହାମାରା ଜଲଘାଟେ
ଘାଟେର ହଲ୍ଲୁ ଘାଟେ ରହିଲ
ହାମରା ଯାଇ ମା ଦରବାରେ ॥

ଶେଷରେ ଟୁସୁ ଦେବୀଙ୍କୁ ପବିତ୍ର ପୋଖରୀରେ ବିସର୍ଜନ କରାଯାଇଥାଏ।

ଏହି ପର୍ବରେ ଗୁଡ଼ି ଉଡ଼ାଇବା ଏକ ମୁଖ୍ୟ ଆକର୍ଷଣ। କଟକରେ ଗୁଡ଼ିଉଡ଼ା ପ୍ରତିଯୋଗିତା ଦେଖିବାକୁ ମିଳେ। ମନ୍ଦିରମାନଙ୍କରେ ପ୍ରବଳ ଭିଡ଼ ପରିଲକ୍ଷିତ ହୁଏ। କୋଣାର୍କ ଓ ପୁରୀ ସମୁଦ୍ରରେ ବୁଡ଼ ପକାଇବା ପାଇଁ ଜନସମାଗମ ହୋଇଥାଏ। କଟକର ଧବଳେଶ୍ୱର ମନ୍ଦିର, ଖୋର୍ଦ୍ଧାର ହଟକେଶ୍ୱର ମନ୍ଦିର, ବାଲେଶ୍ୱରର ମକରମୁନି ମନ୍ଦିରରେ ମଧ୍ୟ ମକର ସଂକ୍ରାନ୍ତିରେ ଧାର୍ମିକ ପୂଜାର୍ଚ୍ଚନା ଚାଲେ।

## ଏଇ ଭାରତରେ

ଇତର ଜୀବଙ୍କଠାରେ ବି ସ୍ନେହ, ମମତା ଏବଂ ବିଶ୍ୱାସ ଭାବ ଦେଖାଦେଇଥାଏ। ସବୁ ଜୀବଙ୍କ ମଧ୍ୟରେ କୁକୁର ହେଉଛି ଅତି ବିଶ୍ୱାସୀ ପ୍ରାଣୀ। ସଭ୍ୟତାର ଆରମ୍ଭରୁ ମଣିଷର ବିଶ୍ୱସ୍ତ ତଥା ଆଦିମ ସାଥୀ ହୋଇ ରହିଆସିଛି କୁକୁର। ବିହାରରେ ଗୋଟିଏ କୁକୁର ମୃତ୍ୟୁରେ ସାରା ଗାଁ ଲୋକେ କାନ୍ଦିବା ସହିତ ରୀତିନୀତିରେ ତାହାର ଅନ୍ତିମ ସଂସ୍କାର କରାଇଛନ୍ତି। ସ୍ଥାନୀୟ ନୱାଦା ଅଞ୍ଚଳର ବାରାପାଣ୍ଡ୍ୟା ଗାଁରେ ଏପରି ଏକ ଘଟଣା ଘଟିଛି। ଗୋଟିଏ କୁକୁର ମୃତ୍ୟୁରେ ସାରା ଗାଁ ଲୋକେ ଦୁଃଖରେ ଭାଙ୍ଗିପଡିବା ସହିତ ମ୍ରିୟମାଣ ହୋଇପଡିଥିଲେ। କାରଣ ଗୋଲୁ ନାମକ ଏହି କୁକୁର ସାରା ରାତି ଗାଁରେ ପହରା ଦେଉଥିଲା। କୁକୁର ଭୟରେ ବିଗତ ୧୫ବର୍ଷ ହେଲା ସେହି ଗାଁରେ ଆଦୌ ଚୋରି ହେଉ ନ ଥିଲା। ଗୋଲୁର ମୃତ୍ୟୁ ପରେ ଗାଁ ଲୋକେ ମଣିଷ ଭଳି ତାହାର ଅନ୍ତିମ ସଂସ୍କାର କରିଛନ୍ତି। ଗୋଲୁର ମୃତଦେହକୁ ଏକ ଶୋଭାଯାତ୍ରାରେ ଗାଁ ସାରା ବୁଲାଇବା ପରେ ଏହାର ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିଲା। ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

### ଚିରନ୍ତନୀ

ଦିଅ ଆଶୀର୍ବାଦ ତା'ରେ ଲଭୁ ସେହି ଅଦ୍ୱିତୀୟ ସତ୍ୟ
ସେ ଯେ ତବ ପୁନର୍ଜନ୍ମ, ସେ ଯେ ତବ ମହା ଭବିଷ୍ୟତ!
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଜାନୁୟାରୀ ୧୯୯୪

- ଆମେରିକା ଓ ରୁଷିଆ ପରସ୍ପର ବିରୋଧରେ ଖଞ୍ଜିଥିବା ବହୁ ଦୂରଗାମୀ କ୍ଷେପଣାସ୍ତ୍ରଗୁଡିକୁ ହଟାଇବା ସହ ପରସ୍ପର ଆଣବିକ ଅସ୍ତ୍ରଶାଳା ଉପରେ ଆକ୍ରମଣ ନ କରିବାକୁ ସହମତି।
- ପରିବେଶର ସୁରକ୍ଷା କ୍ଷେତ୍ରରେ ସୁସମନ୍ୱୟ ରକ୍ଷା ପାଇଁ ଏକ ମିଳିତ ୱାର୍କିଂଗ୍ରୁପ ଗଠନ କରିବା ଲାଗି ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।

## ସାପ୍ତାହିକ ପଞ୍ଜିକା

ଜାନୁୟାରୀ ୬– ବହୁଚର୍ଚ୍ଚିତ ପିପିଲି ଗଣବଳାତ୍କାର ମାମଲାର ରାୟ ପ୍ରକାଶ ପାଇବା ପରେ ବିବାଦୀୟ ମନ୍ତବ୍ୟ ଦେଇ ସମାଲୋଚନାର ଶିକାର ହୋଇଥିବା କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ଶେଷରେ ବାଧ୍ୟ ହୋଇ ନିଜ ମନ୍ତ୍ରିପଦରୁ ଇସ୍ତଫା ଦେଇଛନ୍ତି।

୭– ସାଧାରଣ ବର୍ଗ ଗରିବଙ୍କ ଲାଗି ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ।

୮– ବରିଷ୍ଠ କୂଟନୀତିଜ୍ଞ ବିକ୍ରମ ମିସ୍ରି ଚାଇନାରେ ଭାରତର ରାଷ୍ଟ୍ରଦୂତ ଭାବେ ଦାୟିତ୍ୱ ଗ୍ରହଣ କଲେ।

୯– ସାଧାରଣ ବର୍ଗ ଗରିବଙ୍କ ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ନିମନ୍ତେ ଉଦ୍ଦିଷ୍ଟ ସମ୍ବିଧାନ ସଂଶୋଧନ ବିଲ ରାଜ୍ୟସଭାରେ ଗୃହୀତ।

୧୦– ସିବିଆଇ ନିର୍ଦ୍ଦେଶକ ଭାବେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ପୁନଃ ଅବସ୍ଥାପିତ ହେବାର ଦୁଇଦିନ ପରେ ଆଲୋକ ବର୍ମା ସରକାରଙ୍କ ଉଚ୍ଚକ୍ଷମତାସମ୍ପନ୍ନ କମିଟି ଦ୍ୱାରା ପଦଚ୍ୟୁତ ହୋଇଛନ୍ତି।

୧୧– ଖବରଦାତା ରାମ ଚନ୍ଦର ରହିମ ହତ୍ୟା ମାମଲାରେ ଡେରା ସଚ୍ଚା ସୌଦା ମୁଖ୍ୟ ଗୁର୍‌ମିତ ରାମ ରହିମ ସିଂ ଏବଂ ଅନ୍ୟ ତିନିଜଣଙ୍କୁ ସିବିଆଇ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | | | | | D | | | | | C | 5 | | 3 |
| | | A | | | | 7 | | | 6 | | | 9 | | |
| 4 | 3 | | C | B | | | | | | | 7 | | E | |
| D | | | 3 | | | 0 | | | | | | | | |
| 7 | | 0 | | 1 | | | 4 | | | A | | B | | 2 |
| | | | 8 | 7 | | | | 9 | B | E | 1 | | A | |
| | | | | | | | 1 | | | 9 | | | | |
| | 5 | | | 4 | | A | | | | 6 | | | D | |
| | | C | 9 | | E | | D | | | | | | | |
| 6 | | B | 0 | | | | | | 5 | | | 8 | C | |
| | B | | 5 | | C | | | | | | | | 4 | E |
| | | | 1 | | 7 | E | | 3 | A | | 8 | | | |
| 2 | E | | 4 | | | | A | | D | | | 1 | | |
| 5 | | 6 | | 8 | | | | | 0 | | B | D | | 7 |
| 3 | | | | 2 | A | | | | | | 4 | | 0 | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 5 | 3 | E | 0 | 4 | 1 | 9 | 7 | D | 6 | A | 8 | 2 | C |
| 4 | 8 | A | 9 | B | 3 | C | 6 | 0 | 2 | 1 | E | 5 | 7 | D |
| D | C | 9 | 1 | 2 | 6 | A | B | 3 | 7 | 8 | 5 | 0 | E | 4 |
| 0 | 6 | 2 | C | 8 | 7 | D | 5 | E | B | 9 | 4 | 1 | A | 3 |
| 1 | 7 | E | D | 5 | A | 4 | 8 | 2 | 0 | C | 3 | B | 9 | 6 |
| C | 3 | 4 | A | E | 0 | B | 2 | 1 | 5 | 7 | 8 | 6 | D | 9 |
| 6 | D | 1 | 2 | C | 9 | 5 | A | 8 | E | 0 | B | 4 | 3 | 7 |
| E | A | 8 | 6 | 7 | B | 3 | 0 | D | C | 4 | 9 | 2 | 1 | 5 |
| 7 | 9 | 0 | 5 | 1 | D | 6 | E | 4 | A | 3 | 2 | C | 8 | B |
| 2 | B | 5 | 3 | 4 | 8 | 7 | C | 9 | 6 | D | 1 | E | 0 | A |
| 8 | 2 | C | 4 | D | E | 9 | 3 | A | 1 | B | 6 | 7 | 5 | 0 |
| A | 1 | 7 | 8 | 9 | C | E | D | 6 | 4 | 5 | 0 | 3 | B | 2 |
| 9 | 4 | 6 | 7 | 3 | 5 | 0 | 1 | B | 8 | 2 | D | A | C | E |
| 5 | 0 | D | B | A | 2 | 8 | 4 | C | 3 | E | 7 | 9 | 6 | 1 |
| 3 | E | B | 0 | 6 | 1 | 2 | 7 | 5 | 9 | A | C | D | 4 | 8 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ପାର୍କରେ ଅନିୟମିତତା

ମହାଶୟ,

ଭୁବନେଶ୍ୱର ମ୍ୟୁନିସିପାଲିଟି ୨୨ ଲକ୍ଷ ଟଙ୍କା ଖର୍ଚ୍ଚକରି ଶିଶୁ ଓ ବୟସ୍କମାନଙ୍କ ମନୋରଞ୍ଜନ ପାଇଁ ଗଡ଼ଗୋପୀନାଥ ପ୍ରସାଦ ହାଉସିଂ କଲୋନୀ (ୱାର୍ଡ ନଂ.୧୯)ରେ ଏକ ପାର୍କ ଏକବର୍ଷ ତଳେ ନିର୍ମାଣ କରିଥିଲେ। ମାତ୍ର ସେହି ପାର୍କ ନିୟମିତ ରୂପେ ସକାଳ ଓ ସନ୍ଧ୍ୟା ସମୟରେ ଖୋଲାଯାଉନାହିଁ। ସେଥିପାଇଁ ଶିଶୁ ଓ ବୟସ୍କ ବ୍ୟକ୍ତିମାନେ ସେହି ପାର୍କରେ ଅବସର ସମୟ କାଟି ନିଜର ମନୋରଞ୍ଜନ କରିପାରୁନାହାନ୍ତି। ଠିକ୍ ସମୟରେ ପାର୍କ ଖୋଲାଯାଉ ନ ଥିବାରୁ କେତେକ ଅସାମାଜିକ ଯୁବକ ଜବରଦସ୍ତ ସେହି ପାର୍କର ପାଚେରି ଉପରେ ଚଢି ଭିତରେ ପଶୁଛନ୍ତି ଓ ନାନାପ୍ରକାର ଦୌରାତ୍ମ୍ୟ କରି ସେଠାରେ ଥିବା ମୂର୍ତ୍ତି ଓ ଖେଳିବା ଯନ୍ତ୍ରଗୁଡିକୁ ବିକୃତ କରି ଭାଙ୍ଗୁଛନ୍ତି। ଏଥିପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ଏହାଦ୍ୱାରା ରାଜ୍ୟ ସରକାରଙ୍କର କ୍ଷତି ଘଟୁଛି ଏବଂ ଶିଶୁ ଅଧିକାର କ୍ଷୁଣ୍ଣ ହେଉଛି।

ଅରସଲ୍ ଇମାମ୍, ଜିଜିପି କଲୋନୀ, ରସୁଲଗଡ଼, ଭୁବନେଶ୍ୱର

### ବିଦ୍ୟୁତ୍ ବିଭାଗର ଚାଷୀ ମାରଣ ନୀତି

ଉଠା ଜଳସେଚନ ପଏଣ୍ଟ ପାଇଁ ଦଶ କିଲୋୱାଟ୍ ମୋଟର ସଂଯୋଗ କରିବା ଦିନଠାରୁ ବିଦ୍ୟୁତ୍ ବିଭାଗ ପାଣି ପଞ୍ଚାୟତଠାରୁ ମାସିକ ଦେୟ ବାବଦରେ (ମୋଟର ନ ଚାଲିଲେ ମଧ୍ୟ) ମିନିମମ୍ ଚାର୍ଜ ପ୍ରାୟ ଟ୮୪୦ଙ୍କା ଦେବାକୁ ଡିମାଣ୍ଡ ନୋଟ ପଠାଉଛନ୍ତି। ପାଣିପଞ୍ଚାୟତ ମୋଟର ଚଳାଇ ଯେତିକି ବିଦ୍ୟୁତ୍ ଖର୍ଚ୍ଚ କରୁଛି ତାହାର ମୂଲ୍ୟ ଦେବା ପାଇଁ ରାଜି ଅଛି। କିନ୍ତୁ ମୋଟର ନ ଚଳାଇ ଜବରଦସ୍ତ ପ୍ରତ୍ୟେକ ମାସରେ ଟ୮୪୦ ଦେବ କାହିଁକି? ପ୍ରାୟ ଚାଷୀ ଧାନ ବ୍ୟତୀତ ଅନ୍ୟ ଫସଲ କରୁନାହାନ୍ତି। ଧାନଚାଷ ସମୟରେ ବର୍ଷା ହେଲେ ମୋଟର ଚଳାଇବାର ଆବଶ୍ୟକତା ପଡ଼େ ନାହିଁ। ତେଣୁ ଜିଜିଆ କର ସଦୃଶ ଅଯଥାରେ ଟ୮୪୦ଙ୍କା ମାସିକ ଦେୟ ଲାଗୁ କରିବା ଦୁର୍ଭାଗ୍ୟଜନକ। ସରକାର ବରଂ ଏହି ଦେୟ ନିଜେ ବହନ କଲେ ପାଣି ପଞ୍ଚାୟତଗୁଡିକ ସୁରୁଖୁରୁରେ ଚାଲି ପାରିବ। ଅଯଥାରେ ବିଦ୍ୟୁତ୍ ବିଭାଗର ଦେୟ ବଢି ବଢି ଚାଲିବ ନାହିଁ। ଉଠା ଜଳସେଚନ ପଏଣ୍ଟର ଏହି ଅସୁବିଧାକୁ ଦୂର କରିବା ପାଇଁ ସରକାର ତୁରନ୍ତ ବ୍ୟବସ୍ଥା କରନ୍ତୁ।

ଲକ୍ଷ୍ମଣ ମିଶ୍ର, ଅପର୍ତ୍ତିବିନ୍ଧା, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ଫେବୃୟାରୀରେ ଭାଜପାର ୨ଦିନିଆ ଜନଜାତି ରାଷ୍ଟ୍ରୀୟ ଅଧିବେଶନ

୩ରେ ଭୁବନେଶ୍ୱର ଚାଲ୍ ଅଭିଯାନ, ଯୋଗଦେବେ ଶାହ

ଭୁବନେଶ୍ୱର, ୧୩।୧(ବ୍ୟୁରୋ): ଭାଜପାର ଜନଜାତି ରାଷ୍ଟ୍ରୀୟ ମହାଧିବେଶନ ଆସନ୍ତା ଫେବୃୟାରୀ ୨ ଏବଂ ୩ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଜନଜାତିମାନଙ୍କ ଅଧିକାରକୁ ଛଡାଇ ନେବା, କେନ୍ଦ୍ର ସରକାର ପ୍ରଣୟନ କରିଥିବା ଯୋଜନାକୁ ଠିକ୍ ଭାବେ ଲାଗୁ କରାଇ ନ ଦେବା ଏବଂ ଆଦିବାସୀମାନଙ୍କ ବିଭିନ୍ନ ଜ୍ୱଳନ୍ତ ପ୍ରସଙ୍ଗକୁ ନେଇ ଏହି ଅଧିବେଶନ କରାଯିବ ବୋଲି ମୋର୍ଚ୍ଚାର ରାଜ୍ୟ ସଭାପତି ତଥା ବିଧାୟକ ରବି ନାଏକ ସୂଚନା ଦେଇଛନ୍ତି। ନାୟକ କହିଛନ୍ତି ଯେ, ଏହି ମହାଧିବେଶନକୁ ସଫଳ କରିବା ପାଇଁ ଏକ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଆଦିବାସୀଙ୍କ ଅଧିକାର ପାଇଁ ଆୟୋଜିତ ଏହି ଅଧିବେଶନରେ ୫ ହଜାରରୁ ଉର୍ଦ୍ଧ୍ୱ ପ୍ରତିନିଧି ସାମିଲ ହେବେ। ଏହାସହ ଦେଶର ପ୍ରମୁଖ ଆଦିବାସୀ ନେତା, ମନ୍ତ୍ରୀ, ବିଧାୟକ, ଜିଲାପରିଷଦ ଅଧକ୍ଷମାନେ ମଧ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଫେବୃୟାରୀ ୩ରେ 'ଆଦିବାସୀଙ୍କ ହକ୍ ପାଇଁ ଭୁବନେଶ୍ୱର ଚାଲ' ଅଭିଯାନ ରାଲି ଆୟୋଜିତ ହେବ। ଏହି ରାଲିରେ ଭାଜପା ରାଷ୍ଟ୍ରୀୟ ସଭାପତି ଅମିତ ଶାହଙ୍କ ସମେତ ଲକ୍ଷେରୁ ଉର୍ଦ୍ଧ୍ୱ ଆଦିବାସୀ ଯୋଗଦେଇ ନିଜ ଅଧିକାର ସୁରକ୍ଷା ପାଇଁ ଦାବି କରିବେ। ଏହାସହ ରାଜ୍ୟ ସରକାରଙ୍କ ଜନଜାତି ବିରୋଧୀ ନୀତିକୁ ବିରୋଧ କରିବେ ବୋଲି ନାୟକ କହିଛନ୍ତି।

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଆହତ

ପଡିଆବାହାଲ,୧୩।୧(ଡି.ଏନ.ଏ.) ସମ୍ବଲପୁର ଶାସନ ଥାନା ଅନ୍ତର୍ଗତ ବିଜାଡିହିଠାରେ ଏକ ବାଇକ ଦୁର୍ଘଟଣାରେ ଜଣକର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଆହତ ହୋଇଛନ୍ତି। ଡଙ୍ଗରପଡା ପଞ୍ଚାୟତ ସରଖଣ୍ଡି ଗ୍ରାମର ମନୋଜ ମିର୍ଦ୍ଧା(୨୨)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ଆହତ ଯୁବକ ଜଣକ ହେଲେ ଦେବାନନ୍ଦ ମିର୍ଦ୍ଧା। ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ବିବରଣୀରୁ ପ୍ରକାଶ ଯେ, ସରଖଣ୍ଡି ଗ୍ରାମର ମନୋଜ ଓ ଦେବାନନ୍ଦ ଓଆର୍ ୧୫ ଏସ- ୬୫୯୫ ନମ୍ବରଯୁକ୍ତ ବାଇକ୍‌ରେ ଫେରୁଥିଲେ। ହେଲେ କୁଦୋପାଲି ନିକଟ ବିଜାଡିହି ବୁଲାଣିଠାରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ଜଣକର ମୃତ୍ୟୁ ଘଟିଥିଲା ବେଳେ ଜଣେ ଗୁରୁତର ଆହତ ହୋଇଛି। ଶାସନ ପୋଲିସ ଘଟଣାର ଅନୁସନ୍ଧାନ ଜାରି ରଖିଛି।

# ରାଜ୍ୟବ୍ୟାପୀ ପ୍ରତିବାଦ କରିବ ଭାଜପା

ଭୁବନେଶ୍ୱର, ୧୩।୧(ବ୍ୟୁରୋ)




ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚାର ସଦସ୍ୟାମାନେ।

ବିଜେଡିର ଲମ୍ବା ଓ ନିରଙ୍କୁଶ ଶାସନର ୧୯ବର୍ଷ ପରେ ମଧ ଓଡ଼ିଶାରେ ମହିଳା ଅସୁରକ୍ଷିତ, ଅପମାନିତ ଓ ଉପେକ୍ଷିତ। ପ୍ରତ୍ୟେକ ଦିନ ନାରୀ ନିର୍ଯାତନାର ଖବର ଚର୍ଚ୍ଚାର ବିଷୟ ପାଲଟିଛି। ନିର୍ବାଚନକୁ କମ୍ ସମୟ ଥିବାବେଳେ ମହିଳା ଭୋଟକୁ ହାତେଇବା ପାଇଁ ବିଭିନ୍ନ ଲଲିପପ୍ ଓ ମନଗଢା କାହାଣୀ ମହିଳା ସମାଜର ବରଦାସ୍ତର ବାହାରେ ବୋଲି ଭାଜପା ଅଭିଯୋଗ କରିଛି। ଏଥର ଓଡ଼ିଶା ଶାସକ ଦଳକୁ ଏସବୁ ଘଟଣାର ଜବାବ ମଗାଯିବା ସହ ଏହାକୁ ତୀବ୍ର ବିରୋଧ ଓ ପ୍ରତିବାଦ କରାଯିବ ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପ୍ରଭାତି କହିଛନ୍ତି ଯେ, ପିପିଲି ଗଣବଳାତ୍କାର ଘଟଣାର ଅଭିଯୁକ୍ତମାନେ ପ୍ରମାଣ ଅଭାବରୁ ଖଲାସ ହେବା ଓ ପୀଡିତାଙ୍କୁ ନ୍ୟାୟ ନ ମିଳିବା ପ୍ରସଙ୍ଗରେ ଶାସକ ଦଳର ନେତା ଓ କ୍ରାଇମବ୍ରାଞ୍ଚ ହେଉଛନ୍ତି ମୁଖ୍ୟ ଷଡ଼ଯନ୍ତ୍ରକାରୀ। ୨୦୧୧ ନଭେମ୍ବରରେ ସେହି ଗଣବଳାତ୍କାର ହୋଇଥିଲା। କାହିଁକି ଏବଂ କାହା ନିର୍ଦ୍ଦେଶରେ ରାଜ୍ୟ ପୋଲିସ ପୀଡିତାଙ୍କ ପରିବାରଙ୍କ ଏତଲାକୁ ରଖି ନ ଥିଲା। ୨୦୧୨ ମାର୍ଚ୍ଚ ୯ରେ କ୍ରାଇମବ୍ରାଞ୍ଚ ଏକ ଚାର୍ଜଶିଟ ଦାଖଲକରି ବଳାତ୍କାର ହୋଇନାହିଁ ବୋଲି ଉଲ୍ଲେଖ କରିଥିଲା। ଯଦି ବଳାତ୍କାର ହୋଇ ନ ଥିଲା ତେବେ କାହିଁକି ପୀଡିତାଙ୍କୁ ଚିକିତ୍ସା କରାଯାଉଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। କୁନ୍ଦୁଲି ମାମଲାରେ ମଧ ସରକାର ପୀଡିତାଙ୍କୁ ନ୍ୟାୟ ଦେବା ବଦଳରେ ଦୋଷୀ ସପକ୍ଷରେ କାମ କରୁଥିଲେ। ଚୁଡି ହେଉଛି ମାତୃ ଶକ୍ତିର ପ୍ରତୀକ। ଯଦି ମୁଖ୍ୟମନ୍ତ୍ରୀଙ୍କ ବଳାତ୍କାରୀ ସହଯୋଗୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାହସ ହେଉନାହିଁ। ତେବେ ଓଡ଼ିଶାର ମାତୃଶକ୍ତି ଦ୍ୱାରା ପ୍ରଦତ୍ତ ଚୁଡି ନିଜେ ଥରେ ପିନ୍ଧି ଦେଲେ ତାଙ୍କର ମନରେ ସାହସ ଆସିବ ବୋଲି ଆଶା କରୁଛୁ। ଏହି ପରିପ୍ରେକ୍ଷୀରେ ରାଜ୍ୟ ଭାଜପା ଆହ୍ୱାନରେ ରବିବାରଠାରୁ ଭାଜପା ମହିଳା ମୋର୍ଚ୍ଚା ନେତୃତ୍ୱରେ ସାରା ଓଡ଼ିଶାରେ "ଜବାବ ମାଗୁଛି ଓଡ଼ିଶା – ଜବାବ ମାଗୁଛି ପୀଡିତା"ଅଭିଯାନ ଆରମ୍ଭ ହୋଇଛି। ଏନେଇ ଆସନ୍ତା ଜାନୁୟାରୀ ୧୪ରୁ ୧୮ ପର୍ଯ୍ୟନ୍ତ ପୀଡିତାଙ୍କୁ ଉଚିତ ନ୍ୟାୟ ପାଇଁ ବାଲୁକାଶିଳ୍ପ ଦ୍ୱାରା ପ୍ରଦେଶରେ ପ୍ରମୁଖ ସ୍ଥାନମାନଙ୍କରେ ଜନଜାଗରଣ କାର୍ଯ୍ୟକ୍ରମ କରାଯିବ। ଏହାସହ ୧୫ରେ ରାଜ୍ୟର ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରମୁଖ ସ୍ଥାନ/ମନ୍ଦିରରେ ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ଅଖଣ୍ଡ ଦୀପ ପ୍ରଜ୍ୱଳନ ଏବଂ ପ୍ରାର୍ଥନା ସଭା କରାଯାଇ ସ୍ଥାନୀୟ ମହିଳାମାନଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ୧୬ରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେବାକୁ ଥିବା ଚୁଡ଼ିକୁ ବ୍ୟାପକ ଭାବେ ସଂଗ୍ରହ କରାଯିବ। ୧୭ରେ ମହିଳାଙ୍କ ପ୍ରତି ବଢୁଥିବା ଅତ୍ୟାଚାର ବିରୋଧରେ ବିଧାନସଭାସ୍ତରୀୟ ପ୍ରତିବାଦ ସଭା ଆୟୋଜନ ହେବ। ଏହି ସମ୍ପୂର୍ଣ୍ଣ ଅଭିଯାନ ଦ୍ୱାରା ସଂଗୃହୀତ ହୋଇଥିବା ଚୁଡ଼ିକୁ ପୋଷ୍ଟ ଜରିଆରେ ନବୀନ ନିବାସ ପଠାଯିବ। ସେହିପରି ୧୮ରେ ସ୍ଥାନୀୟ ବିଜେଡି ବିଧାୟକମାନଙ୍କୁ ନାରୀ ନିର୍ଯାତନା ପ୍ରସଙ୍ଗରେ ବିରୋଧ ପ୍ରଦର୍ଶନ କରାଯିବ। ଆସନ୍ତା ୨୧ରେ 'ଜବାବ ମାଗୁଛି ଓଡ଼ିଶା' ଅନ୍ତର୍ଗତ 'ଜବାବ ମାଗୁଛି ପୀଡିତା' ଅଭିଯାନର ରାଜ୍ୟସ୍ତରୀୟ ସମାପନ ହେବ ବୋଲି ପ୍ରଭାତି କହିଛନ୍ତି।

**ନାରୀ ନିର୍ଯାତନା ପ୍ରସଙ୍ଗ**
- ୧୪ରୁ ୧୮ ପର୍ଯ୍ୟନ୍ତ ଜନଜାଗରଣ କାର୍ଯ୍ୟକ୍ରମ
- ୧୫ରେ ପୀଡ଼ିତାଙ୍କ ନ୍ୟାୟ ଦାବିରେ ଅଖଣ୍ଡ ଦୀପ ପ୍ରଜ୍ୱଳନ
- ୧୭ରେ ବିଧାନସଭାସ୍ତରୀୟ ପ୍ରତିବାଦ
- ୧୮ରେ ଶାସକ ଦଳ ବିଧାୟକଙ୍କୁ ବିରୋଧ

ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଉତ୍କଳ ଆଗମନୀ ସ୍ମୃତି ମହୋତ୍ସବ

# ସଦ୍‌ଗୁରୁ ବିନା ଜୀବନ ଅଧୁରା

ପୁରୀ ଅଫିସ,୧୩।୧

ସଦ୍‌ଗୁରୁଙ୍କ ସହ ଯିଏ ଯୁକ୍ତ ହୋଇ ତାଙ୍କ ରାସ୍ତାରେ ଚାଲିଛି ସେ କେବେ ଥକିପଡ଼ିବେ ନାହିଁ। ଭଲ, ମନ୍ଦର ଉଚିତ ବିଚାର କରି ସେମାନେ ଆଗକୁ ଆଗକୁ ମାଡ଼ି ଚାଲିବେ। ଆମକୁ ଯେମିତି ହେଲେ ସଦ୍‌ଗୁରୁ ଗ୍ରହଣ କରିବାକୁ ପଡିବ। ସଦ୍‌ଗୁରୁ ପ୍ରାପ୍ତି ନ ହେଲେ ଜୀବନ ଅଧୁରା ରହିଯିବ। ଏ ଯୁଗରେ ଶ୍ରୀଶ୍ରୀ ଠାକୁର ହେଉଛନ୍ତି ଯୁଗ ପୁରୁଷୋତ୍ତମ। ସେ ହେଉଛନ୍ତି ଗୁରୁ ଓ ଆଚାର୍ଯ୍ୟ। ସର୍ବଶ୍ରେଷ୍ଠ ଅବତାର। ତାଙ୍କ ନୀତି, ଆଦର୍ଶକୁ ଅନୁସରଣ କରି ଚାଲିଲେ ମାନବ ସମାଜ ଶୃଙ୍ଖଳିତ ହୋଇପାରିବ। ଭକ୍ତିରୁ ସମସ୍ତ ଶକ୍ତିର ଆଧାର ମିଳିଥାଏ। ଆଉ ସେହି ଶକ୍ତି ହିଁ ମଣିଷକୁ ଯାହା କିଛି କରିବାକୁ ସାମର୍ଥ୍ୟ ଦିଏ। ସତ୍‌ସଙ୍ଗରୁ ହିଁ ଭକ୍ତିଭାବ ଜାଗ୍ରତ ହୁଏ। ଆଗକୁ ସତ୍‌ସଙ୍ଗର ବିପ୍ଳବ ଆସୁଛି। ଏଥିରେ ସମସ୍ତଙ୍କୁ ସାମିଲ ହେବାକୁ ପଡିବ ବୋଲି ରବିବାର ତାଳବଣିଆଠାରେ ଆୟୋଜିତ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପୁଣ୍ୟ ୯୭ତମ ଉତ୍କଳ (ପୁରୀ) ଆଗମନୀ ସ୍ମୃତି ମହୋତ୍ସବରେ ମତପ୍ରକାଶ ପାଇଛି।

ବ୍ରାହ୍ମ ମୁହୂର୍ତ୍ତରେ ପବିତ୍ର ଉତ୍କଳ ଆଗମନୀ ଉତ୍ସବ ଆରମ୍ଭ ହୋଇଥିଲା। ଶ୍ରୀଶ୍ରୀ ଠାକୁର, ଶ୍ରୀଶ୍ରୀ ବଡ଼ମା ଓ ଶ୍ରୀଶ୍ରୀ ବଡ଼ଦାଙ୍କ ବିଗ୍ରହ ସ୍ଥାପିତ ସୁଶୋଭିତ ରଥକୁ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଉତ୍ସବସ୍ଥଳକୁ ନିଆଯାଇଥିଲା। ସେଠାରେ ସତ୍‌ସଙ୍ଗର ସହ ସମ୍ପାଦକ ଡା. ବିନାୟକ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ସମାବେଶରେ ଆବିର୍ଭାବ ଓ ୨୦୧୯ ଦିନପାଞ୍ଜି ମଞ୍ଜୁଷା ଉନ୍ମୋଚନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାସ ଯୋଗଦେଇଥିଲେ। ସ୍ମୃତି ଉତ୍ସବ କମିଟି ସଭାପତି ଡ. ନୃସିଂହ ପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ସଭା ସଦସ୍ୟ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଦିଲ୍ଲୀ ସତ୍‌ସଙ୍ଗ ବିହାର ସଚିବ ଯତୀନ୍ଦ୍ରନାଥ ମହାନ୍ତି ଓ ମାଡ୍ରାସ ସତ୍‌ସଙ୍ଗ ବିହାରର ପ୍ରତାପ ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ।



ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଉତ୍କଳ ଆଗମନୀ ସ୍ମୃତି ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

# ରାଜ୍ୟସରକାରଙ୍କ ବିରୋଧରେ ବର୍ଷିଲେ ଧର୍ମେନ୍ଦ୍ର

ଜଳେଶ୍ୱର, ୧୩।୧
(ଡି.ଏନ.ଏ.)



ଜଳେଶ୍ୱରଠାରେ ଅନୁଷ୍ଠିତ ସାଧାରଣ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

**ସବୁ ଥାଇ ବି ଅବହେଳିତ**

୧୯ବର୍ଷ ଶାସନକାଳ ମଧ୍ୟରେ ରାଜ୍ୟ ସରକାର ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାରେ ବିଫଳ ହୋଇଛନ୍ତି। ଦିନକୁ ଦିନ ରାଜ୍ୟରେ ଦୁର୍ନୀତି ବଢ଼ିବାରେ ଲାଗିଛି। ଅସାଧୁ ୨/୫ ଜଣ କର୍ମଚାରୀ ଏବେ ଶାସକ ଦଳର ହାତବାରିସି ସାଜିଛନ୍ତି। ଧାନମଣ୍ଡିରେ କଟନୀ, ଛଟନୀ ନାଁରେ ଚାଷୀଙ୍କୁ ଶୋଷଣ କରାଯାଇ ନିର୍ବାଚନ ପାଇଁ ଶାସକ ଦଳ ପକ୍ଷରୁ ପାଣ୍ଠି ସଂଗ୍ରହ କରାଯାଉଛି। ସୁବର୍ଣ୍ଣରେଖା ନଦୀକୂଳରେ ଅବସ୍ଥିତ ଜଳେଶ୍ୱର ବ୍ଲକର ବିଭିନ୍ନ ଅଞ୍ଚଳକୁ ମେଗା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଅଦ୍ୟାବଧି ପାଣି ଚାଷ ଜମିକୁ ଯୋଗାଇ ଦିଆଯାଇପାରି ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଜଳେଶ୍ୱର ଗସ୍ତ ଅବସରରେ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଛନ୍ତି। ଏହି ଅଞ୍ଚଳରେ ସବୁ ସୁବିଧା ଥାଇ ମଧ ଲୋକେ ଅବହେଳିତ ହୋଇରହିଛନ୍ତି। ଏଭଳି ମୂକ, ବଧିର, ସମ୍ବେଦନହୀନ ସରକାରଙ୍କୁ ଜବାବ ମାଗିବା ପାଇଁ ମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ ପ୍ରଧାନ ସୁଗୋ ପଞ୍ଚାୟତ ଧାନସିମୁଳିଆସ୍ଥିତ ହେଲିପ୍ୟାଡରେ ହେଲିକପ୍ଟରରେ ଅବତରଣ କରିବା ପରେ ତାଙ୍କୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ରୋଡ ଶୋ' କରାଯାଇଥିଲା। ମନ୍ତ୍ରୀ ପ୍ରଧାନ ଶାନ୍ତିଆ ଗ୍ରାମର ଘରକୁ ଘର ଯାଇ ଲୋକଙ୍କୁ ଭେଟି ସୁଖ ଦୁଃଖ ବୁଝିଥିଲେ। ଏହା ପରେ ଜଳେଶ୍ୱର ସହର ଶାନ୍ତିଆ ଷ୍ଟାଡିୟମ ପରିସରରେ ଆୟୋଜିତ 'ଜବାବ୍ ମାଗୁଛି ଓଡ଼ିଶା' ସଭାରେ ସେ ଯୋଗଦେଇ ନବୀନ ସରକାରଙ୍କ ବିରୋଧରେ ବହୁ ଅଭିଯୋଗ ଆଣିବା ସହିତ ବିଭିନ୍ନ ପ୍ରଶ୍ନର ଜବାବ୍ ମାଗିଥିଲେ। ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଜନସଭାରେ ଭାଜପା ଜିଲା ସଭାପତି ମଦନମୋହନ ଦତ୍ତ ସଭାପତିତ୍ୱ କରିଥିଲେ। ଭାଜପାର ବରିଷ୍ଠନେତା ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ସମ୍ପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର, ଶୋଭନା ମହାନ୍ତି, ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ସୁଶାନ୍ତ ପଟ୍ଟନାୟକ, ଜିଲା କୃଷକ ମୋର୍ଚ୍ଚା ସଭାପତି ମହେନ୍ଦ୍ରନାଥ ଦାସ, ଶୁଭଙ୍କର ମହାପାତ୍ର ପ୍ରମୁଖ ମଞ୍ଚାସୀନ ରହି ବିଜେଡି ସରକାରଙ୍କ ବିରୋଧରେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ କଂଗ୍ରେସ ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଭିଜିତ ପ୍ରଧାନ ଏବଂ ଅନ୍ୟ ଦଳର ଶତାଧିକ କର୍ମୀ ଭାଜପାରେ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଯୁବମୋର୍ଚ୍ଚାର ମାନସ ପାଠୀ, ଦିବ୍ୟକାନ୍ତ ମହାନ୍ତି, ସୁବ୍ରତ ଘୋଷ, ଦେବବ୍ରତ ପାଣିଗ୍ରାହୀ, ସିଦ୍ଧାର୍ଥ ଶଙ୍କର ପାଳ, ତପନ ବିଶ୍ୱାଳ, ପ୍ରାଣକୃଷ୍ଣ ଦେ ଓ ଅନ୍ୟ କର୍ମକର୍ତ୍ତା ପରିଚାଳନା କରିଥିଲେ।

**ଅଷ୍ଟମଶ୍ରେଣୀ ଝିଅ ମା' ହେବା ଘଟଣା**

# ଏସ୍‌ସି, ଏସ୍‌ଟି ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ

ଭୁବନେଶ୍ୱର, ୧୩।୧(ବ୍ୟୁରୋ)

ଅଷ୍ଟମ ଶ୍ରେଣୀ ଝିଅ ମା' ହେବା ଘଟଣାକୁ ନେଇ ଶାସକ ଦଳ ଉପରେ କଂଗ୍ରେସ ବର୍ଷିଛି। ଏହାସହ ଘଟଣାକୁ ନେଇ କଂଗ୍ରେସ ରାଜ୍ୟ ଏସ୍‌ସି, ଏସ୍‌ଟି ମନ୍ତ୍ରୀ ରମେଶ ମାଝୀଙ୍କ ଇସ୍ତଫା ଦାବି କରିଛି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରଦେଶ ମହିଳା କଂଗ୍ରେସ ସଭାପତି ସୁମିତ୍ରା ଜେନା କହିଛନ୍ତି ଯେ, ଦାରିଙ୍ଗବାଡ଼ିରେ ଏକ କନ୍ୟାଶ୍ରମ ସ୍କୁଲରେ ଅଷ୍ଟମ ଶ୍ରେଣୀର ଛାତ୍ରୀକୁ ଦୀର୍ଘଦିନ ଧରି ସେଠାରେ ଯୌନ ଉତ୍ପୀଡ଼ନ ଦିଆଯାଉଥିଲା। ଫଳସ୍ୱରୂପ ଛାତ୍ରୀ ଜଣକ ଗର୍ଭବତୀ ଥିଲେ ଏବଂ ଶନିବାର କନ୍ୟାଶ୍ରମରେ ଏକ ଶିଶୁ ଜନ୍ମ ଦେଇଛନ୍ତି। ଏ ଘଟଣାର ସେବାଶ୍ରମର ପରିଚାଳକ ଶିକ୍ଷୟିତ୍ରୀ,ଶିକ୍ଷକ କିଭଳି ଜାଣିଶୁଣି ୮ମାସ କାଳ ଚୁପ୍ ରହିଥିଲେ ଏବଂ ଦୋଷୀକୁ ଦଣ୍ଡଦେବା ପରିବର୍ତ୍ତେ ଘୋଡ଼ାଇ ରଖିଥିଲେ। ସରକାରଙ୍କ ନିୟମ ଅନୁଯାୟୀ ସରକାରୀ ଡାକ୍ତର କନ୍ୟାଶ୍ରମଗୁଡ଼ିକୁ ବିଭିନ୍ନ ସମୟରେ ଯାଇ ସେଠାରେ ରହୁଥିବା ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥାର ନିରୀକ୍ଷଣ କରିବା କଥା। ଯଦି ଡାକ୍ତର ସେ ବିଦ୍ୟାଳୟକୁ ଯାଇଥିଲେ ତେବେ ସେହି ଛାତ୍ରୀଜଣଙ୍କୁ ଡାକ୍ତରଜଣକ ପରୀକ୍ଷା, ନିରୀକ୍ଷା କରିଥିଲେ ବୋଲି ସୁମିତ୍ରା ଅଭିଯୋଗ କରିଛନ୍ତି। ଛାତ୍ରୀ ଜଣକ କନ୍ୟାଶ୍ରମରେ ପାଠ ପଢୁଥିଲାବେଳେ କିଭଳି ଗର୍ଭଧାରଣ କଲେ ଏହାର ତଥ୍ୟ ତାଙ୍କ ପାଖରେ ଥିଲା ନା ନାହିଁ ସେ ନେଇ ଜିଲାପାଳଙ୍କୁ ଓ ସିଡିଏମ୍‌ଙ୍କୁ ଜଣାଇଥିଲେ। ଏସବୁ ତଥ୍ୟକୁ କିଭଳି ଏତେଦିନ ପର୍ଯ୍ୟନ୍ତ କାହା ପ୍ରରୋଚନାରେ ଲୁଚାଇ ରଖି ଝିଅଟିକୁ ବିପଦ ମୁହଁକୁ ଠେଲିଦିଆଯାଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେଡି ସରକାର ସମୟରେ ଆଦିବାସୀ, ହରିଜନ ଏବଂ ବିଭିନ୍ନ ବର୍ଗର ମହିଳାମାନଙ୍କ ପ୍ରତି ଅତ୍ୟାଚାର ବଢ଼ିଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୀରବରେ ବସିରହିବା ଦୁର୍ଭାଗ୍ୟଜନକ।

# ୨୪ରେ ଶଙ୍ଖ ଧରିପାରନ୍ତି ନବ

ଝାରସୁଗୁଡ଼ା ଅଫିସ,୧୩।୧

ସବୁ କଳ୍ପନାଜଳ୍ପନା ଓ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପାକାଇଛନ୍ତି ଝାରସୁଗୁଡ଼ା ବିଧାୟକ ନବ କିଶୋର ଦାସ। ରବିବାର ସନ୍ଧ୍ୟାରେ ସେ ଗଣମାଧ୍ୟମ ଆଗରେ ଦୁଇଟି କଥା ସ୍ପଷ୍ଟ କରିଛନ୍ତି। ଗୋଟିଏ ହେଲା ତାଙ୍କର ବିଜେଡିରେ ଯୋଗଦାନ ଏବଂ ଅନ୍ୟଟି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମରେ ଅନୁପସ୍ଥିତି। ୨୦୧୯ ନିର୍ବାଚନ କଂଗ୍ରେସ ନୁହେଁ ବିଜେଡିରୁ ଲଢ଼ିବାକୁ ତାଙ୍କ ସମର୍ଥକ ଚାହୁଁଛନ୍ତି। ତେଣୁ ଲୋକଙ୍କ ଇଚ୍ଛା ଓ ଅନୁରୋଧକୁ ମୁଁ ବିଜେଡି ସୁପ୍ରିମୋଙ୍କ ସମ୍ମୁଖରେ ପ୍ରକାଶ କରିବି। ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଝାରସୁଗୁଡ଼ା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଲୋକଙ୍କ ଅନୁରୋଧ ବିଷୟରେ ଅବଗତ କରାଇବି ବୋଲି କହି ବିଧାୟକ ଦାସ ପରୋକ୍ଷରେ ଶଙ୍ଖ ଧରିବା କଥାକୁ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଜାନୁୟାରୀ ୨୫ ତାରିଖରେ ଏଆଇସିସି ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମରେ ସେ ଏବଂ ତାଙ୍କ ସମର୍ଥକ ଯୋଗଦେବେ ନାହିଁ ବୋଲି ମଧ ଦାସ ସ୍ପଷ୍ଟ କହିଛନ୍ତି। ୨୦୧୯ ନିର୍ବାଚନ ବିଜେଡିରୁ ଲଢ଼ିବା ପାଇଁ ମୋ ସମର୍ଥକ ଅନୁରୋଧ କରିଥିବାରୁ ମୁଁ ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିବି। ରବିବାର ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ସମାସିଂହାଠାରେ ଲକ୍ଷେଘର ଗଣ୍ଡା ସମାଜ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ବିଧାୟକ ଦାସ। ସେଠାରେ ଉପସ୍ଥିତ ବିଧାୟକଙ୍କ ସମର୍ଥକ ତାଙ୍କୁ ବିଜେଡିରୁ ଲଢ଼ିବା ପାଇଁ ଅନୁରୋଧ କରିଥିଲେ। ତେଣୁ ଲୋକଙ୍କ ଅନୁରୋଧକୁ ମୁଁ ସର୍ବଦା ସମ୍ମାନ ଦେଇ ଆସିଛି। ଝାରସୁଗୁଡ଼ାବାସୀ ଯାହା ଚାହୁଁଛନ୍ତି ମୁଁ ତାହା ହିଁ କରିବି ବୋଲି ଦାସ କହିଛନ୍ତି।

**କଂଗ୍ରେସକୁ ଝଟ୍‌କା**
- ରାହୁଲଙ୍କ କାର୍ଯ୍ୟକ୍ରମରେ ଯୋଗ ଦେବେନି ଝାରସୁଗୁଡ଼ା ବିଧାୟକ



ନବ ଦାସ।

ହେଲିପ୍ୟାଡ୍ ପାଇଁ ଗଛକଟା ପ୍ରସଙ୍ଗ

# ତଥ୍ୟ, କଥ୍ୟ ମେଳ ଖାଉନାହିଁ

ବଲାଙ୍ଗୀର ଅଫିସ,୧୩।୧

ଆସନ୍ତା ୧୫ ତାରିଖରେ ପ୍ରଧାନମନ୍ତ୍ରୀ ବଲାଙ୍ଗୀର ଗସ୍ତରେ ଆସି ରେଳ ଷ୍ଟେଶନଠାରେ ଆୟୋଜିତ ସଭାରେ ଯୋଗଦେଇ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ବଲାଙ୍ଗୀର ରେଳ ଷ୍ଟେଶନର ୫ ନମ୍ବର ପ୍ଲାଟ୍‌ଫର୍ମ ନିକଟରେ ସଭାମଞ୍ଚ ଓ ୩ଟି ହେଲିପ୍ୟାଡ ନିର୍ମାଣ କରାଯାଇଛି। ଏହି ହେଲିପ୍ୟାଡ ନିର୍ମାଣ କରାଯାଇଥିବା ସ୍ଥାନରେ ଶତାଧିକ ଗଛ ଥିଲା ଓ ଏହାକୁ କଟାଯାଇ ନିର୍ମାଣ କରାଯାଇଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଏହି ପ୍ରସଙ୍ଗ ଅଧିକ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ବନ ବିଭାଗର ବିନା ଅନୁମତିରେ ଉକ୍ତ ସ୍ଥାନରୁ ଗଛକଟା ଯାଇ ହେଲିପ୍ୟାଡ ନିର୍ମାଣ କରାଯାଇଥିବା ଚର୍ଚ୍ଚା ହେବାରୁ ବଲାଙ୍ଗୀର ବନଖଣ୍ଡ ଅଧିକାର ସମୀର ଶତପଥୀ ରବିବାର ଘଟଣାସ୍ଥଳ ପରିଦର୍ଶନ କରି ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଡିଏଫ୍‌ଓ ଶତପଥୀଙ୍କ କହିବା ମୁତାବକ, ୨୦୧୬ ଜୁଲାଇ ମାସରେ ସହରୀ ବନୀକରଣ ଯୋଜନାରେ ବଲାଙ୍ଗୀର ରେଳଷ୍ଟେଶନ୍ ଜମିରେ ରେଳବିଭାଗ ସହମତିରେ ବନ ବିଭାଗ ପକ୍ଷରୁ ପ୍ରାୟ ୨ ହେକ୍ଟର ଜମିରେ ୩୫୦୦ ଚାରାରୋପଣ କରାଯାଇଥିଲା। ସେଥିରୁ ହେଲିପ୍ୟାଡ ନିର୍ମାଣ ପାଇଁ ପ୍ରାୟ ୧ ହଜାରରୁ ୧୨ ଶହ ଗଛ କଟା ଯାଇଥିବା ସେ ସୂଚନା ଦେଇଛନ୍ତି। କିଭଳି ପରିସ୍ଥିତିରେ ଗଛ କଟାଗଲା ସେନେଇ ରେଳ ବିଭାଗକୁ ସେ ନୋଟିସ୍ ଦେବେ ଓ କ୍ଷତିପୂରଣ ଦାବି କରିବେ ବୋଲି କହିଛନ୍ତି। ରେଳ ବିଭାଗ ପକ୍ଷରୁ ପିଆରଓ ଜ୍ୟୋତି ପ୍ରକାଶ ମିଶ୍ରଙ୍କୁ ଏ ନେଇ ପ୍ରଶ୍ନ କରାଯିବାରୁ ହେଲିପ୍ୟାଡ ନିର୍ମାଣ ପୂର୍ତ୍ତ ବିଭାଗ କରିଛି ବୋଲି ସୂଚନା ଦେଇ ଗଛକଟା ସମ୍ପର୍କରେ ପରେ ସୂଚନା ଦିଆଯିବ ବୋଲି କହିଥିଲେ। ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ମହାନନ୍ଦଙ୍କ କହିବା ମୁତାବକ, ହେଲିପ୍ୟାଡ୍ ଡିଜାଇନ୍ ଓ ସାର୍ଟିଫିକେଟ୍ ସେମାନେ କରିଛନ୍ତି। ଯେଉଁ ସ୍ଥାନରେ ହେଲିପ୍ୟାଡ ନିର୍ମାଣ କରାଯାଇଛି ସେଠାରେ ଅମରିବୁଦା ଥିଲା। ସେଠାରେ ଥିବା ୨/୩ଟି ବମ୍ବୁର ଗଛକୁ କଟାଯାଇଥିବା ସେ ସୂଚନା ଦେଇଛନ୍ତି। ବନ, ରେଳ ଓ ପୂର୍ତ୍ତ ବିଭାଗର ତଥ୍ୟ ଓ କଥା ଆଦୌ ମେଳ ଖାଉନାହିଁ। ଏ ନେଇ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ପଚରାଯିବାରୁ ଏ ସମ୍ପର୍କରେ ତଦନ୍ତ କରାଯିବ ବୋଲି କହିଛନ୍ତି। ବନ ବିଭାଗ ପକ୍ଷରୁ ସହରୀ ବନୀକରଣରେ ସେଠାରେ ହଜାର ହଜାର ଗଛ ଲଗାଯାଇଥିବା କୁହାଯାଉଥିଲେ ମଧ ବାସ୍ତବରେ କେତେ ଗଛ ବଞ୍ଚି ରହିଥିଲା ସେ ନେଇ ସ୍ପଷ୍ଟ ଉତ୍ତର କେହି ଦେଇନାହାନ୍ତି।

- ଡିଏଫ୍‌ଓ କହିଲେ ୧୨ ଶହ ଗଛ କଟା ହୋଇଛି
- ରେଳ, ପୂର୍ତ୍ତ ବିଭାଗର ଅସ୍ୱୀକାର
- ଜିଲାପାଳ କହିଲେ ତଦନ୍ତ ହେବ

# ଚିକିତ୍ସାରେ ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ ଅଭିଯୋଗ

ସମ୍ବଲପୁର,୧୩।୧(ବ୍ୟୁରୋ)

ବଲାଙ୍ଗୀର ଜିଲା ଟିଟିଲାଗଡ ମେଡିକାଲରେ ଚିକିତ୍ସାରେ ଅବହେଳାରୁ ଜଣେ ଗର୍ଭବତୀଙ୍କ ମୃତ୍ୟୁ ଘଟିଛି। ମାସକ ତଳେ ଘଟିଥିବା ଏହି ଘଟଣା ଏବେ ପଦାକୁ ଆସିଛି। ମୃତ ମହିଳା ଜଣକ ହେଲେ ଟିଟିଲାଗଡ ଥାନା ଅଧୀନ ଫଲସାଗୁଡା ଗ୍ରାମର ସୁଶାନ୍ତ ବେହେରାଙ୍କ ସ୍ତ୍ରୀ ଜିନା ବେହେରା। ଜିନାଙ୍କ ବାପ ଘର ବରଗଡ ସୋହେଲା ବାଞ୍ଜିପଡାରେ। ଜିନାଙ୍କ ଭଉଣୀ ସମ୍ବଲପୁର ଜିଲା ସିନ୍ଦୂରପଙ୍କ ଗ୍ରାମର ଜୁଲି ବେହେରା ଏବେ ଏହି ଘଟଣାକୁ ଲୋକ ଲୋଚନକୁ ଆଣିଛନ୍ତି। ନିଜ ଭଉଣୀର ମୃତ୍ୟୁ ପାଇଁ ସେ ଡାକ୍ତରଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଟିଟିଲାଗଡ ଥାନା ଓ ବଲାଙ୍ଗୀର ଜିଲା ପ୍ରଶାସନର ବିଭିନ୍ନ ଅଫିସରଙ୍କ ପାଖକୁକୁ ସେ ମାସେ ହେଲା ନ୍ୟାୟ ପାଇଁ ଧାଉଁଛନ୍ତି। ଏପଟେ ଡାକ୍ତରଙ୍କ ପ୍ରତି ଅନୁକମ୍ପା ଦେଖାଇ ପୋଲିସ ଅଭିଯୋଗ ରଖୁନି। ଶେଷରେ ଧରିତ୍ରୀର ଟିଟିଲାଗଡ଼ ପ୍ରତିନିଧି ଶରତ ମିଶ୍ରଙ୍କ ହସ୍ତକ୍ଷେପ ପରେ ଟିଟିଲାଗଡ ପୋଲିସ ଅଭିଯୋଗ ରଖିଛି।

ଜୁଲି ଅଭିଯୋଗ କରିଛନ୍ତି ଯେ, ତାଙ୍କ ଭଉଣୀ ଜିନା ୨୦୧୮ ମାର୍ଚ୍ଚରେ ବିବାହ କରିଥିଲେ। ସେ ଗର୍ଭବତୀ ହେବା ପରେ ନିୟମିତ ଭାବେ ଟିଟିଲାଗଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ପ୍ରତି ମାସରେ ଡାକ୍ତରଙ୍କ ପରାମର୍ଶ କ୍ରମେ ପରୀକ୍ଷା କରାଉଥିଲେ। ଡିସେମ୍ବର ୯ ତାରିଖ ଜିନାଙ୍କ ଗର୍ଭ ଯନ୍ତ୍ରଣା ହୋଇଥିଲା। ଏଣୁ ଶ୍ୱଶୁର ଘର ଲୋକେ ଜିନାଙ୍କୁ ସେଦିନ ଅପରାହ୍ନ ୨ଟାରେ ଟିଟିଲାଗଡ଼ ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ଡାକ୍ତର ବଳରାମ ସାହୁ ଜିନାଙ୍କ ଚିକିତ୍ସା କରିଥିଲେ। ଅସ୍ତ୍ରୋପଚାର କରି ଡେଲିଭରି କରିବାକୁ ପଡିବ ବୋଲି କହି ଓଟି ଭିତରକୁ ନେଇଥିଲେ। ଜଣେ ଅବସରପ୍ରାପ୍ତ ଡାକ୍ତର ନିଶ୍ଚେତକ ଦେଇଥିଲେ। ହେଲେ ପାର୍ଶ୍ୱ ପ୍ରତିକ୍ରିୟା ହେବାରୁ ଜିନାଙ୍କ ଦେହ ସାରା ଲାଲ ରଙ୍ଗର ପାଣି ଫୋଟକା ଭଳି ହୋଇଯାଇଥିଲା। ଜିନାଙ୍କ ସମ୍ପର୍କରେ ପରିବାର ଲୋକେ ପଚାରିଲେ ଡାକ୍ତର କିଛି କହୁ ନ ଥିଲେ। ପ୍ରାୟ ୨ ଘଣ୍ଟା ପରେ ମେଡିକାଲରେ ସ୍ଥାନୀୟ ପୋଲିସ ପହଞ୍ଚି ଥିଲା। ପୋଲିସ ଆସିବା ପରେ ଡାକ୍ତରମାନେ ଜିନାଙ୍କ ମୃତ୍ୟୁ ଘଟିଥିବା କହିଥିଲେ। ଏଣୁ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ହେଲେ ଜିନା ଅନେକ ରୋଗରେ ଆକ୍ରାନ୍ତ ଥିଲେ, ସେଥିପାଇଁ ତାଙ୍କର ମୃତ୍ୟୁ ଘଟିଲା ବୋଲି ଡାକ୍ତର କହିଥିଲେ। ମୃତଦେହ ନେଇଯିବାକୁ ପୋଲିସ କର୍ମଚାରୀ ପରିବାର ଲୋକଙ୍କୁ ଧମକଚମକ ଦେଇଥିଲେ। ଏଣୁ ପୋଲିସର ନାଲି ଆଖିକୁ ଡରି ପରିବାର ଲୋକେ ଜିନାଙ୍କ ମୃତଦେହ ନେଇ ଗାଁକୁ ଫେରି ଯାଇଥିଲେ। ଅନ୍ତିମ ସଂସ୍କାର ବେଳେ ପେଟ ଫାଟି ମୃତ ଶିଶୁପୁତ୍ର ବାହାରି ଆସିବା ଦୃଶ୍ୟ କରୁଣ ପରିସ୍ଥିତି ସୃଷ୍ଟି କରିଥିଲା। ଡାକ୍ତର ଚାହିଁଥିଲେ ମା'ର ମୃତ୍ୟୁ ପରେ ବି ପିଲାକୁ ବାହାର କରି ଦେଇ ପାରିଥାନ୍ତେ। ହେଲେ ତାହା କଲେନି। ଏଣୁ ଦୁଇ ଦୁଇଟି ଜୀବନ ଚାଲିଗଲା। ଅନ୍ୟପକ୍ଷେ ନିୟମ ଅନୁସାରେ ବ୍ୟବଚ୍ଛେଦ କରାଇ ପୋଲିସ ମୃତଦେହକୁ ହସ୍ତାନ୍ତର କରିବା କଥା। ହେଲେ ଏଠି ନିୟମ ପାଳନ କରାଯାଇ ନାହିଁ। ମାମଲାକୁ ପୋଲିସ ଚପାଇ ଦେବାକୁ ମୃତଦେହ ବ୍ୟବଚ୍ଛେଦ କରାଗଲା ନାହିଁ। ଜୁଲି ଏଭଳି ଅଭିଯୋଗ କରିଛନ୍ତି। ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି। ତେବେ ଟିଟିଲାଗଡ ଥାନା ଅଧିକାରୀ ପ୍ରଭାତ ରଞ୍ଜନ ମହାନ୍ତି ଅଭିଯୋଗ ରଖି ମାମଲାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ସବୁ ଅଫିସର ବ୍ୟସ୍ତ ଅଛନ୍ତି। ୧୬ ତାରିଖ ପରେ ମାମଲା ଉପରେ ତଦନ୍ତ କରାଯିବ ବୋଲି କହିଛନ୍ତି।



ସ୍ୱାମୀଙ୍କ ସହ ଜିନା (ଫାଇଲ ଫଟୋ)

- ନ୍ୟାୟ ପାଇଁ ମାସେ ହେଲା ଧାଉଁଛନ୍ତି ନିଜ ଭଉଣୀ
- ଡାକ୍ତରଙ୍କୁ ଅନୁକମ୍ପା ଦେଖାଉଛି ପୋଲିସ
- ଖବରଦାତାଙ୍କ ହସ୍ତକ୍ଷେପ ପରେ ଏତଲା ରଖିଲା
- ସତ୍କାର ବେଳେ ପେଟ ଫାଟିଲା, ବାହାରିଲା ମୃତ ଶିଶୁପୁତ୍ର



ପର ପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମାଗାନ୍ଧୀ

# ଜନ ଆନ୍ଦୋଳନ, ସରକାର ...

### ବେଞ୍ଚ ପ୍ରତିଷ୍ଠା ହେବା ଆବଶ୍ୟକ



ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ହେବାର ଆବଶ୍ୟକତା ରହିଛି। ମୁଖ୍ୟମନ୍ତ୍ରୀଙ୍କ ଚିଠି ଲେଖିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ଏହା ଆନ୍ଦୋଳନ ଉପରେ ପ୍ରଭାବ ପକାଇବ ନାହିଁ। ରାଜ୍ୟ ସରକାର ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି । ହେଲେ ତାହାକୁ କେନ୍ଦ୍ର ସରକାର ମଧ୍ୟ ଗୁରୁତର ସହ ନେବା କଥା । ଅନେକ ଜିଲାବାସୀ ହାଇକୋର୍ଟ ବେଞ୍ଚ ପାଇଁ ଦାବି କରୁଛନ୍ତି। ହେଲେ ଏହାର ପ୍ରଭାବ ପକାଇବ ନାହିଁ। କମିଟି ରିପୋର୍ଟ ଅନୁସାରେ ସ୍ଥାପନ ହେବ ।

– ସିଦ୍ଧାନ୍ତ ମହାନ୍ତି, ସମ୍ବଲପୁର

### ବଳିଦାନ ଦେବାକୁ ପଡ଼େ



ମୁଖ୍ୟମନ୍ତ୍ରୀ ଚିଠି ଅନେକ ଥର ଦେଇଛନ୍ତି । ଏହା କିଛି ପ୍ରଭାବ ପକାଇବ ନାହି। ଯଦି ଇଚ୍ଛା ଅଛି ତାହାହେଲେ ବାସ୍ତବିକ ଚେଷ୍ଟା କରନ୍ତୁ। ଆନ୍ଦୋଳନ ପ୍ରଶମିତ କରିବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ବନ୍ଦ ପାଳନ ଯୋଗୁ ସାଧାରଣ ଲୋକଙ୍କ ଅନେକ ସମସ୍ୟା ହେଉଛି । ହେଲେ କିଛି ପାଇବାକୁ ହେଲେ ବଳିଦାନ ଦେବାକୁ ପଡିଥାଏ। ସବୁ ଜିଲାରେ ଦାବି ହେଉଛି। ଏହା ବିଶେଷ ପ୍ରଭାବ ପକାଇବ ନାହିଁ । ମିଳିତ ଭାବେ ସବୁ ଜିଲା ବୈଠକ କରି ଏହାର ସମାଧାନ ହେବା ଆବଶ୍ୟକତା ରହିଛି । ସମ୍ବଲପୁର ଜିଲାରେ ସବୁ ଦିଗରୁ ସୁବିଧା ରହିଛି ।

ସୁନ୍ଦରମଣି ବାରିକ, ସମ୍ବଲପୁର

### ଚିଠିର ପ୍ରଭାବ ପଡ଼ିବ ନାହିଁ



ମୁଖ୍ୟମନ୍ତ୍ରୀ ଚିରାଚରିତ ଢଙ୍ଗରେ ପୁଣି ଆଉ ଥରେ ଚିଠି ଲେଖିଛନ୍ତି। ଏହା ପ୍ରଭାବଶୂନ୍ୟ। ଆନ୍ଦୋଳନ ଯୋଗୁ ଲୋକମାନଙ୍କ ସମସ୍ୟା ହୋଇଛି । ହେଲେ ସେମାନଙ୍କ ମଧ୍ୟ ଦାବି ରହିଛି। ତେଣୁ ସମର୍ଥନ କରୁଛନ୍ତି । ବିଭିନ୍ନ ଜିଲାରେ ଦାବି ହେଉଛି। ହେଲେ କମିଟି କରି ରିପୋର୍ଟ ପ୍ରସ୍ତୁତ କରି ଏକାଠି ହୋଇ ନିଷ୍ପତ୍ତି ନେବା ସମୟ ହୋଇଛି। ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେଇଛନ୍ତି। ହେଲେ ତାହା ଠିକ ଭାବେ ନୁହେଁ । ତେଣୁ ସମସ୍ୟା ହେଉଛି ।

ସୁବ୍ରତ କୁମାର ପଣ୍ଡା, ସମ୍ବଲପୁର

### ଶୁଭଙ୍କର ନୁହେଁ



ରାଜ୍ୟ ସରକାର ଏଥିପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଓ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରି ଏକ ପୂର୍ଣ୍ଣାଙ୍ଗ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ପଠାଇବା ଆବଶ୍ୟକ। ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଓକିଲ ଓ ଜନସାଧାରଣଙ୍କ ପକ୍ଷରୁ ଦୀର୍ଘ ଦିନ ଧରି ଆନ୍ଦୋଳନ ଚାଲିଛି। ଏହା ଜନସାଧାରଣଙ୍କ ପାଇଁ ଆଦୌ ଶୁଭଙ୍କର ନୁହେଁ। ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ଫଳରେ ଏହା ଆଞ୍ଚଳିକ ବିଭେଦ ସୃଷ୍ଟି କରୁଛି। ଏହାଦ୍ୱାରା ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଦୁର୍ବଳ ହୋଇପଡୁଛି। ସମଗ୍ର ପଶ୍ଚିମ ଓଡ଼ିଶାର ଓକିଲ ଓ ଜନସାଧାରଣ ଏକଜୁଟ ହୋଇ ଆନ୍ଦୋଳନ କରିବା ଆବଶ୍ୟକ।

ବିବେକାନନ୍ଦ ମହାକୁଡ଼
ବୁଦ୍ଧିଜୀବୀ ତଥା ବରିଷ୍ଠ ନାଗରିକ, ରେଢ଼ାଖୋଲ, ସମ୍ବଲପୁର

### ସରକାର ପଦକ୍ଷେପ ନେଇନାହାନ୍ତି



ସ୍ଥାୟୀ ହାଇକୋର୍ଟ ବେଞ୍ଚ ପଶ୍ଚିମ ଓଡ଼ିଶାବାସୀଙ୍କ ହକ୍। ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି। କେନ୍ଦ୍ରକୁ ଚିଠି ଲେଖିଛନ୍ତି। ମାତ୍ର ତାହା ନିୟମାନୁସାରେ ହୋଇନାହିଁ। ସେଥିପାଇଁ ହାଇକୋର୍ଟର ମତ ନିଆଯାଇ ନାହିଁ କିମ୍ବା ବିଧାନସଭାରେ ମଧ୍ୟ ପ୍ରସ୍ତାବ ନାହିଁ। ଫଳରେ କୌଣସି ବନ୍ଦ ପାଳନ ଲୋକଙ୍କ ପାଇଁ ଶୁଭଙ୍କର ହୋଇ ନ ଥିଲେ ମଧ୍ୟ ହକ୍ ହାସଲ ଲାଗି ଆନ୍ଦୋଳନକୁ ଓହ୍ଲାଇବାକୁ ପଡୁଛି। ପ୍ରତି ଅଞ୍ଚଳବାସୀଙ୍କ କିଛି ଆଶା, ଆକାଂକ୍ଷା ରହିଛି। ସେଥିପାଇଁ ହାଇକୋର୍ଟ ବେଞ୍ଚ ପାଇଁ କୌଣସି ଆଞ୍ଚଳିକ ବିଭେଦ ସୃଷ୍ଟି ହୋଇନାହିଁ। ବରଂ ଆନ୍ଦୋଳନ ଶକ୍ତିଶାଳୀ ହେଉଛି ।

ବିକ୍ରମାଦିତ୍ୟ ପଣ୍ଡା, ଆଡ଼ଭୋକେଟ, ବରଗଡ

### ଆଞ୍ଚଳିକ ବିଭେଦ ସୃଷ୍ଟି ହେଉଛି



ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆନ୍ତରିକତା ନାହିଁ। ଆଗକୁ ନିର୍ବାଚନ ଥିବାରୁ ରାଜନୈତିକ ସମୀକରଣ ଦେଖି କେବଳ ଗୋଟିଚାଳନା କରାଯାଉଛି। ହାଇକୋର୍ଟ ବେଞ୍ଚ ସ୍ଥାପନକୁ ନେଇ ଚାଲିଥିବା ଆନ୍ଦୋଳନ ଯୋଗୁ କୋର୍ଟ, କଚେରି ତଥା ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହା ସାଧାରଣ ଲୋକଙ୍କ ପାଇଁ ଆଦୌ ଶୁଭଙ୍କର ନୁହେଁ। ସେହିପରି ପଶ୍ଚିମ ଓଡ଼ିଶାର ଏକ ନିର୍ଦ୍ଦିଷ୍ଟ ସ୍ଥାନ ପରିବର୍ତ୍ତେ ବିଭିନ୍ନ ସ୍ଥାନରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି ଆଞ୍ଚଳିକ ବିଭେଦ ସୃଷ୍ଟି କରି ଆନ୍ଦୋଳନକୁ ଦୁର୍ବଳ କରିବାରେ ଲାଗିଛି।

ସତ୍ୟନାରାୟଣ ପଣ୍ଡା, ଶିକ୍ଷାବିତ୍, ବରଗଡ

### ସମସ୍ତେ ଏକମତ ହେବା ଉଚିତ



ସରକାରଙ୍କ ପଦକ୍ଷେପ କେବଳ କେନ୍ଦ୍ରକୁ ଚିଠି ଲେଖିବାରେ ସୀମିତ ରହିଯାଇଛି। ଏଭଳି ହେଲେ ଦାବି ହାସଲ ହେବ ନାହିଁ। ଏଥିପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆନ୍ତରିକତା ଲୋଡ଼ା। କୋର୍ଟ, କଚେରି ବନ୍ଦ ଯୋଗୁ ମାମଲା ବଢ଼ି ଚାଲିଛି। ଲୋକେ ମଧ୍ୟ ହଇରାଣ ହେଉଛନ୍ତି। ବନ୍ଦ ଆନ୍ଦୋଳନ ଶୁଭଙ୍କର ନୁହେଁ। ଏକ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ ନ କରି ବିଭିନ୍ନ ସ୍ଥାନରେ ହାଇକୋର୍ଟ ବେଞ୍ଚ ସ୍ଥାପନ ନିଶ୍ଚିତ ଭାବେ ଆନ୍ଦୋଳନକୁ ଦୁର୍ବଳ କରୁଛି। ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ହେଲେ ମଧ୍ୟ ସେଥିରେ ସମସ୍ତେ ଏକମତ ହେବା ଉଚିତ।

ଜୟକୃଷ୍ଣ ସାହୁ, ଚାଷୀନେତା, ବରଗଡ

### ଭୁଆଁ ବୁଲାଉଛନ୍ତି ସରକାର



ଏହା ଏକ ରାଜନୈତିକ ନିଷ୍ପତ୍ତି ନୁହେଁ ଯେ କେନ୍ଦ୍ରକୁ ଚିଠି ଲେଖିଦେଲେ ସବୁ ହୋଇଯିବ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସମନ୍ୱୟ ରଖି ଅବିଳମ୍ବେ ନିଷ୍ପତ୍ତି ନେବା ଉଚିତ୍। କିନ୍ତୁ ଜାଣିଶୁଣି ଉଭୟ ସରକାର ଲୋକଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି। କେବଳ ବନ୍ଦ ଦ୍ୱାରା ଏହାର ସମାଧାନ ହୋଇ ପାରିବ ନାହିଁ। ପରିସ୍ଥିତି ଯେଭଳି ହୋଇଛି, ଲୋକେ ବନ୍ଦ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହୋଇଛନ୍ତି। ନ୍ୟାୟିକ ବ୍ୟବସ୍ଥାକୁ ନେଇ ଏହା ପଶ୍ଚିମ ଓଡ଼ିଶାବାସୀଙ୍କ ଦାବି । ଏହା ଆଞ୍ଚଳିକ ବିଭେଦ ସୃଷ୍ଟି କରୁନାହିଁ କି ଆନ୍ଦୋଳନକୁ ଦୁର୍ବଳ କରିନାହିଁ ।

ଅମିତାଭ ପାତ୍ର, ସାମାଜିକ କର୍ମୀ, ବରଗଡ

### ଚିଠିରେ କିଛି ନୂତନତ୍ୱ ନାହିଁ



ମୁଖ୍ୟମନ୍ତ୍ରୀଙ୍କ ଚିଠିରେ କିଛି ନୂତନତ୍ୱ ନାହିଁ। ବରଂ ଏହା ଆନ୍ଦୋଳନକାରୀଙ୍କୁ ନିରାଶ କରିଛି। କୋର୍ଟ, କଚେରି, ସରକାରୀ ଅଫିସ ବନ୍ଦ ନିଶ୍ଚିତ ଭାବେ କ୍ଷତିକାରକ। ତଥାପି ଏକ ସୁଦୀର୍ଘ ଧୈର୍ଯ୍ୟଶୀଳ ପରମ୍ପରା ସୃଷ୍ଟିକରିବା ପାଇଁ ଏହା ଶୁଭଙ୍କର ଦିଗ । ଯାହା ପଶ୍ଚିମାଞ୍ଚଳବାସୀଙ୍କ ଲଢୁଆ ମନୋବୃତ୍ତିକୁ ସ୍ପଷ୍ଟ କରିଛି। ଏଥିରେ ଆଞ୍ଚଳିକ ବୈଷମ୍ୟ କିଛି ନାହିଁ। ସାମଗ୍ରିକ ଦ।ବି କୁ ପ୍ରତିପାଦିତ କରିବା ପ୍ରକାରାନ୍ତେ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ଭବିଷ୍ୟତର ଜନଆନ୍ଦୋଳନକୁ ଏହା ଇନ୍ଧନ ଯୋଗାଉଛି।

ଚିନ୍ମୟ କୁମାର ପଣ୍ଡା, ଆଡଭୋକେଟ, ବରଗଡ

### ଏହି ଦାବିକୁ ଇସ୍ୟୁ ଭାବେ ଗ୍ରହଣ କରାଯାଉ

କେବଳ କେନ୍ଦ୍ରକୁ ପତ୍ର ଲେଖିଦେଲେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ବିଶେଷ ଫଳପ୍ରଦ ହେବନାହିଁ। ରାଜ୍ୟ ସରକାର ଏହାକୁ ଏକ ଇସ୍ୟୁ ଭାବେ ଗ୍ରହଣ କଲେ ଫଳପ୍ରଦ ହେବ। ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ କିଛି ଠୋସ ପଦକ୍ଷେପ ନିଆଯାଉନାହିଁ। ଲମ୍ବା ପ୍ରକ୍ରିୟାରେ ଆନ୍ଦୋଳନ ଚଳାଇଲେ ଏହା ଜନସାଧାରଣଙ୍କ ପାଇଁ ଶୁଭଙ୍କର ନୁହେଁ। ସ୍ୱର ଏକ ହୋଇ ନ ଥିବାରୁ ଦାବି ଦୁର୍ବଳ ହେଉଛି । ଆଞ୍ଚଳିକ ବିଭେଦ ସୃଷ୍ଟି ହେବାର ସମ୍ଭାବନା ଅଛି।



ଅଶୋକ କୁମାର ମିଶ୍ର, ସମ୍ପାଦକ, ବୌଦ୍ଧ ଜିଲା ଓକିଲ ସଂଘ

### ସମସ୍ତେ ଏକ ହୋଇ କାମ କରନ୍ତୁ



ଏହା ହେଉଛି ରାଜ୍ୟ ସରକାରଙ୍କ କାର୍ଯ୍ୟ। ସରକାର ଗୁରୁତ୍ୱ ପ୍ରଦାନ କଲେ ଏହି ସମସ୍ୟାର ସମାଧାନ ହେବ। ରାଜ୍ୟ ସରକାର ଆନ୍ଦୋଳନ ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ଠୋସ ପଦକ୍ଷେପ ନେଇନାହାନ୍ତି। ଆନ୍ଦୋଳନ ଆଦୌ ଶୁଭଙ୍କର ନୁହେଁ, ଏହା ଦ୍ୱାରା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦାବି ଦୁର୍ବଳ ହେଉଛି। ଏକ ହୋଇ କାମ କଲେ ଏହାର ସମାଧାନ ହେବ।

ଦେବାଶିଷ ପୁରୋହିତ, ସାମାଜିକ କର୍ମୀ, ବୌଦ୍ଧ

### ଦୁର୍ବଳ ହେଉଛି ଆନ୍ଦୋଳନ



ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ରାଜ୍ୟ ସରକାରଙ୍କ ପତ୍ର ଆନ୍ଦୋଳନକୁ ଆଦୌ ପ୍ରଭାବିତ କରିବ ନାହି। ସରକାର ଦାବି କରୁଛନ୍ତି କିନ୍ତୁ, ତାହା ଠିକ୍ ଢଙ୍ଗରେ ନୁହେଁ କି ସନ୍ତୋଷଜନକ ନୁହେଁ। ଏକତା ନ ଥିବାରୁ ଆନ୍ଦୋଳନ ଦୁର୍ବଳ ହେଉଛି।

ସତ୍ୟନାରାୟଣ ନାୟକ, ସାମାଜିକ କର୍ମୀ,ବୌଦ୍ଧ

### ଆନ୍ଦୋଳନ ଉସକାଉଛନ୍ତି ସରକାର



କେବଳ ଚିଠି ଲେଖି ଚୁପ ରହିଲେ କିଛି ଫଳ ହେବନାହିଁ। ଏଥିପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ଲୋଡା। ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ ସରକାର କିଛି ପଦକ୍ଷେପ ନେଉନାହାନ୍ତି। ସରକାର ପରୋକ୍ଷରେ ଭିନ୍ନ ଭିନ୍ନ ସ୍ଥାନରେ ଆନ୍ଦୋଳନ ଉସ୍‌କାଉଛନ୍ତି। ମାସ ମାସ ଧରି ଚାଲିଥିବା ଆନ୍ଦୋଳନ ଫଳରେ ସାଧାରଣ ଲୋକେ ନ୍ୟାୟ ପାଇ ପାରୁନାହାନ୍ତି। ଭିନ୍ନ ଭିନ୍ନ ସ୍ଥାନରେ ଆନ୍ଦୋଳନ ଯୋଗୁ ଓକିଲଙ୍କ ଦୁର୍ବଳତା ପଦାରେ ପଡୁଛି।

ରାଜୀବ କର୍ମୀ, ସାମାଜିକ କର୍ମୀ, ବୌଦ୍ଧ

### ଉଭୟ ସରକାର ଦାୟୀ



ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ପୂରଣ ନ ହେଲେ ମୁଖ୍ୟମନ୍ତ୍ରୀଙ୍କ ଚିଠିର କିଛି ଗୁରୁତ୍ୱ ନାହିଁ। ବଲାଙ୍ଗୀରରେ ମାସାଧିକ କାଳ ଆନ୍ଦୋଳନ ଚାଲିଥିଲେ ବି ରାଜ୍ୟ ସରକାର କିଛି ଠୋସ୍ ପଦକ୍ଷେପ ନେଇନାହାନ୍ତି । ଆନ୍ଦୋଳନ ଯୋଗୁଁ କୋର୍ଟ କଚେରି ବନ୍ଦ ହେବା ଓ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି। ତେବେ ନ୍ୟାୟସଙ୍ଗତ ଦାବିକୁ ରାଜ୍ୟ ଓ କେନ୍ଦ୍ର ସରକାର ଠିକଣା ସମୟରେ ପୂରଣ ନ କରିବା ଫଳରେ ଆଞ୍ଚଳିକ ବିଭେଦ ସୃଷ୍ଟିର ଆଶଙ୍କା ରହିଛି। ଏଥିପାଇଁ ଉଭୟ ସରକାର ଦାୟୀ।

ଲଳିତ କୁମାର ନାୟକ, ସାମାଜିକ କର୍ମୀ ବଲାଙ୍ଗୀର

### ଯଶୱନ୍ତ ସିଂ କମିଶନଙ୍କ ରିପୋର୍ଟକୁ ଗ୍ରହଣ କରାଯାଉ



ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଚିଠି ଲେଖିବା ସ୍ୱାଗତଯୋଗ୍ୟ । ବଲାଙ୍ଗୀରବାସୀ ଯଶୱନ୍ତ ସିଂ କମିଶନ ଆଧାରରେ ସ୍ଥାୟୀ ବେଞ୍ଚ ଦାବି ହାସଲ କରିବାକୁ ଆନ୍ଦୋଳନ କରୁଛନ୍ତି । କେନ୍ଦ୍ର ସରକାର ପଦକ୍ଷେପ ନେଲେ ଆନ୍ଦୋଳନ ପ୍ରଶମିତ ହେବ । ଆନ୍ଦୋଳନ ଯୋଗୁ ପ୍ରଶାସନିକ କଳ ଓ କୋର୍ଟ କାର୍ଯ୍ୟ ପ୍ରଭାବିତ ହେଉଛି ସତ, ହେଲେ ଲୋକେ ଦାବି ହାସଲ ପାଇଁ ସ୍ୱତଃସ୍ଫୂର୍ତ୍ତ ଆନ୍ଦୋଳନ କରୁଛନ୍ତି । ଆଞ୍ଚଳିକ ବିଭେଦ ବହୁ ଆଗରୁ ସୃଷ୍ଟି ହୋଇସାରିଛି। ଏକମାତ୍ର ଉପାୟ ବଲାଙ୍ଗୀରରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବା।

ଅଶୋକ କୁମାର ମହାନ୍ତି, ସଭାପତି ଜିଲା ଓକିଲ ସଂଘ, ବଲାଙ୍ଗୀର



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆସିଲି ଏକା, ଯିବି ଏକା;**
**ସାଙ୍ଗରେ ନ ଯିବେ ଘଟି ଆଟିକା ।**

ମଣିଷ ଆସିଥାଏ ଏକା ଯାଇଥାଏ ଏକା। ସଂସାରରୁ ମରି ହଜିଗଲେ ସାଙ୍ଗରେ କିଛି ଧନସମ୍ପତ୍ତି ନେଇଯାଇ ପାରି ନ ଥାଏ। କେବଳ ଅର୍ଜିଥିବା ପୁଣ୍ୟ ଓ ଧର୍ମକୁ ଛାଡ଼ିଦେଲେ ତାକୁ ରିକ୍ତ ବା ଶୂନ୍ୟ ହସ୍ତରେ ଯିବାକୁ ପଡ଼ିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଆସୁଥିଲା କଥା ଲେଉଟି ଗଲା,**
**ଭାଇବୋହୂ ଥାଇ ଅଡୁଆ କଲା।**

ସମୟ ସୁବିଧା ଦେଖି ବ୍ୟକ୍ତି ନିଜ ମନର କଥାକୁ ଅନ୍ୟଆଗରେ ପ୍ରକାଶ କରିଥାଏ। ତେବେ ପାଖରେ ଯଦି କେହି ନିଜ ଲୋକ ବା ଆତ୍ମୀୟ ଉପସ୍ଥିତ ରହିଥାଏ, ତା'ହେଲେ ମନର କଥା ଖୋଲିକରି କହି ହୋଇ ନ ଥାଏ। ପାଖରେ ଲୋକ ଥିଲେ ଗୋପନ କଥା ପ୍ରକାଶ କରିବା ଅତ୍ୟନ୍ତ ବିପଜ୍ଜନକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପାଚେରି ଭାଙ୍ଗିଲେ ହାତୀପଲ



ରାଇସୁଆଁ, ୧୩।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ବ୍ଲକ କାଉଁରିକଳା ଗ୍ରାମକୁ ଶନିବାର ରାତିରେ ୧୩ରୁ ଊର୍ଦ୍ଧ୍ୱ ହାତୀ ପଶି ଥିବା ଅଭିଯୋଗ ହୋଇଛି। ଗ୍ରାମର ଘାସିନାଥ ମାଝିଙ୍କ ପାଚେରି ଭାଙ୍ଗି ଘରେ ପଶିବାକୁ ହାତୀପଲ ଉଦ୍ୟମ କରୁଥିଲେ। ଘାସିରାମଙ୍କ ସହ ସ୍ଥାନୀୟ ଲୋକେ ଘଉଡାଇବାରୁ ହାତୀପଲ ଗ୍ରାମ ନିକଟ ଜଙ୍ଗଲକୁ ପଳେଇ ଯାଇଥିଲେ। ସ୍ଥାନୀୟ ଅଞ୍ଚଳରେ ହାତୀପଲ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ୧୫ ଏକରରୁ ଊର୍ଦ୍ଧ୍ୱ ପିଆଜ, ରସୁଣ ଫସଲକୁ ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ଜଡିପଦା ଜଙ୍ଗଲରେ ହାତୀ ପଲା ଦିନରେ ରହୁଥିବା ବେଳେ ରାତି ହେଲେ ଜଙ୍ଗଲ ନିକଟ ଗାଁ ଗୁଡିକୁ ପଶିଆସୁଛନ୍ତି।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଭାରତର ନଂ.1 କମ୍ପାନୀ
NATIONAL FINANCE
(Registration No.- U659001077)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର, ଏଗ୍ରିକଲ୍ଚର, ମହିଳା ଗ୍ରୁପ୍ ଋଣ ଏବଂ ସବୁ ଋଣ ପାଆନ୍ତୁ
2% ସୁଧ 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି
9855493041
9592875003
KUTASINGHA, Tentuligaon, Balangir, Orissa 767068

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋହଡ଼ି ଧମାକା
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାରକାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
8126568293
8126592819
SCO- 106, Second Floor, Vishal Tower, Cannaught Place, Delhi.

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଆଣିଛୁ କମ୍ ସୁଧରେ ଋଣର ସୁବିଧା। ମାତ୍ର ୨% ସୁଧ ୩୫% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ।
(Shri Jagannath Finance Group)
ଭାରତର ନଂ.୧ କମ୍ପାନୀ
Helpline Numbers-
7497815594
9585831878
S/o Mahesh Chandra Gupta, C-281,Pratap Gali, Nanak Chand Basti, Kotla Mubarakpur, Mubarakpur, South Delhi, Delhi-110003

ନୋଭେଲ୍ଟି ଫାଇନାନ୍ସ କମ୍ପାନୀ
ଯୋଗାଉଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସମସ୍ତ ଋଣ ଘରେ ବସି ମାତ୍ର 48 ଘଣ୍ଟାରେ (ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ) ମହିଳାଙ୍କ ପାଇଁ ବିଶେଷ ରିହାତି। 1% ସୁଧ 50% ରିହାତି।
8130122601
7834906158
Dakhin Ganv, Baijnathpur, Wazirganj, Gaya - 205131

Bandhan Finance
ରୋଜଗାର ଯୋଜନା ଘରେ ବସି ଋଣ ମାତ୍ର 2 ଦିନରେ । ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ପର୍ସନାଲ, ସରକାରୀ, ଘରୋଇ ଚାକିରି ଏବଂ ସବୁ ପ୍ରକାର ଋଣ । ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ସୁଧ 1% ରିହାତି 50%
7800718597
H.No. - 249, Vill- SISWALIA Teh.- DADRI, Dist- BHIWANI

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ଗୋଟିଏ ଚାକିରି, ମାଗଣା ମୋବାଇଲ, ବାଇକ୍। ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Krolbagh
Contact:- 8676907143
7050017585


ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ସଂକ୍ଷେପରେ



### କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧିତ କଲେ ଏସ୍‌ପି

ସମ୍ବଲପୁର,୧୩।୧(ବ୍ୟୁରୋ) କ୍ରୀଡାବିତ ଲଛମନ୍ ଶର୍ମାଙ୍କୁ ସମ୍ବଲପୁର ଏସ୍‌ପି ସଞ୍ଜୀବ ଅରୋରା ସମ୍ବର୍ଦ୍ଧିତ କରିଛନ୍ତି । ୬୬ତମ ରାଜ୍ୟ କ୍ରୀଡା ପ୍ରତିଯୋଗୀତାରେ ଲଛମନ୍ ସମ୍ବଲପୁର ଜିଲାରୁ ପ୍ରତିନିଧିତ୍ୱ କରିଥିଲେ । ୧୮ ବର୍ଷରୁ କମ୍ ବାଳକ ବର୍ଗରେ ସେ ସଟପୁଟ ଓ ଡିସକସ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

# ମହିଳା ଅସୁରକ୍ଷିତ, ଉପେକ୍ଷିତ, ଅପମାନିତ

ସମ୍ବଲପୁର,୧୩।୧(ବ୍ୟୁରୋ)

ଓଡିଶାରେ ମହିଳାମାନେ ଅସୁରକ୍ଷତି, ଉପେକ୍ଷିତ ଓ ଅପମାନୀତ ହୋଇ ଜୀବନ ବିତାଉଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ ଭଳି ସବୁକ୍ଷେତ୍ରରେ ଅବହେଳା କରାଯାଉଛି । ପ୍ରତିଦିନ ରାଜ୍ୟରେ ମାନସିକ ଓ ଶାରୀରକ ନିର୍ଯାତନା ଦିଆଯାଉଛି । ଆଇନ ଶୃଙ୍ଖଳା ଭୁଷୁଡି ପଡିଛି । ରାଜ୍ୟ ସରକାର ମହିଳାମାନଙ୍କ ପାଇଁ କ'ଣ କରିଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ କାର୍ଯ୍ୟକାରଣୀ ସଦସ୍ୟା ସଂଘମିତ୍ରା ପ୍ରଧାନ ସରକାରଙ୍କ ଉପରେ ବର୍ଷିଛନ୍ତି । ସେ କହିଛନ୍ତି ଯେ ଗୃହ ବିଭାଗକୁ ମୁଖ୍ୟମନ୍ତ୍ରୀ ନିଜ ଅଧୀନରେ ରଖିଛନ୍ତି।



ସମ୍ବଲପୁରରେ ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ କାର୍ଯ୍ୟକାରଣୀ ସଦସ୍ୟା ସଂଘମିତ୍ରା ପ୍ରଧାନ ଓ ଅନ୍ୟମାନେ।

ହେଲେ ବେବିନାଙ୍କୁ ନ୍ୟାୟ ମିଳି ପାରିଲା ନାହିଁ । ଓଲଟା ସ୍ଥାନୀୟ ବିଧାୟକ ପ୍ରଦୀପ ମହାରଥୀ ଏହି ମାମଲାରେ ପୀଡାତାଙ୍କୁ ନେଇ ବିଭ୍ରାନ୍ତିକର ମନ୍ତବ୍ୟ ଦେଇଥିଲେ । ଏଥିରେ କ୍ରାଇମବ୍ରାଞ୍ଚ ମଧ୍ୟ ଠିକ ଭାବେ କାମ କରିନାହି । ୫୫ ଦିନ ପରେ ମାମଲା ରୁଜୁ ହୋଇଥିଲା । ପରେ ମଧ୍ୟ ଘଟଣାର ସାକ୍ଷ୍ୟ ପ୍ରମାଣ ଅଭାବ ପାଇଁ ଅଭିଯୁକ୍ତମାନଙ୍କୁ ପରୋକ୍ଷ ସମର୍ଥନ ମିଳିଛି। ତେଣୁ ଅଭିଯୁକ୍ତମାନେ ନିର୍ଦ୍ଦୋଶରେ ଖଲାସ ହୋଇଛନ୍ତି । କୁନ୍ଦୁଲି ବଳାତ୍କାର ମାମଲାରେ ମଧ୍ୟ ଅନୁରୂପ ଭାବେ ସରକାର ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଶ କରିବାକୁ ଚେଷ୍ଟା କରିଛନ୍ତି । କ୍ରାଇମବ୍ରାଞ୍ଚକୁ ନିଜ ଢାଲ କରି ସରକାର କାମ କରୁଛନ୍ତି । ମୁଖ୍ୟମନ୍ତ୍ରୀ ମହିଳାଙ୍କୁ ସମ୍ମାନ ଓ ସୁରକ୍ଷା ଦେବା ପାଇଁ ପ୍ରଚାର ପ୍ରସାର କରୁଛନ୍ତି । ବିଭିନ୍ନ ପ୍ରଲୋଭନ ଦେଖାଇ ଆକୃଷ୍ଟ କରୁଛନ୍ତି । ନିର୍ବାଚନ ପାଖେଇ ଆସିବାରୁ ଲିଲିପପ୍ ଦେଲା ଭଳି କାମ କରୁଛନ୍ତି ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାନେତ୍ରୀ ଆରତି ବରାଡ, ମିଡିଆ ପ୍ରଭାରୀ ମାନସ ବକ୍ସି ଉପସ୍ଥିତ ଥିଲେ।

## ତପସ୍ୱିନୀ ପ୍ରେକ୍ଷାଳୟରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ




ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ସଭାରେ ଜିଏମ୍‌ୟୁ କୁଳପତି ପ୍ରଫେସର ଅତନୁ କୁମାର ପତି ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

ସମ୍ବଲପୁର, ୧୩।୧ (ବ୍ୟୁରୋ)– ସ୍ୱାମୀ ବିବେକାନନ୍ଦଙ୍କ ୧୧୫ ତମ ଜୟନ୍ତୀ ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ସମ୍ବଲପୁର ଶାଖା ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ସୁଦର୍ଶନ ପୂଜାରୀ ଅଧକ୍ଷତା କରିଥିଲେ । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅତନୁ କୁମାର ପତି ମୁଖ୍ୟଅତିଥି ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗ ମୁଖ୍ୟ ପ୍ରଫେସର ସନ୍ତୋଷ କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ମଧୁସୂଦନ ପାଲଟା ସିଂ ଶାନ୍ତିମନ୍ତ୍ର ପାଠ କରିଥିଲେ । ଡ. ବସନ୍ତ କୁମାର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରଫେସର ମୁରଲୀ ପ୍ରସାଦ ପ୍ରେମନାଥ ନାୟକ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପୁଷ୍ପରାଣୀ ମହାପାତ୍ର, ବି. ପାତ୍ର, ମାଧୁରୀମା ଦାଶ ଅତିଥି ସ୍ୱାଗତ କରିଥିଲେ । କନ୍ୟାକୁମାରୀ ବିବେକାନନ୍ଦ କେନ୍ଦ୍ରର ଜୀବନବ୍ରତି କାର୍ଯ୍ୟକର୍ତ୍ତା ପ୍ରତାପ ପ୍ରଧାନ ଶେଷରେ ଶାନ୍ତିମନ୍ତ୍ର ପାଠ କରିଥିଲେ । ଉମା ଦେବୀ ଓ ସୁଜାତା ବାଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବିକାଶ ଖେଳପଡିଆରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ

ସମ୍ବଲପୁର, ୧୩।୧ (ବ୍ୟୁରୋ)

ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ଦ୍ କନସେପ୍ଟ ସ୍କୁଲ ଖେଳ ପଡିଆରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ମିଡିଆ ଏକାଦଶ ବନାମ ବିକାଶ ସ୍କୁଲ କର୍ମଚାରୀ ଏକାଦଶ ମଧ୍ୟରେ ମ୍ୟାଚ ସଂଘର୍ଷ ପୂର୍ଣ୍ଣ ହୋଇଥିଲା । ଶେଷରେ ମିଡିଆ ଏକାଦଶ ବିଜୟୀ ହୋଇଥିଲା । ମିଡିଆ ଏକାଦଶ ଟସଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୯୫ ରନ ସଂଗ୍ରହ କରିଥିଲା । ୯୬ ରନର ବିଜୟ ଲକ୍ଷ୍ୟ ନେଇ ବିକାଶ ଏକାଦଶ ପଡିଆକୁ ଓହ୍ଲାଇଥିଲା । କିନ୍ତୁ ଦଳ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୮୭ ରନ ସଂଗ୍ରହ କରି ୧୬ ରନରେ ପରାଜୟ ବରଣ କରିଥିଲା । ବିକାଶ ଶାରୀରିକ ଶିକ୍ଷା ମୁଖ୍ୟ ଆମୋଦ ଆନନ୍ଦ ମ୍ୟାଚ ସଂଯୋଜନା କରିଥିଲେ । ଛାତ୍ର ନିଗମ୍ ପାଣିଗ୍ରାହୀ ଓ ରାଜାରାମ ପ୍ରଧାନ ଅମ୍ପାୟର ଥିଲେ । ସେହିପରି ତିଲକ୍ କୁମାର ପ୍ରଧାନ ଓ ପରମ୍ ସ୍କୋରର ଥିଲେ । ବିକାଶ ଗ୍ରୁପ ଚେୟାରମ୍ୟାନ ଡି. ମୁରଳୀ କ୍ରିଷ୍ଣା, ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, ଜୁନିୟର କଲେଜ ଅଧ୍ୟକ୍ଷ ସଞ୍ଜିବ କୁମାର ବାବୁ, ସମ୍ବଲପୁର ପ୍ରେସ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନ ଓ ପୂର୍ବତନ ସଭାପତି ଦୀପକ କୁମାର ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଶେଷରେ ଡା. ଦିଲୀପ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।



ସମ୍ବଲପୁର ମିଡିଆ ଏକାଦଶ ଓ ବିକାଶ ଏକାଦଶ ଖେଳାଳିମାନେ ଅତିଥିଙ୍କ ସହ ।

## ମହାବୀର କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# କଲିକତାକୁ ହରାଇ ବାଙ୍ଗୁରକେଲା ଚାମ୍ପିୟନ

ବାମରା, ୧୩।୧ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକ ପିଣ୍ଡାପଥର ପଣ୍ଡୁପଡାରେ ଆୟୋଜିତ ପଞ୍ଚ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଲହରଙ୍ଗା ଆଦିବାସୀ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ଓ ରାଜ୍ୟ ବାହାରୁ ଫୁଟବଲ ଦଳଗୁଡିକ ଯୋଗ ଦେଇଥିଲେ । ପ୍ରଥମ ସେମିଫାଇନାଲରେ ରଜାବସାକୁ ହରାଇ ବାଙ୍ଗୁରକେଲା ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲରେ ଖମାରଡିହିକୁ ହରାଇ କଲିକତା ଦଳ ବିଜୟୀ ହୋଇଥିଲା । ରବିବାର ଫାଇନାଲ ମ୍ୟାଚରେ ପଶ୍ଚିମବଙ୍ଗ କଲିକତାର ବ୍ରଦର ଆଣ୍ଡ ବ୍ରଦର ଓ ସୁନ୍ଦରଗଡ ଜିଲା ବାଙ୍ଗୁରକେଲା ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ହେଲେ ଶେଷ ପର୍ଯ୍ୟନ୍ତ କେହି କାହାରି ବିରୋଧରେ ଗୋଲ କରିପାରି ନ ଥିଲେ । ପରେ ଟାଇବ୍ରେକର୍ ଜରିଆରେ ଶେଷ ଗୋଲରେ ୧–୦ ଗୋଲରେ କଲିକତାକୁ ହରାଇ ବାଙ୍ଗୁରକେଲା ବିଜୟୀ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡା ଜିଲା ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ପଟେଲ ଯୋଗ ଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ବାମରା ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର, ଜିଲା ପରିଷଦ ସଭ୍ୟା କୁମୁଦିନୀ ନାଏକ, ସରପଞ୍ଚ କୈଶଲ୍ୟା ମିଞ୍ଜ, ବାଣ୍ଟୁ କେଛୁଆ, ଦିଗାମ୍ବର ନାଏକ, ନିଆରଜାନ୍ ଲୁଗୁନ, ବିପିନ କିଶୋର ବିଲୁଙ୍ଗ, ସମିତି ସଭ୍ୟ ବିରଞ୍ଚି ମାଝୀ, ଧର୍ମେନ୍ଦ୍ର ଶୁକ୍ଳା ଓ ଆକାଶ ଦୀକ୍ଷିତ ଯୋଗ ଦେଇଥିଲେ । ଶିକ୍ଷାବିତ କେଶବ ପଟେଲ ମଞ୍ଚ ପରିଚାଳନା କରିଥିଲେ । ଟୁର୍ନାମେଣ୍ଟରେ ମୋଟ ୩୨ଟି ଦଳ ଯୋଗ ଦେଇଥିଲେ । ଟୁର୍ନାମେଣ୍ଟ ସର୍ବଶ୍ରେଷ୍ଠ ଖେଳାଳି ଭାବେ କରଣ ଭୁମିଜ, ବେଷ୍ଟ ଗୋଲ କିପର ବିଶ୍ୱନାଥ ତିର୍କି, ବେଷ୍ଟ ସ୍କୋରର ଶ୍ୟାମ ବାଙ୍କରା ଓ ବେଷ୍ଟ ସ୍କୋରରେ ଦେବାଶିଷ ବାଗଙ୍କୁ ଟ୍ରଫି ଦେଇ ସମ୍ମାନୀତ କରାଯାଇଥିଲା । ହତାସନ ବାଗ, ଜସକେତନ ପଟେଲ ଓ ସଞ୍ଜୀବ ପଟେଲ ରେଫରି ଭାବେ ଯୋଗ ଦେଇଥିଲେ । ଲହରଙ୍ଗା ଆଦିବାସୀ କ୍ଲବର ଗିରିଧାରୀ ବୁଡି ଚାନ୍ଦ, ନରେଶ ବାଗ, ସଞ୍ଜିତ ପଟେଲ, ପାଲି ବାଘ, ବିନୟ ମାଝି, ସୁରେନ୍ଦ୍ର ବାଘ ଓ ଜଗଦୀଶ ମିଞ୍ଜ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ । ବିଜୟୀ ଦଳକୁ ୩୦ ହଜାର ନଗଦ ଓ ଟ୍ରଫି, ରନର୍ସ ଅପ୍‌କୁ ୨୦ ହଜାର ଓ ଟ୍ରଫି ଦେଇ ସମ୍ମାନୀତ କରାଯାଇଥିଲା। ତୃତୀୟ ପୁରସ୍କାର ୧୦ ହଜାର ଓ ଚତୁର୍ଥ ପୁରସ୍କାର ୭ ହଜାର ରଖା ଯାଇଥିଲା ।



ବାମରା ବ୍ଲକ ପିଣ୍ଡାପଥର ପଣ୍ଡୁପଡାରେ ମହାବୀର କପ୍ ଫୁଟବଲ ଟୁର୍ନାମେଣ୍ଟରେ ଭାଗ ନେଇଥିବା ଖେଳାଳିମାନେ।

# ବିକାଶ ଯୋଜନା ଦିଗଭ୍ରଷ୍ଟ ହୋଇଛି

ସମ୍ବଲପୁର,୧୩।୧(ବ୍ୟୁରୋ)

ସମ୍ବଲପୁରରେ ଆମ ସହର, ଆମ ଉନ୍ନତି ଯୋଜନା ଦିଗଭ୍ରଷ୍ଟ ହୋଇଛି। ଗରିବ, ଖଟିଖିଆଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ମିଳୁନାହିଁ। ତେଣୁ ଚଳିତ ମାସ ୧୫ ତାରିଖରୁ ଗ୍ରାଉଣ୍ଡ ଜିରୋରେ ସାମାଜିକ ସର୍ଭେ କରାଯିବ। ଭୁମିହୀନ ଓ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ଲୋକଙ୍କ ତାଲିକା ପ୍ରସ୍ତୁତ କରାଯିବ। ଏହାପରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ରବିବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ମାର୍ଗସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଖ୍ୟାଲଘୁ ବିକାଶ ମଞ୍ଚ ଓ ସମ୍ବଲପୁର ବିକାଶ ମଞ୍ଚ କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି। ସେମାନେ କହିଥିଲେ, ୨୦୧୪ରୁ ସଂଖ୍ୟାଲଘୁ ସମ୍ପ୍ରଦାୟ ନେତାଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ସଂଖ୍ୟାଲଘୁମାନଙ୍କୁ ଭାଗ ଭାଗ କରାଯାଉଛି। ମସଜିଦ୍ ନିର୍ମାଣରେ ରାଜନୀତି ପ୍ରବେଶ କରୁଛି। ଠିକାଦାରଙ୍କ ସୁପାରିସରେ ନିର୍ମାଣ କାମ ଚାଲିଛି। ଏହା ଐତିହାସିକ ସମ୍ବଲପୁର ସହର ପ୍ରତି ଅସମ୍ମାନ। ଫ୍ଲାଏ ଓଭର ନିର୍ମାଣ ସହରବାସୀଙ୍କ ଦୁଃଖ ପାଲଟିଛି। ଦୀର୍ଘଦିନ ହେବ ନିର୍ମାଣ କାର୍ଯ୍ୟ ଶେଷ ହୋଇନାହିଁ। ନିର୍ମାଣ ପୂର୍ବରୁ ଆପ୍ରୋଜ ରୋଡ୍ ନିର୍ମାଣ କରାଯାଇ ନାହିଁ। ଜବରଦଖଲ ମଧ୍ୟ ଉଚ୍ଛେଦ ହୋଇନାହିଁ। ଫଳରେ ଜନସାଧାରଣଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ଓକିଲଙ୍କ ଆନ୍ଦୋଳନ ୧୩୧ ଦିନରେ ପହଞ୍ଚିଥିବାବେଳେ ରିଲେ ଆମରଣ ଅନଶନ ୫୬ ଦିନ ହୋଇଛି। ତେଣୁ ସମସ୍ତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଫିସ ବନ୍ଦ ପଡ଼ିଛି। ଯାହାଦ୍ୱାରା ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ନିର୍ବାଚନ ପୂର୍ବରୁ ସହରବାସୀ ୧ ହଜାର କୋଟି ଟଙ୍କାର ଅନୁଦାନ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜନ ପ୍ରତିନିଧିମାନେ ସମାଧାନର ବାଟ ଖୋଜି ବାହାର କରିବାର ଆବଶ୍ୟକତା ରହିଛି ବୋଲି ସୂଚନା ଖବରଦାତା ସମ୍ମିଳନୀରେ କୁହାଯାଇଥିଲା। ସମ୍ମିଳନୀରେ ମଞ୍ଚ ଉପଦେଷ୍ଟା ଜୟବ୍ରତ ଦେ, ଆବାହକ ଦେବାଶିଷ ପୁରୋହିତ, ସୟଦ ସିରାଜ, ମହମ୍ମଦ ସବିର, ମହମ୍ମଦ ନୱାବ, ସୟଦ ମଜିଜ, ଶିଶିର ତାଣ୍ଡିଆ ଉପସ୍ଥିତ ଥିଲେ।



ସମ୍ବଲପୁର ସଂଖ୍ୟାଲଘୁ ବିକାଶ ମଞ୍ଚ ଉପଦେଷ୍ଟା ଜୟବ୍ରତ ଦେ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

# ଯୁଯୁମୁରାରେ ବିଜେଡି କର୍ମୀଙ୍କ ବୈଠକ

ସମ୍ବଲପୁର,୧୩।୧(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବିଜେଡିର ପୁରାତନ ବିଜେଡି କର୍ମୀଙ୍କ ବୈଠକ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ବିଜେଡି ନେତା ଜୟଲାଲ ବେହେରା ଏଥିରେ ସଭାପତିତ୍ୱ କରିଥିଲେ । ଆସନ୍ତା ସାଧାରଣ ନିର୍ବାଚନରେ ଦଳକୁ ତୃଣମୂଳସ୍ତରରେ କିପରି ଆହୁରି ମଜବୁତ ହେବ ସେ ଦିଗରେ ଆଲୋଚନା କରାଯାଇଥିଲା। ପ୍ରତି ୱାର୍ଡର ପ୍ରତି ପରିବାର ପାଖକୁ ଯାଇ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନ କରିବା, ଦଳରେ ଅଧିକ ସଂଖ୍ୟାରେ କର୍ମୀଙ୍କୁ ଯୋଗଦାନ କରିବା ଉପରେ ଆଲୋଚନା ହୋଇଥିଲ। ରାଧାକାନ୍ତ ବହିଦାର, ଶିବ ସାହୁ, ଲକ୍ଷ୍ମୀ ଦେହୁରୀ, ଦିଗାମ୍ବର ପ୍ରଧାନ, କୃଷ୍ଣଚନ୍ଦ୍ର ବାଙ୍କ, ଅବଦୁଲା ମାଝି, ବଳରାମ ପ୍ରଧାନ, ପ୍ରଫୁଲ କୁମାର ବକ୍ସି, ରାମ ବିଶ୍ୱାଳ, ଅନ୍ତର୍ଯ୍ୟାମି ବୁଡେକ, ଲଳିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ନିକଟସ୍ଥ ଭୋଇପାଲି ଗ୍ରାମରେ ହେଉଥିବା କ୍ରିକେଟ ଟୁର୍ନାମେଣ୍ଟରେ ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବିଜୟୀ ପାଣ୍ଡରୀ ଦଳ ଓ ବାହାଡାପଡା ଉପ ବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

## ସର୍ବଭାରତୀୟ ବହୁଭାଷୀ ନାଟକ, ନୃତ୍ୟ ମହୋତ୍ସବ ତୃତୀୟ ସନ୍ଧ୍ୟା

# ମନମୋହିଲା ନାଟକ 'ଚଇତୁ'

ଦେବଗଡ,୧୩।୧(ସ୍ୱ.ପ୍ର)

ସ୍ଥାନୀୟ ଟାଉନ୍‌ହଲ୍ ଠାରେ ଦେବଗଡର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନେସନାଲ୍ ତରଫରୁ ୧୬ତମ ସର୍ବଭାରତୀୟ ବହୁ ଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ୩ୟ ସନ୍ଧ୍ୟାରେ ୨ଟି ନାଟକ ମଞ୍ଚସ୍ଥ ହୋଇଯାଇଛି। ନାଟ୍ୟ ସନ୍ଧ୍ୟାକୁ ଜିଲା ବିଜେଡି ସଭାପତି ସୁଧିର କପରଦାର, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ନିବେଦିତା ନାୟକ, ସମ୍ପାଦକ ରୁମୁଝୁମା, ବରଗଡ଼ର ସରୋଜ କୁମାର ଭୂୟାଁ ପ୍ରମୁଖ ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇ କଳାକାର ତଥା ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ନାଟକ ପ୍ରୟାସ, ରାଉରକେଲା ଅନୁଷ୍ଠାନର ନିବେଦିତା ଜେନାଙ୍କ ରଚିତ ଓ ପ୍ରଫୁଲ୍ଲ ସେଠୀ ନିର୍ଦ୍ଦେଶିତ ନାଟକ 'ଚଇତୁ' ଚରିତ୍ରଚିତ୍ରଣକୁ ନେଇ 'ଆମ ମଣିଷ ପଣିଆ, ଆମ ଶିକ୍ଷାଗତ ଯୋଗ୍ୟତାରୁ ନୁହେଁ; ଆମେ ନେଉଥିବା ନିଷ୍ପତିରୁ ଜଣାପଡ଼େ' ଏଥିରେ ନିବେଦିତା, ସନ୍ତୋଷିନୀ ଓ ମୋନିକା, ପ୍ରଫୁଲ, ଗଙ୍ଗାଧର, ଶୁଶାନ୍ତ, ରାଜେଶ, ରମେଶ, ବିଶ୍ୱଜିତ୍‌ଙ୍କ ନିଖୁଣ ଅଭିନୟ ବେଶ ହୃଦୟସ୍ପର୍ଶୀ ଥିଲା । ସେହିପରି ଦ୍ୱିତୀୟ ନାଟକ ମୁକ୍ତିମଣ୍ଡପ, ଝାରସୁଗୁଡ଼ା ଅନୁଷ୍ଠାନର ଡ଼ା.କେଦାର ନାଥ ପଟେଲଙ୍କ ରଚନା ଓ ନିର୍ଦ୍ଦେଶନାରେ ହାସ୍ୟରସାତ୍ମକ ନାଟକ 'ଏନ୍ତା କଲେ କେନ୍ତା ହେବା''ରେ ଯେଉଁମାନେ ଗୋଟିଏ ନାଟକ କରିବା ପାଇଁ ଇଚ୍ଛା କରୁଛନ୍ତି ରିହାର୍ସେଲ ଠାରୁ ଷ୍ଟେଜ ସୋ କରିବା ପର୍ଯ୍ୟନ୍ତ କେତେ ଯେ ଅଭାବ ଅସୁବିଧା,ବାଦ୍‌ବିବାଦ ଭିତରେ ନାଟକ ପରିବେଷଣ କରିଛନ୍ତି। କଳାକାର ମାନଙ୍କ ଦ୍ୱାରା ଅଭିନୟ ବେଶ ମନୋରଂଜନର ଖୋରାକ ଯୋଗାଇଥିଲା । ଉଦ୍‌ଘୋଷକ ଭାବେ ଜନ୍ମାଜୟ ନାୟକ, ନାଟକ ଆୟୋଜନରେ କ୍ଲବର ସଂପାଦକ ସୁଜିତ ପାତ୍ର, ପ୍ରକାଶଚନ୍ଦ୍ର ଦେବତା, ବଂଶୀଧର ସାହୁ, ଶ୍ରବଣ କୁମାର ନାୟକ, ପିଙ୍କୁ ଝାଙ୍କରଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ।



ନାଟକ 'ଚଇତୁ' ଓ 'ଏନ୍ତା କଲେ କେନ୍ତା ହେବା'ର ଦୃଶ୍ୟ।

## ୨୩ ତମ ନିତ୍ୟାନନ୍ଦ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ

# ଡାକଡେରାକୁ ହରାଇ ଖୁଲିଆ ଚାମ୍ପିୟନ

ସମ୍ବଲପୁର,୧୩।୧(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅଧୀନ ମିର୍ଗାମୁଣ୍ଡା ଗ୍ରାମ ଖେଳ ପଡିଆରେ ଭିଏସ୍‌ଏସ୍ କ୍ଲବ ପକ୍ଷରୁ ୨୩ତମ ନିତ୍ୟାନନ୍ଦ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଟାଇବ୍ରେକରରେ ୪–୩ ଗୋଲ ସ୍କୋରରେ ଡାକଡେରା ଦଳକୁ ହରାଇ ଖୁଲିଆ ଚାମ୍ପିୟନ ହୋଇଛି । ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଭାଜପା ନେତା ନାଉରୀ ନାଏକ, ସଞ୍ଜୟ ଛୁରିଆ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୀରାଲାଲ ବାରିକ ଯୋଗ ଦେଇଥିଲେ । ଏହି ଟୁର୍ନାମେଣ୍ଟରେ ଫାଇନାଲକୁ ପ୍ରବେଶ କରିଥିବା ୨ ଦଳ ସମେତ କୁରେଟୁଲା, ସମ୍ବଲପୁର – ୧୧, ଜମାଦାର ପାଲି, ବିଜୟ –୧୧, ମଷ୍ଟୁ –୧୧, ଆଦିବାସୀ ସ୍ପୋର୍ଟିଂ ସମ୍ବଲପୁର ଆଦି ୮ଟି ଦଳ ଭାଗ ନେଇଥିଲେ । ଫାଇନାଲ ମ୍ୟାଚ ଡାକଡେରା ଓ ଖୁଲିଆ ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ହୋଇଥିଲା । ଖେଳ ସମୟ ସରିବା ଭିତରେ ଉଭୟ ଦଳ ୧–୧ ଗୋଲ ସ୍କୋର ଦେଇ ମ୍ୟାଚକୁ ଡ୍ର କରିଥିଲେ । ରେଫରୀଙ୍କ ନିଷ୍ପତ୍ତି କ୍ରମେ ଟାଇବ୍ରେକର ସାହାଯ୍ୟ ନିଆଯାଇଥିଲା । ସେଥିରେ ୪–୩ ଶୂନରେ ଖୁଲିଆ ଦଳ ଆଗରେ ରହି ବିଜୟୀ ହୋଇଥିଲା । ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ, ମାନଧାତା ବାବା କୃଷକ ସଂଗଠନ ସଭାପତି ହରିଶଙ୍କର ପୁରୋହିତ, ଆଇନଜୀବୀ ବିଭୂତି ପଟ୍ଟନାୟକ, ଅତନୁ ଘୋଷ, ଯତୀନ୍ଦ୍ର ବାରିକ, ମାନେଶ୍ୱର ସମବାୟ ସମିତି ସଭାପତି ଜଗନ୍ନାଥ ଦୀକ୍ଷିତ, ଫ୍ରାନସିସ ଫୁଲକରନ, ପ୍ରକାଶ ସାହୁ ଉପସ୍ଥିତ ଥିଲେ । ବିଜେତା ଦଳକୁ ୮ ହଜାର ଟଙ୍କା ଶହ ଟ୍ରଫି ଓ ଉପ ବିଜେତା ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ରାଜାରାମ ଓରାମ, ବରୁଣ ନାଏକ, କାର୍ତ୍ତିକ ଓରାମ, ବୃଷଭାନୁ ମହନ୍ତ ଖେଳ ପରିଚାଳନା କରିଥିଲେ । ଯୋଗେଶ ପୁରୋହିତ ଓ ରାଜେଶ ପୁରୋହିତ ଧାରା ବିବରଣୀ ପ୍ରଦାନ କରିଥିଲେ।



ସମ୍ବଲପୁର ମହାନଗର ମିର୍ଗାମୁଣ୍ଡା ଗ୍ରାମରେ ଅତିଥିଙ୍କ ସହ ଖେଳାଳି।



ପାଷାଣ୍ଡ, କାମାନ୍ଧ, କୃପଣ, ମୂର୍ଖ, ଦରିଦ୍ର, କଳଙ୍କିତ, ଚିରବ୍ୟାଧିଗ୍ରସ୍ତ, କ୍ରୋଧୀ, ପେଟ ବିକଳିଆ, ପାପୀମାନେ ବଞ୍ଚିଥାଇ ମଧ ମରିଥାନ୍ତି।
- ତୁଳସୀ ଦାସ



## ସଂକ୍ଷେପରେ

### ଏସଏସଡି ହାଇସ୍କୁଲର ବାର୍ଷିକ ଉତ୍ସବ

**ପାଇକମାଳ, ୧୩।୧(ଡି.ଏନ.ଏ):** ପାଇକମାଳ ବ୍ଲକ ନୃସିଂହନାଥ ଏସଏସଡି ହାଇସ୍କୁଲର ବାର୍ଷିକ ଉତ୍ସବ ବିଦ୍ୟାଳୟ ସଭାଗୃହରେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟବକ୍ତା, ବିଇଓ ଚୂଡାମଣି ବାରିକ, ଏସଏମସି ସଭାପତି ସୁବାସ ବିଭାର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପୂର୍ବରୁ ଅନୁଷ୍ଠିତ ହୋଇଥିବା କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର କରିଥିଲେ । ଦଇତାରୀ ବିଶ୍ୱାଳ ସଭା ପରିଚାଳନା କରିଥିବା ବେଳେ ସୁରେନ୍ଦ୍ର ନାଥ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉତ୍ସବ ଭୁଏ ଓ ଯୋଗେଶ୍ୱର ଷଡ଼ଙ୍ଗୀ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରାତିରେ ରାମରାଜ୍ୟ ନାଟକ ପରିବେଷିତ ହୋଇଥିଲା । ଶୁଭାକର ମୁନା ଧନ୍ୟବାଦ ଅର୍ପଣ କରିଥିଲେ ।

### ନୈତିକ ଶିକ୍ଷାର ଆବଶ୍ୟକତା ରହିଛି

**ବିଜେପୁର, ୧୩।୧ (ଡି.ଏନ.ଏ):** ବରଗଡ ଜିଲା ବିଜେପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ମନୋଜ ବେହେରାଙ୍କ ଅଧକ୍ଷତାରେ ସାଧାରଣ ସଭା ହୋଇଥିଲା । ବିଧାୟିକା ରୀତା ସାହୁ ମୁଖ୍ୟଅତିଥି, ବିଇଓ ରାଧାକାନ୍ତ ଗଡତିଆ, ବ୍ଲକ ଅଧକ୍ଷା ମାନିନୀ ଭୋଇ ସମ୍ମାନୀତ ଅତିଥି, ଅଧାପକ ଚିନ୍ମୟ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ନୈତିକତାର ଅବକ୍ଷୟ ଯୋଗୁ ଦିନକୁ ଦିନ ଭ୍ରଷ୍ଟାଚାର ବୃଦ୍ଧି ପାଉଛି । ତେଣୁ ଚାରିତ୍ରିକ ପରିବର୍ତ୍ତନ ପାଇଁ ନୈତିକ ଶିକ୍ଷାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ୨୦୧୮ ମାଟ୍ରିକ ପରୀକ୍ଷାରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ଛାତ୍ର ଅଭିଷେକ ଖମାରୀଙ୍କୁ ଆଲୁମିନି ଆସୋସିଏଶନ ସଭାପତି ମନୋଜ କୁମାର ପଣ୍ଡା ପୁରସ୍କୃତ କରିଥିଲେ। ସଂସ୍କୃତ ଶିକ୍ଷକ ରବିଶଙ୍କର ଗୁରୁ ସଭା ସଂଯୋଜନା କରିଥିଲେ । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶଙ୍କର ପଟେଲ, ଜୟନ୍ତ ପଧାନ, ସୁବ୍ରତ ପଧାନଙ୍କ ସମେତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ । ଶିକ୍ଷକ ଯଶୋବନ୍ତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।



### କୃତୀ ଛାତ୍ରୀଛାତ୍ର ପୁରସ୍କୃତ

**ପାଇକମାଳ, ୧୩।୧(ଡି.ଏନ.ଏ):** ପାଇକମାଳ ବ୍ଲକ ସାପଲହର ଗାୟତ୍ରୀ ହାଇସ୍କୁଲର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ସରୋଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜବୋଡାସମ୍ବର ହାଇସ୍କୁଲର ପ୍ରଧାନ ଶିକ୍ଷକ ସରୋଜ କୁମାର ଭୋଇ ଯୋଗଦାନ କରିଥିଲେ। ମାଣ୍ଡୋସିଲ ଡିଗ୍ରୀ କଲେଜର ଅଧ୍ୟାପକ ସନ୍ତୋଷ ସିଂ ଠାକୁର ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଦୁଇ ଦିନ ଧରି ଚାଲିଥିବା କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଶୁକଦେବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

■ ବରଗଡ଼ ଧନୁଯାତ୍ରା ମହୋତ୍ସବ

# ଅଭିନୟ ଏକ, ରୁଚି ଜୀବିକା ଭିନ୍ନ

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ । ୧୧ଦିନ ବ୍ୟାପୀ ହେଉଥିବା ଏହି ମହୋତ୍ସବରେ କଳାକାରଙ୍କ ମହାକୁମ୍ଭ ଦେଖିବାକୁ ମିଳିଥାଏ । ଏଠାରେ ଅଛନ୍ତି ଏଭଳି କଳାକାର, ଯାହାଙ୍କ କଳନା ନାହିଁ । ମଞ୍ଚରେ ଅଭିନୟ କରୁଥିବା ଅଭିନେତାଙ୍କଠାରୁ ଆରମ୍ଭ କରି ଉଭୟ ମଥୁରା ଓ ଗୋପବାସୀ ମଧ୍ୟ ଧନୁଯାତ୍ରା ସରିବା ପର୍ଯ୍ୟନ୍ତ ଜଣେ ଲେଖାଏଁ କଳାକାର ପାଲଟି ଯାଇଥାନ୍ତି । କିନ୍ତୁ ମଞ୍ଚ କଳାକାରଙ୍କ ଅଭିନୟରେ ଭିନ୍ନତା ରହିଛି । ଦର୍ଶକଙ୍କ ସମେତ ଉଭୟ ମଥୁରା ଓ ଗୋପବାସୀଙ୍କ ସମ୍ମୁଖରେ ସେମାନେ ନିଜ ଅଭିନୟ ପରାକାଷ୍ଠା ପ୍ରତିପାଦିତ କରୁଛନ୍ତି । ଅଭିନୟ ସେମାନଙ୍କ ରୁଚି, ମାତ୍ର ଜୀବିକା ଭିନ୍ନ । ରବିବାର ଏଭଳି କେତେଜଣ କଳାକାର ଏବଂ ଦିଗ୍‌ଦର୍ଶକଙ୍କୁ ଆମେ ଭେଟିଥିଲୁ । ସେମାନଙ୍କୁ ନେଇ ଏକ ଉପସ୍ଥାପନା...



କଟକ ବଡ଼ମ୍ବାରେ ଘର । ସାଧାରଣରେ ଜଣେ ଶଙ୍ଖୁଆ ହୋଇଥିଲେ ମଧ୍ୟ ସ୍ୱଇଚ୍ଛାରେ ଗତ ୨୦୦୩ ମସିହାରୁ ବରଗଡ଼ ଧନୁଯାତ୍ରା ଦେଖିବାକୁ ଆସି ଏହି ମହୋତ୍ସବରେ ସାମିଲ ହୋଇଛି। ମହୋତ୍ସବରେ ମୁଖ୍ୟତଃ ଶଙ୍ଖ ବାଦନ କରୁଛି। ୨୦୦୯ ମସିହା ଧନୁଯାତ୍ରାବେଳେ ମୁଁ ଏଠାରେ ଥିବାବେଳେ ଗାଁରେ ବାପାଙ୍କ ଦେହାନ୍ତ ହୋଇଥିଲା । ଏକମାତ୍ର ପୁଅ ହୋଇଥିଲେ ମଧ୍ୟ ମୁଁ ବାପାଙ୍କୁ ମୁଖାଗ୍ନି ଦେଇ ପାରି ନ ଥିଲି ।**–ନରହରି ଦାଶ**



ବରଗଡ଼ ବ୍ଲକ ବୁଦେଲପାଲିରେ ମୋର ଘର । ସ୍ଥାନୀୟ ଟାଉନ ଥାନାରେ ମୁଁ ଜଣେ ଗ୍ରାମରକ୍ଷୀ ଭାବେ କାର୍ଯ୍ୟ କରି ଆସୁଛି । ଦୀର୍ଘ ୯ବର୍ଷ ହେଲା ମୁଁ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ମହାକାଳ ଭୂମିକାରେ ଅଭିନୟ କରିଆସୁଛି। ଧନୁଯାତ୍ରା କମିଟି ମୋତେ ଏହି ସୁଯୋଗ ଦେଇଥିବା ଯୋଗୁ ନିଜକୁ ଧନ୍ୟ ମଣୁଛି। ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାରେ କଂସଙ୍କ ସାଙ୍ଗରେ ରହି ଆଦେଶ ପାଳନ କରିବା ନିଶ୍ଚିତ ଗର୍ବର ବିଷୟ ।**–ବିହାରୀ ମହାନନ୍ଦ**



ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ନରିଆବାହାଲ ଗ୍ରାମର ବାସିନ୍ଦା । ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବରେ ବର୍ଷକୁ ଥରେ ୧୧ଦିନ ବ୍ୟାପୀ ଲକ୍ଷାଧିକ ଦର୍ଶକ ମହଲରେ ଅଭିନୟ କରିବାର ସୁଯୋଗ ଜୁଟୁଛି । ଦୀର୍ଘ ୪ବର୍ଷ ହେଲା ମୁଁ ଏଠାରେ ଜଣେ ପ୍ରହରୀ ଭାବେ ଅଭିନୟ କରି ଆସୁଛି । ପରିବାର ପାଇଁ ରୋଜଗାର କରି ନିଜ ପାଇଁ ଖୁସି ମିଳେ, କିନ୍ତୁ ଅଭିନୟ ମାଧ୍ୟମରେ ଦର୍ଶକଙ୍କୁ ଖୁସି କରିବାଠୁ ବଳି ଗର୍ବର ବିଷୟ ଆଉ କଣ ହୋଇପାରେ ।**–ସୁଦାମ ପୋଡ଼**



ବୌଦ୍ଧ ଜିଲା ବାଉଶୁଣୀରେ ମୋର ଘର । ବାରିକ କାମ କରିବା ମୋର ଜୀବିକା । ବରଗଡ଼ ଧନୁଯାତ୍ରା ମହୋତ୍ସବରେ ସାମିଲ ହୋଇ ଜଣେ କଳାକାର ଭାବେ ଯେଉଁ ପରିଚୟ ପାଇଛି, ତାକୁ କେବେ ଭୁଲି ପାରିବି ନାହିଁ । ଗତ ୩ବର୍ଷ ହେଲା ଏଠାରେ ସୈନ୍ୟ ମହାକାଳ ଭୂମିକାରେ ଅଭିନୟ କରିଆସୁଛି । କିନ୍ତୁ ଆଗକୁ ଏଠାରେ ଅଭିନୟ କରିବାର ସଉକ ମଧ୍ୟ ରହିଛି । ଧନୁଯାତ୍ରା କମିଟି ସୁଯୋଗ ଦେଲେ ତାକୁ ହାତଛଡ଼ା କରିବି ନାହିଁ ।**–କୃଷ୍ଣଚନ୍ଦ୍ର ବାରିକ**



ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ଘର ଓ ସେଠାକାର ଥାନାରେ ଜଣେ ହୋମଗାର୍ଡ଼ ଭାବେ କାର୍ଯ୍ୟରତ । ଅଭିନୟ ପ୍ରତି ମୋର ରୁଚି ରହିଛି । ଆଉ ଏହି ସୁଯୋଗ ଅନ୍ୟ କେଉଁଠି ପାଇନାହିଁ । କେବଳ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଦୀର୍ଘ ୧୧ବର୍ଷ ହେଲା ଚାଣୁର ଭୂମିକାରେ ଅଭିନୟ କରି ଆସୁଛି । ଚାଣୁର ବେଶରେ ସଜ୍ଜିତ ହେବା ପରେ ନିଜକୁ ଆଉ ଜଣେ ସାଧାରଣ ମଣିଷ ବୋଲି ଭାବେ ନାହିଁ, ଆପେ ବୀରଦର୍ପ ଚାଲି ଆସେ ।**–ଶମ୍ଭୁ ଭୂଷଣ ଗୁରୁ**



ବରଗଡ଼ ଜିଲା ଭଟଲିରେ ମୋର ଘର । ଏକ ଘରୋଇ ହସପିଟାଲରେ ଲାବ୍ ଟେକ୍ନିସିଆନ ଭାବେ କାମ କରୁଛି । ଦୀର୍ଘ ୧୦ବର୍ଷ ହେଲା ବରଗଡ଼ ଧନୁଯାତ୍ରା ମହୋତ୍ସବରେ ମୁଷ୍ଟିକ ଭାବେ ଅଭିନୟ କରିଆସୁଛି । ଅଭିନୟ ଯେତେ ଉଚ୍ଚକୋଟୀର ହୋଇ ପାରିବ, ଗୁରୁମାନଙ୍କ ପରାମର୍ଶକ୍ରମେ ସେଥିପ୍ରତି ଧ୍ୟାନ ମଧ୍ୟ ଦେଇ ଆସୁଛି। ବରଗଡ଼ ଧନୁଯାତ୍ରା ମହୋତ୍ସବ ବ୍ୟତୀତ ମୁଁ ଭଟଲି ଚନ୍ଦନ ଯାତ୍ରାରେ ବଳରାମ ଭୂମିକାରେ ମଧ୍ୟ ଅଭିନୟ କରିଛି ।**–ମୁକେଶଚାନ୍ଦ ଆଚାର୍ଯ୍ୟ**



ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜର ଜଣେ ଅଧ୍ୟାପକ । ଏହାବାଦ୍ ଅଭିନୟ, ନିର୍ଦ୍ଦେଶନା ପ୍ରତି ମୋର ରୁଚି ରହିଛି । ଧନୁଯାତ୍ରା କଳାକାରଙ୍କୁ ଏଥର ଯେଭଳି ଦିଗଦର୍ଶନ ଦିଆଯାଇଛି, ତାହା ସାର୍ଥକ ହୋଇଛି ବୋଲି ମନେ ହେଉଛି । ଅନ୍ୟବର୍ଷ ଅପେକ୍ଷା ଏଥର ଅଭିନୟ ଉଚ୍ଚମାନର ହେଉଥିବା ପରିଲକ୍ଷିତ ହୋଇଛି । ପ୍ରତିଟି କ୍ଷେତ୍ରରେ ଅଭିନୟକୁ ବାସ୍ତବ ରୂପ ଦେବା ପାଇଁ ଆମେ ଚେଷ୍ଟା କରିଛୁ ।**–ଅଶୋକ ବେହେରା**



ଧନୁଯାତ୍ରାରେ ଗୋପପୁର ଯାତ୍ରା ଏକ ଅଭିନ୍ନ ଅଙ୍ଗ । ଏଠାରେ ନନ୍ଦରାଜା, ନନ୍ଦରାଣୀଙ୍କୁ ଛାଡ଼ିଦେଲେ ଅନ୍ୟ ପ୍ରମୁଖ ଚରିତ୍ର ଶ୍ରୀକୃଷ୍ଣ, ଶ୍ରୀରାଧା, ବଳରାମଙ୍କଠାରୁ ଆରମ୍ଭ କରି ଗୋପୀ, ଗୋପାଙ୍ଗନା ପ୍ରାୟ ସମସ୍ତେ ଶିଶୁ କଳାକାର । ମୋର ଅଜା ସ୍ୱର୍ଗତ ନୀଳମଣି ପୂଜାରୀ ଗୋପପୁର ଯାତ୍ରାର ଉଦ୍ୟୋକ୍ତା ଥିଲେ । ଏହି ଯାତ୍ରାର କଳାକାରଙ୍କୁ ଦିଗ୍‌ଦର୍ଶନ ଦେବାର ସୁଯୋଗ ମୋତେ ମିଳିଛି । ହରିବଂଶ ଅନୁସରଣ ସହିତ ସାଧୁସନ୍ଥଙ୍କୁ ଯୋଗାଯୋଗ କରି କିଛି ନୂଆ କରିବାକୁ ଉଦ୍ୟମ କରୁଛୁ ।**–ରବୀନ୍ଦ୍ର ପୂଜାରୀ**

**ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍**

## ବରପାଲି ବଣିକ ସଂଘର ବାର୍ଷିକୋତ୍ସବ




ବରପାଲି ବଣିକ ସଂଘର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବରପାଲି, ୧୩।୧ (ଡି.ଏନ.ଏ)**

ବରପାଲି ବଣିକ ସଂଘର ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଛି । ନିଜସ୍ୱ ବଣିକ ଭବନ ପରିସରରେ ଆୟୋଜିତ ଉତ୍ସବରେ ଅନୁଷ୍ଠାନ ସଭାପତି ନନ୍ଦଲାଲ ସାହୁ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ବରଗଡ ଏମ୍‌ପି ପ୍ରଭାସ ସିଂ ମୁଖ୍ୟଅତିଥି, ବିଜେପୁର ବିଧାୟିକା ରୀତା ସାହୁ ଓ ଜିଲା ସିଟି/ଜିଏସଟି ଅଫିସର ନିରୂପମା ସାହୁ ସମ୍ମାନୀତ ଅତିଥି ଏବଂ ମନିଷ ଅଗ୍ରୱାଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ୟବସାୟିକ ସମସ୍ୟା, ବିଭିନ୍ନ ଟ୍ୟାକ୍ସ ତଥା ଜିଏସଟି ଉପରେ ଆଲୋଚନା କରିଥିଲେ । ସଂଘର କୋଷାଧକ୍ଷ ଅଶୋକ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ସୁରେନ୍ଦ୍ର କୁମାର ହୋତା ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସାମାଜିକ କର୍ମୀ ତଥା କୃତୀ କଳାକାରମାନଙ୍କୁ ମାନପତ୍ର ସହ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟତମ ସମ୍ପାଦକ ହରିଶ ଅଗ୍ରୱାଲ ସହଯୋଗ କରିଥିଲେ । ଶେଷରେ ବରିଷ୍ଠ ସଦସ୍ୟ ସନ୍ତୋଷ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ହାସ୍ୟକବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

ସ୍କୁଲ ପାଣି ଟାଙ୍କିରେ ବିଷ ପ୍ରୟୋଗ ଘଟଣା

## ଅଭିଯୋଗର ୧୧ ଦିନ ପରେ ବି ପଦକ୍ଷେପ ଶୂନ

**ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ**

**ଗଣ୍ଡତୁରୁମ, ୧୩।୧ (ଡି.ଏନ.ଏ)**

ବରଗଡ଼ ଜିଲା ଭେଡେନ ଥାନା ରୁଷୁଡା ଫାଣ୍ଡି ଅନ୍ତର୍ଗତ ଗୁନିଆଁପାଲି ପ୍ରାଥମିକ ବିଦ୍ୟାଳୟ ପାଣି ଟାଙ୍କିରେ କେହି ଦୁର୍ବୃତ୍ତ ବିଷ ପ୍ରୟୋଗ କରିଥିଲେ । ଏ ନେଇ ସ୍କୁଲର ପ୍ରଧାନଶିକ୍ଷକ, ପରିଚାଳନା କମିଟି ଏବଂ ଅଭିଭାବକ ଥାନା ଓ ଫାଣ୍ଡିରେ ଅଭିଯୋଗ କରିବାର ୧୧ ଦିନ ବିତିଯାଇଥିଲେ ମଧ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ବରଂ ଘଟଣାକୁ ଚପାଇଦେବା ଉଦ୍ୟମ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ଗତ ଡିସେମ୍ବର ୨୩ରୁ ଜାନୁୟାରୀ ୨ ତାରିଖ ପର୍ଯ୍ୟନ୍ତ ସ୍କୁଲ ଛୁଟି ଥିଲା । ସ୍କୁଲ ଖୋଲିବା ପର ଦିନ ପ୍ରଧାନଶିକ୍ଷକ ବିପିନ ଦେହୁରୀ ମୋଟର ପମ୍ପ ଚାଲୁ କରିବା ସହିତ ଜଣେ ଛାତ୍ରଙ୍କୁ ବୋତଲରେ ପାଣି ଭର୍ତ୍ତି କରିବା ପାଇଁ କହିଥିଲେ। ମାତ୍ର ପାଣି ଧଳା ରଙ୍ଗ ଦେଖାଯିବା ସହିତ ଫେଣ ହୋଇଯାଇଥିଲା ଏବଂ କୀଟନାଶକର ଗନ୍ଧ ହୋଇଥିଲା । ସେ ତୁରନ୍ତ ସ୍କୁଲ ପରିଚାଳନା କମିଟି ଏବଂ ଗ୍ରାମବାସୀଙ୍କୁ ଡକାଇ ଘଟଣା ବିଷୟରେ କହିବା ସହିତ ପାଣିର ନମୂନା ସଂଗ୍ରହ କରିଥିଲେ। ଏପରିକି ସ୍କୁଲ ପରିଚାଳନା କମିଟି ତରଫରୁ ସିଆରସିସି, ଜିଇଓ, ଏବିଇଓଙ୍କୁ ପତ୍ର ମାଧମରେ ଜଣାଇବା ସହିତ ରୁଷୁଡା ଫାଣ୍ଡି ଓ ଭେଡେନ ଥାନାରେ ଅଭିଯୋଗ ହୋଇଥିଲା । ଖବର ପାଇ ଶିକ୍ଷା ବିଭାଗ ଅଧିକାରୀଙ୍କ ସମେତ ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ସରଜମିନ ତଦନ୍ତ କରିଥିଲେ । ତେବେ ଅଭିଯୋଗର ୧୧ ଦିନ ବିତିଯାଇଥିଲେ ମଧ ତଦନ୍ତର ଅଗ୍ରଗତି ହୋଇନାହିଁ । ଫଳରେ ଗ୍ରାମରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏ ସମ୍ପର୍କରେ ଭେଡେନ ଆଇଆଇସି ତାରା ଜସ୍ମିନ ଗୁଡିଆଙ୍କୁ ପଚାରିବାରୁ ଗ୍ରାମବାସୀ ଏବଂ ସ୍କୁଲ ପରିଚାଳନା କମିଟି ପକ୍ଷରୁ ପୂର୍ବରୁ ଦିଆଯାଇଥିବା ଅଭିଯୋଗ ଅନୁସାରେ ଆମେ ତଦନ୍ତ ଜାରି ରଖିଛୁ ବୋଲି କହିଥିଲେ ।

**ଗୁନିଆଁପାଲି ସ୍କୁଲ**
- ପାଣିଟାଙ୍କିରେ ଦୁର୍ବୃତ୍ତ କରିଥିଲେ ବିଷ ପ୍ରୟୋଗ
- ଘଟଣା ଚପାଇ ଦେବାକୁ ଉଦ୍ୟମ

## ଫୁଟବଲ: ଖରମୁଣ୍ଡା ଚାମ୍ପିୟନ

**ଗଣ୍ଡତୁରୁମ, ୧୩।୧ (ଡି.ଏନ.ଏ)**

ଭେଡେନ ବ୍ଲକ ମାନପୁର ପଞ୍ଚାୟତ ଅନ୍ତର୍ଗତ ମହୁଲେ କାଲେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଶନିବାର ସୁନୀଲ ହୋତା ସ୍ମାରକୀ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ବିଜେପୁର ଖରମୁଣ୍ଡା ଦଳ ଚାମ୍ପିୟନ ହୋଇଛି । ସେମି ଫାଇନାଲ ମ୍ୟାଚ୍‌ରେ ଗଣ୍ଡତୁରୁମ ଜୟଭାରତ ସ୍ପୋର୍ଟିଂକୁ ହରାଇ ସମ୍ବଲପୁର ସ୍ପୋର୍ଟିଂ ଏବଂ ସମ୍ବଲପୁର ଏକାଦଶକୁ ପରାସ୍ତ କରି ଖରମୁଣ୍ଡା ଦଳ ଫାଇନାଲକୁ ପ୍ରବେଶ କରିଥିଲା । ଖରମୁଣ୍ଡା ଏବଂ ସମ୍ବଲପୁର ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ନିର୍ଦ୍ଧାରିତ ସମୟରେ ଅମୀମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ୩–୨ ଗୋଲରେ ଖରମୁଣ୍ଡା ଦଳ ଚାମ୍ପିୟନ ହୋଇଥିଲା । ଜିଲା ପରିଷଦ ସଭ୍ୟ ସୁବାଷ ହୋତା, ସାମାଜିକ କର୍ମୀ ଚୈତନ୍ୟ ସାହୁ, ଗଣେଷ କର୍ଣ୍ଣ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସେହିପରି ଉଦ୍‌ଯାପନୀ ଉତ୍ସବରେ ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ଦୁଃଖନାଶନ ପଟ୍ଟନାୟକ ମୁଖ୍ୟଅତିଥି, ସରପଞ୍ଚ ସୁରୁବାବୁ ମାଝୀ, ରବି ପାଣିଗ୍ରାହୀ, ଶିକ୍ଷାବିତ୍ ରାଧାକାନ୍ତ ବାବୁ, ଗୌରଚନ୍ଦ୍ର ପାଣିଗ୍ରାହୀ, ଯୁବ ସଙ୍ଗଠକ ରୁବୁଲ ହୋତା ଏବଂ ଭାଗିରଥି ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ ।



ଅତିଥିଙ୍କ ଗହଣରେ ଖେଳାଳିମାନେ ।

## କ୍ରିକେଟ: ଡୁମାଲପାଲି ଏକାଦଶ ଚାମ୍ପିୟନ

**ଭଟଲି,୧୩।୧(ଡି.ଏନ୍.ଏ.)**

ଭଟଲି ବ୍ଲକ ଅନ୍ତର୍ଗତ ସୁକୁଡ଼ା ଖେଳ ପଡ଼ିଆରେ ଚାଲିଥିବା ୨୩ତମ ଚ୍ୟାଲେଞ୍ଜ କପ୍ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି । ଡୁମାଲପାଲି ଏକାଦଶ ଏବଂ ଅନ୍ତରାଡ଼ି ଏକାଦଶ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ଡୁମାଲପାଲି ଏକାଦଶ ୧୬ ରନ୍‌ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ଏହି ମ୍ୟାଚରେ ଡୁମାଲପାଲି ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ଉଇକେଟ ହରାଇ ୮୮ ରନ୍ ସଂଗ୍ରହ କରିଥିଲା। ଅନ୍ତରାଡ଼ି ଦଳ ନିର୍ଦ୍ଧାରିତ ଓଭରରେ ୭ଟି ଉଇକେଟ ହରାଇ ମାତ୍ର ୭୩ ରନ୍ କରିପାରିଥିଲା । ରାଜୀବ ଭୁଏ, ଜୀବର୍ଦ୍ଧନ ଲୁହା, ଉମେଶ ବଡ଼େଇ ଏବଂ ପ୍ରଶାନ୍ତ ନାଏକ ଖେଳ ପରିଚାଳନା କରିଥିଲେ ।

## ସହଜ ରାଜଯୋଗ ଶିବିର

**ଅମ୍ବାଭୋନା, ୧୩।୧ (ଡି.ଏନ.ଏ)**

**ଅମ୍ବାଭୋନା ବ୍ଲକ**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକର ଚିଚୋଲିଠାରେ ରବିବାର ବାଳସଙ୍ଗ ମଣ୍ଡଳୀ ଦ୍ୱାରା ଆୟୋଜିତ ସହଜ ରାଜଯୋଗ ଶିବିର ଆରମ୍ଭ ହୋଇଛି। ଏହି ଶିବିରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଯଶୋଦା, ଜ୍ୟୋତ୍ସ୍ନା, ଶକୁନ୍ତଳା ପ୍ରମୁଖ ଭଉଣୀମାନେ ବକ୍ତା ଭାବେ ଯୋଗଦେଇ ଆଧ୍ୟାତ୍ମିକ ଚେତନାରେ ଲୋକମାନଙ୍କୁ ସାମିଲ କରିଥିଲେ । ଏହି ଶିବିରରେ ଡା. ଶରତ ପ୍ରଧାନ ସସ୍ତ୍ରୀକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଏହି ବ୍ଲକ ଅଧୀନ ଚିଚୋଲି ଗ୍ରାମର ଶ୍ରଦ୍ଧାଳୁ ପିତବାସ ସା ମୁଖ୍ୟ କର୍ତ୍ତା ଭାବେ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଭୁକ୍ତା ମହାତ୍ମାଗାନ୍ଧୀ ମହାବିଦ୍ୟାଳୟର ଅଧକ୍ଷ ଧ୍ରୁବଚରଣ ସା, ଅଧାପିକା ଦମୟନ୍ତୀ ହୋତା, ଡା. ହିତାଂକ୍ଷୀ ପ୍ରଧାନ, ସହକାରୀ ଶିକ୍ଷକ ଦୁର୍ଯ୍ୟୋଧନ କାଲୋ, ଅବସରପ୍ରାପ୍ତ ଶିକ୍ଷକ କ୍ଷିତେଶ୍ୱର ଭୋଇ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ମଞ୍ଚାସୀନ ରହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ। ଏହି ଶିବିର ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବାଳସଙ୍ଗ ମଣ୍ଡଳୀ ପକ୍ଷରୁ କୁହାଯାଇଛି ।

## ଫାଇନାଲରେ ୟୁଥ କ୍ରିକେଟ କ୍ଲବ

**ପଦ୍ମପୁର, ୧୩।୧ (ଡି.ଏନ.ଏ)**

**ବୋରାସମ୍ବର କ୍ରିକେଟ**

ବରଗଡ଼ ଜିଲା ପଦ୍ମପୁର ବୋରାସମ୍ବର ସ୍ପୋର୍ଟିଂ ପକ୍ଷରୁ ଚାଲିଥିବା ୨୫ତମ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ସେମିଫାଇନାଲ ମ୍ୟାଚରେ ରାଉରକେଲା ୟୁଥ କ୍ରିକେଟ କ୍ଲବ ସେଲ ରାଞ୍ଚିକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି। ୩୫ ଓଭର ବିଶିଷ୍ଟ ଏହି ସେମିଫାଇନାଲ ମ୍ୟାଚରେ ୟୁଥ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରିଥିଲା । ଅଧିନାୟକ ଅଶୋକ ବାରିକଙ୍କ ୬୨ (୫୫), ରବି ନାୟକ ୨୬ ଏବଂ ଅଂଶୁମାନ ଗୋପଙ୍କ ୨୬ ରନ ସହାୟତାରେ ୟୁଥ କ୍ଲବ ଦଳ ୩୫ ଓଭରରେ ୮ ଉଇକେଟ ହରାଇ ୨୦୨ ରନ ସଂଗ୍ରହ କରିଥିଲା। ସେଲ ରାଞ୍ଚି ଦଳ ପକ୍ଷରୁ ନିରଞ୍ଜନ ସିଂ ଓ ବିନୟ ସିଂ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ । ୨୦୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ସେଲ ଦଳ ୨୭ ଓଭରରେ ୧୫୧ ରନ କରି ସମସ୍ତ ଉଇକେଟ ହରାଇ ୫୧ ରନରେ ପରାସ୍ତ ହୋଇଥିଲା । ସେଲ ଦଳ ପକ୍ଷରୁ ସନ୍ତୋଷ କୁମାର ୨୯ ଏବଂ ରବି ସିଂ ୨୧ ରନ ସଂଗ୍ରହ କରିଥିଲେ। ୟୁଥ କ୍ରିକେଟ ଦଳ ପକ୍ଷରୁ ରାଜୀବ ନାୟକ ୩୬ ରନ ଦେଇ ୪ଟି ଏବଂ ପପୁ ରାୟ ୨୪ ରନ୍ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅଞ୍ଚଳ କଲେଜ ଅଧକ୍ଷ ଲଳିତେନ୍ଦୁ ନାୟକ ଯୋଗଦେଇ ବିଜୟୀ ଦଳର ରାଜୀବ ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ । ଅମ୍ପାୟାର ଶୁଶାନ୍ତ ପାଣିଗ୍ରାହୀ ଓ ମହେଶ ମୁନସୀ ମ୍ୟାଚ୍ ପରିଚାଳନା, ଦେବାଶିଷ ଚକ୍ରବର୍ତ୍ତୀ ଧାରା ବିବରଣୀ ଏବଂ ଆକାଶ କୁମାର ଦାଶ ସ୍କୋରର ଥିଲେ । ସୋମବାର ମହତାବ ସମ୍ବଲପୁର ଏବଂ ପାୟୋନିୟର ପୁରୀ ଦଳ ମଧ୍ୟରେ ପ୍ରଥମ ମ୍ୟାଚ୍ ଏବଂ ଗ୍ରୀନ ଏକାଡେମୀ ଭୁବନେଶ୍ୱର ଏବଂ ସ୍ପୋର୍ଟ୍ସ ଆସୋସିଏଶନ ରାଉରକେଲା ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି ।




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

## ଗୌଡ଼ଗାଁ କଲେଜରେ ଟ୍ରାଫିକ ସଚେତନତା

**ଭଟଲି,୧୩।୧(ଡି.ଏନ୍.ଏ.)**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଗୌଡ଼ଗାଁ ପଞ୍ଚାୟତ ଜୁନିୟର ମହାବିଦ୍ୟାଳୟ ପରିସରରେ ରବିବାର ଏକ ଦିବସୀୟ ଟ୍ରାଫିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ସୁରେଶ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ମୁଖ୍ୟଅତିଥି, ଅଧାପକ ଲୋକେଶ୍ୱର ସା ଏବଂ ଦିବ୍ୟକିଶୋର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଟ୍ରାଫିକ ସଚେତନତା ଉପରେ ମାର୍ଗଦର୍ଶନ କରିଥିଲେ । ରାସ୍ତାରେ ଯିବାବେଳେ କିଭଳି ଟ୍ରାଫିକ୍ ନିୟମ ମାନିବାକୁ ପଡିବ ସେ ନେଇ ଅତିଥିମାନେ ବକ୍ତବ୍ୟ ଦେଇଥିଲେ । ପରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ସଙ୍ଗୀତା ମହାନନ୍ଦ ପ୍ରଥମ, ଦେବଜାନୀ ଥପା ଦ୍ୱିତୀୟ, ଜ୍ୟୋତିରଞ୍ଜନ ବାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ରୋଜିସ୍ମା ପ୍ରିୟଦର୍ଶିନୀ ବିଭାରଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା ।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ଆଭାସ ମହୋତ୍ସବ ଉଦ୍‌ଯାପିତ
## ଲୋକନୃତ୍ୟର ମଜା ନେଲେ ଦର୍ଶକ

**ମନମୁଣ୍ଡା, ୧୩।୧ (ଡି.ଏନ.ଏ)-** ବୌଦ୍ଧ ଜିଲା ଶିମିଳିପଦର-ପତ୍ରାପାଲିଠାରେ ଅନୁଷ୍ଠିତ ଆଭାସ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବରିଷ୍ଠ ଭାଜପା ନେତା କହ୍ନେଇ ଚରଣ ଡାଙ୍ଗ ମୁଖ୍ୟଅତିଥି, ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଶାନ୍ତ ସାହୁ, ଶିବଶଙ୍କର ପ୍ରଧାନ, ସୁରୁବାବୁ ଦୀପ, ଦଫେ ବାଘ, ଅର୍ଜୁନ ମେହେର ସମ୍ମାନୀତ ଅତିଥି ଏବଂ ନିହାଲ ସିଂ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅପରାହ୍ନ ସମୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଦଣ୍ଡ, ଦାସକାଠିଆ, ପାଲା, ଘୁବକୁଡୁ, ଶବର ଶବରୀ, ସମ୍ବଲପୁରୀ, କରମା, ଆଦିବାସୀ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା। ଏଥିରେ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ । ଦଣ୍ଡରତ୍ନ ବିପିନ ଜାଲଙ୍କ ଏକ ଭିନ୍ନ ଶୈଳୀ ଦଣ୍ଡନୃତ୍ୟ ଦର୍ଶକଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଭୁଖା ସିନେମାର କଣ୍ଠଶିଳ୍ପୀ ନୁର ବେଗମ୍, ସ୍ୱନାମଧନ୍ୟ ତୁଲିଆ ଲାଇବାନ୍ ଓରଫ୍ କୁକୁରାଡାକୁ ଡୁଗୁରିଆଙ୍କୁ ସମ୍ମାନୀତ କରାଯାଇଥିଲା। ଅନୁଷ୍ଠାନର ଆବାହକ କଳାକାର କୃପାସିନ୍ଧୁ ସୁନା, ଗଣେଶ ଚନ୍ଦ୍ର ସୁନା, ବରୁଣ କୁମାର ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

### ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ
# ଖଣ୍ଡହତାକୁ ଟାଇଟଲ

**ଅମରପାଲି, ୧୩।୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବିଶାଳପାଲି, ଚିଙ୍ଗିରାନାଲ ଓ ପାତ୍ରପାଲିର ମିଳିତ ଆନୁକୂଲ୍ୟରେ ଚାଲିଥିବା ୫ମ ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଗୋଘାଟକୁ ହରାଇ ପଞ୍ଚଖଣ୍ଡା କ୍ରିକେଟ କ୍ଲବ ଖଣ୍ଡହତା ଚାମ୍ପିୟନ ହୋଇଛି। ଫାଇନାଲ ଖେଳ ଟି-୧୨, ୬-୬ ଓଭର ଏବଂ ସୁପର ୨ ଓଭର ବିଶିଷ୍ଟ ଫର୍ମାଟରେ ହୋଇଥିଲା। ଖଣ୍ଡହତା ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ଖେଳାଯାଇଥିବା ଟି-୧୨ ମ୍ୟାଚରେ ନିର୍ଦ୍ଧାରିତ ୧୨ ଓଭରରେ ୮ଉଇକେଟ ହରାଇ ୧୧୦ରନ କରିଥିଲା। ଦଳର ଅଭିଲାଷ ୪୬ ରନ, ରାକେଶ କର୍ମୀ ଓ ସୁଧିର ୨୦ ରନ ଲେଖାଏଁ କରିଥିଲେ। ବିପକ୍ଷ ଗୋଘାଟର ବିଜୟାନନ୍ଦ ଭୋଇ ୨ଟି ଉଇକେଟ ନେଇଥିଲେ। ଯବାବରେ ଗୋଘାଟ ଦଳ ଆବଶ୍ୟକ ୧୧୧ରନକୁ ୧୧.୨ ଓଭରରେ ୮ଉଇକେଟ ହରାଇ ସଂଗ୍ରହ କରିଥିଲା।

ଦଳର ବିଜୟାନନ୍ଦ ଭୋଇ ୮୨ ରନ କରିଥିବା ବେଳେ ବିପକ୍ଷ ଖଣ୍ଡହତାର ସୁଜିତ ୩ଟି ଉଇକେଟ ନେଇଥିଲେ। ପରେ ଖେଳାଯାଇଥିବା ୬-୬ ଓଭର ଫର୍ମାଟରେ ଖଣ୍ଡହତା ଦଳ ନିର୍ଦ୍ଧାରିତ ୬ଓଭରରେ ୨ଉଇକେଟ ହରାଇ ୮୩ରନ କରିଥିଲା। ଦଳର ରଞ୍ଜନ ବେହେରା ୫୭ ରନ କରିଥିଲେ। ଯବାବରେ ଗୋଘାଟ ଦଳ ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ହରାଇ ୩୧ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ ଜିଣିବାରୁ ସୁପର-୨ ଓଭର ଖେଳାଯାଇଥିଲା। ଗୋଘାଟ ଦଳ ୨ ଓଭରରେ ୧୦ ରନ କରିଥିବା ବେଳେ ଖଣ୍ଡତହା ଦଳ ଗୋଟିଏ ଓଭରରେ ଆବଶ୍ୟକ ୧୧ ରନ ସଂଗ୍ରହ କରିଥିଲା। ଫଳରେ ଖଣ୍ଡହତା ୨-୧ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପ୍ରାଣବନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ, ସାମାଜିକ ସଂଗଠନ ପ୍ରୟାସର ସଭାପତି ରାଧେଶ୍ୟାମ ମିଶ୍ର, ଶିକ୍ଷକ ବାଙ୍କା ବିହାରୀ ମହାକୁର ଓ ରମେଶ ପଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଗୋଘାଟ ଦଳର ବିଜୟାନନ୍ଦ ଭୋଇଙ୍କୁ ଶ୍ରେଷ୍ଠ ବ୍ୟାଟ୍ସ ମ୍ୟାନ, ଖଣ୍ଡହତା ଦଳର ସୁଜିତ ପଧାନଙ୍କୁ ଶ୍ରେଷ୍ଠ ବୋଲର୍ ଏବଂ ରଞ୍ଜନ ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ସିରିଜ ଭାବେ ପୁରସ୍କୃତ କରାଯିବା ସହିତ ଚାମ୍ପିୟାନ ଖଣ୍ଡହତା ଦଳକୁ ନଗଦ ୬ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସଅପ୍ ଗୋଘାଟ ଦଳକୁ ନଗଦ ୪ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ଖେଳକୁ ସୁରେଶ ବିଶି ଓ ବାଙ୍କାବିହାରୀ ମହାକୁର ପରିଚାଳନା କରିଥିବା ବେଳେ ସୁବାଷ ଅଦରକୁଲିଆ ସ୍କୋରିଂ ଏବଂ ପ୍ରଦୀପ ସାହୁ ଓ ପ୍ରାଣବନ୍ଧୁ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଶେଷରେ କ୍ଷୀରୋଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ପ୍ରଶାନ୍ତ ସାହୁ, ବବୁଲ ପଧାନ, ରଞ୍ଜିତ ପଧାନ, ରାକେଶ, ଲଳିତ ସାହୁ, ପ୍ରହଲ୍ଲାଦ ପଧାନ, ଯୁଧିଷ୍ଠିର ସାହୁ ପ୍ରମୁଖ ସହଯୋଗ କରିଥିଲେ।




ଅତିଥିଙ୍କ ସହିତ ଚାମ୍ପିୟନ ଖଣ୍ଡହତା ଦଳର ଖେଳାଳିମାନେ।

# ଯୁବ ସମାଜ ପାଇଁ ଗାନ୍ଧୀ ମୂଲ୍ୟବୋଧ ସର୍ବଦା ଅନୁକରଣୀୟ

**ବୀରମହାରାଜପୁର, ୧୩।୧(ଡି.ଏନ.ଏ.)**

ଗାନ୍ଧୀଜୀଙ୍କ ବିଚାର, ଆଦର୍ଶ, କର୍ମନିଷ୍ଠତା, ସମୟାନୁବର୍ତ୍ତିତା ଏବଂ ସତ୍ୟକୁ ଆଧାର କରି ଜୀବନଶୈଳୀ ଗଢ଼ିବାକୁ ଛାତ୍ରୀଛାତ୍ରମାନେ ବ୍ରତୀ ହୁଅନ୍ତୁ। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସମ୍ପାଦକ ତଥା ବିଶିଷ୍ଟ ଗାନ୍ଧୀବାଦୀ କର୍ମୀ ନାରାୟଣ ଦାସ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା କଲେଜରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଛନ୍ତି । ପରବର୍ତ୍ତୀ ସୁବଳୟା ଏବଂ ବିଶ୍ୱ ଯୁବକେନ୍ଦ୍ରର ମିଳିତ ସହଯୋଗରେ ବିଶ୍ୱ ଯୁବ ଦିବସ ଉପଲକ୍ଷେ ଶନିବାର ଆୟୋଜିତ ଆଲୋଚନାଚକ୍ରରେ ଶୀର୍ଷକ ଥିଲା ଗାନ୍ଧୀ ମୂଲ୍ୟବୋଧ ଓ ଯୁବ ସମାଜ। ଏଥିରେ କଲେଜ ଅଧ୍ୟକ୍ଷ ଭୋଳାନାଥ କର୍ମୀ ଅଧ୍ୟକ୍ଷତା କରିଥିବା ବେଳେ ବିଶ୍ୱ ଯୁବକେନ୍ଦ୍ର, ଅନୁଗୋଳର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଉତ୍ତମ ବିଦ୍ୟାର୍ଥୀର ଗୁଣ, ସ୍ୱଭାବ ଓ କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରି ଯୁବ ସମାଜ ପାଇଁ ଗାନ୍ଧୀ ମୂଲ୍ୟବୋଧ ସର୍ବଦା ଅନୁକରଣୀୟ ବୋଲି ମତବ୍ୟକ୍ତ କରିଥିଲେ । ଉକ୍ତ ଆଲୋଚନାଚକ୍ରରେ ପରିବର୍ତ୍ତନ ସୁବଳୟାର ସଭାପତି ଆଡଭୋକେଟ ନନ୍ଦକିଶୋର ମିଶ୍ର, ଉପସଭାପତି ଶେଷଦେବ ବାରିକ, ସମ୍ପାଦକ କୈଳାଶ ଚନ୍ଦ୍ର ଅଗ୍ରୱାଲ ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ଡ. ମୀନକେତନ ଛୁରିଆ, ଗିରିଧାରୀ ମିଶ୍ର, ଶିବଶଙ୍କର ମହାନନ୍ଦ ଓ ଦେବାଶିଷ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପକ ରମାକାନ୍ତ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ପରିବର୍ତ୍ତନର ସଭ୍ୟା ବର୍ଷାରାଣୀ ଅଗ୍ରୱାଲ ଓ ସଦସ୍ୟ ବିକାଶ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

# ଜଣେ ମୃତ, ଜାତୀୟ ରାଜପଥ ଅବରୋଧ

**ବୌଦ୍ଧ,୧୩।୧ (ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ରବିବାର ପୃଥକ ୩ଟି ରାସ୍ତା ଦୁର୍ଘଟଣା ଘଟିବା ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଚାରିଛକ ବଜାରରେ ରବିବାର ସକାଳ ୯ଟା ସମୟରେ ବୌଦ୍ଧରୁ ଭୁବନେଶ୍ୱର ଯାଉଥିବା ବୋଲେରୋ (ନଂ.ଓଡି୦୨ଏଆର/୭୫୫୮) ଏକ ବାଇକ୍‌କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ପୁରୁଣାକଟକ ଥାନାର ଗୁଣ୍ଡୁରିବିଡା ଗ୍ରାମର ଗଣେଶ ନାଏକ

**ହରଭଙ୍ଗା ବ୍ଲକରେ ୩ ଦୁର୍ଘଟଣା**

(୧୭) । ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକ ଓ ପରିବାର ପକ୍ଷରୁ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା । ୪ ଘଣ୍ଟା ପରେ ରେଡକ୍ରସ ୧୦ ହଜାର ଟଙ୍କା ଓ ଗାଡି ମାଲିକ ୧୫ ହଜାର ଟଙ୍କା ମୃତକଙ୍କ ପରିବାରକୁ ଦେବା ପରେ ରାସ୍ତାରୋକୋ ହଟିଥିଲା । ପୁରୁଣାକଟକ ପୋଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ଅପରାହ୍ନ ୪ଟା ସମୟରେ ବୌଦ୍ଧ ଜିଲା ସଦର ଥାନା ଅନ୍ତର୍ଗତ ଲାଣ୍ଡିବନ୍ଧ ଗ୍ରାମରେ ଏନ୍‌ଏଚ୍-୫୭ କଡରେ ଥିବା ଘର ମଧ୍ୟକୁ ଏକ ଟ୍ରାକ୍ଟର ପଶିଯିବାରୁ ଘରେ ଥିବା ଦୁଇଜଣ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ବୌଦ୍ଧ ଡାକ୍ତରଖାନା ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଆହତ ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ଦାବି କରି ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଅନ୍ୟ ଏକ ଘଟଣାରେ ହରଭଙ୍ଗା ବ୍ଲକ ମାଧପୁର ନିକଟସ୍ଥ ଯୋଗୀପଥର ଠାରେ ଭୁବନେଶ୍ୱରରୁ ଫୁଲବାଣୀ ବାଇକ୍ ଯୋଗେ ଯାଉଥିବା ବେଳେ ଏକ ଅଜଣା ଗାଡି ଧକ୍କାରେ ପିଣ୍ଟୁ ପାତ୍ର ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ପୁରୁଣାକଟକ ମେଡିକାଲରେ ଚିକିତ୍ସା କରାଯାଉଛି ।




ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରାଯାଇଛି ।

# ୧୭ରୁ ସୁବର୍ଣ୍ଣପୁରରେ ଇଙ୍କ୍‌ଫେଷ୍ଟ
### ବହି ବଜାର ସହିତ ପ୍ରତି ସନ୍ଧ୍ୟାରେ ବୌଦ୍ଧିକ ଓ ସାରସ୍ୱତ ଉତ୍ସବ

**ସୋନପୁର,୧୩।୧ (ନି.ପ୍ର.)**

ସୁବର୍ଣ୍ଣପୁରର ରୟାଲ ପଡ଼ିଆରେ ଜାନୁୟାରୀ ୧୭ତାରିଖରୁ ୨୪ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟ-୨୦୧୯ । ୮ ଦିନ ବ୍ୟାପି ବାର୍ଷିକ ପୁସ୍ତକ ମେଳା ସାଙ୍ଗକୁ ସାରସ୍ୱତ ଉତ୍ସବ ଅନୁଷ୍ଠିତ ହେବ । ଏହି ଉତ୍ସବର ତୃତୀୟ ସଂସ୍କରଣରେ ୬୦ରୁ ଉର୍ଦ୍ଧ ଷ୍ଟଲରେ ରାଜ୍ୟର ପ୍ରମୁଖ ପୁସ୍ତକ ପ୍ରକାଶନ ସଂସ୍ଥା ସହ କେନ୍ଦ୍ର ସାହିତ୍ୟ ଏକାଡେମୀ କଲିକତା, ଦିଲ୍ଲୀ, ଗ୍ୱାଲିଅର ଓ ଲକ୍ଷ୍ନୌ ପ୍ରଭୃତି ସ୍ଥାନର ଅନେକ ନାମୀଦାମୀ ପ୍ରକାଶନ ସଂସ୍ଥା ଓ ବହି ବିକ୍ରେତା ଯୋଗ ଦେଉ ଥିବାର ସମ୍ମତି ଜଣାଇଛନ୍ତି। ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସନ୍ଧ୍ୟା ବ୍ୟତିତ ୬ ଦିନ ଧରି ସାହିତ୍ୟ, ସଂସ୍କୃତି, ବୌଦ୍ଧିକ, ସାରସ୍ୱତ, ଅଧୁନାତନ ଆହ୍ୱାନ, ସାମାଜିକ ସମସ୍ୟା ଏବଂ କୃଷିକୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରହିଛି । ଭିନ୍ନ ଭିନ୍ନ ପ୍ରସଙ୍ଗରେ ରାଜ୍ୟ ଓ ଜାତୀୟସ୍ତରର ବୁଦ୍ଧିଜୀବୀ, ଗବେଷକ ତଥା ବିଶିଷ୍ଟ ବ୍ୟକ୍ତିମାନେ ଏସବୁ ଆଲୋଚନାରେ ଅଂଶଗ୍ରହଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ପର୍ଯ୍ୟାୟକ୍ରମେ ସ୍ଥାନୀୟ ଆବଶ୍ୟକତା ପାଇଁ ମାନବ ସମ୍ବଳ ବନାମ ଦାଦନ ସମସ୍ୟା, ସଙ୍ଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଦଳମାନଙ୍କର କ୍ରମ ବର୍ଦ୍ଧିଷ୍ଣୁ ଗୁରୁତ୍ୱ, କୃଷି ଉତ୍ପାଦନ ଓ ସ୍ୱାସ୍ଥ୍ୟ ସଙ୍କଟ, ସୁବର୍ଣ୍ଣପୁରର ପର୍ଯ୍ୟଟନ-ସୁଯୋଗ ଓ ସମ୍ଭାବନା ଶିର୍ଷକ ପ୍ରସଙ୍ଗକୁ ନେଇ ଆଲୋଚନାଚକ୍ର ଆୟୋଜିତ ହେବ । ସେହିପରି ବୌଦ୍ଧିକ ବିକାଶ ଲକ୍ଷ୍ୟରେ କବିତା ପାଠୋତ୍ସବ ସ୍ୱର୍ଣ୍ଣରାଗ, ଚିତ୍ରାଙ୍କନ, ଗାନ୍ଧୀ ଦର୍ଶନ ଉପରେ ଖୋଲା ପ୍ରଶ୍ନ ମଞ୍ଚ, ନବ ପ୍ରତିଭା ପ୍ରଦର୍ଶନ, ବକ୍ତୃତା ଓ ପୁସ୍ତକ ଉନ୍ମୋଚନ ଭଳି କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି ବୋଲି ଇଙ୍କଫେଷ୍ଟର ସଭାପତି ସ୍ୱାଧୀନ ମେହେର ରବିବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି । ରୟାଲ ପଡିଆରେ ଆୟୋଜିତ ଏହି ସମ୍ମିଳନୀରେ ଇଙ୍କଫେଷ୍ଟର ସାଧାରଣ ସମ୍ପାଦକ ଅମ୍ବୁଜ ବିହାରୀ ଶତପଥୀ, ବରିଷ୍ଠ ସଭ୍ୟ ବ୍ରଜମୋହନ ଦାନୀ, ଡ. ଜ୍ୟୋତିରଞ୍ଜନ ବହିଦାର, ଡ. ଦେବାଶିଷ ପାଣ୍ଡିଆ, ଗତିକୃଷ୍ଣ ମିଶ୍ର, ପ୍ରଦୀପ ପୁରୋହିତ, ଗୋବିନ୍ଦ ମହାରଣା, ପ୍ରଭୁଦତ୍ତ ରଥ ଓ ବେଣୁଧର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

# ଗୌଁଡ ସାଂସ୍କୃତିକ ସମାଜ ପକ୍ଷରୁ ବନ୍ଧୁମିଳନ

**ସୋନପୁର,୧୩।୧ (ନି.ପ୍ର.)**

ଗୌଁଡ ସାଂସ୍କୃତିକ ସମାଜ ସୁବର୍ଣ୍ଣପୁର ଶାଖା ପକ୍ଷରୁ ଏକ ବନ୍ଧୁମିଳନ ଉତ୍ସବ ସହରର ପଟାଭାଡିସ୍ଥିତ ମେଗା ନର୍ସରୀରେ ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଗୌଁଡ ସମାଜର ଇଷ୍ଟ ଦେବତା ବୁଢାଦେଓଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ପରେ ସମାଜର ବରିଷ୍ଠ ସଭ୍ୟ ବିଶ୍ୱାମିତ୍ର ପଧାନଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ରାମପ୍ରସାଦ ମାଝି, ଲକ୍ଷ୍ମୀଧର ମାଝି, ଅଶ୍ୱିନ କୁମାର ଭୋଇ, ମଙ୍ଗୁଲୁ ଭୋଇ, ପ୍ରାଣବନ୍ଧୁ ନାଏକ, ସୁଶିଲ କୁଅଁର, ତ୍ରିନାଥ ଭୋଇ, ଦେବଜ୍ୟୋତି ନାଏକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏଥିରେ ଗୌଁଡ ସମାଜର କିଭଳି ଉନ୍ନତି ହେବ, ସମାଜ ମଧ୍ୟରେ ଲାଗି ରହିଥିବା କୁସଂସ୍କାର, ଶିକ୍ଷା, ମାଦକ ଦ୍ରବ୍ୟର ବ୍ୟବହାର, ନାରୀ ଶିକ୍ଷାର ଉନ୍ନତି ଉପରେ ବିଶଦ ଆଲୋଚନା ହୋଇଥିଲା । ସଭାକୁ ସଂଯୋଜନା କରିଥିଲେ ଲବ କୁମାର ଭୋଇ ଓ ଯୁଧିଷ୍ଠିର ଧରୁଆ । ଧନ୍ୟବାଦ ପ୍ରଦାନ କରିଥିଲେ ମକୁନ୍ଦ ଧରୁଆ । ଶେଷରେ ମହିଳାମାନଙ୍କ ପାଇଁ କୁଇଜ୍, ମ୍ୟୁଜିକ୍ ଚେୟାର ଓ ଛୋଟ ପିଲାମାନଙ୍କ ପାଇଁ ମାଠିଆ ଭଙ୍ଗା, ଅନ୍ଧ ପୁଟୁଳି ଖେଳ ଆୟୋଜିତ ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ସୁବାସ ଧରୁଆ, ପଦ୍ମନାଭ ଧରୁଆ, ଅଙ୍ଗଦ ଭୋଇ, ଅଚ୍ୟୁତ ଭୋଇ, ଉତ୍ତମ ଝାଙ୍କର, ହୀରେନ୍ଦ୍ର ଧରୁଆ, ନିମାଇଁ ଚରଣ ଧରୁଆ ଓ ବିଶ୍ୱାମିତ୍ର ନାଏକ ପ୍ରମୁଖ ସହଯୋଗ କରିଥିଲେ ।

# ମାଡ଼ ମାରି ଯୁବକଙ୍କୁ ଲୁଟ୍, ଜଣେ ଗିରଫ

**ସୋନପୁର,୧୩।୧ (ନି.ପ୍ର.)**

ମାଡ ମାରି ଯୁବକଙ୍କ ଠାରୁ ଟଙ୍କା, ମନିପର୍ସ ଏବଂ ଏଟିଏମ୍ କାର୍ଡ ଲୁଟ୍ କରିବା ଅଭିଯୋଗରେ ସୋନପୁର ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି । ସେହେଲେ ସୋନପୁର ସହରର ଏମ୍‌ଏଲ୍‌ଏ ପଡାର ଲୁଲୁ ସୁନା(୩୬) । ଲୁଲୁଙ୍କଠାରୁ ଲୁଟ୍ ହୋଇଥିବା ୧୮୦୦ ଟଙ୍କା, ପନିପର୍ସ ଏବଂ ଏଟିଏମ କାର୍ଡ ଉଦ୍ଧାର ହୋଇଛି । ତାଙ୍କ ସହଯୋଗୀ ଫେରାର ହୋଇଯାଇଛନ୍ତି । ଲୁଲୁଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି । ଅଭିଯୋଗ ଅନୁଯାୟୀ ଗତ ୯ ତାରିଖ ସନ୍ଧ୍ୟାରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ବାଞ୍ଚିମୁଣ୍ଡାର ମଧୁସୂଦନ ସିଂ(୨୬) ସୋନପୁର ଗାନ୍ଧୀ ପଡିଆକୁ ଲୋକ ମହୋତ୍ସବ ଦେଖିବାକୁ ଆସିଥିଲେ। ଘରକୁ ଫେରିବା ବେଳେ ରାତି ସାଢେ ୮ଟାରେ ନଳୀନି ଛକ ରାସ୍ତା ପାର୍ଶ୍ୱରେ ବାଇକ୍ ରଖି ମଧୁସୂଦନ ପରିସ୍ରା କରୁଥିଲେ। ସେତିକିବେଳେ ଲୁଲୁ ଓ ତାଙ୍କ ସହଯୋଗୀ ଏକ ସ୍କୁଟିରେ ଆସି ମଧୁସୂଦନଙ୍କୁ ଲୁହା ରଡରେ ମାଡ ମାରିଥିଲେ। ପରେ ପକେଟ୍‌ରୁ ମନିପର୍ସ ଲୁଟି ନେଇଥିଲେ । ମନିପର୍ସରେ ୫ହଜାର ୩୦୦ଟଙ୍କା ଓ ଏଟିଏମ୍ କାର୍ଡ ଥିବା ଅଭିଯୋଗ ହୋଇଥିଲା । ଅନ୍ୟପକ୍ଷେ ଅଭିଯୁକ୍ତଙ୍କୁ ମଧୁସୂଦନ ଚିହ୍ନିବା ପାଇଁ ଟିଆଇ ପ୍ୟାରେଡ କରାଯିବ ବୋଲି ଥାନା ଅଧିକାରୀ ଚନ୍ଦ୍ରମୋହନ ସିଂ ସୂଚନା ଦେଇଛନ୍ତି।

# ଦୃଢ଼ ଆତ୍ମବିଶ୍ୱାସ ସଫଳତା ଆଣିଦିଏ
■ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ସୋନପୁର,୧୩।୧ (ନି.ପ୍ର.)**

ସୁବର୍ଣ୍ଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚତୁର୍ବିଂଶତମ ବାର୍ଷିକ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି । ଦୁଇଦିନ ଧରି ଏହି ଉତ୍ସବ ଆୟୋଜିତ ହୋଇଥିଲା। ରବିବାର ଏସ୍‌ପି ପ୍ରଫୁଲ୍ଲ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏସ୍‌ପି ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦୃଢ ଆତ୍ମବିଶ୍ୱାସ ହିଁ ସେମାନଙ୍କ ଜୀବନରେ ସଫଳତା ଆଣି ଦେଇଥାଏ । ତେଣୁ ଛାତ୍ରୀଛାତ୍ର ଆତ୍ମବିଶ୍ୱାସ ରଖି ଶିକ୍ଷା ଗ୍ରହଣ କଲେ ଜୀବନରେ ନିଶ୍ଚିତ ସଫଳତା ପାଇବେ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ଏସ୍‌ପି ଶିଶୁ ମନ୍ଦିରର ଶିକ୍ଷା ବ୍ୟବସ୍ଥା ଓ ସଂସ୍କାର ମୂଳକ ଶିକ୍ଷାର ପ୍ରଶଂସା କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି ସୌଦାମିନୀ ରଥ ସଭାରେ ଅଧ୍ୟକ୍ଷତା କରିଥିଲେ । ବୀରମହାରାଜପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରାବସ୍ଥାରେ ଶୃଙ୍ଖଳା ଓ ଗୁଣାତ୍ମକ ଶିକ୍ଷା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମିଳିଥାଏ । ଦେଶର ଏହି ସର୍ବବୃହତ ଶିକ୍ଷାନୁଷ୍ଠାନ ଅଭିଭାବକ ମହଲରେ ଆଦୃତ ହୋଇ ପାରିଛି ବୋଲି ଡ. ରଥ ମତବ୍ୟକ୍ତ କରିଥିଲେ । ରଥ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ଛାତ୍ରୀଛାତ୍ରମାନଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦୟାନିଧି କରଣ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ପରିଚାଳନା ସମିତି ସମ୍ପାଦକ ନିରଞ୍ଜନ ପାଣ୍ଡିଆ ଧନ୍ୟବାଦ ପ୍ରଦାନ କରିଥିଲେ । ଛାତ୍ରୀ ଶ୍ୱେତ ପଦ୍ମା ମେହେର ସଭାକୁ ସଂଯୋଜନା କରିଥିଲେ। ସଭାପରେ ଛାତ୍ରୀଛାତ୍ର ମାନେ ବିଭିନ୍ନ ସାଂସ୍କୃତିକ କାଯ୍ୟକ୍ରମ ପରିବେଷଣ କରିଥିଲେ । ବିଦ୍ୟାଳୟର ଗୁରୁମା ପୁଷ୍ପାଞ୍ଜଳି ପଣ୍ଡା, ଶ୍ରାବଣୀ କର, ଅନ୍ନପୂର୍ଣ୍ଣା ତ୍ରିପାଠୀ, ଜୟନ୍ତୀ ପଣ୍ଡା, ଅନୁସୟା ମିଶ୍ର, ଝରଣା ଥନାପତି, ରୀତା ପଧାନ, ସୌଭାଗ୍ୟ ମଞ୍ଜରୀ ମହାରଣା, ରୁବି ମିଶ୍ର, ରବି ମହାରଣା, ନାରାୟଣ ନାଏକ, ହଳଧର ସାହୁ, ମନ୍ମଥ ପଧାନ, ଦେବାଶିଷ ଚାନ୍ଦ, ତ୍ରିଲୋଚନ ହୋତା, ଅନ୍ତଯର୍ୟାମୀ ପଣ୍ଡା ଓ ଜୟନାରାୟଣ ବେଜ୍ ପ୍ରମୁଖ ସହଯୋଗ କରିଥିଲେ ।



ଏସ୍‌ପି ଦେବୀପ୍ରସାଦ ଦାଶ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି ।

### ଟ୍ରକଯୋଗେ ବାହାରକୁ ଗୋରୁଚାଲାଣ ଘଟଣା
# ୪ ଅଭିଯୁକ୍ତ କୋର୍ଟଚାଲାଣ : ଟ୍ରକ, ସ୍କୋର୍ପିଓ ଜବତ

**ବୀରମହାରାଜପୁର, ୧୩।୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରୁ ବାହାରକୁ ଟ୍ରକ ଯୋଗେ ଗୋଚାଲାଣ କରୁଥିବା ଅଭିଯୋଗରେ ଅଟକ ଥିବା ୪ଯୁବକଙ୍କୁ ସ୍ଥାନୀୟ ପୋଲିସ ରବିବାର ଅପରାହ୍ନରେ କୋର୍ଟଚାଲାଣ କରିଛି। ସେମାନେ ହେଲେ ଶେଖ ଇକବାଲ୍ ହୁସେନ (୩୮), ଅନୀଲ ଇକବାଲ ଖାଁ (୨୫), ଶେଖ ରିଜୱାନ (୨୭) ଓ ମନୋଜ କୁମାର ରାଉତ (୨୧)। ସମସ୍ତ ଅଭିଯୁକ୍ତଙ୍କ ଘର ଯାଜପୁର ଜିଲା ଯାଜପୁର ସଦର ଥାନା ଅଧିନ ବରୁଆନ୍ ଗ୍ରାମରେ ବୋଲି ଜଣାପଡିଛି। ଉକ୍ତ କାରବାରରେ ବ୍ୟବହୃତ ଟ୍ରକ ନଂ. ଓଆର୍ ୦୧ ଏଆର-୮୨୫୨ ଏବଂ ଏକ ସ୍କୋର୍ପିଓ ନଂ. ଓଡି ୧୧ ଡି- ୦୦୧୩କୁ ମଧ ଜବତ କରାଯାଇଛି । ଘଟଣା ସଂକ୍ରାନ୍ତରେ ବୀରମହାରାଜପୁର ଥାନା ପକ୍ଷରୁ ଆଇପିସିର ୩୭୯, ୪୧୧/୩୪ ଏବଂ ପ୍ରୋଟେକସନ୍ ଅଫ୍ କୁଏଲଟି ଟୁ ଏନିମାଲ ଆକ୍ଟର ଦଫା ୧୧ (ପି) (ଡି) ଅନୁଯାୟୀ ରୁଜୁ ହୋଇଥିବା ମାମଲାରେ ତଦନ୍ତ ଜାରି ରହିଛି ବୋଲି ଥାନା ଆଇଆଇସି କୁଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ଏହି ଅଞ୍ଚଳରୁ ଦୀର୍ଘଦିନ ହେଲା ସ୍ଥାନୀୟ ଦଲାଲମାନଙ୍କ ମାର୍ଫତରେ ବାହାରକୁ ଗୋଚାଲାଣ କରାଯାଉଥିବାର ଅଭିଯୋଗ ହେଉଥିଲା। ଏହାରି ଭିତରେ କର୍ଡାପାଲ ଗୁରୁବାର ବଜାରରୁ କିଣି ଟ୍ରକ ଯୋଗେ ଚାଲାଣ ହେଉଥିବା ବେଳେ ଶୁକ୍ରବାର ରାତି ବଜରଙ୍ଗ କର୍ମୀମାନେ ମୁର୍ଷୁଣ୍ଡୀ ଗ୍ରାମଠାରେ ସ୍ଥାନୀୟ ଯୁବକମାନଙ୍କ ସହାୟତାରେ ଅଟକ ରଖିଥିଲେ । ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲେ ହିଁ ଉତ୍ତ୍ୟକ୍ତ ଲୋକେ ଟ୍ରକ ଭିତରେ ନିର୍ଦ୍ଦୟ ଭାବେ ବୋଝେଇ କରାଯାଇଥିବା ଗୋରୁଙ୍କୁ ଘଉଡାଇ ଦେଇ ସାରିଥିଲେ। ଗୋଚାଲାଣ କାରବାରରେ ନିୟୋଜିତ ଥିବା ୪ଯୁବକଙ୍କ ସହ ଏକ ସ୍କର୍ପିଓ ମଧ ଧରାପଡିଥିଲା । ଲୋକମାନେ ଟ୍ରକ ଓ ସ୍କର୍ପିଓକୁ ଭଙ୍ଗାରୁଜା କରିବା ସହ ଆରୋହୀମାନଙ୍କୁ ଲୁଟପାଟ କରିବା ଅଭିଯୋଗରେ ମଧ ଏକ ପୃଥକ ମାମଲା (ନଂ. ୯/୧୯୦ ରୁଜୁ କରିଥିବା ଜଣାପଡିଛି।



ଗିରଫ ଅଭିଯୁକ୍ତମାନେ।

**ବୀରମହାରାଜପୁର ଥାନା**
- ଉଦ୍ଧାର ହେଲେ ୧୬ ଗୋରୁ, ୫୦ରୁ ଉର୍ଦ୍ଧ୍ୱ ନିଖୋଜ
- ମାମଲାର ଅଧିକ ଅନୁସନ୍ଧାନ ଜାରି
- ହିଂସା ଆଚରଣ ଯୋଗୁ ଅଟକାଇଥିବା ବ୍ୟକ୍ତିଙ୍କ ବିରୋଧରେ ବି ମାମଲା

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ଜାନୁୟାରୀ ୧୪/୨୦୧୯



> ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ,
> ସମୟ ସମୟରେ ପ୍ରାଣ ବି ଯାଇପାରେ।
> - ବିନୋବା ଭାବେ



## ସଂକ୍ଷେପରେ

### ସଂଗଠିତ ହୋଇ କାମ କଲେ ସଫଳତା ଛୁଇଁ ହୁଏ

**ଭୁବନେଶ୍ୱର, ୧୩।୧ (ବ୍ୟୁରୋ)-** ଭୁବନେଶ୍ୱର ଓସ୍ୱାସ (ଓଡ଼ିଶା ସେକ୍ରେଟାରୀଏଟ୍ ୱର୍କଫ୍ଲୋ ଅଟୋମେଶନ ସିଷ୍ଟମ)ଏବଂ ଇ-ମ୍ୟୁନିସିପାଲଟିର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଗଠିତ ହୋଇ କାର୍ଯ୍ୟ କଲେ ସଫଳତାକୁ ଛୁଇଁ ହୁଏ। ତେଣୁ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଛି। ସୁଜିତ ମହାପାତ୍ର, ଅଭିନନ୍ଦନ ପଟ୍ଟନାୟକ, ସୁଭଶ୍ରୀ ପଟ୍ଟନାୟକ, ପରିକ୍ଷୀତ ମିଶ୍ର, ପ୍ରୋଜେକ୍ଟ ମ୍ୟାନେଜର ହର ପ୍ରସାଦ ସାହୁ, ପ୍ରୋଜେକ୍ଟ ଲିଡର୍ ଗୌରି ପାଲ ଓ ଅଙ୍କିତ ବିଶ୍ୱାଳ ବୈଠକ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



### ଜଗନ୍ନାଥ ପ୍ରସାଦ ଜଗନ୍ନାଥ ମନ୍ଦିର ପୂଜକଙ୍କ ପରଲୋକ

**ନାକଟିଦେଉଳ, ୧୩।୧ (ଡି.ଏନ.ଏ.)-** ନାକଟିଦେଉଳ ବ୍ଲକ୍ ଜଗନ୍ନାଥ ପ୍ରସାଦସ୍ଥିତ ଜଗନ୍ନାଥ ମନ୍ଦିରର ପୂଜକ ତଥା ପବିତ୍ରମୋହନ ହାଇସ୍କୁଲର ଅବସରପ୍ରାପ୍ତ କର୍ମଚାରୀ ବୃଷଭ ପଣ୍ଡାଙ୍କ ୯୩ ବର୍ଷ ବୟସରେ ପାଲୋକ ଘଟିଛି। ଦୀର୍ଘ ଦିନ ଧରି ସେ ବୟସାଧିକ୍ୟ ହେତୁ ବାର୍ଦ୍ଧକ୍ୟ ଜନିତ ରୋଗୀରେ ପୀଡିତ ହୋଇ ସମ୍ବଲପୁର ସହରରେ ରହୁଥିବା ଝିଅଘରେ ରହି ସେଠାକାର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସମ୍ବଲପୁରରେ ପରଲୋକ ଘଟିବା ପରେ ଆମ୍ବୁଲାନ୍ସ ଯୋଗେ ଜଗନ୍ନାଥପ୍ରସାଦସ୍ଥିତ ଗାଁ ଘରକୁ ପାର୍ଥିବ ଶରୀର ଅଣା ଯାଇଥିଲା। ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର ବେଳେ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ, ପରିବାର ଲୋକେ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ସୁନିତୀ ଦେବୀ, ୬ ଝିଅ ଅଲି, ଜୟନ୍ତୀ, ଖୁଲଣା, ସୁଜାତା, ମାମି, ସଙ୍ଗୀତା, ଜ୍ୱାଇଁ ଆଡ୍‌ଭୋକେଟ ତଥା ଧରିତ୍ରୀ ରେଢାଖୋଲ ପ୍ରତିନିଧି ଅଚ୍ୟୁତାନନ୍ଦ ପୁରୋହିତ, ପ୍ରଦୀପ ବିଶି, ତୈଲୋକ୍ୟ ହୋତା, ଶିକ୍ଷକ ପ୍ରକାଶ ପଣ୍ଡା, ବ୍ୟମୋକେଶ ମହାପାତ୍ର, ରାଜୀବ ପାଣିଗ୍ରାହୀଙ୍କ ସମେତ ନାତି ନାତୁଣୀ ଉପସ୍ଥିତ ଥିଲେ।

### ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁଆନ ପରବ ଉତ୍ସବ ଉଦ୍‌ଯାପିତ

**ଚିପିଲିମା, ୧୩।୧ (ଡି.ଏନ.ଏ.)-** ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସର ବିଜୁ ପଟ୍ଟନାୟକ ଅଡ଼ିଟୋରିୟମରେ ୫ ଦିନ ଧରି ଚାଲିଥିବା ୩୪ତମ କେନ୍ଦ୍ରୀୟ ଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁଆନ ପରବ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୁଳପତି ଡ. ଦୀପକ କୁମାର ବେହେରା, ଲୋକସଭା ସଦସ୍ୟ ଡ. ପ୍ରଭାସ ସିଂ, ଡ. ରଞ୍ଜନ ରାଏ, କୁଳସଚିବ ଡ. ସତ କୁମାର ସାହୁ, ଅଶୋକ କୁମାର ଦାଶ, ଡ. ବୁଲୁ ମହାରଣା, ସୁମନ୍ତ କେର୍କେଟା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଦେଶର ବିଭିନ୍ନ ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇ ନିଜ ନିଜ କଳା, ସଂସ୍କୃତି, ପରମ୍ପରାକୁ ସାଂସ୍କୃତିକ ଝଲକରେ ପରିବେଷଣ କରିଥିଲେ। ଫଳରେ ଏହି ୫ ଦିନ ଧରି ଜ୍ୟୋତିବିହାର ପରିସର ଏକ ଛୋଟ ଭାରତରେ ପରିଣତ ହୋଇଥିଲା। ଶେଷରେ ସମସ୍ତେ ଏହି ଉତ୍ସବର ଅନୁଭୂତିକୁ ସ୍ମୃତି କରି ଫେରିଯାଇଛନ୍ତି। ଫେରିବାବେଳେ ବିଦାୟବେଳାର ଦୃଶ୍ୟ ଭାବବିହ୍ୱଳ ଥିଲା।




ସମ୍ବଲପୁର ବୁଢ଼ାରଜା ହାଇସ୍କୁଲର କ୍ରୀଡା ଉତ୍ସବରେ ଚାମ୍ପିୟନ ଛାତ୍ରୀଛାତ୍ର ଅତିଥିଙ୍କ ସହ।



ସମ୍ବଲପୁର ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡା ଉତ୍ସବରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରୁଛନ୍ତି ।



ସମ୍ବଲପୁର ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡା ଉତ୍ସବରେ କୃତୀ ଛାତ୍ରମାନଙ୍କୁ ଜିଲାପାଳ ସମର୍ଥ ବର୍ମା ମେଡାଲ ପିନ୍ଧାଉଛନ୍ତି ।

# କ୍ରୀଡ଼ାକୁ ଅଣଦେଖା କରିବା ଅନୁଚିତ

**ସମ୍ବଲପୁର, ୧୩।୧ (ବ୍ୟୁରୋ)**

ଖେଳକୁଦ ଆମକୁ ବୌଦ୍ଧିକ ଓ ଶାରୀରିକ ବୃଦ୍ଧିରେ ସହାୟକ ହୁଏ। ଏହାଦ୍ୱାରା ଆମେ ନିରୋଗ ରହିଥାଉ। ଏବେ ସରକାରୀ ହେଉ କି ବେସରକାରୀ ନିଯୁକ୍ତି ପାଇଁ ସ୍ପୋର୍ଟ୍ସ କୋଟା ରହିଛି। ଏଣୁ ପାଠ ପଢା ସହ କ୍ରୀଡାକୁ ମଧ୍ୟ ଧ୍ୟାନ ଦେବା ଆବଶ୍ୟକ। କ୍ରୀଡାକୁ ଅଣଦେଖା କରିବା ଅନୁଚିତ। ବୁଢ଼ାରଜା ସରକାରୀ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ଏହା କହିଛନ୍ତି। ୧୪ ବର୍ଷ ବାଳକରେ କ୍ରିଷ୍ଣା ଠାକୁର, ବାଳିକାରେ ରୀମା ବେହେରା, ୧୭ ବର୍ଷରୁ କମ୍ ବାଳିକାରେ ସେଫାଲି ବାଞ୍ଜି ଓ ନନ୍ଦିନୀ ଦାସ ଏବଂ ବାଳକ ବର୍ଗରେ ଗୁପ୍ତେଶ୍ୱର ନାମ୍ ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି। ସ୍କୁଲ ପ୍ରଧାନ ଶିକ୍ଷକ ଯଶୋବନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ହେମନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀମାନଙ୍କୁ ପୁରସ୍କୃତ କରିଥିଲେ । ହରିନାରାୟଣ ପଣ୍ଡା, ପୁଷ୍ପାରାଣୀ ମିଶ୍ର ଉତ୍ସବ ପରିଚାଳନା କରିଥିଲେ। ସୁରେଶ୍ୱର କର୍ମୀ, ବଦ୍ରିନାରାୟଣ ପୁରୋହିତ, ଭୋଳାନାଥ ବିଶୋଇ, ପ୍ରଦୀପ କୁମାର ସାହୁ, ଜ୍ଞାନେଶ୍ୱର କର ଇଭେଣ୍ଟ ପରିଚାଳନା କରିଥିଲେ। ନିମାଇଁ ବେହେରା, ସୁଧାମୟୀ ପ୍ରଧାନ, ବିଜୟଲକ୍ଷ୍ମୀ ନାୟକ, ଅନୁବିନ୍ଦା ଦାଶ, ମିନାକ୍ଷୀ ପୂଜାରୀ, ପଙ୍କଜିନୀ ନାୟକ, ଜଟାଭୂଷଣ ସାହୁ, ରାଜ କୁମାର ପଣ୍ଡା, ଅମିତା ସାମନ୍ତରା, ପୁଷ୍ପାଞ୍ଜଳି ମିଶ୍ର, ସତ୍ୟନାରାୟଣ ବାଗ, ବୁଦ୍ଧି ବାହାଦୁର ଓ ସାରଥି ତରିଆ ୨ଦିନ ଧରି ଚାଲିଥିବା ପ୍ରତିଯୋଗିତାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

**ପଡିଆବାହାଲ, (ଡି.ଏନ.ଏ)-** ଘେନୁପାଲି ପଞ୍ଚାୟତ ବଡସାହିର ଉଚ୍ଚ ବିଦ୍ୟାଳୟରେ ମଧ୍ୟ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ଯାଏ ୪୧୭ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ୨ଜଣ ପିଇଟି ଓ ୨୦ ଜଣ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ଅନୁସୟା ବେହେରା, ଏବିଇଓ ରବିନାରାୟଣ ବିଶ୍ୱାଳ, କବି ଗଙ୍ଗାଧର ବଘାର, ସିଆରସିସି ପ୍ରଦୀପ ପଣ୍ଡା, ରାଧାମୋହନ ଷଡଙ୍ଗୀ, ସରପଞ୍ଚ ସାବିତ୍ରୀ ମିର୍ଦ୍ଧା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ । ପ୍ରଧାନଶିକ୍ଷକ ଯୁଗଳ କିଶୋର ନାୟକ ସଭାରେ ସଭାପତିତ୍ୱ କରିଥିଲେ। ଶିକ୍ଷକ ରାଜକିଶୋର ପାଣିଗ୍ରାହୀଙ୍କ ସଂଯୋଜନାରେ ଗୁଣନିଧି କାଉ, ସୁରେନ୍ଦ୍ର ସେନାପତି, ସିତାରାମ ପଣ୍ଡା, ସଞ୍ଜୟ ବଡାଇ, ରସାନ୍ତ ବେହେରା ପ୍ରମୁଖଙ୍କ ପରିଚାଳନାରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଦୀପକ ଜେନା, ମହେଶ ପଟେଲ ପ୍ରମୁଖ ସହଯୋଗ କରିଥିଲେ।

### ଟ୍ରେଲର ପଛରେ ପିଟିହେଲା ବୋଲେରୋ: ଜଣେ ଗୁରୁତର

**ରେଙ୍ଗାଲି, ୧୩।୧ (ଡି.ଏନ.ଏ.)**

ରେଙ୍ଗାଲି ଥାନା ଅନ୍ତର୍ଗତ ରେଙ୍ଗାଲି ତହସିଲ ଛକ ନିକଟରେ ଏକ ଟ୍ରେଲର୍ ପଛପଟେ ଗୋଟିଏ ବୋଲେରୋ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ଗୁରୁତର ଆହତ ହୋଇଛନ୍ତି। ରବିବାର ସନ୍ଧ୍ୟାରେ ଏକ ଟ୍ରେଲର୍ (ନଂ. ଏନଏଲ ୦୧ ଏନ-୨୯୧୯) ସମ୍ବଲପୁରରୁ ଝାରସୁଗୁଡା ଅଭିମୁଖେ ଯାଉଥିଲା। ଏତିକିବେଳେ ରେଙ୍ଗାଲି ତହସିଲ ଛକରେ ଏକ ବୋଲେରୋ (ଓଡି ୧୫ ଜି- ୪୦୦୮) ଟ୍ରେଲର୍ ପଛରେ ପିଟି ହୋଇଥିଲା। ଫଳରେ ବୋଲେରୋ ଡ୍ରାଇଭର ଗଣେଶନଗର ସିଂହବାହାଲର ରାଜୀନ ଓରାମ (୨୮) ଗୁରୁତର ଆହତ ହୋଇଥିଲେ । ରେଙ୍ଗାଲି ପୋଲିସ ପହଞ୍ଚି ଗୁରୁତର ରାଜୀନଙ୍କୁ ଉଦ୍ଧାର କରି ରେଙ୍ଗାଲି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଡାକ୍ତରଖାନାକୁ ପଠାଯାଇଥିଲା । ପୋଲିସ ଉଭୟ ଗାଡିକୁ ଜବତ କରି ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଆଧୁନିକତା ଭିତରେ ହଜି ଯାଉଛେ ପୁଷ୍‌ପୁନି

**ରେଢ଼ାଖୋଲ, ୧୩।୧ (ଡି.ଏନ.ଏ)**

ଆମର ଦେଶ୍‌ରେ ଭିନେ ଭିନେ ରାଏଜ୍‌ରେ ଅଲଗ୍ ଅଲଗ୍ ମାସେ ଅନେକ ପରକାର କୃଷି ଭିତିକ ପରବ୍ ପାଳନ ହେଉଛେ। ସେନ୍‌ତା ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ଲେଖେଁ ପୁଷ୍‌ପୁନି ବି ଗୁଟେ କୃଷି ଭିତିକ୍ ସିଘା ପରବ୍। ପୁଷ୍ ମାସର ପୁନିରେ ଇ ପରବ୍ ଗାଁଗଁଲିନୁ ସହର ତକ୍ ସବୁନେ ଦେଖିବାକେ ମିଳୁଥିଲା। ହେଲେ ବେଶୀକରି ଗାଁଗଁଲିରେ ଇତାର ମହକ୍‌ତା ଅଲଗ୍ ପରକାର ଥିଲା। ଆମର ଚାଷବାସର ଚଲନି ହିସାବେ ପୁଷ୍‌ପୁନିରୁ ଆରଗୁଟେ ପୁଷ୍‌ପୁନିକେ ବଛରେ ଧରାଯାଏସି। ଇ ଦିନ ବଏନା ନେଇ ଘରେ କାମ୍‌ବୁତା କରୁଥିବାର ହଲିଆଗୁତି, ଗାଇ ଚରିହାକର ବଛରେ ପୂରଲା ବଲି ହିସାବ ହେସି। ସେଥିରଲାଗି ତାହାକୁ ଘରେ ପିଠାପନା, ନୂଆଁ ଲୁଗା ଦେବାର ସଂଗେ ତାକର ବାକି ଥିବାର ଭୁତିବର୍‌ତନ ଦିଆଯାଏସି। ସେନ୍‌ତା ଇ ପୁଷ୍‌ପୁନିରୁ ଫେନ୍ ନୂତନ୍ ହିସାବେ ହଲିଆଗୁତି, ଗାଇଚରିହାକୁ ବଛରେ ତକ୍ କାମ୍ କରବାକେ ବଏନା ଦିଆଯାଏସି। ସେନ୍‌ତା ପୁନି ଦିନ ଗାଁର ଦେହେରୀ ପହଁଚିଆନୁ ଗଧାବୁଢ଼ା କରି ଘର ଘର ବୁଲି ଗ୍ରାମଦେବତୀର ଲାଗି ପୂଜା ଖଁଜା ମାଗ୍‌ସି। ଇ ଦିନ୍ ଗାଁଗଁଲିରେ ସମକର ଘରେ ଜାତିର ଜାତିର ପିଠାପନା, ଖିରୀ, ପୁରୀ ହେସି। ସେନ୍‌ତା ପିଲାନୁ ବୁଢ଼ା ତକ୍ ମିଶି ଦଲ୍ ଦଲ୍ ହେଇ ଗାଁମାନକେ ଛେର୍‌ଛେରା ମାଗବାର ବି ଗୁଟେ ରିତ୍‌ମା କେନ୍ ଯୁଗୁ ଚଲି ଆସୁଛେ। ସେମାନେ ଘର ଘର ବୁଲି ଛେର୍ ଛେରା ମାଗ୍‌ସନ୍, ତାହାକୁ ଘର ମାଲ୍‌କେନ୍ ପିଠାପନା, ଚାଉଲ୍ ଦେସନ୍। ଇ ଛେର୍ ଛେରାଟା ପୁନିର ଦିନାକେତେ ଆଗରୁ ବି ମଗାଯାଏସି। ହେଲେ ଆଏଜ୍‌କାଲି ଇ ରିତ୍‌ମା କାଁଭାଁ ଗାଁଗଁଡ଼ା, ସହରମାନକେ ଦେଖିବାକେ ମିଳୁଛେ। ଆଏଜ୍‌କାଲି ତ ଚାଷ୍‌ବାସ ମୁନୁଷ୍ ଜାଗାରେ ମେଶିନ କରୁଛେ। ଗାଁଗଁଡ଼ା ଗଇଗରୁ ଶୂଇନ୍ ହେବାକେ ବସଲାନ, ଗାଇ ଚରିହାର ଦରକାର ନାଇଁ ପଡ଼ବାର। ଧାନ୍ ଖେତୁ ମେଶିନ୍‌ରେ ଅମଲ ହେଉଛେ ଆର ସାହୁକାର ସିଧା ଖେତୁ ଧାନ ବିକୁଛେ। ଯେନ୍‌ଥିରଲାଗି ଦିନୁ ଦିନ୍‌କେ ଇ ପୁଷ୍‌ପୁନିର ମହକ୍ ହଜି ହଜି ଯାଉଛେ।



ଛେର୍ ଛେରା ଲାଗି ବୌଦ୍ଧ ଜିଲା ବନ୍ଧାପଥର ଗାଁର କଳାକାର ମାର୍କଣ୍ଡ ବନିଛୋର ଆର ଦେବରାଜ ବେହେରା ରେଢ଼ାଖୋଲରେ କଳା ପଦରଶନ କରୁଛନ୍।



ରବିବାର ଭିଏସଏସ ଷ୍ଟାଡିୟମରେ ଅତିଥିମାନେ ଶେଖ ଫରାନ୍ ତୁଲ୍ଲାଙ୍କୁ ପୁରସ୍କୃତ କରୁଛନ୍ତି ।

### ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

## ହିନ୍ଦ୍ କ୍ଲବକୁ ହରାଇ ସିନ୍ଦୂରପଙ୍କ ବିଜୟୀ

**ସମ୍ବଲପୁର, ୧୩।୧ (ବ୍ୟୁରୋ)**

ଡା. ସନାତନ ବେହେରା ସ୍ମାରକୀ ତଥା ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଫୁଟବଲ ଟୁର୍ନାମେଣ୍ଟ ମ୍ୟାଚରେ ସିନ୍ଦୂରପଙ୍କ ଭିଏସଏସ କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ସିନ୍ଦୂରପଙ୍କ ବନାମ ହିନ୍ଦ୍ କ୍ଲବ ମଧ୍ୟରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଶେଷରେ ସିନ୍ଦୂରପଙ୍କ ଟାଇବ୍ରେକର ମାଧ୍ୟମରେ ୨-୧ ଗୋଲରେ ବିଜୟୀ ହୋଇଥିଲା। ବୁଧରାମ ଓରାମ, ସାଏବ ଖମାରି, ପଦ୍ମନାଭ ନାଏକ, ହ୍ରିଦୟା ତୁଲ୍ଲା, ଅବଦୁଲ ଗଫାର୍ ଅତିଥି ଭାବେ ଯୋଗ ଦେଇଥିଲେ। ହିନ୍ଦ କ୍ଲବର ଖେଳାଳି ଶେଖ ଫରାନ୍ ତୁଲ୍ଲାଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା ।

## ଜିଏମ୍‌ୟୁରେ ରାଷ୍ଟ୍ରୀୟ ଯୁବ ଦିବସ



ଶନିବାର ଜିଏମ୍‌ୟୁ ଅମୃତ ବିହାର ପରିସରରେ ରାଷ୍ଟ୍ରୀୟ ଯୁବ ଦିବସରେ ଛାତ୍ରନେତାମାନେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିଛବିରେ ପୁଷ୍ପ ଅର୍ପଣ କରୁଛନ୍ତି ।

**ସମ୍ବଲପୁର, ୧୩।୧ (ବ୍ୟୁରୋ)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ପରିସରସ୍ଥ ଅମୃତ ବିହାରରେ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ କଳାମଞ୍ଚ ଓଡିଶା ପ୍ରମୁଖ ସୌମ୍ୟରଞ୍ଜନ ବଡପଣ୍ଡାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିଛବିରେ ଛାତ୍ର ନେତାମାନେ ପୁଷ୍ପ ଅର୍ପଣ କରିଥିଲେ । ଜିତୁ ଚାନ୍ଦ, ଶୁଭମ ମିଶ୍ର, ଶାଶ୍ୱତ ପୂଜାରୀ, ନିଖିଳ ଅଗ୍ରୱାଲ, ଦିଗାମ୍ବର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

### ସମ୍ବଲପୁରୀ କବିତା ପାଠୋତ୍ସବ

**ସମ୍ବଲପୁର, ୧୩।୧ (ବ୍ୟୁରୋ)**

ସମ୍ବଲପୁରୀ ଲେଖକ ପରିଷଦ ପକ୍ଷରୁ ଚିତ୍ରଗୁପ୍ତ ମନ୍ଦିର ସଭାଗୃହରେ ସମ୍ବଲପୁରୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁକ୍ତକଣ୍ଠ ପ୍ରଧାନଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ଏଥିରେ ବିଶ୍ୱଜିତ ପ୍ରଧାନ ଓ ଦୀପକ କୁମାର ପଣ୍ଡା ଅତିଥି ଭାବରେ ଯୋଗ ଦେଇଥିଲେ । ଅଧିକ ସଂଖ୍ୟାରେ ସମ୍ବଲପୁରୀ ପୁସ୍ତକର ପ୍ରକାଶନ ଓ ଇଣ୍ଟରନେଟରେ ସମ୍ବଲପୁରୀ ଭାଷା ସାହିତ୍ୟର ଅଧିକ ପ୍ରଚାରପ୍ରସାର ସମ୍ବନ୍ଧରେ ଆଲୋଚନା କରିଥିଲେ । ସାବିତ୍ରୀ ପୁରୋହିତ, କାଳିନ୍ଦୀ ପ୍ରତାପ ସିଂହ, ଶରତ ଚନ୍ଦ୍ର ପରିମାଣିକ, ଅର୍ଜୁନ ମେହେର, ଅସନିଧର ସା, ନିତାଇ ଚରଣ ସରାଫ, ଗଣେଶ ପ୍ରସାଦ ମେହେର, ବିକାଶ ଭୁଏ, ଗଦାଧର ନିଆଲ, ବୋଧରାମ ଦାଶ, ସୁଶାନ୍ତ କୁମାର ଭୋଇ, କୃଷ୍ଣଚନ୍ଦ୍ର ପତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ ।

## ଭାରତୀୟ ସଂସ୍କୃତିର ବାର୍ତ୍ତାବହ ଶିଶୁମନ୍ଦିର

**ରେଢ଼ାଖୋଲ, ୧୩।୧ (ଡି.ଏନ.ଏ.)**

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଭାରତୀୟ ସଂସ୍କୃତି ଓ ଶିକ୍ଷାର ବାର୍ତ୍ତାବହ। ଅନୁଷ୍ଠାନ ପରିସରରେ ଆୟୋଜିତ ସଂସ୍କୃତି ସମ୍ବର୍ଦ୍ଧନା କାର୍ଯ୍ୟଶାଳା ଓ ବାଳ, କନ୍ୟା ଶିବିରରେ ଏହି ମତ ପ୍ରକାଶ ପାଇଛି। ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନ ଆଚାର୍ଯ୍ୟ ହେମରାଜ ବେହେରା ସଭାପତିତ୍ୱ କରିଥିଲେ। ଭୀମ ଭୋଇ ମହାବିଦ୍ୟାଳୟର ଶିକ୍ଷାବିଭାଗ ଅଧ୍ୟାପିକା ମମତା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପତଞ୍ଜଳି ଯୋଗ ଟ୍ରଷ୍ଟର ସଦସ୍ୟା କନ୍ୟା ଭାରତୀ ଯୋଗ ଦେଇ ଆତ୍ମରକ୍ଷା ଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଭୀମ ଭୋଇ କଲେଜର ଅଧ୍ୟାପକ ବିରଞ୍ଚି ନାରାୟଣ ଖଡିଆ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ସଙ୍ଗୀତ, ବାଦ୍ୟ, ଚିତ୍ରାଙ୍କନ ପ୍ରଭୃତି ଶିକ୍ଷା ପ୍ରଦାନ କରାଯାଇଥିଲା। ମୁନା ତ୍ରିପାଠୀ, ଶକୁନ୍ତଳା ଜେନା, ଶରତଚନ୍ଦ୍ର ଦେହୁରୀ ଶିଶୁମାନଙ୍କୁ ନିଜ ନିଜର ଅନ୍ତର୍ନିହିତ ଗୁଣାବଳୀରେ ବିକାଶ ଦିଗରେ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ଝୋଟି, ଚିତ୍ରାଙ୍କନ, ସଙ୍ଗୀତ, ପ୍ରବନ୍ଧ, ଗଳ୍ପ, କବିତା ଲିଖନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁଜୀ ଅଭିମନ୍ୟୁ ପ୍ରଧାନ, ସ୍ମାରକ ବିଶ୍ୱାଳ ପ୍ରତିଯୋଗିତା ପରିଚାଳନା କରିଥିଲେ। ଗୁରୁମା ଅନିତା ରଥ ଧନ୍ୟବାଦ ଅର୍ପଣ କରିଥିଲେ।




ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।



ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୫ ଦିନ ଧରି ଚାଲିଥିବା ଯୁବ ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଡ. ଦୀପକ ବେହେରାଙ୍କ ସମେତ ଅନ୍ୟ ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

### ସ୍ୱଳ୍ପ ବେତନ ଭୋଗୀ ସରକାରୀ କର୍ମଚାରୀ ସଂଘର ବାର୍ଷିକ ବୈଠକ

# ଆମ ଦାବି ବିଚାର କରାଯାଉ

**ରେଢ଼ାଖୋଲ ୧୩।୧ (ଡି.ଏନ.ଏ.)**

ଓଡିଶା ବିଭାଗୀୟ ମୁଖ୍ୟ ଦପ୍ତର ସ୍ୱଳ୍ପ ବେତନ ଭୋଗୀ ସରକାରୀ କର୍ମଚାରୀଙ୍କ ନ୍ୟାୟୋଚିତ ଦାବି ପ୍ରତି ସରକାର ପଦକ୍ଷେପ ନିଅନ୍ତୁ। ଗ୍ରୁପ ଡି ସଂଘ ରେଢ଼ାଖୋଲ ଶାଖା ଆନୁକୂଲ୍ୟରେ ବ୍ଲକ ରାଜୀବ ଗାନ୍ଧୀ ସଭାଗୃହରେ ରବିବାର ଅନୁଷ୍ଠିତ ବୈଠକରେ ଉପଖଣ୍ଡର ସମସ୍ତ କର୍ମଚାରୀଙ୍କ ସହ ରାଜ୍ୟର ବିଭିନ୍ନ ଜିଲାରୁ କର୍ମଚାରୀମାନେ ଯୋଗ ଦେଇଥିଲେ। ବୈଠକରେ ଗ୍ରୁପ୍ ଡି ବର୍ଗର ବିଭିନ୍ନ ଦାବି ପୂରଣ ଦିଗରେ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଆସନ୍ତା ନିର୍ବାଚନ ପୂର୍ବରୁ ସରକାର ଦାବି ପୂରଣ କରିବାକୁ ଦାବି କରାଯାଇଥିଲା। ବୈଠକରେ ଷଷ୍ଠ ବେତନ ଅନୁସାରେ ଥିବା ଦରମାରେ ଅସଙ୍ଗତି ଦୂରୀକରଣ କରାଯାଇ ସପ୍ତମ ବେତନ ପ୍ରଦାନରେ ସର୍ବନିମ୍ନ ଦରମା ୧୮ ହଜାର ଟଙ୍କାକୁ ବୃଦ୍ଧି, ୧।୧।୨୦୦୬ରୁ ବକେୟା ଦରମା ପ୍ରଦାନ, ୯୩ ମସିହା ପୂର୍ବରୁ କାର୍ଯ୍ୟରତ ସମସ୍ତ ବର୍ଗର କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ଠିକା ନିଯୁକ୍ତି ଉଚ୍ଛେଦ, ମୃତ କର୍ମଚାରୀଙ୍କ ପରିବାରରୁ ଜଣକୁ ସିଧାସଳଖ ସ୍ଥାୟୀ ନିଯୁକ୍ତି, ଅବସର ବୟସ ୬୦ ବର୍ଷ ପରିବର୍ତ୍ତେ ୬୨ବର୍ଷକୁ ବୃଦ୍ଧି କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ସଂଘର ସଭାପତି ହରିଶଙ୍କର ହୋତା ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସଂଘର ସଭାପତି ଗଙ୍ଗାଧର ସ୍ୱାଇଁ, ସାଧାରଣ ସମ୍ପାଦକ ଶ୍ୟାମ ସୁନ୍ଦର ଦାସ, ସର୍ବ ଭାରତୀୟ ସଂଘର ସଭାପତି ଅଜୟ କୁମାର ନାୟକ ଓ ଜୋନାଲ ସଂପାଦକ ଗଗନ ଭଞ୍ଜ, ରୋହିତ କୁମାର ବାରିକ, ପତିତପାବନ ମହାନ୍ତି, କୁନି ବାରିକ, ସୁବାସଚନ୍ଦ୍ର ପଣ୍ଡା, କୈଳାଶଚନ୍ଦ୍ର ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ସୁବାସ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଘର କୋଷାଧ୍ୟକ୍ଷ ଭାସ୍କର ପ୍ରଧାନ ଧନ୍ୟବାଦ ଦେଇଥିଲେ।




ସ୍ୱଳ୍ପ ବେତନ ଭୋଗୀ ସରକାରୀ କର୍ମଚାରୀ ସଂଘର ବାର୍ଷିକ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।



“ଲୋକ ସଭା ନିର୍ବାଚନରେ ଦିଲ୍ଲୀରେ ଭାଜପାକୁ କଂଗ୍ରେସ ହରାଇବାରେ ସକ୍ଷମ ହେବନାହିଁ। ଏହି ଦଳ ଓଲଟା ଏଏପି ଭୋଟକୁ କାଟି ଭାଜପାର ବିଜୟ ପାଇଁ ପଥ ଉନ୍ମୁକ୍ତ କରିପାରେ।
-ଗୋପାଳ ରାଏ, ଦିଲ୍ଲୀ ଏଏପି ଆବାହକ

# ୟୁପି ଉପରେ ନଜର

ସାଧାରଣ ନିର୍ବାଚନ ପାଇଁ ବାଜିସାରିଛି ବିଗୁଲ। ଅପେକ୍ଷା କେବଳ ଆନୁଷ୍ଠାନିକ ତାରିଖ ଘୋଷଣାକୁ। କେନ୍ଦ୍ରରେ ପୁଣିଥରେ ସରକାର ଗଢ଼ିବାକୁ ଭାଜପା ରଣନୀତି ପ୍ରସ୍ତୁତ କରୁଥିବାବେଳେ ଏହାକୁ କ୍ଷମତାଚ୍ୟୁତ କରିବା ଲାଗି ସବୁ ଦଳ ଚଳାଉଛନ୍ତି ଗୋଟି। ଦିଲ୍ଲୀ ଅକ୍ତିଆର ପାଇଁ ଉତ୍ତରପ୍ରଦେଶରେ ମଜଭୁତ କରିବାକୁ ପଡ଼ିବ ମୂଳଦୁଆ। ଏଥିଲାଗି ରାଜନୈତିକ ଦୃଷ୍ଟିରୁ ଦେଶର ସବୁଠୁ ଗୁରୁତ୍ୱପୂର୍ଣ୍ଣ ୟୁପିର ୮୦ ଆସନ ଉପରେ ରହିଛି ସମସ୍ତଙ୍କ ନଜର।

## ଅଣ୍ଟା ସଳଖିଲା କଂଗ୍ରେସ


ଖବରଦାତା ସମ୍ମିଳନୀରେ ଗୁଲାମନବୀ ଆଜାଦଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା।

**ଲକ୍ଷ୍ନୌ/ନୂଆଦିଲ୍ଲୀ,୧୩।୧(ପି.ଟି.)**

ଉତ୍ତରପ୍ରଦେଶ (ୟୁପି)ରେ ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ମଧ୍ୟରେ ମେଣ୍ଟ ଘୋଷଣା ପରେ ଅଣ୍ଟା ସଳଖିଛି କଂଗ୍ରେସ। ରାଜ୍ୟର ସମସ୍ତ ୮୦ ଲୋକ ସଭା ଆସନରେ ଦଳ ଏକାକୀ ଲଢ଼ିବ ବୋଲି ହୁଙ୍କାର ଦେଇଛି। ୟୁପିରେ କଂଗ୍ରେସ ସଙ୍ଗଠନ ସେତେଟା ସୁଦୃଢ଼ ନ ଥିବାରୁ ଏହି ଦଳର ନିର୍ବାଚନୀ ପ୍ରସ୍ତୁତିକୁ ନେଇ ରାଜନୈତିକ ମହଲରେ ପ୍ରଶ୍ନ ଉଠିଛି। କୁହାଯାଏ ଦିଲ୍ଲୀର କ୍ଷମତା ୟୁପି ଦେଇ ଯାଇଥାଏ। ଅର୍ଥାତ୍ କେନ୍ଦ୍ରରେ କ୍ଷମତାସୀନ ହେବାକୁ ହେଲେ ରାଜନୈତିକ ଦୃଷ୍ଟିରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ୟୁପି ଦଖଲ କରିବାକୁ ପଡ଼ିଥାଏ। କାରଣ ଅଦ୍ୟାବଧି ଦେଶର ସର୍ବାଧିକ ପ୍ରଧାନମନ୍ତ୍ରୀ ଏହି ରାଜ୍ୟରୁ ହିଁ ନିର୍ବାଚିତ ହୋଇ ପାର୍ଲାମେଣ୍ଟକୁ ଯାଇଛନ୍ତି। ଏଥିଲାଗି କେନ୍ଦ୍ରରେ ଭାଜପାକୁ କ୍ଷମତାଚ୍ୟୁତ କରିବା ପାଇଁ ହାତ ମିଳାଇଛନ୍ତି ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ବିଏସ୍‌ପି ସୁପ୍ରିମୋ ମାୟାବତୀ। ଉଭୟେ ଶୁକ୍ରବାର ଲକ୍ଷ୍ନୌରେ ମେଣ୍ଟ ସମ୍ପର୍କରେ ଘୋଷଣା କରିଥିଲେ। ଦୁଇନେତା ନିଜ ନିଜ ଦଳ ପାଇଁ ୩୮ ଲେଖାଏ ଆସନ ଭାଗବଣ୍ଟା କରି ନେଇଯିବା ପରେ ଗାନ୍ଧୀ ପରିବାର ପାଇଁ ରାଏବରେଲି ଓ ଅମେଠି ଆସନ ଛାଡ଼ିଛନ୍ତି। ହେଲେ କଂଗ୍ରେସକୁ ମେଣ୍ଟରେ ସାମିଲ କରିନାହାନ୍ତି। ଏହାକୁ ନେଇ କ୍ଷୁବ୍ଧ କଂଗ୍ରେସ ୮୦ ଆସନରେ ଲଢ଼ିବା ପାଇଁ ନିଷ୍ପତ୍ତି ନେଇଥିବା କହିଛି। ଲକ୍ଷ୍ନୌରେ କଂଗ୍ରେସ ସାଧାରଣ ସମ୍ପାଦକ ତଥା ୟୁପି ପ୍ରଭାରୀ ଗୁଲାମନବୀ ଆଜାଦଙ୍କ ସମେତ ଦଳର ବରିଷ୍ଠ ନେତାମାନେ ରଣନୀତି ସ୍ଥିର କରିଛନ୍ତି। ଆଜାଦ କହିଛନ୍ତି, ଭାଜପା ବିରୋଧୀ ମେଣ୍ଟକୁ ତାଙ୍କ ଦଳ ସ୍ୱାଗତ କରୁଛି। କିନ୍ତୁ ୟୁପିରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ଭାଜପା ଓ କଂଗ୍ରେସ ମଧ୍ୟରେ ହେବ। ସାଧାରଣ ନିର୍ବାଚନରେ କଂଗ୍ରେସ ରାଜ୍ୟର ସମସ୍ତ ୮୦ ଆସନରେ ଲଢ଼ିବ। କୌଣସି ରାଜନୈତିକ ଦଳ ଧର୍ମନିରପେକ୍ଷ ମେଣ୍ଟ ଗଠନ ପାଇଁ ଇଚ୍ଛା ପ୍ରକାଶ କଲେ କଂଗ୍ରେସ ବିଚାର କରିବ। ଏହି ପରିପ୍ରେକ୍ଷୀରେ ୟୁପି କଂଗ୍ରେସ ସଭାପତି ରାଜ୍ ବବ୍ବରଙ୍କ ସହ ଆଜାଦ ରୁଦ୍ଧଦ୍ୱାର ବୈଠକ କରିଥିବା ଜଣାପଡ଼ିଛି। ସେପଟେ କଂଗ୍ରେସ ସହ ମେଣ୍ଟ ନେଇ ପ୍ରଗତିଶୀଳ ସମାଜବାଦୀ ପାର୍ଟି (ଲୋହିଆ) ଅଧ୍ୟକ୍ଷ ଶିବପାଲ ଯାଦବ ଇଚ୍ଛା ପ୍ରକାଶ କରିଥିବାରୁ ଆଗକୁ ଗଣିତ ବଦଳିପାରେ ବୋଲି କୁହାଯାଉଛି।

- **ଲକ୍ଷ୍ନୌରେ ବରିଷ୍ଠ ନେତାଙ୍କ ରୁଦ୍ଧଦ୍ୱାର ବୈଠକ**
- **୮୦ ଲୋକ ସଭା ଆସନରେ ଲଢ଼ିବ ଦଳ**
- **ଶିବପାଲ ଧରିପାରନ୍ତି କଂଗ୍ରେସ ହାତ**

## ସଂକ୍ଷେପରେ

### ଚାଇନା ଖଣି ଦୁର୍ଘଟଣାରେ ୨୧ ମୃତ



**ବେଜିଂ,୧୩।୧(ପି.ଟି.):** ଉତ୍ତରପଶ୍ଚିମ ଚାଇନାରେ ଏକ କୋଇଲା ଖଣି ଭୁଶୁଡ଼ିପଡ଼ିବାରୁ ୨୧ ଜଣଙ୍କର ମୃତ୍ୟୁ ଘଟିଛି। ଶନିବାର ଅପରାହ୍ନରେ ଏହି ଦୁର୍ଘଟଣା ଘଟିଛି। ଶାନ୍‌କ୍ସି ପ୍ରଦେଶର ଲିଜିଆଗୁ ଭୂତଳ କୋଇଲା ଖଣିରେ ୮୭ ଜଣ କାର୍ଯ୍ୟ କରୁଥିବାବେଳେ ଏହାର ଛାତ ଭୁଶୁଡ଼ି ପଡ଼ିଥିଲା। ଶନିବାର ୧୯ ମୃତଦେହ ଉଦ୍ଧାର ହୋଇଥିବାବେଳେ ରବିବାର ସକାଳେ ଆଉ ୨ ଜଣଙ୍କ ମୃତଦେହ ମିଳିଛି। ୬୬ ଆହତଙ୍କୁ ହେଲିକପ୍ଟର ଯୋଗେ ହସ୍ପିଟାଲ ନିଆଯାଇଛି ଏବଂ ଅନ୍ୟ ଦୁଇଜଣଙ୍କୁ ଖୋଜାଚାଲିଛି। ଘରୋଇ କମ୍ପାନୀ ବାଇଜି ମାଇନିଂ ମାଲିକାନାରେ ଥିବା ଏହି ଖଣି ଦୁର୍ଘଟଣାର ତଦନ୍ତ ଜାରି ରହିଛି। ଘରୋଇ କମ୍ପାନୀଗୁଡ଼ିକ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରୁ ନ ଥିବାରୁ ଚାଇନାରେ ଖଣି ଦୁର୍ଘଟଣା ସାଧାରଣ ଘଟଣାରେ ପରିଣତ ହୋଇଛି।

### ସିଭିସିଙ୍କ ବହିଷ୍କାର ଦାବି କଲା କଂଗ୍ରେସ


ସିଭିସି କେ.ଭି. ଚୌଧୁରୀ

**ନୂଆଦିଲ୍ଲୀ,୧୩।୧(ପି.ଟି.):** ସିବିଆଇ ନିର୍ଦ୍ଦେଶକ ପଦରୁ ଆଲୋକ ବର୍ମାଙ୍କୁ ହଟାଯିବାକୁ ନେଇ ବିବାଦ ଜାରି ରହିଥିବାବେଳେ ମୁଖ୍ୟ ଭିଜିଲାନ୍ସ କମିଶନର (ସିଭିସି)ଙ୍କୁ ତୁରନ୍ତ ବରଖାସ୍ତ କରିବା ଲାଗି କଂଗ୍ରେସ ଦାବି କରିଛି। ସରକାରଙ୍କ ହାତରେ ସଖୀକଣ୍ଢେଇ ସାଜିଥିବା ସିଭିସି କେ.ଭି. ଚୌଧୁରୀଙ୍କୁ ବହିଷ୍କାର କରାଯାଉ କିମ୍ବା ସେ ଇସ୍ତଫା ଦିଅନ୍ତୁ ବୋଲି କଂଗ୍ରେସ ମୁଖପାତ୍ର ଅଭିଷେକ ମନୁ ସିଙ୍ଘଭି ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ରାଫାଲ ମାମଲାର ତଦନ୍ତକୁ ଏଡାଇବା ଲାଗି ସରକାର ସିଭିସିଙ୍କୁ ସଖୀକଣ୍ଢେଇ ଭଳି ବ୍ୟବହାର କରୁଥିଲେ ବୋଲି ସିଙ୍ଘଭି କହିଛନ୍ତି। ସିଭିସି ନିଜ କର୍ତ୍ତବ୍ୟକୁ ଭୁଲିଯାଇ ସରକାରଙ୍କ ଦୂତ ଭଳି କାମ କରୁଥିଲେ ଏବଂ ସିବିଆଇ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ପାଇଁ ଲବି କରୁଥିଲେ ବୋଲି କଂଗ୍ରେସ ମୁଖପାତ୍ର ଅଭିଯୋଗ କରିଛନ୍ତି। ଆଲୋକ ବର୍ମାଙ୍କ ବିରୋଧରେ ଦୁର୍ନୀତିର କୌଣସି ପ୍ରମାଣ ନ ଥିବା ଅବସରପ୍ରାପ୍ତ ବିଚାରପତି ଏ.କେ. ପଟ୍ଟନାୟକ କହିବା ପରେ ସରକାର ପୁଣି ବିବାଦ ମଧ୍ୟକୁ ଆସିଛନ୍ତି। ଅସ୍ଥାନାଙ୍କ ଅଭିଯୋଗ ଆଧାରରେ ବର୍ମାଙ୍କୁ ହଟାଯାଇଥିବା ସିଙ୍ଘଭି କହିଛନ୍ତି।

## ■ ରୁଷିଆ ପାଇଁ କାମ କରୁଥିବା ସନ୍ଦେହ
## ଟ୍ରମ୍ପଙ୍କ ବିରୋଧରେ ଏଫ୍‌ବିଆଇ ତନାଘନା






**ୱାଶିଂଟନ,୧୩।୧**

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆମେରିକା ସ୍ୱାର୍ଥ ବିରୋଧରେ ରୁଷିଆ ତରଫରୁ କାମ କରିଆସୁଥିଲେ ବୋଲି ତାଙ୍କ ବ୍ୟବହାରକୁ ନେଇ ସଂଘୀୟ ତଦନ୍ତ ବ୍ୟୁରୋ (ଏଫବିଆଇ) ସନ୍ଦେହ କରିଛି। ତାଙ୍କ ବିରୋଧରେ ଏଫବିଆଇ ତଦନ୍ତ ଆରମ୍ଭ କରିଥିବା ଜଣେ ପୂର୍ବତନ ଆଇନ ଶୃଙ୍ଖଳା ଅଧିକାରୀ ଏବଂ ତଦନ୍ତ ସହ ଜଡିତ ଥିବା ବ୍ୟକ୍ତି ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ଏଫବିଆଇ ନିର୍ଦ୍ଦେଶକ ଜେମ୍‌ସ ବି. କୋମିଙ୍କୁ ୨୦୧୭ ମେ’ରେ ବହିଷ୍କାର କରିବା ପରେ ତାଙ୍କ କାର୍ଯ୍ୟକୁ ନେଇ ତଦନ୍ତକାରୀ ସଂସ୍ଥା ସନ୍ଦେହ କରିଥିଲା।

ରାଷ୍ଟ୍ରପତିଙ୍କ କାର୍ଯ୍ୟ ଜାତୀୟ ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରିବାର ସମ୍ଭାବନା ଅଛି କି ନାହିଁ ତାହା ଉପରେ କାଉଣ୍ଟରଇଣ୍ଟେଲିଜେନ୍ସର ତଦନ୍ତକାରୀ ଅଫିସରମାନେ ଅନୁଧ୍ୟାନ କରିବେ। ସେ ଜାଣିଶୁଣି ରୁଷିଆ ପାଇଁ କାମ କରୁଥିଲେ ନା ଅଜାଣତରେ ମସ୍କୋ ଦ୍ୱାରା ପ୍ରଭାବିତ ହୋଇଥିଲେ ତାହା ମଧ୍ୟ ଅନୁଧ୍ୟାନ କରାଯିବ। ଏହି ତଦନ୍ତର ମଧ୍ୟ ଅପରାଧ ପୃଷ୍ଠଭୂମି ରହିଛି। ସେ ବିଚାର ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ଲାଗି କୋମିଙ୍କୁ ବହିଷ୍କାର କରିଥାଇପାରନ୍ତି ବୋଲି ଅଭିଯୋଗ ହୋଇଛି। ୨୦୧୬ ନିର୍ବାଚନ ପ୍ରଚାର ବେଳେ ରୁଷିଆ ସହ ଟ୍ରମ୍ପଙ୍କ ଘନିଷ୍ଠତାକୁ ନେଇ ଏଫବିଆଇ ଅଫିସରମାନଙ୍କ ସନ୍ଦେହ ହୋଇଥିଲା। ତେବେ ଏଭଳି ଏକ ସମ୍ବେଦନଶୀଳ ଏବଂ ଜଟିଳ ମାମଲାର ତଦନ୍ତ କିପରି ଆରମ୍ଭ କରିବେ ତାକୁ ନେଇ ସେମାନେ ସନ୍ଦିହାନ ଥିଲେ। ରୁଷିଆ ତଦନ୍ତରୁ କୋମିଙ୍କୁ ହଟାଇବା ପରେ ଟ୍ରମ୍ପଙ୍କ କାର୍ଯ୍ୟର ତଦନ୍ତ କରିବାକୁ ଏଫବିଆଇ ନିଷ୍ପତ୍ତି ନେଇଥିଲା। ରବର୍ଟ ଏସ୍. ମୁଲେର-୩ ଟ୍ରମ୍ପଙ୍କ ବିରୋଧରେ ତଦନ୍ତ ଚଳାଇଛନ୍ତି। ୨୦୧୬ ନିର୍ବାଚନ ବେଳେ ରୁଷିଆ କାର୍ଯ୍ୟକର୍ତ୍ତାଙ୍କ ସମ୍ପୃକ୍ତି ଏବଂ ଟ୍ରମ୍ପଙ୍କ ସହଯୋଗୀଙ୍କର ସେମାନଙ୍କ ସହ ଷଡଯନ୍ତ୍ରର ଅନୁଧ୍ୟାନ କରୁଛନ୍ତି।

## ‘ଅସ୍ତିତ୍ୱ ବଞ୍ଚାଇବାକୁ ମେଣ୍ଟ’

**ନୂଆଦିଲ୍ଲୀ,୧୩।୧(ପି.ଟି.):** ଲୋକ ସଭା ନିର୍ବାଚନ ପୂର୍ବରୁ ବିରୋଧୀ ଦଳଗୁଡ଼ିକ ନିଜ ଅସ୍ତିତ୍ୱ ବଞ୍ଚାଇବା ପାଇଁ ମେଣ୍ଟ ଗଠନ କରୁଛନ୍ତି। ଏହା ଦେଶର ସ୍ୱାର୍ଥ ପାଇଁ ନୁହେଁ, ବରଂ ସୁବିଧାବାଦୀ ମେଣ୍ଟ ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାଲୋଚନା କରିଛନ୍ତି। ତାମିଲନାଡୁର ଭାଜପା କର୍ମୀଙ୍କ ସହ ଭିଡିଓ କନ୍‌ଫରେନ୍ସିଂରେ ଭାବ ବିନିମୟ ବେଳେ ମୋଦି କହିଛନ୍ତି, ଗୈରିକ ଦଳ ଭୋଟବ୍ୟାଙ୍କ ରାଜନୀତିରେ ବିଶ୍ୱାସ କରେନାହିଁ। ହେଲେ ବିରୋଧୀ ଦଳଗୁଡ଼ିକ ବଂଶବାଦ ରାଜନୀତି ପାଇଁ ସୁବିଧାବାଦୀ ବାଟ ଆପଣାଇବାରେ ଲାଗିଛନ୍ତି। ସେମାନେ ଏଥିରେ ସଫଳ ହେବେନାହିଁ।



## ‘ରାମମନ୍ଦିର ନିର୍ମାଣ କର’



**ମୁମ୍ବାଇ,୧୩।୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାହସ ଥିଲେ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ କରିଦେଖାନ୍ତୁ ବୋଲି ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ରବିବାର ଚ୍ୟାଲେଞ୍ଜ କରିଛନ୍ତି। ଉଦ୍ଧବ କହିଛନ୍ତି, ଭାଜପା ରାମମନ୍ଦିର ନିର୍ମାଣର ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତାସୀନ ହୋଇଛି। ଏହି ଦଳ ହନୁମାନଙ୍କ ଜାତିକୁ ନେଇ ଅଯଥା ବିବାଦ ସୃଷ୍ଟି କରୁଛି। ଆମେ ଅଯୋଧ୍ୟା ଯାଇଥିବାବେଳେ ଲୋକେ କହୁଥିଲେ, ବାଲାସାହେବ ଠାକ୍‌ରେଙ୍କ ପୁଅ ଆସିଛି। ସେ ନିଶ୍ଚିତ ଭାବେ ରାମମନ୍ଦିର ନିର୍ମାଣ କରିବ। ମିଛ କହୁଥିବା ଭାଜପାକୁ ଲୋକେ କାହିଁକି ବିଶ୍ୱାସ କରିବେ ବୋଲି ଉଦ୍ଧବ ପ୍ରଶ୍ନ କରିଛନ୍ତି।

## ବାରାଣସୀରୁ ଲଢ଼ିବେନି କେଜ୍‌ରିୱାଲ

**ଲକ୍ଷ୍ନୌ,୧୩।୧(ପି.ଟି.):** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ୟୁପିର ବାରାଣସୀ ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ଆସନରୁ ଏଏପି ଅନ୍ୟ ଜଣକୁ ପ୍ରାର୍ଥୀ କରିବ ବୋଲି ରବିବାର ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି। କେଜ୍‌ରିୱାଲ ୟୁପି ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେବାକୁ ଚାହୁଁଥିବାରୁ ଏଭଳି ନିଷ୍ପତ୍ତି ନେଇଛନ୍ତି। ପ୍ରକାଶ ଯେ, ୨୦୧୪ ନିର୍ବାଚନରେ କେଜ୍‌ରିୱାଲ ବାରାଣସୀରେ ମୋଦିଙ୍କ ବିରୋଧରେ ଲଢ଼ି ୩ ଲକ୍ଷ ୩୭ ହଜାର ଭୋଟ ବ୍ୟବଧାନରେ ହାରିଥିଲେ। ସମ୍ଭବତଃ ସେ ପୂର୍ବ ଭୁଲର ପୁନରାବୃତ୍ତି କରିବାକୁ ଚାହୁଁ ନ ଥିବା ବିଶ୍ଳେଷକମାନେ କହୁଛନ୍ତି।



## ଚାଇନା ସୀମାରେ ୪୪ ରାସ୍ତା ନିର୍ମାଣ ହେବ

**ନୂଆଦିଲ୍ଲୀ,୧୩।୧(ପି.ଟି.)**

ସରକାର ଚାଇନା ସୀମାରେ ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ୪୪ଟି ରାସ୍ତା ନିର୍ମାଣ କରିବେ। ଏଥିପାଇଁ ୨୧୦୦୦ କୋଟି ଟଙ୍କା ବ୍ୟୟ ହେବ। ଏଥିସହିତ ୫୪୦୦ କୋଟି ଟଙ୍କା ବ୍ୟୟରେ ପାକିସ୍ତାନ ସୀମାରେ ୨୧୦୦ କିଲୋମିଟର ସଡ଼କ ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ରୀୟ ପୂର୍ତ୍ତ ବିଭାଗ ବାର୍ଷିକ ରିପୋର୍ଟରୁ ଏହା ଜଣାପଡ଼ିଛି। ଯୁଦ୍ଧ ହେଲେ ସୈନ୍ୟ ପ୍ରେରଣକୁ ତ୍ୱରାନ୍ୱିତ କରିବା ଲାଗି ଏହି ସୀମାନ୍ତ ରାସ୍ତା ସହାୟକ ହେବ। ଭାରତ ଓ ଚାଇନା ମଧ୍ୟରେ ପାଖାପାଖି ୪୦୦୦ କିଲୋମିଟର ପ୍ରକୃତ ନିୟନ୍ତ୍ରଣ ରେଖା ରହିଛି। ବେଜିଂ ସୀମାନ୍ତରେ ପ୍ରକଳ୍ପ ନିର୍ମାଣକୁ ପ୍ରାଥମିକତା ଦେଉଥିବାବେଳେ ଭାରତ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି।

## ପାକ୍‌କୁ ଗୁପ୍ତତଥ୍ୟ ଦେଇ ଯବାନ ଗିରଫ

**ଜୟପୁର,୧୩।୧**

ହନିଟ୍ରାପ୍‌ରେ ଫସି ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇକୁ ଗୁପ୍ତ ତଥ୍ୟ ଯୋଗାଉଥିବା ଜଣେ ଭାରତୀୟ ଯବାନଙ୍କୁ ଗିରଫ କରାଯାଇଛି। ସୋସିଆଲ ମିଡିଆରେ ଯବାନ ସୋମ୍‌ବୀର ଏବଂ ଆଇଏସଆଇ ଏଜେଣ୍ଟଙ୍କ ମଧ୍ୟରେ ସମ୍ପର୍କ ସୃଷ୍ଟି ହୋଇଥିଲା। ଏଜେଣ୍ଟ ନିଜକୁ ଜମ୍ମୁର ଛାତ୍ରୀ ବୋଲି ପରିଚୟ ଦେଇ ଯବାନଙ୍କୁ ଫସାଇବା ଲାଗି ଅନ୍ତରଙ୍ଗ ବାର୍ତ୍ତା ପଠାଉଥିଲେ। ତା ବଦଳରେ ପ୍ରତିରକ୍ଷା ଘାଟି ଓ ଅନ୍ୟ ସମ୍ବେଦନଶୀଳ ତଥ୍ୟ ଶେୟାର କରିବାକୁ ସେ ପ୍ରବର୍ତ୍ତାଉଥିଲେ।

## ଫୁର୍‌ସତ

### ‘ପ୍ରତିକୂଳ ମନ୍ତବ୍ୟକୁ ଖାତିର ନାହିଁ’



**ମୁମ୍ବାଇ:** ସର୍ବଶେଷ ଅଭିନୀତ ଫିଲ୍ମ ‘ଦ ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର’ ସମ୍ପର୍କରେ ପ୍ରତିକୂଳ ମନ୍ତବ୍ୟକୁ ଖାତିର କରନ୍ତି ନାହିଁ ବୋଲି ଅଭିନେତା ଅନୁପମ ଖେର ପ୍ରକାଶ କରିଛନ୍ତି। ଉକ୍ତ ଫିଲ୍ମ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଜୀବନୀକୁ ନେଇ ନିର୍ମାଣ ହୋଇଥିବା ବେଳେ କେତେକେ ଏହାକୁ ବିରୋଧ କରୁଥିବାରୁ ଅନୁପମ ଏହି ମନ୍ତବ୍ୟ ଦେଇଛନ୍ତି। ବର୍ତ୍ତମାନ ଫିଲ୍ମ ଉପରେ ସମାଲୋଚନାମୂଳକ ମନ୍ତବ୍ୟ ଭାରତୀୟଙ୍କ ପାଇଁ ଆମୋଦପ୍ରମୋଦର ଏକ ବଡ଼ ଉତ୍ସ ହୋଇଛି। ମୁଁ ଫିଲ୍ମ ସମାଲୋଚନାକୁ କେବେ ଦେହକୁ ନେଇନାହିଁ। ୩ ମାସ ପାଇଁ ବିଦେଶ ଗସ୍ତରେ ଯିବା ପୂର୍ବରୁ ଅନୁପମ ଏହା ପ୍ରକାଶ କରିଛନ୍ତି। ସେ ପୁଣି କହିଛନ୍ତି, ଉକ୍ତ ସମାଲୋଚନାର ପ୍ରାସଙ୍ଗିକତା ନାହିଁ। ଡକ୍ଟର ମନମୋହନ ସିଂଙ୍କ ଜୀବନୀକୁ ମର୍ଯ୍ୟାଦାର ସହିତ ଚିତ୍ରଣ କରାଯାଇଛି ।

## ସ୍ୱାସ୍ଥ୍ୟ ସମସ୍ୟାର ଶିକାର ନିର୍ମାଣ ଶ୍ରମିକ

**ନୂଆଦିଲ୍ଲୀ:** ନିର୍ମାଣ ଶିଳ୍ପରେ କାର୍ଯ୍ୟରତ ଶ୍ରମିକ ସିମେଣ୍ଟ ସଂସ୍ପର୍ଶରେ ଆସୁଥିବାରୁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହେଉଛନ୍ତି। ସିମେଣ୍ଟର ରସାୟନ ଚର୍ମର ଗୁରୁତର କ୍ଷତି ଘଟାଉଥିବା ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ)ର ଅଧ୍ୟୟନରୁ ଜାଣିବାକୁ ମିଳିଛି।

ଏମ୍‌ସର ଡିପାର୍ଟମେଣ୍ଟ ଅଫ୍ ଡର୍ମାଟୋଲୋଜି ଆଣ୍ଡ ଭେନିରିଓଲୋଜି ଏବଂ ସୁଇଡେନ୍‌ର ଲଣ୍ଡ ୟୁନିଭର୍ସିଟି ଦ୍ୱାରା ଏହାକୁ ନେଇ ଏକ ଅଧ୍ୟୟନ କରାଯାଇଥିଲା। ଉକ୍ତ ଅଧ୍ୟୟନର ମୁଖ୍ୟ ଗବେଷକ ଡକ୍ଟର କୌଶଲ ବର୍ମା ଏବଂ ଡକ୍ଟର ମ୍ୟାଗ୍‌ନସ୍ ବ୍ରୁଜ ଜାଣିବାକୁ ପାଇଲେ, ସିମେଣ୍ଟରେ ହେକ୍ସାଭାଲେଣ୍ଟ କ୍ରୋମିୟମ ଅଧିକ ଥିବାରୁ ଏହା ଚର୍ମପ୍ରଦାହ, ବିଇଞ୍ଚ, କୁଣ୍ଡିଆ ଏବଂ ଚର୍ମ ଜଳିବା ସମସ୍ୟା ସୃଷ୍ଟି ହୋଇଥାଏ।



ନିର୍ମାଣସ୍ଥଳରେ କାମ କରୁଥିବା ଅଧିକାଂଶ ଶ୍ରମିକ ବିଭିନ୍ନ ଚର୍ମ ଆଲର୍ଜିର ଶିକାର ହୋଇ ଏମ୍‌ସରେ ଚିକିତ୍ସାଧୀନ ଥିବାରୁ ଏହା ଉପରେ ଏକ ଅଧ୍ୟୟନ ପାଇଁ ଆଗ୍ରହ ପ୍ରକାଶ ପାଇଥିଲା ବୋଲି ବିଭାଗୀୟ ପ୍ରଫେସର ଡକ୍ଟର ବର୍ମା ପ୍ରକାଶ କରିଛନ୍ତି। ଉକ୍ତ ଅଧ୍ୟୟନ ପାଇଁ ଗବେଷକମାନେ ଭାରତୀୟ ବଜାରରେ ମିଳୁଥିବା ୭ରୁ ୮ ପ୍ରକାର ସିମେଣ୍ଟର ନମୁନା ସଂଗ୍ରହ କରିଥିଲେ। ପରୀକ୍ଷା କରି ଦେଖାଗଲା, ଅଧିକାଂଶ ସିମେଣ୍ଟ ନମୁନାରେ ପଟାସିୟମ ଡାଇକ୍ରୋମେଟ୍ ରସାୟନ ରହିଛି। ଏହା ସ୍କିନ୍ ଆଲର୍ଜିର ମୁଖ୍ୟ କାରଣ। ବିଶେଷକରି ନିର୍ମାଣ ଶିଳ୍ପରେ ୨ରୁ ଅଧିକ ବର୍ଷ କାର୍ଯ୍ୟ କରୁଥିବା ଶ୍ରମିକଙ୍କଠାରେ ଚର୍ମ ଆଲର୍ଜି ସୃଷ୍ଟି ହୋଇଥାଏ। ନିର୍ମାଣ ଶ୍ରମିକମାନେ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଅବଗତ ନ ଥିବାରୁ ଏହି ରୋଗକୁ ଅବହେଳା କରିଥାଆନ୍ତି। ଯେଉଁମାନେ ଦୁଇବର୍ଷରୁ ଅଧିକ ଦିନ ଏହି ଶିଳ୍ପରେ କାର୍ଯ୍ୟ କରନ୍ତି ସେମାନଙ୍କଠାରେ ଗୁରୁତର ଚର୍ମ ଆଲର୍ଜି ସୃଷ୍ଟି ହୋଇଥାଏ ବୋଲି ଡକ୍ଟର ବର୍ମା ପ୍ରକାଶ କରିଛନ୍ତି।

## ଇତିହାସର ଆଇନାରେ

### ଜାନୁୟାରୀ ୧୪ର ପ୍ରମୁଖ ଘଟଣା

#### ଅଲ୍‌କାଏଦା ବିରୋଧରେ ଯୁଦ୍ଧ ଘୋଷଣା

୨୦୧୦ ଜାନୁୟାରୀ ୧୪ରେ ଅଲ୍‌କାଏଦା ଆତଙ୍କବାଦୀ ଗୋଷ୍ଠୀ ବିରୋଧରେ ୟେମେନ୍ ଯୁଦ୍ଧ ଘୋଷଣା କରିଥିଲା। ଅଲ୍‌କାଏଦା ହେଉଛି ଏକ ଇସଲାମିକ୍ ଉଗ୍ରପନ୍ଥୀ ଗୋଷ୍ଠୀ। ଉକ୍ତ ସଂଗଠନକୁ ଜାତିସଂଘ ନିରାପତ୍ତା ପରିଷଦ, ଦି ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍(ନାଟୋ), ଦି ୟୁରୋପିୟାନ୍ ୟୁନିୟନ୍, ଦି ୟୁନାଇଟେଡ୍ ଷ୍ଟେଟ୍ସ, ଦି ୟୁନାଇଟେଡ କିଙ୍ଗଡମ୍, ରୁଷିଆ, ଭାରତ ସମେତ ଅନେକ ଦେଶ ଆତଙ୍କବାଦୀ ଗୋଷ୍ଠୀ ଘୋଷଣା କରିଥିଲେ।

#### ଏମ୍‌ଆଇଜି-୧୭ର ପ୍ରଥମ ଉଡ଼ାଣ

୧୯୫୦ ଜାନୁୟାରୀ ୧୪ରେ ଏକ କ୍ଷୁଦ୍ରାକୃତି ଏମ୍‌ଆଇଜି-୧୭ର ପ୍ରଥମ ଉଡାଣ ଆରମ୍ଭ ହୋଇଥିଲା। ଏମ୍‌ଆଇଜି-୧୭ ହେଉଛି ଏକ ହାଇ-ସବ୍‌ସୋନିକ୍ ଫାଇଟର ଏୟାରକ୍ରାଫ୍ଟ। ୧୯୫୨ରେ ଏହି ଆକୃତିର ବଡଧରଣର ଲଢୁଆ ବିମାନ ରୁଷିଆ ଦ୍ୱାରା ନିର୍ମାଣ କରାଯିବା ପରେ ବିଭିନ୍ନ ଦେଶ ଏହାକୁ ବାୟୁସେନାରେ ସାମିଲ କରିଥିଲେ।


ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୪ | ୧୧.୨ |
| ଚାନ୍ଦବାଲି | ୨୬.୩ | ୧୩.୨ |
| କଟକ | ୨୭.୪ | ୧୧.୮ |
| ପାରାଦ୍ୱୀପ | ୨୭.୦ | ୧୪.୩ |
| ଭୁବନେଶ୍ୱର | ୨୯.୨ | ୧୨.୪ |
| ଗୋପାଳପୁର | ୨୭.୪ | ୧୫.୭ |
| ପୁରୀ | ୨୬.୬ | ୧୫.୫ |
| ଅନୁଗୋଳ | ୨୭.୧ | ୯.୦ |
| ବାରିପଦା | ୨୬.୨ | ୧୧.୫ |
| ଝାରସୁଗୁଡ଼ା | ୨୮.୦ | ୧୨.୦ |
| କେନ୍ଦୁଝର | ୨୬.୨ | ୯.୩ |
| ସମ୍ବଲପୁର | ୨୮.୪ | ୧୧.୪ |
| ସୁନ୍ଦରଗଡ଼ | ୨୬.୦ | ୧୦.୦ |
| ହୀରାକୁଦ | ୨୭.୧ | ୧୨.୮ |
| ତାଲଚେର | --- | ୧୨.୩ |
| ଭବାନୀପାଟଣା | ୨୮.୬ | ୧୧.୮ |
| ବଲାଙ୍ଗୀର | ୨୮.୦ | ୧୦.୬ |
| କୋରାପୁଟ | ୨୭.୦ | ୧୧.୮ |
| ଫୁଲବାଣୀ | ୨୬.୫ | ୮.୫ |
| ଟିଟିଲାଗଡ଼ | --- | ୧୦.୫ |
| ମାଲକାନଗିରି | ୩୦.୫ | ୧୪.୪ |
| ସୋନପୁର | ୨୭.୬ | ୯.୬ |
| ଦାରିଙ୍ଗିବାଡ଼ି | ୨୫.୫ | ୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## #ମିଟୁ: ଖାଲରେ ପଡ଼ିଲେ ହୀରାନି



**ମୁମ୍ବାଇ:** #ମିଟୁ ଖାଲରେ ପଡ଼ିଛନ୍ତି ଫିଲ୍ମନିର୍ମାତା ରାଜକୁମାର ହୀରାନି। ତାଙ୍କ ନାମରେ ଜଣେ ମହିଳା ଯୌନ ଉତ୍ପୀଡନ ଅଭିଯୋଗ ଆଣିଛନ୍ତି। ୨୦୧୭ରେ ‘ସଞ୍ଜୁ’ ଫିଲ୍ମ ନିର୍ମାଣ ବେଳେ ଉକ୍ତ ମହିଳା ହୀରାନିଙ୍କ ସହ କାମ କରୁଥିଲେ। ୨୦୧୮ ମାର୍ଚ୍ଚରୁ ସେପ୍ଟେମ୍ବର ମଧ୍ୟରେ ହୀରାନି ଏକାଧିକ ଥର ତାଙ୍କୁ ଯୌନ ଆବେଦନ କରିଥିବା ସେ ଅଭିଯୋଗ କରିଛନ୍ତି। ଉକ୍ତ ମହିଳା ଜଣେ ସହଯୋଗୀ ଭାବରେ କାମ କଲାବେଳେ ତାଙ୍କ ପ୍ରତି ହୀରାନିଙ୍କ ଦୁର୍ବଳତା ପ୍ରକାଶ ପାଇଥିଲା ବୋଲି ହଫ୍‌ପୋଷ୍ଟ ଇଣ୍ଡିଆରେ ପ୍ରକାଶିତ ଏକ ଆର୍ଟିକିଲ୍‌ରେ ଉକ୍ତ ମହିଳା ବର୍ଣ୍ଣନା କରିଛନ୍ତି। ଅପରପକ୍ଷରେ ହୀରାନି ଏହି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ତାଙ୍କ ଓକିଲ ଆନନ୍ଦ ଦେଶାଇ ଉକ୍ତ ଅଭିଯୋଗକୁ ‘ମିଥ୍ୟା, ଉଦ୍ଦେଶ୍ୟପ୍ରଣୋଦିତ ଏବଂ ମାନହାନିସୂଚକ’ ବୋଲି ବର୍ଣ୍ଣନା କରିଛନ୍ତି। ଏହି ମହିଳା ତାଙ୍କର ଅଭିଯୋଗକୁ ୨୦୧୮ ନଭେମ୍ବର ୩ରେ ହୀରାନିଙ୍କ ଦୀର୍ଘଦିନର ସହଯୋଗୀ ତଥା ‘ସଞ୍ଜୁ’ର ସହ-ପ୍ରଯୋଜକ ବିଧୁ ବିନୋଦ ଚୋପ୍ରାଙ୍କୁ ଇ-ମେଲ୍ ଯୋଗେ ପଠାଇଥିଲେ। ସେ ଥରିଲା ଓଠରେ ଥରେ କହିଥିଲେ- ‘ସାର୍, ଏ କାମ ଭୁଲ୍। ଆପଣ ମୋର ପିତୃତୁଲ୍ୟ ଓ ଖୁବ୍ କ୍ଷମତାଶାଳୀ। ମୁଁ ନାମକୁ ମାତ୍ର ଜଣେ ସହଯୋଗୀ। ମୁଁ କେବେ ମୋର ଦୁର୍ବଳତାକୁ ଆପଣଙ୍କ ନିକଟରେ ପ୍ରକାଶ କରିପାରିବି ନାହିଁ।’ ଏପ୍ରିଲ ୯ର ଘଟଣା ସେ ଚୋପ୍ରାଙ୍କ ନିକଟକୁ ଇ-ମେଲ୍ ଯୋଗେ ପଠାଇଥିବା ହଫ୍‌ପୋଷ୍ଟ ଇଣ୍ଡିଆରେ ପ୍ରକାଶ ପାଇଛି। ସେଦିନ ରାତିରେ ତାଙ୍କ ମନ ଓ ହୃଦୟ ଅତ୍ୟନ୍ତ ଦୁଃଖରେ କମ୍ପିତ ହୋଇଥିଲା ଏବଂ ପରବର୍ତ୍ତୀ ୬ ମାସ ପର୍ଯ୍ୟନ୍ତ ସେ ଅଶାନ୍ତି ଓ ଅସ୍ଥିରତା ମଧ୍ୟରେ ସମୟ କାଟିଥିଲେ ବୋଲି ବର୍ଣ୍ଣନା କରିଛନ୍ତି।

# ଏଙ୍ଗ୍‌ଜାଇଟି



ଡା. ସତ୍ୟକାମ ମହାପାତ୍ର

**ଏଙ୍ଗ୍‌ଜାଇଟି କ'ଣ :** ବିଗତ କିଛି ବର୍ଷ ମଧ୍ୟରେ ଆମ ସମସ୍ତଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି। ଆଜିକାଲି ଅଧିକାଂଶ ଲୋକଙ୍କ ମଧ୍ୟରେ କାର୍ଯ୍ୟଭାର ଓ କାର୍ଯ୍ୟବ୍ୟସ୍ତତା ବୃଦ୍ଧି ପାଇଛି, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତାମୂଳକ ମନୋଭାବ ବୃଦ୍ଧି ପାଇଛି, ପିଲାମାନଙ୍କ ଉପରେ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବାର ଅତ୍ୟଧିକ ଚାପ ମଧ୍ୟ ବଢ଼ିବାରେ ଲାଗିଛି। ଲୋକଙ୍କ ମଧ୍ୟରେ ଶାରୀରିକ ପରିଶ୍ରମ କମିଛି, ଗୋଟିଏ ଜାଗାରେ ଦୀର୍ଘ ସମୟ ଧରି ବସି ରହି କାମ କରିବା ବୃଦ୍ଧି ପାଇଛି, ଏହା ସହ ମୋବାଇଲ ଫୋନ୍‌ର ବ୍ୟବହାର ମଧ୍ୟ ବୃଦ୍ଧି ପାଇଛି। ଏସବୁ ଫଳରେ ଲୋକଙ୍କ ମଧ୍ୟରେ ମାନସିକ ଚାପ, ବ୍ୟସ୍ତତା ଓ ଉଦ୍‌ବେଗ ବୃଦ୍ଧି ପାଇଛି। ମାତ୍ର କିଛି ଲୋକଙ୍କ ମନରେ ଛାନିଆ ଓ ବ୍ୟସ୍ତତା ସବୁବେଳେ ଲାଗି ରହେ ବା ଅଧିକ ମାତ୍ରାରେ ଦେଖାଯାଇଥାଏ। ଏହାକୁ ମାନସିକ ଉଦ୍‌ବେଗ ରୋଗ ବା ସାଧାରଣ ଲୋକଙ୍କ ଭାଷାରେ ଏଙ୍ଗ୍‌ଜାଇଟି ରୋଗ ବୋଲି କୁହାଯାଏ। ଆଧୁନିକ ଭାରତୀୟ ସମାଜରେ ଏହି ରୋଗ ପ୍ରାଦୁର୍ଭାବ କ୍ରମଶଃ ବଢ଼ିବାରେ ଲାଗିଛି। ମାତ୍ର ଲୋକମାନଙ୍କ ମଧ୍ୟରେ ଏହାର ଲକ୍ଷଣ ସମ୍ବନ୍ଧରେ ସଚେତନତାର ଅଭାବ ଯୋଗୁ ପ୍ରାରମ୍ଭିକ ଅବସ୍ଥାରେ ଏହାର ଚିହ୍ନଟ ଓ ଚିକିତ୍ସା ହୋଇ ପାରୁନାହିଁ। ଆମ ଦେଶରେ ୨୦ ପ୍ରତିଶତ ଲୋକଙ୍କଠାରେ ବିଭିନ୍ନ ପ୍ରକାର ଏଙ୍ଗ୍‌ଜାଇଟି ରୋଗ ଦେଖାଯାଇଥାଏ। ଏଥିମଧ୍ୟରୁ ପ୍ରମୁଖ ହେଲା ଜେନେରାଲାଇଜ୍ଡ ଏଙ୍ଗ୍‌ଜାଇଟି ଡିସ୍‌ଅର୍ଡର, ଫୋବିଆ ରୋଗ, ପ୍ୟାନିକ ଡିସ୍‌ଅର୍ଡର, ଅବସେସିଭ କମ୍ପଲସିଭ ଡିସ୍‌ଅର୍ଡର ( ଓସିଡି) ବା ଶୁଚିବାଇ ରୋଗ, ସୋସିଆଲ ଏଙ୍ଗ୍‌ଜାଇଟି ଡିସଅର୍ଡର ଆଦି।

### ଲକ୍ଷଣ

**ଜେନେରାଲାଇଜ୍ଡ ଏଙ୍ଗ୍‌ଜାଇଟି ଡସିଅର୍ଡର–** ଏଥିରେ ମନରେ ସବୁବେଳେ ଅତ୍ୟଧିକ ବ୍ୟସ୍ତତା, ଛାନିଆ, ବିଚଳିତ ଭାବେ ଚିଡ଼ିଚିଡ଼ା ଭାବ ଓ ଉଦ୍‌ବେଗ ଲାଗି ରହେ। ଅତି ଛୋଟଛୋଟ କଥାରେ ମନ ଅସ୍ଥିର ରହେ। ଅଧିକାଂଶ ସମୟ ମନ ବ୍ୟସ୍ତ ଓ ବିଚଳିତ ରହିବା ଯୋଗୁଁ କୌଣସି କାମରେ ମନ ଲାଗେ ନାହିଁ, କାହା ସହିତ କଥା ହେବାକୁ ଇଚ୍ଛା ହୁଏ ନାହିଁ। ନିଦ ଓ ଭୋକ କମି ଯାଇଥାଏ।

**ପ୍ୟାନିକ୍ ଡିସ୍‌ଅର୍ଡର –** ଏହି ରୋଗରେ ହଠାତ୍ ମନରେ ଛାନିଆ ଓ ଭୟର ଭାବନା ଆସିଥାଏ। ଏହା ଯେକୌଣସି ସ୍ଥାନ କିମ୍ବା ସମୟରେ ହୋଇପାରେ। ଏହି ସମୟରେ ଛାତିରେ ଯନ୍ତ୍ରଣା ହୁଏ, ଦେହ ହାତ ଝିମିଝିମି ହୋଇଯାଏ, ପାଟି ଶୁଖିଯାଏ, ଛାତି ଅତି ଜୋରରେ ଧଡ଼ଧଡ଼ ହୁଏ, ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହୁଏ, ହାତଗୋଡ଼ ଥରେ, ମୁଣ୍ଡ ବୁଲାଏ, ଝାଳ ବୁହେ ଓ ଦେହ ଅତ୍ୟନ୍ତ ଗରମ ହୋଇଯାଏ। ରୋଗୀକୁ ଏତେ ଜୋରରେ ଛାନିଆ ଲାଗିଥାଏ ଯେ ସେ ଅନୁଭବ କରେ ହଠାତ୍ ତା'ର ମୃତ୍ୟୁ ହୋଇଯିବ। କିନ୍ତୁ ଏହିସବୁ ଲକ୍ଷଣ ମାତ୍ର ୧୦–୧୫ ମିନିଟ ପର୍ଯ୍ୟନ୍ତ ଲାଗି ରହେ। ଏହାପରେ ରୋଗୀ ଆପେଆପେ ସମ୍ପୂର୍ଣ୍ଣ ଠିକ୍ ହୋଇଯାଏ। ଏହି ଛାନିଆ ଓ ଭୟ ବାରମ୍ବାର ହୋଇଥାଏ । ମନ ଭିତରେ ସବୁବେଳେ ଉଦ୍‌ବେଗ ଲାଗି ରହିଥାଏ ଯେ ପୁଣି ଏପରି ଛାନିଆ ଆଉ ଥରେ ଆରମ୍ଭ ହେବ ନାହିଁ ତ? ଧୀରେଧୀରେ ଏହି ସମସ୍ୟାର ପ୍ରକୋପ ବଢ଼ିଥାଏ।





"ଲୋକଙ୍କ ମଧ୍ୟରେ ଶାରୀରିକ ପରିଶ୍ରମ କମିଛି, ଗୋଟିଏ ଜାଗାରେ ଦୀର୍ଘ ସମୟ ଧରି ବସି ରହି କାମ କରିବା ବୃଦ୍ଧି ପାଇଛି, ଏହା ସହ ମୋବାଇଲ ଫୋନର ବ୍ୟବହାର ମଧ୍ୟ ବୃଦ୍ଧି ପାଇଛି। ଏସବୁ ଫଳରେ ଲୋକଙ୍କ ମଧ୍ୟରେ ମାନସିକ ଚାପ, ବ୍ୟସ୍ତତା ଓ ଉଦ୍‌ବେଗ ବୃଦ୍ଧି ପାଇଛି। ମାତ୍ର କିଛି ଲୋକଙ୍କ ମନରେ ଛାନିଆ ଓ ବ୍ୟସ୍ତତା ସବୁବେଳେ ଲାଗି ରହେ ବା ଅଧିକ ମାତ୍ରାରେ ଦେଖାଯାଇଥାଏ। ଏହାକୁ ମାନସିକ ଉଦ୍‌ବେଗ ରୋଗ ବା ସାଧାରଣ ଲୋକଙ୍କ ଭାଷାରେ ଏଙ୍ଗ୍‌ଜାଇଟି ରୋଗ ବୋଲି କୁହାଯାଏ।"

**ଫୋବିଆ ରୋଗ:** ଏଥିରେ କେତେକ ନିର୍ଦ୍ଦିଷ୍ଟ ବସ୍ତୁ, ସ୍ଥାନ ଓ ପରିସ୍ଥିତି ପ୍ରତି ଅସ୍ୱାଭାବିକ ଭାବେ ଭୟ ଦେଖାଯାଇଥାଏ। ଫଳରେ ସେମାନେ ଏସବୁ ବସ୍ତୁ, ସ୍ଥାନ ଓ ପରିସ୍ଥିତିଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତି। ଏହି ପ୍ରକାରର ଅସ୍ୱାଭାବିକ ଭୟକୁ ଫୋବିୟା ରୋଗ ବୋଲି କୁହାଯାଏ। କୌଣସି ରୁଦ୍ଧ ସ୍ଥାନ (ଲିଫ୍ଟ, ସିନେମା ହଲ), ଭିଡ଼ ଜାଗା, ଉଚ୍ଚ ସ୍ଥାନ, ବସ୍ ଓ ଟ୍ରେନ୍ ପ୍ରତି ଭୟ ଦେଖାଦେଲେ ଏହାକୁ ଆଗୋରାଫୋବିଆ ବୋଲି କୁହାଯାଏ।

**ଅବସେସିଭ କମ୍ପଲ୍‌ସିଭ ଡିସ୍‌ଅର୍ଡର (ଓସିଡି) ବା ଶୁଚିବାଇ ରୋଗ:** ଏହି ରୋଗରେ ରୋଗୀ ମନରେ ଗୋଟିଏ ପ୍ରକାରର ଚିନ୍ତା ଓ ଭାବନା ବାରମ୍ବାର ଆସିଥାଏ । ଫଳରେ ରୋଗୀ ମନରେ ଉଦ୍‌ବେଗ ସୃଷ୍ଟି ହୋଇଥାଏ ଓ ରୋଗୀ ବ୍ୟତିବ୍ୟସ୍ତ ହୋଇପଡ଼େ । ପ୍ରଥମ କିଛି ଦିନ ରୋଗୀ ଏସବୁ ଚିନ୍ତାକୁ ରୋକିବାକୁ ଚେଷ୍ଟା କରିଥାଏ । ମାତ୍ର କିଛି ଦିନ ପରେ ଆଉ ରୋକିପାରେ ନାହିଁ । ଫଳରେ ସେ କେତେକ କାମକୁ ବାଧ୍ୟ ହୋଇ ବାରମ୍ବାର କରିଥାଏ । ମନରେ ବାରମ୍ବାର ଆସୁଥିବା ଏହି ଚିନ୍ତାଗୁଡ଼ିକ ହେଲା ଅତ୍ୟଧିକ ମଇଳା ବା ଅପରିଷ୍କାର ଭାବନା, ମନରେ ସନ୍ଦେହ ଭାବନା। ଶୁଚିବାଇ ରୋଗରେ ବ୍ୟକ୍ତି ବାଧ ହୋଇ ଅନେକ କାମ କରିଥାଏ । ଏଗୁଡ଼ିକ ହେଲା ବାରମ୍ବାର ହାତ ଗୋଡ଼ ଧୋଇ ହେବା, ବେଶୀ ସଫା ସୁତୁରା ରଖିବା, ତାଲା ଠିକ୍ ଭାବେ ପଡିଲା କି ନାହିଁ ବାରମ୍ବାର ଯାଞ୍ଚ କରିବା, ଗ୍ୟାସ ଚୁଲା ବନ୍ଦ ହେଲା କି ନାହିଁ ଯାଞ୍ଚ କରିବା, ଜିନିଷକୁ ବାରମ୍ବାର ସଜାଡି ରଖିବା ଆଦି।

**କାରଣ:** ବିଭିନ୍ନ କାରଣରୁ ଏଙ୍ଗ୍‌ଜାଇଟି ରୋଗ ହୋଇପାରେ । ମସ୍ତିଷ୍କରେ କିଛି ରାସାୟନିକ ପଦାର୍ଥ (ନିଉରୋଟ୍ରାନ୍ସମିଟର) ଯଥା ସେରୋଟୋନୀନ ଓ ନରଏପିନେଫ୍ରିନର ମାତ୍ରାରେ ପରିବର୍ତ୍ତନ ଓ ଜିନଗତ ସମସ୍ୟା ଯୋଗୁ ଏହି ରୋଗ ଆରମ୍ଭ ହୋଇପାରେ। ଏହାଛଡା ଦୈନନ୍ଦିନ ଜୀବନରେ ଦେଖା ଦେଉଥିବା ମାନସିକ ଚାପ ଓ ଚିନ୍ତା, ବିଭିନ୍ନ ନିଶାସେବନ ଦ୍ୱାରା ମଧ୍ୟ ଏହି ସମସ୍ୟା ଦେଖାଯାଇଥାଏ । ବେଳେବେଳେ କେତେକ ଶାରୀରିକ ସମସ୍ୟା ଯେମିତିକି ଥାଇରଏଡଜନିତ ରୋଗ, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗରୁ ମଧ୍ୟ ଏଙ୍ଗ୍‌ଜାଇଟି ରୋଗ ଆରମ୍ଭ ହୋଇପାରେ। ଅନେକ ଲୋକଙ୍କ କ୍ଷେତ୍ରରେ ଏହା ବଂଶାନୁଗତ ହୋଇଥାଏ।

**ଚିକିତ୍ସା :** ଏଙ୍ଗ୍‌ଜାଇଟି ରୋଗଗୁଡିକର ଲକ୍ଷଣ ଓ ଚିକିତ୍ସା ସମ୍ବନ୍ଧରେ ଲୋକମାନଙ୍କ ମଧ୍ୟରେ ସଠିକ୍ ସୂଚନାର ଅଭାବ ରହିଛି। ଯଦ୍ୱାରା ସେମାନେ ଠିକ୍ ସମୟରେ ଡାକ୍ତରଙ୍କ ପରାମର୍ଶ ନିଅନ୍ତି ନାହିଁ । ସାଧାରଣତଃ ବିଭିନ୍ନ ଏଙ୍ଗ୍‌ଜାଇଟି ରୋଗର ଲକ୍ଷଣ ଆରମ୍ଭ ହେଲେ ଲୋକମାନେ ଏହାକୁ ଭୁଲବଶତଃ ହୃଦ୍‌ରୋଗ କିମ୍ବା ଅନ୍ୟ କିଛି ଶାରୀରିକ ରୋଗର ଲକ୍ଷଣ ଭାବି ଡାକ୍ତରଙ୍କ ପାଖକୁ ଯାଇଥାନ୍ତି। ବିଭିନ୍ନ ପ୍ରକାରର ଶାରୀରିକ ପରୀକ୍ଷା ନିରୀକ୍ଷା କରାଇ ଅଯଥା ଖର୍ଚ୍ଚାନ୍ତ ହୋଇଥାନ୍ତି । ଅନେକ ରୋଗୀ ନିଜର ଲକ୍ଷଣ ସମ୍ବନ୍ଧରେ ଅନ୍ୟ କାହାକୁ ଜଣାଇବା ପାଇଁ କୁଣ୍ଠାବୋଧ କରିଥାନ୍ତି । ଏସବୁ ଲକ୍ଷଣ ଦେଖାଗଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରନ୍ତୁ । ଏହି ରୋଗର ଚିକିତ୍ସା ନିମନ୍ତେ ଔଷଧ ସହିତ ମନସ୍ତାତ୍ତ୍ୱିକ ଚିକିତ୍ସା ପଦ୍ଧତି ( କାଉନ୍ସଲିଂ) ବ୍ୟବହାର କରାଯାଏ। ରୋଗର ପ୍ରାରମ୍ଭିକ ଅବସ୍ଥାରୁ ଚିକିତ୍ସା ଆରମ୍ଭ କଲେ ଶୀଘ୍ର ରୋଗର ଲକ୍ଷଣଗୁଡିକ କମିଯାଏ ଓ କମ୍ ଔଷଧରେ ଚିକିତ୍ସା ସମ୍ଭବ ହୋଇଥାଏ। ଏହି ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଔଷଧଗୁଡ଼ିକର ନିର୍ଦ୍ଦିଷ୍ଟ କୋର୍ସ ଥାଏ। ରୋଗର ତୀବ୍ରତା ସହିତ ରୋଗୀ ଉପରେ ନିର୍ଭର କରିଥାଏ। ତେଣୁ ଏହା କୋର୍ସ ପୂର୍ବରୁ ଔଷଧ ବନ୍ଦ କରନ୍ତୁ ନାହିଁ। ରୋଗର ତୀବ୍ରତା କମିଲେ ଔଷଧର ମାତ୍ରା କମାଇ ଦିଆଯାଏ। ବିଭିନ୍ନ ପ୍ରକାରର ମନସ୍ତାତ୍ତ୍ୱିକ ଚିକିତ୍ସା ପଦ୍ଧତି ଯଥା ସିବିଟି ( କଗନିଟିଭ ବିହେଭିରାଲ ଥେରାପି), ଇଆରପି, ବିହେଭିରା ଥେରାପି ଆଦି ବ୍ୟବହାର କରାଯାଏ। ରୋଗର ଲକ୍ଷଣ ଅନୁସାରେ ଡାକ୍ତରଙ୍କ ପରାମର୍ଶ ମାନି ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଔଷଧ ସେବନ କରିବା ଜରୁରୀ। ଏହା ପୂର୍ବରୁ ଔଷଧ ବନ୍ଦ କରିଦେଲେ ରୋଗର ଲକ୍ଷଣ ଗୁଡିକ ପୁଣି ଥରେ ଦେଖାଯାଇଥାଏ। ସବୁବେଳେ ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରନ୍ତୁ। ପ୍ରତିଦିନ ଶାରୀରିକ ବ୍ୟାୟାମ ଓ ଯୋଗ ଅଭ୍ୟାସ କରନ୍ତୁ, ନିୟମିତ ଦୀର୍ଘ ଓ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନିଅନ୍ତୁ, ସମସ୍ତ ନିଶାଦ୍ରବ୍ୟଠାରୁ ଦୂରେଇ ରହନ୍ତୁ। ଠିକ ସମୟର ଏଙ୍ଗ୍‌ଜାଇଟି ରୋଗର ଚିକିତ୍ସା କରାନଗଲେ ରୋଗୀକୁ ଡିପ୍ରେସନ ହେବାର ସମ୍ଭାବନା ଥାଏ। କେତେକ ରୋଗୀ ଏଙ୍ଗ୍‌ଜାଇଟି ମୁକାବିଲା କରି ନ ପାରି ବିଭିନ୍ନ ନିଶାଦ୍ରବ୍ୟ ସେବନ (ମଦ, ସିଗାରେଟ, ଗୁଟ୍‌ଖା, ଗଞ୍ଜେଇ, ଭାଙ୍ଗ) କରିଥାନ୍ତି। ଫଳରେ ଏଙ୍ଗ୍‌ଜାଇଟି ରୋଗର ଲକ୍ଷଣ ଓଲଟା ଆହୁରି ବଢ଼ିଯାଏ।

*– ମାନସିକ ରୋଗ ବିଶେଷଜ୍ଞ, କଟକ*
*ମୋ : ୮୮୯୫୨୯୩୯୯୭*

## ସ୍ୱାସ୍ଥ୍ୟ ସୂଚନା

- ସକାଳୁ ଯେତେ କାର୍ଯ୍ୟବ୍ୟସ୍ତ ଥିଲେ ମଧ୍ୟ ବ୍ରେକଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ଏହି ତାଲିକାରେ ଟଟକା ଫଳମୂଳ, ଜୁସ୍ ଆଦି ସାମିଲ କରନ୍ତୁ। ନିୟମିତ ବ୍ରେକଫାଷ୍ଟ କଲେ ତାହା ଶରୀରକୁ ସତେଜ ରଖିଥାଏ ଏବଂ କାମ କରିବାକୁ ଅଧିକ ଆଗ୍ରହ ସୃଷ୍ଟି କରେ।
- ସକାଳୁ ଉଠି ନିତ୍ୟକର୍ମ ଶେଷ କରିବା ପରେ ଦାନ୍ତ ଘଷିବା କଥା ସମସ୍ତେ ଜାଣନ୍ତି। ହେଲେ ରାତ୍ରିଭୋଜନ ପରେ ଏହାକୁ ଏକ ଅଭ୍ୟାସରେ ପରିଣତ କରନ୍ତୁ। ଫଳରେ ଦାନ୍ତଜନିତ ସମସ୍ୟା ଆଶଙ୍କା କମ୍ ରହିଥାଏ।
- ସକାଳ କାର୍ଯ୍ୟ ତାଲିକାରେ ଯୋଗ, ବ୍ୟାୟାମ ସାମିଲ କରନ୍ତୁ। କାରଣ ଏହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ପ୍ରତିଦିନ କିଛି ପରିମାଣରେ କ୍ୟାଲସିୟମଯୁକ୍ତ ଖାଦ୍ୟ ଖାଆନ୍ତୁ।
- ରାଗ, ଅତ୍ୟଧିକ ମସଲାଯୁକ୍ତ ଖାଦ୍ୟଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ।

## ଓଜନ ବଢ଼ାଏ ଅତ୍ୟଧିକ ଚିନ୍ତା



କେତେକ କାରଣରୁ ଆମେ ଚିନ୍ତାଗ୍ରସ୍ତ ହୋଇଥାଉ। ଏପରି କି କେତେକଙ୍କର ଏହାର ଏକ ଅଭ୍ୟାସରେ ପରିଣତ ହୋଇ ଯାଇଥାଏ। ଏହାର କାରଣ ତାଲିକାରେ ନିକଟରେ ଆଉ ଏକ କଥାକୁ ଯୋଡିଛନ୍ତି ଓ୍ୱାଶିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତି ଅଧିକାଂଶ ସମୟ ଚିନ୍ତାରେ ବୁଡି ରହନ୍ତି ତେବେ ତାହା ତାଙ୍କର ଓଜନ ବଢ଼ାଇବାରେ ସହାୟକ ହୋଇଥାଏ। ଏପରି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ ଅଧିକାଂଶ ସମୟ ଚିନ୍ତାଗ୍ରସ୍ତ ରହୁଥିବା ବ୍ୟକ୍ତିମାନଙ୍କ ଜୀବନଶୈଳୀ ଉପରେ ତନ୍ନତନ୍ନ ଅନୁଧ୍ୟାନ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପାଖାପାଖି ୩୫ ପ୍ରତିଶତ ବ୍ୟକ୍ତିଙ୍କର ଓଜନ ପୂର୍ବ ତୁଳନାରେ ବଢୁଥିବାର ଦେଖିବାକୁ ମିଳିଥିଲା। ଅପରପକ୍ଷରେ ସେମାନେ ଯେତେବେଳେ ଚିନ୍ତାଠାରୁ ନିଜକୁ କେତେକାଂଶରେ ଦୂରେଇ ରଖିପାରିଲେ ଓଜନ କମୁଥିବାର ଜଣାପଡିଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ମାତ୍ର କପେ କଫି

କ୍ଳାନ୍ତ ତଥା ଭାରାକ୍ରାନ୍ତ ମନକୁ ହାଲୁକା କରିବା ପାଇଁ କପେ କଫି ପିଅନ୍ତୁନା ! ଏହାଦ୍ୱାରା ମନ ହାଲୁକା ଲାଗିବା ସହ କାମ ପ୍ରତି ଆଗ୍ରହ ସୃଷ୍ଟି ହୋଇଥାଏ। କପେ କଫି ପିଇଲେ ଆଉ କେତେକ ଉପକାରୀ ଗୁଣ ମଧ୍ୟ ରହିଛି। ଯଦି ଆପଣ ଜିମ୍ ଯାଉଛନ୍ତି ତେବେ ଓ୍ୱାର୍କଆଉଟ୍ ପୂର୍ବରୁ କପେ କଫି ପିଅନ୍ତୁ। ଏହା ଶରୀରକୁ କିଛି ଶକ୍ତି ଯୋଗାଇବା ସହ ନିଜକୁ ଫିଟ୍ ରଖିବାରେ ସାହାଯ୍ୟ କରେ। ତେଣୁ ଜିମ୍‌ରେ ଓ୍ୱାର୍କଆଉଟ୍ ପୂର୍ବରୁ ଆପଣ କପେ କଫି ପିଇପାରନ୍ତି। ଅପରପକ୍ଷରେ ଜିମ୍ ଯିବା ସମୟରେ ଆପଣ କ'ଣ ଖାଇବେ ସେ ସମ୍ପର୍କରେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦ ଆଲୋଚନା କରିବାକୁ ଭୁଲନ୍ତୁ ନାହିଁ।



## ସ୍ମରଣ ଶକ୍ତି ବଢ଼ାଇବାର ସହଜ ଉପାୟ



ସ୍ମରଣ ଶକ୍ତି ବଢ଼ାଇବାର ସହଜ ତଥା ସରଳ ଉପାୟ ହାତପାହାନ୍ତାରେ ରହିଛି। ଯଦି ଏହାକୁ ଉପଯୋଗ କରିପାରିଲେ ତେବେ ତାହା ଆପଣଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। ଅର୍ଥାତ୍, ଅଣ୍ଡା ଖାଇଲେ ତାହାର ସୁପ୍ରଭାବ ସ୍ମରଣ ଶକ୍ତି ଉପରେ ପଡିଥାଏ ବୋଲି ସିଡ୍‌ନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଏକ ଗବେଷଣାରୁ ସେମାନେ ଜାଣିପାରିଛନ୍ତି ଯେ ଅଣ୍ଡାରେ ଏଭଳି ତତ୍ତ୍ୱ ରହିଛି, ଯାହା ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ପରୀକ୍ଷାସ୍ୱରୂପ ସେମାନେ ସ୍ମରଣ ଶକ୍ତି ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ଗବେଷଣା ପରିସରଭୁକ୍ତ କରିଥିଲେ। ସେମାନଙ୍କୁ ନିୟମିତ ଅଣ୍ଡା ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଅପରପକ୍ଷରେ ନିୟମିତ ସମୟ ଅନ୍ତରାଳରେ ସେମାନଙ୍କର ସ୍ମରଣ ଶକ୍ତିରେ କି ପ୍ରକାର ପରିବର୍ତ୍ତନ ଘଟୁଛି ତାହାକୁ ତନ୍ନ ତନ୍ନ କରି ନିରୀକ୍ଷଣ କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ଗବେଷଣା ଅନ୍ତର୍ଭୁକ୍ତ ଅଧିକାଂଶ ବ୍ୟକ୍ତିଙ୍କର ସ୍ମରଣ ଶକ୍ତିରେ କେତେକାଂଶରେ ପରିବର୍ତ୍ତନ ଦେଖିବାକୁ ମିଳିଥିଲା ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଯଦି ଜଣେ ବ୍ୟକ୍ତି ଦୈନିକ ଦୁଇଟି ଅଣ୍ଡା ଖାଆନ୍ତି, ତେବେ ତାହା ଶରୀର ପାଇଁ ବେଶ ଉପକାରୀ ସାବ୍ୟସ୍ତ ହୋଇଥାଏ ବୋଲି ସେମାନେ ଦର୍ଶାଇଛନ୍ତି।

## ଡାଇବେଟିସ୍ ମେଲିଟସ୍

ଯଦି ଜଣେ ଡାଇବେଟିସ୍ ରୋଗୀର ଅଗ୍ନାଶୟରେ ଇନସୁଲିନ୍ ଅତ୍ୟଧିକ ଉତ୍ପନ୍ନ ହୁଏ ତେବେ ସେହି ଅବସ୍ଥାକୁ 'ଡାଇବେଟିସ୍ ମେଲିଟସ୍' ବୋଲି କୁହାଯାଏ। ଏହାଫଳରେ ଶରୀରର କାର୍ଯ୍ୟଦକ୍ଷତା ପ୍ରଭାବିତ ହୋଇଥାଏ। ଏଥିପାଇଁ କେତୋଟି କାରଣକୁ ପ୍ରମୁଖତା ଦିଆଯାଇଛି, ସେଗୁଡିକ ହେଲା, ଅସ୍ୱାସ୍ଥ୍ୟକର ଖାଦ୍ୟ, ମେଦବହୁଳତା ଏବଂ ଅସନ୍ତୁଳିତ ଜୀବନଶୈଳୀ। ଏପରି କି ଜନସଂଖ୍ୟାର ଅତ୍ୟଧିକ ବୃଦ୍ଧିର ପ୍ରଭାବକୁ ଏହାର ଅର୍ନ୍ତଭୁକ୍ତ କରାଯାଇଛି। ଯଦି ଜଣେ ବ୍ୟକ୍ତି ଡାଇବେଟିସ୍ ମେଲିଟସର ସମ୍ମୁଖୀନ ହୁଅନ୍ତି ତେବେ ତାହାର କେତୋଟି କାରଣ ଦେଖିବାକୁ ମିଳିଥାଏ। ସେଗୁଡିକ ମଧ୍ୟରେ ରହିଛି–ଅତ୍ୟଧିକ ପରିସ୍ରା ଲାଗିବା, ଅତ୍ୟଧିକ ଶୋଷ ଲାଗିବା, ଓଜନ କମିବା, ଥକା ଲାଗିବା, ଘା' ହେଲେ ଶୁଖିବାରେ ବିଳମ୍ବ ହେବା। ଏପରି ଲକ୍ଷଣ ଦେଖାଯିବା ମାତ୍ରେ ଅଭିଜ୍ଞ ଡାଇବେଟିସ୍ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ଏହାବ୍ୟତୀତ ସନ୍ତୁଳିତ ଆହାର ଖାଆନ୍ତୁ, ଅଧିକ ସମୟ ଖାଲି ପେଟରେ ରହନ୍ତୁ ନାହିଁ। ଅତିକମ୍‌ରେ ଦୁଇ ଘଣ୍ଟା ଅନ୍ତରାଳରେ କିଛି କିଛି ଖାଦ୍ୟ ଖାଆନ୍ତୁ। ସବୁବେଳେ ଅଳସୁଆ ପରି ବସି ନ ରହି ପ୍ରତିଦିନ କିଛି କାମ କରନ୍ତୁ। ଅନ୍ୟପକ୍ଷରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଇନସୁଲିନ୍ ଇଞ୍ଜେକସନ ନେବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ରକ୍ତରେ ଇନସୁଲିନ୍ ପରିମାଣ ସନ୍ତୁଳିତ ରହିଥାଏ।



## ହୃଦ୍‌ଘାତ ପାଇଁ ଦାୟୀ ନୁହେଁ ନଡିଆ ତେଲ



ହୃଦ୍‌ଘାତ (ହାର୍ଟ ଆଟାକ୍) ପାଇଁ ନଡିଆ ତେଲ ଦାୟୀ ନୁହେଁ ବୋଲି ମତ ଦିଅନ୍ତି ଓଡିଶାର ବିଶିଷ୍ଟ ବୈଜ୍ଞାନିକ ଡା. ଦ୍ୱିଜେଶ କୁମାର ପଣ୍ଡା। ଏ ସମ୍ପର୍କରେ ସବିଶେଷ ତଥ୍ୟ ଦେବାକୁ ଯାଇ ସେ କହନ୍ତି, 'ନଡିଆ ତେଲ ହେଉଛି ପରିତୃପ୍ତ ମେଦାମ୍ଳ। ଏହାକୁ ମଧ୍ୟମ ଧରଣର ଟ୍ରାଇଗ୍ଲିସେରାଇଡ୍ ମଧ୍ୟ କୁହାଯାଏ। ଏହା ବିଶ୍ୱର ସର୍ବୋତ୍କୃଷ୍ଟ ସ୍ୱାସ୍ଥ୍ୟକର ତେଲରେ ଗଣ୍ୟ। ଏଥିରୁ ପ୍ରସ୍ତୁତ ଖାଦ୍ୟ ଖାଇଲେ ତାହା ଶରୀରରେ ଚର୍ବି ଜମିବାକୁ ଦେଇ ନ ଥାଏ। ଶରୀରକୁ ଆଶୁ ଶକ୍ତି ପ୍ରଦାନ କରିଥାଏ। ଏହି ତେଲରେ ଉତ୍ତମ କୋଲେଷ୍ଟରଲ (ଏଚଡିଏଲ୍) ଅଧିକ ପରିମାଣରେ ଥାଏ। ଏହି ତେଲରେ ପ୍ରସ୍ତୁତ ଖାଦ୍ୟ ଖାଇଲେ ତାହା ପାଚନ କ୍ରିୟାକୁ ଆହୁରି ସକ୍ରିୟ କରାଏ ଫଳରେ ଖାଦ୍ୟ ସହଜରେ ହଜମ ହୋଇଥାଏ। କେବଳ ସେତିକି ନୁହେଁ, ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଏହା ସହାୟକ ହୋଇଥାଏ। ଯଦି ଜଣେ ଏଡସ ରୋଗୀ ନଡିଆ ତେଲରେ ପ୍ରସ୍ତୁତ ଖାଦ୍ୟ ବର୍ଷ ତମାମ ଖାଆନ୍ତି ତେବେ ତାଙ୍କର ପତଳା ଝାଡା, ଓଜନ ହ୍ରାସ ଏବଂ ଖାଦ୍ୟସାର ରକ୍ତକୁ ନ ଯିବା ସମସ୍ୟା ଦୂର ହୋଇଥାଏ ବୋଲି ଏକ ଗବେଷଣାରୁ ଜଣାପଡିଛି। ଚମରି ଏନିଙ୍ଗ ବିଶ୍ୱର ଜଣେ ଖାତିସମ୍ପନ୍ନ ଚର୍ବି ଜୀବରସାୟନବିତ୍। ତାଙ୍କ ମତରେ–ନଡିଆରେ ଥିବା ପରିତୃପ୍ତ ମେଦାମ୍ଳର ହୃତପିଣ୍ଡ ଓ ସ୍ୱାସ୍ଥ୍ୟ ଉପରେ କୌଣସି ଖରାପ ପ୍ରଭାବ ପଡି ନ ଥାଏ। ପୁକାପୁକା, ଟେକେଲାଉ ଦ୍ୱୀପ ଏବଂ ଆମ ଦେଶର କେରଳ ରାଜ୍ୟର ଅଧିବାସୀମାନେ ଟନ୍ ଓଜନର ନଡିଆ ଖାଆନ୍ତି। ସେମାନଙ୍କର ହୃଦଘାତ,ପେଟ ଏବଂ ଅଣ୍ଟାରେ ଚର୍ବି ଜମିବା ଦେଖାଯାଏ ନାହିଁ। ଏହି ତେଲରେ ପ୍ରସ୍ତୁତ ଖାଦ୍ୟ ଜୀବକୋଷମାନଙ୍କର ଉତ୍କୃଷ୍ଟ ଖାଦ୍ୟ।



❝ ପର୍ଥଠାରେ ହପ୍‌ମ୍ୟାନ୍ କପ୍ ୱାର୍ମଅପ୍‌ରେ ସଫଳତା ଯୋଗୁ ଏଥର ଅଷ୍ଟ୍ରେଲିଆନ ଓପନ ଟେନିସ ପ୍ରତିଯୋଗିତାରେ ମୁଁ ଟାଇଟଲ ବଜାୟ ରଖିବାରେ ସଫଳ ହେବି ବୋଲି ମନେ କରୁଛି। **–ରୋଜର ଫେଡେରର, ବିଶିଷ୍ଟ ଟେନିସ୍ ଖେଳାଳି**



❝ ସେରେନା ୱିଲିୟମ୍ସ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ହୋଇ ୨୪ ଗ୍ରାଣ୍ଡସ୍ଲାମ ସହ ମୋ ରେକର୍ଡ ସମକକ୍ଷ ହେବେ ବୋଲି ଅନେକେ କହୁଛନ୍ତି, ହେଲେ ଏଥର ସହଜ ହେବନାହିଁ। **–ମାର୍ଗାରେଟ୍ କୋର୍ଟ, ପୂର୍ବତନ ଅଷ୍ଟ୍ରେଲୀୟ ଟେନିସ ଖେଳାଳି**

## ସଂକ୍ଷେପରେ

### ସନ୍ଦେହରେ ରାୟୁଡୁଙ୍କ ବୋଲିଂ ଶୈଳୀ

**ଦୁବାଇ,୧୩।୧:** ସିଡ୍‌ନୀଠାରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଭାରତୀୟ ବ୍ୟାଟ୍ସମ୍ୟାନ ଓ ପାର୍ଟ ଟାଇମ ଅଫ୍ ସ୍ପିନର ଅମ୍ବାତି ରାୟୁଡୁଙ୍କ ବୋଲିଂ ଶୈଳୀ ସନ୍ଦେହ ଘେରକୁ ଆସିଛି। ଏ ନେଇ ଆଇସିସି ପକ୍ଷରୁ ରବିବାର କୁହାଯାଇଛି। ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ରାୟୁଡୁ କେବଳ ଦୁଇ ଓଭର ବୋଲିଂ କରି ୧୩ ରନ୍ ଦେଇଥିଲେ। ଭାରତୀୟ ଟିମ୍ ମ୍ୟାନେଜମେଣ୍ଟକୁ ମ୍ୟାଚ୍ ଅଫିସିଆଲଙ୍କ ପକ୍ଷରୁ ଦିଆଯାଇଥିବା ରିପୋର୍ଟରେ ୩୩ ବର୍ଷୀୟ ଅଫ୍ ସ୍ପିନରଙ୍କ ସମ୍ପର୍କରେ କୁହାଯାଇଛି ବୋଲି ଆଇସିସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାସତ୍ତ୍ୱେ ରାୟୁଡୁ ବୋଲିଂ ଜାରି ରଖିପାରିବେ। ତାଙ୍କୁ ଆଗାମୀ ୧୪ ଦିନ ମଧ୍ୟରେ ବୋଲିଂ ଶୈଳୀ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ। ଏହି ପରୀକ୍ଷାର ଫଳାଫଳ ପ୍ରକାଶ ପାଇବା ପର୍ଯ୍ୟନ୍ତ ସେ ଅନ୍ତର୍ଜାତୀୟ ସ୍ତରରେ ବୋଲିଂ କରିପାରିବେ।

### ପ୍ୟାଡି ଅପଟନ ରାଜସ୍ଥାନ ରୟାଲ୍ସ ମୁଖ୍ୟ କୋଚ

**ମୁମ୍ବାଇ,୧୩।୧:** ଆଇପିଏଲର ପରବର୍ତ୍ତୀ ସଂସ୍କରଣ ଆରମ୍ଭ ହେବା ପୂର୍ବରୁ ରାଜସ୍ଥାନ ରୟାଲ୍ସ ଦଳ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି କରିଛି। ଦଳର ମୁଖ୍ୟ କୋଚ୍ ଭାବେ ପ୍ୟାଡି ଅପଟନଙ୍କୁ ନିଯୁକ୍ତି କରାଯାଇଛି। ୫୦ ବର୍ଷୀୟ ଅପଟନଙ୍କ ନେତୃତ୍ୱରେ ରୟାଲ୍ସ ଦଳ ତିନି ଥର ଖେଳି ସାରିଛି। ୨୦୧୩ରୁ ୨୦୧୫ ପର୍ଯ୍ୟନ୍ତ ସେ ଏହି ଫ୍ରାଞ୍ଚାଇଜର କୋଚ୍ ଦାୟିତ୍ୱରେ ଥିଲେ। ତାଙ୍କ ନେତୃତ୍ୱରେ ୨୦୧୩ ସଂସ୍କରଣରେ ଦଳ ଆଇପିଏଲର ସେମିଫାଇନାଲ ଓ ଚାମ୍ପିୟନ୍ସ ଲିଗ୍ ଫାଇନାଲରେ ପ୍ରବେଶ କିରଥିଲା। ରୟାଲ୍ସ ବ୍ୟତୀତ ୨୦୧୨ ସିଜନରେ ପୁନେ ୱାରିଅର୍ସ ଦଳ କୋଚ୍ ଦାୟିତ୍ୱରେ ଥିଲେ। ସେ ୨୦୧୬ ଓ ୨୦୧୭ ଦିଲ୍ଲୀ ଡାଇନମୋଜ ଦଳର ସମାନ ପଦରେ ଥିଲେ। ତାଙ୍କର ଅଭିଜ୍ଞତା ଓ ଜ୍ଞାନ ଦଳକୁ ସାହଯ୍ୟ କରିବ। ଜଣେ କୋଚ୍, ମେଣ୍ଟର ଓ ସାଇଣ୍ଟିଫିକ ଟ୍ରେନର ଭାବେ ମର୍ଡନ କ୍ରିକେଟରେ ଜଣାଶୁଣା। ଆମେ ତାଙ୍କୁ ଦଳରେ ପାଇ ଉତ୍ସାହିତ ଓ ଆଗାମୀ ସିଜନକୁ ଅପେକ୍ଷା କରିପାରୁ ନାହୁଁ ବୋଲି ରଜସ୍ଥାନ ରୟାଲ୍ସ ମୁଖ୍ୟ ଜୁବିନ ବାରୁଚା କହିଛନ୍ତି। ଅପଟନ ୨୦୧୧ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳର କୋଚିଂ ଦଳର ସଦସ୍ୟ ଥିଲେ।

### ଉତ୍ତରପ୍ରଦେଶକୁ ହରାଇ ଫାଇନାଲରେ ଓଡ଼ିଶା

କଟକ ଅଫିସ,୧୩।୧: ବମ୍ବେଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୨୧ବର୍ଷରୁ କମ୍ ପୁରୁଷ ହକି ପ୍ରତିଯୋଗିତାରେ ଓଡ଼ିଶା ଫାଇନାଲରେ ପ୍ରବେଶ କରିଛି । ରବିବାର ସେମିଫାଇନାଲରେ ଓଡ଼ିଶା ୨-୧ ଗୋଲରେ ଉତ୍ତରପ୍ରଦେଶକୁ ହରାଇଛି । ପ୍ରଥମ କ୍ୱାର୍ଟରର ୪ର୍ଥ ମିନିଟରେ ଅଭିଷେକ ନୀଲମ ଖେସ ଓ ୬ଷ୍ଠ ମିନିଟରେ କ୍ରାଷ୍ଟା ଡିର୍କି ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ୨ୟ କ୍ୱାର୍ଟର ଗୋଲ ଶୂନ୍ୟ ରହିବା ପରେ ୩ୟ କ୍ୱାର୍ଟରରେ ଉତ୍ତରପ୍ରଦେଶ ପକ୍ଷରୁ ରାଜଭର ମାନଷ ଏକ ଗୋଲ ଦେଇଥିଲେ। ୪ର୍ଥ କ୍ୱାର୍ଟରକୁ ରକ୍ଷଣାତ୍ମକ ଶୈଳୀରେ ଖେଳି ଓଡ଼ିଶା ଫାଇନାଲରେ ସ୍ଥାନ ପକ୍କା କରିଥିଲା। ୧୫ ତାରିଖରେ ଓଡ଼ିଶା-ହରିୟାଣା ମଧ୍ୟରେ ଫାଇନାଲ ମୁକାବିଲା ହେବ । ହରିୟାଣା ୩-୧ ଗୋଲରେ ପଞ୍ଜାବକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ପ୍ରତିଯୋଗିତାର ୨୧ବର୍ଷରୁ କମ୍ ମହିଳା ହକି ଇଭେଣ୍ଟ ଗୁରୁବାର ଖେଳାଯାଇଥିବା ଓଡ଼ିଶା-ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚ ଗୋଲଶୂନ୍ୟ ରହିଛି ।

■ ପାଣ୍ଡ୍ୟାଙ୍କ ବଦଳରେ ଦିନିକିଆ ଦଳରେ ଶଙ୍କର ସାମିଲ

# ନ୍ୟୁଜିଲାଣ୍ଡ ଗସ୍ତରେ ପଦାର୍ପଣ କରିବେ ଶୁବମନ

ନୂଆଦିଲ୍ଲୀ,୧୩।୧(ପି.ଟି.)

ଚଳିତ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରୁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ବାସନ୍ଦ ହୋଇଥିବା ବେଳେ ତାଙ୍କ ସ୍ଥାନରେ ତାମିଲନାଡୁ ଅଲରାଉଣ୍ଡର ବିଜୟ ଶଙ୍କର ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ସେହିପରି ଉଦୀୟମାନ ତାରକା ଶୁବମନ ଗିଲ୍‌ଙ୍କୁ ପଦାର୍ପଣ କରିବାର ସୁଯୋଗ ଦିଆଯାଇଛି। ଆସନ୍ତା ୨୩ ତାରିଖରୁ ଆରମ୍ଭ ହେବାକୁଥିବା ନ୍ୟୁଜିଲାଣ୍ଡ ଗସ୍ତ ପାଇଁ ଶୁବମନ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି।

ଜଣାଶୁଣା ଟିଭି ଶୋ 'କଫି ୱିଥ୍ କରନ'ରେ ମହିଳାଙ୍କ ପ୍ରତି ଅଶୋଭନୀୟ ମନ୍ତବ୍ୟ ଦେବା କାରଣରୁ ପାଣ୍ଡ୍ୟା ଓ ଲୋକେଶ ରାହୁଲଙ୍କୁ ଦଳରୁ ବାସନ୍ଦ କରାଯାଇଛି। ପାଣ୍ଡ୍ୟାଙ୍କ ସ୍ଥାନରେ ଶଙ୍କର ହିଁ ଉପଯୁକ୍ତ ପସନ୍ଦ ବୋଲି କୁହାଯାଇଛି। ସେହିପରି ରାହୁଲଙ୍କ ବଦଳରେ ଯୁବ ବ୍ୟାଟ୍ସମ୍ୟାନ ଶୁବମନଙ୍କୁ ସୁଯୋଗ ଦିଆଯାଇଛି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି।

ଆଡିଲେଡରେ ମଙ୍ଗଳବାର ଦ୍ୱିତୀୟ ଦିନିକିଆ ମ୍ୟାଚ୍ ପୂର୍ବରୁ ଶଙ୍କର ଦଳରେ ଯୋଗ ଦେବେ। ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ଶଙ୍କର ଦଳ ତରଫରୁ ପ୍ରତିନିଧିତ୍ୱ କରିବେ। ସେହିପରି ଶୁବମନ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ଓ ଟି୨୦ ସିରିଜ ପାଇ ଦଳରେ ସାମିଲ ହେବେ ବୋଲି ବୋର୍ଡ ତରଫରୁ କୁହାଯାଇଛି।

ପାଣ୍ଡ୍ୟା ଓ ରାହୁଲ ନେଇ ସୃଷ୍ଟି ହୋଇଥିବା ବିବାଦୀୟ ପରିସ୍ଥିତି ଶୁବମନଙ୍କ ପାଇଁ ଆଶାଠାରୁ ଆଗୁଆର ସୁଯୋଗ ସୃଷ୍ଟି କରିଛି। ତାଙ୍କ କୋଲକାତା ନାଇଟ ରାଇଡର୍ସ (କେକେଆର) ଅଧିନାୟକ ଦୀନେଶ କାର୍ତ୍ତିକ ଓ ଅଭିଜ୍ଞ ଯୁବରାଜ ସିଂ ଶୁବମନଙ୍କ ଉଜ୍ଜଳ ଭବିଷ୍ୟତ ନେଇ ପୂର୍ବାନୁମାନ କରିଛନ୍ତି। ତାଙ୍କ ପାଖରେ ସ୍ୱତନ୍ତ୍ର ପ୍ରତିଭା ରହିଛି ଓ ସେ ଦେଶ ପାଇଁ ଦୀର୍ଘ ବର୍ଷଧରି ଖେଳିପାରିବେ ବୋଲି ଯୁବରାଜ କହିଛନ୍ତି।

ଶୁବମନ୍ ଗତମାସ ନ୍ୟୁଜିଲାଣ୍ଡ ଗସ୍ତରେ ଭାରତ ଏ' ତରଫରୁ ପ୍ରତିନିଧିତ୍ୱ କରିଥିଲେ। ଏହି ଟପ୍ ଅର୍ଡର ଯୁବ ବ୍ୟାଟ୍ସମ୍ୟାନ ପଞ୍ଜାବ ପାଇଁ ରଣଜୀ ଟ୍ରଫିରେ ୯୮.୭୫ ରନ ହାରରେ ୭୯୦ ରନ ସଂଗ୍ରହ କରିଥିଲେ। ଗତ ବର୍ଷ ନ୍ୟୁଜିଲାଣ୍ଡରେ ଖେଳାଯାଇଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତକୁ ଚାମ୍ପିୟନ କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଓ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।

ତେବେ ପ୍ରଥମେ ରାହୁଲଙ୍କ ବଦଳରେ ମୟଙ୍କ ଅଗ୍ରୱାଲଙ୍କୁ ଦଳରେ ସ୍ଥାନ ଦିଆଯିବା ନେଇ ଘୋଷଣା କରାଯାଇଥିଲା। ତେବେ କିଛି ସମସ୍ୟା କାରଣରୁ ଶେଷରେ ଶଙ୍କରଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ସୁଯୋଗ ଦିଆଯାଇଛି ବୋଲି କୁହାଯାଇଛି ଓ ଦଳରେ ଗୋଟିଏ ମାତ୍ର ପରିବର୍ତ୍ତନ କରାଯାଇଛି। ସେହିପରି ରଣଜୀ ଟ୍ରଫିରେ ଦମ୍‌ଦାର ପ୍ରଦର୍ଶନ କରିଥିବାରୁ ଶୁବମନଙ୍କୁ ସୁଯୋଗ ମିଳିଛି।

ଶଙ୍କର ପୂର୍ବରୁ ଶ୍ରୀଲଙ୍କା ବିପକ୍ଷ ଟି୨୦ ନିଦାହାସ ଟ୍ରଫିରେ ଦଳରେ ସାମିଲ ହୋଇଥିଲେ। ପୁଣି ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ସେ ଭାରତ ଏ ଦଳ ତରଫରୁ ଦମ୍‌ଦାର ପ୍ରଦର୍ଶନ କରି ସର୍ବାଧିକ ରନ୍ ସ୍କୋରର ସାବ୍ୟସ୍ତ ହୋଇଥିଲେ। ୨୭ ବର୍ଷୀୟ ଶଙ୍କର ମିଡିୟମ ପେସ୍ ବୋଲିଂ ମଧ୍ୟ କରନ୍ତି। ସେ ଏପର୍ଯ୍ୟନ୍ତ ୫ଟି ଟି୨୦ ମ୍ୟାଚ ଖେଳିଛନ୍ତି।



ବିଜୟ ଶଙ୍କର



ଶୁବମନ ଗିଲ୍

### ଓଡ଼ିଶା ବାଳିକା ଚାମ୍ପିୟନ

କଟକ ଅଫିସ, ୧୩।୧

ଆନ୍ଧ୍ରପ୍ରଦେଶର ବିଜୟୱାଡାଠାରେ ସ୍କୁଲ ଗେମ୍ସ ଫେଡେରେଶନ ଅଫ ଇଣ୍ଡିଆ ଆନୁକୂଲ୍ୟରେ ଅନୁଷ୍ଠିତ ୬୪ତମ ଜାତୀୟ ବିଦ୍ୟାଳୟ (୧୭ ବର୍ଷରୁ କମ ବାଳକ ଓ ବାଳିକା) ସିପକଟାକ୍ର ଚାମ୍ପିୟନଶିପରେ ଓଡ଼ିଶା ବାଳିକା ଦଳ ଟାଇଟଲ ବିଜୟୀ ହୋଇଛି । ଫାଇନାଲରେ ବାଳିକା ଦଳ ମହାରାଷ୍ଟ୍ରକୁ ୨–୦ ସେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି । ପ୍ରତିଯୋଗିତାରେ ଓଡ଼ିଶା ବାଳକ ଦଳ ରନର୍ସଅପ ହୋଇଛି । ଫାଇନାଲରେ ଆନ୍ଧ୍ରପ୍ରଦେଶଠାରୁ ଦଳ ୦–୨ ସେଟରେ ପରାସ୍ତ ହୋଇଥିଲା । ଓଡ଼ିଶା ବାଳିକା ଦଳରେ ରୂପାଲି ସାହୁ, ସୁଦୀପ୍ତ ସାହୁ, ସିମ୍ରନ ଏକ୍କା ଓ ସୁଭଦ୍ରା ସୋରେନ, ବାଳକ ଦଳରେ ଛୋଟରାୟ ହେମ୍ରମ, ମୁନା ଟୁଡୁ, ମନୁଆ ଟୁଡୁ, ରାଜ ସିଂ ଓ ପରେଶ ଜେନା ପ୍ରତିନିଧିତ୍ୱ କରିଥିଲେ । ହମିଦ କୁମାର ମହାପାତ୍ର, ଜ୍ୟୋତିର୍ମୟୀ ଶତପଥୀ ଦଳର କୋଚ ଓ ବ୍ରଜବନ୍ଧୁ କାଣ୍ଡି ମ୍ୟାନେଜର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଓଡ଼ିଶା ଦଳର ଏହି ସଫଳତା ପାଇଁ ଓଡ଼ିଶା ରାଜ୍ୟ ସିପକ୍‌ଟାକ୍ର ଆସୋସିଏଶନ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି ।

### ଭୁବନେଶ୍ୱର ଓପନ ଜିତିଲେ ବିଭୂତି

ଭୁବନେଶ୍ୱର, ୧୩।୧(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ସେକ୍ରେଟାରିଏଟ ରିକ୍ରିଏଶନ କ୍ଲବ ପରିସରରେ ଅନୁଷ୍ଠିତ ଓପନ ଚେସ୍ ଟୁର୍ନାମେଣ୍ଟରେ ପୁରୀର ବିଭୂତି ଭୂଷଣ ଦାସ ଚାମ୍ପିୟନ ହୋଇଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ସେ ଏକାକୀ ୮ ପଏଣ୍ଟ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଭୁବନେଶ୍ୱରର ଅମିତ ମହାନ୍ତି ୭.୫ ପଏଣ୍ଟ ସହ ରନର୍ସଅପ୍ ହୋଇଛନ୍ତି। ତନ୍ମୟ କୁମାର, ମାନସ ରଞ୍ଜନ ପରିଡ଼ା, ଏମ. ମାନସ, ଲୋଚନ କୁମାର ଦାସ ଓ କେ.ସହଦେବ ୭ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ୩ୟରୁ ୭ମ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୁର୍ଜିତ ନାୟକ, ସନ୍ତୋଷ କୁମାର ନାୟକ ଓ ଦୀପ୍ତି ରଞ୍ଜନ ଦାସ ଟପ୍-୧୦ ଫିନିଶ୍ କରିଛନ୍ତି। ପ୍ରଦର୍ଶନ ଭିତ୍ତିରେ ଶୀର୍ଷ ୨୫ ଜଣଙ୍କ ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୫ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସ୍ନେହାଞ୍ଜଳି ପ୍ରଧାନ ଶ୍ରେଷ୍ଠ ମହିଳା ଓ ଭୀମସେନ ପ୍ରଧାନ ଶ୍ରେଷ୍ଠ ଭେଟେରାନ ପୁରସ୍କାର ପାଇଥିଲେ। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଉପସଭାପତି ଡ. ବିମଳ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ବାଲାବାବା ଚାମ୍ପିୟନ

ମାର୍ଶାଘାଇ,୧୩।୧(ଡ଼ିଏନ୍ଏ)

ମାର୍ଶାଘାଇ ବ୍ଲକ ରଙ୍ଗାଳ ସନ୍‌ସାଇନ୍ ଖେଳପଡ଼ିଆରେ ଶାରଳା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୩୨ ତମ ମାନସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ବାଲାବାବା ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ କଟକ ଟାଙ୍ଗୀର ଆଜାଦ ହିନ୍ଦ କ୍ଲବକୁ ହରାଇ ବାଲାବାବା ଟାଇଟଲ ହାସଲ କରିଛି। ଫାଇନାଲରେ ଟସ୍ ଜିଣି ବାଲାବାବା ପ୍ରଥମେ ବ୍ୟାଟିଂ କରି ୨୫ ଓଭର ବିଶିଷ୍ଟ ଖେଳରେ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୯୮ ରନ୍ ସଂଗ୍ରହ କରିଥିଲା ।

ଜବାବରେ ଆଜାଦ୍ ହିନ୍ଦ କ୍ଲବ ୨୨ ଓଭରରେ ତାର ସମସ୍ତ ଉଇକେଟ୍ ୧୫୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା । ବାଲାବାବା କେନ୍ଦ୍ରାପଡ଼ାର ହିମାଂଶୁ ମେହେରା ସିଂ ୪ ଉଇକେଟ୍ ଅକ୍ତିଆର କରିବା ସହ ୬୦ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଆଜାଦ୍ ହିନ୍ଦର ସତ୍ୟ ରଞ୍ଜନ ସେନାପତି ମ୍ୟାନ ଅଫ୍ ଦି ସିରିଜ୍ ଭାବେ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଜେଡ଼ି ନେତା ପ୍ରମୋଦ କୁମାର ରଥ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ମେହେନ୍ଦି ନଗର ସମିତିସଭ୍ୟା ମଞ୍ଜୁଲତା ମହାନ୍ତି ଟାଙ୍ଗିର ଆଜାଦ୍ ହିନ୍ଦକୁ ରନର୍ସ ଅଫ୍ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଅମ୍ପାୟର ଭାବେ ଶରତ ପରିଡ଼ା, ସୁମନ୍ ସ୍ୱାଇଁ, ସୁଜିତ୍ ରାଉତ ଖେଳ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ମନୋଜ ପରିଡ଼ା, କରିଷଲା ପାଟଣା ସରପଞ୍ଚ ଶ୍ରୁକାନ୍ତ ସାହୁ, ପୂର୍ବତନ ସରପଞ୍ଚ ଅଜୟ ରାଉତ, ରଙ୍ଗାଧର ଦଳାଇ, କଣ୍ଟେଶ୍ୱର ମହାନ୍ତି, ଅମୀୟ ପରିଡ଼ା ପ୍ରମୁଖ ଯୋଗଦେଇ ଖେଳାଳି ଏବଂ ଉପସ୍ଥିତ ଦର୍ଶକମାନଙ୍କୁ ଉତ୍ସାହିତ କରିଥିଲେ।



ଭୁବନେଶ୍ୱର ଓପନ ଚେସ୍: କୃତୀ ପ୍ରତିଯୋଗୀମାନେ ଟ୍ରଫି ସହ ।



ମାନସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଚାମ୍ପିୟନ ବାଲାବାବା ଟିମ୍ ।

# ଅଂଶୁ, ଋତୁପର୍ଣ୍ଣାଙ୍କୁ ଟାଇଟଲ

**ଉତ୍କଳ ଓପନ ଟେନିସ ଉଦ୍‌ଯାପିତ**

ଭୁବନେଶ୍ୱର, ୧୩।୧(କ୍ରୀଡ଼ା ପ୍ରତିନିଧି)

ଏସ୍ ଟେନିସ କ୍ଲବ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଉତ୍କଳ ଓପନ ଟେନିସ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶୁକୁମାର ଭୂୟାଁ ଉଭୟ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ ଟାଇଟଲ ଜିତି ଦ୍ୱିମୁକୁଟ ହାସଲ କରିଥିବାବେଳେ ମହିଳା ସିଙ୍ଗଲ୍ସରେ ଚାମ୍ପିୟନ ହୋଇଛନ୍ତି ଋତୁପର୍ଣ୍ଣା ଚୌଧୁରୀ। ମହିଳା ସିଙ୍ଗଲ୍ସ ଫାଇନାଲରେ ଋତୁପର୍ଣ୍ଣା ୬–୩, ୬–୩ ସେଟ୍‌ରେ ଅମିକ କିରଣ ବାଥ୍‌ଙ୍କୁ ପରାସ୍ତ କରିଥିଲେ। ପୁରୁଷ ସିଙ୍ଗଲ୍ସରେ ଅଂଶୁ ୬–୦, ୬–୪ ସେଟ୍‌ରେ ଆଦିତ୍ୟ ଶତପଥୀଙ୍କୁ ହରାଇଥିବାବେଳେ ଅଂଶୁ ଓ ଆଦିତ୍ୟ ଶତପଥୀ ଯୋଡ଼ି ଡବଲ୍ସ ଫାଇନାଲରେ ଆଶୁତୋଷ ଦାସ ଓ ସତୀର୍ଥ ପଟ୍ଟନାୟକ ଯୋଡ଼ିଙ୍କୁ ୭–୫, ୪–୬(୧୦/୭) ସେଟ୍‌ରେ ହରାଇ ଟାଇଟଲ ହାସଲ କରିଥିଲେ। ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ସୋହିନୀ ସଞ୍ଜୟ ମହାନ୍ତି ୬–୨, ୬–୦ ସେଟ୍‌ରେ ଏବଂ ବାଳକ ସିଙ୍ଗଲ୍ସ ଫାଇନାଲରେ ଷ୍ଟିଭେନ ଅଙ୍କିତ୍ ଏକ୍କା ୬–୩, ୩–୬, ୬–୧ ସେଟ୍‌ରେ ଦେବବ୍ରତ ପ୍ରଧାନଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଭେଟେରାନ ଡବଲ୍ସ ଫାଇନାଲ ୬୦+ କାଟେଗୋରିରେ ବି.ଏନ.ମହାନ୍ତି–ଜୁଗାନନ୍ଦ ପଟ୍ଟନାୟକ, ୫୦+ ବିଭାଗରେ ପ୍ରଭାତ ବକ୍ସି–ସରୋଜ ମଜୁମଦାର ଏବଂ ୪୦+ କାଟେଗୋରିରେ ଶାଶ୍ୱତ ଜେନା–ହିମାଦ୍ରି କାନୁନ୍‌ଗୋ ଚାମ୍ପିୟନ ହୋଇଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ମାନସିଂ ହୋ ଏବଂ ପ୍ରମୋଦ କୁମାର ପଟ୍ଟନାୟକଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟରେ ସମ୍ମାନିତ କରାଯାଇଥିଲା। ମହେଶ ମହାପାତ୍ର ସ୍ପୋର୍ଟ୍ସମ୍ୟାନ ସ୍ପିରିଟ ପୁରସ୍କାର ପାଇଥିବାବେଳେ ଅଦିତୀ ପ୍ରଧାନ ବେଷ୍ଟ ଡ୍ରେସ୍‌ଡ୍ ଓ ଡି. ଆର୍ଯ୍ୟନ ସ୍ୱାମୀ ଶ୍ରେଷ୍ଠ ଇମର୍ଜି ପ୍ଲେୟାର ବିବେଚିତ ହୋଇଥିଲେ। ଏହି ଅବସରରେ କୋଚ୍ ଲଳିତ ଦାସ, ଗ୍ରାଉଣ୍ଡସ୍ମ୍ୟାନ ଶରତ, ବିପିନ, ଡିଗଲ ଓ ରେଫରି ଜତୀନ ବସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଡିଜିପି ସଞ୍ଜୀବ ମାରିକ ଓ ଉତ୍କଳ ବିଲ୍ଡର୍ସର ଚେୟାରମ୍ୟାନ ଶରଦ ବେଦ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟି ସମ୍ପାଦକ ବିଶ୍ୱଜିତ ମିଶ୍ର, ଏସ୍ ଟେନିସ କ୍ଲବ ସଭାପତି ପ୍ରକାଶ ଚନ୍ଦ୍ର ଭୁରା, ସମ୍ପାଦକ ନଭରତନ ବୋଥ୍ରା, ଯୁଗ୍ମ ସମ୍ପାଦକ ଗୌରବ ଦାସ, କାର୍ଯ୍ୟକାରିଣୀ ସଦସ୍ୟ ରିତେଶ ରାୟ, ଧିରଜ ପଣ୍ଡା, ଦୀପକ କୁମାର ନାୟକ, ବିଜୟ କୁମାର ଜେନ୍, ପ୍ରଶାନ୍ତ ପାତ୍ର ଓ ପ୍ରଶାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଓୟୁଏଟି, କିଟ୍ ବିଜୟୀ

କଟକ ଅଫିସ,୧୩।୧

କଟକରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଭୁବନେଶ୍ୱରର ଓୟୁଏଟି ବିଶ୍ୱବିଦ୍ୟାଳୟ ୩ ଉଇକେଟରେ ବିରଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ–୧ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ବିରଲା ଗ୍ଲୋବାଲ ୧୯୧ରନରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଅମ୍ବରିଶ ପ୍ରଧାନ ସର୍ବାଧିକ ୪୨ରନ କରିଥିଲେ। ବୀରେନ୍ଦ୍ର ତ୍ରିପାଠୀଙ୍କ ୪୫ରନ, କୃତବିଦ୍ୟା ଦାସଙ୍କ ୩୪ରନ ସହାୟତାରେ ଓୟୁଏଟି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ–୨ରେ ବାଲେଶ୍ୱରର ଫକୀରମୋହନ ବିଶ୍ୱବିଦ୍ୟାଳୟ ୬୫ରନରେ ପି.ଟି ରବିଶଙ୍କର ବିଶ୍ୱବିଦ୍ୟାଳୟଠାରୁ ହାରି ପ୍ରତିଯୋଗିତାରୁ ବାଦ ପଡ଼ିଛି । ଅଭିଷେକ ବନିକଙ୍କ ୭୩ରନ ଓ ତ୍ରିପେଶ ସାହୁଙ୍କ ୭୧ ରନ ବଳରେ ରବିଶଙ୍କର ବିଶ୍ୱବିଦ୍ୟାଳୟ ୧୯୮ରନ କରିଥିଲା। ୧୩୩ରନରେ ଅଲଆଉଟ ହୋଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରାଜୟର ସମ୍ମୁଖୀନ ହୋଇଥିଲା। ଜିତେନ୍ଦୁ ଶେଖର ଭୋଇ ସର୍ବାଧିକ ୫୩ରନ କରିଥିଲେ। ଅନ୍ୟପକ୍ଷରେ ବିଜୟ ଧାରା ଜାରି ରଖିଛି କିଟ୍ ବିଶ୍ୱବିଦ୍ୟାଳୟ। ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ କିଟ ୩ ଉଇକେଟରେ ଆଇଜିଏନ୍ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ୪୦ ଓଭରରେ ୩ ଉଇକେଟ ହରାଇ ଆଇଜିଏନ୍ ୧୭୫ରନ କରିଥିଲା। ରୋନକ ମିଶ୍ରଙ୍କ ୬୩ରନ ସହାୟତାରେ କିଟ ମ୍ୟାଚକୁ ଜିତିଥିଲା। ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟ ୬ ଉଇକେଟରେ ପଶ୍ଚିମବଙ୍ଗ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ପଶ୍ଚିମବଙ୍ଗ ୯ ଉଇକେଟରେ ୧୯୦ରନ କରିଥିଲା। ଯଶ ଠାକୁରଙ୍କ ଧୁଆଁଧାର ୭୮ରନ ଇନିଂସ ସହାୟତାରେ ହେମଚାନ୍ଦ ଦଳ ବିଜୟ ଲକ୍ଷ୍ୟ ହାସଲ କରିଛି ।



ଅତିଥିଙ୍କ ସହ ଉତ୍କଳ ଓପନ ଟେନିସ ଟୁର୍ନାମେଣ୍ଟର କୃତୀ ପ୍ରତିଯୋଗୀମାନେ।

# ହକି କୁଇଜ୍ ପୁରସ୍କାର ବିତରଣ







(୧) ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନସ୍ଥିତ ଦ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା ପରିସରରେ ରବିବାର ଆୟୋଜିତ ଧରିତ୍ରୀର ହକି କୁଇଜ୍ ପୁରସ୍କାର ବିତରଣ ଉତ୍ସବରେ 'ମେଗା ପ୍ରାଇଜ୍' ବିଜେତାମାନଙ୍କ ସହ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସମ୍ପାଦକ ତଥା ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ, 'ଓରାଇମୋ' ବ୍ରାଞ୍ଚ୍ ହେଡ୍ ପଙ୍କଜ ଦାଶ, ଟେରିଟୋରୀ ମାର୍କେଟିଂ ଅଫିସର ବିଶ୍ୱଜିତ୍ ପାତ୍ର(ଉପର)। (୨) 'ସ୍ପେଶାଲ ପ୍ରାଇଜ୍' ବିଜେତା।

## ୧୦୦ ଭାଗ୍ୟଶାଳୀ ବିଜେତା ପୁରସ୍କୃତ

# 'ଚିରାଚରିତରୁ ଭିନ୍ନ କରିବା ଆମର ପ୍ରୟାସ'

**ଭୁବନେଶ୍ୱର,୧୩।୧(ବ୍ୟୁରୋ)**

ହକି ବିଶ୍ୱକପ୍ ଉପଲକ୍ଷେ 'ଧରିତ୍ରୀ' ପକ୍ଷରୁ ଆୟୋଜିତ ହୋଇଥିବା 'ହକି କୁଇଜ୍ ୨୦୧୮'ର ପୁରସ୍କାର ବିତରଣ ଉତ୍ସବ ରବିବାର ସ୍ଥାନୀୟ ଦ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ ଆୟୋଜିତ ହୋଇଯାଇଛି। 'ଧରିତ୍ରୀ' ଏବଂ 'ଓରାଇମୋ' ସ୍ମାର୍ଟ ଆସେସୋରିଜ୍‌ର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଇଜ୍ ପ୍ରତିଯୋଗିତାର ଭାଗ୍ୟଶାଳୀ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ମୋଟ ୩ଟି ପର୍ଯ୍ୟାୟରେ ପ୍ରଦାନ କରାଯାଇଥିବା ପୁରସ୍କାରରେ 'ମେଗା ପ୍ରାଇଜ୍', 'ସ୍ପେଶାଲ ପ୍ରାଇଜ୍' ଏବଂ ସାନ୍ତ୍ୱନାମୂଳକ ପୁରସ୍କାର ରହିଥିଲା। ୨୦ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ମେଗା ପ୍ରାଇଜ୍ ଦିଆଯାଇଥିବା ବେଳେ ପୁରସ୍କାର ସ୍ୱରୂପ ସେମାନଙ୍କୁ ୨୦ ହଜାର ଏମ୍ଏଏଚ୍‌ର ଏକ ପାୱାର ବ୍ୟାଙ୍କ ଏବଂ ସ୍ମାର୍ଟ କାର୍ ଚାର୍ଜର ପ୍ରଦାନ କରାଯାଇଥିଲା। ସେହିଭଳି ସ୍ପେଶାଲ ପ୍ରାଇଜ୍‌ରେ ୩୦ଜଣଙ୍କୁ ଗୋଟିଏ ଲେଖାଏ ପାୱାର ବ୍ୟାଙ୍କ୍ ଏବଂ ୫୦ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ସ୍ୱରୂପ ମୋବାଇଲ୍ ହେଡ୍ ଫୋନ୍ ଦିଆଯାଇଥିଲା। କାର୍ଯ୍ୟକ୍ରମରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସମ୍ପାଦକ ତଥା ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ, ଡାଇରେକ୍ଟର(ମାର୍କେଟିଂ) ହିମାଂଶୁ ହୋତା, 'ଓରାଇମୋ' ବ୍ରାଞ୍ଚ୍ ହେଡ୍ ପଙ୍କଜ ଦାଶ, ରିଜିଓନାଲ ମାର୍କେଟିଂ ମ୍ୟାନେଜର ରାକେଶ ପାଢୀ, ଟେରିଟୋରୀ ମାର୍କେଟିଂ ଅଫିସର ବିଶ୍ୱଜିତ ପାତ୍ର, ଧରିତ୍ରୀର କ୍ରୀଡ଼ା ଡେସ୍କ ମୁଖ୍ୟ ତପନ ସ୍ୱାଇଁ, ଓଡ଼ିଶା ପୋଷ୍ଟ କ୍ରୀଡ଼ା ସମ୍ପାଦକ ଶାକ୍ୟସେନ୍ ମିତ୍ର ବିଜେତାଙ୍କୁ ପୁରସ୍କୃତ କରିଥିଲେ।

ଏହି ଅବସରରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କହିଥିଲେ, ଲୋକେ କୁଇଜ୍‌କୁ ଭଲପାଉଛନ୍ତି। ପାଠକଙ୍କଠାରୁ ଏତେମାତ୍ରାରେ ଉତ୍ତର ଆସିଥିଲା ଯେ ବିଜେତାଙ୍କୁ ଚୟନ ପାଇଁ ଆମକୁ ସ୍ୱତନ୍ତ୍ର ଟିମ୍ କରିବାକୁ ପଡ଼ିଲା। ଉଭୟ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ରେ ଆମେ ସବୁବେଳେ ଚେଷ୍ଟାକରୁ ଯେ, ପାଠକମାନଙ୍କ ପାଇଁ ଚିରାଚରିତଠାରୁ କିଛି ଭିନ୍ନ କରିବାକୁ। ଏତେସଂଖ୍ୟକ ଲୋକ କୁଇଜ୍ ପ୍ରତିଯୋଗିତାରେ ଭାଗନେବା ଦର୍ଶାଇଦେଉଛି, କେବଳ ମେଲୋଡି ଷ୍ଟାଇଲ୍ ନାଚଗୀତରେ ଆଜିକାଲି ଲୋକଙ୍କର ଆଗ୍ରହ ନାହିଁ। ସେମାନେ ବୌଦ୍ଧିକଭାବେ ଆମ ସହ ଯୋଡ଼ିହେବାକୁ ଚାହୁଁଛନ୍ତି। ପାଠକଙ୍କ ସହ ଏଭଳି ଭାବର ଆଦାନପ୍ରଦାନ ପାଇଁ ଧରିତ୍ରୀ ଆଗକୁ ପ୍ରଚେଷ୍ଟା ଜାରିରଖିବ ବୋଲି ସେ କହିଥିଲେ। ସମ୍ପାଦକ ତଥାଗତ ସତପଥୀ କହିଥିଲେ, ପାଠକମାନେ ଆମ ପାଇଁ କୋହିନୁର ହୀରା ସଦୃଶ। 'ଧରିତ୍ରୀ' ଏହାର ପାଠକମାନଙ୍କୁ ସବୁବେଳେ ମୂଲ୍ୟବାନ୍ ଭାବିଥାଏ। ବହୁ ଦୂରଦୂରାନ୍ତରୁ ଆସି ଲୋକେ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ଆମ ପାଇଁ ଗର୍ବର ବିଷୟ। ଯେଉଁମାନେ ବିଜେତା ହୋଇଛନ୍ତି ସେମାନେ ଭାଗ୍ୟଶାଳୀ ଓ ମୁଁ ସେମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଉଛି। ଓଡ଼ିଆମାନେ ଆଜି ସବୁଠାରେ ଅଛନ୍ତି। ସେମାନେ ବିଭିନ୍ନ କ୍ଷେତ୍ରରେ ପ୍ରତିଭା ଦେଖାଉଛନ୍ତି। ତାହା ଆମ ପାଇଁ ଖୁସିର ବିଷୟ। ରାଜନୀତି ମୋ ପାଇଁ ବଡ଼ ନୁହେଁ। ମୁଁ ଜଣେ ଖବରଦାତା ଓ ସମ୍ପାଦକ ଭାବେ ଗର୍ବ ଅନୁଭବ କରେ ବୋଲି ସତପଥୀ କହିଥିଲେ। ପଙ୍କଜ ଦାସ କହିଥିଲେ, ହକି ଏବଂ ଓଡ଼ିଶାର ଶ୍ରେଷ୍ଠ ଖବରକାଗଜ 'ଧରିତ୍ରୀ' ସହ 'ଓରାଇମୋ' ନିଜକୁ ଯୋଡ଼ିପାରିଥିବାରୁ ଆମେ ଗର୍ବିତ। ଏଭଳି ସମ୍ପର୍କ ଆଗକୁ ଜାରିରହିବ ବୋଲି ସେ କହିଥିଲେ। କଣ୍ଠଶିଳ୍ପୀ କାଜଲ ସଙ୍ଗୀତ ପରିବେଷଣ କରିଥିବାବେଳେ ଅଦ୍ଭିକ୍ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

୨୦୧୮ ନଭେମ୍ବର ୨୮ରୁ ଡିସେମ୍ବର ୧୬ ଯାଏ ଧରିତ୍ରୀରେ ନିୟମିତ ହକି କୁଇଜ୍ ପ୍ରକାଶ ପାଇଥିଲା। ଠିକ୍ ଉତ୍ତର ଦେଇଥିବା ପାଠକମାନଙ୍କ ମଧ୍ୟରୁ ଲକି ଡ୍ର' ମାଧ୍ୟମରେ ବିଜେତାଙ୍କୁ ଚୟନ କରାଯାଇଥିଲା।




କଣ୍ଠଶିଳ୍ପୀ କାଜଲଙ୍କ ସଙ୍ଗୀତ ସହ ତାଳ ଦେଇ ନୃତ୍ୟରତ ବିଜେତା ଦମ୍ପତି।




ଜଣେ କୁନି ବିଜେତାଙ୍କୁ ପୁରସ୍କୃତ କରାଯାଉଛି।




ସାନ୍ତ୍ୱନାମୂଳକ ପୁରସ୍କାର ବିଜେତା।

ଧରିତ୍ରୀ DHARITRI
Monday, 14 January 2019



> ଦେଶର ଇସ୍ପାତ ଶିଳ୍ପରେ ନିବେଶ ଲାଗି ଜାପାନ ଏବଂ ଦକ୍ଷିଣ କୋରିଆ କମ୍ପାନୀଗୁଡ଼ିକ ମନୋନିବେଶ କରିଛନ୍ତି।
> – ଚୌଧରୀ ବୀରେନ୍ଦର ସିଂ, କେନ୍ଦ୍ର ଇସ୍ପାତ ମନ୍ତ୍ରୀ



> ଚଳିତ ଆର୍ଥିକ ବର୍ଷରେ ଅନଲାଇନ ବାଣିଜ୍ୟ ଶୃଙ୍ଖଳାର କାରବାର ପ୍ରାୟ ୧୦୦୦ କୋଟି ଟଙ୍କା ଛୁଇଁବା ନେଇ ଆଶାବାଦୀ।
> – କିଶୋର ବିୟାନୀ, ପ୍ରତିଷ୍ଠାତା, ଫ୍ୟୁଚର ଗ୍ରୁପ



## ସଂକ୍ଷେପରେ

### ସମ୍ପତ୍ତିର ଜାଲ୍ କାରବାର ଉପରେ ଲାଗିବ ଅଙ୍କୁଶ

**ନୂଆଦିଲ୍ଲୀ,୧୩-୧:** ଜମି, ଘର ସହିତ ଅନ୍ୟ ସ୍ଥାବର ସମ୍ପତ୍ତି କିଣାବିକାରେ ଜାଲିଆତି ତଥା ପଞ୍ଜୀକରଣ ରୋକିବା ଲାଗି କେନ୍ଦ୍ର ସରକାର ସମ୍ପତ୍ତି ମାଲିକାନା ସମ୍ପର୍କିତ ଆଇନ ଆଣିବେ। ଗୃହ ଏବଂ ନଗର ଉନ୍ନୟନ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୋଟିଏ ସମ୍ପତ୍ତିର ଏକାଧିକ ଅବୈଧ ପଞ୍ଜୀକରଣକୁ ରୋକିବା ଲାଗି ଭୂମି ସ୍ୱାମିତ୍ୱ(ଲ୍ୟାଣ୍ଡ ଟାଇଟଲ) ଅଧିନିୟମ ତିଆରି କରାଯିବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଜଣେ ଅଧିକାରୀ କହିଛନ୍ତି ଯେ, ଜମି ସମ୍ପର୍କିତ ଜାଲିଆତିକୁ ରୋକିବାକୁ ହେଲେ ରାଷ୍ଟ୍ରୀୟ ସ୍ତରରେ ସମସ୍ତ ଜମିର ତଥ୍ୟକୁ ଏକତ୍ର କରିବାକୁ ହେବ। ଏକ ଅଧ୍ୟୟନରୁ ଜଣାପଡିଛି ଯେ, ପ୍ରାୟ ୮୦ ପ୍ରତିଶତ ଜମି ସମ୍ପର୍କିତ ମାମଲାରେ ମାଲିକାନା ହକ୍‌କୁ ନେଇ ଲଢ଼େଇ ହେଉଛି। ଦିଲ୍ଲୀ ସମେତ ସାରା ଦେଶରେ ଜମି ଜାଲିଆତି ରୋକିବା ଲାଗି ଆଇନ ପ୍ରଣୟନ କରାଯିବ ବୋଲି ଗୃହ ଏବଂ ନଗର ଉନ୍ନୟନ ବ୍ୟାପାର ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ହରଦୀପ ସିଂ ପୁରୀ କହିଥିଲେ।

### ନଭେମ୍ବରରେ ୬୪.୪ କୋଟି ମୂଲ୍ୟର ଡଲାର ବିକିଛି ଆର୍‌ବିଆଇ

**ମୁମ୍ବାଇ,୧୩-୧:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ୨୦୧୮ ନଭେମ୍ବରରେ ୬୪.୪ କୋଟିର ଡଲାର ବିକିଛି ବୋଲି କେନ୍ଦ୍ରୀୟ ବ୍ୟାଙ୍କ ତଥ୍ୟରୁ ସ୍ପଷ୍ଟ ହୋଇଛି। ତଥ୍ୟରୁ ଜଣାପଡିଛି ଯେ, ଆର୍‌ବିଆଇ ୨୦୧୭ ନଭେମ୍ବରରେ ମୁଦ୍ରା ବଜାରରୁ ୨.୫୭୦ ବିଲିୟନର ଡଲାର କିଣିଥିବା ବେଳେ ୧.୭୦୬ ବିଲିୟନ ବିକ୍ରି କରିଥିଲା। ସେହିପରି ଆଲୋଚ୍ୟ ମାସରେ କେନ୍ଦ୍ରୀୟ ବ୍ୟାଙ୍କ ୩.୧୨୭ ବିଲିୟନର ଡଲାର କିଣିଥିବା ବେଳେ ୩.୭୭୧ ବିଲିୟନ ବିକ୍ରି କରିଛି। ଗତ ଆର୍ଥିକ ବର୍ଷରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ବେଶ ସୁଦୃଢ଼ ଥିଲା। ତେବେ ଚଳିତ ମାସରେ ଏହା ଏସିଆରେ ସବୁଠାରୁ ଖରାପ ପ୍ରଦର୍ଶନ କରିଛି। ସାଧାରଣତଃ ଟଙ୍କାର ଅସ୍ଥିରତାକୁ ରୋକିବା ଲାଗି ରିଜର୍ଭ ବ୍ୟାଙ୍କ ବଜାରରେ ଡଲାର ବିକ୍ରି ଅଥବା କିଣିଥାଏ। ଗତ ୫ ମାସ ମଧ୍ୟରେ କେନ୍ଦ୍ରୀୟ ବ୍ୟାଙ୍କ ୩୪୦୦ କୋଟି ଡଲାର ବିକ୍ରି କରିଛି।

### କମ୍ପାନୀ ଆଇନରେ ସଂଶୋଧନ ଲାଗି ପୁନଃ ଜାରି ହେଲା ଅଧ୍ୟାଦେଶ

**ନୂଆଦିଲ୍ଲୀ,୧୩-୧:** କେନ୍ଦ୍ର ସରକାର କମ୍ପାନୀ ଆଇନ,୨୦୧୩ରେ ସଂଶୋଧନ ଆଣିବା ଲାଗି ଉଦ୍ୟମ ଚଳାଇଛନ୍ତି। ଲୋକ ସଭାରେ ଚଳିତ ମାସ ୪ରେ ଏ ସଂକ୍ରାନ୍ତ ବିଲ୍ ଗୃହୀତ ହୋଇଥିଲେ ହେଁ ରାଜ୍ୟ ସଭାରେ ଏହା ଅଟକି ରହିଛି। ଆଇନ ସଂଶୋଧନ ବିଲ୍ ଆଣିବା ପୂର୍ବରୁ ସରକାର ଗତବର୍ଷ ନଭେମ୍ବରରେ ଏକ ଅଧ୍ୟାଦେଶ ଜାରି କରିଥିଲେ। ଏହାର କାର୍ଯ୍ୟକାଳ ଚଳିତ ମାସ ୨୧ରେ ଶେଷ ହୋଇଯିବ। ଇତିମଧ୍ୟରେ ବିଲ୍ ଅନୁମୋଦନ ଲାଭ କରି ନ ଥିବାରୁ ସରକାର ବାଧ ହୋଇ ଶନିବାର ନୂଆ ଅଧ୍ୟାଦେଶ ଜାରି କରିଛନ୍ତି। ଗୁରୁବାର କେନ୍ଦ୍ର କ୍ୟାବିନେଟରେ ଏହାକୁ ଅନୁମୋଦନ କରାଯାଇଥିଲା।

# ଜିଏସ୍‌ଟି: ଗ୍ରାହକଙ୍କଠାରୁ ବେଆଇନ ଟିକସ ଆଦାୟକୁ ରୋକିବେ ସରକାର

**ନୂଆଦିଲ୍ଲୀ,୧୩-୧**

- କମ୍ପୋଜିଶନ ସ୍କିମ୍‌ରେ ପଞ୍ଜୀକୃତ ଡିଲର ଟିକସ ଆଦାୟ କରୁଥିବା ଅଭିଯୋଗ
- ଆଇନାନୁଯାୟୀ ଟିକସ ଆଦାୟକୁ ବାରଣ କରାଯାଇଛି
- ବିଲ୍‌ରେ ସ୍କିମ୍ ସମ୍ପର୍କରେ ଉଲ୍ଲେଖ କରିବାକୁ ବାଧ ରହିବେ ଡିଲର
- କମ୍ପୋଜିଶନ ସ୍କିମ୍ ଅନୁଯାୟୀ ଡିଲର ଦେଇଥାଏ ୧% ଜିଏସ୍‌ଟି




ନିର୍ବାଚନୀ ବର୍ଷରେ ଖାଉଟିଙ୍କ ସପକ୍ଷରେ କେନ୍ଦ୍ର ସରକାର ଆଉ ଏକ ପଦକ୍ଷେପ ନେବାକୁ ଯାଉଛନ୍ତି। କମ୍ପୋଜିଶନ ସ୍କିମ୍ ଅଧୀନକୁ ଆସିଥିବା ଡିଲର ଅଥବା ସେବାଯୋଗାଣକାରୀଙ୍କୁ ଟିକସ ଆଦାୟରୁ ରୋକିବା ଲାଗି ସରକାର ଏକ ନୂଆ ବ୍ୟବସ୍ଥା ଆଣିବାକୁ ଯାଉଛନ୍ତି। କମ୍ପୋଜିଶନ ସ୍କିମ୍‌ରେ ପଞ୍ଜୀକୃତ ହୋଇଥିବା ସେବାଯୋଗାଣକାରୀ ଅଥବା ଡିଲର ସେମାନଙ୍କ ଇନ୍‌ଭଏସ୍‌ରେ ଜିଏସ୍‌ଟି ପଞ୍ଜୀକରଣ ନମ୍ବର ଇତ୍ୟାଦି ଉଲ୍ଲେଖ କରିବାକୁ ବାଧ୍ୟରହିବେ। ଏନେଇ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଅଧୀନ ରାଜସ୍ୱ ବିଭାଗ ଏକ ବ୍ୟବସ୍ଥା ଖୁବ୍‌ଶୀଘ୍ର ଘୋଷଣା କରିବାକୁ ଯାଉଛି। ଏହାଦ୍ୱାରା ଖାଉଟିଙ୍କଠାରୁ ଟିକସ ଆଦାୟ ବନ୍ଦ ହେବ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

ଏହାଛଡ଼ା କମ୍ପୋଜିଶନ ସ୍କିମ୍‌ରେ ପଞ୍ଜୀକୃତ ହୋଇଥିବା ଡିଲର ତଥା ଦୋକାନୀ ଟିକସ ଆଦାୟ କରିପାରିବେ ନାହିଁ ଏହା ଜଣାଇବା ଲାଗି ରାଜସ୍ୱ ବିଭାଗ ପକ୍ଷରୁ ଖାଉଟିଙ୍କୁ ସଚେତନ କରାଯିବ। ଏଥିପାଇଁ ସଚେତନତା ଅଭିଯାନ ଆରମ୍ଭ କରାଯିବ। ଅଧିକାରୀଙ୍କ କହିବାନୁଯାୟୀ କମ୍ପୋଜିଶନ ସ୍କିମ୍‌ରେ ପଞ୍ଜୀକୃତ ଦୋକାନୀ ଅଥବା କମ୍ପାନୀ ଖାଉଟିଙ୍କଠାରୁ ଟିକସ ଆଦାୟ କରୁଛନ୍ତି, ଅଥଚ ସେମାନେ ତାହାକୁ ସରକାରଙ୍କ ନିକଟରେ ଦାଖଲ କରୁନାହାନ୍ତି। ଏଭଳି ବହୁ ଉଦାହରଣ ସରକାରଙ୍କ ନଜରକୁ ଆସିଛି। ବଜାରରେ ଏହି ଦୁର୍ନୀତି ଜୋର୍‌ସୋର୍‌ରେ ଚାଲିଛି। ଏହାକୁ ରୋକିବା ଲାଗି ଉକ୍ତ ବ୍ୟବସ୍ଥା ଗ୍ରହଣ କରାଯିବ। ଉକ୍ତ ଯୋଜନାନୁଯାୟୀ କ୍ଷୁଦ୍ର ବ୍ୟବସାୟୀ ଓ ନିର୍ମାତାଙ୍କୁ ସାମଗ୍ରୀର ବିକ୍ରି ଉପରେ ୧ ପ୍ରତିଶତ ଜିଏସ୍‌ଟି ଜମା କରିବାକୁ ପଡ଼ିଥାଏ। ତେବେ ଏହି ସାମଗ୍ରୀର ସାଧାରଣ ଜିଏସ୍‌ଟି ହାର ୫,୧୨ ଓ ୧୮ ପ୍ରତିଶତ ହୋଇଥାଏ। ତେବେ ସେମାନେ ଗ୍ରାହକଙ୍କଠାରୁ ଏହା ଆଦାୟ କରିପାରିବେ ନାହିଁ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଜିଏସ୍‌ଟି ଅଧୀନରେ ପଞ୍ଜୀକୃତ ବ୍ୟବସାୟୀଙ୍କ ସଂଖ୍ୟା ୧.୧୭ କୋଟି ହୋଇଥିବା ବେଳେ ମାତ୍ର ୨୦ଲକ୍ଷ କମ୍ପୋଜିଶନ ଯୋଜନାରେ ପଞ୍ଜୀକୃତ ହୋଇଛନ୍ତି। ପଞ୍ଜୀକୃତ ଡିଲରଙ୍କ ମଧ୍ୟରୁ ଅଧିକାଂଶ ଗ୍ରାହକଙ୍କଠାରୁ ଚଢ଼ା ଦରରେ ଜିଏସ୍‌ଟି ଆଦାୟ କରୁଛନ୍ତି ବୋଲି ଜଣାପଡିଛି। ଆଗାମୀ ଦିନରେ ଡିଲରମାନେ ନିଜର ବିଲ୍‌ରେ ସ୍କିମ୍‌ରେ ପଞ୍ଜୀକୃତ ହୋଇଛନ୍ତି ବୋଲି ଦର୍ଶାଇବାକୁ ବାଧ ରହିବେ। ସେମାନେ ଜିଏସ୍‌ଟି ଆଦାୟ କରିପାରିବେ ନାହିଁ ଏହା ଦର୍ଶାଇବାକୁ ହେବ। କ୍ଷୁଦ୍ର ବ୍ୟବସାୟୀ ଓ ସେବାଯୋଗାଣକାରୀଙ୍କ ଲାଗି ସରକାର ୧ ପ୍ରତିଶତ ଜିଏସ୍‌ଟି ପ୍ରଦାନ ବ୍ୟବସ୍ଥା ଥିବା କମ୍ପୋଜିଶନ ସ୍କିମ୍ ଆଣିଥିବା ବେଳେ ସେମାନେ ଏହାର ଅପବ୍ୟବହାର କରୁଛନ୍ତି। ପୂର୍ବରୁ ବାର୍ଷିକ ୧ କୋଟି ଟଙ୍କା ପର୍ଯ୍ୟନ୍ତ କାରବାର ଏହାକୁ ଲାଗୁ କରାଯାଇଥିଲା। ତେବେ ୩୨ତମ ଜିଏସ୍‌ଟି କାଉନସିଲ୍ ବୈଠକରେ ଏହି ସୀମାକୁ ବଢ଼ାଇ ୧.୫ କୋଟି ଟଙ୍କା କରାଯାଇଛି। ଏହାଛଡ଼ା ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସେବାଯୋଗାଣକାରୀଙ୍କୁ ମଧ୍ୟ କମ୍ପୋଜିଶନ ସ୍କିମ୍ ଅଧୀନରେ ପଞ୍ଜୀକୃତ ହୋଇପାରିବେ ବୋଲି କାଉନ୍‌ସିଲ ନିଷ୍ପତ୍ତି ନେଇଛି।

## ଆଇସିଏସ୍‌ଆଇର ନୂଆ ଅଡିଟୋରିୟମ ଉଦ୍‌ଘାଟିତ




**ଭୁବନେଶ୍ୱର,୧୩-୧**

ଦି ଇନଷ୍ଟିଟ୍ୟୁଟ୍‌ସ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ (ଆଇସିଏସ୍‌ଆଇ) ଭୁବନେଶ୍ୱର ଚାପ୍ଟରର ନୂଆ ଷ୍ଟେଟ ଅଫ୍ ଆର୍ଟ ଅଡିଟୋରିୟମ ଶୁଭାରମ୍ଭ ହୋଇଛି। ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ଓଏମ୍‌ସିର ଏମ୍‌ଡି ଆର୍. ଭିନିଲ୍ କ୍ରୀଷ୍ଣା ଏହାକୁ ଉଦଘାଟନ କରିଥିଲେ। କମ୍ପାନୀ ପରିଚାଳନା କ୍ଷେତ୍ରରେ କମ୍ପାନୀ ସେକ୍ରେଟାରିଜ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏବଂ କଷ୍ଟ ଆକାଉଣ୍ଟାଣ୍ଟଙ୍କ ଭୂମିକା ବର୍ତ୍ତମାନ ସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ବୋଲି କାର୍ଯ୍ୟକ୍ରମ ଅବସରରେ ମନ୍ତ୍ରୀ ପାତ୍ର କହିଛନ୍ତି। କର୍ପୋରେଟ ଗଭର୍ନାନ୍ସ ଏବଂ ଅନୁପାଳନ କ୍ଷେତ୍ରରେ କମ୍ପାନୀ ସେକ୍ରେଟାରୀଙ୍କ ଯୋଗଦାନ ଉପରେ ଆର୍. ଭିନିଲ୍ କ୍ରୀଷ୍ଣା ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଆଇସିଏସ୍‌ଆଇ ସଭାପତି ମାର୍କଣ୍ଡ ଲେଲେ, ଅଫିସିଏଟିଂ ସେକ୍ରେଟାରୀ ସିଏସ୍ ଅଶୋକ କୁମାର ଦୀକ୍ଷିତ, କାଉନସିଲ୍ ମେମ୍ବର ଏସ୍.କେ ଅଗ୍ରୱାଲ, ଇଆଇଆର୍‌ସି ଅଧ୍ୟକ୍ଷ ସିଏସ୍ ଅଶୋକ ପୁରୋହିତ, ଭୁବନେଶ୍ୱର ଚାପ୍ଟର ଅଧ୍ୟକ୍ଷ, ସିଏସ୍ ସୁରେନ୍ଦ୍ର ନାଥ ମଲ୍ଲିକ, ଆଇସିଏସ୍‌ଆଇ ନିର୍ଦ୍ଦେଶକ ନୂଆଦିଲ୍ଲୀ ଏସ୍.କେ. ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ୟୁକୋ ବ୍ୟାଙ୍କର ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୧୩-୧**

ୟୁକୋ ବ୍ୟାଙ୍କର ୭୬ତମ ପ୍ରତିଷ୍ଠା ଦିବସ ବ୍ୟାଙ୍କର ସମସ୍ତ ଶାଖା କାର୍ଯ୍ୟାଳୟ ସମେତ ଭୁବନେଶ୍ୱର, ସମ୍ବଲପୁର ଏବଂ ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ୧୯୩୪ ଜାନୁୟାରୀ ୬ରେ ଶିଳ୍ପପତି ଜି.ଡି. ବିର୍ଲାଙ୍କ ଦ୍ୱାରା ୟୁନାଇଟେଡ ବ୍ୟାଙ୍କ ସ୍ଥାପନ ହୋଇଥିଲା। ଗ୍ରାହକସେବାରେ ସଫଳତା ହାସଲ ସହ ବ୍ୟାଙ୍କ ଏକ ପ୍ରମୁଖ ରାଷ୍ଟ୍ରାୟତ୍ତ ସଂସ୍ଥାରେ ପରିଣତ ହୋଇପାରିଛି। ଏହି ଅବସରରେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟଠାରେ ଆଞ୍ଚଳିକ ପ୍ରବନ୍ଧକ ସରୋଜ ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଏକ ରୋଡ ଶୋ ଅନୁଷ୍ଠିତ ହୋଇଥିଲା। ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଣ ନେଇ ନାୟକ ଅଧିକାରୀଙ୍କୁ ଏହି ଅବସରରେ ପରାମର୍ଶ ଦେଇଛନ୍ତି। ବ୍ୟାଙ୍କ ପକ୍ଷରୁ ରକ୍ତଦାନ ତଥା ସ୍ୱାସ୍ଥ୍ୟ ଶିବିର ମଧ୍ୟ ଅନୁଷ୍ଠିତ ହୋଇଯାଇଛି।

## ଇ-ଯାନ ନିର୍ମାଣ ଲାଗି ଏକାଠି ହୋଇପାରନ୍ତି ଭାରତ-ଚାଇନା

**ବେଜିଂ,୧୩-୧**

ବିଶ୍ୱର ଦୁଇଟି ବଡ଼ ଗ୍ରିନହାଉସ ଗ୍ୟାସ୍ ନିର୍ଗତ କରୁଥିବା ଦେଶ ଚାଇନା ଏବଂ ଭାରତ ବିଦ୍ୟୁତ୍ ଚାଳିତ ଗାଡ଼ି ନିର୍ମାଣ ଲାଗି ଯୁଗ୍ମ ରୂପରେ ଉଦ୍ୟୋଗ ପ୍ରତିଷ୍ଠା ଲାଗି ଆଗ୍ରହୀ। ଏଠାରେ ଆୟୋଜିତ ୩ ଦିବସୀୟ ସମ୍ମିଳନୀରେ ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଆଲୋଚନା ହୋଇଛି। ମାରୁତି ସୁଜୁକି, ଟାଟା ମୋଟର୍ସ, ଟିଭିଏସ୍ ଭଳି ଭାରତର ଶୀର୍ଷ ଅଟୋ କମ୍ପାନୀ ଏବଂ ଉଦ୍ୟୋଗ ସଂଘର ପ୍ରତିନିଧିମାନେ ଏଠାରେ ଆୟୋଜିତ ୫ମ ଚାଇନା ଇଭି୧୦୦ ଫୋରମ୍‌ରେ ଅଂଶଗ୍ରହଣ କରିଥିଲେ। ଏହି ଫୋରମ୍‌ରେ ବିଶ୍ୱର ଇଲେକ୍ଟ୍ରି ଗାଡ଼ି ନିର୍ମାତାମାନେ ଯୋଗଦେଇଥିଲେ। ରବିବାର ଏଠାରେ ଶେଷ ହୋଇଥିବା ଫୋରମକୁ ଚାଇନା ଇଭି୧୦୦ ଆୟୋଜନ କରିଥିଲା। ଚାଇନାର ମୋବିଲିଟି ଉଦ୍ୟୋଗର ୨୦୦ରୁ ଊର୍ଦ୍ଧ୍ୱ ଶୀର୍ଷ ଇଲେକ୍ଟ୍ରିକ ଗାଡ଼ି ନିର୍ମାତାମାନଙ୍କୁ ନେଇ ଚାଇନା ଇଭି ୧୦୦ ଗଠନ କରାଯାଇଛି। ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଉଥିବା ନୀତି ଆୟୋଗର ମୁଖ୍ୟ ପରାମର୍ଶଦାତା ଅନିଲ ଶ୍ରୀବାସ୍ତବ ଚାଇନା ଇଭି୧୦୦ର ଅଧ୍ୟକ୍ଷ ଚେନ୍ କିଙ୍ଗତାଇଙ୍କୁ ଭେଟିଥିଲେ। ଉଲ୍ଲେଖଥାଉ କି, ମ୍ୟାକିନ୍ସେର ଆକଳନ ଅନୁଯାୟୀ ବିଦ୍ୟୁତ୍ ଗାଡ଼ି ଚାହିଦା ଓ ଯୋଗାଣ ଉଭୟ କ୍ଷେତ୍ରରେ ଚାଇନା ସର୍ବାଗ୍ରେ ରହିଛି। ତେବେ କିଛି ଚାଇନା କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଭାରତ ବିଦ୍ୟୁତ ଗାଡ଼ି ଚାହିଦାରେ ଚାଇନାକୁ ପଛରେ ପକାଇ ଦେବ।

## ସିଗ୍‌ନାଲଯୁକ୍ତ ହେବ ପ୍ରତି ରେଲୱେ ଗେଟ୍

**ଭୁବନେଶ୍ୱର,୧୩-୧**

ଯାତ୍ରୀ ସୁରକ୍ଷାକୁ ଧ୍ୟାନ ପୂର୍ବକ ରେଲୱେ ଏହାର ଫାଟକଗୁଡ଼ିକୁ ଅତ୍ୟାଧୁନିକ ସିଗ୍‌ନାଲ ସହ ଯୋଡ଼ିବାକୁ ପ୍ରୟାସ ଜାରି ରଖିଛି। ସିଗ୍‌ନାଲ ଅଭାବ ଜନିତ ଦୁର୍ଘଟଣାକୁ ଏଡାଇବା ଲାଗି ରେଲୱେ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି।



ସୁବିଧାଜନକ ଭାବେ ରେଳ ଏବଂ ସଡ଼କ ପରିବହନ ଲାଗି ଷ୍ଟେଶନ ମଧ୍ୟବର୍ତ୍ତୀ ୨୧୩ ଜଗୁଆଳି ଥିବା ରେଳବାଇ ଫାଟକକୁ ସାଙ୍କେତିକ ପ୍ରଣାଳୀ ସହ ଯୋଡ଼ାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ଚଳିତ ଆର୍ଥିକ ବର୍ଷରେ ୩୪ଟି ଜଗୁଆଳି ଥିବା ରେଳବାଇ ଫାଟକରେ ସାଙ୍କେତିକ ପ୍ରଣାଳୀ ବ୍ୟବସ୍ଥା କରାଯାଇଛି। ସାଙ୍କେତିକ ପ୍ରଣାଳୀ ସହ ରେଳବାଇ ଫାଟକଗୁଡ଼ିକୁ ଯୋଡାଯିବା ଫଳରେ ଟ୍ରେନ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଲେ ଫାଟକ ଆପେ ଆପେ ବନ୍ଦ ହେବ। ପୂର୍ବତଟ ରେଳପଥର ୭୩୯ ଜଗୁଆଳି ଥିବା ରେଳ ଫାଟକ ରହିଛି। ଏହା ମଧ୍ୟରୁ ଷ୍ଟେଶନ ମଧ୍ୟବର୍ତ୍ତୀ ଅଞ୍ଚଳରେ ୫୩୮ଟି ଫାଟକ ରହିଛି। ମୋଟ ୪୧୨ଟି ଫାଟକରେ ସାଙ୍କେତିକ ପ୍ରଣାଳୀ ସଂଯୋଗ କରାଯାଇଥିବା ପୂର୍ବତଟ ରେଳପଥ ସୂଚନା ଦେଇଛି।

## ଉତ୍ପାଦନ ବୃଦ୍ଧିକୁ ସେଲ୍‌ର ଗୁରୁତ୍ୱ

**ଭୁବନେଶ୍ୱର,୧୩-୧:** ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ(ସେଲ୍) ଚଳିତବର୍ଷ ଉତ୍ପାଦନ ବୃଦ୍ଧି ତଥା ନିରାପତ୍ତାକୁ ଗୁରୁତ୍ୱ ପ୍ରଦାନ କରିବ। ସେଲର କର୍ପୋରେଟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହାର ଅଧ୍ୟକ୍ଷ ଅନିଲ କୁମାର ଚୌଧରୀ ଏହି ସୂଚନା ଦେଇଛନ୍ତି। ୨୦୧୮ ବର୍ଷ କମ୍ପାନୀ ଲାଗି ଏକ ଟର୍ନ ଆରାଉଣ୍ଡ ବର୍ଷ ଥିଲା ବୋଲି ସେ ସୂଚନା ଦେଇଛନ୍ତି। କର୍ମଚାରୀଙ୍କୁ ଏଥି ଲାଗି ସେ ଧନ୍ୟବାଦ ପ୍ରଦାନ କରିବା ସହ ନୂଆ ଚ୍ୟାଲେଞ୍ଜ ଗ୍ରହଣ କରିବାକୁ ଆହ୍ୱାନ ଜଣାଇଛନ୍ତି। ନିରାପତ୍ତା, ଭଲ୍ୟୁମ ବୃଦ୍ଧି, ଗୁଣବତ୍ତା, ମୂଲ୍ୟ ହ୍ରାସ ସହ ନିରନ୍ତର ଅଭିବୃଦ୍ଧି ଦିଗରେ କାର୍ଯ୍ୟ କରିବା ନେଇ ଚୌଧୁରୀ ଗୁରୁତ୍ୱାରୋପ କରିଛନ୍ତି। ସେହିଭଳି ଲଜିଷ୍ଟିକ,ଆଇଟି, ରିସର୍ଚ୍ଚ ଏବଂ ଉନ୍ନତୀକରଣ କ୍ଷେତ୍ରରେ ଅବଦାନ ରଖିବା ଉପରେ ସେ ମତ ପ୍ରକାଶ କରିଛନ୍ତି। ଏହା ବାଦ କର୍ପୋରେଟ ଗଭର୍ନାନ୍ସ ଏବଂ ନୈତିକତା ରକ୍ଷା କ୍ଷେତ୍ରରେ ସର୍ବୋତ୍ତମ ମାନକ ରକ୍ଷା କରିବାକୁ ସେ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି।

## ସତର୍କ କଲା ଆର୍‌ବିଆଇ

# ମୁଦ୍ରା ଋଣରେ ବଢୁଛି ଏନ୍‌ପିଏ

**ନୂଆଦିଲ୍ଲୀ,୧୩-୧**




ଅଣୁ ଓ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ନିମନ୍ତେ କେନ୍ଦ୍ର ସରକାର ଆରମ୍ଭ କରିଥିବା ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମ୍‌ଏମ୍‌ୱାଇ)ରେ ଅନାଦାୟ ଋଣ (ଏନ୍‌ପିଏ) ବୃଦ୍ଧି ଘଟୁଛି। ବ୍ୟାଙ୍କଗୁଡ଼ିକ ହିତାଧିକାରୀଙ୍କୁ ଦେଉଥିବା ଋଣ ସେମାନେ ଠିକ୍ ଭାବେ ପରିଶୋଧ କରିବାକୁ ସକ୍ଷମ ହେଉ ନ ଥିବା ଜଣାପଡ଼ିଛି। ଦେଶର ବ୍ୟାଙ୍କିଙ୍ଗ ଶିଳ୍ପ ପାଇଁ ଏନ୍‌ପିଏ ସମସ୍ୟା ବର୍ତ୍ତମାନ ମୁଣ୍ଡ ବ୍ୟଥା ପାଲଟିଛି। ଏପରି ସ୍ଥିତିରେ ପିଏମ୍‌ଏମ୍‌ୱାଇରେ ବଢୁଥିବା ଋଣ ସମସ୍ୟାକୁ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସରକାରଙ୍କୁ ସତର୍କ କରାଇଛି। ଉକ୍ତ ଯୋଜନାରେ ଦିଆଯାଇଥିବା ଋଣ ପରବର୍ତ୍ତୀ ବୃହତ୍ ଏନ୍‌ପିଏରେ ରୂପାନ୍ତରିତ ହେବା ନେଇ କେନ୍ଦ୍ରୀୟ ବ୍ୟାଙ୍କ ସତର୍କ କରାଇଥିବା ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି।

ମୁଦ୍ରାରେ ଏନ୍‌ପିଏ ୧୧,୦୦୦ କୋଟି ଟଙ୍କାକୁ ବୃଦ୍ଧି ଘଟିଥିବା ରିଜର୍ଭ ବ୍ୟାଙ୍କ ଆଶଙ୍କା ପ୍ରକଟ କରିଛି। ୨୦୧୭-୧୮ରେ ପିଏମ୍‌ଏମ୍‌ୱାଇରେ ମୋଟ ୨.୪୬ ଲକ୍ଷ କୋଟି ଟଙ୍କାର ଋଣ ଦିଆଯାଇଛି। ଏହା ମଧ୍ୟରେ ମହିଳା ଉଦ୍ୟୋଗୀ ୪୦% ଏବଂ ସାମାଜିକ କ୍ଷେତ୍ର ଲାଗି ୩୩% ଋଣ ଯୋଗାଣ ହୋଇଛି। ଏହି ସମୟ ଅବଧିରେ ୪.୮୧ କୋଟି ହିତାଧିକାରୀ ଋଣ ନେଇଛନ୍ତି। ୨୦୧୫ ଏପ୍ରିଲ ୮ରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ଅଣୁ ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ ବ୍ୟବସ୍ଥା କରାଯାଇଛି। ଏଥିରେ ଶିଶୁ, କିଶୋର ଏବଂ ତରୁଣ ବର୍ଗରେ ଋଣ ଦିଆଯାଉଛି। ବର୍ତ୍ତମାନ ଆଇଏଲ୍ ଆଣ୍ଡ ଏଫ୍‌ଏସ୍ ସମସ୍ୟା ଏବଂ ବ୍ୟାଙ୍କଗୁଡ଼ିକରେ ଏନ୍‌ପିଏ ସମସ୍ୟା ଲାଗି ରହିଛି, ଏପରି ସମୟରେ ଆର୍‌ବିଆଇ ମୁଦ୍ରାକୁ ନେଇ ସତର୍କ କରାଇଛି।


## ପୌର ପରିଷଦ କାର୍ଯ୍ୟାଳୟ, ବଡ଼ବିଲ

ଏତଦ୍ୱାରା ବଡ଼ବିଲ ପୌରାଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ରେଜ୍ୟୁଲେସନ ନଂ-୬୭ ତା୦୨।୦୧।୨୦୧୯ ଅନୁଯାୟୀ ବଡ଼ବିଲ ପୌରାଞ୍ଚଳରେ ତା୧୫।୦୧।୨୦୧୯ରିଖ ଠାରୁ ତା୨୦।୦୧।୨୦୧୯ରିଖ ପର୍ଯ୍ୟନ୍ତ କ୍ରମାଗତ ୬ ଦିନ ପାଇଁ ନିମ୍ନଲିଖିତ ସମସ୍ତ ସ୍ଥାନମାନଙ୍କରେ ପିଠା କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶା ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯିବ। ତେଣୁ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ ନିମ୍ନ ବର୍ଣ୍ଣିତ କାର୍ଯ୍ୟସୂଚୀ ଅନୁଯାୟୀ ଉକ୍ତ ପିଠା କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରି ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ସହିତ ସରକାରଙ୍କ ବିଭିନ୍ନ ଯୋଜନାର ନିୟମକାନୁନ ବିଷୟରେ ଅବଗତ ହୋଇ ସୁବିଧା ସୁଯୋଗ ପାଇବାରେ ଭାଗୀଦାର ହୁଅନ୍ତୁ।

**କାର୍ଯ୍ୟସୂଚୀ**

| ତାରିଖ | କ୍ର. ସଂଖ୍ୟା | ସ୍ଥାନ | ୱାର୍ଡ ନଂ | ସମୟ |
|---|---|---|---|---|
| ୧୫।୦୧।୧୯ ଠାରୁ ୨୦।୦୧।୧୯ ପର୍ଯ୍ୟନ୍ତ | ୧ | ଠାକୁରାଣୀ ଦୁର୍ଗାପୂଜା ମଣ୍ଡପ, ୱାର୍ଡ ନଂ-୩ | ୱାର୍ଡ ନଂ-୧, ୨ ଓ ୩ | ଦିବା ୧୧ ଘଟିକା ଠାରୁ ୧ ଘଟିକା |
| | ୨ | ସୀତାରମ ରୁଙ୍ଗଟା ମ୍ୟୁନିସିପାଲ ଟାଉନ ହଲ, ୱାର୍ଡ ନଂ-୪ | ୱାର୍ଡ ନଂ-୪, ୯ ଓ ୧୫ | ଦିବା ୧୧ ଘଟିକା ଠାରୁ ୧ ଘଟିକା |
| | ୩ | ବିକାଶ ମହଲ, ୱାର୍ଡ ନଂ-୫ | ୱାର୍ଡ ନଂ-୫, ୬ ଓ ୭ | ଦିବା ୧୧ ଘଟିକା ଠାରୁ ୧ ଘଟିକା |
| | ୪ | ଶ୍ରୀମଣ୍ଡପ, ୱାର୍ଡ ନଂ-୮ | ୱାର୍ଡ ନଂ-୮, ୧୦ ଓ ୧୧ | ଦିବା ୧୧ ଘଟିକା ଠାରୁ ୧ ଘଟିକା |
| | ୫ | କଳିଙ୍ଗ ଦୁର୍ଗାପୂଜା ମଣ୍ଡପ, ୱାର୍ଡ ନଂ-୧୪ | ୱାର୍ଡ ନଂ-୧୨, ୧୩ ଓ ୧୪ | ଦିବା ୧୧ ଘଟିକା ଠାରୁ ୧ ଘଟିକା |

ସ୍ୱା./- ନିର୍ବାହୀ ଅଧିକାରୀ, ପୌରପାଳିକା, ବଡ଼ବିଲ

## NOTIFIED AREA COUNCIL, PATNAGARH

**"e"-Procurement Notice**

**Bid Reference NAC (PTG) No.9/2018-19**
**Tender Call Notice No.66 / Dt.11.01.2019**

1. Name of the work :- Civil constructioin work as mentioned in website
2. No. of works :- 8 Nos.
3. Bid value :- Rs. 1,20,400/- to Rs. 12,00,000/-
4. Period of completion :- 30 days to 90 days
5. Date & time of availability of the bid documents in the portal :- From Dt.14.01.2019 at 5.00 PM to dt.25.01.2019 upto 5.00 PM
6. Last date / time for receipt of bids in the protal :- Dt.25.01.2019 upto 5.00 PM
7. Last date and time of receiving the original documents through dropping in box / Regd. Post / Speed Post :- From Dt.28.01.2019 to dt.29.01.2019 upto 5.00 PM
8. Bids receipt online shall be opened on :- Dt.30.01.2019 at 11.00 AM
9. Name & address of the officer inviting bid :- Executive Officer, N.A.C., Patnagarh
10. Further details can be seen from the procurement portal : **www.tendersorissa.gov.in.**

**Sd./- Executive Officer, N.A.C., Patnagarh**

## GOVERNMENT OF ODISHA

No.1326-O

**OFFICE OF THE EXECUTIVE ENGINEER, RURAL WORKS DIVISION, MOHANA**
e-mail: rwdmohana@gmail.com

**NATIONAL COMPETITIVE BIDDING THROUGH e-Procurement**

**Identification No. Online Tender 08/MOHAN/2018-19**

1. Name of the work : Building works
2. Total No. work : 11 (Eleven) Nos.
3. Estimated cost : Varies from Rs.11.17 lakhs to Rs.39.87 lakhs
4. Class of contractor : 'D', 'C' & 'B' Class Contractors
5. Period of completion : As per Annexure
6. Other details :

| Procurement Officer | Bid Identification No. | No. of works | Availability of tender online for bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender 08/MOHANA / 2018-19 | 11 (Eleven) Nos. of building work | 17.01.2019 from 10.00 AM | 30.01.2019 upto 5.00 PM | 28.01.2019 upto 5.00 PM | 02.02.2019 at 11.30 AM |

Further details can be seen from the website **www.tenderorissa.gov.in**.
25148/11/0012/1819 **Sd./- Executive Engineer, R.W. Division, Mohana**

## GOVERNMENT OF ODISHA

No.1368-O

**OFFICE OF THE EXECUTIVE ENGINEER**
**RURAL WORKS DIVISION, BARIPADA**
e_mail = rw_mayurbhanj@yahoo.co.in

**e_Procurement Tender Call Notice No. Online 39/RWD/BPD/2018-19**

1. Name of the work : Building Work
2. Total No. of works : 7 Nos.
3. Estimated Cost : Approx Estimated Cost Rs.6.05 lakhs to Rs.16.60 lakhs
4. Class of Contractor : 'D' & 'C'
5. Period of completion : 4 (Four), 5 (Five) & 6(Six) Calendar months
6. Other details :

| Procurement Officer | Bid Identification No. | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, R.W. Division, Baripada |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Baripada | 39 (Online) / RWD-BPD of 2018-19 | Dt.17.01.19 at 11.00 A.M. | Dt. 28.01.19 upto 5.00 P.M. | Dt. 25.01.19 upto 5.00 P.M. | Dt. 30.01.19 at 11.00 A.M |

Further details can be seen from the website **www.tendersorissa.gov.in**.
25057/11/0020/1819 **Sd./- Executive Engineer, R.W. Division, Baripada**



ନ୍ୟୁଜିଲାଣ୍ଡରେ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ହୋଇଥିବାରୁ ଏହି ଦେଶରେ ଭାରତ ପକ୍ଷରୁ ପଦାର୍ପଣ କରିବା ମୋ ପାଇଁ ସୌଭାଗ୍ୟର ବିଷୟ ହେବା –ଶୁବମନ ଗିଲ୍, ଭାରତୀୟ କ୍ରିକେଟର



ଦଶନ୍ଧି ପୂର୍ବେ ମେଲବୋର୍ନଠାରେ ମୁଁ ମୋ ଟେନିସ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଜିତିଥିବାରୁ ଏହି ଟୁର୍ନାମେଣ୍ଟ ପ୍ରତି ମୋର ବିଶେଷ ଦୁର୍ବଳତା ରହିଛି। –ନୋଭାକ ଜୋକୋଭିଚ୍, ବିଶ୍ୱର ନମ୍ବର ୱାନ ଟେନିସ ଖେଳାଳି

## ସଂକ୍ଷେପରେ

### ଅଲିମ୍ପିଆନ ଫୁଟ୍‌ବଲରଙ୍କ ପରଲୋକ



ହାଇଦ୍ରାବାଦ, ୧୩।୧ (ପି.ଟି.): ମେଲବୋର୍ନରେ ୧୯୫୬ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଭାରତୀୟ ଫୁଟବଲ ଦଳର ଅନ୍ୟତମ ସଦସ୍ୟ ତଥା ପୂର୍ବତନ ଭାରତୀୟ ଫୁଟ୍‌ବଲର ମହମ୍ମଦ ଜୁଲଫିକାରୁଦ୍ଦିନଙ୍କ ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। ତାଙ୍କର ୩ ପୁଅ ଓ ୨ ଝିଅ ଅଛନ୍ତି। ମେଲବୋର୍ନଠାରେ ଅନୁଷ୍ଠିତ ବ୍ରୋଞ୍ଜ ପଦକ ମ୍ୟାଚରେ ଭାରତ ୦-୩ରେ ବୁଲ୍‌ଗେରିଆଠାରୁ ପରାଜିତ ହୋଇ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଏହି ଫଳାଫଳକୁ ଦେଶର ଫୁଟ୍‌ବଲ ଇତିହାସରେ ଅନ୍ୟତମ ଶ୍ରେଷ୍ଠ ମୁହୂର୍ତ୍ତ ବୋଲି ବିବେଚନା କରାଯାଉଛି। ଜୁଲଫିକାରୁଦ୍ଦିନ ଆହୁରି ମଧ ୧୯୫୮ ଟୋକିଓ ଏସିଆନ ଗେମ୍ସ ଓ ମାଲେସିଆରେ ମର୍ଡେକା କପ୍‌ରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ସେ ୧୯୫୫ରୁ ୧୯୬୭ ପର୍ଯ୍ୟନ୍ତ ସନ୍ତୋଷ ଟ୍ରଫିରେ ଆନ୍ଧ୍ର ପ୍ରଦେଶ ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ୧୯୫୪ରୁ ୧୯୬୭ ପର୍ଯ୍ୟନ୍ତ ସେ ଆନ୍ଧ୍ର ପ୍ରଦେଶ ପୋଲିସ ଟିମ୍‌ର ନେତୃତ୍ୱ ସମ୍ଭାଳିଥିଲେ। ସେ ଆହୁରି ମଧ ତାଙ୍କ କ୍ୟାରିୟରରେ ଆଇଏଫ୍‌ଏ ଶିଲ୍ଡ, ଡୁରାଣ୍ଡ କପ୍ ଓ ରୋଭର୍ସ କପ୍ ଟୁର୍ନାମେଣ୍ଟ ଜିତିଛନ୍ତି। ତେଲେଙ୍ଗାନା ଫୁଟ୍‌ବଲ ଆସୋସିଏଶନ କାର୍ଯ୍ୟାଳୟଠାରେ ସ୍ୱର୍ଗତ ଜୁଲଫିକାରୁଦ୍ଦିନଙ୍କ ଉଦ୍ଦେଶ୍ୟରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆସୋସିଏଶନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

## ଟାଟା ଷ୍ଟିଲ୍ ଭୁବନେଶ୍ୱର ହାଫ୍ ମାରାଥନ

# ଗୋବିନ୍ଦ, ସ୍ୱାତୀ ଚାମ୍ପିୟନ

| ଦୌଡ | ଚାମ୍ପିୟନ | ରନର୍ସଅପ୍ | ତୃତୀୟ |
|---|---|---|---|
| ହାଫ୍ ମାରାଥନ(ପୁରୁଷ) | ଗୋବିନ୍ଦ ସିଂ | ଶୁଭଙ୍କର ଘୋଷ | ବୀରେନ୍ଦ୍ର ବର୍ମା |
| ହାଫ୍ ମାରାଥନ(ମହିଳା) | ସ୍ୱାତୀ ଗାଧଭେ | ପ୍ରୀତି ଲାମ୍ବା | ଶ୍ୟାମଳୀ ସିଂ |
| ୧୦ କି.ମି. (ପୁରୁଷ) | ରବି ଦାସ | ଶ୍ରବଣ କୁମାର | ପ୍ରଦୀପ କୁମାର |
| ୧୦ କି.ମି.(ମହିଳା) | ପ୍ରତୀମା ଟୁଡୁ | କୁମାରୀ ମମତା | ଜ୍ୟୋତି ଚୌହାନ |
| ୫ କି.ମି. (ବାଳକ) | ଶାହରୁଖ ଖାଁ | କ୍ୟାପ୍‌ଟେନ ପୂର୍ତ୍ତୀ | ରଶ୍ମୀରଞ୍ଜନ ନାୟକ |
| ୫ କି.ମି. (ବାଳିକା) | ଇତିଶ୍ରୀ ମହନ୍ତ | ସ୍ୱର୍ଣ୍ଣଲତା ଶର୍ମା | ପଙ୍କଜ ଗୁନ୍ଦ୍ରା |



ଟ୍ରଫି ଓ ମାନପତ୍ର ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ ।

ଭୁବନେଶ୍ୱର, ୧୩।୧(ସ୍ପୋର୍ଟ୍ସ ବ୍ୟୁରୋ) ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଟାଟା ଷ୍ଟିଲ୍ ଭୁବନେଶ୍ୱର ହାଫ୍ ମାରାଥନର ଅନୁଷ୍ଠିତ ହୋଇଛି। ମାରାଥନର ଏହି ଚତୁର୍ଥ ସଂସ୍କରଣରେ ଦେଶର ବିଭିନ୍ନ ପ୍ରାନ୍ତରୁ ୫,୦୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୨୧.୧ କିଲୋମିଟର ବିଶିଷ୍ଟ ଏହି ମାରାଥନ ରାଜ୍ୟର ଏକମାତ୍ର ପେସାଦାର ହାଫ୍ ମାରାଥନର ମାନ୍ୟତା ପାଇଛି। ଟାଟା ଷ୍ଟିଲ୍ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ଆନୁକୂଲ୍ୟରେ ଏହା ସଫଳତାର ସହ ଅନୁଷ୍ଠିତ ହୋଇଛି। ସକାଳ ୬ଟାରେ ରାଜ୍ୟପାଳ ଗଣେଶୀଲାଲ ପତାକା ଦେଖାଇ ଏହାର ଉଦ୍‌ଘାଟନ କରିଥିଲେ।

କଳିଙ୍ଗ ଷ୍ଟାଡିୟମରୁ ଆରମ୍ଭ ହୋଇ ହାଫ୍ ମାରାଥନ ଜୟଦେବ ବିହାର ଦେଇ ଜାତୀୟ ରାଜପଥ, ଖଣ୍ଡଗିରି ଛକ ଦେଇ ପୁଣି ସେହି ରାସ୍ତାରେ କଳିଙ୍ଗ ଷ୍ଟାଡିୟମକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହାପରେ ୧୦ କି.ମି. ପୁରୁଷ ଓ ମହିଳା, ୫ କି.ମି. ୧୬ ବର୍ଷରୁ କମ୍ ବାଳକ ଓ ବାଳିକା ଦୌଡ ମଧ ଅନୁଷ୍ଠିତ ହୋଇଥିଲା। ଏଥରର ସଂସ୍କରଣରେ ଦିବ୍ୟାଙ୍ଗ ପ୍ରତିଯୋଗୀମାନେ ମଧ ଦୌଡରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ। ଆନ୍ତର୍ଜାତିକ ନିୟମ ଅନୁସାରେ ମାରାଥନ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ସୁବ ପ୍ରତିଯୋଗୀଙ୍କୁ ଟି ଶାର୍ଟ ପ୍ରଦାନ କରାଯାଇଥିଲା।

ଏହି ଅବସରରେ ଏମ୍‌ପି ପ୍ରସନ୍ନ ପାଟଶାଣୀ, ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ବିଜୟ ମହାନ୍ତି, ମେୟର ଅନନ୍ତ ନାରାୟଣ ଜେନା, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ବିଶାଲ କୁମାର ଦେବ, ଫରେଷ୍ଟ (ୱାଇଲ୍ଡ ଲାଇଫ୍) ଚିଫ୍ କଞ୍ଜରଭେଟର ସନ୍ଦୀପ ତ୍ରିପାଠୀ, ଖଣି ନିର୍ଦ୍ଦେଶକ ଦୀପକ ମହାନ୍ତି, ଜଙ୍ଗଲ ଓ ପରିବେଶ ବିଭାଗ ସ୍ୱତନ୍ତ୍ର ସଚିବ ଦେବିଦତ୍ତ ବିଶ୍ୱାଳ ଏବଂ କ୍ରୀଡ଼ା ଓ ଯୁବ ବିଭାଗ ନିର୍ଦ୍ଦେଶକ ଆର. ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ। ଏମାନଙ୍କ ସହିତ ଯୋଗ ଦେଇଥିଲେ ଟାଟା ଷ୍ଟିଲ୍‌ର କର୍ପୋରେଟ୍ ସର୍ଭିସେସ୍ ଭାଇସ୍ ପ୍ରେସିଡେଣ୍ଟ ଚାଣକ୍ୟ ଚୌଧୁରୀ, ର ମେଟେରିଆଲ୍ସ ଭାଇସ୍ ପ୍ରେସିଡେଣ୍ଟ ଅରୁଣ ମିଶ୍ର, ମୁଖ୍ୟ କାର୍ଯ୍ୟନିର୍ବାହୀ ଦେବାଶିଷ ଜେନା, ଚିଫ୍ କର୍ପୋରେଟ କମ୍ୟୁନିକେଶନ କୁଲଭିନ ଶୁରୀଙ୍କ ସମେତ ଅନ୍ୟ ପଦାଧିକାରୀ ମାନେ ଯୋଗ ଦେଇଥିଲେ। ଓଲିଉଡ ଅଭିନେତା ସବ୍ୟସାଚୀ ମିଶ୍ର ଓ ଅର୍ଚ୍ଚିତା ସାହୁ ମଧ ଏହି ଅବସରରେ ଉପସ୍ଥିତ ଥିଲେ।

ପୁରୁଷ ହାଫ୍ ମାରାଥନରେ ଗୋବିନ୍ଦ ସିଂ ଚାମ୍ପିୟନ ହୋଇଥିବା ବେଳେ ମହିଳା ବିଭାଗରେ ସ୍ୱାତୀ ଗାଦଭେ ବିଜୟିନୀ ସାବ୍ୟସ୍ତ ହୋଇଥିଲେ। ପୁରୁଷ ବିଭାଗରେ ଶୁଭଙ୍କର ଘୋଷ ଦ୍ୱିତୀୟ, ବୀରେନ୍ଦ୍ର ବର୍ମା ତୃତୀୟ, ନବୀନ ଚତୁର୍ଥ ଓ ପ୍ରଦୀପ କୁମାର ପଞ୍ଚମ ସ୍ଥାନରେ ରହିଥିଲେ। ସେହିପରି ମହିଳା ବିଭାଗରେ ପ୍ରୀତି ଲାମ୍ବା ଦ୍ୱିତୀୟ, ଶ୍ୟାମଳୀ ସିଂ ତୃତୀୟ, ଓଡ଼ିଶାର ଶମସାଦ ଆରା ବେଗମ୍ ଚତୁର୍ଥ ଓ ପ୍ରୀନୁ ଯାଦବ ପଞ୍ଚମ ସ୍ଥାନରେ ରହିଥିଲେ। ପୁରୁଷ ଓ ମହିଳା ବିଭାଗର ଚାମ୍ପିୟନଙ୍କୁ ଏକ ଲକ୍ଷ ଟଙ୍କା, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୭୫, ୫୧, ୩୧ ଓ ୧୧ ହଜାର ଟଙ୍କା ଲେଖାଏ ନଗଦ ଅର୍ଥ ରାଶି ସହ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

ସେହିପରି ୧୦ କି.ମି. ଦୌଡରେ ପୁରୁଷ ବିଭାଗରେ ରବି ଦାସ ଓ ମହିଳା ବିଭାଗରେ ପ୍ରତିମା ଟୁଡୁ ଚାମ୍ପିୟନ ହୋଇଥିଲେ। ପୁରୁଷ ବିଭାଗ ପ୍ରତିଯୋଗିତାରେ ଶ୍ରବଣ କୁମାର ଦ୍ୱିତୀୟ, ପ୍ରଦୀପ କୁମାର ତୃତୀୟ, ସୁନ୍ଦର ସିଂ ଚତୁର୍ଥ ଓ ରାହୁଲ କୁମାର ପଞ୍ଚମ ସ୍ଥାନରେ ରହିଥିଲେ। ସେହିପରି ମହିଳା ବିଭାଗ ପ୍ରତିଯୋଗିତାରେ କୁମାରୀ ମମତା ଦ୍ୱିତୀୟ, ଜ୍ୟୋତି ଚୌହାନ ତୃତୀୟ, ଶାନ୍ତି ରାଏ ଚତୁର୍ଥ ଓ ପିଙ୍କି ହାଁସଦା ପଞ୍ଚମ ସ୍ଥାନରେ ରହିଥିଲେ। ଏହି ଦୌଡର ପୁରୁଷ ଓ ମହିଳା ଚାମ୍ପିୟନଙ୍କୁ ୫୧ ହଜାର ଟଙ୍କା, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପ୍ରଞ୍ଚମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୩୧,୨୧,୧୫ ଓ ୧୧ ହଜାର ଟଙ୍କା ଲେଖାଏ ପୁରସ୍କାର ସହ ପ୍ରମାଣପତ୍ର ଟ୍ରଫି ପ୍ରଦାନ କରାଯାଇଥିଲା।

୫ କି.ମି. ଦୌଡ ବାଳକ ବିଭାଗରେ ଶାହରୁଖ ଖାଁ ଓ ବାଳିକା ବିଭାଗରେ ଇତିଶ୍ରୀ ମହନ୍ତ ଚାମ୍ପିୟନ ହୋଇଥିଲେ। ବାଳକ ବିଭାଗରେ କ୍ୟାପ୍‌ଟେନ ପୂର୍ତ୍ତୀ ଦ୍ୱିତୀୟ, ରଶ୍ମୀ ରଞ୍ଜନ ନାୟକ ତୃତୀୟ, ବିକାଶ କୁମାର ଚତୁର୍ଥ ଓ ଅଫତାବ ଅନ୍‌ଶାରୀ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ସେହିପରି ବାଳିକା ବିଭାଗରେ ସ୍ୱର୍ଣ୍ଣଲତା ଶର୍ମା ଦ୍ୱିତୀୟ, ପଙ୍କଜ ଗୁନ୍ଦ୍ରା ତୃତୀୟ, ଚୁକୁଲାଲା ଟୁଡୁ ଚତୁର୍ଥ ଓ ମିଲି ମାଝି ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ୫ କି.ମି. ଦୌଡର ଉଭୟ ବାଳକ ଓ ବାଳିକା ଚାମ୍ପିୟନଙ୍କୁ ୧୧ ହଜାର ଟଙ୍କା, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୮, ୭, ୫ ଓ ୪ ହଜାର ଟଙ୍କା ଲେଖାଏ ପୁରସ୍କାର ସହ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

# ଶିଲଂ ଲାଜଂକୁ ହରାଇଲା ଇଣ୍ଡିଆନ୍ ଆରୋଜ୍

ସିଲଂ, ୧୩।୧(ପି.ଟି.)

ଆଇ-ଲିଗ୍ ଦ୍ୱାଦଶ ରାଉଣ୍ଡର ଏକ ମ୍ୟାଚ୍‌ରେ ରବିବାର ଇଣ୍ଡିଆନ୍ ଆରୋଜ୍ ବିଜୟ ଲାଭ କରିଛି। ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଇଣ୍ଡିଆନ୍ ଆରୋଜ୍ ୩-୦ ଗୋଲରେ ଏକପାଖିଆ ଭାବେ ଘରୋଇ ଶିଲଂ ଲାଜଂକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ଆରୋଜ୍ ଏହି ୩ଟି ଗୋଲ ଦେଇଥିଲା। ମ୍ୟାଚ୍‌ର ୧୮ତମ ମିନିଟ୍‌ରେ ବିକ୍ରମ ପ୍ରତାପ୍ ଚମତ୍କାର ହେଡ୍ ଜରିଆରେ ଗୋଲସ୍କୋର କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ୩୨ତମ ମିନିଟରେ ଆରୋଜ ଆଉ ଏକ ଗୋଲ କରି ଦଳକୁ ୨-୦ରେ ଆଗୁଆ କରିଥିଲେ। ବିକ୍ରମଙ୍କଠାରୁ ପାଇଥିବା ପାସ୍‌କୁ କୌଣସି ତ୍ରୁଟି ନ କରି ଲାଲେଙ୍ଗମାୱିଆ ଏହି ଗୋଲଟି ଦେଇଥିଲେ। ଅନ୍ତିମ ତଥା ୩ୟ ଗୋଲଟି ପ୍ରଥମାର୍ଦ୍ଧର ଇଞ୍ଜୁରୀ ଟାଇମ୍‌ରେ ହୋଇଥିଲା। ଏକ ରିଟର୍ନ ଶର୍ଟକୁ ଗୋଲରେ ପରିଣତ କରି ନିନ୍‌ଥୋଇ ଆରୋଜକୁ ୩-୦ରେ ଜିତାଇଥିଲେ।



ଚାମ୍ପିୟନ କ୍ରାଉନ୍ ସ୍ପୋର୍ଟିଂର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# କ୍ରାଉନ ସ୍ପୋର୍ଟିଂ ଚାମ୍ପିୟନ

## ରାଜ୍ୟସ୍ତରୀୟ ନିମାପଡ଼ା କ୍ରିକେଟ ଉଦ୍‌ଯାପିତ

ନିମାପଡ଼ା,୧୩।୧(ଡି.ଏନ୍.ଏ.)

ନିମାପଡ଼ା କ୍ରିକେଟ ଆସୋସିଏଶନ ପକ୍ଷରୁ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ୧୦ମ ରାଜ୍ୟସ୍ତରୀୟ ନିମାପଡ଼ା କପ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଦିବସରେ ଫାଇନାଲ ମ୍ୟାଚରେ କଟକ ନିମପୁର ସ୍ପୋର୍ଟିଂକୁ ହରାଇ ଭୁବନେଶ୍ୱର କ୍ରାଉନ ସ୍ପୋର୍ଟିଂ ଚଳିତବର୍ଷ ଚାମ୍ପିୟନ ହୋଇଛି। ନିମପୁର ଟିମ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୩୦ଓଭରରେ ୭ଉଇକେଟ ହରାଇ ୧୬୪ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସୁମିତ ମହାପାତ୍ର ସର୍ବାଧିକ ୩୭ରନ, ଅଭିନାଶ ନାୟକ ୩୭ରନ, ଅଭିଶେଖ ନାୟକ ୩୫ରନ କରିଥିବାବେଳେ ପ୍ରତିପକ୍ଷ ଟିମର ବୋଲର ଓସଆରିଆ ସର୍ବାଧିକ ୨ଟି ଉଇକେଟ ନେଇଥିବାବେଳେ କିଶାନ ରଥ, ଦିଲୁ ପ୍ରଧାନ, ସୂର୍ଯ୍ୟକାନ୍ତ ସାମଲ ପ୍ରମୁଖ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ କାଉନସ୍ପୋର୍ଟିଂ ଟିମ ୨୩.୨ ଓଭରରେ ୪ଉଇକେଟ ବିନିମୟରେ ୧୬୫ରନ କରି ବିଜୟ ହୋଇଥିଲେ। ଦଳ ପକ୍ଷରୁ କିଶାନ ସର୍ବାଧିକ ୯୬ରନ କରିଥିବାବେଳେ ଭରତ ଦାସ ୨୯ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ନିମପୁର ଟିମର ବୋଲର ବଳରାମ ବେହେରା ସର୍ବାଧିକ ୨ଟି, ନିହାର ଜେନା ଓ ଅଭିଶେଖ ଗିରି ପ୍ରମୁଖ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅମ୍ପାୟର ଭାବେ ନିର୍ମଳ ମିଶ୍ର ଓ ଅୟଶକାନ୍ତ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ। ବିଜୟୀ ଟମିର କିଶାନ ରଥ ମ୍ୟାନ ଅଫ ଦ ମ୍ୟାଚ ଓ ଜନ୍ମେଜୟ ନାୟକ ମ୍ୟାନ ଅଫ ଦି ସିରିଜ ଭାବେ ବିବେଚିତ ହୋଇ ସ୍ୱତନ୍ତ୍ର ପୁରସ୍କାର ପାଇଥିଲେ। ଏହି ଟୁର୍ନାମେଣ୍ଟରେ ନିମପୁର ଟିମର ସୁମିତ ମହାପାତ୍ରଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ଶ୍ରେଷ୍ଠ ବୋଲର ଭାବେ ବଳରାମ ବେହେରା ଓ ଶ୍ରେଷ୍ଠ ଫିଲ୍‌ଡର ଭାବେ ସ୍ମୃତିସାଗର ପରିଡାଙ୍କୁ ସ୍ୱତନ୍ତ୍ର ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନ ଉତ୍ସବରେ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ, ପାରାଦୀପ ଉତ୍କଳ ଷ୍ଟିବେଡର ଆସୋସିଏଶନର ସଭାପତି ପ୍ରାଣକୃଷ୍ଣ ନାୟକ, ଅଷ୍ଟିନ ପ୍ଲାଏଉଡର ରାଜ୍ୟମୁଖ୍ୟ ବିଜୟ ପ୍ରସାଦ ମିଶ୍ର, ସିନେ ସମୀକ୍ଷକ ହରପ୍ରସାଦ ମହାପାତ୍ର, ପ୍ରଯୋଜକ ଦିନେଶ ସିଂ, କ୍ରୀଡ଼ାବିତ ଅକ୍ଷୟ ବେହେରା, ଏସ୍.ପି. ଫାଉଣ୍ଡେଶନର ଅଧ୍ୟକ୍ଷ ଶ୍ୱେତପୂର୍ଣ୍ଣା ରାୟ ମହାପାତ୍ର, ଅଭିନେତ୍ରୀ ନିହାରୀକା ଦାଶ, ପୁପୁଲ ଭୂୟାଁ, ଗୋପବନ୍ଧୁ ପଣ୍ଡା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳ କ୍ରାଉନ ସ୍ପୋର୍ଟିଂକୁ ନଗଦ ୩୦ହଜାର ଟଙ୍କା ସହ ଚାମ୍ପିୟନ ଟ୍ରଫି, ରନର୍ସଅପ ଦଳ ନିମପୁର ସ୍ପୋର୍ଟିଂକୁ ନଗଦ ୨୦ହଜାର ଟଙ୍କା ସହ ରନର୍ସ ଅପ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରଯୋଜକ ଦୀନେଶ, ୨୦୧୮ର ରଜ କୁଇନ ଚନ୍ଦ୍ରସ୍ନାତା ମହାନ୍ତି, ଅଭିନେତ୍ରୀ ନିହାରୀକା, ପୁପୁଲ ଭୂୟାଁ, ସିନେ ସମୀକ୍ଷକ ହରପ୍ରସାଦ, ପ୍ରାଣକୃଷ୍ଣ ନାୟକ, ବିଜୟ ମିଶ୍ର, ଅମ୍ପାୟର ନିର୍ମଳ ଓ ଅୟଶକାନ୍ତ, ସତ୍ୟେନ୍ଦ୍ରମୋହନ ମହାନ୍ତି, ସୌମ୍ୟଶେଖର ମହାନ୍ତି ପ୍ରମୁଖଙ୍କୁ ନିମାପଡ଼ା କ୍ରିକେଟ ଆସୋସିଏଶନ ପକ୍ଷରୁ ସମ୍ମାନ ପ୍ରଦର୍ଶନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବାଶିଷ ରାୟ, ସମ୍ବିତ ନାୟକ, ପ୍ରିୟରଞ୍ଜନ ପାତ୍ର ପ୍ରମୁଖ ସ୍କୋରର କାର୍ଯ୍ୟ ତୁଲାଇଥିଲେ।

DADLS-243



କଥାସମ୍ରାଟ
ବ୍ୟାସକବି ଫକୀରମୋହନ ସେନାପତିଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୧୪ ଜାନୁଆରୀ, ୨୦୧୯

ମୋ ଜୀବନ ସାର ଧନ
ଜନନୀ ଉତ୍କଳ ଭାଷା ।
ଆସ ଗୋ ମା !
କରେ ପୂଜା ପୂର୍ଣ୍ଣ ହେଉ ପ୍ରାଣ ଆଶା ।
– ବ୍ୟାସକବି ଫକୀର ମୋହନ ସେନାପତି

ପୂର୍ବାହ୍ନ ୮ ଘଟିକା ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ପ୍ରବେଶ ପଥରେ ସ୍ଥାପିତ ବ୍ୟାସକବି ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।

ସମୟ – ସଂଧ୍ୟା ୬ ଘଟିକା | ସାଧାରଣ ସଭା | ସ୍ଥାନ – ରବୀନ୍ଦ୍ର ମଣ୍ଡପ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା,
ମାନ୍ୟବର ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ
ବିଶିଷ୍ଟ ଅତିଥି – ଶ୍ରୀଯୁକ୍ତ ଅନନ୍ତ ଦାସ
ମାନ୍ୟବର ଉଚ୍ଚଶିକ୍ଷା ଓ ଶିଳ୍ପ ମନ୍ତ୍ରୀ
ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ସଞ୍ଜୟ କୁମାର ସିଂ
କମିଶନର ତଥା ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ମୁଖ୍ୟ ବକ୍ତା – ଡକ୍ଟର ଦେବେନ୍ଦ୍ର କୁମାର ଦାଶ
ବିଶିଷ୍ଟ ସାହିତ୍ୟିକ ଓ ସମାଲୋଚକ

ଶ୍ରୀଯୁକ୍ତ ହରିହର ମିଶ୍ର, ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ ପୌରୋହିତ୍ୟ କରିବେ ।
ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱରଙ୍କୁ ୨୦୧୮ ବର୍ଷ ପାଇଁ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନରେ ସମ୍ମାନିତ କରାଯିବ ।
ସଭା ପରେ ସ୍ରଷ୍ଟା ବାଲେଶ୍ୱରର କଳାକାର ବୃନ୍ଦଙ୍କ ଦ୍ୱାରା ନାଟକ ମୁଁ ହାଟ ବାହୁଡ଼ା ପରିବେଷଣ କରାଯିବ ।
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଏବଂ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

15001/13/0541/1819

## ସଂକ୍ଷେପରେ

### ଫୁଟବଲ ଟୁର୍ନାମେଣ୍ଟ: ଅବୁଜବାହାଲ ବିଜୟୀ

**ରିକ୍ଷିଡା,୧୩।୧(ଡି.ଏନ.ଏ.)**-କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ଶିରାବାହାଲଠାରେ ରବିବାର ହିରୋକପ୍ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚରେ ଅବୁଜବାହାଲ ଦଳ ପୌରକେଲାକୁ ୧-୦ ଗୋଲରେ ପରାସ୍ତ କରି ପରବର୍ତ୍ତି ପର୍ଯ୍ୟାୟକୁ ଉର୍ତ୍ତିର୍ଣ୍ଣ ହୋଇଛି । ଖେଳ ପରିଚାଳନା ବିନୋଦ ସା କରିଥିବା ବେଳେ ସହାୟତା ବିଜୟ ସୁନା ଓ ପ୍ରଦୀପ ନାଏକ କରିଥିଲେ। ବାପୁଜୀ ୟୁଥ୍ କ୍ଲବ ଆନୁକୂଲ୍ୟରେ ହେଉଥିବା ଏହି ଟୁର୍ନାମେଣ୍ଟରେ କଳାହାଣ୍ଡି ଜିଲାର ଗ୍ରାମାଞ୍ଚଳ ଫୁଟବଲ ଦଳଗୁଡିକ ଭାଗ ନେଉଛନ୍ତି । ଆୟୋଜକ କ୍ଲବ ସଭାପତି ଜଗା ସାହୁ, ସମ୍ପାଦକ ପଙ୍କଜ ଭୋଇ ଓ ଟିମ୍ ମେନେଜର ରଣଜିତ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମ୍ୟାଚଗୁଡିକର ଧାରାବିବରଣୀ ଡିଟୁ ଭୋଇ ପ୍ରଦାନ କରିଥିବା ବେଳେ ଧବଳେଶ୍ୱର ସାହୁ, ରମେଶ ଭୋଇ, ପରମା ଭୋଇ, ମାନସିଂ ପୁଟା ସହାୟତା କରିଥିଲେ । ଉଦଘାଟନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ସରପଞ୍ଚ କେତକୀ ରଣା ଓ ୱାର୍ଡ ସଭ୍ୟ ଟଙ୍କଧର ଘିଭେଲା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

■ ୧୮ତମ ସର୍ବ ଭାରତୀୟ ପାଟଣା କପ୍

# ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ଚାମ୍ପିୟନ

**ପାଟଣାଗଡ, ୧୩।୧ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ରମାଇ ଉଚ୍ଚ ବିଦ୍ୟାଳୟ ଖେଳପଡିଆଠାରେ ଚାଲିଥିବା ୧୮ତମ ସର୍ବଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ନାମେଣ୍ଟର ଟାଇଟଲ ହାସଲ କରିଛି ୨୦୧୯ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର। ରବିବାର ଖେଳା ଯାଇଥିବା ଫାଇନାଲ ମ୍ୟାଚରେ ଦଳ ପାଟଣାଗଡକୁ ହରାଇ ବିଜୟ ହାସଲ କରିଛି। ଟସ୍ ଜିଣି ଭୁବନେଶ୍ୱର ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୨୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୬୧ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସର୍ବାଧିକ ଅଭିନବ ଘୋଷ ୩୨ ବଲରେ ୩୪ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ପାଟଣାଗଡ ଦଳ ୨୬ଓଭରରେ ସମସ୍ତ ଉଇକେଟ ହରାଇ ୧୦୧ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଆଜିର ମ୍ୟାଚକୁ ଓସିଏ ଅମ୍ପେୟାର ସତ୍ୟପ୍ରକାଶ ରଥ ଏବଂ ପୃଥ୍ୱୀରାଜ ମିଶ୍ର ପରିଚାଳନା କରିଥିବା ବେଳେ ସ୍କୋରର ଭାବରେ ମନୋଜ ଚିନ୍ଦା ଏବଂ ରବି ମେହେର ଦାୟିତ୍ୱରେ ଥିଲେ। ଅଧ୍ୟାପକ ସନ୍ତୋଷ ନାୟାର ଓ ଜେମିନି ଚିରଗୁନ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡିଆ ସିନେ ଅଭିନେତ୍ରୀ ଅନୁ ଚୌଧୁରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୋନପୁର ଜିଲା କ୍ରିକେଟ ଆସୋସିଏଶନ ସଭାପତି ପଠାନ ପଣ୍ଡା ମଞ୍ଚାସୀନ ଥିଲେ। ବିଜେତା ଦଳକୁ ୫୦ହଜାର ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ଦଳକୁ ୩୦ହଜାର ଟଙ୍କା ସହ ଟ୍ରଫି ମୁଖ୍ୟ ଅତିଥି ଚୌଧୁରୀ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଏବଂ ମ୍ୟାନ ଅଫ ଦି ସିରିଜ ଭାବେ ପାଟଣାଗଡ କ୍ରିକେଟ କ୍ଲବର ଅଧିନାୟକ କୁନାଲ ପଣ୍ଡା, ବେଷ୍ଟ ବେଟସ୍‌ମ୍ୟାନ ପ୍ରଗତି ସ୍ପୋର୍ଟିଂର ଅଧିନାୟକ ଅଭିନବ ଘୋଷ ଏବଂ ବେଷ୍ଟ ବୋଲର ଭାବେ ପ୍ରଗତି ସ୍ପୋର୍ଟିଂର ମିଳନ ସାମଲଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପାଟଣାଗଡ କ୍ରିକେଟ କ୍ଲବର ପୂର୍ବତନ ଖେଳାଳି ମନୋଜ ଚିନ୍ଦା ଏବଂ ରଞ୍ଜନ ଠାକୁରଙ୍କୁ ସମ୍ମାନୀତ କରାଯାଇଥିଲେ। ଶେଷରେ ପାଟଣାଗଡ କ୍ରିକେଟ କ୍ଲବ ସଭାପତି ଅଲେଖ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବର ସମ୍ପାଦକ ସମୀର ପାଣିଗ୍ରାହୀ, ଉପସଭାପତି ରମାନାଥ ହୋତା, ଆୟୋଜକ ସମ୍ପାଦକ ନନ୍ଦନ ଠାକୁର, ରାନା ଚିନ୍ଦା, ମୁନା ଠାକୁର, ଲିଟନ କର ପ୍ରମୁଖ ସହାୟତା କରିଥିଲେ।



ଚାମ୍ପିୟନ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ଦଳକୁ ମୁଖ୍ୟ ଅତିଥି ଅନୁ ଚୌଧୁରୀ ଟ୍ରଫି ପ୍ରଦାନ କରୁଛନ୍ତି।


ଅତିଥିମାନଙ୍କ ଗହଣରେ ଉପସ୍ଥିତ ଚାମ୍ପିୟନ ଦଳର ଖେଳାଳିମାନେ ।

■ ସର୍ବଭାରତୀୟ ଫୁଟବଲ

## ରାଉରକେଲା ଆଦିବାସୀ ବ୍ଲକ ଚାମ୍ପିୟନ

**ପୁରୁଣାକଟକ,୧୩।୧ (ଡିଏନଏ)**-ବୌଦ୍ଧ ଜିଲା ପୁରୁଣାକଟକ ମିନିଷ୍ଟାଡିୟମରେ ୭ଦିନ ଧରି ଚାଲିଥିବା ମା' ଭୈରବୀ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ସାଇ ହଷ୍ଟେଲ କଟକ ଓ ରାଉରକେଲା ଆଦିବାସୀ ବ୍ଲକ ବନ୍ଧମୁଣ୍ଡା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ନିର୍ଦ୍ଧାରିତ ସମୟସୀମା ଭିତରେ ଉଭୟ ଦଳ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ଆଦିବାସୀ ବ୍ଲକ ୪-୩ ଗୋଲରେ ସାଇ ହଷ୍ଟେଲକୁ ହରାଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବୌଦ୍ଧ ବିଧାୟକ ତଥା ଓଡିଶା ବିଧାନସଭାର ବାଚସ୍ପତି ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି, ରାଣିସତୀ ରାଇସ୍ ମିଲର ମ୍ୟାନେଜିଙ୍ଗ୍ ଡାଇରେକ୍ଟର ଅଶୋକ କୁମାର ଅଗ୍ରୱାଲା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ସୁବ୍ରତ କୁମାର ପୁରୋହିତ ଫାଇନାଲ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଶଲୀଳ ବେହେରା, ଶେଷଦେବ ବେହେରା ଲାଇନରେ ସହାୟତା କରିଥିଲେ । ଦିଲୀପ କୁମାର ରାଉତ ଚତୁର୍ଥ ରେଫରୀ ଥିଲେ । ଚନ୍ଦ୍ରକାନ୍ତ ନାୟକ ଓ ବିଭୂତି ଭୂଷଣ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ । ପୁରୁଣାକଟକ ଫୁଟବଲ ଆସୋସିଏଶନ ସଭାପତି ସୁରେନ ପ୍ରଧାନ, ସମ୍ପାଦକ ପ୍ରାଣବନ୍ଧୁ ସାହୁ, ଆବାହକ ପ୍ରଦତ୍ତ କୁମାର ଭୋକ୍ତା, କୋଷାଧ୍ୟକ୍ଷ ସତୀଶ କୁମାର ବେହେରା, ଉପଦେଷ୍ଟା ବିଜୟ କୁମାର କହଁର, ଅଭ୍ୟର୍ଥନା କମିଟି ମୁଖ୍ୟ ନାରଦ ସେଠୀ, ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଅଜିତ ଦେହୁରୀ, ମିଡିଆ ସେଲ ମୁଖ୍ୟ ସୁକାନ୍ତ ପଟ୍ଟନାୟକଙ୍କ ସମେତ ଭୈରବୀ କ୍ଲବ ଓ ଫୁଟବଲ ଆସୋସିଏଶନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।



ଅତିଥି ଓ ଆୟୋଜକଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

### ସର୍ବଭାରତୀୟ ପ୍ରଧାନପାଟ ଫୁଟବଲ୍ କପ୍

## ବିଏଫ୍ଏ ଦେବଗଡ ଚାମ୍ପିୟନ

**ଦେବଗଡ, ୧୩।୧(ସ୍ୱ.ପ୍ର.)** -ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ପ୍ରଥମ ପ୍ରଧାନପାଟ କପ୍ ସର୍ବ ଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବିଏଫଏ ଦେବଗଡ ଏବଂ ଓଡିଶା ପୋଲିସ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଏଏଫ ଦେବଗଡ ୧-୦ ଗୋଲରେ ଓଡିଶା ପୋଲିସ କଟକକୁ ହରାଇ ଚାମ୍ପିୟନ ହୋଇଛି । ଖେଳକୁ ଅଶ୍ୱିନୀ ବରିହା, ଅରୁଣ ଭୋଇ, ସୁଧାଂଶୁ ସେଠ, ପ୍ରଦୀପ ଦାସ, ରାଜନ ଝାଙ୍କର ପରିଚାଳନା କରିଥିଲେ। ବେଣୁଧର ଗଡ଼ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୁବାସ ଚନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଦେବଗଡ ରାଣୀ ଅରୁନ୍ଧତୀ ଦେବୀ, ସମ୍ମାନୀୟ ଅତିଥି ଇଂ ସୁଜିତ ପ୍ରଧାନ, ସବ୍ୟସଚୀ କପରଦାର, ଜିଲା କ୍ରୀଡା ସଂଘ ସମ୍ପାଦକ ଧିରେନ ନାଏକ, ପ୍ରଧାନପାଟ କ୍ଲବ ସଭାପତି ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ବିଏଫଏ ଦେବଗଡ ଦଳକୁ ଟ୍ରଫି ସହ ୨୧, ୦୦୧ଟଙ୍କା ଏବଂ ରନର୍ସ ଅପ ଓଡିଶା ପୋଲିସ କଟକକୁ ୧୫,୦୦୧ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ବିଏଫଏ ଦେବଗଡ ଦଳର ବେତାଲ ଲାକ୍ରଆଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ଟୁର୍ନାମେଣ୍ଟ, ବେଷ୍ଟ ଗୋଲକିପର ଭାରତ ପ୍ରଧାନ, ବେଷ୍ଟ ଗୋଲ ସ୍କୋରର ବିଜୟ ଗଲାମ, ବେଷ୍ଟ ଡିଫେନ୍ସ ଖେଳାଳି ଗୋବିନ୍ଦ ସେନାପତି ଓ ଶାନ୍ତଶୃଙ୍ଖଳା ଦଳ ଭାବେ ଦେବଗଡକୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଜିଲାର ପୂର୍ବତନ ଫୁଟବଲ ଖେଳାଳି ବିପିନ ବିହାରୀ ନନ୍ଦ, ନେତ୍ରାନନ୍ଦ ମହାକୁଳ, ମହମ୍ମଦ ନାସିର ଖାନ୍, ପ୍ରଦୀପ କୁମାର ମହାପାତ୍ର, ହଇମିହିର ଦେବ, ଦିନେଶ ଦେବ, ପ୍ରମୋଦ କୁମାର ମିଶ୍ର, ସୁଜୟ ବେହେରା, ଶରତ ବେହେରା, ଅରୁଣ ପ୍ରଧାନ, ରତ୍ନାକାର ପଟ୍ଟନାଏକ, ସୁବର୍ଣ୍ଣ ଗଙ୍ଗଦେବ, ଭବାନୀ ଶଙ୍କର ସେଠ ଓ ଧିରେନ ନାଏକଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନୀତ କରାଯାଇ ଥିଲା। ଟୁର୍ନାମେଣ୍ଟ ଆୟୋଜନରେ ମ୍ୟାଚ କମିଶନର ହେମନ୍ତ ମହାପାତ୍ର, ପ୍ରଦୀପ ବେହେରା, ଯୋଗେନ୍ଦ୍ର ସାହୁ, ସଞ୍ଜୀବ ବେହେରା, ସୁଶିଲ କର ପ୍ରମୁଖ ସହଯୋଗ କରିଥିଲେ ।



# ଦୁଇ ଫେରାର ଡକାୟତ ଗିରଫ

## ୨ ପିସ୍ତଲ, ୧୦ ରାଉଣ୍ଡ ଗୁଳି ଜବତ




ପୋଲିସ ଅଭିଯୁକ୍ତଙ୍କୁ ଖବରଦାତା ସମ୍ମିଳନୀରେ ହାଜର କରିଛି (ବାମ)। ଜବତ ପିସ୍ତଲ, ଅଫୁଟା ଗୁଳି ଓ ମୋବାଇଲ ।

**ବୌଦ୍ଧ,୧୩।୧(ସ୍ୱ.ପ୍ର)**

ବହୁ ଡକାୟତି ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିବା ଦୁଇ ଡକାୟତଙ୍କୁ ବୌଦ୍ଧ ପୋଲିସ ରବିବାର ଗିରଫ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଶିଳାଦିତ୍ୟ ପ୍ରଧାନ ଓ ଟିପୁ ବେହେରା । ସେମାନଙ୍କଠାରୁ ଏକ ବାଇକ୍, ଦୁଇଟି ପିସ୍ତଲ, ୧୦ ରାଉଣ୍ଡ ଅଫୁଟା ଗୁଳି ଓ ଗୋଟିଏ ମୋବାଇଲ ଜବତ କରାଯାଇଛି । ଶିଳାଦିତ୍ୟ ପ୍ରଧାନଙ୍କ ନାମରେ ୬ଟି ମାମଲା ଥିବାବେଳେ ଟିପୁ ବେହେରାଙ୍କ ନାମରେ ୫ଟି ମାମଲା ରହିଛି । ଏହାସହ ଖୋର୍ଦ୍ଧା ଅଞ୍ଚଳରେ ଜଣେ ଟ୍ରକ ଡ୍ରାଇଭର ହତ୍ୟା ମାମଲାରେ ଏମାନେ ସମ୍ପୃକ୍ତ ଥିବା ଏକ ସମ୍ମିଳନୀରେ ପୋଲିସ ସୂଚନା ଦେଇଛି ।

ପୋଲିସ ସୂଚନା ଅନୁସାରେ, ଗତ ତା୨୧।୧୨।୧୮ରିଖରେ ବାଉଁଶୁଣୀ ଥାନା କନକପୁର ଗ୍ରାମର ଶିକ୍ଷକ ନିରଞ୍ଜନ ମେହେର ବୌଦ୍ଧ ଟାଉନରୁ ଟିଉସନ ସାରି ରାତି ସାଢେ ୯ଟା ବେଳେ ନିଜର ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର କାଶଲପୁର ଛକରେ ଦୁର୍ବୃତ୍ତମାନେ ତାଙ୍କୁ ଅଟକାଇ ତାଙ୍କଠାରୁ ବାଇକ୍, ଟଙ୍କା ଓ ମୋବାଇଲ ଲୁଟି ନେଇଥିଲେ। ଏ ନେଇ ନିରଞ୍ଜନ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ । ବୌଦ୍ଧ ପୋଲିସ ଏକ ମାମଲା (ନଂ.୨୮୫/୧୮) ରୁଜୁ କରି ତଦନ୍ତ ଚଳାଇଥିଲା । ସେହିପରି ଗତ ୨୧।୧୦।୧୮ରିଖରେ ସୋନପୁର ବଡବଜାରର ରବିନାରାୟଣ ସାହୁ, ଦୀପକ ସାହୁ, ଷଷ୍ଠି ବାଘ, ବୌଦ୍ଧ ପଦ୍ମନପୁରର ଶିଳାଦିତ୍ୟ ପ୍ରଧାନ, ଜହ୍ନାପଙ୍କର ଟିପୁ ବେହେରା ମହାନଦୀର ହନୁମାନ ଘାଟରେ ଏକାଠି ହୋଇ ସହରରେ ଡକାୟତି ପାଇଁ ପ୍ରସ୍ତୁତି ଚଳାଇଥିବାବେଳେ ପୋଲିସ ପହଞ୍ଚି କରି ରବିନାରାୟଣ ଓ ଦୀପକଙ୍କୁ ଗିରଫ କରିଥିଲା । ଅନ୍ୟ ୩ ଜଣ ଅଭିଯୁକ୍ତ ଫେରାର ହୋଇଯାଇଥିଲେ । ପୋଲିସ ତଦନ୍ତ ଜାରି ରଖିଥିବାବେଳେ ରବିବାର ଶିଳାଦିତ୍ୟ ଓ ଟିପୁ ଏକ ବାଇକ୍ ଯୋଗେ ଗୋଛାପଡା ଯାଉଥିବା ଖବର ପାଇ ବୌଦ୍ଧ ପୋଲିସ ସେମାନଙ୍କୁ ପିଛା କରି ଗିରଫ କରିଥିଲା । ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି । ଖବରଦାତା ସମ୍ମିଳନୀରେ ଏସଡିପିଓ ସାଲେଷ୍ଟିନ ଟିଗା, ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁର, ଏସ୍ଆଇ ପ୍ରଶାନ୍ତ କୁମାର ମଲିକ, ଲିସାରାଣୀ ସେଠୀ, ଅରୁଣ କୁମାର ସିଂ ଓ ଏଏସଆଇ ଦ୍ୱାରିକାନାଥ ସେଠୀ ଉପସ୍ଥିତ ଥିଲେ ।

### ବିଚ୍ଛିନ୍ନାଞ୍ଚଳରେ ସ୍ୱାସ୍ଥ୍ୟସେବା ଅପହଞ୍ଚ

# ଡଙ୍ଗାରେ ନଦୀ ପାର ବେଳେ ସନ୍ତାନ ଜନ୍ମ ଦେଲେ ମହିଳା

**ଚିତ୍ରକୋଣ୍ଡା,୧୩।୧**

ବିଚ୍ଛିନ୍ନାଞ୍ଚଳରେ ଜଣେ ଗର୍ଭବତୀ ମହିଳା ସିଲୋର ନଦୀରେ ଡଙ୍ଗାରେ ନଦୀ ପାର ହୋଇ ଚିତ୍ରକୋଣ୍ଡା ଡାକ୍ତରଖାନା ଆସୁଥିବା ବେଳେ ଡଙ୍ଗାରେ ସନ୍ତାନ ପ୍ରସବ କରିଛନ୍ତି। ସେ ହେଉଛନ୍ତି ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଯୋଡାମ୍ବ ପଞ୍ଚାୟତ ଦୋରାଘାଟ ଗ୍ରାମର ପରମାନନ୍ଦ ଖରାଙ୍କ ସ୍ତ୍ରୀ ବତୀ ଖରା(୨୬)।

ଖବରରୁ ଜଣାପଡିଛି, ସିଲୋର ନଦୀ ନିକଟବର୍ତ୍ତୀ ନଦୀ ଓ ପାହାଡ଼ ଘେରରେ ରହିଛି ଏହି ଦୋରାଘାଟ ଗ୍ରାମ। ଗ୍ରାମର ପରମାନନ୍ଦଙ୍କ ସ୍ତ୍ରୀ ବତୀ ଗର୍ଭବତୀ ଥିଲେ। ଶନିବାର ରାତି ୩ଟାରେ ତାଙ୍କର ଗର୍ଭ ଯନ୍ତ୍ରଣା ହୋଇଥିଲା। ନିକଟରେ କୌଣସି ଡାକ୍ତରଖାନା ସୁବିଧା ନ ଥିବାରୁ ପରିବାର ଲୋକେ ତାଙ୍କୁ ରାତିରେ ନଦୀ ପାର କରାଇ ଚିତ୍ରକୋଣ୍ଡା ଡାକ୍ତରଖାନା ନେବାକୁ ବାହାରିଥିଲେ। ସିଲୋର ନଦୀ ଘାଟରୁ ଦେଶୀ ଡଙ୍ଗାରେ ନେଇଥିଲେ। ପରମାନନ୍ଦ ଡଙ୍ଗା ଚଳାଇଥିଲେ। ଡଙ୍ଗା ଚାଲୁଥିବା ସମୟରେ ଅଧା ବାଟରେ ବତୀ ଡଙ୍ଗାରେ ଏକ କନ୍ୟା ସନ୍ତାନ ପ୍ରସବ କରିଥିଲେ। ସକାଳ ୬ଟାରେ ସ୍ୱିଲୱେ ଲଞ୍ଚ ଘାଟରେ ପହଞ୍ଚି ପରିବାର ଲୋକେ ତାଙ୍କୁ ସେଠାରୁ ଚିତ୍ରକୋଣ୍ଡା ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସା ପରେ ଉଭୟ ମାଆ ଓ ପିଲା ସୁସ୍ଥ ଅଛନ୍ତି। ପରିବାର ଲୋକଙ୍କ ସହ ଆଶା କର୍ମୀଙ୍କୁ ଦେଖିବାକୁ ମିଳି ନ ଥିଲା। ଏଥିରୁ ସ୍ପଷ୍ଟ ଯେ, ଦୋରାଘାଟ ଗ୍ରାମକୁ କୌଣସି ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଯାଉନାହାନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଶ୍ରୀମନ୍ଦିରରେ ବଡ଼ ମହାସ୍ନାନ

## ୪ ଦିନ ମଧ୍ୟରେ ଦ୍ୱିତୀୟ ଘଟଣା

**ପୁରୀ ଅଫିସ,୧୩।୧:** ଶ୍ରୀମନ୍ଦିରରେ ରବିବାର ବଡ଼ ମହାସ୍ନାନ ହୋଇଛି। ଭଣ୍ଡାର ଘର ନିକଟରେ ରକ୍ତ ପଡିଥିବାରୁ ଠାକୁରଙ୍କ ବଡ଼ ମହାସ୍ନାନ କରାଯାଇଥିବା ଜଣାପଡିଛି। ଗତ ୪ ଦିନରେ ଏହା ଦ୍ୱିତୀୟ ଘଟଣା। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ମଧାହ୍ନ ଧୂପ ବଢ଼ିବା ପରେ ଅପରାହ୍ନ ୨ଟା ୫୫ରେ ଭଣ୍ଡାର ଘର ନିକଟରେ ରକ୍ତ ବୁନ୍ଦା ପଡିଥିବା ଦେଖିବାକୁ ମିଳିଥିଲା। ଏହାପଠାରୁ ହିଁ ନୀତି ଅଟକି ବଡ଼ ମହାସ୍ନାନ ପାଇଁ ବିଧି ଆରମ୍ଭ ହୋଇଥିଲା। ଅପରାହ୍ନ ୫ଟା ୧୦ରେ ମହାସ୍ନାନ ପୂଜା ସରିଥିଲା। ଏହାପରେ ପୁଣି ଠାକୁରଙ୍କ ନୀତି ଯେଉଁଠୁ ଅଟକିଥିଲା ସେହିଠାରୁ ଆରମ୍ଭ ହୋଇଥିଲା। ତେବେ ସେଠାରେ କିପରି ରକ୍ତ ବୁନ୍ଦା ପଡିଲା ତାହା ସ୍ପଷ୍ଟ ଜଣାପଡି ନାହିଁ। ଗତ ଗୁରୁବାର ପଛ ଭୋଗ ମଣ୍ଡପ ବଢ଼ିବା ପରେ ବଲ୍ଲଭ ପିଣ୍ଡି ନିକଟରେ ରକ୍ତ ବୁନ୍ଦା ପଡିଥିବାରୁ ବଡ଼ ମହାସ୍ନାନ ହୋଇଥିଲା ।




# ଯୁବତୀଙ୍କ ଗଳିତ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ଝାରବନ୍ଧ, ୧୩।୧ (ଡି.ଏନ.ଏ)**

ବରଗଡ ଜିଲା ଝାରବନ୍ଧ ନିକଟସ୍ଥ ବଳିଢ଼ିପା ଜଙ୍ଗଲରେ ଗୋଟିଏ ଗଛରେ ଝୁଲୁଥିବା ଅବସ୍ଥାରେ ଜଣେ ଯୁବତୀଙ୍କ ଗଳିତ ମୃତଦେହକୁ ପୋଲିସ ରବିବାର ଉଦ୍ଧାର କରିଛି। ମୃତା ଯୁବତୀ ହେଲେ ତୋଫାନୀ ସାହୁ (୧୯) । ଏ ନେଇ ଝାରବନ୍ଧ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ସୂଚନା ଅନୁସାରେ, ଗତ ନଭେମ୍ବର ୧୪ତାରିଖରୁ ଲେରଗାଁର ବସୁଦେବ ସାହୁଙ୍କ ଝିଅ ତୋଫାନୀ ନିଖୋଜ ହୋଇଯାଇଥିଲେ। ତାଙ୍କୁ ବହୁ ଖୋଜାଖୋଜି କରିବା ପରେ ନ ମିଳିବାରୁ ପରିବାର ଲୋକେ ଏ ନେଇ ଝାରବନ୍ଧ ଥାନାରେ ଅଭିଯୋଗ କରିଥିଲେ । ରବିବାର ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହେବା ପରେ ପୋଲିସ ଅଭିଯୋଗକାରୀଙ୍କୁ ମୃତଦେହ ଚିହ୍ନଟ ପାଇଁ ସୂଚନା ଦେଇଥିଲା। ଯୁବତୀଙ୍କ ଭାଇ ଦେବହର ସାହୁ ଘଟଣାସ୍ଥଳକୁ ପହଞ୍ଚି ମୃତା ଜଣକ ତାଙ୍କ ଭଉଣୀ ବୋଲି ଚିହ୍ନଟ କରିଥିଲେ । ତେବେ ମୃତଦେହ ଗଛରେ ଝୁଲନ୍ତା ଅବସ୍ଥାରେ ଥିବାବେଳେ ଯୁବତୀଙ୍କ ହାତକୁ କପଡାରେ ବାନ୍ଧି ଦିଆଯାଇଛି ଏବଂ ଗଛ ତଳେ ପୁରୁଷଙ୍କ ପ୍ୟାଣ୍ଟ, ସାର୍ଟ ପଡିଥିବା ଦେଖିବାକୁ ମିଳିଛି।

# ଦୁର୍ଘଟଣାରେ ଟ୍ରାକ୍ଟର ଡ୍ରାଇଭର ମୃତ

**ଅମ୍ବାଭୋନା, ୧୩।୧ (ଡି.ଏନ.ଏ)**

ବରଗଡ ଜିଲା ଅମ୍ବାଭୋନା ଥାନା ଅନ୍ତର୍ଗତ ସାହେ୍ଲପାଲି ମୁଖ୍ୟରାସ୍ତାର ଏକ ବୁଲାଣିରେ ଶନିବାର ବିଳମ୍ବିତ ରାତିରେ ଏକ ଟ୍ରାକ୍ଟର (ନଂ.ସିଜି୧୩ଏବି/୩୯୪୧) ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବେନିଆଁପାଲି ନିବାସୀ ଧବଳେଶ୍ୱର ଭୋଇ (୪୫) । ସେ ତିଖିଲିରୁ କାମ ସାରି ଭୁକ୍ତା ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଅମ୍ବାଭୋନା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ ସଦର ଡାକ୍ତରଖାନାକୁ ପଠାଇଛି। ମୃତକଙ୍କ ପିତା ଯଦୁ ଭୋଇଙ୍କ ଏତଲା କ୍ରମେ ଅମ୍ବାଭୋନା ପୋଲିସ ଏକ ମାମଲା (ନଂ. ୪/୧୯) ରୁଜୁ କରି ତଦନ୍ତ ଚଳାଇଛି ।

### ୨୭ତମ ସର୍ବଭାରତୀୟ ୱାଇଏମସି କପ ଫାଇନାଲ

# ୟୁନିୟନ ସ୍ପୋର୍ଟିଂ କଟକ ଚାମ୍ପିୟନ



ଚାମ୍ପିୟନ ଦଳ ପୁରସ୍କାର ଗ୍ରହଣ କରୁଛି ।

**ନୂଆପଡା ଅଫିସ,୧୩।୧**

ସ୍ଥାନୀୟ ମିନିଷ୍ଟାଡିୟମରେ ୱାଇଏମସି କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୭ତମ ସର୍ବଭାରତୀୟ ୱାଇଏମସି କପ ରବିବାର ଉଦ୍ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍‌ରେ ୟୁନିୟନ ସ୍ପୋର୍ଟିଂ କଟକ ଦଳ ଆଭା ଟାଇଗର ସମ୍ବଲପୁରକୁ ୬ ଉଇକେଟରେ ହରାଇ ଚାମ୍ପିୟନ ହୋଇଛି। ଫାଇନାଲ ଖେଳରେ ଆଭା ଟାଇଗର ସମ୍ବଲପୁର ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ଶରତ ମିନ୍‌ଜଙ୍କର ୪୬ରନ ଏବଂ ଅଭିନବଙ୍କ ୧୯ରନ ବଳରେ ୨୮.୫ ଓଭରରେ ୧୦ ଉଇକେଟ ହରାଇ ୧୨୨ ରନ ସଂଗ୍ରହ କରିଥିଲା । ଜବାବରେ ୟୁନିୟନ ସ୍ପୋର୍ଟିଂ ଦଳ ମାତ୍ର ୪ ଉଇକେଟ ବିନିମୟରେ ୧୨୩ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଦିନର ମ୍ୟାଚକୁ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଉଦ୍ଯାପନୀ ଉତ୍ସବରେ ଟୁର୍ନାମେଣ୍ଟ ଆବାହକ ସରୋଜ କୁମାର ସାହୁ ଅଧ୍ୟକ୍ଷତା କରିଥିବାବେଳେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, ଡବ୍ଲୁଓଡିସି ସ୍ୱତନ୍ତ୍ର ସଦସ୍ୟ ଲମ୍ବୋଦର ନିଆଲ, ଅଭିନେତ୍ରୀ ପ୍ରିୟଙ୍କା ରଥ ବିଶେଷ ଅତିଥି, ଓସିଏ ଉପସଭାପତି ଦୁଲାଲ ପ୍ରଧାନ, ବଲାଙ୍ଗୀର ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ନରି ମିଶ୍ର, ବରିଷ୍ଠ ଆଇନଜୀବୀ ପ୍ରସନ୍ନ ଚନ୍ଦ୍ର ମହାପାତ୍ର, ଶ୍ୱେତରାମ ଦେୱାଙ୍ଗନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ୬୦ ହଜାର ଟଙ୍କା ସହ ଟ୍ରଫି, ରନର୍ସଅଫ ଦଳକୁ ୪୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଏବଂ ସିରିଜ ଭାବେ ରୋହିତ ପଟେଲ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ପ୍ରକାଶ ସାହୁ, ସୀମାଞ୍ଚଳ ମହାପାତ୍ର ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅଭିନେତ୍ରୀ ରଥ ବିଭିନ୍ନ ଗୀତରେ ନୃତ୍ୟ କରି ଦର୍ଶକଙ୍କ ମନମୋହିଥିଲେ ।

# ୧୪ତମ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ: ରେଗେଡା ଚାମ୍ପିୟନ

**କର୍ଲାମୁଣ୍ଡା,୧୩।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବସ୍ତି ନିକଟସ୍ଥ ଉତେଇ ପାଣି ପଞ୍ଚାୟତ କାର୍ଯ୍ୟାଳୟ ପରିସର ପଡିଆଠାରେ କର୍ଲାମୁଣ୍ଡା ଲକ୍ଷ୍ମୀନାରାୟଣ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଚାଲିଥିବା ୧୪ତମ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଏନ.କେ. ଗ୍ରୁପ କଳାହାଣ୍ଡି ଓ ଷ୍ଟାର ଇଲେଭେନ ରେଗେଡା ମଧ୍ୟରେ ହୋଇଥିଲା। ପ୍ରଥମେ ଟସ୍ ଜିଣି ଏନ.କେ. ଗ୍ରୁପ ନିର୍ଦ୍ଧାରିତ ୧୫ ଓଭରରେ ୯୭ ରନ ସଂଗ୍ରହ କରି ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଇଲେଭେନଷ୍ଟାର ରେଗେଡା ୯ ଓଭରରେ ୪ ଉଇକେଟ ହରେଇ ୯୮ ରନ ସଂଗ୍ରହ କରି ବିଜୟ ହୋଇଛି। ପୁରସ୍କାର ବିତରଣୀ ସଭାରେ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ଅନୁଷ୍ଠାନ ସଭାପତି ନନ୍ଦିକିଶୋର ଭୋଇ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ମନୋଜ ପଟ୍ଟନାଏକ, ସ୍ୱତନ୍ତ୍ର ଅତିଥି କନିଷ୍ଠଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ଭୋଇ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ଦୀପା ବାଗ, ପୂର୍ବତନ ସମିତିସଭ୍ୟା ସ୍ୱର୍ଣ୍ଣଚମ୍ପା ସାହୁ, ସାମାଜିକ କର୍ମୀ ଦେବେନ୍ଦ୍ର ସାହୁ, ରାଧେଶ୍ୟାମ ବାଗ, ଗଭୀର ସୁନା ପ୍ରମୁଖ ଯୋଗଦେଇ ସୁସ୍ଥ ସମାଜ ଗଠନ ପାଇଁ ଯୁବଗୋଷ୍ଠୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ମତ ଦେଇଥିଲେ। ଆୟୋଜିତ ଅନୁଷ୍ଠାନ ପକ୍ଷରୁ ବିଜୟୀ ଦଳକୁ ଟ୍ରଫି ସହ ମେଲଛା (ଛେଳି), ଉପବିଜେତା ଦଳକୁ ଟ୍ରଫି ସହ ଗଣ୍ଡରା (ମେଣ୍ଢା) ପ୍ରଦାନ କରିଥିଲେ। ଖେଳ ପରିଚାଳନାରେ ଅନୁଷ୍ଠାନ ସମ୍ପାଦକ ବିଭୂତି ଭୂଷଣ ଭୋଇ, ସଭ୍ୟ ହିଂମାଶୁ ଭୋଇ, ବୁଲୁ ଭୋଇ, ଯୁଧିଷ୍ଠିର ଭୋଇ, ହେମନ୍ତ ପୁଟେଲ, ଶୁସାନ୍ତ ପୁଟେଲ ସହଯୋଗ କରିଥିଲେ। ଅମ୍ପାୟାର ଭାବେ ହିରାମଣୀ ଭୋଇ, ଭାରତ ଭୂଷଣ ଷଡଙ୍ଗୀ ଓ ସ୍କୋରର ଭାବେ ଅଜୀତ ବଗର୍ତ୍ତି ରହିଥିଲେ। ଗତ ୬ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟ ବଲାଙ୍ଗୀର, ବୌଦ୍ଧ ଓ କଳାହାଣ୍ଡି ଜିଲାର ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ପାଷାଣ୍ଡ, କାମାନ୍ଧ, କୃପଣ, ମୂର୍ଖ, ଦରିଦ୍ର, କଳଙ୍କିତ, ଚିରବ୍ୟାଧିଗ୍ରସ୍ତ, କ୍ରୋଧୀ, ପେଟ ବିକଳିଆ, ପାପୀମାନେ ବଞ୍ଚିଥାଇ ମଧ୍ୟ ମରିଥାନ୍ତି। - ତୁଳସୀ ଦାସ

## ସଂକ୍ଷେପରେ

### ଏସଏସଡି ହାଇସ୍କୁଲର ବାର୍ଷିକ ଉତ୍ସବ

**ପାଇକମାଲ, ୧୩।୧(ଡି.ଏନ.ଏ):** ପାଇକମାଲ ବ୍ଲକ ନୃସିଂହନାଥ ଏସଏସଡି ହାଇସ୍କୁଲର ବାର୍ଷିକ ଉତ୍ସବ ବିଦ୍ୟାଳୟ ସଭାଗୃହରେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟବକ୍ତା, ବିଇଓ ଚୂଡ଼ାମଣି ବାରିକ, ଏସଏମସି ସଭାପତି ସୁବାସ ବିଭାର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପୂର୍ବରୁ ଅନୁଷ୍ଠିତ ହୋଇଥିବା କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର କରିଥିଲେ । ଦଇତାରୀ ବିଶ୍ୱାଳ ସଭା ପରିଚାଳନା କରିଥିବା ବେଳେ ସୁରେନ୍ଦ୍ର ନାଥ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉତ୍ସବ ଭୁଏ ଓ ଯୋଗେଶ୍ୱର ଷଡ଼ଙ୍ଗୀ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରାତିରେ ରାମରାଜ୍ୟ ନାଟକ ପରିବେଷିତ ହୋଇଥିଲା । ଶୁଭାକର ମୁନା ଧନ୍ୟବାଦ ଅର୍ପଣ କରିଥିଲେ ।

### ନୈତିକ ଶିକ୍ଷାର ଆବଶ୍ୟକତା ରହିଛି

**ବିଜେପୁର, ୧୩।୧ (ଡି.ଏନ.ଏ):** ବରଗଡ ଜିଲା ବିଜେପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ମନୋଜ ବେହେରାଙ୍କ ଅଧକ୍ଷତାରେ ସାଧାରଣ ସଭା ହୋଇଥିଲା । ବିଧାୟିକା ରୀତା ସାହୁ ମୁଖ୍ୟଅତିଥି, ବିଇଓ ରାଧାକାନ୍ତ ଗଡତିଆ, ବ୍ଲକ ଅଧକ୍ଷା ମାନିନୀ ଭୋଇ ସମ୍ମାନୀତ ଅତିଥି, ଅଧାପକ ଚିନ୍ମୟ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ନୈତିକତାର ଅବକ୍ଷୟ ଯୋଗୁ ଦିନକୁ ଦିନ ଭ୍ରଷ୍ଟାଚାର ବୃଦ୍ଧି ପାଉଛି । ତେଣୁ ଚାରିତ୍ରିକ ପରିବର୍ତ୍ତନ ପାଇଁ ନୈତିକ ଶିକ୍ଷାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ୨୦୧୮ ମାଟ୍ରିକ ପରୀକ୍ଷାରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ଛାତ୍ର ଅଭିଷେକ ଖମାରୀଙ୍କୁ ଆଲୁମିନି ଆସୋସିଏଶନ ସଭାପତି ମନୋଜ କୁମାର ପଣ୍ଡା ପୁରସ୍କୃତ କରିଥିଲେ। ସଂସ୍କୃତ ଶିକ୍ଷକ ରବିଶଙ୍କର ଗୁରୁ ସଭା ସଂଯୋଜନା କରିଥିଲେ । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶଙ୍କର ପଟେଲ, ଜୟନ୍ତ ପଧାନ, ସୁବ୍ରତ ପଧାନଙ୍କ ସମେତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ । ଶିକ୍ଷକ ଯଶୋବନ୍ତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।



### କୃତୀ ଛାତ୍ରୀଛାତ୍ର ପୁରସ୍କୃତ

**ପାଇକମାଲ, ୧୩।୧(ଡି.ଏନ.ଏ):** ପାଇକମାଲ ବ୍ଲକ ସାପଲହର ଗାୟତ୍ରୀ ହାଇସ୍କୁଲର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ସରୋଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜବୋଡାସମ୍ବର ହାଇସ୍କୁଲର ପ୍ରଧାନ ଶିକ୍ଷକ ସରୋଜ କୁମାର ଭୋଇ ଯୋଗଦାନ କରିଥିଲେ। ମାଣ୍ଡୋସିଲ ଡିଗ୍ରୀ କଲେଜର ଅଧ୍ୟାପକ ସନ୍ତୋଷ ସିଂ ଠାକୁର ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଦୁଇ ଦିନ ଧରି ଚାଲିଥିବା କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଶୁକଦେବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

■ ବରଗଡ଼ ଧନୁଯାତ୍ରା ମହୋତ୍ସବ

# ଅଭିନୟ ଏକ, ରୁଚି ଜୀବିକା ଭିନ୍ନ

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ । ୧୧ଦିନ ବ୍ୟାପୀ ହେଉଥିବା ଏହି ମହୋତ୍ସବରେ କଳାକାରଙ୍କ ମହାକୁମ୍ଭ ଦେଖିବାକୁ ମିଳିଥାଏ । ଏଠାରେ ଅଛନ୍ତି ଏଭଳି କଳାକାର, ଯାହାଙ୍କ କଳନା ନାହିଁ । ମଞ୍ଚରେ ଅଭିନୟ କରୁଥିବା ଅଭିନେତାଙ୍କଠାରୁ ଆରମ୍ଭ କରି ଉଭୟ ମଥୁରା ଓ ଗୋପବାସୀ ମଧ୍ୟ ଧନୁଯାତ୍ରା ସରିବା ପର୍ଯ୍ୟନ୍ତ ଜଣେ ଲେଖାଏଁ କଳାକାର ପାଲଟି ଯାଇଥାନ୍ତି । କିନ୍ତୁ ମଞ୍ଚ କଳାକାରଙ୍କ ଅଭିନୟରେ ଭିନ୍ନତା ରହିଛି । ଦର୍ଶକଙ୍କ ସମେତ ଉଭୟ ମଥୁରା ଓ ଗୋପବାସୀଙ୍କ ସମ୍ମୁଖରେ ସେମାନେ ନିଜ ଅଭିନୟ ପରାକାଷ୍ଠା ପ୍ରତିପାଦିତ କରୁଛନ୍ତି । ଅଭିନୟ ସେମାନଙ୍କ ରୁଚି, ମାତ୍ର ଜୀବିକା ଭିନ୍ନ । ରବିବାର ଏଭଳି କେତେଜଣ କଳାକାର ଏବଂ ଦିଗ୍‌ଦର୍ଶକଙ୍କୁ ଆମେ ଭେଟିଥିଲୁ । ସେମାନଙ୍କୁ ନେଇ ଏକ ଉପସ୍ଥାପନା...



କଟକ ବଡ଼ମ୍ବାରେ ଘର । ସାଧାରଣରେ ଜଣେ ଶଙ୍ଖୁଆ ହୋଇଥିଲେ ମଧ୍ୟ ସ୍ୱଇଚ୍ଛାରେ ଗତ ୨୦୦୩ ମସିହାରୁ ବରଗଡ଼ ଧନୁଯାତ୍ରା ଦେଖିବାକୁ ଆସି ଏହି ମହୋତ୍ସବରେ ସାମିଲ ହୋଇଛି। ମହୋତ୍ସବରେ ମୁଖ୍ୟତଃ ଶଙ୍ଖ ବାଦନ କରୁଛି। ୨୦୦୯ ମସିହା ଧନୁଯାତ୍ରାବେଳେ ମୁଁ ଏଠାରେ ଥିବାବେଳେ ଗାଁରେ ବାପାଙ୍କ ଦେହାନ୍ତ ହୋଇଥିଲା । ଏକମାତ୍ର ପୁଅ ହୋଇଥିଲେ ମଧ୍ୟ ମୁଁ ବାପାଙ୍କୁ ମୁଖାଗ୍ନି ଦେଇ ପାରି ନ ଥିଲି ।**–ନରହରି ଦାଶ**



ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ଘର ଓ ସେଠାକାର ଥାନାରେ ଜଣେ ହୋମଗାର୍ଡ଼ ଭାବେ କାର୍ଯ୍ୟରତ । ଅଭିନୟ ପ୍ରତି ମୋର ରୁଚି ରହିଛି । ଆଉ ଏହି ସୁଯୋଗ ଅନ୍ୟ କେଉଁଠି ପାଇନାହିଁ । କେବଳ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଦୀର୍ଘ ୧୧ବର୍ଷ ହେଲା ଚାଣୁର ଭୂମିକାରେ ଅଭିନୟ କରି ଆସୁଛି । ଚାଣୁର ବେଶରେ ସଜ୍ଜିତ ହେବା ପରେ ନିଜକୁ ଆଉ ଜଣେ ସାଧାରଣ ମଣିଷ ବୋଲି ଭାବେ ନାହିଁ, ଆପେ ବୀରଦର୍ପ ଚାଲି ଆସେ ।**–ଶମ୍ଭୁ ଭୂଷଣ ଗୁରୁ**



ବରଗଡ଼ ବ୍ଲକ ବୁଦେଲପାଲିରେ ମୋର ଘର । ସ୍ଥାନୀୟ ଟାଉନ ଥାନାରେ ମୁଁ ଜଣେ ଗ୍ରାମରକ୍ଷୀ ଭାବେ କାର୍ଯ୍ୟ କରି ଆସୁଛି । ଦୀର୍ଘ ୯ବର୍ଷ ହେଲା ମୁଁ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ମହାକାଳ ଭୂମିକାରେ ଅଭିନୟ କରିଆସୁଛି। ଧନୁଯାତ୍ରା କମିଟି ମୋତେ ଏହି ସୁଯୋଗ ଦେଇଥିବା ଯୋଗୁ ନିଜକୁ ଧନ୍ୟ ମଣୁଛି। ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାରେ କଂସଙ୍କ ସାଙ୍ଗରେ ରହି ଆଦେଶ ପାଳନ କରିବା ନିଶ୍ଚିତ ଗର୍ବର ବିଷୟ ।**–ବିହାରୀ ମହାନନ୍ଦ**



ବରଗଡ଼ ଜିଲା ଭଟଲିରେ ମୋର ଘର । ଏକ ଘରୋଇ ହସପିଟାଲରେ ଲାବ୍ ଟେକ୍ନିସିଆନ ଭାବେ କାମ କରୁଛି । ଦୀର୍ଘ ୧୦ବର୍ଷ ହେଲା ବରଗଡ଼ ଧନୁଯାତ୍ରା ମହୋତ୍ସବରେ ମୁଷ୍ଟିକ ଭାବେ ଅଭିନୟ କରିଆସୁଛି । ଅଭିନୟ ଯେତେ ଉଚ୍ଚକୋଟୀର ହୋଇ ପାରିବ, ଗୁରୁମାନଙ୍କ ପରାମର୍ଶକ୍ରମେ ସେଥିପ୍ରତି ଧ୍ୟାନ ମଧ୍ୟ ଦେଇ ଆସୁଛି। ବରଗଡ଼ ଧନୁଯାତ୍ରା ମହୋତ୍ସବ ବ୍ୟତୀତ ମୁଁ ଭଟଲି ଚନ୍ଦନ ଯାତ୍ରାରେ ବଳରାମ ଭୂମିକାରେ ମଧ୍ୟ ଅଭିନୟ କରିଛି ।**–ମୁକେଶଚାନ୍ଦ ଆଚାର୍ଯ୍ୟ**



ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ନରିଆବାହାଲ ଗ୍ରାମର ବାସିନ୍ଦା। ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବରେ ବର୍ଷକୁ ଥରେ ୧୧ଦିନ ବ୍ୟାପୀ ଲକ୍ଷାଧିକ ଦର୍ଶକ ମହଲରେ ଅଭିନୟ କରିବାର ସୁଯୋଗ ଜୁଟୁଛି । ଦୀର୍ଘ ୪ବର୍ଷ ହେଲା ମୁଁ ଏଠାରେ ଜଣେ ପ୍ରହରୀ ଭାବେ ଅଭିନୟ କରି ଆସୁଛି । ପରିବାର ପାଇଁ ରୋଜଗାର କରି ନିଜ ପାଇଁ ଖୁସି ମିଳେ, କିନ୍ତୁ ଅଭିନୟ ମାଧ୍ୟମରେ ଦର୍ଶକଙ୍କୁ ଖୁସି କରିବାଠୁ ବଳି ଗର୍ବର ବିଷୟ ଆଉ କଣ ହୋଇପାରେ ।**–ସୁଦାମ ପୋଢ଼**



ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜର ଜଣେ ଅଧ୍ୟାପକ । ଏହାବାଦ୍ ଅଭିନୟ, ନିର୍ଦ୍ଦେଶନା ପ୍ରତି ମୋର ରୁଚି ରହିଛି । ଧନୁଯାତ୍ରା କଳାକାରଙ୍କୁ ଏଥର ଯେଭଳି ଦିଗଦର୍ଶନ ଦିଆଯାଇଛି, ତାହା ସାର୍ଥକ ହୋଇଛି ବୋଲି ମନେ ହେଉଛି । ଅନ୍ୟବର୍ଷ ଅପେକ୍ଷା ଏଥର ଅଭିନୟ ଉଚ୍ଚମାନର ହେଉଥିବା ପରିଲକ୍ଷିତ ହୋଇଛି । ପ୍ରତିଟି କ୍ଷେତ୍ରରେ ଅଭିନୟକୁ ବାସ୍ତବ ରୂପ ଦେବା ପାଇଁ ଆମେ ଚେଷ୍ଟା କରିଛୁ । **–ଅଶୋକ ବେହେରା**



ବୌଦ୍ଧ ଜିଲା ବାଉଶୁଣୀରେ ମୋର ଘର । ବାରିକ କାମ କରିବା ମୋର ଜୀବିକା । ବରଗଡ଼ ଧନୁଯାତ୍ରା ମହୋତ୍ସବରେ ସାମିଲ ହୋଇ ଜଣେ କଳାକାର ଭାବେ ଯେଉଁ ପରିଚୟ ପାଇଛି, ତାକୁ କେବେ ଭୁଲି ପାରିବି ନାହିଁ । ଗତ ୩ବର୍ଷ ହେଲା ଏଠାରେ ସୈନ୍ୟ ମହାକାଳ ଭୂମିକାରେ ଅଭିନୟ କରିଆସୁଛି । କିନ୍ତୁ ଆଗକୁ ଏଠାରେ ଅଭିନୟ କରିବାର ସଉକ ମଧ୍ୟ ରହିଛି । ଧନୁଯାତ୍ରା କମିଟି ସୁଯୋଗ ଦେଲେ ତାକୁ ହାତଛଡ଼ା କରିବି ନାହିଁ ।**–କୃଷ୍ଣଚନ୍ଦ୍ର ବାରିକ**



ଧନୁଯାତ୍ରାରେ ଗୋପପୁର ଯାତ୍ରା ଏକ ଅଭିନ୍ନ ଅଙ୍ଗ । ଏଠାରେ ନନ୍ଦରାଜା, ନନ୍ଦରାଣୀଙ୍କୁ ଛାଡ଼ିଦେଲେ ଅନ୍ୟ ପ୍ରମୁଖ ଚରିତ୍ର ଶ୍ରୀକୃଷ୍ଣ, ଶ୍ରୀରାଧା, ବଳରାମଙ୍କଠାରୁ ଆରମ୍ଭ କରି ଗୋପୀ, ଗୋପାଙ୍ଗନା ପ୍ରାୟ ସମସ୍ତେ ଶିଶୁ କଳାକାର । ମୋର ଅଜା ସ୍ୱର୍ଗତ ନୀଳମଣି ପୂଜାରୀ ଗୋପପୁର ଯାତ୍ରାର ଉଦ୍ୟୋକ୍ତା ଥିଲେ । ଏହି ଯାତ୍ରାର କଳାକାରଙ୍କୁ ଦିଗ୍‌ଦର୍ଶନ ଦେବାର ସୁଯୋଗ ମୋତେ ମିଳିଛି । ହରିବଂଶ ଅନୁସରଣ ସହିତ ସାଧୁସନ୍ଥଙ୍କୁ ଯୋଗାଯୋଗ କରି କିଛି ନୂଆ କରିବାକୁ ଉଦ୍ୟମ କରୁଛୁ ।**–ରବୀନ୍ଦ୍ର ପୂଜାରୀ**

**ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍**

# ବରପାଲି ବଣିକ ସଂଘର ବାର୍ଷିକୋତ୍ସବ




ବରପାଲି ବଣିକ ସଂଘର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବରପାଲି, ୧୩।୧ (ଡି.ଏନ.ଏ)**

ବରପାଲି ବଣିକ ସଂଘର ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଛି । ନିଜସ୍ୱ ବଣିକ ଭବନ ପରିସରରେ ଆୟୋଜିତ ଉତ୍ସବରେ ଅନୁଷ୍ଠାନ ସଭାପତି ନନ୍ଦଲାଲ ସାହୁ ଅଧକ୍ଷତା କରିଥିଲେ । ଏହି ଅବସରରେ ବରଗଡ ଏମ୍‌ପି ପ୍ରଭାସ ସିଂ ମୁଖ୍ୟଅତିଥି, ବିଜେପୁର ବିଧାୟିକା ରୀତା ସାହୁ ଓ ଜିଲା ସିଟି/ଜିଏସଟି ଅଫିସର ନିରୂପମା ସାହୁ ସମ୍ମାନୀତ ଅତିଥି ଏବଂ ମନିଷ ଅଗ୍ରୱାଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ୟବସାୟିକ ସମସ୍ୟା, ବିଭିନ୍ନ ଟ୍ୟାକ୍ସ ତଥା ଜିଏସଟି ଉପରେ ଆଲୋଚନା କରିଥିଲେ। ସଂଘର କୋଷାଧକ୍ଷ ଅଶୋକ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ସୁରେନ୍ଦ୍ର କୁମାର ହୋତା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସାମାଜିକ କର୍ମୀ ତଥା କୃତୀ କଳାକାରମାନଙ୍କୁ ମାନପତ୍ର ସହ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ସମ୍ପାଦକ ହରିଶ ଅଗ୍ରୱାଲ ସହଯୋଗ କରିଥିଲେ । ଶେଷରେ ବରିଷ୍ଠ ସଦସ୍ୟ ସନ୍ତୋଷ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ହାସ୍ୟକବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

ସ୍କୁଲ ପାଣି ଟାଙ୍କିରେ ବିଷ ପ୍ରୟୋଗ ଘଟଣା

# ଅଭିଯୋଗର ୧୧ ଦିନ ପରେ ବି ପଦକ୍ଷେପ ଶୂନ

**ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ**

**ଗଣ୍ଡତୁରୁମ, ୧୩।୧ (ଡି.ଏନ.ଏ)**

ବରଗଡ଼ ଜିଲା ଭେଡେନ ଥାନା ରୁଷୁଡା ଫାଣ୍ଡି ଅନ୍ତର୍ଗତ ଗୁନିଆଁପାଲି ପ୍ରାଥମିକ ବିଦ୍ୟାଳୟ ପାଣି ଟାଙ୍କିରେ କେହି ଦୁର୍ବୃତ୍ତ ବିଷ ପ୍ରୟୋଗ କରିଥିଲେ । ଏ ନେଇ ସ୍କୁଲର ପ୍ରଧାନଶିକ୍ଷକ, ପରିଚାଳନା କମିଟି ଏବଂ ଅଭିଭାବକ ଥାନା ଓ ଫାଣ୍ଡିରେ ଅଭିଯୋଗ କରିବାର ୧୧ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ବରଂ ଘଟଣାକୁ ଚପାଇଦେବା ଉଦ୍ୟମ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ଗତ ଡିସେମ୍ବର ୨୩ରୁ ଜାନୁୟାରୀ ୨ ତାରିଖ ପର୍ଯ୍ୟନ୍ତ ସ୍କୁଲ ଛୁଟି ଥିଲା । ସ୍କୁଲ ଖୋଲିବା ପର ଦିନ ପ୍ରଧାନଶିକ୍ଷକ ବିପିନ ଦେହୁରୀ ମୋଟର ପମ୍ପ ଚାଲୁ କରିବା ସହିତ ଜଣେ ଛାତ୍ରଙ୍କୁ ବୋତଲରେ ପାଣି ଭର୍ତ୍ତି କରିବା ପାଇଁ କହିଥିଲେ। ମାତ୍ର ପାଣି ଧଳା ରଙ୍ଗ ଦେଖାଯିବା ସହିତ ଫେଣ ହୋଇଯାଇଥିଲା ଏବଂ କୀଟନାଶକର ଗନ୍ଧ ହୋଇଥିଲା । ସେ ତୁରନ୍ତ ସ୍କୁଲ ପରିଚାଳନା କମିଟି ଏବଂ ଗ୍ରାମବାସୀଙ୍କୁ ଡକାଇ ଘଟଣା ବିଷୟରେ କହିବା ସହିତ ପାଣିର ନମୂନା ସଂଗ୍ରହ କରିଥିଲେ। ଏପରିକି ସ୍କୁଲ ପରିଚାଳନା କମିଟି ତରଫରୁ ସିଆରସିସି, ଜିଇଓ, ଏବିଇଓଙ୍କୁ ପତ୍ର ମାଧ୍ୟମରେ ଜଣାଇବା ସହିତ ରୁଷୁଡା ଫାଣ୍ଡି ଓ ଭେଡେନ ଥାନାରେ ଅଭିଯୋଗ ହୋଇଥିଲା । ଖବର ପାଇ ଶିକ୍ଷା ବିଭାଗ ଅଧିକାରୀଙ୍କ ସମେତ ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ସରଜମିନ ତଦନ୍ତ କରିଥିଲେ । ତେବେ ଅଭିଯୋଗର ୧୧ ଦିନ ବିତିଯାଇଥିଲେ ମଧ୍ୟ ତଦନ୍ତର ଅଗ୍ରଗତି ହୋଇନାହିଁ । ଫଳରେ ଗ୍ରାମରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏ ସମ୍ପର୍କରେ ଭେଡେନ ଆଇଆଇସି ତାରା ଜସ୍ମିନ ଗୁଡିଆଙ୍କୁ ପଚାରିବାରୁ ଗ୍ରାମବାସୀ ଏବଂ ସ୍କୁଲ ପରିଚାଳନା କମିଟି ପକ୍ଷରୁ ପୂର୍ବରୁ ଦିଆଯାଇଥିବା ଅଭିଯୋଗ ଅନୁସାରେ ଆମେ ତଦନ୍ତ ଜାରି ରଖିଛୁ ବୋଲି କହିଥିଲେ ।

**ଗୁନିଆଁପାଲି ସ୍କୁଲ**
- ପାଣିଟାଙ୍କିରେ ଦୁର୍ବୃତ୍ତ କରିଥିଲେ ବିଷ ପ୍ରୟୋଗ
- ଘଟଣା ଚପାଇ ଦେବାକୁ ଉଦ୍ୟମ

# ଫୁଟବଲ: ଖରମୁଣ୍ଡା ଚାମ୍ପିୟନ

**ଗଣ୍ଡତୁରୁମ, ୧୩।୧ (ଡି.ଏନ.ଏ)**

ଭେଡେନ ବ୍ଲକ ମାନପୁର ପଞ୍ଚାୟତ ଅନ୍ତର୍ଗତ ମହୁଲେ କାଲେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଶନିବାର ସୁନୀଲ ହୋତା ସ୍ମାରକୀ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବିଜେପୁର ଖରମୁଣ୍ଡା ଦଳ ଚାମ୍ପିୟନ ହୋଇଛି । ସେମି ଫାଇନାଲ ମ୍ୟାଚ୍‌ରେ ଗଣ୍ଡତୁରୁମ ଜୟଭାରତ ସ୍ପୋର୍ଟିଂକୁ ହରାଇ ସମ୍ବଲପୁର ସ୍ପୋର୍ଟିଂ ଏବଂ ସମ୍ବଲପୁର ଏକାଦଶକୁ ପରାସ୍ତ କରି ଖରମୁଣ୍ଡା ଦଳ ଫାଇନାଲକୁ ପ୍ରବେଶ କରିଥିଲା । ଖରମୁଣ୍ଡା ଏବଂ ସମ୍ବଲପୁର ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ନିର୍ଦ୍ଧାରିତ ସମୟରେ ଅମୀମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ



ଅତିଥିଙ୍କ ଗହଣରେ ଖେଳାଳିମାନେ ।

୩–୨ ଗୋଲରେ ଖରମୁଣ୍ଡା ଦଳ ଚାମ୍ପିୟନ ହୋଇଥିଲା । ଜିଲା ପରିଷଦ ସଭ୍ୟ ସୁବାଷ ହୋତା, ସାମାଜିକ କର୍ମୀ ଚୈତନ୍ୟ ସାହୁ, ଗଣେଷ କର୍ଣ୍ଣ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସେହିପରି ଉଦ୍‌ଯାପନୀ ଉତ୍ସବରେ ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ଦୁଃଖନାଶନ ପଟ୍ଟନାୟକ ମୁଖ୍ୟଅତିଥି, ସରପଞ୍ଚ ସୁରୁବାବୁ ମାଝୀ, ରବି ପାଣିଗ୍ରାହୀ, ଶିକ୍ଷାବିତ୍ ରାଧାକାନ୍ତ ବାବୁ, ଗୌରଚନ୍ଦ୍ର ପାଣିଗ୍ରାହୀ, ଯୁବ ସଙ୍ଗଠକ ରୁବୁଲ ହୋତା ଏବଂ ଭାଗିରଥି ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ ।

# କ୍ରିକେଟ: ଡୁମାଲପାଲି ଏକାଦଶ ଚାମ୍ପିୟନ

**ଭଟଲି, ୧୩।୧(ଡି.ଏନ୍.ଏ.)**

ଭଟଲି ବ୍ଲକ ଅନ୍ତର୍ଗତ ସୁକୁଡ଼ା ଖେଳ ପଡ଼ିଆରେ ଚାଲିଥିବା ୨୩ତମ ଚ୍ୟାଲେଞ୍ଜ କପ୍ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି । ଡୁମାଲପାଲି ଏକାଦଶ ଏବଂ ଅନ୍ତରାଡ଼ି ଏକାଦଶ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଡୁମାଲପାଲି ଏକାଦଶ ୧୬ ରନ୍‌ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ଏହି ମ୍ୟାଚରେ ଡୁମାଲପାଲି ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ଉଇକେଟ ହରାଇ ୮୮ ରନ୍ ସଂଗ୍ରହ କରିଥିଲା। ଅନ୍ତରାଡ଼ି ଦଳ ନିର୍ଦ୍ଧାରିତ ଓଭରରେ ୭ଟି ଉଇକେଟ ହରାଇ ମାତ୍ର ୭୩ ରନ୍ କରିପାରିଥିଲା । ରାଜୀବ ଭୁଏ, ଜୀବର୍ଦ୍ଧନ ଲୁହା, ଉମେଶ ବଢ଼େଇ ଏବଂ ପ୍ରଶାନ୍ତ ନାଏକ ଖେଳ ପରିଚାଳନା କରିଥିଲେ ।

# ସହଜ ରାଜଯୋଗ ଶିବିର

**ଅମ୍ବାଭୋନା, ୧୩।୧ (ଡି.ଏନ.ଏ)**

**ଅମ୍ବାଭୋନା ବ୍ଲକ**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକର ଚିଚୋଲିଠାରେ ରବିବାର ବାଳସଙ୍ଘ ମଣ୍ଡଳୀ ଦ୍ୱାରା ଆୟୋଜିତ ସହଜ ରାଜଯୋଗ ଶିବିର ଆରମ୍ଭ ହୋଇଛି। ଏହି ଶିବିରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଯଶୋଦା, ଜ୍ୟୋତ୍ସ୍ନା, ଶକୁନ୍ତଳା ପ୍ରମୁଖ ଭଉଣୀମାନେ ବକ୍ତା ଭାବେ ଯୋଗଦେଇ ଆଧ୍ୟାତ୍ମିକ ଚେତନାରେ ଲୋକମାନଙ୍କୁ ସାମିଲ କରିଥିଲେ । ଏହି ଶିବିରରେ ଡା. ଶରତ ପ୍ରଧାନ ସସ୍ତ୍ରୀକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଏହି ବ୍ଲକ ଅଧୀନ ଚିଚୋଲି ଗ୍ରାମର ଶ୍ରଦ୍ଧାଳୁ ପିତବାସ ସା ମୁଖ୍ୟ କର୍ତ୍ତା ଭାବେ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଭୁକ୍ତା ମହାତ୍ମାଗାନ୍ଧୀ ମହାବିଦ୍ୟାଳୟର ଅଧକ୍ଷ ଧ୍ରୁବଚରଣ ସା, ଅଧାପିକା ଦମୟନ୍ତୀ ହୋତା, ଡା. ହିତାଂକ୍ଷୀ ପ୍ରଧାନ, ସହକାରୀ ଶିକ୍ଷକ ଦୁର୍ଯ୍ୟୋଧନ କାଲୋ, ଅବସରପ୍ରାପ୍ତ ଶିକ୍ଷକ କ୍ଷିତେଶ୍ୱର ଭୋଇ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ମଞ୍ଚାସୀନ ରହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ। ଏହି ଶିବିର ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବାଳସଙ୍ଘ ମଣ୍ଡଳୀ ପକ୍ଷରୁ କୁହାଯାଇଛି ।

# ଫାଇନାଲରେ ୟୁଥ କ୍ରିକେଟ କ୍ଲବ

**ପଦ୍ମପୁର, ୧୩।୧ (ଡି.ଏନ.ଏ)**

**ବୋରାସମ୍ବର କ୍ରିକେଟ**

ବରଗଡ଼ ଜିଲା ପଦ୍ମପୁର ବୋରାସମ୍ବର ସ୍ପୋର୍ଟିଂ ପକ୍ଷରୁ ଚାଲିଥିବା ୨୫ତମ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରବିବାର ସେମିଫାଇନାଲ ମ୍ୟାଚରେ ରାଉରକେଲା ୟୁଥ କ୍ରିକେଟ କ୍ଲବ ସେଲ ରାଞ୍ଚିକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି। ୩୫ ଓଭର ବିଶିଷ୍ଟ ଏହି ସେମିଫାଇନାଲ ମ୍ୟାଚରେ ୟୁଥ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରିଥିଲା । ଅଧିନାୟକ ଅଶୋକ ବାରିକଙ୍କ ୬୨ (୫୫), ରବି ନାୟକ ୨୬ ଏବଂ ଅଂଶୁମାନ ଗୋପଙ୍କ ୨୬ ରନ ସହାୟତାରେ ୟୁଥ କ୍ଲବ ଦଳ ୩୫ ଓଭରରେ ୮ ଉଇକେଟ ହରାଇ ୨୦୨ ରନ ସଂଗ୍ରହ କରିଥିଲା। ସେଲ ରାଞ୍ଚି ଦଳ ପକ୍ଷରୁ ନିରଞ୍ଜନ ସିଂ ଓ ବିନୟ ସିଂ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ । ୨୦୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ସେଲ ଦଳ ୨୭ ଓଭରରେ ୧୫୧ ରନ କରି ସମସ୍ତ ଉଇକେଟ ହରାଇ ୫୧ ରନରେ ପରାସ୍ତ ହୋଇଥିଲା ।




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

ସେଲ ଦଳ ପକ୍ଷରୁ ସନ୍ତୋଷ କୁମାର ୨୯ ଏବଂ ରବି ସିଂ ୨୧ ରନ ସଂଗ୍ରହ କରିଥିଲେ। ୟୁଥ କ୍ରିକେଟ ଦଳ ପକ୍ଷରୁ ରାଜୀବ ନାୟକ ୩୬ ରନ ଦେଇ ୪ଟି ଏବଂ ପପୁ ରାୟ ୨୪ ରନ୍ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅଞ୍ଚଳ କଲେଜ ଅଧକ୍ଷ ଲଳିତେନ୍ଦୁ ନାୟକ ଯୋଗଦେଇ ବିଜୟୀ ଦଳର ରାଜୀବ ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ । ଅମ୍ପାୟାର ଶୁଶାନ୍ତ ପାଣିଗ୍ରାହୀ ଓ ମହେଶ ମୁନସୀ ମ୍ୟାଚ୍ ପରିଚାଳନା, ଦେବାଶିଷ ଚକ୍ରବର୍ତ୍ତି ଧାରା ବିବରଣୀ ଏବଂ ଆକାଶ କୁମାର ଦାଶ ସ୍କୋରର ଥିଲେ । ସୋମବାର ମହତାବ ସମ୍ବଲପୁର ଏବଂ ପାୟୋନିୟର ପୁରୀ ଦଳ ମଧ୍ୟରେ ପ୍ରଥମ ମ୍ୟାଚ୍ ଏବଂ ଗ୍ରୀନ ଏକାଡେମୀ ଭୁବନେଶ୍ୱର ଏବଂ ସ୍ପୋର୍ଟ୍ସ ଆସୋସିଏଶନ ରାଉରକେଲା ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି ।

# ଗୌଡ଼ଗାଁ କଲେଜରେ ଟ୍ରାଫିକ ସଚେତନତା

**ଭଟଲି, ୧୩।୧(ଡି.ଏନ୍.ଏ.)**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଗୌଡ଼ଗାଁ ପଞ୍ଚାୟତ ଜୁନିୟର ମହାବିଦ୍ୟାଳୟ ପରିସରରେ ରବିବାର ଏକ ଦିବସୀୟ ଟ୍ରାଫିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ସୁରେଶ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ମୁଖ୍ୟଅତିଥି, ଅଧ୍ୟାପକ ଲୋକେଶ୍ୱର ସା ଏବଂ ଦିବ୍ୟକିଶୋର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଟ୍ରାଫିକ ସଚେତନତା ଉପରେ ମାର୍ଗଦର୍ଶନ କରିଥିଲେ । ରାସ୍ତାରେ ଯିବାବେଳେ କିଭଳି ଟ୍ରାଫିକ୍ ନିୟମ ମାନିବାକୁ ପଡିବ ସେ ନେଇ ଅତିଥିମାନେ ବକ୍ତବ୍ୟ ଦେଇଥିଲେ । ପରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ସଙ୍ଗୀତା ମହାନନ୍ଦ ପ୍ରଥମ, ଦେବଜାନୀ ଥପା ଦ୍ୱିତୀୟ, ଜ୍ୟୋତିରଞ୍ଜନ ବାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ରୋଜିସ୍ମା ପ୍ରିୟଦର୍ଶିନୀ ବିଭାରଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା ।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।

- କାର୍ଲାଇଲ



## ସଂକ୍ଷେପରେ

### ଆଭାସ ମହୋତ୍ସବ ଉଦ୍‌ଯାପିତ
## ଲୋକନୃତ୍ୟର ମଜା ନେଲେ ଦର୍ଶକ

**ମନମୁଣ୍ଡା, ୧୩।୧ (ଡି.ଏନ.ଏ)-** ବୌଦ୍ଧ ଜିଲା ଶିମିଳିପଦର-ପତ୍ରାପାଲିଠାରେ ଅନୁଷ୍ଠିତ ଆଭାସ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବରିଷ୍ଠ ଭାଜପା ନେତା କହ୍ନେଇ ଚରଣ ଡାଙ୍ଗ ମୁଖ୍ୟଅତିଥି, ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଶାନ୍ତ ସାହୁ, ଶିବଶଙ୍କର ପ୍ରଧାନ, ସୁରୁବାବୁ ଦୀପ, ଦଫେ ବାଘ, ଅର୍ଜୁନ ମେହେର ସମ୍ମାନୀତ ଅତିଥି ଏବଂ ନିହାଲ ସିଂ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅପରାହ୍ନ ସମୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଦଣ୍ଡ, ଦାସକାଠିଆ, ପାଲା, ଘୁବକୁଡୁ, ଶବର ଶବରୀ, ସମ୍ବଲପୁରୀ, କରମା, ଆଦିବାସୀ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା। ଏଥିରେ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ । ଦଣ୍ଡରତ୍ନ ବିପିନ ଜାଲଙ୍କ ଏକ ଭିନ୍ନ ଶୈଳୀ ଦଣ୍ଡନୃତ୍ୟ ଦର୍ଶକଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଭୁଖା ସିନେମାର କଣ୍ଠଶିଳ୍ପୀ ନୁର ବେଗମ୍, ସ୍ୱନାମଧନ୍ୟ ତୁଲିଆ ଲାଇବାନ୍ ଓରଫ୍ କୁକୁରାଡାକୁ ଡୁଗୁରିଆଙ୍କୁ ସମ୍ମାନୀତ କରାଯାଇଥିଲା। ଅନୁଷ୍ଠାନର ଆବାହକ କଳାକାର କୃପାସିନ୍ଧୁ ସୁନା, ଗଣେଶ ଚନ୍ଦ୍ର ସୁନା, ବରୁଣ କୁମାର ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

### ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ
# ଖଣ୍ଡହତାକୁ ଟାଇଟଲ

**ଅମରପାଲି, ୧୩।୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବିଶାଳପାଲି, ଟିଙ୍ଗିରାନାଲ ଓ ପାତ୍ରପାଲିର ମିଳିତ ଆନୁକୂଲ୍ୟରେ ଚାଲିଥିବା ୫ମ ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଗୋଘାଟକୁ ହରାଇ ପଞ୍ଚଖଣ୍ଡା କ୍ରିକେଟ କ୍ଲବ ଖଣ୍ଡହତା ଚାମ୍ପିୟନ ହୋଇଛି। ଫାଇନାଲ ଖେଳ ଟି-୧୨, ୬-୬ ଓଭର ଏବଂ ସୁପର ୨ ଓଭର ବିଶିଷ୍ଟ ଫର୍ମାଟରେ ହୋଇଥିଲା। ଖଣ୍ଡହତା ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ଖେଳାଯାଇଥିବା ଟି-୧୨ ମ୍ୟାଚରେ ନିର୍ଦ୍ଧାରିତ ୧୨ ଓଭରରେ ୮ଉଇକେଟ ହରାଇ ୧୧୦ରନ କରିଥିଲା। ଦଳର ଅଭିଲାଷ ୪୬ ରନ, ରାକେଶ କର୍ମୀ ଓ ସୁଧିର ୨୦ ରନ ଲେଖାଏଁ କରିଥିଲେ। ବିପକ୍ଷ ଗୋଘାଟର ବିଜୟାନନ୍ଦ ଭୋଇ ୨ଟି ଉଇକେଟ ନେଇଥିଲେ। ଯବାବରେ ଗୋଘାଟ ଦଳ ଆବଶ୍ୟକ ୧୧୧ରନକୁ ୧୧.୨ ଓଭରରେ ୮ଉଇକେଟ ହରାଇ ସଂଗ୍ରହ କରିଥିଲା।

ଦଳର ବିଜୟାନନ୍ଦ ଭୋଇ ୮୨ ରନ କରିଥିବା ବେଳେ ବିପକ୍ଷ ଖଣ୍ଡହତାର ସୁଜିତ ୩ଟି ଉଇକେଟ ନେଇଥିଲେ। ପରେ ଖେଳାଯାଇଥିବା ୬-୬ ଓଭର ଫର୍ମାଟରେ ଖଣ୍ଡହତା ଦଳ ନିର୍ଦ୍ଧାରିତ ୬ଓଭରରେ ୨ଉଇକେଟ ହରାଇ ୮୩ରନ କରିଥିଲା। ଦଳର ରଞ୍ଜନ ବେହେରା ୫୭ ରନ କରିଥିଲେ। ଯବାବରେ ଗୋଘାଟ ଦଳ ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ହରାଇ ୩୧ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ ଜିଣିବାରୁ ସୁପର-୨ ଓଭର ଖେଳାଯାଇଥିଲା। ଗୋଘାଟ ଦଳ ୨ ଓଭରରେ ୧୦ ରନ କରିଥିବା ବେଳେ ଖଣ୍ଡତହା ଦଳ ଗୋଟିଏ ଓଭରରେ ଆବଶ୍ୟକ ୧୧ ରନ ସଂଗ୍ରହ କରିଥିଲା। ଫଳରେ ଖଣ୍ଡହତା ୨-୧ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପ୍ରାଣବନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ, ସାମାଜିକ ସଂଗଠନ ପ୍ରୟାସର ସଭାପତି ରାଧେଶ୍ୟାମ ମିଶ୍ର, ଶିକ୍ଷକ ବାଙ୍କା ବିହାରୀ ମହାକୁର ଓ ରମେଶ ପଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଗୋଘାଟ ଦଳର ବିଜୟାନନ୍ଦ ଭୋଇଙ୍କୁ ଶ୍ରେଷ୍ଠ ବ୍ୟାଟ୍ସ ମ୍ୟାନ, ଖଣ୍ଡହତା ଦଳର ସୁଜିତ ପଧାନଙ୍କୁ ଶ୍ରେଷ୍ଠ ବୋଲର୍ ଏବଂ ରଞ୍ଜନ ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ସିରିଜ ଭାବେ ପୁରସ୍କୃତ କରାଯିବା ସହିତ ଚାମ୍ପିାନ ଖଣ୍ଡହତା ଦଳକୁ ନଗଦ ୬ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସଅପ୍ ଗୋଘାଟ ଦଳକୁ ନଗଦ ୪ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ଖେଳକୁ ସୁରେଶ ବିଶି ଓ ବାଙ୍କାବିହାରୀ ମହାକୁର ପରିଚାଳନା କରିଥିବା ବେଳେ ସୁବାଷ ଅଦରକୁଲିଆ ସ୍କୋରିଂ ଏବଂ ପ୍ରଦୀପ ସାହୁ ଓ ପ୍ରାଣବନ୍ଧୁ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଶେଷରେ କ୍ଷୀରୋଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ପ୍ରଶାନ୍ତ ସାହୁ, ବବୁଲ ପଧାନ, ରଞ୍ଜିତ ପଧାନ, ରାକେଶ, ଲଳିତ ସାହୁ, ପ୍ରହଲ୍ଲାଦ ପଧାନ, ଯୁଧିଷ୍ଠିର ସାହୁ ପ୍ରମୁଖ ସହଯୋଗ କରିଥିଲେ।


ଅତିଥିଙ୍କ ସହିତ ଚାମ୍ପିୟନ ଖଣ୍ଡହତା ଦଳର ଖେଳାଳିମାନେ।

## ଯୁବ ସମାଜ ପାଇଁ ଗାନ୍ଧୀ ମୂଲ୍ୟବୋଧ ସର୍ବଦା ଅନୁକରଣୀୟ

**ବୀରମହାରାଜପୁର, ୧୩।୧(ଡି.ଏନ.ଏ.)**

ଗାନ୍ଧୀଜୀଙ୍କ ବିଚାର, ଆଦର୍ଶ, କର୍ମନିଷ୍ଠତା, ସମୟାନୁବର୍ତ୍ତିତା ଏବଂ ସତ୍ୟକୁ ଆଧାର କରି ଜୀବନଶୈଳୀ ଗଢ଼ିବାକୁ ଛାତ୍ରୀଛାତ୍ରମାନେ ବ୍ରତୀ ହୁଅନ୍ତୁ। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସମ୍ପାଦକ ତଥା ବିଶିଷ୍ଟ ଗାନ୍ଧୀବାଦୀ କର୍ମୀ ନାରାୟଣ ଦାସ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା କଲେଜରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଛନ୍ତି । ପରବର୍ତ୍ତୀ ସୁବଳୟା ଏବଂ ବିଶ୍ୱ ଯୁବକେନ୍ଦ୍ରର ମିଳିତ ସହଯୋଗରେ ବିଶ୍ୱ ଯୁବ ଦିବସ ଉପଲକ୍ଷେ ଶନିବାର ଆୟୋଜିତ ଆଲୋଚନାଚକ୍ରରେ ଶୀର୍ଷକ ଥିଲା ଗାନ୍ଧୀ ମୂଲ୍ୟବୋଧ ଓ ଯୁବ ସମାଜ। ଏଥିରେ କଲେଜ ଅଧ୍ୟକ୍ଷ ଭୋଳାନାଥ କର୍ମୀ ଅଧ୍ୟକ୍ଷତା କରିଥିବା ବେଳେ ବିଶ୍ୱ ଯୁବକେନ୍ଦ୍ର, ଅନୁଗୋଳର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଉତ୍ତମ ବିଦ୍ୟାର୍ଥୀର ଗୁଣ, ସ୍ୱଭାବ ଓ କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରି ଯୁବ ସମାଜ ପାଇଁ ଗାନ୍ଧୀ ମୂଲ୍ୟବୋଧ ସର୍ବଦା ଅନୁକରଣୀୟ ବୋଲି ମତବ୍ୟକ୍ତ କରିଥିଲେ । ଉକ୍ତ ଆଲୋଚନାଚକ୍ରରେ ପରିବର୍ତ୍ତନ ସୁବଳୟାର ସଭାପତି ଆଡଭୋକେଟ ନନ୍ଦକିଶୋର ମିଶ୍ର, ଉପସଭାପତି ଶେଷଦେବ ବାରିକ, ସମ୍ପାଦକ କୈଳାଶ ଚନ୍ଦ୍ର ଅଗ୍ରୱାଲ ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଅଧାପକ ଡ. ମୀନକେତନ ଛୁରିଆ, ଗିରିଧାରୀ ମିଶ୍ର, ଶିବଶଙ୍କର ମହାନନ୍ଦ ଓ ଦେବାଶିଷ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧାପକ ରମାକାନ୍ତ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ପରିବର୍ତ୍ତନର ସଭ୍ୟା ବର୍ଷାରାଣୀ ଅଗ୍ରୱାଲ ଓ ସଦସ୍ୟ ବିକାଶ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

# ଜଣେ ମୃତ, ଜାତୀୟ ରାଜପଥ ଅବରୋଧ

**ବୌଦ୍ଧ,୧୩।୧ (ସ୍ୱ.ପ୍ର)**

**ହରଭଙ୍ଗା ବ୍ଲକରେ ୩ ଦୁର୍ଘଟଣା**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ରବିବାର ପୃଥକ ୩ଟି ରାସ୍ତା ଦୁର୍ଘଟଣା ଘଟିବା ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଚାରିଛକ ବଜାରରେ ରବିବାର ସକାଳ ୯ଟା ସମୟରେ ବୌଦ୍ଧରୁ ଭୁବନେଶ୍ୱର ଯାଉଥିବା ବୋଲେରୋ (ନଂ.ଓଡି୦୨ଏଆର/୭୫୫୮) ଏକ ବାଇକ୍‌କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ପୁରୁଣାକଟକ ଥାନାର ଗୁଣ୍ଡୁରିବିଡା ଗ୍ରାମର ଗଣେଶ ନାଏକ (୧୭) । ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକ ଓ ପରିବାର ପକ୍ଷରୁ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା । ୪ ଘଣ୍ଟା ପରେ ରେଡକ୍ରସ ୧୦ ହଜାର ଟଙ୍କା ଓ ଗାଡି ମାଲିକ ୧୫ ହଜାର ଟଙ୍କା ମୃତକଙ୍କ ପରିବାରକୁ ଦେବା ପରେ ରାସ୍ତାରୋକୋ ହଟିଥିଲା । ପୁରୁଣାକଟକ ପୋଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ଅପରାହ୍ନ ୪ଟା ସମୟରେ ବୌଦ୍ଧ ଜିଲା ସଦର ଥାନା ଅନ୍ତର୍ଗତ ଲାଣ୍ଡିବନ୍ଧ ଗ୍ରାମରେ ଏନ୍‌ଏଚ୍-୫୭ କଡରେ ଥିବା ଘର ମଧ୍ୟକୁ ଏକ ଟ୍ରାକ୍ଟର ପଶିଯିବାରୁ ଘରେ ଥିବା ଦୁଇଜଣ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ବୌଦ୍ଧ ଡାକ୍ତରଖାନା ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଆହତ ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ଦାବି କରି ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଅନ୍ୟ ଏକ ଘଟଣାରେ ହରଭଙ୍ଗା ବ୍ଲକ ମାଧପୁର ନିକଟସ୍ଥ ଯୋଗୀପଥର ଠାରେ ଭୁବନେଶ୍ୱରରୁ ଫୁଲବାଣୀ ବାଇକ୍ ଯୋଗେ ଯାଉଥିବା ବେଳେ ଏକ ଅଜଣା ଗାଡି ଧକ୍କାରେ ପିଣ୍ଟୁ ପାତ୍ର ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ପୁରୁଣାକଟକ ମେଡିକାଲରେ ଚିକିତ୍ସା କରାଯାଉଛି ।


ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରାଯାଇଛି ।

# ୧୭ରୁ ସୁବର୍ଣ୍ଣପୁରରେ ଇଙ୍କ୍‌ଫେଷ୍ଟ
### ବହି ବଜାର ସହିତ ପ୍ରତି ସନ୍ଧ୍ୟାରେ ବୌଦ୍ଧିକ ଓ ସାରସ୍ୱତ ଉତ୍ସବ

**ସୋନପୁର,୧୩।୧ (ନି.ପ୍ର.)**

ସୁବର୍ଣ୍ଣପୁରର ରୟାଲ ପଡ଼ିଆରେ ଜାନୁୟାରୀ ୧୭ତାରିଖରୁ ୨୪ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟ-୨୦୧୯ । ୮ ଦିନ ବ୍ୟାପି ବାର୍ଷିକ ପୁସ୍ତକ ମେଳା ସାଙ୍ଗକୁ ସାରସ୍ୱତ ଉତ୍ସବ ଅନୁଷ୍ଠିତ ହେବ । ଏହି ଉତ୍ସବର ତୃତୀୟ ସଂସ୍କରଣରେ ୬୦ରୁ ଉର୍ଦ୍ଧ୍ୱ ଷ୍ଟଲରେ ରାଜ୍ୟର ପ୍ରମୁଖ ପୁସ୍ତକ ପ୍ରକାଶନ ସଂସ୍ଥା ସହ କେନ୍ଦ୍ର ସାହିତ୍ୟ ଏକାଡେମୀ କଲିକତା, ଦିଲ୍ଲୀ, ଗ୍ୱାଲିଅର ଓ ଲକ୍ଷ୍ନୌ ପ୍ରଭୃତି ସ୍ଥାନର ଅନେକ ନାମୀଦାମୀ ପ୍ରକାଶନ ସଂସ୍ଥା ଓ ବହି ବିକ୍ରେତା ଯୋଗ ଦେଉଥିବାର ସମ୍ପ୍ରତି ଜଣାଇଛନ୍ତି। ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସନ୍ଧ୍ୟା ବ୍ୟତିତ ୬ ଦିନ ଧରି ସାହିତ୍ୟ, ସଂସ୍କୃତି, ବୌଦ୍ଧିକ, ସାରସ୍ୱତ, ଅଧୂନାତନ ଆହ୍ୱାନ, ସାମାଜିକ ସମସ୍ୟା ଏବଂ କୃଷିକୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରହିଛି । ଭିନ୍ନ ଭିନ୍ନ ପ୍ରସଙ୍ଗରେ ରାଜ୍ୟ ଓ ଜାତୀୟସ୍ତରର ବୁଦ୍ଧିଜୀବୀ, ଗବେଷକ ତଥା ବିଶିଷ୍ଟ ବ୍ୟକ୍ତିମାନେ ଏସବୁ ଆଲୋଚନାରେ ଅଂଶଗ୍ରହଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ପର୍ଯ୍ୟାୟକ୍ରମେ ସ୍ଥାନୀୟ ଆବଶ୍ୟକତା ପାଇଁ ମାନବ ସମ୍ବଳ ବନାମ ଦାଦନ ସମସ୍ୟା, ସଙ୍ଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଦଳମାନଙ୍କର କ୍ରମ ବର୍ଦ୍ଧିଷ୍ଣୁ ଗୁରୁତ୍ୱ, କୃଷି ଉତ୍ପାଦନ ଓ ସ୍ୱାସ୍ଥ୍ୟ ସଙ୍କଟ, ସୁବର୍ଣ୍ଣପୁରର ପର୍ଯ୍ୟଟନ-ସୁଯୋଗ ଓ ସମ୍ଭାବନା ଶିର୍ଷକ ପ୍ରସଙ୍ଗକୁ ନେଇ ଆଲୋଚନାଚକ୍ର ଆୟୋଜିତ ହେବ । ସେହିପରି ବୌଦ୍ଧିକ ବିକାଶ ଲକ୍ଷ୍ୟରେ କବିତା ପାଠୋତ୍ସବ ସ୍ୱର୍ଣ୍ଣରାଗ, ଚିତ୍ରାଙ୍କନ, ଗାନ୍ଧୀ ଦର୍ଶନ ଉପରେ ଖୋଲା ପ୍ରଶ୍ନ ମଞ୍ଚ, ନବ ପ୍ରତିଭା ପ୍ରଦର୍ଶନ, ବକ୍ତୃତା ଓ ପୁସ୍ତକ ଉନ୍ମୋଚନ ଭଳି କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି ବୋଲି ଇଙ୍କଫେଷ୍ଟର ସଭାପତି ସ୍ୱାଧୀନ ମେହେର ରବିବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି । ରୟାଲ ପଡିଆରେ ଆୟୋଜିତ ଏହି ସମ୍ମିଳନୀରେ ଇଙ୍କଫେଷ୍ଟର ସାଧାରଣ ସମ୍ପାଦକ ଅମ୍ବୁଜ ବିହାରୀ ଶତପଥୀ, ବରିଷ୍ଠ ସଭ୍ୟ ବ୍ରଜମୋହନ ଦାନୀ, ଡ. ଜ୍ୟୋତିରଞ୍ଜନ ବହିଦାର, ଡ. ଦେବାଶିଷ ପାଣ୍ଡିଆ, ଗତିକୃଷ୍ଣ ମିଶ୍ର, ପ୍ରଦୀପ ପୁରୋହିତ, ଗୋବିନ୍ଦ ମହାରଣା, ପ୍ରଭୁଦତ୍ତ ରଥ ଓ ବେଣୁଧର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

# ମାଡ଼ ମାରି ଯୁବକଙ୍କୁ ଲୁଟ୍, ଜଣେ ଗିରଫ

**ସୋନପୁର,୧୩।୧ (ନି.ପ୍ର.)**

ମାଡ ମାରି ଯୁବକଙ୍କ ଠାରୁ ଟଙ୍କା, ମନିପର୍ସ ଏବଂ ଏଟିଏମ୍ କାର୍ଡ ଲୁଟ୍ କରିବା ଅଭିଯୋଗରେ ସୋନପୁର ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି । ସେହେଲେ ସୋନପୁର ସହରର ଏମ୍‌ଏଲ୍‌ଏ ପଡାର ଜୁଲୁ ସୁନା(୩୬) । ଜୁଲୁଙ୍କଠାରୁ ଲୁଟ୍ ହୋଇଥିବା ୧୮୦୦ ଟଙ୍କା, ପନିପର୍ସ ଏବଂ ଏଟିଏମ କାର୍ଡ ଉଦ୍ଧାର ହୋଇଛି । ତାଙ୍କ ସହଯୋଗୀ ଫେରାର ହୋଇଯାଇଛନ୍ତି । ଜୁଲୁଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି । ଅଭିଯୋଗ ଅନୁଯାୟୀ ଗତ ୯ ତାରିଖ ସନ୍ଧ୍ୟାରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ବାଞ୍ଜିମୁଣ୍ଡାର ମଧୁସୂଦନ ସିଂ(୨୬) ସୋନପୁର ଗାନ୍ଧୀ ପଡିଆକୁ ଲୋକ ମହୋତ୍ସବ ଦେଖିବାକୁ ଆସିଥିଲେ। ଘରକୁ ଫେରିବା ବେଳେ ରାତି ସାଢେ ୮ଟାରେ ନଳିନି ଛକ ରାସ୍ତା ପାର୍ଶ୍ୱରେ ବାଇକ୍ ରଖି ମଧୁସୂଦନ ପରିସ୍ରା କରୁଥିଲେ। ସେତିକିବେଳେ ଜୁଲୁ ଓ ତାଙ୍କ ସହଯୋଗୀ ଏକ ସ୍କୁଟିରେ ଆସି ମଧୁସୂଦନଙ୍କୁ ଲୁହା ରଡରେ ମାଡ ମାରିଥିଲେ। ପରେ ପକେଟ୍‌ରୁ ମନିପର୍ସ ଲୁଟି ନେଇଥିଲେ । ମନିପର୍ସରେ ୫ହଜାର ୩୦୦ଟଙ୍କା ଓ ଏଟିଏମ୍ କାର୍ଡ ଥିବା ଅଭିଯୋଗ ହୋଇଥିଲା । ଅନ୍ୟପକ୍ଷେ ଅଭିଯୁକ୍ତଙ୍କୁ ମଧୁସୂଦନ ଚିହ୍ନିବା ପାଇଁ ଟିଆଇ ପ୍ୟାରେଡ କରାଯିବ ବୋଲି ଥାନା ଅଧିକାରୀ ଚନ୍ଦ୍ରମୋହନ ସିଂ ସୂଚନା ଦେଇଛନ୍ତି।

# ଗୌଁଡ ସାଂସ୍କୃତିକ ସମାଜ ପକ୍ଷରୁ ବନ୍ଧୁମିଳନ

**ସୋନପୁର,୧୩।୧ (ନି.ପ୍ର.)**

ଗୌଁଡ ସାଂସ୍କୃତିକ ସମାଜ ସୁବର୍ଣ୍ଣପୁର ଶାଖା ପକ୍ଷରୁ ଏକ ବନ୍ଧୁମିଳନ ଉତ୍ସବ ସହରର ପଟାଭାଡିସ୍ଥିତ ମେଗା ନର୍ସରୀରେ ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଗୌଁଡ ସମାଜର ଇଷ୍ଟ ଦେବତା ବୁଢାଦେଓଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ପରେ ସମାଜର ବରିଷ୍ଠ ସଭ୍ୟ ବିଶ୍ୱାମିତ୍ର ପଧାନଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ରାମପ୍ରସାଦ ମାଝି, ଲକ୍ଷ୍ମୀଧର ମାଝି, ଅଶ୍ୱିନ କୁମାର ଭୋଇ, ମଙ୍ଗୁଲୁ ଭୋଇ, ପ୍ରାଣବନ୍ଧୁ ନାଏକ, ସୁଶିଲ କୁଅଁର, ତ୍ରିନାଥ ଭୋଇ, ଦେବଜ୍ୟୋତି ନାଏକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏଥିରେ ଗୌଁଡ ସମାଜର କିଭଳି ଉନ୍ନତି ହେବ, ସମାଜ ମଧ୍ୟରେ ଲାଗି ରହିଥିବା କୁସଂସ୍କାର, ଶିକ୍ଷା, ମାଦକ ଦ୍ରବ୍ୟର ବ୍ୟବହାର, ନାରୀ ଶିକ୍ଷାର ଉନ୍ନତି ଉପରେ ବିଷଦ ଆଲୋଚନା ହୋଇଥିଲା । ସଭାକୁ ସଂଯୋଜନା କରିଥିଲେ ଲବ କୁମାର ଭୋଇ ଓ ଯୁଧିଷ୍ଠିର ଧରୁଆ । ଧନ୍ୟବାଦ ପ୍ରଦାନ କରିଥିଲେ ମକୁନ୍ଦ ଧରୁଆ । ଶେଷରେ ମହିଳାମାନଙ୍କ ପାଇଁ କୁଇଜ୍, ମ୍ୟୁଜିକ୍ ଚେୟାର ଓ ଛୋଟ ପିଲାମାନଙ୍କ ପାଇଁ ମାଠିଆ ଭଙ୍ଗା, ଅନ୍ଧ ପୁଟୁଳି ଖେଳ ଆୟୋଜିତ ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ସୁବାସ ଧରୁଆ, ପଦ୍ମନାଭ ଧରୁଆ, ଅଙ୍ଗଦ ଭୋଇ, ଅଚ୍ୟୁତ ଭୋଇ, ଉତ୍ତମ ଝାଙ୍କର, ହୀରେନ୍ଦ୍ର ଧରୁଆ, ନିମାଇଁ ଚରଣ ଧରୁଆ ଓ ବିଶ୍ୱାମିତ୍ର ନାଏକ ପ୍ରମୁଖ ସହଯୋଗ କରିଥିଲେ ।

# ଦୃଢ଼ ଆତ୍ମବିଶ୍ୱାସ ସଫଳତା ଆଣିଦିଏ
### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ସୋନପୁର,୧୩।୧ (ନି.ପ୍ର.)**

ସୁବର୍ଣ୍ଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚତୁର୍ବିଂଶତମ ବାର୍ଷିକ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି । ଦୁଇଦିନ ଧରି ଏହି ଉତ୍ସବ ଆୟୋଜିତ ହୋଇଥିଲା। ରବିବାର ଏସ୍‌ପି ପ୍ରଫୁଲ୍ଲ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏସ୍‌ପି ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦୃଢ ଆତ୍ମବିଶ୍ୱାସ ହିଁ ସେମାନଙ୍କ ଜୀବନରେ ସଫଳତା ଆଣି ଦେଇଥାଏ । ତେଣୁ ଛାତ୍ରୀଛାତ୍ର ଆତ୍ମବିଶ୍ୱାସ ରଖି ଶିକ୍ଷା ଗ୍ରହଣ କଲେ ଜୀବନରେ ନିଶ୍ଚିତ ସଫଳତା ପାଇବେ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ଏସ୍‌ପି ଶିଶୁ ମନ୍ଦିରର ଶିକ୍ଷା ବ୍ୟବସ୍ଥା ଓ ସଂସ୍କାର ମୂଳକ ଶିକ୍ଷାର ପ୍ରଶଂସା କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି ସୌଦାମିନୀ ରଥ ସଭାରେ ଅଧ୍ୟକ୍ଷତା କରିଥିଲେ । ବୀରମହାରାଜପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରାବସ୍ଥାରେ ଶୃଙ୍ଖଳା ଓ ଗୁଣାତ୍ମକ ଶିକ୍ଷା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମିଳିଥାଏ । ଦେଶର ଏହି ସର୍ବବୃହତ ଶିକ୍ଷାନୁଷ୍ଠାନ ଅଭିଭାବକ ମହଲରେ ଆଦୃତ ହୋଇ ପାରିଛି ବୋଲି ଡ. ରଥ ମତବ୍ୟକ୍ତ କରିଥିଲେ । ରଥ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ଛାତ୍ରୀଛାତ୍ରମାନଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦୟାନିଧି କରଣ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ପରିଚାଳନା ସମିତି ସମ୍ପାଦକ ନିରଞ୍ଜନ ପାଣ୍ଡିଆ ଧନ୍ୟବାଦ ପ୍ରଦାନ କରିଥିଲେ । ଛାତ୍ରୀ ଶ୍ୱେତ ପଦ୍ମା ମେହେର ସଭାକୁ ସଂଯୋଜନା କରିଥିଲେ। ସଭାପରେ ଛାତ୍ରୀଛାତ୍ର ମାନେ ବିଭିନ୍ନ ସାଂସ୍କୃତିକ କାଯ୍ୟକ୍ରମ ପରିବେଷଣ କରିଥିଲେ । ବିଦ୍ୟାଳୟର ଗୁରୁମା ପୁଷ୍ପାଞ୍ଜଳି ପଣ୍ଡା, ଶ୍ରାବଣୀ କର, ଅନ୍ନପୂର୍ଣ୍ଣା ତ୍ରିପାଠୀ, ଜୟନ୍ତୀ ପଣ୍ଡା, ଅନୁସୟା ମିଶ୍ର, ଝରଣା ଥନାପତି, ରୀତା ପଧାନ, ସୌଭାଗ୍ୟ ମଞ୍ଜରୀ ମହାରଣା, ରୁବି ମିଶ୍ର, ରବି ମହାରଣା, ନାରାୟଣ ନାଏକ, ହଳଧର ସାହୁ, ମନ୍ମଥ ପଧାନ, ଦେବାଶିଷ ଚାନ୍ଦ, ତ୍ରିଲୋଚନ ହୋତା, ଅନ୍ତଯରୟାମୀ ପଣ୍ଡା ଓ ଜୟନାରାୟଣ ବେଜ୍ ପ୍ରମୁଖ ସହଯୋଗ କରିଥିଲେ ।


ଏସ୍‌ପି ଦେବୀପ୍ରସାଦ ଦାଶ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି ।

### ଟ୍ରକଯୋଗେ ବାହାରକୁ ଗୋରୁଚାଲାଣ ଘଟଣା
# ୪ ଅଭିଯୁକ୍ତ କୋର୍ଟଚାଲାଣ : ଟ୍ରକ, ସ୍କୋର୍ପିଓ ଜବତ

**ବୀରମହାରାଜପୁର, ୧୩।୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରୁ ବାହାରକୁ ଟ୍ରକ ଯୋଗେ ଗୋଚାଲାଣ କରୁଥିବା ଅଭିଯୋଗରେ ଅଟକ ଥିବା ୪ଯୁବକଙ୍କୁ ସ୍ଥାନୀୟ ପୋଲିସ ରବିବାର ଅପରାହ୍ନରେ କୋର୍ଟଚାଲାଣ କରିଛି। ସେମାନେ ହେଲେ ଶେଖ ଇକବାଲ୍ ହୁସେନ (୩୮), ଅନୀଲ ଇକବାଲ ଖାଁ (୨୫), ଶେଖ ରିଜୱାନ (୨୭) ଓ ମନୋଜ କୁମାର ରାଉତ (୨୧)। ସମସ୍ତ ଅଭିଯୁକ୍ତଙ୍କ ଘର ଯାଜପୁର ଜିଲା ଯାଜପୁର ସଦର ଥାନା ଅଧିନ ବରୁଆନ୍ ଗ୍ରାମରେ ବୋଲି ଜଣାପଡିଛି। ଉକ୍ତ କାରବାରରେ ବ୍ୟବହୃତ ଟ୍ରକ ନଂ. ଓଆର୍ ୦୧ ଏଆର-୮୨୫୨ ଏବଂ ଏକ ସ୍କୋର୍ପିଓ ନଂ. ଓଡି ୧୧ ଡି- ୦୦୯୩କୁ ମଧ୍ୟ ଜବତ କରାଯାଇଛି । ଘଟଣା ସଂକ୍ରାନ୍ତରେ ବୀରମହାରାଜପୁର ଥାନା ପକ୍ଷରୁ ଆଇପିସିର ୩୭୯, ୪୧୧/୩୪ ଏବଂ ପ୍ରୋଟେକସନ୍ ଅଫ୍ କ୍ରୁଏଲଟି ଟୁ ଏନିମାଲ ଆକ୍ଟର ଦଫା ୧୧ (ପି) (ଡି) ଅନୁଯାୟୀ ରୁଜୁ ହୋଇଥିବା ମାମଲାରେ ତଦନ୍ତ ଜାରି ରହିଛି ବୋଲି ଥାନା ଆଇଆଇସି କୁଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ଏହି ଅଞ୍ଚଳରୁ ଦୀର୍ଘଦିନ ହେଲା ସ୍ଥାନୀୟ ଦଲାଲମାନଙ୍କ ମାର୍ଫତରେ ବାହାରକୁ ଗୋଚାଲାଣ କରାଯାଉଥିବାର ଅଭିଯୋଗ ହେଉଥିଲା। ଏହାରି ଭିତରେ କର୍ଡାପାଲ ଗୁରୁବାର ବଜାରରୁ କିଣି ଟ୍ରକ ଯୋଗେ ଚାଲାଣ ହେଉଥିବା ବେଳେ ଶୁକ୍ରବାର ରାତି ବଜରଙ୍ଗ କର୍ମୀମାନେ ମୁର୍ଷୁଣ୍ଡୀ ଗ୍ରାମଠାରେ ସ୍ଥାନୀୟ ଯୁବକମାନଙ୍କ ସହାୟତାରେ ଅଟକ ରଖିଥିଲେ । ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲେ ହିଁ ଉତ୍ତ୍ୟକ୍ତ ଲୋକେ ଟ୍ରକ ଭିତରେ ନିର୍ଦ୍ଦୟ ଭାବେ ବୋଝେଇ କରାଯାଇଥିବା ଗୋରୁଙ୍କୁ ଘଉଡାଇ ଦେଇ ସାରିଥିଲେ। ଗୋଚାଲାଣ କାରବାରରେ ନିୟୋଜିତ ଥିବା ୪ଯୁବକଙ୍କ ସହ ଏକ ସ୍କର୍ପିଓ ମଧ୍ୟ ଧରାପଡିଥିଲା । ଲୋକମାନେ ଟ୍ରକ ଓ ସ୍କର୍ପିଓକୁ ଭଙ୍ଗାରୁଜା କରିବା ସହ ଆରୋହୀମାନଙ୍କୁ ଲୁଟପାଟ କରିବା ଅଭିଯୋଗରେ ମଧ୍ୟ ଏକ ପୃଥକ ମାମଲା (ନଂ. ୯/୧୯୦ ରୁଜୁ କରିଥିବା ଜଣାପଡିଛି।


ଗିରଫ ଅଭିଯୁକ୍ତମାନେ।

**ବୀରମହାରାଜପୁର ଥାନା**
- ଉଦ୍ଧାର ହେଲେ ୧୬ ଗୋରୁ, ୫୦ରୁ ଉର୍ଦ୍ଧ୍ୱ ନିଖୋଜ
- ମାମଲାର ଅଧିକ ଅନୁସନ୍ଧାନ ଜାରି
- ହିଂସା ଆଚରଣ ଯୋଗୁ ଅଟକାଇଥିବା ବ୍ୟକ୍ତିଙ୍କ ବିରୋଧରେ ବି ମାମଲା



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ୨୯ରୁ ଟିଟିଲାଗଡ଼ ବହି ହାଟ

**ଟିଟିଲାଗଡ଼,୧୩।୧ (ଡି.ଏନ.ଏ.)-** ଜାନୁୟାରୀ ୨୯ତାରିଖରୁ ଫେବୃୟାରୀ ୫ ତାରିଖ ପର୍ଯ୍ୟନ୍ତ ଟିଟିଲାଗଡ଼ଠାରେ ବହି ହାଟ ଅନୁଷ୍ଠିତ ହେବାକୁ ସ୍ଥିରିକୃତ ହୋଇଛି। ବହି ହାଟ କମିଟି ପକ୍ଷରୁ ସଭାପତି ଅଶ୍ୱିନୀ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି ଯୁଗଲ କିଶୋର ଷଡଙ୍ଗୀ, ସମ୍ପାଦକ ଚର୍ତୁଭୁଜ ସାଆନ୍ତ, କୋଷାଧକ୍ଷ ସତ୍ୟବ୍ରତ ପଣ୍ଡା, ସଦସ୍ୟ ଡ. ବିନୋଦ ବିହାରି ଜାଲ, ବିଶ୍ରାମ ଠାକୁର, ଜଗନ୍ନାଥ ପଣ୍ଡା, ରାଜୀବ ଲୋଚନ ପାଢ଼ୀ, ରାଜୁ ମିଶ୍ର, ବନମାଲି ଦାସ, ହିମାଂଶୁ ଦାସ, ଜ୍ୟୋତିପ୍ରକାଶ ଗଡ଼ତିଆ, ନିଳମଣୀ ସାହୁ, ଦିଲୀପ ପଶାୟତ ପ୍ରମୁଖ ଉପସ୍ଥିତ ରହି ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିଛନ୍ତି। ସ୍ଥାନୀୟ ବିଆର୍‌ସି ବିଲ୍ଡିଂ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ବହି ହାଟରେ ପ୍ରତିବର୍ଷ ଭଳି ରାଜ୍ୟର ପ୍ରମୁଖ ପ୍ରକାଶନ ସଂସ୍ଥା ଯୋଗ ଦେବାକୁ ସମ୍ମତି ପ୍ରକାଶ କରିଛନ୍ତି। ପ୍ରତ୍ୟେହ ଅପରାହ୍ନ ୨ଟାରୁ ରାତ୍ରି ୮ଟା ପର୍ଯ୍ୟନ୍ତ ବହି ହାଟ ଖୋଲା ରହିବ। ପ୍ରତ୍ୟେହ ସନ୍ଧ୍ୟାରେ ଦେଶର ସାମ୍ପ୍ରତିକ ଘଟଣାବଳିକୁ ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଏହା ସହ ପ୍ରତ୍ୟହ କ୍ୱିଜ ତଥା ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

### ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣାମେଣ୍ଟ ଉଦ୍‌ଯାପିତ

# ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ

**ବେଲପଡ଼ା,୧୩।୧ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ା ଟାଉନ ଫୁଟବଲ ଆସୋସିଶନ ଆନୁକୁଲ୍ୟରେ ଗତ ୬ତାରିଖରୁ ସ୍ଥାନୀୟ ଦୀନ ରଘୁ ମେହେର ହାଇସ୍କୁଲ ଖେଳପଡିଆରେ ଚାଲିଥିବା ୪ର୍ଥ ବର୍ଷ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ବରପାଲି ଏବଂ ସ୍ପୋର୍ଟ୍ସ ହଷ୍ଟେଲ ବଲାଙ୍ଗୀର ମଧ୍ୟରେ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧର ଶେଷରେ ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ଗୋଟିଏ ଗୋଲ ଦେବାରେ ସକ୍ଷମ ହୋଇଥିଲା। ସେହିପରି ଦ୍ୱିତୀୟାର୍ଦ୍ଧରେ ପୁଣି ବଲାଙ୍ଗୀର ଦଳ ଗୋଟିଏ ଗୋଲଦେଇ ୨-୦ରେ ବିଜୟୀ ହୋଇଥିଲା।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଚେୟାରମେନ ଆସ୍ଥା ପବ୍ଲିକ ସ୍କୁଲ ତଥା ଶିଳ୍ପପତି ଶଙ୍କର ପ୍ରସାଦ ଜୈନ ଯୋଗାଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୁରନ୍ଦର ବାଗ, ଗୋକୁଳାନନ୍ଦ ଠାକୁର, ଆସ୍ଥା ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରୀ ଆଶିଷ ବାଗ, ବିଜୟ ଖମାରୀ, କିଶୋର ଧରୁଆ, ଦୋଲଗୋବିନ୍ଦ ମୁଣ୍ଡା ପରିଚାଳନା କରିଥିଲେ। ଧାରାବିବରଣୀରେ ହରିହର ସିଂ ଦାୟିତ୍ୱ ତୁଲାଇଥିଲେ। ବେଲପଡ଼ ସରପଞ୍ଚ ମହାଦେବ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଜୈନ ଚାମ୍ପିୟାନ ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ଦଳକୁ ଚାମ୍ପିୟନ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ବାଗ ଉପବିଜେତା ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଠାକୁର ବଲାଙ୍ଗୀର ଦଳର ଭଗବାନ ଚୁନିଆଁଙ୍କୁ ପ୍ଲେୟାର ଅଫ୍‌ଦ ମ୍ୟାଚ, ପ୍ଲେୟର ଅଫ ଦ ଟୁର୍ନାମେଣ୍ଟରେ ବିଜୟ ଓରାମଙ୍କୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ବଲପୁର ଦଳର ଗୋଲ କିପର ଦୀପକ ଓରାମଙ୍କୁ ବେଷ୍ଟ ଗୋଲ କିପର ଏବଂ କୁନୁ, ମନୋଜ, ମନିଶ, ମୁକେଶ, ଯଦୁଙ୍କୁ ବେଷ୍ଟ ଭୋଲନଟିଅର ଭାବେ ଘୋଷଣା କରାଯାଇ ସମ୍ମାନିତ କରାଯାଇଥିଲା। ଆୟୋଜକ କମିଟିର ବାବୁ ପଣ୍ଡା, କିଶୋର ପୁଟେଲ, ବୁବୁନୁ ପଟ୍ଟନାୟକ, ଯୁଗଳ ବିଶି, ବିଶ୍ୱଜିତ ମେହେର, କ୍ଷୀରେନ୍ଦ୍ର ବୁଡେକ, ଅଜିତ ବେହେରା, ଆଲୋକ ବେହେରା, ଫାଟୁ ପାଲଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

# ଧଣ୍ଡାମୁଣ୍ଡାରେ ଯୁବ ସଚେତନତା ସଂକଳ୍ପ ସିଦ୍ଧି କାର୍ଯ୍ୟକ୍ରମ

**ଖପ୍ରାଖୋଲ,୧୩।୧ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା କଲ୍ୟାଣ ମଣ୍ଡପଠାରେ ଅଲିଭା ଯୁବକ ସଂଘ ପତ୍ରାପାଲି ଓ ନେହେରୁ ଯୁବ କେନ୍ଦ୍ର ବଲାଙ୍ଗୀରର ମିଳିତ ଉଦ୍ୟମରେ ଯୁବ ସଚେତନତା ସଂକଳ୍ପ ସିଦ୍ଧି କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିନୋଦ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ରଘୁନାଥ ସିଂ ବରିହା, ମୁଖ୍ୟ ବକ୍ତା ଭାବେ ଆଇନଜୀବୀ ଦେବକାନ୍ତ ପାଣିଗ୍ରାହୀ, ସମ୍ମାନିତ ଅତିଥି ସମିତି ସଭ୍ୟ ଶୋଭନମୟ ମିଶ୍ର, ଅଭୟ ତ୍ରିପାଠୀ, ଥବୀର ଚରଣ ସାହୁ, ବରିଷ୍ଠ କଳାକାର ସୁରେଶନ ପଧାନ, ସମାଜସେବୀ ମନୋଜ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ସ୍ୱାମୀ ବିବେକାନନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ତାଙ୍କ ଜୀବନୀ ଉପରେ ଅବଗତ କରାଇଥିଲେ। ସରକାର ବିଭିନ୍ନ ଲୋକାଭିମୁଖି ଯୋଜନା କାର୍ଯ୍ୟକାରି କରୁଥିବା ବେଳେ ଲୋକଙ୍କ ମଧ୍ୟରେ ସଚେତନତା ଅଭାବରୁ ତାହା ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ଏନେଇ ଯୁବଶକ୍ତି ସଂଗଠିତ ହୋଇ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ ସହ ସରକାରୀ ଯୋଜନାର ସଠିକ କାର୍ଯ୍ୟକାରୀ ପାଇଁ ସଂକଳ୍ପ ନେବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଈଶ୍ୱର ସା, ସୁଶାନ୍ତ ଭଇଁସାଲ, ପ୍ରବୀର ବାଗ, ବ୍ୟାସଦେବ ଭୋଇ, ରଖିରାଜ ଭୋଇ, ଦୟା ପୁଟେଲଙ୍କ ସମେତ ସର୍ଗିପାଲି, ପତ୍ରାପାଲି, ଧଣ୍ଡାମୁଣ୍ଡା, କଟାପାଲି, ବୁଢିବାହାଲ ଅଞ୍ଚଳର ଅଗ୍ରଣୀ ଯୁବକ ଅଂଶ ଗ୍ରହଣ କରିଥିଲେ। ଶେଷରେ ନେହେରୁ ଯୁବ କେନ୍ଦ୍ର ବ୍ଲକ ଜାତୀୟ ଯୁବ ସ୍ୱେଚ୍ଛାସେବୀ ବିକାଶ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ଯୁବ ସଚେତନତା ସଂକଳ୍ପ ସିଦ୍ଧି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ: ଲୁଟୁକିବନ୍ଧ ଚାମ୍ପିୟନ

**ଟିକ୍ରାପଡା,୧୩।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଯୁରାବନ୍ଧ ପଞ୍ଚାୟତ ଅଧୀନ ଖର୍ସେଲବାଞ୍ଜୀଠାରେ ଆଦର୍ଶ ଯୁବକ ସଂଘ ଓ ଭାଗବତ କଳାବିକାଶ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଦ୍ୱାଦଶ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଗୁଲମି ଓ ଲୁଟୁକିବନ୍ଧ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଇବ୍ରେକର ସହାୟତାରେ ଗୁଲମି ଦଳକୁ ୫-୪ ଗୋଲରେ ହରାଇ ଲୁଟୁକିବନ୍ଧ ଦଳ ଚାମ୍ପିୟନ ହୋଇଥିଲା। ଶମ୍ଭୁଦତ୍ତ ମିଶ୍ର, ମଗଶିର ମଲ୍ଲିକ, ଅଚ୍ୟୁତାନନ୍ଦ ପୁରୋହିତ, ରାଜିନ୍ଦ୍ର ମାଝି ଖେଳ ପରିଚାଳନା କରିଥିଲେ। ନିମାନନ୍ଦ ଖମାରୀ, ଚୁଡାମଣି ବଗର୍ତ୍ତୀ ଧାରା ବିବରଣୀ ପ୍ରଦାନ କରିଥିଲେ।

ଏହି ଅବସରରେ ଜୟରାମ ମାଝିଙ୍କ ଅଧ୍ୟକ୍ଷତା ଓ ହରିଶ୍ଚନ୍ଦ୍ର ବାଗଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟିକାଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ସମିତି ସଭ୍ୟ ଗଙ୍ଗାଧର ବାରିକ, ଆଇନଜୀବୀ ବିଶ୍ୱନାଥ ସୁଆର, ନାଟ୍ୟ ନିର୍ଦ୍ଦେଶକ ପୁର ଦାଶ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୮ହଜାର ୮ଶହ ୮୮ ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ ୬ହଜାର ୬ଶହ ୬୬ ଟଙ୍କା ପ୍ରଦାନ କରାଯାଇଥିଲା।

### ଦେଓଗାଁ ବ୍ଲକସ୍ତରୀୟ କଳାକାର ଭେଟ୍‌ଘାଟ ଉତ୍ସବ

# କଳାର ବିକାଶ ପାଇଁ ସୁଯୋଗ, ଭିତ୍ତିଭୂମିର ଆବଶ୍ୟକତା ରହିଛି

**ଦେଓଗାଁ,୧୩।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅଧୀନ ଜରାସିଂହାସ୍ଥିତ ଲକ୍ଷ୍ମଣଝୁଲାଠାରେ ରବିବାର ଦେଓଗାଁ ବ୍ଲକସ୍ତରୀୟ କଳାକାର ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଳାକାର ଶଙ୍କର ପ୍ରସାଦ ସାହୁଙ୍କ ସଭାପତିତ୍ୱ ତଥା ଧନେଶ୍ୱର ଥନାପତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବିଡିଓ ଶଙ୍କର ପ୍ରସାଦ ସାହୁ ଯୋଗଦେଇ ବନଖଣ୍ଡି ଦେବୀଙ୍କ ଠାରେ ପୂଜାର୍ଚ୍ଚନାପୂର୍ବକ ଉତ୍ସବର ଉଦ୍‌ଘାଟନ କରିବା ସହ କଳାର ବିକାଶ ପାଇଁ ସୁଯୋଗ ଓ ଭିତ୍ତିଭୂମିର ଆବଶ୍ୟକତା ରହିଛି ବୋଲି ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ସହକାରୀ ଯନ୍ତ୍ରୀ ଅକ୍ଷୟ କୁମାର ବେହେରା, ସାମାଜିକକର୍ମୀ କୃଷ୍ଣ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବିଲୁପ୍ତପ୍ରାୟ ଲୋକକଳାକୁ ଉଜ୍ଜୀବିତ ରଖିବାର ପ୍ରୟାସକୁ ସ୍ୱାଗତ କରିଥିଲେ। ଏହି ଅବସରରେ ବରିଷ୍ଠ କଳାକାର ଦେବପ୍ରସାଦ ମେହେର, ବିଭୂ ଚରଣ ରଣା, ଧନେଶ୍ୱର ଥନାପତି ପ୍ରମୁଖ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ଯୋଜନାକୁ ସ୍ୱାଗତ କରିବା ସହ ଯେଉଁ ବରିଷ୍ଠ କଳାକାରମାନେ ଭତ୍ତା ଯୋଜନାରୁ ବଞ୍ଚିତ ରହିଛନ୍ତି। ସେମାନେ କେମିତି ଆଗାମୀଦିନରେ ଏହି ଯୋଜନାରେ ସାମିଲ ହୋଇପାରିବେ ସେ ଉପରେ ଦୃଷ୍ଟିଆକର୍ଷଣ କରିଥିଲେ । ପରେ ସୁରଥ ଧରୁଆଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମହିଳା ଓ ପୁରୁଷ କଳାକାରମାନେ ଦଳଗତରେ ପାଲା, ସମ୍ପ୍ରଦା, ସଂକୀର୍ତ୍ତନ୍ୟ ଓ ଏକକ ଭଜନ, ଓଡିଶୀ , ଡାଲଖାଇ, ଢ଼ୋଲବାଦ୍ୟ ଆଦି ପାରମ୍ପାରିକ କଳା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସମସ୍ତ କଳାକାରଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଶେଷରେ ଚିତ୍ରସେନ ସୁନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶ୍ରୀବତ୍ସ ସାହୁ, ପ୍ରସନ୍ନ ସାହୁ, ଆର୍ତ୍ତତ୍ରାଣ ନାଗ, ନୀଳାଞ୍ଚଳ ମେହେର, ରମାକାନ୍ତ ମିଶ୍ର, ସତ୍ୟନାରାୟଣ ନନ୍ଦ, ଚଣ୍ଡାଳ ମେର୍ଲି, ଭୀମସେନ ସାଗର, ଗୌରଚନ୍ଦ୍ର ସାହୁ, ଚୈତନ୍ୟ ମେହେର, ଶମ୍ଭୁପ୍ରସାଦ ବାଗ ପ୍ରମୁଖ ସହଯୋଗ କରିଥିଲେ।


ଜରାସିଂହାରେ କଳାକାର ଭେଟଘାଟ୍ ଅବସରରେ ଅତିଥିଙ୍କ ଗହଣରେ ହାତୀସରାର କଳାକାରଙ୍କ ଦ୍ୱାରା ପାରମ୍ପରିକ କଳା ପ୍ରଦର୍ଶନ କରାଯାଉଛି।

# ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଦେଓଗାଁ,୧୩।୧ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୯ତମ ବାର୍ଷିକ କ୍ରୀଡ଼ା ରବିବାର ଉଦ୍‌ଯାପିତ ହୋଇଯାଇଛି। ଶିଶୁ ଭାଇ ଚୋଳଗଙ୍ଗଦେବ ମାଝିଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେଓଗାଁ ସମିତିସଭ୍ୟ ଜନ୍ମେଜୟ ସାହୁ, ସମ୍ମାନିତ ଅତିଥିଭାବେ ଗାଇବାହାଲ ସରପଞ୍ଚ କଲ୍ୟାଣୀ ଦଲାଇ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶୁଶିଳ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ଭବାନୀପ୍ରସାଦ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁଜୀ କୁନୁ ସାହୁଙ୍କ ତତ୍ୱାବଧାନରେ ଏହି ଦିନ ଶିଶୁ ଭଉଣୀଭାଇଙ୍କ ମଧ୍ୟରେ ପ୍ରାକ୍ ଶିଶୁବର୍ଗରେ ୫୦ ମିଟର ଦୌଡ, ବେଙ୍ଗଡିଆଁ, ବ୍ରୋଡଡିଆଁ, ଶିଶୁବର୍ଗରେ ୧୦୦, ୨୦୦ ଓ ୪୦୦ ମିଟର ଦୌଡ ବାଳବର୍ଗରେ୧୦୦, ୨୦୦. ୪୦୦ ଓ ୬୦୦ ମିଟର ଦୌଡ ଉଚ୍ଚଡିଆଁ ଓ ଲମ୍ଫଡିଆଁ.ଗୋଲାଫିଙ୍ଗା ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଶୁଭଉଣୀ ଶୃତିକା ପୋଢ଼ ଓସାଗରୀକା ଚନ୍ଦନ ଯୁଗ୍ମ ଚାମ୍ପିୟନ ହୋଇଥିବା ବେଳେ ଶିଶୁଭାଇ ସଂକେତ ଦଲାଇ ବାଳକ ବିଭାଗରେ ଚାମ୍ପିୟନ ହୋଇଥିଲେ। ଖେଳକୁ ପ୍ରଭାସିନୀ ପ୍ରଧାନ, ଦେବଦତ୍ତ ସାହୁ, ଭୁବନେଶ୍ୱର ପାଣିଗ୍ରାହୀ, ସୁଶାନ୍ତ ପାଣିଗ୍ରାହୀ ପ୍ରଭୁଦତ୍ତ ବିଶି, ସଞ୍ଜୁ ପାଣ୍ଡେ, ଧବଳେଶ୍ୱର ସା, ସୁକାନ୍ତି ଭୋଇ, କୁନ୍ତି ମହାଲିଙ୍ଗ, ଜୟଶ୍ରୀ ପଧାନ, ନେହେରୁ ସାହୁ, ଉଷାରାଣୀ ଦାଶ,ସମ୍ମିତ ସା, ଲମ୍ବୋଦର ମନହୀରା ପ୍ରଭାତି ନାୟକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିବା ବେଳେ ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ସେବିକାସେବକ ସହଯୋଗ କରିଥିଲେ।


ଶିଶୁମନ୍ଦିରର ବାର୍ଷିକ କ୍ରୀଡା ଉଦ୍‌ଯାପନୀ ଦିବସରେ କୃତୀଶିଶୁଙ୍କୁ ପୁରସ୍କୃତ କରାଯାଉଛି।

# କର୍ଲିପାଟ ବୁଢ଼ାଦେଓ ଯାତ୍ରା ସମ୍ପନ୍ନ

**ଲୋଇସିଂହା,୧୩।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କର୍ଲିପାଟ ଗ୍ରାମର ବାର୍ଷିକ ବୁଢାଦେଓ ଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୁଢାଦେଓଙ୍କ ଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ ପାଇଁ ଆଖପାଖ ଗ୍ରାମରୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା । ଶନିବାର ସକାଳେ ପୃଷ୍ଠପୋଷକ ଦେବରାଜଭୂଏଁଙ୍କ ତତ୍ତ୍ୱାବଧାନରେ ଶ୍ରପତି ଭୂଏ ମନ୍ଦିରରେ ବୁଢାଦେଓଙ୍କ ପୂଜାର୍ଚ୍ଚନା କରିଥିଲେ। ବିଭିନ୍ନ ପୂଜାନୀତି ଶେଷ ପରେ ଅପରାହ୍ନରେ ବୁଢାଦେଓ ସର୍ବମୋଖ୍ୟ ଭୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ମାୟାଧର ଭୂଏ, ବଂଶୀଧର ଭୂଏ, କୁଳମଣୀ ଭୂଏଙ୍କ ସମେତ ଅନ୍ୟମାନେ ବୁଢାଦେଓଙ୍କ ଖଣ୍ଡାକୁ ଗ୍ରାମ୍ୟ ପରିକ୍ରମା କରିଥିଲେ। ଗ୍ରାମ୍ୟ ପରିକ୍ରମା ବେଳେ ମୁରବିମାନେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଲୋଡିଥିଲେ । ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ବୁଢାଦେଓଙ୍କ ନଗର ପରିକ୍ରମା।

# ବ୍ଲକ ମୁଖ୍ୟାଳୟରେ କପାମଣ୍ଡି ଖୋଲିବାକୁ ଦାବି

**ଦେଓଗାଁ, ୧୩।୧ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଧଳାସୁନା କୁହାଯାଉଥିବା କପାଚାଷ କରୁଥିବା ଚାଷୀ ନାନା ଅବ୍ୟବସ୍ଥା ଦେଇ ଗତି କରୁଛି। ଧାନଚାଷ ପରି କପାର ଉଚିତ ବଜାର ବ୍ୟବସ୍ଥା ନ ଥିବା ବେଳେ କ୍ଷୟକ୍ଷତି ଜନିତ ସରକାରୀ ସହାୟତା ନ ଥିବାରୁ କପାଚାଷୀ ବ୍ୟାପକ କ୍ଷତି ସହୁଛି। ଏଥିଯୋଗୁ ସ୍ଥାନୀୟ ଚାଷୀର କପାଚାଷ ପ୍ରତି ଆଗ୍ରହ କମିବାରେ ଲାଗିଛି। ସ୍ଥାନୀୟ କୃଷି ବିଭାଗର ତଥ୍ୟ ଅନୁସାରେ ଚଳିତ ବର୍ଷ ବ୍ଲକର ରାମଚନ୍ଦ୍ରପୁର, ଦେଷଣ୍ଡ, ବନ୍ଧପଡା, ଡୁମେରପିଟା, ଲଣ୍ଡାପଥର, ଗାଇବାହାଲ, ହାତିସରା, ଉଡାର ଆଦି ଅଞ୍ଚଳର ୮୪୪ ହେକ୍ଟର ଚାଷ ଜମିରେ କପାଚାଷ ହୋଇଛି । ହେଲେ ଉଚିତ ବଜାର ବ୍ୟବସ୍ଥା ନ ଥିବାରୁ ବାଧହୋଇ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଥିବା ଅଭିଯୋଗ କରୁଛନ୍ତି। ସୂଚନା ଅନୁସାରେ କଟନ କର୍ପୋରେଶନ ଅଫ ଇଣ୍ଡିଆ (ସିସିଆଇ) କପାମିଲ ଭିତରେ ମଣ୍ଡି କରି ସେଠାରେ କପାର ମାନ ନିର୍ଦ୍ଧାରଣ କରିବା ପରେ ଚାଷୀଙ୍କଠାରୁ କ୍ରୟ କରୁଛି। ଏଥିରୁ ସହଜେ ଅନୁମେୟ କିଭଳି ଭାବେ ଚାଷୀଙ୍କଠାରୁ କପାକ୍ରୟ କରାଯାଉଛି । ଏଥିସହ ବହୁକଷ୍ଟରେ ଉପାର୍ଜିତ କପାକୁ ଗାଡିଭଡା କରି ମିଲରେ ଥିବା ମଣ୍ଡିକୁ ନେବାଦ୍ୱାରା ଚାଷୀ ବ୍ୟାପକ କ୍ଷତି ସହୁଥିବା ନଜରକୁ ଆସିଛି। କୌଣସି କାରଣବଶତଃ ମଣ୍ଡିରେ କପା ବିକ୍ରୟ ହୋଇ ନ ପାରି କିଛିଦିନ ଜଗିବାକୁ ପଡେ ତାହେଲେ ଚାଷୀଙ୍କ ଦୁଃଖ କହିଲେ ନ ସରେ । ଏଣୁ ଦେଓଗାଁ ବ୍ଲକ ମୁଖ୍ୟାଳୟରେ ସରକାର ଏକ କପାମଣ୍ଡି ଖୋଲିବାର ବ୍ୟବସ୍ଥା କଲେ ଉପକାର ମିଳନ୍ତା ବୋଲି ଅଗସ୍ତି ପଧାନ, ସୂର୍ଯ୍ୟମଣି ଭୂଏ, ବସୁଦେବ ପଧାନ, ଜୟପାଲ ରଣା, ବୈଶାଖୁ ସେଠ, ଖୁସୀରାମ ମଲ୍ଲିକ, ସୁରୁ ମହାକୁର, ମୋହନ ମଲ୍ଲିକ, ସତ୍ୟ ରଣା, କୀର୍ତ୍ତନ ପୋଢ଼, ବିଭୀଷଣ ପୋଢ଼, ସୁରଥ ଭୋଇ, ରାମ ଭୋଇ, ବୈଷ୍ଣବ ବେରିଆ, ପ୍ରେମା ବେରିଆ, ରତ୍ନା କାଲସୋଏ, ରତ୍ନା ବେରିଆ, ଅଭି ମହାକୁର ପ୍ରମୁଖ ଶତାଧିକ କପାଚାଷୀ ଦାବି କରିଛନ୍ତି।


ଜୁର୍ଲାକାନୀର କପାଚାଷୀ ମାନେ ଦେଓଗାଁ ମୁଖ୍ୟାଳୟରେ କପାମଣ୍ଡି ଖୋଲିବାକୁ ଦାବି କରୁଛନ୍ତି।

# ଟିକ୍ରାପଡ଼ା ଶିଶୁ ମନ୍ଦିରର ବନବିହାର

**ଟିକ୍ରାପଡା,୧୩।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇନ୍ତଲା ବ୍ଲକ ଟିକ୍ରାପଡ଼ା ସରସ୍ୱତୀ ଶିଶୁ ମନ୍ଦିରର ବନବିହାର ରବିବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ବିଶ୍ୱମୋହନ ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶଚନ୍ଦ୍ର ମିଶ୍ର, ସମ୍ପାଦକ ଅଜିତ ମେହେର, ଯୁଗ୍ମ ସମ୍ପାଦକ ସୁନିଲ ରାଜପଲିଆ, କୋଷାଧ୍ୟକ୍ଷ ଜାନକୀବଲ୍ଲଭ ପଟ୍ଟନାୟକ, ଭଗବାନ ରାଜପଲିଆ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଗୀତ, ନୃତ୍ୟ, ତର୍କ, ଭାଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।


ଟିକ୍ରାପଡା ଶିଶୁ ମନ୍ଦିର ବନବିହାରରେ ଉପସ୍ଥିତ ଛାତ୍ରୀଛାତ୍ର।



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା,
ତେବେ କାହାକୁ ଦୁଃଖ ଦିଅନାହିଁ।
- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ



### ମନ୍ଦିର ପ୍ରବେଶ ସହ ମକର ମେଳା ଆରମ୍ଭ

ପଲମ,୧୩।୧(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ କୁଶୁର୍ଲା ଗ୍ରାମର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରରେ ଶନିବାର ପରମ୍ପରା ରୀତିନୀତିରେ ମନ୍ଦିର ପ୍ରବେଶ ସହିତ ମକର ମେଳା ଆରମ୍ଭ ହୋଇଯାଇଛି । ମନ୍ଦିର ପ୍ରବେଶ ପରେ ଅଧିକାର ହିତାଧିକାରୀ ଭାବେ ଟିକୁନୁରାମ ମାଝି ଟେର୍ଛାପଲା ଓ ଗଜରାଜ ମାଝି ସାପଲହରା ପ୍ରଥମ ଭୋଗ ଭଗବାନ ଶିବଙ୍କ ନାମରେ ପୂଜା କରିଥିଲେ। ମକର ମେଳା ସଭାପତି ନିରାକାର ସାହୁ, ସମ୍ପାଦକ କଂସାସୁର ଜାନୀ, ସଭ୍ୟ ଜନ୍ମେଜୟ ସାହୁ, ପବିତ୍ର ସାହୁ, ନୈରୁତ ଜାନୀଙ୍କ ସହ ଅନେକ ଭକ୍ତମାନଙ୍କ ଭୋଗ ମଧ ପୂଜା କରାଯାଇଥିଲା । ମନ୍ଦିର ପୂଜକ ଭାବରେ କମ୍ବୁପାଣି ବଡମାଳୀ ସହ ତାଙ୍କ ଭାଇବର୍ଗ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ। ରାତିରେ ମନୋରଞ୍ଜ ପାଇଁ ଅପେରା ସହ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ପାଇଁ କମିଟି ତରଫରୁ ବ୍ୟବସ୍ଥା କରାଯାଇଛି ।

### ବାର୍ଷିକ ଉତ୍ସବରେ ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ

ସେରଗଡ଼,୧୩।୧(ଡି.ଏନ.ଏ.)
କଳାହାଣ୍ଡି ଜିଲା ନର୍ଲା ବ୍ଲକ ଭୀମକେଲା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାପୀଠର ୩୦ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟନ ହୋଇଯାଇଛି। ଏହା ପୂର୍ବରୁ ଉକ୍ତ ଉଚ୍ଚ ବିଦ୍ୟାପୀଠ ଦୀର୍ଘ ୩୦ ବର୍ଷ ପୁରୁଣା ଝାଟିମାଟି ଘରେ ଶିକ୍ଷାଦାନ ଚାଲୁଥିଲା । ସ୍କୁଲ ବାର୍ଷିକ ଉତ୍ସବରେ କଳାହାଣ୍ଡି ଲୋକ ସଭା ସଦସ୍ୟ ଅର୍କ କେଶରୀ ଦେଓ ମୁଖ୍ୟଅତିଥି, ସମ୍ମାନିତ ଅତିଥି ନର୍ଲା ବିଧାୟକ ଧନେଶ୍ୱର ମାଝି ଯୋଗଦେଇ ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟନ କରିଥିଲେ। ନୂତନ ବିଦ୍ୟାଳୟ ପରିସରରେ ଅତିଥିମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭୁବନେଶ୍ୱର କରୁଆଁ, ପ୍ରଧାନଶିକ୍ଷକ ମଧୁସୂଦନ ଦାସ, ନୃସିଂହ ଦଲେଇ, ଗଙ୍ଗାଧର ରଣା, ତିର୍ଥ କରୁଆଁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କିଶୋର କରୁଆଁ ଲୋକନାଥ ଗଉଡ, ଥବିର ବୈଠାରୁ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ବିୟକ କିଶୋର ଦାସ ଓ ସଞ୍ଜୟ ସେନାପତି ମଞ୍ଚ ପରିଚାଳନା କରିଥିଲେ।

ଧାନ କିଣା ବାଟବଣା

# ଦଲାଲ କବ୍‌ଜାରେ ଚାରବାହାଲ ମଣ୍ଡି

ଜୁନାଗଡ,୧୩।୧(ଡି.ଏନ.ଏ.)



ଚାରବାହାଲ ମଣ୍ଡି ।

**ଜୁନାଗଡ଼ ବ୍ଲକ**
- ଟାଗେର୍ଟ ନ ଥିବା କହି କମ ଦରରେ ଧାନ କିଣୁଛି ଦଲାଲ
- ୫ କି.ଗ୍ରା. ଊର୍ଦ୍ଧ୍ୱ କଟନିରେ ଉଠୁଛି ଧାନ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚାରବାହାଲ ମଣ୍ଡିରେ ମିଲର୍ସ ଏଜେଣ୍ଟ ଓ ଦଲାଲଙ୍କ କବଜା ଯୋଗୁ ଚାଷୀ ଏବେ ହରଡଘଣାରେ ପଡିଛନ୍ତି। ମିଲର୍ସମାନଙ୍କ ଧାନ କିଣାରେ ଟାର୍ଗେଟ ନ ଥିବା ଦର୍ଶାଇ ଦଲାଲମାନେ ଚାଷୀଙ୍କଠାରୁ କମ ଦରରେ ଧାନ କିଣି ମିଲର୍ସ ହାତରେ ଟେକି ଦେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ରାଜ୍ୟ ସରକାର ଧାନ କ୍ରୟ କରୁଥିବା ବେଳେ କଳାହାଣ୍ଡି ଜିଲାରେ ମିଲର୍ସଙ୍କ ନଖରାମି ଆଗରେ ଏବେ ଯୋଗାଣ ବିଭାଗ ଆଣ୍ଠେଇ ପଡିଛି। ଅଣ୍ଡର ରେଟରେ ଧାନ କ୍ରୟ ପାଇଁ ଦଲାଲଙ୍କୁ ସୁହାଇବା ପାଇଁ ଏଭଳି ଷଡଜନ୍ତ୍ର ଚାଲିଛି ବୋଲି ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।
ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲାରେ ମିର୍ଲସ ଅସହେଯାଗ ଯୋଗୁ ମଣ୍ଡି ଖୋଲିବା ବିଳମ୍ୱ ହୋଇଥିଲା। ଜୁନାଗଡ ବ୍ଲକର ଚାରବାହାଲଠାରେ ଗତ ଡିସେମ୍ବର ୩ ତାରିଖରେ ମଣ୍ଡି ଖୋଲାଯାଇଥିଲା। ଚାରବାହାଲ ମଣ୍ଡିରେ ନୀଳକଣ୍ଠ ଉଦ୍ୟୋଗ, ଅରହନ୍ତ ଜଗଦମ୍ବା, ବୈଷ୍ଣୋଦେବୀ, ସୀତାଫୁଡ ଆଦି ୧୪ଟି ମିଲର୍ସ ମଣ୍ଡିରେ ଧାନ କିଣିବା ପାଇଁ ନିୟୋଜିତ ହୋଇଛନ୍ତି। ଚାରବାହାଲ ମଣ୍ଡିରେ ଚାରବାହାଲ ସମେତ ପଖନାଗୁଡା, ଘୁମେରଗୁଡା, ଧନେର କାଲୋପଲା, ଦେଉଣ୍ଡି ପ୍ରମୁଖ ଗ୍ରାମର ଚାଷୀ ଧାନ ବିକ୍ରି କରୁଛନ୍ତି। ଚାରବାହାଲ ମଣ୍ଡିରେ ୯୪ ହଜାର ୩୦୬ କୁଇଣ୍ଟାଲ ଧାନ କିଣିବା ପାଇଁ କ୍ଷମତା ପ୍ରଦାନ କରାଯାଇଛି। ଏଥର ଏହି ମଣ୍ଡିକୁ ୬୦ ହଜାର ୨୪୨ କୁଇଣ୍ଟାଲ ୧୩ କିଗ୍ରା ଧାନ କିଣିବା ପାଇଁ ଟାର୍ଗେଟ ଦିଆଯାଇଥିଲା। ସେଥିମଧ୍ୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ୮୦୮ଜଣ ଚାଷୀଙ୍କଠାରୁ ୫୪ ହଜାର ୨୪୨ କୁଇଣ୍ଟାଲ ୧୩ କିଗ୍ରା ଧାନ ୧୪ ମିଲର୍ସଙ୍କ ଜରିଆରେ କିଣା ସରିଛି। ବର୍ତ୍ତମାନ ବି ଅନେକ ଚାଷୀ ଟୋକନ ପାଇଁ ମଣ୍ଡିରେ ଧାନ ବିକ୍ରି କରିବା ଆଶା ନେଇ ପଡିରହିଛନ୍ତି। ତେବେ ମିଲର୍ସମାନେ ଟାର୍ଗେଟ ନ ଥିବା କହି ଚାଷୀଙ୍କ ଧାନ କିଣୁ ନ ଥିବାରୁ ଏବେ ଚାଷୀ ଅଡୁଆରେ ପଡିଛନ୍ତି। ଯୋଗାଣ ମନ୍ତ୍ରୀ କଟନି ଛଟନିକୁ ଗୁରୁତ୍ୱ ଦେଇ ମିଲର୍ସ, ପ୍ୟାକ୍ସ କିମ୍ବା କୌଣସି ଅଧିକାରୀ ବିରୋଧରେ ଜଣାପଡିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିବାବେଳେ ଚାରବାହାଲ ମଣ୍ଡିରେ ଖୋଲାଖୋଲି ୫ କିଗ୍ରା ଉର୍ଦ୍ଧ୍ୱ କଟନିରେ ଧାନ ଉଠୁଥିବା ଜଣାପଡିଛି। ଫଳରେ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଏଠାରେ ବେଖାତିର କରୁଥିବା ଦେଖିବାକୁ ମିଳୁଛି। ଏହି ମଣ୍ଡିରେ ଦଲାଲମାନେ ପ୍ୟାକ୍ସ କର୍ମଚାରୀ, ରାଜନେତା ଓ ପ୍ରଶାସନର ପକେଟ ଗରମ କରି ଅନାୟସରେ କାରବାର ଚଳାଇଛନ୍ତି। ମଣ୍ଡିରେ କଟନି ଛଟନି ଯୋଗୁ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବାକୁ ନ ଆସି ଦଲାଲ ହାତରେ ଟେକି ଦେବାକୁ ବାଧ ହେଉଛନ୍ତି। ସେହିପରି ସ୍ଥାନୀୟ ଗାଁଗୁଡିକର ଏଜେଣ୍ଟଗୁଡିକୁ ମିଲର୍ସମାନେ ଏଜେଣ୍ଟ ନ ରଖିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ବ୍ଲକ ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ଗୁରୁଙ୍କୁ ପଚାରିବାରୁ ଉକ୍ତ ମଣ୍ଡିକୁ ଏବେ ଅତିରିକ୍ତ ଟାର୍ଗେଟ ଦିଆଯାଇଛି ବୋଲି କହିଥିଲେ। ସେହିପରି ଧାନ କଟନି ଉପରେ ପଚାରିବାରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

## ବରିଷ୍ଠ ନାଗରିକ ସଂଘ କଳାହାଣ୍ଡି ବାର୍ଷିକ ଅଧିବେଶନ

ଭବାନୀପାଟଣା,୧୩।୧(ଡି.ଏନ.ଏ.)
ଶନିବାର ସ୍ଥାନୀୟ ଅମଳା ଭବନଠାରେ ବରିଷ୍ଠ ନାଗରିକ ସଂଘ କଳାହାଣ୍ଡିର ବାର୍ଷିକ ସାଧାରଣ ଅଧିବେଶନ ସଭାପତି ବିଜୟ କୁମାର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଯୁଗଳ କିଶୋର ସାହୁ, ସମ୍ପାଦକ ବରିଷ୍ଠ ନାଗରିକ ସଂଘ ଓଡିଶା ମୁଖ୍ୟଅତିଥି ରୂପେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ଭୂମିକା ଏବଂ ସରକାରୀ ପ୍ରୋସାହନ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ମହେନ୍ଦ୍ର କୁମାର ଧଳ ହେଲପ୍ ଏଜେ ଇଣ୍ଡିଆ ପ୍ରତିନିଧି ରୂପେ ଯୋଗଦାନ ଧଳ ବରିଷ୍ଠ ନାଗରିକଙ୍କ ପ୍ରତି ସମାଜର ଦାୟୀତ୍ୱ ଉପରେ ଆଲୋକପାତ କରିଥିଲେ। ରବିନ୍ଦ୍ର କୁମାର ସେନାପତି କ୍ଷେତ୍ରିୟ ପ୍ରବନ୍ଧକ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଭବାନୀପାଟଣା ଉକ୍ତ ସଭାରେ ବରିଷ୍ଠ ନାଗରିକମାନଙ୍କ ପ୍ରତି ବ୍ୟାଙ୍କ୍ ସମ୍ବେଦନଶୀଳତା ଉପରେ ବକ୍ତବ୍ୟ ଦେଲେ। ସୁଶ୍ରୀ ସଂଘମିତ୍ରା କାନୁନ୍‌ଗୋ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଭାଗୀରଥି ଭୋଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡଃ. ଅକ୍ଷୟ କୁମାର ନନ୍ଦ, ଦେବେନ୍ଦ୍ର କୁମାର ପ୍ରଧାନ, ସୁରେଶ କୁମାର ପଟ୍ଟନାୟକ, ସୁଧାଂଶୁ ଶେଖର ନେଗୀ ମଞ୍ଚାସୀନ ଥିଲେ। ମଳୟ କୁମାର ମୁଣ୍ଡ ସୁବାଷଚନ୍ଦ୍ର ପଣ୍ଡା, ସନ୍ତୋଷ ପ୍ରସାଦ ଦାଶ, ଦୀନବନ୍ଧୁ ମୁଣ୍ଡ, ସୁନୀଲ କୁମାର ବେହେରା, ଶାନ୍ତନୁ କୁମାର ମୁଣ୍ଡ, ଜଗଦିଶ ପଣ୍ଡା, ବାସୁଦେବ ସାହାଣୀ, ଭୁବନେଶ୍ୱର ମହାନନ୍ଦ, ବିଦ୍ୟାଧର ପଣ୍ଡା, ସଭ୍ୟଗଣ ସଭାପରିଚାଳନାରେ ସହଯୋଗ କରିଥିଲେ । ଭାରତ ଭୂଷଣ ଚଲାନ ଯୁଗ୍ମ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ ।





ଅଧିବେଶନରେ ଯୋଗଦେଇଥିବା ଅତିଥିବୃନ୍ଦ।

ବିଜେଡିର କର୍ମୀ ସମ୍ମିଳନୀ

## ଆଦର୍ଶ ପଞ୍ଚାୟତ ହେବ ବକ୍ସିତୁଲସୀପାଲି

ଜୁନାଗଡ,୧୩।୧(ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବକ୍ସିତୁଲସୀପାଲିଠାରେ ରବିବାର ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ସ୍ୱତନ୍ତ୍ର ସଚିବ ସୁଜିତ କୁମାର ସେଠ୍, ସମ୍ମାନିତ ଅତିଥି ଭାବେ ଜୁନାଗଡ ପୁର୍ବତନ ଏନଏସି ଅଧ୍ୟକ୍ଷ ମହେଶ କୁମାର ସାହୁ, ରାଜ୍ୟ ପରିଷଦ ସଦସ୍ୟ ଦିଗାମ୍ବର ନାଏକ, ବ୍ଲକ ସଭାପତି ପ୍ରମୋଦ ବେହେରା, ହିମାଂଶୁ ଶେଖର ବରାଡ, ମହିଚଲା ସରପଞ୍ଚ ଅଜୟ ବେହେରା, ପୂର୍ବତନ ସରପଞ୍ଚ ମଳୟ ରଞ୍ଜନ ଆଚାର୍ଯ୍ୟ, ବିରେନ୍ଦ୍ର ବେହେରୁକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଅବଗତ କରାଇଥିଲେ। ସେହିପରି ଖୁବଶୀଘ୍ର ବକ୍ସିତୁଲସୀପାଲି ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ ଭାବେ ଗଢି ତୋଳିବା ପାଇଁ ବିଧାୟକ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନାରେ ବିଶ୍ୱରଞ୍ଜନ ନାଏକ, ଦିନେଶ ବଗର୍ତ୍ତୀ, କାମାକ୍ଷ ପ୍ରସାଦ ପ୍ରଧାନୀ, ବେଣୁ ଦୀପ, ଭିଷ୍ମ ଦୀପ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ସ୍ଥାନୀୟ ଲୋକଙ୍କ ସହ ଅଞ୍ଚଳର ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ।

## ନାଭାଲ ୟୁନିଟ୍ ଏନ୍‌ସିସି କମାଣ୍ଡିଂ ଅଫିସରଙ୍କ ସେବା ନିବୃତ୍ତ

ଭବାନୀପାଟଣା,୧୩।୧(ଡି.ଏନ.ଏ.)
୪ ନାଭାଲ ୟୁନିଟ୍ ଏନ୍‌ସିସିର କମାଣ୍ଡିଂ ଅଫିସର କମାଣ୍ଡର ଓଁକାର ପ୍ରସାଦ ପଟ୍ଟନାୟକଙ୍କ ସେବାନିବୃତ୍ତ ହୋଇଛି । ଏହି ଅବସରରେ ସ୍ଥାନୀୟ ୟୁନିଟ୍ ଅଫିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ୟୁନିଟ୍ ଅଫିସ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଏଏନ୍‌ଓ (ଏସୋସେଟ ଏନ୍‌ସିସି ଅଫିସର) ସିଟିଓ (କେଏର ଟେକର ଅଫିସର) ଏବଂ ସମସ୍ତ କର୍ମଚାରୀ ବୃନ୍ଦ ଯୋଗଦେଇ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । କମାଣ୍ଡର ଓଁକାରଙ୍କ ନେତୃତ୍ୱରେ ୪ (ଓଡିଶା) ନାଭାଲ ୟୁନିଟ୍ ଏନ୍.ସି.ସି ଅଫିସର ଉନ୍ନତି ହୋଇଥିବା ବେଳେ ସେ ବହୁ ସଂସ୍କାର ମୂଳକ ପଦକ୍ଷେପମାନ ନେଇଥିଲେ । ଏହି ଅବସରେ ନାଭାଲ ୟୁନିଟ୍ ଏନ୍‌ସିସି ଅଫିସର ୨ କର୍ମଚାରୀଙ୍କ ପୁରସ୍କୃତ କରାଯାଇଥିଲା ।

ଅଜୟ ସୁନାନୀ ହତ୍ୟା ଘଟଣା

## ନାବାଳକଙ୍କୁ ଜୁଭେନାଇଲ କୋର୍ଟରେ ହାଜର

ଭବାନୀପାଟଣା,୧୩।୧(ଡି.ଏନ.ଏ.)
କଳାହାଣ୍ଡି ଜିଲା ଭବାନୀପାଟଣା ସହରର ହିଲଟାଉନ ଲାଇନ୍ ନଂ. ୭ରେ ଫ୍ଲିପକାର୍ଡ କୋରିୟର ବଏ ଅଜୟ ସୁନାନୀ (୨୨) ହତ୍ୟାକାଣ୍ଡ ଘଟଣାରେ ଅଭିଯୁକ୍ତ ନାବାଳକଙ୍କୁ ଶନିବାର ରାତିରେ ଜୁଭେନାଇଲ କୋର୍ଟରେ ହାଜର କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଭବାନୀପାଟଣା ସହରର ଗୋଶାଲପଡାର ଅଜୟ ଫ୍ଲିପକାର୍ଡ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଏକ ଗାଁର ଜଣେ ନାବାଳକ ଓପୋ ଜେ-୯ ମୋବାଇଲରକୁ ଅର୍ଡର କରିଥିଲେ । ଏହାର ଦାମ ୨୨ ହଜାର ଟଙ୍କା ଥିଲା । କୋରିୟର ବଏ ଅର୍ଡର ଆସିଥିବା ସେହି ନାବାଳକଙ୍କୁ ଫୋନ ଯୋଗେ ଜଣାଇଥିଲେ। ନାବାଳକ ଜଣକ ଟଙ୍କା ଦେବାକୁ ଅସମର୍ଥ ଥିଲେ। ସେ ଗାଁକୁ ଯିବା ବେଳେ କୋରିୟର ବଏଙ୍କୁ ସନ୍ଧ୍ୟାରେ ହିଲ ଟାଉନ ଲାଇନ ନଂ ୭କୁ ପାର୍ସଲ ଆଣି ଦେବାକୁ ନାବାଳକ କହିଥିଲେ। କୋରିୟର ବଏ ଅଜୟ ସେଠାରେ ପହଞ୍ଚିବା ପରେ ମୋବାଇଲ ଦେବା ପାଇଁ ଟଙ୍କା ମାଗିଥିଲେ। ଟଙ୍କା ଦେବା ପରେ ବାରକୋର୍ଡରେ ଅପଲୋଡ କରି ମୋବାଇଲ ଦେବା ପାଇଁ କହିବା ପରେ ପୂର୍ବରୁ ଛୁରି ଧରି ଆସିଥିବା ନାବାଳକ ପଛପଟୁ ଅଜୟଙ୍କୁ ଛୁରାଘାତ କରିଥିଲେ। ଅଜୟ ତଳେ ପଡିଯିବା ପରେ ପେଟ, ଛାତି ଓ ମୁହଁରେ ବାରମ୍ବାର ଛୁରାଘାତ କରି ହତ୍ୟା କରିଥିଲେ। ପରେ ଅଜୟଙ୍କ ଶବକୁ ଘୋଷାରି ନେଇ ଏକ ବୁଦାମୁଳେ ଫିଙ୍ଗି ଦେଇଥିଲେ। ବ୍ୟବହୃତ ହୋଇଥିବା ଛୁରିକୁ ୧୦ ମିଟର ଦୂରରେ ବାଲିରେ ପୋତି ଦେଇଥିଲେ। କୋରିୟର ବଏଙ୍କ ବ୍ୟାଗରୁ ଦୁଇଟି ମୋବାଇଲ କାଢି ଘରକୁ ନେଇଥିଲେ। ଗୋଟିଏ ମୋବାଇଲକୁ ପୂଜା ଘରେ ରଖିଥିବା ବେଳେ ଅନ୍ୟ ଏକ ନୂଆ ମୋବାଇଲରେ ଚିପ ଲଗାଇ ରାତିସାରା ଗୀତ ଶୁଣିଥିଲେ। ମୋବାଇଲ ସୌଖିନ ପାଇଁ ସେ ଏପରି କରିଥିବା ନାବାଳକ କହିଥିବା ପୋଲିସ କହିଛି। ଟାଉନଥାନା ପୋଲିସ ଆଇଆଇସି ସତ୍ୟ କୁମାର ନନ୍ଦ ଏ ନେଇ କେସ ନଂ ୪/୧୯ ଦଫା ୩୭୯ ଓ ୩୦୨ରେ ଏକ ମାମଲା ରୁଜୁ କରି ଭବାନୀପାଟଣା ଜୁଭେନାଇଲ ଜଷ୍ଟିସ ବୋର୍ଡରେ ନାବାଳକଙ୍କୁ ହାଜର କରିଥିଲେ। ପରେ ବ୍ରହ୍ମପୁର ଓପନ ସେଲଟରକୁ ପଠାଇ ଦିଆଯାଇଛି। ନାବାଳକଙ୍କଠାରୁ ପୋଲିସ ଦୁଇଟି ମୋବାଇଲ ଓ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରିକୁ ଜବତ କରିଛି।

କୁଶୁର୍ଲା ମକରମେଳା ଆରମ୍ଭ

## ଗ୍ରାମ ଏକତାର ମହାମିଳନର ପର୍ବ

ରିଷିଡ଼ା,୧୩।୧(ଡି.ଏନ.ଏ.)



ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବ୍ରା ପଞ୍ଚାୟତ ଅନ୍ତର୍ଗତ କୁଶୁର୍ଲା ଐତିହାସିକ ହରଗୌରୀ ଶୈବପୀଠ ରେ ମକର ମେଳା ଶନିବାରରୁ ଆରମ୍ଭ ହୋଇଛି। ଗ୍ରାମରେ ଥିବା ନୀଳକଣ୍ଠେଶ୍ୱର ମହାଦେବ ପୀଠରେ ଏହି ପ୍ରସିଦ୍ଧ ମକର ମେଳା ଆୟୋଜିତ ହୋଇଥାଏ । ୧୯୫୧ଠାରୁ ଏଠାରେ ମକର ମେଳା ଆରମ୍ଭ ହୋଇଥିବା ବେଳେ ପ୍ରତିବର୍ଷ ପୌଷ ମାସର ଜାନୁୟାରୀ ୧୨ ତାରିଖରୁ ଏହି ମେଳା ଆରମ୍ଭ ହୋଇଥାଏ । ଏହି ମେଳା ଉପଲକ୍ଷେ ସ୍ୱତନ୍ତ୍ର ପୂଜା ପାଠ ଓ ହୋମ ଯଜ୍ଞ ହୋଇଥାଏ । ମକର ସଂକ୍ରାନ୍ତିରେ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କୁ ରଥାରୂଢ କରି ଗ୍ରାମ ପରିକ୍ରମା କରାଯାଇଛି। ଆସନ୍ତା ୧୮ ତାରିଖରେ ଧରଣୀ ପୀଠରେ ପଶୁ ବଳି ଦେଇ ମେଳା ସମାପନ କରାଯିବ। ମକର ମେଳାର ଏକ ସ୍ୱତନ୍ତ୍ର ହେଲା ଆଖୁ, ଚାଉଳ, ଗୁଡ, ଚିନି, ରାଶି, କଦଳୀ ଓ ନଡିଆରେ ପ୍ରସ୍ତୁତ ମକର ଚାଉଳକୁ ମହାଦେବ ପୀଠରେ ନୈବେଦ୍ୟ ଦିଆଯାଇଥାଏ । ଏକ ସମୟରେ ଏଠାରେ ଦିଅଁ ଦର୍ଶନ, ବନ୍ଧୁ ମିଳନ, ଚିତ୍ତ ବିନୋଦନ, ଯୁବସାୟ ଓ ସାମାଜିକ ଭାବ ଆଦାନ ପ୍ରଦାନ ହୋଇଥାଏ । ଜନଶ୍ରୁତିରୁ ଜଣାଯାଏ ଯେ, ନୀଳକଣ୍ଠେଶ୍ୱର ମହାଦେବ ଏକ ଘଞ୍ଚ ଅରଣ୍ୟ ମଧ୍ୟରେ ଗୋଟିଏ ଝାଟି ମାଟି କୁଡିଆରେ ଥାଇ ଆଦିବାସୀଙ୍କ ଦ୍ୱାରା ପୂଜା ପାଇ ଆସୁଥିଲେ । ଆଦିବାସୀମାନେ ପୂଜା କରିବା ସହ ପର୍ବ ପର୍ବାଣୀରେ ଛେଳି, କୁକୁଡା, ପାରା ବଳି ଦେଉଥିଲେ । ଶୈବପୀଠ ରେ ବଳି ଦେଉଥିବା କଥା ଯେତେବେଳେ ମ. ରାମପୁର ରାଜା ସ୍ୱର୍ଗତ ଦୁର୍ଗା ମାଧବ ସିଂ ଦେଓ ଶୁଣିବାକୁ ପାଇଲେ ସେ ତୁରନ୍ତ ବଳି ପ୍ରଥାକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇ ଜଣେ ମାଳିଙ୍କୁ ପୂଜା କରିବା ପାଇଁ ଦାୟିତ୍ୱ ଦେଇଥିଲେ। ସେହି ମାଳି ପରିବାର ବର୍ତ୍ତମାନ ଯାଏ ପୂଜା କରୁଛନ୍ତି। ଶିଶାଖାଲର ଗୌନ୍ତିଆ ସ୍ୱର୍ଗତ ସାଧବ ସାହୁ ଏଠାରେ ଏକ ମନ୍ଦିର ନିର୍ମାଣ କରାଇଥିଲେ। ତାହା ୧୯୪୮ରେ ପୂର୍ଣ୍ଣାଙ୍ଗ ରୂପ ପାଇଥିଲା । ବର୍ତ୍ତମାନର ରୁଦ୍ରଚଣ୍ଡି ମନ୍ଦିରକୁ ଆଦିବାସୀମାନେ ଓ ଦୁର୍ଗାଚଣ୍ଡୀ ମନ୍ଦିରକୁ ସ୍ୱର୍ଗତ ଲିଙ୍ଗରାଜ ସାହୁ ନାମକ ଜଣେ ବ୍ୟକ୍ତି ନିର୍ମାଣ କରାଇଥିଲେ । ଇତିହାସରୁ ଜଣାଯାଏ ଯେ, ଏହି ସ୍ଥାନରେ ନବମ ଓ ଦଶମ ଶତାବ୍ଦୀରୁ ସୋମବଂଶୀ ରାଜା ଏକ ଶିବ ମନ୍ଦିର ପ୍ରତିଷ୍ଠା କରିଥିଲେ। ସ୍ୱର୍ଗତ ଦୁର୍ଗା ମାଧବ ସିଂ ଦେଓଙ୍କ ଶାସନ କାଳରେ ତାଙ୍କ ଆଦେଶରେ ଏଠାରେ ଖନନ କରାଯାଇ ବର୍ତ୍ତମାନ ଶିବ ଲିଙ୍ଗ ଆବିଷ୍କୃତ କରାଯାଇଥିବା ପ୍ରମାଣ ରହିଛି । ଚଳିତବର୍ଷ ଯାତ୍ରା କମିଟି ସଭାପତି ନିରାକାର ସାହୁ, ସମ୍ପାଦକ କଂସାସୁର ଜାନୀ ରହିଛନ୍ତି।

**ସେମାନେ ଯାହା କହନ୍ତି....**



ପ୍ରତିବର୍ଷ ଭଳି ଚଳିତ ବର୍ଷର ଏହି ମେଳାକୁ ଆକର୍ଷଣୀୟ କରିବା ପାଇଁ ବ୍ୟବସ୍ଥା କରାଯାଉଛି ।
- **କଂସାସୁର ଜାନୀ**, ସମ୍ପାଦକ ଆୟୋଜକ କମିଟି



ହରଗୌରୀ ପୀଠରେ ତାର ଐତିହ ଓ ପରମ୍ପରାକୁ ବଜାଇ ରଖଛି । ପୀଠରେ ଭକ୍ତଙ୍କ ଗହଳି ଲାଗିରହୁଛି ।
-**ହେମନ୍ତ କୁମାର ଦାସ**, ପୂର୍ବତନ ସରପଞ୍ଚ



୪ଟି ବ୍ଲକର ମିଳନସ୍ଥଳରେ ଏହି ଯାତ୍ରା ଅନୁଷ୍ଠିତ ହେଉଥିବା ଯୋଗୁଁ ଗାଁ ଗାଁ ମଧ୍ୟରେ ଏକତା ସୃଷ୍ଟି ହେଉଛି ।
- **ସୁଶାନ୍ତ କୁମାର ପାତ୍ର**, ଶିକ୍ଷିତ ଯୁବକ

ପ୍ରବଳ ଶୀତ ସତ୍ତ୍ୱେ ଯାତ୍ରାରେ ଜନସମାଗମ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଏହି ଯାତ୍ରାକୁ ଶାନ୍ତିଶୃଙ୍ଖଳା ସହିତ ଆୟୋଜନ କରାଯାଉଛି ।
-**ନିରାକାର ସାହୁ** ସଭାପତି, ଆୟୋଜକ କମିଟି

ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଯାପିତ

## କଳାକାରଙ୍କ ନୃତ୍ୟ, ଗୀତରେ ଝୁମିଲେ ଦର୍ଶକ

କଲମପୁର/ଲାଞ୍ଜିଗଡ଼,୧୩।୧ (ଡି.ଏନ.ଏ.)
କଳାହାଣ୍ଡି ଜିଲା କଲମପୁର ବ୍ଲକ ପରିସରରେ ଈଶ୍ୱରୀନନ୍ଦ ମଞ୍ଚରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ଶନିବାର ରାତିରେ ଉଦଯାପିତ ହୋଇଯାଇଛି । ସ୍ଥାନୀୟ ଗ୍ରାମଦେବୀ ଲଙ୍କେଶ୍ୱରୀ ଏବଂ ଠାକୁରାଣୀ ଓ ନିର୍ମାଲ୍ୟ କ୍ଷେତ୍ରରୁ ବଜାଶାଲ, ଘୋଷ ବାଦ୍ୟରେ ମଶାଲ ଶୋଭାଯାତ୍ରା ନଗର ପରିକ୍ରମା କରି ବ୍ଲକରେ ପହଞ୍ଚିଥିଲା । ମଶାଲକୁ ବ୍ଲକ ଅଧ୍ୟକ୍ଷା ମଞ୍ଜୁଳା ସାହୁ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଞ୍ଛାନିଧୀ ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ବିଶ୍ୱଜୀବନ ପାଢୀ ପ୍ରମୁଖ ଧାରଣ କରିଥିବା ବେଳେ ବିଡିଓ ହେମ ସାଗର ଭୋଇ ବ୍ଲକ ସମ୍ମୁଖରେ ମଶାଲ ଗ୍ରହଣ କରି ମଞ୍ଚ ସମ୍ମୁଖରେ ସ୍ଥାପନ କରିଥିଲେ । ବ୍ଲକ ଅଧ୍ୟକ୍ଷା ସାହୁ ପତାକା ଉତୋଳନ କରି ଉତ୍ସବ ଉଦ୍‌ଘାଟନ କରିଥିଲେ । ପୂର୍ବତନ ମନ୍ତ୍ରୀ ତଥା ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଉତ୍ସବରେ ବିଧାୟକ ପ୍ରତିନିଧୀ ପ୍ରଦୀପ କୁମାର ବେହେରା, ଉପାଧ୍ୟକ୍ଷ ଦୁଖୀରାମ ମାଝି, ବିଡିଓ ହେମସାଗର ଭୋଇ, ତହସିଲଦାର ସ୍ମୃତୀ ରଞ୍ଜନ ମଲ୍ଲିକ, ଏବିଡିଓ ଗୋପାଳ କୃଷ୍ଣ ମିଶ୍ର, ବିଇଓ ନବୀନ ଖମାରୀ ଏବଂ ନିର୍ବାଚିତ ଜନପ୍ରତିନିଧୀମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭବାନୀପାଟଣା ଭିଜନ, ପଣ୍ଡିଗାଁ ରେଣ୍ଡୋମାଝି ସାଂସ୍କୃତିକ ଅନୁଷ୍ଠାନ, ବୀର ବାଦ୍ୟ ଘୁମୁରା, ଭଜନ ସନ୍ଧ୍ୟା ଏବଂ ଦୁର୍ଗା ମାଧବ ଉଚ୍ଚ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ଶିଶୁ ବିଦ୍ୟା ମନ୍ଦିର, ଦେପୁର ବିଦ୍ୟାଳୟ, ସ୍ଥାନୀୟ ମହାବିଦ୍ୟାଳୟ ଏବଂ ଅଞ୍ଚଳର ପ୍ରତିଭାବାନ କଳାକାରମାନଙ୍କ ନୃତ୍ୟ ଏବଂ ଗୀତରେ ଦର୍ଶକ ଝୁମିଥିଲେ । ହୁଲହୁଲି, ଝୋଟି, ମୁରୁଜ, ବକ୍ତୃତା ପ୍ରତିଯୋଗିତାରେ କୃତୀ କଳାକାରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ସଫଳ ଚାଷୀ ଭାବେ ତପନ ପଟେଲ, ଶିକ୍ଷକ ପ୍ରଭାଷ ଚନ୍ଦ୍ର ବେହେରା, ହାସେନ ଅଲ୍ଲୀ, ଟୁନା ସାହୁ, ଖବରଦାତା ଶୁଭେନ୍ଦୁ କୁମାର ପଣ୍ଡା ଏବଂ ଶଙ୍କର୍ଷଣ ବେହେରା, ଚିକିତ୍ସା ବିଭାଗରେ କାର୍ଯ୍ୟରତ ତିନିଜଣ କର୍ମଚାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଗୋବିନ୍ଦ ଚନ୍ଦ୍ର ପ୍ରଧାନୀ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ଶିକ୍ଷକ ବିନୋଦ ବିହାରୀ ପଟ୍ଟନାୟକ, ସନ୍ତୋଷ ଚୌଧୁରୀ, ବାଲଗୋପାଲ ତେଣ୍ଡକାରୀ ମଞ୍ଚ ସଂଯୋଜନା କରିଥିଲେ। ସେହିପରି ଲାଞ୍ଜିଗଡ଼ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଶନିବାର ଉଦ୍‌ଯାପିତ ହୋଇଯାଇଛି । ବିଡିଓ ବାସୁଦେବ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ଇଂ ଫକୀରମୋହନ ମାଝି, ମୁଖ୍ୟବକ୍ତା ଲାଞ୍ଜିଗଡ଼ ବ୍ଲକ ସରପଞ୍ଚ ସଂଘ ସଭାପତି ଟଙ୍କଧର ମାଝି, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷା ତୁଳସୀ ନାଏକ, ଏବିଡିଓ ବିଭୁତିଭୂଷଣ ଶତପଥୀ, ସିଡିପିଓ କୁସୁମ ମଞ୍ଜରୀ ପ୍ରହରାଜ, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀ, ବରିଷ୍ଠ ନାଗରିକ ରଘୁବୀର ନାଗ, ପ୍ରହଲ୍ଲାଦ ନାଏକ, ଅନନ୍ତ ପ୍ରଧାନୀ ପ୍ରମୁଖ ଯୋଗଦେଇଥିଲେ । ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ଲାଞ୍ଜିଗଡ ବିଧାୟକ ବଳଭଦ୍ର ମାଝି, ମୁଖ୍ୟବକ୍ତା ଭାବେ ଭବାନୀଶଙ୍କର ନିଆଲ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଅଧକ୍ଷା ଶ୍ରୀମତୀ ମାଝି, ମ. ରାମପୁର ବ୍ଲକ ଅଧକ୍ଷ ଜୀବେଶ କୁମାର ପଣ୍ଡା, ବ୍ଲକ ଯୋଗାଣ ନିରୀକ୍ଷକ ଶିବ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ପୂର୍ବତନ ବ୍ଲକ ଉପାଧକ୍ଷ ଜଗଦୀଶ ବେନିଆ, ତରୁଣ କୁମାର ଦାସ, ଉପେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ସାହୁ, ଗୌରାଙ୍ଗ ମାଝି, ସାଲେରିରଞ୍ଜନ ମିଶ୍ର, ରାଜେଶ ମହାରଣା, ହରେକୃଷ୍ଣ ଘଡେଇଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶିକ୍ଷାବିତ୍ ତପନ କୁମାର ଭୋଇ ଓ ଯୁବଲେଖକ ସୁଶୀଲ କୁମାର ବାଗ । ଏହି ଅବସରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ବଛାବଛା ନୃତ୍ୟ ଦଳ ନୃତ୍ୟ ପ୍ରଦର୍ଶନ କରିଥିଲେ । କମର୍ଦ୍ଧାର ଓମ୍‌ପ୍ରକାଶ ମାଝିଙ୍କ ମିମିକ୍ରି, ମହାଲିଙ୍ଗ ପାଲା ସଂଘର ପାଲା ପରିବେଷଣ, ରାକ୍ସି ଜୟଦୁର୍ଗା ଘୁମୁରା ଦଳର ଘୁମୁରା ଓ ବିଶ୍ୱନାଥପୁର ବ୍ଲକ କଲୋନୀ ସ୍କୁଲର ଛୋଟଛୋଟ ଛାତ୍ରଛାତ୍ରୀମାନଙ୍କ ବଜାଶାଲ ବିଳମ୍ବିତ ରାତିଯାଏଁ ଦର୍ଶକଙ୍କୁ ବାନ୍ଧି ରଖିଥିଲା ।





କଳାହାଣ୍ଡି ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।



ଯାହାର ଲୋଭ, ମାନ ଓ ଅପମାନ ନ ଥାଏ, ସିଏ ସମ୍ପଦ ଓ ବିପଦକୁ ସମାନ ମଣେ। ତାଙ୍କୁ ହିଁ ଭକ୍ତ କୁହାଯାଏ।
- ସନ୍ଥ ତୁଳସୀଦାସ



## ସଂକ୍ଷେପରେ

### ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡା ମହୋତ୍ସବ

**ଭବାନୀପାଟଣା,୧୩।୧(ଡି.ଏନ.ଏ.)**

ଭବାନୀପାଟଣା ଜୟପ୍ରକାଶ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ୨୦୧୮-୧୯ ଶନିବାର ବହୁ ଆଡମ୍ବରପୂର୍ଣ୍ଣ ଭାବରେ ସମାପିତ ହୋଇଛି। ଉକ୍ତ କ୍ରୀଡା ମହୋତ୍ସବରେ ଶାନ୍ତନୁ କୁମାର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ଅଧ୍ୟକ୍ଷ ଛବିଲାଲ ସାହୁ ଓ ଅନ୍ୟାନ୍ୟ ଅଧାପକ ପ୍ରତାପ ଚନ୍ଦ୍ର ଦାଶ, ଶୁଶାନ୍ତ ଦାଶ ଓ କର୍ମଚାରୀ ନାଜନିନ ସୁଲତାନ, ମାନସ ଠାକୁର ଓ ଦୀନବନ୍ଧୁ ନାଗ ପ୍ରମୁଖ ଉପସ୍ଥିତ ରହିଥିଲେ। ବହୁ ଛାତ୍ରଛାତ୍ରୀ ଏଥିରେ ଯୋଗଦେବା ସହ ଅନୁଷ୍ଠାନର ପତକା ଉତ୍ତୋଳନ, ମଶାଲଯାତ୍ରା, ପରେଡ ଓ ପ୍ରତିଜ୍ଞାପର୍ବ ପରେ କ୍ରୀଡା ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ବେହେରା ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ।

**ଆଦର୍ଶ ବିଦ୍ୟାଳୟ ଛଟେଇ କର୍ମଚାରୀ**

### ପୁନଃ ନିଯୁକ୍ତି ନ ଦେଲେ ଆତ୍ମାହୁତି

**ଭବାନୀପାଟଣା,୧୩।୧(ଡି.ଏନ.ଏ.)**

ଓଡିଶା ଆଦର୍ଶ ବିଦ୍ୟାଳୟରେ ଆଉଟ ସୋର୍ସିଂ ସଂସ୍ଥା ଜରିଆରେ ୩୯ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ୨୦୧୬ ରୁ ଗ୍ରୁପ ୫ ସିକ୍ୟୁରିଟି ସାର୍ଭିସ ଅଧୀନରେ ଆଦର୍ଶ ବିଦ୍ୟାଳୟଗୁଡିକରେ ନିଯୁକ୍ତି ହୋଇଥିଲେ। ତେବେ ଏହି ସଂସ୍ଥାର ଚୁକ୍ତି ନବିକରଣ ନ ହେବାରୁ ୨୦୧୭ ଜୁନ୍‌ରୁ ଶିକ୍ଷା ବିଭାଗ ଅଧୀନରେ ୨୦୧୮ ଏପ୍ରେଲ ପର୍ଯ୍ୟନ୍ତ ଏହି ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଥିଲା। ତେବେ ୨୦୧୮ ମାର୍ଚ୍ଚରେ ଅନ୍ୟ ଏକ ଆଉଟ ସୋର୍ସିଂ ସଂସ୍ଥା ଦ୍ୱାରା ନୂତନ ଭାବେ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇ ଏହି ୩୯ ଜଣ କର୍ମଚାରୀଙ୍କୁ ଛଟେଇ କରାଯାଇଥିଲା। ତାହାର ପ୍ରତିବାଦରେ ଅକ୍ଟୋବର ୨ ତାରିଖରୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ୩୯ ଜଣ ଛଟେଇ କର୍ମଚାରୀ ସତ୍ୟାଗ୍ରହ ଚଳାଇଥିଲେ। ଡିସେମ୍ବର ୩୧ ତାରିଖରେ ବିନା ଅନୁମତିରେ ରାସ୍ତା ଅବରୋଧ କରି ସତ୍ୟାଗ୍ରହ ଚଳାଇଥିବା ଅଭିଯୋଗରେ ଆନ୍ଦୋଳନକାରୀମାନଙ୍କୁ ପୋଲିସ ଉଠାଇ ନେଇଥିଲା। ପରେ ଏହି ୩୯ ଜଣ ମଧରୁ ୧୫ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିଲା। ତେବେ ଏହି ୧୫ ଜଣଙ୍କ ନିଯୁକ୍ତିକୁ ପ୍ରତ୍ୟାଖାନ କରିବା ସହ ସମସ୍ତ ୩୯ଜଣ ଛଟେଇ ନିଯୁକ୍ତି ଦାବି କରାଯାଇଛି। ୧୫ ଦିନ ମଧରେ ନିଯୁକ୍ତି ଦିଆ ନ ଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛଟେଇ କର୍ମଚାରୀମାନେ ସାମୂହିକ ଆତ୍ମାହୁତୀ ଦେବେ ବୋଲି ସ୍ଥାନୀୟ ଅମଲା ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ହରିଶଚନ୍ଦ୍ର ନାଗ, ଗୋବର୍ଦ୍ଧନ ଦୁର୍ଗା, ଡିଙ୍ଗର ରାଉତ, ଡମ୍ବରୁଧର ରଣା, ଚିନ୍ମୟ ବେହେରା ପ୍ରମୁଖ ଉପସ୍ଥିତ ରହି ଏହି ଚେତାବନୀ ଦେଇଛନ୍ତି।

**ଜୋଙ୍କ ପ୍ରକଳ୍ପ ଚାଷୀ ଆନ୍ଦୋଳନ ଜାରି**

# ସମାଧାନ କରିବାରେ ପ୍ରଶାସନ ପୁଣି ବିଫଳ

**ନୂଆପଡା ଅଫିସ,୧୩।୧**



ଉପର ମୁଣ୍ଡ ଚାଷୀଙ୍କ ଆନ୍ଦୋଳନସ୍ଥଳରେ ପ୍ରଶାସନିକ ଟିମ।

- ପ୍ରଶାସନିକ ଟିମ ଯାଇ ଫେରିଲା
- ଜଳ ସମାଧି ଦେବାକୁ ଚେତାବନୀ

ନୂଆପଡା ଜିଲା ଜୋଙ୍କ ଜଳ ସେଚନ ପ୍ରକଳ୍ପର ରବି ଚାଷ ସକାଶେ ପାଣି ବଣ୍ଟନକୁ ନେଇ ଦୁଇ ମୁଣ୍ଡର ଚାଷୀଙ୍କ ମଧ୍ୟରେ ଛକାପଞ୍ଝା ଚରମ ସୀମାରେ ଆସି ପହଞ୍ଚିଛି । ପାଣି ପାଇଁ ଉପର ମୁଣ୍ଡ ଚାଷୀ ଆଜିକୁ ଦୀର୍ଘ ୨୦ଦିନ ଧରି ଆନ୍ଦୋଳନରେ ବସିଥିବା ବେଳେ ତଳମୁଣ୍ଡ ଚାଷୀ ରବି ଚାଷ ସକାଶେ ପାଣିକୁ ଜଗି ରହିଛନ୍ତି। ଏହା ଉପରେ ପ୍ରଶାସନ ସମାଧାନର ସୂତ୍ର ବାହାର କରୁ ନ ଥିବାରୁ ଦୁଇ ମୁଣ୍ଡ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢି ଚାଲିଛି । ରବିବାର ଉପର ମୁଣ୍ଡ ଚାଷୀଙ୍କ ଆନ୍ଦୋଳନ ସ୍ଥଳକୁ ପ୍ରଶାସନିକ ଟିମ ଗସ୍ତ କରିଥିଲେ । ସେଠାରେ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ ମଧ୍ୟ ବିଫଳ ହେବାରୁ ଫେରି ଆସିଛନ୍ତି । ଅନ୍ୟପକ୍ଷେ ଏହି ଚାଷୀମାନେ ସେମାନଙ୍କୁ ନ୍ୟାୟ ନ ମିଳିଲେ ଶେଷରେ ହଜାର ହଜାର ସଂଖ୍ୟାରେ ଚାଷୀମାନେ ଜଳ ସମାଧୀ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସବୁଦିନ ଭଳି ପଞ୍ଚମପୁର ସବମାଇନର ନିକଟରେ ହଜାର ହଜାର ସଂଖ୍ୟାରେ ଉପର ମୁଣ୍ଡ ଚାଷୀମାନେ ଧାରଣାରେ ବସିଥିଲେ । ପ୍ରଶାସନ ତରଫରୁ ଜୋଙ୍କ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଗୌରାଙ୍ଗ ଚରଣ ସାହୁଙ୍କ ନେତୃତ୍ୱରେ ଏକ ଟିମ ମାଜିଷ୍ଟ୍ରେଟ ଏବଂ ପୋଲିସ ଟିମ ସହ ଧାରଣାସ୍ଥଳରେ ପହଞ୍ଚିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ସୁଶାନ୍ତ କୁମାର ରଣା, ଥାନାଧିକାରୀ ବିବେକାନନ୍ଦ ମହନ୍ତ, କନିଷ୍ଠ ଯନ୍ତ୍ରୀ ନିମାଇଁ ନାଏକ ପ୍ରମୁଖ ସାମିଲ ଥିଲେ। ସେଠାରେ ଆନ୍ଦୋଳନକାରୀ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ଏହି ଟିମ ଏଥର ପାଣିକୁ ଛାଡି ଦେବାକୁ ଅନୁରୋଧ କରିଥିଲେ । ପରବର୍ତ୍ତି ସମୟରେ ଏହା ଉପରେ ବିଧିବଦ୍ଧ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। ଏଥିରେ ଆନ୍ଦୋଳନକାରୀମାନେ ସେମାନଙ୍କୁ ତୁରନ୍ତ ନ୍ୟାୟ ଦରକାର, ନ ହେଲେ ସେମାନେ ଉଠିବେ ନାହିଁ । ପ୍ରଶାସନ ଜୋର ଜବରଦସ୍ତି ପାଣି ଛାଡିବାକୁ ପ୍ରୟାସ କଲେ ସେମାନେ କେନାଲ ପାଣିରେ ବୁଡି ଜଳ ସମାଧୀ ଦେବେ ବୋଲି ଚେତାବନୀ ଦେଇଥିଲେ। ଗୋଟିଏପଟେ ଶତାଧିକ ପୋଲିସ ବଳ ଏବଂ ଅନ୍ୟପଟେ ହଜାର ହଜାର ସଂଖ୍ୟାରେ ଆନ୍ଦୋଳନକାରୀଙ୍କ ନାରାବାଜି ପ୍ରଶାସନିକ ଅଧିକାରୀଙ୍କୁ ଅଣନିଶ୍ୱାସୀ କରିଦେଇଥିଲା । ଶେଷରେ ଚୁପ ହୋଇ ଅଧିକାରୀମାନେ ଫେରିଆସିଥିଲେ । ସୂଚନାଯୋଗ୍ୟ ଯେ, ଗତ ମାସ ୨୫ ତାରିଖଠାରୁ ତଳ ମୁଣ୍ଡକୁ ପାଣି ଛାଡିବାକୁ ନିଷ୍ପତ୍ତି ହୋଇଥିଲା । ସେହି ଦିନଠାରୁ ଉପର ମୁଣ୍ଡ ଚାଷୀମାନେ ଧାରଣାରେ ବସିଛନ୍ତି । ଦିନ ପରେ ଦିନ ୨୦ ଦିନ ଗଡିଗଲାଣି । ଏଣେ ତଳ ମୁଣ୍ଡର ରବି ଚାଷ ସକାଶେ ତଳିପକା ସମୟ ଗଡିଗଲାଣି । ଉପରମୁଣ୍ଡର ୬ ଖଣ୍ଡ ଗ୍ରାମପଞ୍ଚାୟତରେ ସମସ୍ତ ଦୋକାନ ବଜାର ଆଜିକୁ ୭ ଦିନ ହେବ ବନ୍ଦ ପଡିଛି। ଛାତ୍ରୀଛାତ୍ରମାନେ ସ୍କୁଲ କଲେଜକୁ ନ ଯାଇ ଆନ୍ଦୋଳନରେ ସାମିଲ ରହିଛନ୍ତି। ଆନ୍ଦୋଳନକାରୀମାନେ କୌଣସି ବି ସରକାରୀ କାର୍ଯ୍ୟକ୍ରମରେ ସହଯୋଗ କରିବେ ନାହିଁ ବୋଲି ଧାରଣା ଜାଗାରେ ବସିରହିଛନ୍ତି। ଏହାକୁ ପ୍ରଶାସନ ଗୁରୁତ୍ୱର ସହ ବିଚାରକୁ ନେବା ଜରୁରୀ ହୋଇପଡିଛି।

**ଯୁବ କଂଗ୍ରେସର ମାରାଥନ ଦୌଡ ପ୍ରତିଯୋଗିତା**

## ସାମିଲ ହେଲେ ଯୁବ କର୍ମକର୍ତ୍ତା

**ନୂଆପଡ଼ା ଅଫିସ/କୋମନା, ୧୩।୧**

ନୂଆପଡ଼ା ଜିଲା କୋମନା ବ୍ଲକରେ ଜିଲା ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଶାହରୁଖ ଖାନଙ୍କ ନେତୃତ୍ୱରେ ମାରାଥନ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏଥିରେ ଜିଲା ତଥା ରାଜ୍ୟ କଂଗ୍ରେସର ବହୁ ରଥି ମହାରଥିମାନେ ସାମିଲ ହୋଇଥିଲେ। ରବିବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଉଦ୍ୟାନବନ୍ଧଠାରୁ ଆରମ୍ଭ ହୋଇଥିବା ଦୌଡ ପ୍ରତିଯୋଗିତା କୋମନା ପର୍ଯ୍ୟନ୍ତ ଚାଲିଥିଲା । ଏହାକୁ ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି ଶୁଭାରମ୍ଭ କରିଥିଲେ । ଏଥିରେ ସ୍କୁଲ ଛାତ୍ର, ଯୁବକମାନେ ସାମିଲ ହୋଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କୋମନା ବସଷ୍ଟାଣ୍ଡରେ ଆୟୋଜିତ ସଭାରେ ଶାହରୁଖ ଖାନ ସଭାପତିତ୍ୱ କରିଥିବାବେଳେ ରାଜ୍ୟ କଂଗ୍ରେସ ପ୍ରଚାର କମିଟି ସଭାପତି ଭକ୍ତଚରଣ ଦାସ ମୁଖ୍ୟଅତିଥି, ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି, ରାଜ୍ୟ କଂଗ୍ରେସର ସାଧାରଣ ସମ୍ପାଦକ ଅଧିରାଜ ପାଣିଗ୍ରାହୀ, ଯୁବ କଂଗ୍ରେସର ଓଡିଶା ଦାୟିତ୍ୱରେ ଥିବା ପୂର୍ଣ୍ଣଚନ୍ଦ୍ର ପାଢୀ, ଅଙ୍କିତ ସିଙ୍ଘଇ, ରବୀନ୍ଦ୍ର ମଙ୍ଗରାଜ, ପାଶା ମହାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କଂଗ୍ରେସରେ ଯୁବ ଶକ୍ତି ଆଗକୁ ଆସୁଥିବା ଦଳ ପାଇଁ ଶୁଭଙ୍କର । ଦଳର ହାତ ମୁଠାକୁ ଯୁବ ସମାଜ ମଜଭୁତ କରିବାରେ ଲାଗିଛନ୍ତି । ଏହି ମାରାଥନ ଏକ ପ୍ରତୀକାତ୍ମକ ଭାବେ ଦଳର ଶକ୍ତି ଏବଂ ସାମର୍ଥ୍ୟକୁ ସୂଚାଇ ଦେଇଥାଏ ବୋଲି କହିଥିଲେ । ଏହି ପ୍ରତିଯୋଗିତାରେ ପ୍ରଥମ ରିଙ୍କୁ ସାହୁ, ଦ୍ୱିତୀୟ ସ୍ଥାନ ଲଖି ନାଥ ନାଏକ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ନିରାକାର ବଘେଲଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସାଧାରଣ ସମ୍ପାଦକ ଶାହରୁଖ ଖାନ ଧନ୍ୟବାଦ ଦେଇଥିଲେ।



ମାରାଥନ ଦୌଡରେ ସାମିଲ ଥିବା ଯୁବବର୍ଗ ।

## ଧର୍ମଗଡଠାରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା

**ଧର୍ମଗଡ,୧୩।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡଠାରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ମହାସମାରୋହରେ ପାଳିତ ହୋଇଯାଇଛି। ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ ଯୋଗଦେଇ କଳାହାଣ୍ଡିର କଳା ଆଜି ସମଗ୍ର ବିଶ୍ୱଦରବାରରେ ଗୋଟିଏ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଅତିତରେ ଅନାହାର, ମରୁଡି ଏବଂ ଛୁଆ ବିକ୍ରି ପାଇଁ ଚର୍ଚ୍ଚିତ କଳାହାଣ୍ଡି ଆଜି ତାର କଳାପାଇଁ ଏକ ନିଆରା ପରିଚୟ ସୃଷ୍ଟି କରିପାରିଛି ଏବଂ ଆଜି କଳାହାଣ୍ଡି ଓଡିଶାର ଭାତ ହାଣ୍ଡି ଭାବରେ ପରିଗଣିତ ହୋଇଛି ବୋଲି ସେ କହିଥିଲେ। ବିଡିଓ ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ୍ୟ ବଳରାମ ପୂଝାରୀ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପରମେଶ୍ୱର ମୁଣ୍ଡ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଧର୍ମଗଡ ଏନଏସି ଉପାଧକ୍ଷ୍ୟ ଅଶୋକ ମହାନ୍ତି, ସରପଞ୍ଚ ସଂଘ ସଭାପତି ବିର କିଶୋର ନାଏକ, ଗଡିଆଯୋର ସମିତି ସଭ୍ୟ ପୁଷ୍ପନ୍ଦ୍ର ସାଗର ପ୍ରମୁଖ ମଞ୍ଚାସୀନ ଥିଲେ । ସମିତି ସଭ୍ୟ ଥବିର ପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ବିଶିଷ୍ଟ ମଞ୍ଚ ସଂଯୋଜକ ଘନଶ୍ୟାମ ମେହେରଙ୍କ ସଂଯୋଜନାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଲୋଇସିଂହାର ସଙ୍ଗୀତ ସାଧନା ସହ ବ୍ଲକ ବିଭିନ୍ନ ଦଳରୁ ଆସିଥିବା ଘୁମୁରା ଓ ଅନ୍ୟ ସାଂସ୍କୃତିକ ଦଳମାନେ ନିଜ କଳା ପ୍ରଦର୍ଶନ କରିଥିଲେ। ଜୟନ୍ତପୁର ସମିତି ସଭ୍ୟା ରମଣୀ ଦୁରିଆ ଧନ୍ୟବାଦ ପ୍ରଦାନ କରିଥିଲେ। ଶନିବାର ସକାଳ ୧୨ଟାରେ ଧର୍ମଗଡର ଅଧିଷ୍ଠାତ୍ରୀ ମା' ଘଣ୍ଟାରଘରଣୀଙ୍କ ପୀଠରୁ ଢ଼ୋଲ ନିଶାନ ଘୁମୁରାର ତାଳେତାଳେ ମଶାଲ ଯାତ୍ରା ବାହାରିଥିଲା । ଧର୍ମଗଡ ବ୍ଲକ ଅଧକ୍ଷ୍ୟ ବଳରାମ ପୂଝାରୀ, ଉପାଧକ୍ଷ୍ୟ ରୀତାଞ୍ଜଳୀ ପଣ୍ଡା, ବିଡିଓ ଅଶୋକ କୁମାର ଭୋଇ, ସହକାରୀ ଯନ୍ତ୍ରୀ ପଞ୍ଚୁ ବେହେରା, ଥବିର ସାହୁ, ରମଣୀ ଦୁରିଆ, ବ୍ଲକର ସମସ୍ତ ଯନ୍ତ୍ରୀ, କର୍ମଚାରୀ ଓ ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟାସଭ୍ୟ, ସରପଞ୍ଚ ସାମିଲ ହୋଇଥିଲେ। ମଶାଲ ବ୍ଲକ ମଞ୍ଚରେ ପହଞ୍ଚିବା ପରେ ସେଠାରେ ସ୍ଥାପନ କରାଯାଇଥିଲା । ଏହି ଅବସରରେ ପର୍ଲା ଏପିଦାସ ହାଇସ୍କୁଲ ବିଜ୍ଞାନ ଶିକ୍ଷକ ତେଜେଶ୍ୱର ସାହୁ ଏବଂ ସମିତି ସଭ୍ୟ ଥବିର ପ୍ରସାଦ ସାହୁଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ।



କଳାହାଣ୍ଡି ଉତ୍ସବ ଘୁମୁରାରେ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

### ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ

**ଭବାନୀପାଟଣା,୧୩।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁ. ରାମପୁରରେ ବ୍ଲକ୍‌ସ୍ତରୀୟ ୨୩ ତମ କଳାହାଣ୍ଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷା ସାନ୍ତି ମାଝିଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ମିର୍ଦ୍ଧା ଟପୋ, ମୁଖ୍ୟବକ୍ତା ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା ଓ ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନୀ, ପଶ୍ଚିମ ଓଡିଶା ବୈଷୟିକ କମିଟି ସଦସ୍ୟ ମାଣିକ୍ୟ ଚନ୍ଦ୍ର ନାୟକ, ବିଡିଓ ନବିନ ଚନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟ ମୁରଲୀ ନାଏକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ କେସିଙ୍ଗା, ଭବାନୀପାଟଣାର ଉଦୀୟମାନ ଉଡିଶୀ କଳାକାର ଆବାସିକ ବାଳକ ବିଦ୍ୟାଳୟ, ପେରୁମଞ୍ଜି ଡୋକରୀ ଡ୍ୟାନ୍ସ ଗ୍ରୁପ୍‌ର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେଇଥିଲୋ। ଓଡିଶା ସିନେ ଅଭିନେତ୍ରୀ ଲୋଚନୀ ବାଗ ମଞ୍ଚ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ପଞ୍ଚାୟତ ଅଧିକାରୀ ଲିଙ୍ଗରାଜ ସାହୁ ଉଦ୍‌ଘାଟିତ କରିଥିଲେ।

## ଧର୍ମଗଡ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ଧର୍ମଗଡ,୧୩।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୪ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି ବିରଞ୍ଚି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା, ମୁଖ୍ୟବକ୍ତା ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ମୋହନ ସୁନ୍ଦର ପଣ୍ଡା, ସମ୍ମାନିତ ଅତିଥି ପରିଚାଳନା ସମିତି ସମ୍ପାଦକ ଚଉବନ ଗୋପାଲ, ଯୁଗ୍ମସମ୍ପାଦକ ଶ୍ରବଣ କୁମାର ଜାଲ, କଳାହାଣ୍ଡି ବିଭାଗ ସଦସ୍ୟ ବିନାୟକ ଯୋଷୀ ପ୍ରମୁଖ ମଞ୍ଚାସୀନ ଥିଲେ। ରାଷ୍ଟ୍ର ନିର୍ମାଣରେ ଶିଶୁ ମନ୍ଦିର ଭୂମିକା ଉପରେ ଅତଥିମାନେ ଆଲୋଚନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରବଣ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଆଚାର୍ଯ୍ୟ ମଳୟ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

**ହାତୀବନ୍ଧା-ମା' ପାହାରଭଣ୍ଡାର ଫୁଟବଲ୍ ଟୁର୍ନାମେଣ୍ଟ**

## ବିଶାଖାପାଟଣାକୁ ହରାଇ ଦାମନଯୋଡି ଚାମ୍ପିୟନ

**ସିନାପାଲି,୧୩।୧(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ହାତୀବନ୍ଧାଠାରେ ସ୍ପୋର୍ଟସ୍ କ୍ଲବ୍ ହାତୀବନ୍ଧା ଆନୁକୂଲ୍ୟରେ ଗତ ୬ ତାରିଖଠାରୁ ଚାଲିଥିବା ମା' ପାହାରଭଣ୍ଡାର ନକ୍‌ଆଉଟ୍ ଫୁଟବଲ୍ ଟୁର୍ନାମେଣ୍ଟ-୨୦୧୯ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ, ସମ୍ମାନିତ ଅତିଥି ରାଜ୍ୟ ଯୁବ କଂଗ୍ରେସ କମିଟି ସମ୍ପାଦକ ଅଧିରାଜ ପାଣିଗ୍ରାହୀ, ପୂର୍ବତନ ଜିଲା ପରିଷଦ ଲିଙ୍ଗରାଜ ଘିଭେଲା, ସାମାଜିକ କର୍ମୀ କ୍ଷମାନିଧି ନିଆଲ, ସିନାପାଲି ବ୍ଲକ୍ ଉପାଧ୍ୟକ୍ଷ ସୁବାସ ଅଗ୍ରୱାଲ, ହୁକୁମଚନ୍ଦ୍ର ଅଗ୍ରୱାଲ, ଚିତ୍ରଭାନୁ ସିଂ ମାଝି, ସ୍ପୋର୍ଟସ୍ କ୍ଲବ୍ ସମ୍ପାଦକ ଭରତଚନ୍ଦ୍ର ମିଶ୍ର, ସଭାପତି ପ୍ରମୋଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ୍ ଖେଳ ବିଶାଖାପାଟଣା ଏବଂ ଦାମନଯୋଡି ମଧରେ ହୋଇଥିବା ବେଳେ ପେନାଲ୍‌ଟି ଜରିଆରେ ୩-୧ ଗୋଲ୍‌ରେ ଦାମନଯୋଡି ବିଜୟ ଲାଭ କରି ଚାମ୍ପିୟନ ହୋଇଥିଲା । ବରିଷ୍ଠ କ୍ରୀଡାବିତ୍ କମଳ ପ୍ରସାଦ ମିଶ୍ର ଖେଳ ପରିଚାଳନା କରିଥିବା ବେଳେ ଉପେନ୍ଦ୍ର ବାଗ ଏବଂ ଦେବାଶିଷ ମିଶ୍ର ଲାଇନ୍ ମ୍ୟାନ୍ ଭାବରେ ସହଯୋଗ କରିଥିଲେ । ଖିରସିନ୍ଧୁ ମେହେର, ଆନନ୍ଦାନନ୍ଦ ମେହେର, ପ୍ରକାଶ ପାତ୍ର ପ୍ରମୁଖ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ । ଏହି ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ସାମିଲ ହୋଇଥିଲା । ବିଜେତା ଦାମନଯୋଡି ଦଳକୁ ଟ୍ରଫି ସହ ପଚିଶ ହଜାର ଟଙ୍କା ଏବଂ ଉପବିଜେତା ବିଶାଖାପଟଣା ଦଳକୁ ଟ୍ରଫି ସହ କୋଡିଏ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା । ବେଷ୍ଟ ଭୋଲେଣ୍ଟିୟର୍ ଭାବରେ ରଘୁ ମଙ୍ଗରାଜ, ବେଷ୍ଟ ଖେଳ ପରିଚାଳକ ଭାବରେ ବରିଷ୍ଠ କ୍ରୀଡାବିତ୍ କମଳ ପ୍ରସାଦ ମିଶ୍ର, ବେଷ୍ଟ ଗୋଲ କିପର ଭାବରେ ଏସ୍. ଗଣେଶ (ବିଶାଖାପାଟଣା), ବେଷ୍ଟ ସ୍କୋରର୍ ଭାବରେ ଅର୍ଜୁନ ମୁଦୁଲି (ଦାମନଯୋଡି) ଏବଂ ବେଷ୍ଟ ଉଦ୍‌ଘୋଷକ ଭାବରେ ପ୍ରକାଶ ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଟୁର୍ନାମେଣ୍ଟ ପରିଚାଳନା କମିଟି ସଭାପତି ଭାବରେ ପ୍ରମୋଦ କୁମାର ପଣ୍ଡା, ଉପସଭାପତି ଅଖିଳ ସିଂ ମାଝି, ସମ୍ପାଦକ ଭରତ ଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ରମେଶ ଦୁବେ ଓ କୋଷାଧ୍ୟକ୍ଷ ଭାବରେ ଆନନ୍ଦାନନ୍ଦ ମେହେର ଦାୟିତ୍ୱ ତୁଲାଉଥିଲେ । ଉପଦେଷ୍ଟା ମଣ୍ଡଳୀରେ ଚିତ୍ରଭାନୁ ସିଂ ମାଝି, ହୁକୁମ ଚନ୍ଦ୍ର ଅଗ୍ରୱାଲ, ପ୍ରେମଲାଲ ମେହେର, ହନୁମାନ ବେହେରା, ରାଜେନ୍ଦ୍ର ଜାନି ପ୍ରମୁଖ ଦାୟିତ୍ୱରେ ରହିଥିଲେ।



ଫାଇନାଲ ଖେଳ ଅବସରରେ ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

**ଅଧକ୍ଷା ଓ ବିଡିଓଙ୍କ ବିବାଦ: ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ବାତିଲ**

# କଳାକାର, ଲୋକଙ୍କ ଅସନ୍ତୋଷ

**କର୍ଲାମୁଣ୍ଡା,୧୩।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଶୁକ୍ରବାର ହେବାକୁ ଥିବା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବକୁ ନେଇ କିଛି ରାଜନେତା ଓ ବ୍ଲକ ପ୍ରଶାସନର ଟଣାଓଟରା ତଥା ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ନିଜ ଜିଦରେ ଅଟଳ ରହିଥିଲେ। ଫଳରେ ଶେଷ ମୁହୂର୍ତ୍ତରେ ଉତ୍ସବ ବାତିଲ ହେବାରୁ ଜନଅସନ୍ତୋଷ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ ଯେ, ଚଳିତବର୍ଷ ଉତ୍ସବ ପାଇଁ ଏକାଧିକବାର ପ୍ରସ୍ତୁତି ବୈଠକ ହୋଇଥିଲା । ବିଡିଓ ଏବଂ ଅଧକ୍ଷାଙ୍କ ମଧ୍ୟରେ କୌଣସି କାରଣରୁ ମତପାର୍ଥକ୍ୟରୁ ବିଡିଓଙ୍କ ନିଷ୍ପତ୍ତିକ୍ରମେ ବ୍ଲକ ସଂସ୍କୃତି ପରିଷଦ ଗଠନ କରାଯାଇ ୧୦ ତାରିଖରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କାର ବଣ୍ଟନ ମଧ କରାଯାଇଥିଲା । ପୁରସ୍କାର ବିତରଣରେ ଦିଆଯାଇଥିବା ପ୍ରମାଣପତ୍ରରେ ବ୍ଲକ ଅଧକ୍ଷା ଦସ୍ତଖତ କରିବାକୁ ମନା କରିଦେବାରୁ ବ୍ଲକ ଉପାଧକ୍ଷାଙ୍କ ସ୍ୱାକ୍ଷର ନିଆଯାଇଥିଲା । ଅପରପକ୍ଷରେ ବିଡିଓଙ୍କ ପତ୍ର ସଂଖ୍ୟା ୯୪, ତା.୧୦।୦୧।୨୦୧୯ରିଖ ଅନୁଯାୟୀ ବ୍ଲକ ଅଧକ୍ଷା ଦୁର୍ବ୍ୟହାର ଦେଉଥିବାରୁ ବ୍ଲକ ପ୍ରଶାସନ କଳାହାଣ୍ଡି ଉତ୍ସବ ଆୟୋଜନରୁ ଦୂରେଇ ରହି ଲୋକ ମହୋତ୍ସବ ସ୍ଥାନୀୟ ଜନସାଧାରଣମାନେ ହିଁ ଆୟୋଜନ କରିବେ ବୋଲି ଚିଠି ଉଲ୍ଲେଖ କରିବା ସହ ବ୍ଲକ ସଂସ୍କୃତି ପରିଷଦକୁ ସୂଚନା ଦେଇଥିଲେ। ତଦନୁସାରେ ବ୍ଲକ ସଂସ୍କୃତି ପରିଷଦ ପକ୍ଷରୁ ବିଧିବଦ୍ଧ ଭାବେ ଉତ୍ସବ ସାରିବା ପାଇଁ ଶୁକ୍ରବାର ସକାଳ ୧୦ଟାରେ କର୍ଲାମୁଣ୍ଡା ବସ୍ତି ଜଗନ୍ନାଥ ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରା ମଞ୍ଚ ପର୍ଯ୍ୟନ୍ତ ଆସିଥିଲା। ଆୟୋଜିତ ଉଦଘାଟନୀ ସଭାରେ ବ୍ଲକ ଉପାଧକ୍ଷା ଆନନ୍ଦିନୀ ଭୋଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଧନେଶ୍ୱର ମାଝି ଯୋଗଦେଇଥିଲେ। ସନ୍ଧ୍ୟାରେ ହେବାକୁ ଥିବା ଉଦଯାପନୀ ସଭାରେ ବ୍ଲକ ଅଧକ୍ଷା ମୁଁ ହିଁ ସଭା କାର୍ଯ୍ୟରେ ବସିବି ବୋଲି ଅଡି ବସିବାରୁ ସମସ୍ତ ଖର୍ଚ୍ଚ ବହନ କରିବାକୁ ନିଷ୍ପତ୍ତି ନେଇଥିବା ଦାୟିତ୍ୱକୁ ଅଧକ୍ଷା ବହନ କରନ୍ତୁ ବୋଲି ବ୍ଲକ ସଂସ୍କୃତି ପରିଷଦ ଜିଦ୍ ଧରିଥିଲେ। ଏପରିକି ଉତ୍ସବର ଅତିଥି ପଶ୍ଚିମ ଓଡିଶା ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରେମାନିଧି ସେଠ୍ ଓ ଜିଲା ଉତ୍ସବ ପର୍ଯ୍ୟବେକ୍ଷକ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଏହାର ସମାଧାନ ଉଦ୍ୟମ କରିଥିଲେ ହେଁ ହୋଇ ପାରି ନ ଥିଲା। ରାତି ୯ଟା ଯାଏଁ ବିଭିନ୍ନ ସ୍ଥାନରୁ ଆସିଥିବା ସାଂସ୍କୃତିକ ଦଳ ଓ ଶହ ଶହ ଦର୍ଶକ ଦୀର୍ଘ ସମୟ ଅପେକ୍ଷା କରି ଶେଷରେ ନିରାଶ ହୋଇ ଫେରିଯାଇଥିଲେ। ଯାହା ବ୍ଲକର ହଜାର ହଜାର ଜନତା, କଳାକାର, ଶିକ୍ଷାବିତ, ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ଭାବ ଦେଖାଦେଇଛି । ଏ ନେଇ ବ୍ଲକ ଅଧକ୍ଷା ଅମ୍ରିତା ସାହୁଙ୍କୁ ଯୋଗାଯୋଗ କରାଯିବାରୁ ମୁଁ ବ୍ଲକ ଅଧକ୍ଷା ଏବଂ ମଞ୍ଚରେ ସଭାପତିତ୍ୱ କରିବା ମୋ ଅଧିକାର ଅଛି। କିଛି ବ୍ୟକ୍ତି ମୋତେ ବିରୋଧ କରି ଉଦ୍ଦେଶ୍ୟ ମୂଳକ ଭାବେ କାର୍ଯ୍ୟକ୍ରମକୁ ଭଣ୍ଡୁର କରିଥିଲେ ବୋଲି କହିଛନ୍ତି।




ଖାଲି ପଡିଛି କର୍ଲାମୁଣ୍ଡା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ମଞ୍ଚ ।

### ଅବ୍ୟବସ୍ଥାରେ ସରିଲା ଗୋଲାମୁଣ୍ଡା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ

**ଗୋଲାମୁଣ୍ଡା,୧୩।୧(ଡି.ଏନ.ଏ.)**

ଗୋଲାମୁଣ୍ଡା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ-୨୦୧୯ ଗୋଲାମୁଣ୍ଡା ବ୍ଲକ ପ୍ରାଙ୍ଗଣ ଚୁରାପାହାଡ ମଞ୍ଚଠାରେ ପାଳିତ ହୋଇଯାଇଛି। କଳାହାଣ୍ଡି ଉତ୍ସବ ଘୋର ଅବ୍ୟବସ୍ଥାରେ ପାଳନ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । କଳାହାଣ୍ଡିର ଲୋକ କଳା, ଲୋକ ବାଦ୍ୟ ଓ ସଂସ୍କୃତିକୁ ବହନ କରୁଥିବା ଲୋକ ନୃତ୍ୟ ପରିବେଷଣ ଯାଗାରେ ପେନଡ୍ରାଇଭ ଓ କ୍ୟାସେଟ ବଜାଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବାରୁ ଏହାକୁ ଲୋକେ ନା ପସନ୍ଦ କରିଥିଲେ । ଅନୁଷ୍ଠିତ ରାଲିରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ଡକାଇ ଭୋକିଲା ରଖି ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖା ଦେଇଥିଲା । ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ତୁଲେଶ୍ୱର ନାଏକଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, ଗୋଲାମୁଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ନିଗ୍ଧାରାଣୀ ପ୍ରଧାନ, ବ୍ଲକ ଉପଧକ୍ଷା ମମତା ରାଉତ, ତହସିଲଦାର ମନିଶା ଦାସ, ଗୋଲାମୁଣ୍ଡା ସମିତି ସଭ୍ୟ ରାମବିଳାଶ ସାଗର, ଧାମନପୁର ସମିତି ସଭ୍ୟ ଇଂ. ଦିନେଶ କୁମାର ରାଉତ, ମାନଝରୀ ସରପଞ୍ଚ ଗିରିଧାରି ତେଜୀ, ଅବସରପ୍ରାପ୍ତ ଚିଫ୍ ପ୍ରିନ୍ସିପାଲ ଇନକମ୍ ଟ୍ୟାକ୍ସ କମିଶନର ଶ୍ରୀକାନ୍ତ ଚାଟାର୍ଜି, ବ୍ଲକସ୍ତରୀୟ ସେଲିବ୍ରେସନ କମିଟି ଅଧକ୍ଷ ପ୍ରଦୀପ ସାହୁ, ବ୍ଲକସ୍ତରୀୟ ସେଲିବ୍ରେଶନ କମିଟି ସଦସ୍ୟ ଅଶେଶ୍ୱର ବାଗ, ସଚ୍ଚିଦାନନ୍ଦ ମହାକୁଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।

- ସାମୁଏଲ୍ ଜନ୍‌ସନ

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ଟ୍ରାଫିକ୍ ନିୟନ୍ତ୍ରଣ

**ବଲାଙ୍ଗୀର ଅଫିସ, ୧୩।୧-** ୧୫ ତାରିଖ ପ୍ରଧାନମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ କାର୍ଯ୍ୟକ୍ରମକୁ ନେଇ ବଲାଙ୍ଗୀର ପୋଲିସ ପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣ ନେଇ ସୂଚନା ଦିଆଯାଇଛି। ପାଟଣାଗଡ ରାସ୍ତାରୁ ଆସୁଥିବା ଚାରିଚକିଆ ଯାନବାହାନକୁ ଡୁଡକାଶିରା ରାସ୍ତାରେ ପାର୍କିଂ କରାଯିବାକୁ ସୂଚନା ଦିଆଯାଇଛି। ସେହିପରି ସମ୍ବଲପୁର, ବରଗଡ଼ରୁ ଆସୁଥିବା ଗାଡିମଟର ଲର୍କିପାଲି ସରକାରୀ ଆଇଟିଆଇ ପଡ଼ିଆରେ ପାର୍କିଂ ସ୍ଥାନ ଚିହ୍ନଟ କରାଯାଇଛି। ବୌଦ୍ଧ, ସୋନପୁରରୁ ଆସୁଥିବା ଗାଡିଗୁଡିକ ସୁଦପଡ଼ା ଓଭରବ୍ରିଜ୍ ମତ୍ସ୍ୟ ଅଫିସ ଦେଇ ସଦାଇପାଲି-ବରକାନୀ ପଡ଼ିଆରେ ପାର୍କିଂ କରିବେ। କଳାହାଣ୍ଡି, ନବରଙ୍ଗପୁର ଓ ଟିଟିଲଗଡ଼ରୁ ଆସୁଥିବା ଗାଡି ସିନ୍‌ଖମନଠାରେ ପାର୍କିଂ କରାଯିବ। ସହରର ଗାଡିଗୁଡିକ ଧୁମାମରାଠାରେ ପାର୍କିଂ କରଯିବ ବୋଲି ସୂଚନା ଦିଆଯାଇଛି। ୧୫ ତାରିଖରେ କୌଣସି ଚାରିଚକିଆ ଯାନ ସହର ବାହାରୁ ଭିତରକୁ ପ୍ରବେଶ ଯେପରି କରିବ ନାହିଁ ସେନେଇ ଧ୍ୟାନ ଦେବାକୁ ଟ୍ରାଫିକ୍ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ସାଇରାମ ଗାନ୍ଧୀ

**ବଲାଙ୍ଗୀର ଅଫିସ, ୧୩।୧-** ନିଜକୁ ଗାନ୍ଧୀ ବେଶରେ ସଜାଇ ସ୍ୱଚ୍ଛତା ଅଭିଯାନ ଉପରେ ସଚେତନତା କାର୍ଯ୍ୟ କରୁଥିବା ଯାଜପୁର ଜିଲାର ସାଇରାମ ଗାନ୍ଧୀ ଭାବେ ପରିଚିତ ମୋହନ ମହାପାତ୍ର ରବିବାର ବଲାଙ୍ଗୀର ଆସି ପହଞ୍ଚିଛନ୍ତି। ସେ ଆସନ୍ତା ୧୫ ତାରିଖରେ ବଲାଙ୍ଗୀର ଗସ୍ତରେ ଆସୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବେ ବୋଲି କହିଛନ୍ତି।

# ୧୫୪୫ କୋଟିର ପ୍ରକଳ୍ପ ନେଇ ବଲାଙ୍ଗୀର ଆସୁଛନ୍ତି ପ୍ରଧାନମନ୍ତ୍ରୀ

**ବଲାଙ୍ଗୀର ଅଫିସ,୧୩।୧**



ବଲାଙ୍ଗୀର ରେଳଷ୍ଟେସନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଭିନ୍ନ ବିଭାଗର ଅଧିକାରୀ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୫୪୫ କୋଟି ଟଙ୍କାର ପ୍ରକଳ୍ପ ନେଇ ୧୫ ତାରିଖରେ ବଲାଙ୍ଗୀର ଗସ୍ତରେ ଆସୁଛନ୍ତି। ଏନେଇ ବଲାଙ୍ଗୀର ରେଳଷ୍ଟେଶନଠାରେ ବିଭିନ୍ନ ବିଭାଗର ଅଧିକାରୀମାନେ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବଲାଙ୍ଗୀର ଏବଂ ଝାରସୁଗୁଡ଼ାରେ ମଲ୍ଟି ମୋଡାଲ ଲଜିଷ୍ଟିକ୍ ପାର୍କ, ଝାରସୁଗୁଡ଼ା-ବିଜୟନଗରମ୍ ଏବଂ ସମ୍ବଲପୁର-ଅନୁଗୋଳ ରେଳଲାଇନ୍‌ର ଦୋହରୀକରଣ, ଥେରୁବାଲି-ସିଙ୍ଗାପୁର ରୋଡ ଷ୍ଟେଶନ୍ ମଧ୍ୟରେ ୫୮୮ ନମ୍ବର ବ୍ରିଜ୍‌କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ। ଏହା ସହିତ ସୁବର୍ଣ୍ଣପୁର କେନ୍ଦ୍ରୀୟ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ଏବଂ ରାୟଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ, ବଲାଙ୍ଗୀର-ବିଚ୍ଛୁପାଲି ନୂଆ ରେଳଲାଇନ୍ ଏବଂ ବଲାଙ୍ଗୀର-ବିଚ୍ଛୁପାଲି ଲାଇନ୍‌ରେ ରେଳ ଚଳାଚଳ ଶୁଭାରମ୍ଭ କରିବେ ବୋଲି ରେଳ ବିଭାଗ ଲୋକସମ୍ପର୍କ ଅଧିକାରୀ ଜ୍ୟୋତି ପ୍ରକାଶ ମିଶ୍ର ସୂଚନା ଦେଇଥିଲେ। ଉପରୋକ୍ତ ପ୍ରକଳ୍ପ ସହ ବଲାଙ୍ଗୀର ଜିଲାର ପ୍ରସିଦ୍ଧ ରାଣୀପୁର-ଝରିଆଲ ଐତିହ୍ୟ ସମୂହ, ବୌଦ୍ଧ ଜିଲା ଗନ୍ଧରାଡିସ୍ଥିତ ନୀଳମାଧବ ଏବଂ ସିଦ୍ଧେଶ୍ୱର ମନ୍ଦିର, ପଶ୍ଚିମ ସୋମନାଥ ମନ୍ଦିର ସମୂହର ନବୀକରଣ ଓ ପୁନରୁଦ୍ଧାର କାର୍ଯ୍ୟ କରିବା ପାଇଁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ ଉପାଧ୍ୟକ୍ଷ ଡ. ରାଜୀବ ଦ୍ୱିବେଦୀ ସୂଚନା ଦେଇଛନ୍ତି। କଳାହାଣ୍ଡି ଜିଲା ଅସୁରଗଡ଼ ଦୁର୍ଗସ୍ଥିତ ପ୍ରାଚୀନ ଐତିହ୍ୟସ୍ଥଳର ବିକାଶ କାର୍ଯ୍ୟ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏହି ସବୁ ପ୍ରକଳ୍ପଗୁଡିକ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦି ଉଦ୍‌ଘାଟନ କରିବେ। ଏହାସହିତ ବଲାଙ୍ଗୀର, ବରଗଡ଼, ଜଗତସିଂପୁର, କେନ୍ଦ୍ରାପଡ଼ା, ଫୁଲବାଣୀ ଏବଂ ପୁରୀରେ ଡାକଘର ପାସପୋର୍ଟ ସେବା କେନ୍ଦ୍ର ଉଦ୍‌ଘାଟନ କରାଯିବ ବୋଲି ଭୁବନେଶ୍ୱର ପାସ୍‌ପୋର୍ଟ ସେବାକେନ୍ଦ୍ର ଅଧିକ୍ଷକ ଗୌରବ କୁମାର ତ୍ୟାଗୀ କହିଛନ୍ତି।

ଲୋକଙ୍କ ସୁବିଧା ପାଇଁ ପାସ୍‌ପୋର୍ଟ ସେବାକେନ୍ଦ୍ରକୁ ଲୋକଙ୍କ ଦ୍ୱାର ଦେଶରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଥିବା ତ୍ୟାଗୀ ସୂଚନା ଦେଇଛନ୍ତି। ରାଣୀପୁର-ଝରିଆଲଠାରେ ପୁରାତନ ମନ୍ଦିରଗୁଡିକର ସଂରକ୍ଷଣ କରାଯିବା ସହ ଧ୍ୱଂସାଭିମୁଖୀ ପ୍ରତିମା ଓ ଐତିହ୍ୟଗୁଡିକର ସୁରକ୍ଷା କରାଯିବ ବୋଲି ଦ୍ୱିବେଦୀ କହିଥିଲେ। ସମଗ୍ର ମନ୍ଦିର ଅଞ୍ଚଳ ପ୍ରତ୍ନତତ୍ତ୍ୱ ବିଭାଗକୁ ହସ୍ତାନ୍ତର କରାଯାଇଥିବାରୁ ପର୍ଯ୍ୟଟକଙ୍କ ସୁବିଧା ପାଇଁ ପିଇବା ପାଣି ବ୍ୟବସ୍ଥା, ପାର୍କ, ରହିବା ପାଇଁ ସୁବିଧା ଓ ଶୌଚାଳୟ ତିଆରି କରାଯିବ ବୋଲି କହିଥିଲେ। ଦର୍ଶକମାନେ ଯେଭଳି ଆକୃଷ୍ଟ ହୋଇ ଏଠାକୁ ଆସିବେ ସେଦିଗରେ ବିଶେଷ ଧ୍ୟାନ ଦିଆଯିବ। ସେହିପରି ଚଉଷଠି ଯୋଗିନୀ, ଇନ୍ଦ୍ରଲାଟ୍ ମନ୍ଦିର ସହ ସୋମେଶ୍ୱର ମନ୍ଦିର ରକ୍ଷଣାବେକ୍ଷଣ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ଐତିହ୍ୟଗୁଡିକର ସୁରକ୍ଷା ପାଇଁ ପ୍ରତ୍ନତତ୍ତ୍ୱ ବିଭାଗ ସେଠାରେ ପାଚେରୀ ନିର୍ମାଣ କରିବ ବୋଲି ସେ ସୂଚନା ଦେଇଥିଲେ। ବଲାଙ୍ଗୀର-ଖୋର୍ଦ୍ଧା ରେଳପ୍ରକଳ୍ପର ବଲାଙ୍ଗୀରରୁ ପ୍ରାୟ ୧୫ କିଲୋମିଟର ରେଳଧାରଣାକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବା ସହ ବିଚ୍ଛୁପାଲି ପର୍ଯ୍ୟନ୍ତ ୭ ବଗି ବିଶିଷ୍ଟ ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳ ଶୁଭାରମ୍ଭ କରିବେ ବୋଲି ପିଆରଓ ମିଶ୍ର କହିଥିଲେ। ଖୁବ୍ ଶୀଘ୍ର ସୁବର୍ଣ୍ଣପୁର ଜିଲାରେ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହେଲେ ରେଳଧାରଣା ନିର୍ମାଣ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ସୁବର୍ଣ୍ଣପୁର କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଏସପି କଣ୍ଡା, ବଲାଙ୍ଗୀର କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ରାମ କୁମାର ପାଣିଗ୍ରାହୀଙ୍କ ସହ ରେଳବିଭାଗ ଅଧିକାରୀ ନିରାକାର ଦାସ, ବିକ୍ରମ ସେଠ୍, ନିହାର ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ୧୫ରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ

**ବଲାଙ୍ଗୀର ଅଫିସ, ୧୩।୧**

ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୦ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଆସି ପହଞ୍ଚିବେ। ବଲାଙ୍ଗୀର ରେଲ ଷ୍ଟଶନଠାରେ ଅନୁଷ୍ଠିତ ହେଉଥିବା ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାଶ କରିବେ । ପରେ ପୂର୍ବାହ୍ନ ୧୧ଟା ୪୦ ମିନିଟ୍‌ରେ ପଥରଚେପାସ୍ଥିତ ପଡିଆରେ ସାଧରଣ ସମାବେଶରେ ଯୋଗଦେଇ ଜନସାଧାରଣଙ୍କୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା କଥା ବୁଝୁଥିବା ସ୍ପେଶାଲ ପ୍ରୋଟେକ୍‌ସନ୍ ଗ୍ରୁପ୍ (ଏସ୍‌ପିଜି), ବଲାଙ୍ଗୀର ଜିଲା ପ୍ରଶାସନ, ଜିଲା ପୋଲିସ ବିଭାଗ, ରେଳବିଭାଗ ସହ ବିଭିନ୍ନ ମନ୍ତ୍ରଣାଳୟ ତତ୍ପରତା ପ୍ରକାଶ କରିଛନ୍ତି । ରବିବାର ପ୍ରଧାନମନ୍ତ୍ରୀ ମୋଦିଙ୍କ କାର୍ଯ୍ୟକ୍ରମସ୍ଥିର ହୋଇଥିବା ସ୍ଥାନରେ ହେଲିକେପ୍ଟର ଟ୍ରାଏଲ ରନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପାଇଁ ବଲାଙ୍ଗୀରରେ ୧୦ଟି ହେଲିପ୍ୟାଡ ନିର୍ମାଣ କରାଯାଇଛି। ଏହି ହେଲିପ୍ୟାଡଗୁଡିକରେ ରବିବାର ଟ୍ରାଏଲ ରନ୍ କରାଯାଇଥିଲା। ଫଳରେ ବଲାଙ୍ଗୀର ସହର ଉପରେ ରବିବାର ହେଲକେପ୍ଟରଗୁଡିକ ଘୁରି ବୁଲିଥିଲା । ଲୋକେ ଉତ୍ସାହର ସହ ହେଲିକେପ୍ଟର ଟ୍ରାଏଲ ରନ୍ ଦେଖିବାକୁ ଭିଡ ଜମାଇଥିଲେ। ବଲାଙ୍ଗୀର ରେଲଷ୍ଟେଶନ୍‌ଠାରେ ୩ଟି ହେଲିପ୍ୟାଡ ନିର୍ମାଣ କରାଯାଇଛି। ପଥରଚେପାଠାରେ ୩ଟି ଏବଂ ମନୋହରପୁର ରିଜର୍ଭ ପଡିଆରେ ୪ଟି ହେଲିପ୍ୟାଡ ନିର୍ମାଣ କରାଯାଇଛି। ଟ୍ରାଏଲ ରନ୍‌ରେ ରେଲୱେ ଷ୍ଟେଶନ୍ ଓ ପଥରଚେପାଠାରେ ନିର୍ମିତ ହେଲିପ୍ୟାଡରେ ହେଲିକେପ୍ଟରଗୁଡିକ ଅବତରଣ ଓ ଟେକ୍ ଅଫ୍ କରିଥିଲା । ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପାଇଁ ବଲାଙ୍ଗୀର ସହରରେ ୬୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବ। ରବିବାରଠାରୁ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯିବା ସହ ସମଗ୍ର ସହରକୁ ସୁରକ୍ଷା ବଳୟ ଭିତରେ ରଖାଯିବ।



ବଲାଙ୍ଗୀର ରେଳଷ୍ଟେସନ୍ ହେଲିପ୍ୟାଡରେ ହେଲିକେପ୍ଟର ଟ୍ରାଏଲ ରନ୍ କରାଯାଉଛି।

### ହାତୀନଦୀ-ଆଟିଗାଁ ପିଡବ୍ଲୁଡି ରାସ୍ତା କାମରେ ଅନିୟମିତତା

# ମରାମତି ନ ସରୁଣୁ ଉଠିଛି ପିଚୁ

## ■ ନିମ୍ନମାନର କାମ, ହାତରେ ଘସିଲେ ବାହାରି ପଡୁଛି

**ଜୁନାଗଡ,୧୩।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ହାତନଦୀ-ଆଟିଗାଁ ପୂର୍ତ୍ତ ବିଭାଗ (ପିଡବ୍ଲ୍ୟୁଡି) ରାସ୍ତା ମରାମତି କାମ ଗତ କିଛି ଦିନ ହେଲା ଚାଲିଛି। ଏହି ମରାମତି କାମ ଠିକ ଢଙ୍ଗରେ ହେଉ ନ ଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ରାସ୍ତା ମରାମତି ଚାଲିଥିବା ବେଳେ ନିମ୍ନ ମାନର କାମ ଯୋଗୁ ବାଗଡୋଙ୍ଗରୀ, ଭେଜିପଦର ରାସ୍ତାରେ ପିଚୁ ଉଠିଯାଇଥିବା ଦେଖିବାକୁ ମିଳିଛି। ଫଳରେ ରାସ୍ତାର ସ୍ଥାୟିତ୍ୱକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜୈନିକ ଠିକାଦାର ସମ୍ପୂର୍ଣ୍ଣ ରାସ୍ତା ସାରା ପିଚୁ କରୁ ନ ଥିବାବେଳେ ରାସ୍ତାର ଟିକେ ଟିକେ ସ୍ଥାନରେ ପେଚିଂ କରି ମରାମତି କରୁଥିବା ଦେଖିବାକୁ ମିଳିଛି। ଏପରିକି ସେହି ପେଚିଂ ମଧ୍ୟ ଠିକ ଭାବରେ କରାଯାଉ ନାହିଁ। ହାତରେ କିମ୍ବା ଗୋଡରେ ଘସିଦେଲେ ପିଚୁ ବାହାରି ପଡୁଛି। ଏପଟେ ଘଟଣା ସ୍ଥଳରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହୁ ନ ଥିବାରୁ ଠିକାଦାର ନିମ୍ନମାନର କାମ କରି ଚାଲିଥିବା ସ୍ଥାନୀୟ ଲୋକଙ୍କଠୁ ଜଣାପଡିଛି। ଏହି ରାସ୍ତା ମରାମତି କରିବା ପାଇଁ ୨୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ବିଭାଗ ପକ୍ଷରୁ ଜଣାପଡିଛି। ଏ ନେଇ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ରଶ୍ମିରଞ୍ଜନ ଭୋଇଙ୍କୁ ପଚାରିବାରୁ ଯେଉଁ ସ୍ଥାନରେ ପିଚୁ ଉଠିଯାଇଛି ସେହି ସ୍ଥାନରେ ଠିକାଦାରଙ୍କୁ କୁହାଯିବ ମରାମତି କରିବା ପାଇଁ ବୋଲି କହିଥିଲେ। ଏହାସହ ଅନ୍ୟ ବିଭାଗ ଅପେକ୍ଷା ଆମ କାମ ଭଲ ହୁଏ ବୋଲି ସଫେଇ ଦେଇଥିଲେ। କଳାହାଣ୍ଡି ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।



ପିଡବ୍ଲ୍ୟୁଡି ରାସ୍ତାର ଭେଜିପଦର ନିକଟରେ ପିଚୁ ଉଠିଯାଇଛି।

# ବଜାରରେ ନିମ୍ନମାନର ମୋରମ ବିଛାକୁ ନେଇ ଅସନ୍ତୋଷ

**ଲୋଇସିଂହା,୧୩।୧(ଡି.ଏନ.ଏ)**

ଲୋଇସିଂହା ସାପ୍ତାହିକ ବଜାର ସନ୍ତସନ୍ତିଆ ହୋଇପଡିଛି। ବଜାରକୁ ସମତୁଲ କରିବା ପାଇଁ ପଞ୍ଚାୟତ ପକ୍ଷରୁ ମୋରୁମ ବିଛା ଯାଉଛି। ହେଲେ ମୋରୁମ ନିମ୍ନମାନର ଅଭିଯୋଗ କରି କେତେକ ବ୍ୟକ୍ତି କାମକୁ ବନ୍ଦ କରି ଦେଇଥିବା ସୂଚନା ମିଳିଛି। ସୋମବାର ଏହି ସଂକ୍ରାନ୍ତରେ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହେବାକୁ ସ୍ଥାନୀୟ ଜନସାଧାରଣ ଜଣାଇଛନ୍ତି। ଅଭିଯୋଗ ମୁତାବକ, ଲୋଇସିଂହା ପଞ୍ଚାୟତ ପକ୍ଷରୁ ୫ ଲକ୍ଷ ବ୍ୟୟରେ ସାପ୍ତାହିକ ବଜାରରେ ପଡିଆକୁ ସମତୁଲ କରିବା ପାଇଁ ମୋରୁମ ବିଛାଯାଇଛି। ହେଲେ ନିମ୍ନମାନର ମୋରୁମ ବିଛାଯାଇ ଟଙ୍କା ହଡପ କରାଯିବା ସକାଶେ ମସୁଧା କରାଯାଉଥିବା ଅଭିଯୋଗ କରି କେତେକ ବୁଦ୍ଧିଜିବୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରାତିଅଧିଆ ସାପ୍ତାହିକ ବଜାର ପଡିଆରେ ହାଇୱାରେ ମୋରୁମ ପକାଇ ସକାଳେ ଜେସିବି ମେଶିନରେ ସମତୁଲ କରୁଥିବା ଦେଖି ପୂର୍ବତନ ପଞ୍ଚାୟତ ପ୍ରତିନିଧି ବିଭୂତି ପଧାନ, ଟିକୁ ପାଣ୍ଡିଆ, ରବୀନ୍ଦ୍ର ପୁଟେଲଙ୍କ ସମେତ ବହୁ ବ୍ୟକ୍ତି କାମକୁ ବିରୋଧ କରି ବନ୍ଦ କରିଥିଲେ। ସେମାନଙ୍କ ଅଭିଯୋଗ ମୁତାବକ, ନିମ୍ନମାନର ମୋରୁମ ହୋଇଥିବାରୁ ବର୍ଷା ଦିନରେ ବଜାର କାଦୁଆ ହେବା ଆଶଙ୍କା କରିଥିଲେ। ଏପରି କି ଶ୍ରମିକ ବଦଳରେ ମେଶିନରେ କାମ କରାଯାଉଥିବାରୁ ପ୍ରତିକ୍ରିୟା ପ୍ରକାଶ କରିଥିଲେ।



ଲୋଇସିଂହା ସାପ୍ତାହିକ ବଜାରରେ ବିଛାଯାଉଥିବା ମୋରମ।

# ଲାଠୋରରେ ବାଇକ୍ ଚୋରି ରାକେଟ୍ ସକ୍ରିୟ

**ଲାଠୋର,୧୩।୧ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲାଠୋର ଥାନା ଲାଠୋର ଗ୍ରାମରେ ଗତ କିଛି ଦିନ ହେଲା ଏକ ବାଇକ୍ ଚୋରି ରାକେଟ ସକ୍ରିୟ ହୋଇପଡିଛନ୍ତି। ଦୁର୍ବୃତ୍ତମାନେ ଜନଗହଳି ପୂର୍ଣ୍ଣ ସ୍ଥାନକୁ ଟାରଗେଟ କରି କୌଶଳ କ୍ରମେ ବାଇକ୍ ଚୋରି କରୁଛନ୍ତି। ଏନେଇ ପୋଲିସ ପାଟ୍ରୋଲିଂକୁ କଡାକଡି କରିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ସୂଚନା ଯୋଗ୍ୟ, ୨୦୧୮ ଡିସେମ୍ବର ୨୫ତାରିଖରେ ସଡ଼କପଡ଼ାସ୍ଥିତ ସତ୍ୟନାରାୟଣ ମେହେରଙ୍କ ଘରୁ ସନ୍ଧ୍ୟାରେ ଏକ ବାଇକ୍‌କୁ ଦୁର୍ବୃଦମାନେ ଚୋରି କରି ନେଇଥିଲେ। କିଛିଦିନ ପରେ ଉକ୍ତ ବାଇକ୍‌କୁ ଲାଞ୍ଜିଗଡ଼ ପୋଲିସ ଉଦ୍ଧାର କରିଥିବା ମେହେର ସୂଚନା ଦେଇଛନ୍ତି। ସେହିପରି ୨୦୧୯ ଜାନୁୟାରୀ ୪ତାରିଖରେ କର୍ଡିଆପଡ଼ା ରହୁଥିବା ଲାଲୁ ସିଂ ଘର ସମ୍ମୁଖରେ ଏକ ବଇକ୍ ଚୋରି ହୋଇଯାଇଥିଲା। ଏନେଇ ଥାନାରେ ଏକ ଅଭିଯୋଗ ହୋଇଛି। ହେଲେ ପୋଲିସ ଦୁର୍ବୃତ୍ତଙ୍କୁ ଧରି ପାରିନାହିଁ। ଅନ୍ୟପକ୍ଷେ ଲାଠୋର କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ପୀତାମ୍ବର ସାହୁ ଗତ ୭ତାରିଖରେ ବ୍ୟାଙ୍କ ସମ୍ମୁଖରେ ନିଜ ବାଇକ୍ ରଖି ଥିଲେ। ହେଲେ ଦୁର୍ବୃତ୍ତମାନେ କୌଶଳ କ୍ରମେ ସନ୍ଧ୍ୟାରେ ଚୋରି କରି ନେଇ ଯାଇଥିଲେ। ଏନେଇ ରାଠୋଲ ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ଗତ ୧୧ତାରିଖରେ ଲାଠୋର ବସ୍‌ଷ୍ଟାଣ୍ଡ ନିକଟରେ ଥିବା ନିଜ ଦୋକାନ ସମ୍ମୁଖରେ ସୀତାରାମ ମେହେର ଏକ୍ ବାଇକ୍ ରହିଥିଲେ। ସନ୍ଧ୍ୟାରେ ଦୁର୍ବୃତ୍ତମାନେ ଉକ୍ତ ବାଇକ୍‌କୁ ଚୋରି କରି ନେଇଯାଇଥିଲେ। ଏନେଇ ସେ ଥାନାରେ ଏକ ଅଭିଯୋଗ କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ଦୁର୍ବୃତ୍ତମାନେ ଗିରଫ ହୋଇ ନ ଥିବା ଜଣାପଡିଛି। ସେହିପରି ଲାଠୋର ରେଲ ଗେଟ ନିକଟରେ ଥିବା ହରି ବାରିକଙ୍କ ଦୋକାନ ସମ୍ମୁଖରୁ ତାଙ୍କର ଏକ ସ୍କୁଟିକୁ ଦୁର୍ବୃତ୍ତମାନେ ଚୋରି କରି ନେଉଥିବା ବେଳ ସ୍ଥାନୀୟ ଲୋକେ ଦୁର୍ବୃତ୍ତଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଏନେଇ ଲାଠୋର ଥାନା ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏନେଇ ଲାଠୋର ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କୁ ପଚାରିବାରୁ ଚୋରି ଅଭିଯୋଗର ପୋଲିସ ତଦନ୍ତ ଚଳାଇଛି। ଖୁବ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ। ଏପରି କି ଜନସାଧାରଣ ମଧ୍ୟ ସଚେତନ ହୋଇ ବାଇକ୍‌ଗୁଡିକ ଲକ୍ କରିବା ଆବଶ୍ୟକ ବୋଲି କହିଥିଲେ।

# ମା' ବୋଟକେନ ଦେବୀଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା

**ବେହେରା,୧୩।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ତେଣ୍ଡାପାଲି ପଞ୍ଚାୟତ ଶାଗବାହାଲି ଗ୍ରାମରେ ମା' ବୋଟକେନ ଦେବୀଙ୍କ ବାର୍ଷିକ ମଣ୍ଡେଇଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦେବୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଦେବୀଙ୍କ ବେଶରେ ଥିବା କାଳିସୀମାନଙ୍କ ସହ ଶ୍ରଦ୍ଧାଳୁମାନେ ଗାଁ ପରିକ୍ରମା କରିଥିଲେ। ଗ୍ରାମ ପରିକ୍ରମା ପରେ ଝୁଲଣ ଯାତ୍ରା ହୋଇଥିଲା। ଏଥିରେ ଦେବୀଙ୍କ ବେଶରେ ଥିବା କାଳିସୀମାନେ କଣ୍ଟା ଦୋଳିରେ ଝୁଲିଥିଲେ। ଏହା ଦେଖିବାକୁ ପାଇଁ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ପରେ ଶ୍ରଦ୍ଧାଳୁମାନେ ଦେବୀଙ୍କ ପୀଠ ନିକଟରେ ମାନସିକ କରିଥିବା କୁକୁଡା, ପାରା, ବୋଦା ଆଦି ବଳିଦେଇଥିଲେ। ଦେବୀଙ୍କ ପୂଜକ ଭାବେ ଦୃମନ ପୂଝାରୀ ଓ ଗ୍ରାମର ଗୋନ୍ତିଆ ପଦ୍ମ କିଶୋର ନାଏକ ସକ୍ରିୟ ଦାୟିତ୍ୱ ତୁଲାଇଥିଲେ। ଏହି ଉପଲକ୍ଷେ ଗ୍ରାମରେ ଏକ ଘୁମୁରା ପ୍ରତିଯୋଗିତା ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ନୂଆଗୁଡା ପ୍ରଥମ, ରାବଣଗୁଡା ଦ୍ୱିତୀୟ, ଛିଲପା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୌର ବାଗ, ସମ୍ମାନିତ ଅତିଥି ଭାବେ ସନ୍ତୋଷ ନାଏକ, ଲଳିତ ନାଏକ, ଅଶୋକ ବାଗ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମା' ବୋଟବୋନ ଦେବୀଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା ପୂଜା କମିଟି ସଦସ୍ୟମାନେ ସହଯୋଗ କରିଥିଲେ।



ବାର୍ଷିକ ମଣ୍ଡେଇ ଯାତ୍ରାରେ ଅନୁଷ୍ଠିତ ଘୁମୁରା ପ୍ରତିଯୋଗିତା ।

### ତୁରେକେଲା ଅଞ୍ଚଳରେ ହାତୀ ଆତଙ୍କ

# ବ୍ୟାପକ ଫସଲ ନଷ୍ଟ

**କଣ୍ଟାବାଞ୍ଜି, ୧୩।୧ (ଡି.ଏନ.ଏ.)**

କଣ୍ଟାବାଞ୍ଜି ରେଞ୍ଜ ଅଧୀନ ତୁରେକେଲାର ମହୁଲପାଟି, କନ୍ଦାଗାଡ, ମଲିକଦର ଅଞ୍ଚଳରେ ହାତୀ ଆତଙ୍କ ଦେଖାଦେଇଛି। ଅନ୍ୟପକ୍ଷେ ହାତୀ ଘୋଡାଇବା ପାଇଁ ବନ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ରାତିରେ ଏକ ହାତୀପଲ କନ୍ଦାଗାଡ, ମଲିକଦର ଗାଁରେ ପଶି ଧାନ ଫସଲ ସହ ପନିପରିବା ଚାଷ ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି। ଏପରି କି ହାତୀପଲ ଲୋକଙ୍କ ଘର ଭାଙ୍ଗି ନଷ୍ଟ କରିଥିବା ଜଣାପଡିଛି। ସେହିପରି ମହୁଲପାଟି ଅଞ୍ଚଳରେ ହାତୀପଳ ପଶି ମୋତି ସାହୁଙ୍କ ୨୦ ବସ୍ତା ଉଷୁନା ଧାନ ଖାଇ ଦେଇଥିବା ଅଭଯୋଗ ହୋଇଛି। ସେହିପରି ପୁରୁମ ପ୍ରଧାନ, ସୁବାଷ ସାହୁ, ଅନନ୍ତ ସାହୁଙ୍କ ନଡିଆ ଗଛ ଭାଙ୍ଗି ଦେଇଥିବା ବେଳେ କଦଳି ଓ ପନିପରିବା ଚାଷକୁ ଚଳିଚକଟି ନଷ୍ଟ କରି ଦେଇଥିବା ବେଳେ କନ୍ଦାଗାଡର ଗୋବର୍ଦ୍ଧନ ପ୍ରଧାନ, ରୁଦ୍ର ବାଗ, ମଧୁ ବାଗଙ୍କ ଘରେ ଥିବା ଧାନ ଖାଇ ଦେଇଥିବା ଜଣାପଡିଛି। ଏନେଇ ମହୁଲପାଟି ଗ୍ରାମବାସୀ କ୍ଷୟକ୍ଷତିର ଆକଳନ କରି ତୁରନ୍ତ ସହାୟତା ଯୋଗାଇ ଦେବାକୁ ବନ ବିଭାଗକୁ ଲିଖିତ ଭାବେ ଜଣାଇଛନ୍ତି। ଏପରି କି ତୁରେକେଲା ଥାନାରେ ମଧ୍ୟ ଅଭିଯୋଗ ହୋଇଛି। ହାତୀପଲରେ ୨୦ରୁ ଉର୍ଦ୍ଧ୍ୱ ହାତୀ ରହିଥିବା ଅନୁମାନ କରାଯାଉଛି। ଏନେଇ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।



ହାତୀପଲ ଦ୍ୱାରା କ୍ଷତି ହୋଇଥିବା ଫସଲ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ଜାନୁୟାରୀ ୧୪/୨୦୧୯



ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ
ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ



## ସଂକ୍ଷେପରେ

### ଇସ୍ପାତ କଳା ପରିଷଦର ବୈଠକ

**ରାଉରକେଲା ଅଫିସ,୧୩।୧**-ସେକ୍ଟର-୨୦ ଇସ୍ପାତ କଳା ପରିଷଦ କାର୍ଯ୍ୟାଳୟ ପ୍ରାଙ୍ଗଣରେ ରବିବାର ଅନୁଷ୍ଠାନ ସଦସ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନ ଶିକ୍ଷକ ଛାତ୍ରୀଛାତ୍ର ଯୋଗଦେଇ ପରସ୍ପରକୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ଅନୁଷ୍ଠାନ ସଭାପତି ନାରାୟଣ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ କେଦାର ଆଚାର୍ଯ୍ୟ ଓ ନାୟିକା ଅନୁଷ୍ଠାନର ସଭାନେତ୍ରୀ ସୁବ୍ରତା ପତି ଅତିଥି ରୂପେ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥି କହିଥିଲେ, ଇସ୍ପାତ କଳା ପରିଷଦ ବିଗତ ଦିନରେ ତା'ର କାର୍ଯ୍ୟକ୍ରମ ପାଇଁ ବହୁ ଗୌରବର ଅଧିକାରୀ ହୋଇପାରିଛି। ଆଗାମୀ ଦିନରେ ଏହି ସଂଗଠନ ଷ୍ଟିଲ ସିଟି ଓ ରାଜ୍ୟ ପାଇଁ ସୁନାମ ଆଣିବ ବୋଲି ଆଶା ବ୍ୟକ୍ତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ଗଣେଶ୍ୱର ସାହୁ, ବିଜୟ ସାମଲ ଓ କୋମଳରାଣୀ ସୂତାର ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ସମ୍ପାଦକ ପ୍ରକାଶ ରାଉଳ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

■ ହୋଟେଲ, ରେଷ୍ଟୁରାଣ୍ଟ ଆସୋସିଏଶନର ବାର୍ଷିକୋତ୍ସବ

# ଜିଲ୍ଲା ବିକାଶରେ ପର୍ଯ୍ୟଟନ ଶିଳ୍ପର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ରାଉରକେଲା ଅଫିସ,୧୩।୧**

ରାଉରକେଲା ହୋଟେଲ ଓ ରେଷ୍ଟୁରାଣ୍ଟ ଆସୋସିଏଶନର ବାର୍ଷିକୋତ୍ସବ ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଛି। ପୂର୍ବ ଆଞ୍ଚଳିକ ବୈଷୟିକ ପ୍ରତିଷ୍ଠାନ (ବର୍ତ୍ତମାନ ଏନ୍‌ଆଇଟି)ର ପୂର୍ବତନ ଅଧକ୍ଷ ପ୍ରଫେସର ସୋମନାଥ ମିଶ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଷ୍ଟିଲ ସିଟିର କ୍ରମବିକାଶ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଏଠାରେ ଦେଶର ପ୍ରଥମ ରାଷ୍ଟ୍ରାୟତ୍ତ ଶିଳ୍ପ ରାଉରକେଲା ଇସ୍ପାତ କାରଖାନା ଗଢ଼ି ଉଠିବା ପରେ ଏହା ସମୃଦ୍ଧ ହୋଇଥିଲା। ଏ ସହରକୁ ଗଢ଼ିବାରେ ପ୍ରକ୍ତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଭୂମିକାକୁ ଅସ୍ୱୀକାର କରିହେବ ନାହିଁ। ଏବେ ସହରର କଳେବର ବୃଦ୍ଧି ହୋଇଥିବାବେଳେ ଅର୍ଥନୈତିକ ଓ ପର୍ଯ୍ୟଟନ କ୍ଷେତ୍ରରେ ହୋଟେଲ ଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସୁନ୍ଦରଗଡ଼ ଜିଲାରେ ବହୁ ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ର ରହିଥିବାବେଳେ ଏହାର ବିକାଶ ନେଇ ଆବଶ୍ୟକ ପଦକ୍ଷେପ ନିଆଯିବା ଜରୁରୀ। ଏ କ୍ଷେତ୍ରରେ ହୋଟେଲ ଶିଳ୍ପର ମଧ୍ୟ ଦାୟିତ୍ୱ ରହିଛି। ସୁନ୍ଦରଗଡ଼ ଜିଲା ବିକାଶରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସରକାର ଏ ଦିଗରେ ଧ୍ୟାନ ଦେଲେ ଉଭୟ କ୍ଷେତ୍ର ପରିପୁଷ୍ଟ ହେବ ବୋଲି ମିଶ୍ର କହିଥିଲେ। ଏହି ଅବସରରେ ସେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ରୂପେ ରାଜ୍ୟ ପ୍ରଦୂଷଣ ବିଭାଗ ଆଞ୍ଚଳିକ ଅଧିକାରୀ ହେମେନ୍ଦ୍ର ନାୟକ ଯୋଗଦେଇ ଶିଳ୍ପର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ତେବେ ପ୍ରତି କ୍ଷେତ୍ରରେ ପ୍ରଦୂଷଣ ତଥା ପରିବେଶ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ନାୟକ ମତ ପ୍ରକାଶ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ନବୀନ ଚାୱଲା ବାର୍ଷିକ ବିବରଣୀ ପାଠ କରି ସଂଗଠନ ପକ୍ଷରୁ ବିଭିନ୍ନ ସମୟରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ସଂଗଠନ କର୍ମକର୍ତ୍ତା ମିଳିମିଶି କାମ କରିବାକୁ ସଭାପତି ଗିରିଜାଶଙ୍କର ଦ୍ୱିବେଦୀ ପରାମର୍ଶ ଦେଇଥିଲେ। ଆର୍‌ଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ବସନ୍ତ ମିଶ୍ର, ଆର୍‌ଡିଏ ପ୍ଲାନିଂ ମେମ୍ବର ରାମମୋହନ ମିଶ୍ର, ପୂର୍ବତନ ସଭାପତି ଆଦିତ୍ୟ ମହାପାତ୍ର, ଆସୋସିଏଶନ ମୁଖପାତ୍ର ଶୈଳେନ୍ଦ୍ର ମହାନ୍ତି, ରାଉରକେଲା ଓକିଲ ସଂଘ ସଭାପତି ରମେଶ ବଳ, ପୂର୍ବତନ ନଗରପାଳ ନିହାର ରାୟ, ଆଇନଜୀବୀ ସୁଦାମ ଦାସ, ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ବିଜେଡି ନେତ୍ରୀ ମୀନତୀ ଦେବତା, ଆଇନଜୀବୀ ସଦାନନ୍ଦ ସାହୁ, ବଣିକ ସଂଘ ସାଧାରଣ ସମ୍ପାଦକ ଆଲୋକ ଲୋସଲକା ପ୍ରମୁଖ ବକ୍ତବ୍ୟ ରଖି ହୋଟେଲ ଶିଳ୍ପକୁ ସରକାର ପ୍ରୋତ୍ସାହିତ କରିବା ଆବଶ୍ୟକ ବୋଲି କହିଥିଲେ। କୈଶର ଜମିର ଧନ୍ୟବାଦ ପ୍ରଦାନ କରିଥିଲେ।




ରାଉରକେଲା ହୋଟେଲ ଆସୋସିଏଶନ ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

### ମକର ସଂକ୍ରାନ୍ତି ଉପଲକ୍ଷେ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବାଲିଶଙ୍କରା, ୧୩।୧ (ଡି.ଏନ.ଏ)**

ବାଲିଶଙ୍କରା ରାଜାବଙ୍ଗଳା ଖେଳ ପଡିଆରେ ବରିଷ୍ଠ ପୂର୍ବତନ ଖେଳାଳିମାନଙ୍କ ତତ୍ତ୍ୱାବଧାନରେ ତିନି ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସ୍ଥାନୀୟ ସାମାଜିକ କର୍ମୀ ଦିଲୀପ କୁମାର ସାଏ ଯୋଗଦେଇ ଖେଳ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଦୀନବନ୍ଧୁ ସାଏ, ପୂର୍ବତନ ଖେଳାଳି ବସନ୍ତ କୁମାର ସାଏ, ରଞ୍ଜିତ କୁଜୁର, ସନାତନ କିଷାନ, ଝାଲକୁ ଟପ୍ପୋ, ଶୁକ୍ରୁ ଓରାମ, ଇନ୍ଦ୍ରମଣି ଦଣ୍ଡସେନା ପ୍ରମୁଖ ଯୋଗଦେଇଥିଲେ। ଆଖପାଖ ଅଞ୍ଚଳର ୧୬ଗୋଟି ଫୁଟବଲ ଦଳ ଯୋଗଦେବା ପାଇଁ କମିଟି ପାଖରେ ପଞ୍ଜିକୃତ କରିଛନ୍ତି। ଖେଳ ପରିଚାଳନା ଦାୟୀତ୍ୱରେ ହେମନ୍ତ କୁମାର ଦାସ, ପ୍ରଦୀପ ନାଏକ, ହର୍ଷ କରିଥିବା ବେଳେ ସହଯୋଗର ହାତ ବଢ଼ାଇଥିଲେ କମିଟିର ସହଦେବ କୁଜୁର, ଆଜାରଦାନ୍ କୁଜୁର,ରବି ସାଏ, ପ୍ରଦୀପ ଦଣ୍ଡସେନା, ଅମିତ ତନ୍ତି ପ୍ରମୁଖ ଯୋଗଦେଇଥିଲେ। ଉଦଘାଟନୀ ମ୍ୟାଚ ବାଲିଶଙ୍କରା ଜୁନିୟର ବନାମ ଜାଏସର ମଧ୍ୟରେ ହୋଇଥିଲା ।

## ଅଙ୍ଗନୱାଡି କର୍ମଚାରୀ ସାମ୍ମୁଖ୍ୟ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ରାଉରକେଲା ଅଫିସ,୧୩।୧**

ବିଜୁ ଶ୍ରମିକ ସାମ୍ମୁଖ୍ୟ ସହବନ୍ଧିତ ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମ୍ମୁଖ୍ୟ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ସ୍ୱାଗତ କରାଯିବା ସହ ଏଭଳି ସମୟୋଚିତ ପଦକ୍ଷେପ ନେଇ କୃତଜ୍ଞତା ଜ୍ଞାପନ କରାଯାଇଛି। ଶନିବାର ରାଜ୍ୟ ସରକାର ଅଙ୍ଗନୱାଡି କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଥିଲେ। କର୍ମଚାରୀଙ୍କ ଦରମା ବୃଦ୍ଧି କରିବା ସହ କାର୍ଯ୍ୟରୁ ଅବ୍ୟାହତି ଗ୍ରହଣ କରିବା ବୟସ ୬୨ ବର୍ଷକୁ ବୃଦ୍ଧି କରିଥିଲେ। ଅବ୍ୟାହତି ସମୟରେ ଅଙ୍ଗନୱାଡି କର୍ମୀଙ୍କୁ ୨୦ ହଜାର, ମିନି ଅଙ୍ଗନୱାଡି କର୍ମୀଙ୍କୁ ୧୫ ହଜାର ଓ ସହାୟିକାଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ଏହାବ୍ୟତୀତ ପ୍ରତିବର୍ଷ ଖରାଦିନେ ୧୫ ଦିନ ଛୁଟି ମିଳିବ। ୫୦ ପ୍ରତିଶତ ସୁପର ଭାଇଜର ପଦ ପୂରଣ ପାଇଁ ଅଙ୍ଗନୱାଡିଙ୍କୁ ସୁଯୋଗ ପ୍ରଦାନ କରାଯିବ। ୧୯୭୫ରୁ କେନ୍ଦ୍ର ସରକାର ୯୦ ପ୍ରତିଶତ ଅର୍ଥ ପ୍ରଦାନ କରୁଥିବାବେଳେ ରାଜ୍ୟ ସରକାର ୧୦ ପ୍ରତିଶତ ଦେଉଥିଲେ। କେନ୍ଦ୍ରରେ ଭାଜପା କ୍ଷମତାସୀନ ହେବା ପରେ ଏହି ଅନୁଦାନକୁ ୬୦ ପ୍ରତିଶତକୁ କମାଇ ଦେଇଛି। ଏହାକୁ ମଧ୍ୟ ଠିକ ସମୟରେ କେନ୍ଦ୍ର ସରକାର ଦେଉନାହାନ୍ତି। ଗତ ଅକ୍ଟୋବର ୧ରୁ ଅଙ୍ଗନୱାଡି କର୍ମୀଙ୍କୁ ୧୫ଶହ ଅଧିକ ପ୍ରଦାନ କରାଯିବା ନେଇ କେନ୍ଦ୍ର ସରକାର ଘୋଷଣା କରିଥିଲେ। ଏନେଇ ଆଜି ସୁଦ୍ଧା ଗୋଟିଏ ଟଙ୍କା ପ୍ରଦାନ କରିନାହାନ୍ତି ବୋଲି ସାମ୍ମୁଖ୍ୟ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ସେକ୍ଟର-୭ଠାରେ ରବିବାର ଆୟୋଜିତ ବୈଠକରେ ଅଙ୍ଗନୱାଡି କର୍ମୀଙ୍କୁ ଭାରତୀୟ ମଜଦୁର ସଂଘ ବିଭିନ୍ନ ସମୟରେ ବିଭ୍ରାନ୍ତ କରୁଥିବାରୁ ଏହାକୁ ସାମ୍ମୁଖ୍ୟ ପକ୍ଷରୁ ବୈଦ୍ୟନାଥ ଦାସ, ସୁଶାନ୍ତ ସେଠୀ, କେଦାର ଦାସ, ମନୋରମା ନନ୍ଦୀ, ବୀଣାପାଣି ରାଉତ, ମୀନତୀ ଧଳ ଓ ଜ୍ୟୋତ୍ସ୍ନା ନାୟକ ପ୍ରମୁଖ ନିନ୍ଦା କରିଥିଲେ।



ସେକ୍ଟର-୭ ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ଅଙ୍ଗନୱାଡି କର୍ମୀଙ୍କୁ ନେଇ ଆୟୋଜିତ ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା ଓ କର୍ମୀ।

## ନବକୃଷ୍ଣନଗର ଅଞ୍ଚଳରେ ଜବରଦଖଲ

**ରାଉରକେଲା ଅଫିସ,୧୩।୧**

ଦକ୍ଷିଣ ରାଉରକେଲା ତଥା ମହାନଗର ନିଗମ ଅନ୍ତର୍ଗତ ନବକୃଷ୍ଣନଗର ଅଞ୍ଚଳର କେତେଜଣ ଜମି ମାଫିଆ ପାହାଡ଼ କାଟି ବ୍ୟବସାୟ ଲକ୍ଷ୍ୟରେ ଏହାକୁ ପ୍ଲଟିଂ କରୁଥିବା ଅଭିଯୋଗ ହୋଇଛି। ତେବେ ସମ୍ପୃକ୍ତ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଭୟରେ କେହି ପାଟି ଖୋଲୁ ନ ଥିବା କୁହାଯାଇଛି। ପୂର୍ବରୁ ଆର୍‌ଏସ୍‌ପି ଅଧୀନରେ ରହିଥିବା ନବକୃଷ୍ଣନଗର ଏବେ ମହାନଗର ନିଗମରେ ସାମିଲ ହୋଇଛି। ଏହି ଅଞ୍ଚଳ ସୀମାନ୍ତକୁ ଲାଗି ରହିଥିବା ଟାଙ୍ଗର ପାହାଡ଼ ଉପରେ ଏବେ ଜମି ମାଫିଆଙ୍କ ଆଖି ପଡ଼ିଛି। ବେପରୁଆ ଭାବେ ବହୁ ଏକର ଜମିକୁ ଏମାନେ ଜବରଦଖଲ କରି ପାଚେରି ନିର୍ମାଣରେ ଲାଗି ପଡ଼ିଛନ୍ତି। ପରବର୍ତ୍ତୀ ସମୟରେ ଚଢ଼ା ଦରରେ ଏହି ଜମିକୁ ପ୍ଲଟିଂ କରି ବିକ୍ରି କରାଯିବାକୁ ମସୁଧା ଚାଲିଥିବା ଜଣାପଡ଼ିଛି। ନବକୃଷ୍ଣନଗର ଅଞ୍ଚଳରେ ଏମିତି ଅନେକ ଜମି ଜବରଦଖଲ ହୋଇ ସାରିଥିବା ବେଳେ ବଳକା ଜମି ଉପରେ ସରକାରଙ୍କ କିଛି ଉନ୍ନୟନ ଯୋଜନା ନେଇ ସ୍ଥାନାଭାବ ଦେଖାଦେଇଛି। ଏପରି ଅବସ୍ଥାରେ ଖୋଲା ଜାଗାକୁ ସମ୍ପୃକ୍ତ ଜମି ମାଫିଆ ଜବରଦଖଲ କରିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏ ନେଇ ଉପରିସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି କରାଯାଇଛି।



ନବକୃଷ୍ଣନଗରଠାରେ ଜବରଦଖଲ ହୋଇଥିବା ଜମି।

■ ଅଙ୍ଗନୱାଡି କର୍ମଚାରୀଙ୍କୁ ସ୍ୱତନ୍ତ୍ର ପ୍ୟାକେଜ

## ସରକାରଙ୍କ ସ୍ୱାଗତଯୋଗ୍ୟ ପଦକ୍ଷେପ

**ରାଉରକେଲା ଅଫିସ,୧୩।୧**

ରାଜ୍ୟ ସରକାର ଶନିବାର ଅଙ୍ଗନୱାଡି କର୍ମଚାରୀଙ୍କୁ ସ୍ୱତନ୍ତ୍ର ପ୍ୟାକେଜ୍ ପ୍ରଦାନ କରିଛନ୍ତି। ସେମାନଙ୍କ ପାରିଶ୍ରମିକ ବୃଦ୍ଧି କରିବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧାସୁଯୋଗ ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ସରକାରଙ୍କ ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ହିନ୍ଦ ମଜଦୁର ସଭା ରାଜ୍ୟ କାର୍ଯ୍ୟକାରୀ କମିଟି ଓ ନିଖିଳ ଓଡ଼ିଶା ହିନ୍ଦ୍ ଅଙ୍ଗନୱାଡି କର୍ମଚାରୀ ସଭା ପକ୍ଷରୁ ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି ଏକ ପ୍ରେସ ବିବୃତିରେ କହିଛନ୍ତି ଯେ ଅଙ୍ଗନୱାଡି କର୍ମଚାରୀଙ୍କ ଦରମା ବୃଦ୍ଧି ନେଇ ସଂଗଠନ ବାରମ୍ବାର ରାଜ୍ୟ ସରକାରଙ୍କ ନିକଟରେ ଦାବି କରି ଆସୁଥିଲା। ବିଳମ୍ବରେ ହେଲେ ବି ସରକାର ଅଙ୍ଗନୱାଡି କର୍ମଚାରୀଙ୍କ ଦରମା ବୃଦ୍ଧି ନେଇ ଐତିହାସିକ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ସରକାରଙ୍କ ଏଭଳି ଉଦ୍ୟମକୁ ୟୁନିୟନ ସାଧୁବାଦ ଜ୍ଞାପନ କରିଛି। ସରକାରଙ୍କ ନିକଟରେ ଶ୍ରମିକ ସଂଗଠନଗୁଡ଼ିକ ଭିନ୍ନ ଭିନ୍ନ ଦାବି ଉପସ୍ଥାପନ କରି ଆସୁଛନ୍ତି। ସରକାରୀ କଳର ଅବ୍ୟବସ୍ଥା ସତ୍ତ୍ୱେ କେତେକ ଦାବି ପୂରଣ ହୋଇପାରିଛି ତ ଅନ୍ୟ କେତେକ ହୋଇପାରିନି। ଏ କ୍ଷେତ୍ରରେ ସରକାର ଅଙ୍ଗନୱାଡି କର୍ମଚାରୀଙ୍କ ପ୍ରତି ସ୍ୱତନ୍ତ୍ର ଅନୁକମ୍ପା ପ୍ରଦର୍ଶନ ସହ ଯେଉଁ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାରଙ୍କ ସମସ୍ତ ଯୋଜନାକୁ ତୃଣମୂଳ ସ୍ତରରେ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବାରେ ଅଙ୍ଗନୱାଡି କର୍ମୀଙ୍କ ଭୂମିକାକୁ ଅସ୍ୱୀକାର କରିହେବ ନାହିଁ। ଏହି ପରିପ୍ରେକ୍ଷୀରେ ଏମାନଙ୍କୁ ସର୍ବନିମ୍ନ ମଜୁରି ମାସିକ ୧୮ ହଜାର ଦାବି ଯଥାର୍ଥ। ଏପରି ଅବସ୍ଥାରେ ଏମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ନ ଦେବା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ବୋଲି ମହାନ୍ତି କହିଛନ୍ତି। ତେବେ ରାଜ୍ୟ ସରକାରଙ୍କ ଘୋଷଣାକୁ ସଂଗଠନ ସ୍ୱାଗତ କରିବା ସହ କେନ୍ଦ୍ର ସରକାର ଏ ଦିଗରେ ଅଧିକ ପଦକ୍ଷେପ ନେବାକୁ ଦାବି କରାଯାଇଛି। ରାଜ୍ୟ ସରକାରଙ୍କ ପଦକ୍ଷେପକୁ ୟୁନିୟନର ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ପାତ୍ର, କାର୍ଯ୍ୟକାରୀ ସଭାପତି ବିଜୟ ମହାନ୍ତି, ସାଧାରଣ ସମ୍ପାଦକ ଯୋଗେନ୍ଦ୍ରନାଥ ତ୍ରିପାଠୀ, ହରେକୃଷ୍ଣ ପାଢ଼ୀ ପ୍ରମୁଖ ସ୍ୱାଗତ କରିଛନ୍ତି। କେନ୍ଦ୍ର ସରକାର ତାଙ୍କ ଅଂଶ ୬୦ ପ୍ରତିଶତ ବୃଦ୍ଧି କଲେ ଅଙ୍ଗନୱାଡି କର୍ମୀ ନିଶ୍ଚିତ ଉପକୃତ ହୋଇପାରିବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାର ପ୍ରୋତ୍ସାହନ ରାଶି ପ୍ରଦାନ କରୁଥିବା ବେଳେ କେନ୍ଦ୍ର ସରକାରଙ୍କ ନୀରବତା ଅଙ୍ଗନୱାଡି କର୍ମୀଙ୍କୁ ତାଙ୍କ ହକ୍‌ରୁ ବଞ୍ଚିତ କରୁଛି ବୋଲି ୟୁନିୟନ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିସହ ଦୀର୍ଘଦିନ ଧରି ଦାବି ହାସଲ ନେଇ ଆନ୍ଦୋଳନର ନେତୃତ୍ୱ ନେଇଥିବା ୫ଜଣ ଅଙ୍ଗନୱାଡି କର୍ମୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ କାର୍ଯ୍ୟରୁ ବହିଷ୍କାର କରାଯିବା ଅତ୍ୟନ୍ତ ନିନ୍ଦନୀୟ। ସରକାର ଏହାର ତୁରନ୍ତ ପୁନର୍ବିଚାର କରନ୍ତୁ ବୋଲି ୟୁନିୟନ ନେତୃମଣ୍ଡଳୀ ଦାବି କରିଛନ୍ତି।

■ କ୍ୱିଜ ଉତ୍ସବ-୨୦୧୮

## ଚିନ୍ମୟ ସ୍କୁଲ ଚାମ୍ପିୟନ, ସେଣ୍ଟ ପଲ୍ ରନର୍ସଅପ୍

**ରାଉରକେଲା ଅଫିସ,୧୩।୧**

ଚଳିତବର୍ଷ ୫ମ କ୍ୱିଜୋ ଉତ୍ସବ-୨୦୧୮ରେ ଚିନ୍ମୟ ସ୍କୁଲ ଚାମ୍ପିୟନ ହୋଇଥିବାବେଳେ ସେଣ୍ଟ ପଲ୍ ସ୍କୁଲ ୧ମ ରନର୍ସଅପ ହୋଇଛି। ହମିରପୁରଠାରେ ଥିବା ସେଣ୍ଟ ପଲ୍ ସ୍କୁଲ ପକ୍ଷରୁ ସ୍ୱର୍ଗତ ସାଜୁ ଡିଭାସିଙ୍କ ସ୍ମରଣାର୍ଥେ ସ୍କୁଲ ଅଡିଟୋରିୟମରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆନ୍ତଃ ବିଦ୍ୟାଳୟ ଏହି କ୍ୱିଜୋ ଉତ୍ସବ ପ୍ରତିଯୋଗିତାରେ ରାଉରକେଲା ସମେତ ୨୧ଟି ବିଦ୍ୟାଳୟର ମୋଟ ୮୭ ଶ୍ରେଷ୍ଠ ଟିମ୍ ଭାଗ ନେଇଥିଲେ। ଏହାକୁ ଶିଳ୍ପପତି ଭିନସେଣ୍ଟ ଦାସ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଆନି ଭିନସେଣ୍ଟ ଉପସ୍ଥିତ ଥିଲେ। ଅଧକ୍ଷ ଫାଦର ଏସ୍. ଯୋଶେଫଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ବିଦ୍ୟାଳୟ ଶିକ୍ଷକ କ୍ୱିଜ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ବିଶିଷ୍ଟ କ୍ୱିଜ ମାଷ୍ଟର ଓମପ୍ରକାଶ ରଥ ୭୭ଟି ଟିମ ମଧ୍ୟରୁ ୬ଟିକୁ ଫାଇନାଲ ବଜର ରାଉଣ୍ଡକୁ ଚୟନ କରିଥିଲେ। ରାଉରକେଲା ଛେଣ୍ଡସ୍ଥିତ ଚିନ୍ମୟ ସ୍କୁଲ ଛାତ୍ର ପ୍ରିୟାଂଶୁ ଦାସ, ଓଁକାର ମହାପାତ୍ର ଚାମ୍ପିୟନ ଅଖ୍ୟା ଅର୍ଜନ କରିଥିଲେ। ସେଣ୍ଟ ପଲ ସ୍କୁଲର ଛାତ୍ର ପ୍ରଭାସ ମହାନ୍ତି ଓ ଅନୁଭବ ମୁନ୍ସି ପ୍ରଥମ ରନର୍ସଅପ ବିବେଚିତ ହୋଇଥିଲେ। ଏଥିରେ ଚାମ୍ପିୟନ ଦଳକୁ ୭ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଥିଲା। ରନର୍ସଅପ ଦଳକୁ ୫ହଜାର ଟଙ୍କା ସହ ଟ୍ରଫି ପୁରସ୍କାର ଭାବେ ପ୍ରଦାନ କରାଯାଇଥିଲା। ରାଉରକେଲା ସେକ୍ଟର-୬ କେନ୍ଦ୍ରୀୟ ବିଦ୍ୟାଳୟର ଶୁଭଙ୍କର ପଣ୍ଡା ଓ ସିଦ୍ଧାର୍ଥ ନାୟକଙ୍କୁ ଦ୍ୱିତୀୟ ରନର୍ସଅପ ରୂପେ ୩ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କ୍ୱିଜ କାର୍ଯ୍ୟକ୍ରମକୁ ସୁପ୍ରିତା ଚୌଧୁରୀ ସଞ୍ଚାଳନ କରିଥିବା ବେଳେ ଅମିତ ଧର, ଦୀପକଶଙ୍କର ମହାପତ୍ର, ଗୌରହରି ଘୋଷ, ଅଶୋକ ଜ୍ୟୋତିଷୀ, ପ୍ରଶାନ୍ତ ଶତପଶୀ ଓ ଶଶୀଭୂଷଣ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।




ସେଣ୍ଟ ପଲ ସ୍କୁଲ ପକ୍ଷରୁ ଆୟୋଜିତ କ୍ୱିଜ ପ୍ରତିଯୋଗିତାର କୃତୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି ଅତିଥି।

## ସଂସ୍କୃତି, ପରମ୍ପରା ଏକତା ସୂତ୍ରରେ ବାନ୍ଧିରଖେ

■ ଉତ୍କଳ ବଡାଇକ ବିକାଶ ପରିଷଦ ପକ୍ଷରୁ ବନ୍ଧୁମିଳନ

**ନୂଆଗାଁ, ୧୩।୧ (ଡି.ଏନ.ଏ)**

ଆମ୍ଭ ସଂସ୍କୃତି ଓ ପରମ୍ପରା ବହୁ ପୁରାତନ। ଏହା ଆମର ପରିଚୟ ମଧ୍ୟ। ତେଣୁ ସଂସ୍କୃତି ଓ ପରମ୍ପରା ବିନା କୌଣସି ଜାତିର ଏକତା ବଜାୟ ରହିବା କଷ୍ଟକର। ଆମ୍ଭ ସଂସ୍କୃତି ଓ ଆମ୍ଭ ପରମ୍ପରା କେବଳ ଆମ୍ଭ ଜାତିକୁ ଏକତା ସୂତ୍ରରେ ବାନ୍ଧି ରଖେନାହିଁ। ଏହା ଆମ ଅତୀତର ବହୁ ସ୍ମୃତିକୁ ମନେ ପକାଇ ଦେଉଥିବାବେଳେ ଭବିଷ୍ୟତରେ ଏହା ଆମକୁ ଦିଗଦର୍ଶନ ଦେଇଥାଏ। ତେଣୁ ପ୍ରତ୍ୟେକ ଜାତି ନିଜ ସଂସ୍କୃତି ଓ ପରମ୍ପରାକୁ ମନେପକାଇବା ଜରୁରୀ ବୋଲି ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ବାରିଲେପ୍ଟାଠାରେ ବଡାଇକ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ଆଦିବାସୀ ଉନ୍ନୟନ ମନ୍ତ୍ରୀ ଜୁଏଲ ଓରାମ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ଭାଜପାର ବରିଷ୍ଠ ନେତା ଶଙ୍କର ଓରାମ, ଅଜିତ ବଡାଇକ ଓ ଚତୁର ବଡାଇକ ଉପସ୍ଥିତ ରହି ବଡାଇକ ସମାଜର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଉତ୍କଳ ବଡାଇକ ବିକାଶ ପରିଷଦର ସଭାପତି ମହାଦେବ ବଡାଇକ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ବଡାଇକ, କାର୍ଯ୍ୟକାରୀ ସଭାପତି ଜିତବାହାନ ବଡାଇକ, ଉପସଭାପତି ଜିରାନ ବଡାଇକ ପ୍ରମୁଖ ଉପସ୍ଥିତ ରହିଥିଲେ। ଉତ୍କଳ ବଡାଇକ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ସଫଳ କରିବା ସହ ଆଗାମୀ ଦିନରେ ବଡାଇକ ସମାଜର ପ୍ରତ୍ୟେକ ଦିଗ ଉପରେ ବିଚାର କରାଯାଇ ପରସ୍ପର ମଧ୍ୟରେ ସମାଜ ପ୍ରତି ଉନ୍ନତ ତଥା ବିକାଶର ଚିନ୍ତାଧାରା ଜାଗ୍ରତ କରାଯିବାକୁ ଉଦ୍ୟମ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ପରିଷଦର ଉପଦେଷ୍ଟା ଜପେଶ୍ୱର ବଡାଇକ, ମଙ୍ଗରାଜ ସିଂ, ରାମଚନ୍ଦ୍ର ବଡାଇକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଉକ୍ତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉତ୍କଳ ବଡାଇକ ବିକାଶ ପରିଷଦ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଓରାମଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ବନ୍ଧୁମିଳନ ଉପଲକ୍ଷେ ଏକ ନକଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ମଧ୍ୟ ଆୟୋଜିତ କରାଯାଇଥିଲା । ୬ଟି ଦଳକୁ ନେଇ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଫାଇନାଲ ମ୍ୟାଚ ଗାଇଞ୍ଜାର ଓ ବୀରମିତ୍ରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥି ଗାଇଞ୍ଜାର ଦଳ ବିଜୟୀ ହୋଇ ପ୍ରଥମ ପୁରସ୍କାର ଲାଭ କରିଥିଲା । ଦ୍ୱିତୀୟ ବିଜେତା ଦଳ ଭାବରେ ବୀରମିତ୍ରପୁର ଓ ତୃତୀୟ ଦଳ ଭାବରେ ଖଇରଟୋଲା ଦଳକୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ବୀରମିତ୍ରପୁର ଦଳର ଆକାଶ ବଡାଇକ ପୁରସ୍କୃତ ହୋଇଥିଲେ। ବନ୍ଧୁରା ବଡାଇକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଖେଳ ଆୟୋଜିତ ହୋଇଥିଲା । ରାମେଶ୍ୱର ବଡାଇକ ମଞ୍ଚ ପରିଚାଳନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କାଳିନ୍ଦୀ ବଡାଇକ, ରୂପେଶ ବଡାଇକ, ବନ୍ଦନୁ ବଡାଇକ ପ୍ରମୁଖ ଶତାଧିକ ଲୋକ ଏହି ବନ୍ଧୁମିଳନ କାର୍ଯ୍ୟରେ ଉପସ୍ଥିତ ଥିଲେ ।




ବନ୍ଧୁମିଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି, ବକ୍ତା।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ସରକାରୀ ମହାବିଦ୍ୟାଳୟ ୟୁଜିସି ଛାତ୍ରାବାସର ବାର୍ଷିକ ଉତ୍ସବ

**ସୁନ୍ଦରଗଡ଼, ୧୩।୧ (ଡି.ଏନ୍.ଏ)** -ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ୟୁଜିସି ଛାତ୍ରାବାସର ବାର୍ଷିକୋତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସୁରେନ୍ଦ୍ର କୁମାର ମୀନା ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ। ବିଦ୍ୟାର୍ଥୀମାନେ ନକରାତ୍ମକ ଶକ୍ତିକୁ ଦୂରେଇ ଦେଇ ସକରାତ୍ମକ ଶକ୍ତିର ଆଧାରରେ ଉତ୍ତମ ଚରିତ୍ର ଗଠନରେ ବ୍ରତୀ ହେବାକୁ ଅନ୍ତେବାସୀମାନଙ୍କୁ ପରାମର୍ଶ ଦେଇଥିଲେ। ନିଜ ଛାତ୍ରାବସ୍ଥାର ସ୍ମୃତିଚାରଣ କରି ସଫଳତାର ଶୀର୍ଷରେ ପହଞ୍ଚିବାକୁ ହେଲେ ଆତ୍ମ ଅଧ୍ୟବସାୟ, ଦୃଢ ଆତ୍ମବିଶ୍ୱାସ ରଖିବାକୁ ହେବ ବୋଲି କହିଥିଲେ। ମହାବିଦ୍ୟାଳୟର ପୁରାତନ ଛାତ୍ର ରାଜ୍ୟ ଭାଜପା ଯୁବମୋର୍ଚ୍ଚାର ସଭାପତି ଟଙ୍କଧର ତ୍ରିପାଠୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ପ୍ରଫୁଲ୍ଲ ସୁନ୍ୟାନୀ, ପୁରାତନ ଛାତ୍ର ସଂଘର ଆବାହକ ବିଶ୍ୱ ରଂଜନ ହୋତା, ପୂର୍ବତନ କାଉନସିଲର ତଥା ବିଜେଡି ଯୁବନେତା ସୁମନ୍ତ କୁମାର ସାହି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଜୀବନର ମୂଲ୍ୟବାନ ସମୟର ଠିକ ଭାବେ ବିନିଯୋଗ କରି ମାତା ପିତାଙ୍କର ଆଶା ଓସ୍ୱପ୍ନକୁ ସାକାର କରିବା ସହ ଦେଶର ସୁନାନଗରିକ ଭାବେ ନିଜକୁ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ସମାରୋହରେ ଅଧ୍ୟକ୍ଷତା କରି ସମ୍ପ୍ରତି ନୈତିକତାର ଅବକ୍ଷୟ ମଧ୍ୟରେ ନିଜକୁ ଜଣେ ଭଲ ମଣିଷ ଭାବେ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ । ଛାତ୍ରାବାସର ଅଧୀକ୍ଷକ ଡ. ଲଳିତରଞ୍ଜନ ସାହୁ ସ୍ୱାଗତ ଅଭିଭାଷଣ, ହରେଶ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସହ ଅଧୀକ୍ଷକ ଅଧ୍ୟାପକ ପ୍ରଭାକର ସେଠୀ ସଭା ସଞ୍ଚାଳନ କରିଥିଲେ। ସୁଦୀପ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ପ୍ରୟାଗରେ ଅର୍ଦ୍ଧକୁମ୍ଭ ମେଳା ଆଜି

## ମୌନୀ ଅମାବାସ୍ୟା ସ୍ନାନ: ସାଧୁ, ସନ୍ଥଙ୍କ ପ୍ରବଳ ଗହଳି

**ବଡଗାଁ, ୧୩।୧ (ଡି.ଏନ.ଏ)**

ହିନ୍ଦୁ ଧର୍ମାବଲମ୍ବିଙ୍କ ପାଇଁ ପ୍ରୟାଗ (ଏଲ୍ଲାହାବାଦ) ଶ୍ରେଷ୍ଠ ଧର୍ମସ୍ଥଳୀ ଭାବେ ବିଶ୍ୱାସ କରାଯାଏ। ୧୪ ତାରିଖ ସୋମବାରଠାରୁ ଏଠାରେ ଅର୍ଦ୍ଧକୁମ୍ଭ ମେଳା ଆରମ୍ଭ ହେଉଛି। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ସାଧୁ, ସନ୍ୟାସୀଙ୍କ ଆଗମନରେ ପ୍ରୟାଗ ଚଳଚଞ୍ଚଳ ହୋଇ ଉଠିଛି। ସରକାରଙ୍କ ପକ୍ଷରୁ ସୁରକ୍ଷା, ସହଯୋଗ ପାଇଁ ପୋଲିସ ଓ ଅର୍ଦ୍ଧସାମରିକ ବାହିନୀ ୨୪ ଘଣ୍ଟା ପଇଁତରା ମାରୁଛନ୍ତି। ସରକାରୀ କର୍ମଚାରୀମାନେ ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ସ୍ଥାନରେ କ୍ୟାମ୍ପ କରିଛନ୍ତି। ସାଧୁ, ସନ୍ୟାସୀଙ୍କ ରହଣି ପାଇଁ ଟେଣ୍ଟ ବ୍ୟବସ୍ଥା କରାଯାଇଛି। ତେବେ କୁମ୍ଭ, ଅର୍ଦ୍ଧକୁମ୍ଭ ମେଳା କାହିଁକି ହୋଇଥାଏ ତାକୁ ନେଇ ଅନେକ ମତ ରହିଛି। ତନ୍ମଧ୍ୟରୁ ସର୍ବାଧିକ ମାନ୍ୟତାପ୍ରାପ୍ତ ପୌରାଣିକ କଥାନୁଯାଇ, ମହର୍ଷୀ ଦୁର୍ବାଶାଙ୍କ ଅଭିଶାପରେ ଇନ୍ଦ୍ରଙ୍କ ସହିତ ଦେବତାମାନେ ଦୁର୍ବଳ ହୋଇଗଲେ। ଏହାର ସୁଯୋଗ ନେଇ ଦାନବମାନେ ଦେବତାଙ୍କୁ ଆକ୍ରମଣ କରି ପରାସ୍ତ କଲେ। ଦେବତାମାନେ ବିଷ୍ଣୁଙ୍କ ପାଖକୁ ଯାଇ ସମସ୍ତ ଘଟଣା ଜଣାଇବାରୁ ବିଷ୍ଣୁ ଦାନବଙ୍କ ସହିତ ମିଶି କ୍ଷୀର ସାଗର ମନ୍ଥନ କରି ଅମୃତ ବାହାର କରିବାକୁ ପରାମର୍ଶ ଦେଲେ। ସେ ଅନୁଯାଇ, ଦେବଗଣ ଦାନବଙ୍କ



ଶ୍ରୀରାମ ପୁରୋହିତ ।



ସୁରେନ୍ଦ୍ର କୁମାର ତ୍ରିପାଠୀ (ସୀତାରାମ)

ସହିତ ମିଶି ଅମୃତ ବାହାର କଲେ। ଅମୃତ କଳସ ବାହାରିବା କ୍ଷଣି ଦେବତାଙ୍କ ଇସାରାରେ ଇନ୍ଦ୍ରଙ୍କ ପୁତ୍ର ଜୟନ୍ତ ଅମୃତ କଳସ ନେଇ ଚାଲିଗଲେ। ଏହା ଦେଖି ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କ ଆଦେଶକ୍ରମେ ଦାନବମାନେ ଜୟନ୍ତଙ୍କ ଅନୁଧାବନ କରି ଅଟକାଇଲେ। ଏହା ପରେ ଅମୃତ କଳସ ଉପରେ ଅଧିକାର ହାସଲ ପାଇଁ ଦେବ-ଦାନବଙ୍କ ମଧ୍ୟରେ ୧୨ ଦିନ ଯୁଦ୍ଧ, କଳହ ହେଲା। ଏହି ସମୟରେ ୪ଟି ସ୍ଥାନ ପ୍ରୟାଗ, ହରିଦ୍ୱାର, ଉଜ୍ଜୟନୀ, ନାସିକରେ କଳସରୁ ଅମୃତ ବୁନ୍ଦା ଛିଟିକି ପଡିଥିଲା। ଦେବ- ଦାନବଙ୍କ କଳହ ଶାନ୍ତ କରିବା ପାଇଁ ବିଷ୍ଣୁ ମୋହିନୀ ରୂପ ନେଇ ଯଥୋଚିତ ଭାବେ ଅମୃତ ବଣ୍ଟନ କଲେ। ଏହାପରେ କଳହ ଯୁଦ୍ଧର ଅବସାନ ଘଟିଲା। ଅମୃତ ପ୍ରାପ୍ତି ପାଇଁ ୧୨ ଦିନ ଯୁଦ୍ଧ ହୋଇଥିଲା। ଦେବତାଙ୍କ ୧୨ ଦିନ ମନୁଷ୍ୟ ପାଇଁ ୧୨ ବର୍ଷ ଗଣନା କରାଯାଏ। ସେ ଅନୁସାରେ ପ୍ରତି ୧୨ ବର୍ଷରେ କୁମ୍ଭ ଓ ୬ ବର୍ଷରେ ଅର୍ଦ୍ଧକୁମ୍ଭ ମେଳା ହୋଇଥାଏ । ଏଥି ମଧ୍ୟରୁ ୪କୁମ୍ଭ ପୃଥିବୀ ଓ ୮କୁମ୍ଭ ପର୍ବ ଦେବଲୋକରେ ହୋଇଥାଏ ବୋଲି ଧାର୍ମିକ ବିଶ୍ୱାସ ରହିଛି। ଯେଉଁ ସମୟରେ ଚନ୍ଦ୍ରଙ୍କ ସହିତ ଦେବତାମାନେ ଅମୃତ କଳସ ରକ୍ଷା କଲେ, ସେ ସମୟ କୁମ୍ଭ ପର୍ବର ଠିକ ସମୟ ଧରାଯାଏ। ଅର୍ଥାତ୍ ଯେଉଁ ବର୍ଷ, ଯେଉଁ ରାଶିରେ ସୂର୍ଯ୍ୟ, ଚନ୍ଦ୍ର ଓ ବୃହସ୍ପତିଙ୍କର ସଂଯୋଗ ହୁଏ ସେହି ବର୍ଷ ସେହି ରାଶିରେ ଅମୃତ ବୁନ୍ଦା ପଡିଥିବା ସ୍ଥାନରେ କୁମ୍ଭମେଳା ହୋଇଥାଏ। ପ୍ରୟାଗରେ ଚଳିତ ବର୍ଷ ଅର୍ଦ୍ଧକୁମ୍ଭ ମେଳା ହେବ। କିନ୍ତୁ ଏହାକୁ ଦିବ୍ୟ କୁମ୍ଭମେଳା ଭାବେ ପ୍ରଚାରିତ କରାଯିବାକୁ ବିରୋଧ କରି ସ୍ଥାନୀୟ ଲୋକେ ଏଲ୍ଲାହାବାଦ ହାଇକୋର୍ଟରେ ପିଟିସନ୍ ଦାୟର କରିଥିବା ତାଙ୍କ ଠାରୁ ଜଣାପଡିଛି। କୁମ୍ଭମେଳା ସମ୍ପର୍କରେ ଜାଣିବା ପାଇଁ ପ୍ରୟାଗର ବାସିନ୍ଦା ସୁରେନ୍ଦ୍ର କୁମାର ତ୍ରିପାଠୀ (ସୀତାରାମ), ଶ୍ରୀରାମ ପୁରୋହିତଙ୍କ ସହିତ କେତେକ ବ୍ୟକ୍ତିଙ୍କ ସହିତ ସାକ୍ଷାତ କରିବାରେ ସେମାନେ କହିଥିଲେ, କୁମ୍ଭମେଳା ସମୟରେ ଅମାବାସ୍ୟା ଦିନ ପ୍ରୟାଗର ବାସିନ୍ଦା କାହା ସହିତ କଥାବାର୍ତ୍ତା ନ ହୋଇ ସକାଳୁ ଡଙ୍ଗାଘାଟକୁ ଯାଇ ସ୍ନାନ କରିଥାନ୍ତି। ଏଥିପାଇଁ ଏହି ସ୍ନାନକୁ ମୌନୀ ଅମାବାସ୍ୟା ସ୍ନାନ କୁହାଯାଏ। ସାଧୁ, ସନ୍ୟାସୀମାନେ ନିଜ ଆଖାଡାରୁ ଘୋଡା, ହାତୀ, ରଥରେ ଆସି ତ୍ରିବେଣୀସଙ୍ଗମରେ ପ୍ରଥମେ ସ୍ନାନ କଲାପରେ ଜନତା ସ୍ନାନ କରିଥାନ୍ତି। ଏହି ଦିନ ଠାରୁ ସାଧୁ, ସନ୍ୟାସୀ ଓ ଗୃହସ୍ଥମାନେ ମଧ ୧ମାସ କଳ୍ପବାସ କରିବେ। ଏହି ୧ମାସ ଭଜନ, କିର୍ତ୍ତନ, ଦାନଧର୍ମ, ମହାତ୍ମାଙ୍କ ଦର୍ଶନ କରାଯାଏ। କୁମ୍ଭମେଳା ସମୟରେ ମୃତକଙ୍କ ପାଇଁ ଯେପରି ଦାନ କରାଯାଏ, ସେହିପରି ଜୀବିତାବସ୍ଥାରେ ମଧ ଗୋ, ପାତ୍ର, ବସ୍ତ୍ର ଏବଂ ସ୍ୱର୍ଣ୍ଣ ଦାନ କରାଯାଏ ।



ଅର୍ଦ୍ଧ କୁମ୍ଭମେଳା ପାଇଁ ନିର୍ମାଣାଧୀନ ବିଶାଳ କୁମ୍ଭ ।

**ରିପୋର୍ଟ: ପ୍ରୟାଗରୁ ବଡ଼ଗାଁ ପ୍ରତିନିଧି ଅଶୋକ ଷଡଙ୍ଗୀ।**

### କୀଟନାଶକ ପିଇ ଯୁବକଙ୍କ ଆତ୍ମହତ୍ୟା

**ଲହୁଣୀପଡା, ୧୩।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଫୁଲଝର ପଞ୍ଚାୟତ ମୁକୁଳାପାଣି ଗ୍ରାମର ଜଣେ ଯୁବକ ଶନିବାର ରାତିରେ କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ସେ ହେଲେ ମୁକୁଳାପାଣି ଗ୍ରାମର ଦୁଃଖନ ନାଏକ (୩୦)। ପରିବାର ଲୋକେ ଜାଣିବା ପରେ ତାଙ୍କୁ ଚିକିତ୍ସା ପାଇଁ ବଣେଇ ଡାକ୍ତରଖାନାକୁ ରବିବାର ସକାଳୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଲହୁଣୀପଡା ପୋଲିସ ଡାକ୍ତରଖାନାକୁ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ବାଳିକା ହକି ଟୁର୍ନାମେଣ୍ଟ ପ୍ରଦର୍ଶନୀ ମ୍ୟାଚ: ତିଲେଇକାନୀ ସରକାରୀ ବାଳିକା ବିଦ୍ୟାଳୟ ଚାମ୍ପିୟନ

**ବାଲିଶଙ୍କରା, ୧୩।୧ (ଡି.ଏନ.ଏ)**

ବାଲିଶଙ୍କରା ବ୍ଲକ ତିଲେଇକାନୀ ପଞ୍ଚାୟତ ହକି ଖେଳ ପଡିଆରେ ସଫ୍ଟୱେୟାର ଇଞ୍ଜିନିୟର ବିଲାସପୁରରେ କାର୍ଯ୍ୟରତ ଇଲିଆସ ତିର୍କୀଙ୍କ ନେତୃତ୍ୱରେ ଚାଲିଥିବା ବାଳିକା ହକି ପ୍ରଦର୍ଶନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ଫାଦର ଫ୍ରାନସିସ୍ ଖାଖା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟିମ୍ ମ୍ୟାନେଜର ଅନୀଲ କୁଲୁ, ବ୍ରଦର ଦୀପକ ଟପ୍ପୋ, ଶିକ୍ଷକ ଦୁର୍ଗାଚରଣ ଓରାମ, ଶିକ୍ଷୟିତ୍ରୀ ମଞ୍ଜୁଲତା ଖାଲଖୋ, ଦୀପକ ତିର୍କୀ ପ୍ରମୁଖ ଯୋଗଦେଇଥିଲେ । ଏହି ପ୍ରଦର୍ଶନୀ ବାଳିକା ହକି ଟୁର୍ନାମେଣ୍ଟରେ ତିଲେଇକାନୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ୩-୧ ଗୋଲରେ ହରସମରା ଦଳକୁ ପରାସ୍ତ କରି ଚାମ୍ପିୟନ ରୂପେ ପୁରସ୍କୃତ କରାଯାଇଥିଲା ।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ପୁଷ୍ପ, ଫଳ ପ୍ରଦର୍ଶନୀ

**ସୁନ୍ଦରଗଡ଼, ୧୩।୧ (ଡି.ଏନ୍.ଏ)**

ସୁନ୍ଦରଗଡ଼ ବରିଷ୍ଠ ନାଗରିକ ସଂଘ ତରଫରୁ ଶନିବାରଠାରୁ ୩ ଦିନିଆଁ ପୁଷ୍ପ ଓ ଫଳ ପ୍ରଦର୍ଶନୀ ଆରମ୍ଭ ହୋଇଛି। କିରେଇସ୍ଥିତ କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ମୁଖ୍ୟ ଅତିଥି ଭାବେ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ରବିବାର ସକାଳେ ଓଡିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ସ୍ୱତନ୍ତ୍ର ଅତିଥି ଭାବେ ଏହି ପ୍ରଦର୍ଶନୀକୁ ପରିଦର୍ଶନ କରି ବରିଷ୍ଠ ନାଗରିକଙ୍କର ଏଭଳି ଉଦ୍ୟମ ଓ ଉତ୍ସାହକୁ ପ୍ରଶଂସା କରିଥିଲେ। ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଗ୍ରହଣ କରାଯାଉଥିବା ବିବିଧ କାର୍ଯ୍ୟକ୍ରମ ଉତ୍ତରପିଢି ପାଇଁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ବରିଷ୍ଠ ନାଗରିକ ସଂଘର ସଭାପତି ଡା. ହିମାଂଶୁ ଶେଖର ଗୁରୁ, ସମ୍ପାଦକ ପଦ୍ମଲୋଚନ ସରାଫ, ସହସମ୍ପାଦକ ସମୀର କର, କୋଷାଧ୍ୟକ୍ଷ ବାସୁଦେବ ସରାଫ୍ ଓ ସଂଘର ସମସ୍ତ ସଦସ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପୁଷ୍ପ ଓ ଫଳ ପ୍ରଦର୍ଶନୀରେ ମୋଟ ୨୧ଜଣଙ୍କର ୫୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ଫୁଲଗଛ ଓ ଫଳ, ପନିପରିବା ସ୍ଥାନ ପାଇଛି। ପ୍ରତ୍ୟହ ସକାଳୁ ସନ୍ଧ୍ୟା ଯାଏ ସହରର ବହୁସଂଖ୍ୟାରେ ପୁଷ୍ପ ଓ ଫଳ ପ୍ରେମୀ ତଥା ସାଧାରଣ ଜନତା ଏହି ପ୍ରଦର୍ଶନୀ ବୁଲି ଦେଖୁଛନ୍ତି। ପ୍ରଦର୍ଶନୀ ସୋମବାର ଉଦ୍‌ଯାପିତ ହେବ।



ସୁନ୍ଦରଗଡ଼ରେ ପୁଷ୍ପ ଓ ଫଳ ପ୍ରଦର୍ଶନୀରେ ଉପସ୍ଥିତ ଦର୍ଶକ, ବରିଷ୍ଠ ନାଗରିକ।

# ବଣାଇଗଡରେ କଳାକାର ସମାବେଶ

**ବଣାଇଁ, ୧୩।୧ (ସ୍ୱ.ପ୍ର.)**

ବଣାଇଁଗଡ ରାଜା ଧରଣୀଧର ଖେଳ ପଡିଆରେ ବଣାଇଁ ଉପଖଣ୍ଡର ୪ଟି ବ୍ଲକ ଗୁରୁଣ୍ଡିଆ, ବଣାଇଁ, ଲହୁଣୀପଡା ଓ କୋଇଡା ବ୍ଲକରୁ ଆସିଥିବା କଳାକାର ସମାବେଶ ହୋଇଥିଲା। ଅନେକ ଗ୍ରାମରୁ ଯଥାକ୍ରମେ ସଂପ୍ରଦା ମଣ୍ଡଳୀ, କୀର୍ତ୍ତନମଣ୍ଡଳୀ, କୃଷ୍ଣଗୁରୁ, ଶିବଗୁରୁ, ପାଲା, ଦାସକାଠିଆ ଦଳ ଯୋଗଦେଇଥିଲେ। ବଣାଇଁଗଡ ବ୍ଲକର ୧୧୦ଟି ଦଳ, ଲହୁଣୀପଡା ବ୍ଲକର ୮୦ଟି ଦଳ, କୋଇଡା ବ୍ଲକର ୩୦ଟି ଦଳ ଓ ଗୁରୁଣ୍ଡିଆ ବ୍ଲକର ୩୦ଟି ଦଳ ମୋଟ ୧୫୪ଟି ଦଳର ହାରାହାରି ୫ହଜାରରୁ ଊର୍ଦ୍ଧ୍ୱ କଳାକାର ନିଜର ବାଦ୍ୟଯନ୍ତ୍ର, ପୋଷାକ ଇତି ବ୍ୟବହାର କରିଥିଲେ। ପ୍ରଥମେ ମୁଖ୍ୟଅତିଥି ବଣାଇଁ ରାଜା ସାହେବ ବୀରକିଶୋର ଦେଓଦେବ, ସାଂସ୍କୃତିକ ସଭାପତି ଖଗେଶ୍ୱର ବାରିକ, ରଜନୀକାନ୍ତ ଦଣ୍ଡିଆ, ବିଶେଷଜ୍ଞ ସଭ୍ୟ ରଣଜିତ କିସାନ, ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ବିଜେଡି ବଣାଇଁ ବ୍ଲକ ସଭାପତି ରଘୁନାଥ ସାହୁ, ମୁଖପାତ୍ର ସୁନ୍ଦରମଣୀ ପ୍ରଧାନ, ଶୁକଦେବ ପଲେଇ ଓ ଉମେଶ ଚନ୍ଦ୍ର ବ୍ରହ୍ମ ଓ ରାଜକିଶୋର ସାହୁ, ବିଶିଷ୍ଟ ସଂପ୍ରଦାଗୁରୁ ଦଶରଥ ସାହୁଙ୍କ ନେତୃତ୍ୱରେ ଏକ ବିରାଟ ଶୋଭଯାତ୍ରା ବଣାଇଁର ଆରାଧ ଦେବ ଶ୍ରୀଶ୍ରୀ ବାଣେଶ୍ୱର ମନ୍ଦିର ସମ୍ମୁଖରୁ ବାହାରି ବଣାଇଁଗଡ ପରିକ୍ରମା କରିଥିଲା। ଖେଳ ପଡିଆରେ ସମସ୍ତ କଳାକାରଙ୍କ ଉପସ୍ଥିତିରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ରାଜା ସାହେବ ବଣାଇଁରେ ଏହି ଶୋଭାଯାତ୍ରା ଓ ସଭାରେ ଏତିକି କଳାକାର କେବେବି ଦେଖି ନ ଥିଲେ। ତେଣୁ କଳାକାରମାନଙ୍କ କଳାପ୍ରତି ବଣାଇଁବାସୀ ଆକୃଷ୍ଟ ହୋଇଥିବାର ଅନୁମାନ କରୁଛି ବୋଲି କହିଥିଲେ। ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ କଳାକାରମାନଙ୍କ ପାଇଁ ଯାହା ଯାହା ଯୋଜନା ପ୍ରଣୟନ କରିଛନ୍ତି ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶେଷଜ୍ଞ ସଭ୍ୟ ରଣଜିତ କିଶାନ, ସୁନ୍ଦରମରୀ ପ୍ରଧାନ, ରଘୁନାଥ ସାହୁ, କୁମାର ଗୌତମ ବାରିକ, ଖଗେଶ୍ୱର ବାରିକ, ରଜନୀକାନ୍ତ ଦଣ୍ଡିଆ ପ୍ରମୁଖ କଳାକାରମାନଙ୍କ କେମିତି ଆହୁରି ଅଧିକ ଉନ୍ନତି ହୋଇପାରିବ ସେ ସମ୍ବନ୍ଧରେ ଅଭିଭାଷଣ ପ୍ରଦାନ କରିଥିଲେ ।

### ରାଜ୍ୟସ୍ତରୀୟ ଆର୍‌ଏସ୍‌ଏ କପ୍ ଫୁଟବଲ ଟୁର୍ନାମେଣ୍ଟ

# ଆକ୍ସନ କ୍ଲବକୁ ହରାଇ ମା' ମଙ୍ଗଳା ସେମିଫାଇନାଲରେ

**ସୁନ୍ଦରଗଡ, ୧୩।୧ (ଡି.ଏନ୍.ଏ)**

ସୁନ୍ଦରଗଡ ସଦର ବ୍ଲକ କିର୍ଜିମା ବିଜୁପଟ୍ଟନାୟକ ଷ୍ଟାଡିୟମ ଠାରେ ଚାଲିଥିବା ରାଜ୍ୟସ୍ତରୀୟ ଚତୁର୍ଥ ଆରଏସଏ କପ୍ ଫୁଟବଲ ଟୁର୍ନାମେଣ୍ଟର ୫ମ ଦିବସରେ ଦର୍ଲିପାଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସୁରେଶ କୁମାର ପାଣ୍ଡେ ମୁଖ୍ୟ ଅତିଥି ଏବଂ ସୁନ୍ଦରଗଡ଼ ପୌରାଞ୍ଚଳର ପୂର୍ବତନ ଉପନଗରପାଳ ପୂର୍ଣ୍ଣିମା ତାଣ୍ଡିଆ, ଜିଲା ପଞ୍ଚାୟତ ଅଧିକାରୀ ଗୁରୁଭା ସିଂ, ପୂର୍ବତନ ପ୍ରଧାନ ଶିକ୍ଷକ ଅଶୋକ ସାଏ ଓ ଭୀଷ୍ମଦେବ କାଲୋ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳର ଶୁଭାରମ୍ଭ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର କଟକର ମା' ମଙ୍ଗଳା କ୍ଲବ ଓ ସୁନ୍ଦରଗଡର ଆକ୍ସନ କ୍ଲବ ମଧ୍ୟରେ ସଂଘର୍ଷପୂର୍ଣ୍ଣ କ୍ୱାଟରଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳର ଭଲ ଗୋଲକିପରଙ୍କ ଯୋଗୁ ଖେଳ ଗୋଲଶୂନ୍ୟ ଡ୍ର ହେବାରୁ ପେନାଲିଟୀ ସୁଟ୍‌ରେ କଟକ ଦଳ ୪-୨ ରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଉତ୍ତମ ଖେଳ ପ୍ରଦର୍ଶନ ଯୋଗୁ କଟକର ବିଜୟ କୁମାର ଭୋଇଙ୍କୁ ମ୍ୟାନ ଅପ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ସଦର ବ୍ଲକର ପୂର୍ବତନ ଖେଳାଳି ଗଜିନ୍ଦ ନାଏକ ଓ ନୀଳମଣି ପଟେଲଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଖେଳକୁ ରେଫରୀ ନିତ୍ୟାନନ୍ଦ ମେହେର ,ରୋମାଂଚ ଭୈଷାଁଲ ,ଦେବେନ୍ଦ୍ର କିଶାନ ଓ ଚିତ୍ତରଞ୍ଜନ ସେଠ ପରିଚାଳନା କରିଥିଲେ। ଜାତୀୟ ରେଫରୀ ଦୁର୍ଗାମାଧବ ନାଏକ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଆୟୋଜକ କମିଟିର ଆବାହକ ଅଶ୍ୱିନୀ କୁମାର ନାଏକ, ସଭାପତି କାର୍ତ୍ତିକ ସୁନ୍ୟାନୀ, ସମୀର ରଞ୍ଜନ ପଟେଲ, ଆଦିତ୍ୟ ନାଏକ ମନୋଜ ଚୌଧୁରୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା। ସୋମବାର ବିଦେଶୀ ଖେଳାଳିମାନଙ୍କୁ ନେଇ ଭୁବନେଶ୍ୱରର ସଂଘର୍ଷ ସ୍ପୋର୍ଟସ କ୍ଲବ ଓ କଟକର ମା ମଙ୍ଗଳା କ୍ଲବ ମଧ୍ୟରେ ସେମିଫାଇନାଲ ମ୍ୟାଚ ହେବ ବୋଲି ସମ୍ପାଦକ ସୁଶୀଲ ପଟେଲ ସୂଚନା ଦେଇଛନ୍ତି। ଖେଳକୁ ଦେଖିବା ପାଇଁ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଖେଳପ୍ରେମୀଙ୍କ ସମାଗମ ହୋଇଥିଲା।

### ଜାତୀୟ ଗ୍ରାମୀଣ ଜନଜାତି ସ୍କାଉଟ୍‌ଗାଇଡ୍ ରେଞ୍ଜରରୋଭର ମହୋତ୍ସବ ଉଦ୍‌ଯାପିତ

# ମାନବବାଦୀ ଧର୍ମରେ କାର୍ଯ୍ୟ କରିବାର ଆବଶ୍ୟକତା ଅଛି

**ବଡଗାଁ, ୧୩।୧ (ଡି.ଏନ.ଏ)**

ବଡଗାଁସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ପଞ୍ଚ ଦିବସୀୟ ଜାତୀୟ ଗ୍ରାମୀଣ ଜନଜାତି ସ୍କାଉଟ ଗାଇଡ ରେଞ୍ଜର ରୋଭର ସମାବେଶ ଓ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟ ଖଣି, ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ, ଭାରତ ସ୍କାଉଟଗାଇଡର ରାଜ୍ୟ ସଭାପତି କାଳୀ ପ୍ରସାଦ ମିଶ୍ର, ବଡ଼ଗାଁ ତହସିଲଦାର ସୋନାଲି ଚାନ୍ଦ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଆଇଟିସି ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ ମନ୍ତ୍ରୀଙ୍କୁ ଉତ୍ତରିୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଇଟିସି ନିର୍ଦ୍ଦେଶକ ଡ. ଅରୁଣ କୁମାର ନାୟକ ଓ ତହସିଲଦାର ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ପଟ୍ଟନାୟକ କହିଥିଲେ ଯେ, ଏଠାରେ ୫ଦିନ ପରସ୍ପର ମଧ୍ୟରେ ଭାବବିନିମୟ ସ୍ମୃତି ହୋଇ ରହିବ ଓ କ୍ୟାମ୍ପ ଆପଣଙ୍କ ପାଇଁ ପ୍ରେରଣାଦାୟୀ ହେବ। ବଡଗାଁ ଲୋକଙ୍କ ଦିଲ୍ (ହୃଦୟ) ବଡ। ତେଣୁ ଗାଁର ନାମ ବଡଗାଁ ବୋଲି ଗ୍ରାମବାସୀଙ୍କ ସହଯୋଗକୁ ପ୍ରଶଂସା କରିବା ସହ ରେଞ୍ଜରରୋଭରଙ୍କ ସେ ଶୁଭ ମନାଷୀ ଥିଲେ। ମନ୍ତ୍ରୀ ମଲ୍ଲିକ, ଓଡିଶା ରାଜ୍ୟରମାନ ରଖିଥିବାରୁ ଆୟୋଜକଙ୍କୁ ଧନ୍ୟବାଦ, ଶୁଭେଚ୍ଛା ଜଣାଇଥିଲେ। ସେ କହିଲେ, ମାନବବାଦୀ ଧର୍ମରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଏହି ଭାବନା ସମସ୍ତଙ୍କ ମଧ୍ୟରେ ସୃଷ୍ଟି କରିବାକୁ ପଡିବ । ଜନଜାତିଙ୍କ ଭାଷା, କଳା, ସଂସ୍କୃତି କିପରି ବଞ୍ଚି ରହିବ ସେ ଦିଗରେ ନବୀନ ପଟ୍ଟନାୟକ ପଦକ୍ଷେପ ନେଉଥିବା ସୂଚନା ଦେଇ ସମ୍ବିଧାନ ଅନୁସାରେ ବ୍ୟବସ୍ଥା କିପରି ଠିକ୍ ରହିବ ଓ ଜାତି, ଧର୍ମ ନାଁରେ ଚାଲିଥିବା ବିବାଦ ଉପରେ ସମ୍ୟକ କହିଥିଲେ । ଏହାପରେ ପୁରସ୍କାର ବିତରଣୀ ହୋଇଥିଲା। ଫିଜିକାଲ ଡିସପ୍ଲେରେ ଓଡିଶା, ରାଜସ୍ଥାନ ଓ ୱେଟ୍ ରେଲୱେ, ଷ୍ଟେଟ ଏକ୍ସିଭେସନରେ ଝାଡ଼ଖଣ୍ଡ, ବିହାର ଓ ଛତିଶଗଡ, ଫୁଡପ୍ଲାଜାରେ ଓଡିଶା, ଏନଇ ରଲୱେ ଓ ହିମାଞ୍ଚଳ ପ୍ରଦେଶ, ଫଙ୍କସଙ୍ଗରେ ଓଡିଶା (କଳାହାଣ୍ଡି), ୱେଷ୍ଟର୍ଣ୍ଣ ରେଲୱେ ଓ ଛତିଶଗଡ ଫକ ଡ୍ୟାନ୍ସରେ ଓଡିଶା, ରେଲୱେ ଓ ଝାଡଖଣ୍ଡ, ରେଙ୍ଗାଲିରେ ବିହାର, କର୍ଣ୍ଣାଟକ ଓ ୱେଷ୍ଟ ବେଙ୍ଗଲ ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲା। ଏହି କ୍ୟାମ୍ପରେ ୨୦ଟି ରାଜ୍ୟର ୩୫୦ରୁ ଊର୍ଦ୍ଧ୍ୱ ସ୍କାଉଟଗାଇଡ ରେଞ୍ଜର ରୋଭର ଅଂଶଗ୍ରହଣ କରିଥିଲେ।



ଖଣି, ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ସମ୍ମୁଖରେ ବିଭିନ୍ନ ରାଜ୍ୟର ଲୋକନୃତ୍ୟ ପରିବେଷଣ ।



ଲୋକଙ୍କଠାରେ ଶକ୍ତିର ଅଭାବ ନାହିଁ,
ପ୍ରକୃତରେ ଇଚ୍ଛାର ହିଁ ଅଭାବ।
- ଭିକ୍ଟର ହ୍ୟୁଗ୍



## ସଂକ୍ଷେପରେ

### ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ବ୍ରଜରାଜନଗର,୧୩।୧(ଡି.ଏନ୍.ଏ.)**-ଚିଚିଣ୍ଡା ଗ୍ରାମସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ନବକିଶୋର ଦାସ ଓ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଅନୁପ ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ବିଶ୍ୱଲୋଚନ ଭୋଇଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅଧକ୍ଷା ସୁରଭି ଭୋଇ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଯୋଗଦେଇ ସୁମଧୁର ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ବିଶ୍ୱ ସନ୍ୟାସୀ ବିବେକାନନ୍ଦ ପତ୍ରିକା ଉନ୍ମୋଚନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତା ଚୟନ

**ଝାରସୁଗୁଡ଼ା ଅଫିସ,୧୩।୧**-ଝାରସୁଗୁଡ଼ା ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ଚୟନ ଶନିବାର ଅନୁଷ୍ଠିତ ହୋଇଛି। ସଂଘର ପଦପଦବୀ ପାଇଁ କୌଣସି ପ୍ରତିଦ୍ୱନ୍ଦ୍ୱିତା ହୋଇ ନ ଥିବାରୁ କର୍ମକର୍ତ୍ତା ଚୟନ ସୁରୁଖୁରୁରେ ଶେଷ ହୋଇଛି। ସଭାପତି ଭାବେ ସଦାନନ୍ଦ ଦାଶ, ଉପସଭାପତି ଭାବେ ରାଜେଶ ସିଂ, ସାଧାରଣ ସମ୍ପାଦକ ଦୀପକ ସାହୁ, ଯୁଗ୍ମସମ୍ପାଦକ ନାରାୟଣ ଅଗ୍ରୱାଲ ଏବଂ କୋଷାଧକ୍ଷ ଭାବେ ଶୁଭେନ୍ଦୁ ମହାପାତ୍ର ମନୋନୀତ ହୋଇଛନ୍ତି। କର୍ମକର୍ତ୍ତା ଚୟନରେ ଅମୀୟ କୁମାର କର ଓ ବିଶାଲ ସିଂ ନିର୍ବାଚନ ଅଧିକାରୀ ଦାୟିତ୍ୱ ନିର୍ବାହ କରିଥିଲେ। ନୂଆ କର୍ମକର୍ତ୍ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ଜାତୀୟ ଯୁବ ଦିବସ ପାଳିତ

**ଝାରସୁଗୁଡ଼ା ଅଫିସ,୧୩।୧**-ସ୍ଥାନୀୟ କାଳୀ ମନ୍ଦିରଠାରେ ଶନିବାର ସନ୍ଧ୍ୟାରେ ଜାତୀୟ ଯୁବ ଦିବସ ପାଳିତ ହୋଇଛି। ବିବେକାନନ୍ଦ ସେବା ସଂଘ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଆଧାରିତ ଏକ ପୁସ୍ତକ ମେଳା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସ୍ୱାମୀ ବିବେକାନନ୍ଦଙ୍କ ଯୋଗୁ ବିଦେଶରେ ହିନ୍ଦୁ ଧର୍ମର ଉତ୍କର୍ଷତାର ପ୍ରଚାର ହୋଇଥିଲା। ଝାରସୁଗୁଡ଼ା ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ ଏଥିରେ ମୁଖ୍ୟଅତିଥି ଭାବରେ ଯୋଗଦେଇ କହିଲେ, ବିବେକାନନ୍ଦଙ୍କ ଚିନ୍ତାଧାରା ଯୁବ ସମାଜକୁ ବୁଦ୍ଧିମନ୍ତ କରିବା ପାଇଁ ଅନେକ ବାର୍ତ୍ତା ପ୍ରଦାନ କରିଥାଏ। ଦେଶ ଓ ଜାତିର ଗଠନ ମୂଳକ ବିକାଶ ଓ ପରିବର୍ତ୍ତନ କେବଳ ଯୁବବର୍ଗଙ୍କ ଦ୍ୱାରା ହିଁ ସମ୍ଭବ ବୋଲି ଜିଲାପାଳ ପଟ୍ଟନାୟକ କହିଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ। ତାପସ ରାୟ ଚୌଧୁରୀ, ସପନ ଦତ୍ତ, ସୁନୀଲ ଚକ୍ରବର୍ତ୍ତୀ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ।



ଜାତୀୟ ଯୁବ ଦିବସରେ ପୁରସ୍କୃତ ହେଉଛନ୍ତି ଛାତ୍ରୀ।

ପୂରଣ ହେଲା ଅଧା ଲକ୍ଷ୍ୟ

# ଧିମେଇ ଚାଲିଛି ଖରିଫ ଧାନକିଣା

**ଝାରସୁଗୁଡ଼ା ଅଫିସ,୧୩।୧**

ଖରିଫ ଧାନକିଣା ଶୃଙ୍ଖଳିତ ଏବଂ ବ୍ୟବସ୍ଥିତ କରିବାକୁ ସବୁବେଳେ ପ୍ରାଧାନ୍ୟ ଦିଆଯାଇଛି। ଖରିଫ ଧାନକିଣାରେ ଚାଷୀ ଯେପରି କ୍ଷତିଗ୍ରସ୍ତ ନ ହୁଏ ସେଥିପ୍ରତି ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏତେସବୁ ବ୍ୟବସ୍ଥା ସତ୍ତ୍ୱେ ଧାନକିଣା ଧିମେଇ ଚାଲିଛି। ମଣ୍ଡି ଖୋଲିବାର ପାଖାପାଖି ଦେଢ଼ମାସ ହୋଇଗଲାଣି। କିନ୍ତୁ ମଣ୍ଡିକୁ ମାତ୍ର ୫୦% ଧାନ ଆସିଛି। ପ୍ରଥମ ପର୍ଯ୍ୟାୟର ଲକ୍ଷ୍ୟ ପୂରଣ ହୋଇନାହିଁ। ଦ୍ୱିତୀୟ ପର୍ଯ୍ୟାୟ ଧାନ କେବେ କିଣାଯିବ ବୋଲି ପ୍ରଶ୍ନ ଉଠିଛି। ପ୍ରତିବର୍ଷ ହାରାହାରି ସାଢ଼େପାଞ୍ଚ ଲକ୍ଷ କ୍ୱିଣ୍ଟାଲ ଧାନ ଖରିଦ କରାଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୨ ଲକ୍ଷ ୩୫ ହଜାର କ୍ୱିଣ୍ଟାଲ ଧାନ କିଣା ହୋଇଛି।

ସରକାରୀ ନିର୍ଦ୍ଦେଶ ଅନୁସାରେ ଚଳିତବର୍ଷ ୪୫,୮୮୨.୩୫୨ ମେଟ୍ରିକ୍ ଟନ୍ ଧାନ ଏବଂ ୩୧,୨୦୦ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେଥିପାଇଁ ଯୋଗାଣ ବିଭାଗ, ଜିଲା ସମବାୟ ସହକାରୀ ନିବନ୍ଧକ ଏବଂ ନିୟନ୍ତ୍ରିତ ବଜାର କମିଟି ଡିସେମ୍ବର ୩ ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଉଦ୍‌ଘାଟନ କରିଛନ୍ତି। ଜିଲାରେ ୩୨ଟି ପ୍ରାଥମିକ କୃଷି ସେବା ସମବାୟ ସମିତି (ପ୍ୟାକ୍ସ) ସମେତ ମୋଟ ୪୧ ଧାନ ସଂଗ୍ରହ କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରଗୁଡ଼ିକରେ ରବିବାର ସୁଦ୍ଧା ଝାରସୁଗୁଡ଼ା ବ୍ଲକରେ ୪୧,୪୯୨ କ୍ୱିଣ୍ଟାଲ, କିର୍ମିରା ବ୍ଲକରେ ୩୩,୬୦୭ କ୍ୱିଣ୍ଟାଲ, କୋଲାବିରା ବ୍ଲକରେ ୩୮,୭୦୦ କ୍ୱିଣ୍ଟାଲ, ଲଇକେରା ବ୍ଲକରେ ୪୪,୬୫୯ କ୍ୱିଣ୍ଟାଲ ଏବଂ ଲଖନପୁର ବ୍ଲକରେ ସର୍ବାଧିକ ୭୬,୭୦୩ କ୍ୱିଣ୍ଟାଲ ଧାନ କିଣା ହୋଇଛି। ଏହିପରି ଭାବେ ୫ ବ୍ଲକର ଚାଷୀଙ୍କଠାରୁ ମୋଟ ୨,୩୫,୧୬୩ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି। ମଣ୍ଡିକୁ ଧାନ ଆସିବା କମି ଯାଉଥିବାରୁ ଲକ୍ଷ୍ୟ ପୂରଣ କେବେ ହେବ ବୋଲି ଯୋଗାଣ ବିଭାଗର ଚିନ୍ତା ବଢ଼ିଯାଇଛି।



ଶୀତବସ୍ତ୍ର ବଣ୍ଟନ କରାଯାଉଛି।

## ମାନବ ସେବା ସଂଘ ବାଣ୍ଟିଲା ଶୀତବସ୍ତ୍ର

**ଝାରସୁଗୁଡ଼ା ଅଫିସ,୧୩।୧**

ମାନବ ସେବା ସଂଘ ପକ୍ଷରୁ ରବିବାର ଝାରସୁଗୁଡ଼ା ଜିଲା କିର୍ମିରା ଓ ଲଇକେରା ବ୍ଲକର ବିଭିନ୍ନ ଗ୍ରାମରେ କମ୍ୱଳ ଓ ଶୀତବସ୍ତ୍ର ବଣ୍ଟନ କରାଯାଇଛି। କିର୍ମିରା ବ୍ଲକ ନକ୍ସାପାଲିର ୩୫ ଜଣ, ଲଇକେରା ବ୍ଲକ ସାହସପୁରର ୨୧ ଜଣ ଏବଂ ଖୁନ୍ତାମାଲର ୪୫ ଜଣ ବୃଦ୍ଧ, ବୃଦ୍ଧା ଏବଂ ଅସହାୟଙ୍କୁ ଶୀତବସ୍ତ୍ର ଦିଆଯାଇଥିଲା। ଶୀତବସ୍ତ୍ର ବଣ୍ଟନ ବେଳେ ସଂଘର ସଦସ୍ୟ ମାନସ ସିହ୍ନା, ରତ୍ନାକର ପ୍ରଧାନ, ବୀଣାପାଣି ଦାସ, ସୋଫିଆ ଖାଁ, ମାଷ୍ଟର ସୁରିୟା, ରାଜ ମଜୁମଦାର, ସୁବାସ ସହାରେ ପ୍ରମୁଖ ଉପସ୍ଥିତ ଥିଲେ। ନକ୍ସାପାଲି ସରପଞ୍ଚ ହରେନ୍ଦ୍ର ଜଗତ, ଦେବରାଜ ସାହୁ, ରାଜୁ ନାୟକ, ସାହସପୁରର ସରପଞ୍ଚ ଜିତେନ୍ଦ୍ର ରଣା, ୱାର୍ଡସଭ୍ୟ ପ୍ରତାପ ଜୟପୁରିଆ, ଖୁନ୍ତାମାଲର ଗାନ୍ଧୀରାମ ବେହେରା, ସୁଶାନ୍ତ ସାହୁ ପ୍ରମୁଖ ଶୀତବସ୍ତ୍ର ବିତରଣରେ ସହଯୋଗ କରିଥିଲେ।

କାଳିଆ ଯୋଜନା

## ଜେରକ୍ସ ଦୋକାନରୁ ଫର୍ମ କିଣୁଛନ୍ତି ହିତାଧିକାରୀ

**ଝାରସୁଗୁଡ଼ା ଅଫିସ,୧୩।୧**

କୃଷି ଓ କୃଷକଙ୍କ ସମୃଦ୍ଧି ପାଇଁ ରାଜ୍ୟ ସରକାର କାଳିଆ ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନାରେ କ୍ଷୁଦ୍ରଚାଷୀ, ନାମମାତ୍ର ଚାଷୀ, ଭାଗଚାଷୀ, କୃଷି ଶ୍ରମିକ, ଭୂମିହୀନ ଚାଷୀ ଅସମର୍ଥ ଚାଷୀ ପରିବାର ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ହେଲେ ପ୍ରଶାସନର ତଳ ସ୍ତରରେ ଦୂରଦୃଷ୍ଟିର ଅଭାବ ଏହି ଯୋଜନା ହିତାଧିକାରୀଙ୍କୁ ଅଡୁଆରେ ପକାଉଛି। କେଉଁଠି ଜେରକ୍ସ ଦୋକାନରେ ଫର୍ମ ବିକ୍ରି ହେଉଛି ତ ଆଉ କେଉଁଠି ପଞ୍ଚାୟତ ଅଫିସରେ ମନମାନି କରୁଥିବା



ଅସଲି ଓ ନକଲି ଫର୍ମର ନମୁନା।

ଅଭିଯୋଗ ଆସୁଛି। ଯୋଜନା ଆରମ୍ଭ ନ ହେଉଣୁ ଏ ପ୍ରକାର ଅବ୍ୟବସ୍ଥା ଶୁଭଙ୍କର ନୁହେଁ ବୋଲି ଚାଷୀ ସୁରେଶ୍ୱର ମେହେର କହିଛନ୍ତି। ସେହିପରି ଜାନୁୟାରୀ ୧ ତାରିଖରେ ରାଜ୍ୟ ସରକାର କାଳିଆ ଯୋଜନାର ଲୋକର୍ପଣ କରିଥିବାବେଳେ ପଞ୍ଚାୟତଗୁଡ଼ିକୁ ଅତି କମ୍ ସଂଖ୍ୟକ ଫର୍ମ ପଠାଯାଇଥିଲା। ସେଥିପାଇଁ ଝାରସୁଗୁଡ଼ା ବ୍ଲକର ବଡ଼ମାଲ ଓ ହିର୍ମା ପଞ୍ଚାୟତର କେତେକ ଜେରକ୍ସ ଦୋକାନରେ ଫର୍ମ ବିକ୍ରି ଆରମ୍ଭ ହୋଇଗଲା। ୫ ଟଙ୍କାରେ ଫର୍ମ କିଣି ଚାଷୀମାନେ ଆବେଦନ କରିଥିବା ସ୍ଥାନୀୟ ଚାଷୀ ଦିଲୀପ ବଡ଼େଇ ଅଭିଯୋଗ କରିଛନ୍ତି। ତେବେ ଏ ସଂକ୍ରାନ୍ତରେ ଜିଲା ପ୍ରଶାସନ ନିକଟରେ ସେ ଅଭିଯୋଗ ମଧ୍ୟ କରିଥିଲେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ପଞ୍ଚାୟତ କର୍ମଚାରୀ ଠିକ୍ ସମୟରେ ଆସୁ ନ ଥିବାରୁ ଆବେଦନ କ୍ଷେତ୍ରରେ ଅଚଳାବସ୍ଥା ଦେଖାଦେଉଛି। ଏଭଳି ଅଚଳାବସ୍ଥା ସତ୍ତ୍ୱେ ଜିଲାରେ ୭୦ ହଜାରରୁ ଅଧିକ ଚାଷୀ ଆବେଦନ କରିସାରିଲେଣି।

## ବାଗଡିହି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲଇକେରା/କିର୍ମିରା,୧୩।୧ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ବାଗଡିହି ଆର୍‌ଏମ୍‌ପିଏସ୍ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ପ୍ରଧାନ ଶିକ୍ଷକ ସୟଦ ଗୁଲାମ ଦସ୍ତଗିର ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ବିଇଓ ଅଶୋକ କୁମାର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ସହିତ ଆମୋଦ ପ୍ରମୋଦର ଆବଶ୍ୟକତା ରହିଥିବା କହିବା ସହ ଭଲ ପାଠ ପଢ଼ି ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଝାରମୁଣ୍ଡା ସରପଞ୍ଚ ନଟବର କୁମାର ଅଗ୍ରୱାଲ ଯୋଗଦେଇଥିଲେ। ଜିଲା ପରିଷଦ ସଭ୍ୟା ସ୍ୱପ୍ନାମୟୀ ପଟେଲ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ କିଷ୍ଟକୁମାର ସିହ୍ନା, ଭୋଜରାଜ ପରୁଆ, ପଦ୍ମଲୋଚନ ନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଯୁଗଳ କିଶୋର ପରୁଆ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷୟିତ୍ରୀ ଶାନ୍ତିଲତା କିଷାନ ଏବଂ ଡାଏନା ମାଡକି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗତବର୍ଷ ସର୍ବୋଚ୍ଚ ନମ୍ବର ରଖି ପାସ କରିଥିବା ରୋହିତ ପୋଡ୍‌ଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଲକ୍ଷ୍ମୀ ନାରାୟଣ ସରାଫ, ଅନୀତା କେରକେଟା, ସଞ୍ଜୁକ୍ତା ଭୋଇ, ଜ୍ୟୋତିଷ ବେହେରା, ଗୁଣମଣି ନାଏକ, ଶ୍ରଦ୍ଧାଞ୍ଜଳି ଲାକ୍ରା, ସଞ୍ଜୀବ ଡନସେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

୮ମ ପଞ୍ଚସଖା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ବାମରାକୁ ହରାଇ ସୁନାଝରିଆ ଚାମ୍ପିୟନ

**ଲଇକେରା,୧୩।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ପତ୍ରାପାଲି ଖେଳପଡ଼ିଆରେ ଚାଲିଥିବା ୮ମ ପଞ୍ଚସଖା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ମୋଟ ୧୬ ଟିମ୍ ଅଂଶଗ୍ରହଣ କରିଥିଲେ। ବାମରା ଇଲେଭେନ୍ ଓ ସୁନାଝରିଆ ନୀଳମାଧବ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ର ଶେଷ ପର୍ଯ୍ୟନ୍ତ କୌଣସି ଟିମ୍ ଗୋଲ ସ୍କୋର କରି ନ ପାରିବାରୁ ଟାଇବ୍ରେକର୍‌ର ସହାୟତା ନିଆଯାଇଥିଲା। ବାମରାକୁ ହରାଇ ସୁନାଝରିଆ ଚାମ୍ପିୟନ ହୋଇଛି। ସାରଙ୍ଗଲୋଇ ସରପଞ୍ଚ ସୁଷମା ଅମାତଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଶାଳ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ପୂର୍ବତନ ଜିଲା ପରିଷଦ ଉପାଧକ୍ଷ ଭୂପାଳ ଚନ୍ଦ୍ର ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ଲୋକେନ୍ଦ୍ର ରାଉତ, ପୂର୍ବତନ ବ୍ଲକ ଅଧକ୍ଷ ଯୋଗୀନ୍ଦ୍ର ନାଏକ, ଗୌନ୍ତିଆ ଅଚ୍ୟୁତାନନ୍ଦ ନାଏକ, ୱାର୍ଡ ସଭ୍ୟା ବବିନା ଦର୍ଣ୍ଣା, ପୂର୍ବତନ ସରପଞ୍ଚ ରୁତୁସାଗର ନାଏକ, ପୂର୍ବତନ ଫୁଟବଲ ଖେଳାଳି ରମାକାନ୍ତ ମାଝି, କୃଷ୍ଣଚନ୍ଦ୍ର ପଟେଲ, ଦିଲୀପ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜୀବନ ବୁଦୁଲା, ପବିତ୍ର ମୋହନ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। କ୍ଲବ ସଭାପତି ସ୍ୱାଧୀନ ପଟେଲ, ସମ୍ପାଦକ ପିଣ୍ଟୁ ଦର୍ଣ୍ଣାଙ୍କ ସମେତ ସଦସ୍ୟ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

## ରଙ୍ଗ୍‌ପରବ୍‌ରେ 'ଦୁଲ୍‌ହନ ଏକ ପାହାଡ୍ କି' ମଞ୍ଚସ୍ଥ

**ବେଲପାହାଡ଼,୧୩।୧(ଡି.ଏନ୍.ଏ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ ଷ୍ଟାଡ଼ିୟମରେ ଆୟୋଜିତ ରଙ୍ଗ୍‌ପରବ୍ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ରାଜସ୍ଥାନ ଉଦୟପୁରର ନାଟ୍ୟାଂଶ ଅନୁଷ୍ଠାନ ପକ୍ଷରୁ ହିନ୍ଦି ନାଟକ 'ଦୁଲ୍‌ହନ୍ ଏକ୍ ପହାଡ଼୍ କି' ମଞ୍ଚସ୍ଥ ହୋଇଛି। ଉକ୍ତ ନାଟକ ନାରୀ ସଶକ୍ତିକରଣ ଉପରେ ଆଧାରିତ। ଏଥିରେ ଜଣେ ଗୃହିଣୀର କର୍ତ୍ତବ୍ୟ ଓ ଦାୟିତ୍ୱବୋଧକୁ ଉପସ୍ଥାପନ କରାଯାଇଛି । ନାଟକ କାହାଣୀର ମୁଖ୍ୟ ଚରିତ୍ର ଜଣେ ନବବଧୂ । ସେ ବାହା ହେଲା ପରେ ମା' ଘରର ସ୍ୱାଧୀନତା ଓ ମୁକ୍ତ ପରିବେଶକୁ ଛାଡ଼ି ଶାଶୁ ଘରକୁ ଆସିଛି ଏବଂ ପରିବାରର ଖୁସି ପାଇଁ ଶାଶୁ ଘରର ପାରମ୍ପରିକ ରୀତିନୀତିକୁ ଆପଣାଇ ନେଇଛି। ମାତ୍ର ପରେ ନିଜ ଦୃଢ଼ ଇଚ୍ଛା ଶକ୍ତି ବଳରେ ନାରୀ ସଶକ୍ତିକରଣ ଓ ସ୍ୱାଧୀନତା ପାଇଁ ଉଦ୍ୟମ କରି ଶାଶୁ ଘର ପରିବାରର ସମସ୍ତ ସଦସ୍ୟଙ୍କ ମନ ପରିବର୍ତ୍ତନ କରିବାରେ ସକ୍ଷମ ହୋଇପାରିଛି। ରେଖା ସିଶୋଦିଆ, ପଲକ କାୟଥ, ସୀତା ଶ୍ରୀମାଳି ଓ ଶ୍ୱେତା ବେୱା ପ୍ରମୁଖ ନାଟକର ବିଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି। ରେଖା ସିଶୋଦିଆ ନାଟକରେ ନିର୍ଦ୍ଦେଶନା ଦେଇଛନ୍ତି। ଝାରସୁଗୁଡ଼ା ଅତିରିକ୍ତ ଜିଲାପାଳ ତ୍ରିଲୋଚନ ମାଝି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଝାରସୁଗୁଡ଼ା ଏପିଡି ଡୋଳାମଣି ପଟେଲ ଓ ଟିଆରଏଲ କ୍ରୋସାକିର ସହକାରୀ ମହାପ୍ରବନ୍ଧକ ସନ୍ତୋଷ ମିଶ୍ର ସମ୍ମାନିତ ଅତିଥ ଭାବରେ ଯୋଗ ଦେଇଥିଲେ।



ରଙ୍ଗପରବ୍‌ରେ ରାଜସ୍ଥାନ ଉଦୟପୁର ନାଟ୍ୟାଂଶ ଅନୁଷ୍ଠାନର କଳାକାରମାନଙ୍କ ପକ୍ଷରୁ ମଞ୍ଚସ୍ଥ 'ଦୁଲ୍‌ହନ ଏକ ପାହାଡ୍‌କି' ନାଟକର ଏକ ଦୃଶ୍ୟ ।

## ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ଶାନ୍ତି କମିଟି ବୈଠକ

**ଲଖନପୁର,୧୩।୧(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ଚଳିତ ବର୍ଷ ୧୧ତମ ବର୍ଷରେ ପଦାର୍ପଣ କରିଛି। ଏହି ଯାତ୍ରା ସୋମବାରରୁ ଆରମ୍ଭ ହୋଇ ୨୧ତାରିଖ ପୌଷ ପୂର୍ଣ୍ଣିମା ତିଥିରେ ଉଦ୍‌ଯାପିତ ହେବ । ଏହା ଜିଲାର ସର୍ବଶେଷ୍ଠ ଯାତ୍ରା ହୋଇଥିବାବେଳେ ଏଥିରେ ଲକ୍ଷାଧିକ ଜନସମାଗମ ଦେଖିବାକୁମିଳେ । ଏହାକୁ ଦୃଷ୍ଟିରେ ସ୍ଥାନୀୟ ପୋଲିସ୍ ତରଫରୁ ବନ୍ଧବାହାଲ ଫାଣ୍ଡିରେ ବ୍ରଜରାଜନଗର ଏସ୍‌ଡିପିଓ ରାମ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଧନୁଯାତ୍ରା ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବନହରପାଲି ଥାନା ଆଇଆଇସି ପୁରୁଷୋତ୍ତମ ଭୋଇ ପରିଚାଳନା କରିଥିଲେ। ଫାଣ୍ଡି ଅଧିକାରୀ ଲିନୁସ୍ ଲାକ୍ରା ଶାନ୍ତି କମିଟି ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏଥିରେ ଏମ୍‌ସିଏଲ୍ ଓ ବିଦ୍ୟୁତ୍ ବିଭାଗ ଆଦି ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବିଗତ ବର୍ଷମାନଙ୍କରେ ଦେଖାଦେଇଥିବା କେତେକ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଚଳିତବର୍ଷ ଏହାର ପ୍ରତିକାର କରି ଯାତ୍ରାକୁ କିଭଳି ଅଧିକ ଅକର୍ଷଣୀୟ କରିହେବ ସେ ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଟ୍ରାଫିକ୍ ନିୟନ୍ତ୍ରଣ, ବନ୍ଧବାହାଲକୁ ସଂଯୋଗ କରୁଥିବା ରାସ୍ତାରେ ପାଟ୍ରୋଲିଂ, ରାସ୍ତାର ଆଲୋକୀକରଣ, ରାସ୍ତାଘାଟ ସଫାସୁତୁରା, ନାବକେଳି ପାଇଁ ପୋଖରୀରେ ଜଳ ସଂରକ୍ଷଣ, ମୀନାବଜାର, ମଦ ବିକ୍ରି ଉପରେ ନିୟନ୍ତ୍ରଣ, ଅଗ୍ନିଶମ ସେବା, ଆମ୍ବୁଲାନ୍ସ ସେବା ଆଦି ଉପରେ ଆଲୋଚନା ହୋଇଥିଲା । ଏ ନେଇ ଯାତ୍ରା କମିଟି ପୂର୍ବରୁ ଏମ୍‌ସିଏଲ୍‌ର ଦୃଷ୍ଟି ଆକର୍ଷଣ କରି ଏସବୁ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଅନୁରୋଧ କରିଛି। ଏହାକୁ ତ୍ୱରାନ୍ୱିତ କରିବା ପାଇଁ କମିଟି କର୍ମକର୍ତ୍ତା ଓ ପୋଲିସ୍ ପ୍ରଶାସନ ମିଳିତ ଭାବେ କମ୍ପାନୀର ଦୃଷ୍ଟି ଆକର୍ଷଣ କରିଛନ୍ତି। କମ୍ପାନୀ ବିଗତ ବର୍ଷ ଭଳି ଚଳିତବର୍ଷ ସହଯୋଗର ହାତ ବଢାଇଛି । ଏହି ବୈଠକରେ ଏମ୍‌ସିଏଲ୍ ତରଫରୁ ପର୍ସନାଲ୍ ବିଭାଗ ଅଧିକାରୀ ଗଙ୍ଗାଧର ପାଲି, ଅନିଲ ସାହୁ, ସୁରକ୍ଷା ଅଧିକାରୀ ଅମିତ ନୋନି ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ଯାତ୍ରା କମିଟି ତରଫରୁ ଉପସଭାପତି ସାଲେଗ୍ରାମ ନାୟକ, ନିରଞ୍ଜନ କରାଳୀ, ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାହୁ, ବିରଞ୍ଚି ନାରାୟଣ ପ୍ରଧାନ, ରବୀନ୍ଦ୍ର ହୋତା, ପ୍ରଦୀପ କରାଳୀ, ଈଶ୍ୱର କଉଡି, ବିଜୟ ପତି, ପ୍ରସନ୍ନ ସିଂହ, ତେଜରାମ ବହିଦାର, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଅନୁଷ୍ଠିତ ହୋଇଥିବା ଧନୁଯାତ୍ରା ଶାନ୍ତି କମିଟି ବୈଠକ।

### କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଅର୍ଡା ଚାମ୍ପିୟନ

**କିର୍ମିରା,୧୩।୧(ଡି.ଏନ୍.ଏ.)**

କିର୍ମିରା ବ୍ଲକ ବନ୍ଧପାଲି ଗ୍ରାମରେ ମକରଯାତ୍ରା ଅବସରରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ବନ୍ଧପାଲିକୁ ହରାଇ ଅର୍ଡା ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଝାରସୁଗୁଡ଼ା ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଶାଲ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଧପାଲି ସରପଞ୍ଚ ସଞ୍ଜୟ ପଟେଲ, ଜଗନ୍ନାଥ ଜେନା, ତପିମରେଇ, ରାସବିହାରୀ ସେଠ, ଗୌନ୍ତିଆ ସନ୍ତୋଷ ପଟେଲ ଉପସ୍ଥିତ ଥିଲେ। ମନୋଜ ସେଠ, ନାନୁ ଚୌଧୁରୀ ମ୍ୟାଚ୍ ପରିଚାଳନା କରିଥିଲେ।

## ରଥ ପ୍ରସ୍ତୁତ, ଗୁମାଡ଼େରା ମକର ଯାତ୍ରା ଆଜି

**ବେଲପାହାଡ଼,୧୩।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଗୁମାଡ଼େରାସ୍ଥିତ ଆର୍ତ୍ତତ୍ରାଣ କ୍ଷେତ୍ରରେ ସୋମବାର ଶ୍ରୀଜୀଉମାନଙ୍କ ମକର ଯାତ୍ରା ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୧ଟାରେ ରଥରେ ବସି ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିବେ । ସେଠାରୁ ଅପରାହ୍ନରେ ପୁଣି ଜଗନ୍ନାଥ ମନ୍ଦିର ଅଭିମୁଖେ ବାହୁଡ଼ିବେ। ବାହୁଡ଼ିବା ସମୟରେ ବାଟମଙ୍ଗଳା ମନ୍ଦିର ସମ୍ମୁଖରେ ହରି-ହର ଭେଟ ଆୟୋଜିତ ହେବ । ଗୋଟିଏ ରଥରେ ହରି ଶ୍ରୀଜଗନ୍ନାଥ ଓ ହର ମହାଦେବଙ୍କ ନିକଟରେ ମକର ଚାଉଳ ଓ ପୋଡ଼ପିଠା ଭୋଗ ଲାଗି ହେବ । ଉକ୍ତ ଯାତ୍ରା ପାଇଁ ପ୍ରସ୍ତୁତି ପ୍ରାୟତଃ ଶେଷ ହୋଇସାରିଛି । ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପରିକ୍ରମା ପାଇଁ ଜଗନ୍ନାଥ ସେବାସଂଘ ପକ୍ଷରୁ ଏକ ରଥ ନିର୍ମାଣ କରାଯାଇଛି । ମହାଦେବଙ୍କ ପରିକ୍ରମା ପାଇଁ ଗୌରୀଶଙ୍କର ମନ୍ଦିର କମିଟି ପକ୍ଷରୁ ଏକ ସ୍ୱତନ୍ତ୍ର ରଥ ନିର୍ମାଣ କରାଯାଇଛି । ସୂଚନାଯୋଗ୍ୟ, ବିଗତ ୨୨ ଧରି ଗୁମାଡ଼େରାରେ ଏକ ନୂତନ ପରମ୍ପରା ଅନୁଯାୟୀ ମକର ଯାତ୍ରା ପାଳନ ହୋଇଆସୁଛି । ଉକ୍ତ ଯାତ୍ରାରେ ଶ୍ରୀଜଗନ୍ନାଥ ଆଦିତ୍ୟ ନାରାୟଣଙ୍କ ସ୍ୱରୂପରେ ରଥରେ ବିରାଜିତ ହୁଅନ୍ତି। ସେ ପୀତ ବସ୍ତ୍ର ଧାରଣ କରନ୍ତି। ତାଙ୍କ ରଥ ମଧ୍ୟ ପୀତ ରଙ୍ଗର ବସ୍ତ୍ରରେ ସଜ୍ଜିତ ହୋଇଥାଏ। ରଥ ସମ୍ମୁଖରେ ସୂର୍ଯ୍ୟ ଦେବତାଙ୍କ ରଥ ପ୍ରତୀକ ସ୍ୱରୂପ ଧଳା ରଙ୍ଗର ୭ଟି କାଷ୍ଠ ଅଶ୍ୱ ଯୋଡ଼ା ହୋଇଥାଏ। ଗୀତାରେ ଭଗବାନ ବିଷ୍ଣୁ 'ଅହଂ ଆଦିତ୍ୟ ନାରାୟଣ ସ୍ୱରୂପମ' ଅର୍ଥାତ ମୁଁ ସ୍ୱୟଂ ଆଦିତ୍ୟ (ସୂର୍ଯ୍ୟ) କହିଛନ୍ତି। ଗୀତାର ଉକ୍ତ ଉକ୍ତିକୁ ଆଧାର କରି ଦୁଇ ଦଶନ୍ଧି ପୂର୍ବରୁ ଗୁମାଡ଼େରାରେ ଶ୍ରୀମଦ ବାବା ବଳିଆଙ୍କ ମାର୍ଗଦର୍ଶନରେ ଏକ ନିଆରା ପରମ୍ପରାରେ ପ୍ରଥମେ ମକର ଯାତ୍ରା ଆରମ୍ଭ ହୋଇଥିଲା । ସେହି ଯାତ୍ରା ଜଗନ୍ନାଥ ସେବା ସଂଘ, ଗୌରୀଶଙ୍କର ମନ୍ଦିର କମିଟି ଓ ଶ୍ରଦ୍ଧାଳୁମାନଙ୍କ ଉଦ୍ୟମରେ ପ୍ରତିବର୍ଷ ଆୟୋଜିତ ହୋଇଆସୁଛି।



ଗୁମାଡ଼େରା ଆର୍ତ୍ତତ୍ରାଣ କ୍ଷେତ୍ରରେ ମକର ଯାତ୍ରା ପାଇଁ ରଥ ସାଜସଜ୍ଜା କାର୍ଯ୍ୟ ଚାଲିଛି।



ପାଷାଣ୍ଡ, କାମାନ୍ଧ, କୃପଣ, ମୂର୍ଖ, ଦରିଦ୍ର, କଳଙ୍କିତ, ଚିରକାଳୀନରୁଗ୍ଣ, କ୍ରୋଧୀ, ପେଟ ବିକଳିଆ, ପାପୀମାନେ ବଞ୍ଚିଥାଇ ମଧ୍ୟ ମରିଥାନ୍ତି। - ତୁଳସୀ ଦାସ

## ସଂକ୍ଷେପରେ

### ପୌରାଧକ୍ଷଙ୍କୁ ମାଡ଼ ମରାଯାଇଥିବା ନେଇ ଚର୍ଚ୍ଚା

**ଝାରସୁଗୁଡ଼ା ଅଫିସ,୧୩।୧**-ଝାରସୁଗୁଡ଼ା ଜିଲାର ଏକ ପୌର ପରିଷଦର ଅଧକ୍ଷଙ୍କୁ ରବିବାର ରାତିରେ ମାଡ଼ ମରାଯାଇଥିବା ନେଇ ଚର୍ଚ୍ଚା ହେଉଛି। ବେଲପାହାଡ଼ ଟିଆର୍‌ଏଲ୍ ଷ୍ଟାଡିୟମରେ ଆୟୋଜିତ ରଙ୍ଗ୍‌ପରବ୍ ନାଟ୍ୟ ମହୋତ୍ସବକୁ ଯାଇ ସେ ରାତି ପ୍ରାୟ ୯ଟାରେ ଫେରୁଥିବାବେଳେ ଏହି ଘଟଣା ଘଟିଥିବା ଆଲୋଚନା ହେଉଛି। ସମ୍ପୃକ୍ତ ପୌରାଧକ୍ଷଙ୍କ ନିଜ ଦଳର କେତେ ଜଣ ବ୍ୟକ୍ତି ତାଙ୍କ ପ୍ରତି ଅସୂୟାଭାବ ରଖି ଏଭଳି କାଣ୍ଡ ଘଟାଇଛନ୍ତି। ଆକ୍ରମଣକାରୀମାନେ ଉକ୍ତ ରାଜନୈତିକ ଦଳର ଜଣେ ବରିଷ୍ଠ ନେତାଙ୍କ ସମର୍ଥକ ବୋଲି କୁହାଯାଉଛି। ଆକ୍ରମଣକାରୀମାନେ ପୌରାଧକ୍ଷଙ୍କ ବୋଲେରୋ ଗାଡ଼ିକୁ ପ୍ରଥମେ ଅଟକାଇଥିଲେ। ପାଟିତୁଣ୍ଡ କରିବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ସେମାନେ ସମ୍ପୃକ୍ତ ପୌରାଧକ୍ଷଙ୍କୁ ଠେଲାପେଲା କରିବା ସହ ମାଡ଼ ମାରିଥିଲେ। ଏପରିକି ସେହି ସମୟରେ ଘଟଣାସ୍ଥଳରେ ଥିବା ଜଣେ ଗଣମାଧମ ପ୍ରତିନିଧିଙ୍କୁ ମଧ ଦୁର୍ବୃତ୍ତମାନେ ଗାଳିଗୁଲଜ କରିଥିଲେ। ତେବେ ଏ ନେଇ ପୌରାଧକ୍ଷ ଥାନାରେ କିମ୍ବା ଦଳୀୟ ଫୋରମ୍‌ରେ ଅଭିଯୋଗ କରିବେ ନାହିଁ ବୋଲି କହିଛନ୍ତି।

### ନୈତିକ ଶିକ୍ଷାର ଆବଶ୍ୟକତା ରହିଛି

**ବିଜେପୁର, ୧୩।୧ (ଡି.ଏନ.ଏ):** ବରଗଡ ଜିଲା ବିଜେପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ମନୋଜ ବେହେରାଙ୍କ ଅଧକ୍ଷତାରେ ସାଧାରଣ ସଭା ହୋଇଥିଲା । ବିଧାୟିକା ରୀତା ସାହୁ ମୁଖ୍ୟଅତିଥି, ବିଇଓ ରାଧାକାନ୍ତ ଗଡତିଆ, ବ୍ଲକ ଅଧକ୍ଷା ମାନିନୀ ଭୋଇ ସମ୍ମାନୀତ ଅତିଥି, ଅଧାପକ ଚିନ୍ମୟ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ନୈତିକତାର ଅବକ୍ଷୟ ଯୋଗୁ ଦିନକୁ ଦିନ ଭ୍ରଷ୍ଟାଚାର ବୃଦ୍ଧି ପାଉଛି । ତେଣୁ ଚାରିତ୍ରିକ ପରିବର୍ତ୍ତନ ପାଇଁ ନୈତିକ ଶିକ୍ଷାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ୨୦୧୮ ମାଟ୍ରିକ ପରୀକ୍ଷାରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ଛାତ୍ର ଅଭିଷେକ ଖମାରୀଙ୍କୁ ଆଲୁମିନି ଆସୋସିଏଶନ ସଭାପତି ମନୋଜ କୁମାର ପଣ୍ଡା ପୁରସ୍କୃତ କରିଥିଲେ। ସଂସ୍କୃତ ଶିକ୍ଷକ ରବିଶଙ୍କର ଗୁରୁ ସଭା ସଂଯୋଜନା କରିଥିଲେ । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶଙ୍କର ପଟେଲ, ଜୟନ୍ତ ପଧାନ, ସୁବ୍ରତ ପଧାନଙ୍କ ସମେତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ । ଶିକ୍ଷକ ଯଶୋବନ୍ତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।



### କୃତୀ ଛାତ୍ରୀଛାତ୍ର ପୁରସ୍କୃତ

**ପାଇକମାଲ, ୧୩।୧(ଡି.ଏନ.ଏ):** ପାଇକମାଲ ବ୍ଲକ ସାପଲହର ଗାୟତ୍ରୀ ହାଇସ୍କୁଲର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ସରୋଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜବୋଡାସମ୍ବର ହାଇସ୍କୁଲର ପ୍ରଧାନ ଶିକ୍ଷକ ସରୋଜ କୁମାର ଭୋଇ ଯୋଗଦାନ କରିଥିଲେ। ମାଣ୍ଡୋସିଲ ଡିଗ୍ରୀ କଲେଜର ଅଧ୍ୟାପକ ସନ୍ତୋଷ ସିଂ ଠାକୁର ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଦୁଇ ଦିନ ଧରି ଚାଲିଥିବା କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଶୁକଦେବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

■ ବରଗଡ଼ ଧନୁଯାତ୍ରା ମହୋତ୍ସବ

# ଅଭିନୟ ଏକ, ରୁଚି ଜୀବିକା ଭିନ୍ନ

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ । ୧୧ଦିନ ବ୍ୟାପୀ ହେଉଥିବା ଏହି ମହୋତ୍ସବରେ କଳାକାରଙ୍କ ମହାକୁମ୍ଭ ଦେଖିବାକୁ ମିଳିଥାଏ । ଏଠାରେ ଅଛନ୍ତି ଏଭଳି କଳାକାର, ଯାହାଙ୍କ କଳନା ନାହିଁ । ମଞ୍ଚରେ ଅଭିନୟ କରୁଥିବା ଅଭିନେତାଙ୍କଠାରୁ ଆରମ୍ଭ କରି ଉଭୟ ମଥୁରା ଓ ଗୋପବାସୀ ମଧ୍ୟ ଧନୁଯାତ୍ରା ସରିବା ପର୍ଯ୍ୟନ୍ତ ଜଣେ ଲେଖାଏଁ କଳାକାର ପାଲଟି ଯାଇଥାନ୍ତି । କିନ୍ତୁ ମଞ୍ଚ କଳାକାରଙ୍କ ଅଭିନୟରେ ଭିନ୍ନତା ରହିଛି । ଦର୍ଶକଙ୍କ ସମେତ ଉଭୟ ମଥୁରା ଓ ଗୋପବାସୀଙ୍କ ସମ୍ମୁଖରେ ସେମାନେ ନିଜ ଅଭିନୟ ପରାକାଷ୍ଠା ପ୍ରତିପାଦିତ କରୁଛନ୍ତି । ଅଭିନୟ ସେମାନଙ୍କ ରୁଚି, ମାତ୍ର ଜୀବିକା ଭିନ୍ନ । ରବିବାର ଏଭଳି କେତେଜଣ କଳାକାର ଏବଂ ଦିଗ୍‌ଦର୍ଶକଙ୍କୁ ଆମେ ଭେଟିଥିଲୁ । ସେମାନଙ୍କୁ ନେଇ ଏକ ଉପସ୍ଥାପନା...



କଟକ ବଡ଼ମ୍ବାରେ ଘର । ସାଧାରଣରେ ଜଣେ ଶଙ୍ଖୁଆ ହୋଇଥିଲେ ମଧ୍ୟ ସ୍ୱଇଚ୍ଛାରେ ଗତ ୨୦୦୩ ମସିହାରୁ ବରଗଡ଼ ଧନୁଯାତ୍ରା ଦେଖିବାକୁ ଆସି ଏହି ମହୋତ୍ସବରେ ସାମିଲ ହୋଇଛି। ମହୋତ୍ସବରେ ମୁଖ୍ୟତଃ ଶଙ୍ଖ ବାଦନ କରୁଛି। ୨୦୦୯ ମସିହା ଧନୁଯାତ୍ରାବେଳେ ମୁଁ ଏଠାରେ ଥିବାବେଳେ ଗାଁରେ ବାପାଙ୍କ ଦେହାନ୍ତ ହୋଇଥିଲା । ଏକମାତ୍ର ପୁଅ ହୋଇଥିଲେ ମଧ୍ୟ ମୁଁ ବାପାଙ୍କୁ ମୁଖାଗ୍ନି ଦେଇ ପାରି ନ ଥିଲି ।**–ନରହରି ଦାଶ**



ବରଗଡ଼ ବ୍ଲକ ବୁଦେଲପାଲିରେ ମୋର ଘର । ସ୍ଥାନୀୟ ଟାଉନ ଥାନାରେ ମୁଁ ଜଣେ ଗ୍ରାମରକ୍ଷୀ ଭାବେ କାର୍ଯ୍ୟ କରି ଆସୁଛି । ଦୀର୍ଘ ୯ବର୍ଷ ହେଲା ମୁଁ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ମହାକାଳ ଭୂମିକାରେ ଅଭିନୟ କରିଆସୁଛି। ଧନୁଯାତ୍ରା କମିଟି ମୋତେ ଏହି ସୁଯୋଗ ଦେଇଥିବା ଯୋଗୁ ନିଜକୁ ଧନ୍ୟ ମଣୁଛି। ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାରେ କଂସଙ୍କ ସାଙ୍ଗରେ ରହି ଆଦେଶ ପାଳନ କରିବା ନିଶ୍ଚିତ ଗର୍ବର ବିଷୟ ।**–ବିହାରୀ ମହାନନ୍ଦ**



ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ନରିଆବାହାଲ ଗ୍ରାମର ବାସିନ୍ଦା। ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବରେ ବର୍ଷକୁ ଥରେ ୧୧ଦିନ ବ୍ୟାପୀ ଲକ୍ଷାଧିକ ଦର୍ଶକ ମହଲରେ ଅଭିନୟ କରିବାର ସୁଯୋଗ ଜୁଟୁଛି । ଦୀର୍ଘ ୪ବର୍ଷ ହେଲା ମୁଁ ଏଠାରେ ଜଣେ ପ୍ରହରୀ ଭାବେ ଅଭିନୟ କରି ଆସୁଛି । ପରିବାର ପାଇଁ ରୋଜଗାର କରି ନିଜ ପାଇଁ ଖୁସି ମିଳେ, କିନ୍ତୁ ଅଭିନୟ ମାଧ୍ୟମରେ ଦର୍ଶକଙ୍କୁ ଖୁସି କରିବାଠୁ ବଳି ଗର୍ବର ବିଷୟ ଆଉ କଣ ହୋଇପାରେ ।**–ସୁଦାମ ପୋଢ଼**



ବୌଦ୍ଧ ଜିଲା ବାଉଶୁଣୀରେ ମୋର ଘର । ବାରିକ କାମ କରିବା ମୋର ଜୀବିକା । ବରଗଡ଼ ଧନୁଯାତ୍ରା ମହୋତ୍ସବରେ ସାମିଲ ହୋଇ ଜଣେ କଳାକାର ଭାବେ ଯେଉଁ ପରିଚୟ ପାଇଛି, ତାକୁ କେବେ ଭୁଲି ପାରିବି ନାହିଁ । ଗତ ୩ବର୍ଷ ହେଲା ଏଠାରେ ସୈନ୍ୟ ମହାକାଳ ଭୂମିକାରେ ଅଭିନୟ କରିଆସୁଛି । କିନ୍ତୁ ଆଗକୁ ଏଠାରେ ଅଭିନୟ କରିବାର ସଉକ ମଧ୍ୟ ରହିଛି । ଧନୁଯାତ୍ରା କମିଟି ସୁଯୋଗ ଦେଲେ ତାକୁ ହାତଛଡ଼ା କରିବି ନାହିଁ ।**–କୃଷ୍ଣଚନ୍ଦ୍ର ବାରିକ**



ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ଘର ଓ ସେଠାକାର ଥାନାରେ ଜଣେ ହୋମଗାର୍ଡ଼ ଭାବେ କାର୍ଯ୍ୟରତ । ଅଭିନୟ ପ୍ରତି ମୋର ରୁଚି ରହିଛି । ଆଉ ଏହି ସୁଯୋଗ ଅନ୍ୟ କେଉଁଠି ପାଇନାହିଁ । କେବଳ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଦୀର୍ଘ ୧୧ବର୍ଷ ହେଲା ଚାଣୁର ଭୂମିକାରେ ଅଭିନୟ କରି ଆସୁଛି । ଚାଣୁର ବେଶରେ ସଜ୍ଜିତ ହେବା ପରେ ନିଜକୁ ଆଉ ଜଣେ ସାଧାରଣ ମଣିଷ ବୋଲି ଭାବେ ନାହିଁ, ଆପେ ବୀରଦର୍ପ ଚାଲି ଆସେ ।**–ଶମ୍ଭୁ ଭୂଷଣ ଗୁରୁ**



ବରଗଡ଼ ଜିଲା ଭଟଲିରେ ମୋର ଘର । ଏକ ଘରୋଇ ହସପିଟାଲରେ ଲାବ୍ ଟେକ୍ନିସିଆନ ଭାବେ କାମ କରୁଛି । ଦୀର୍ଘ ୧୦ବର୍ଷ ହେଲା ବରଗଡ଼ ଧନୁଯାତ୍ରା ମହୋତ୍ସବରେ ମୁଷ୍ଟିକ ଭାବେ ଅଭିନୟ କରିଆସୁଛି । ଅଭିନୟ ଯେତେ ଉଚ୍ଚକୋଟୀର ହୋଇ ପାରିବ, ଗୁରୁମାନଙ୍କ ପରାମର୍ଶକ୍ରମେ ସେଥିପ୍ରତି ଧ୍ୟାନ ମଧ୍ୟ ଦେଇ ଆସୁଛି। ବରଗଡ଼ ଧନୁଯାତ୍ରା ମହୋତ୍ସବ ବ୍ୟତୀତ ମୁଁ ଭଟଲି ଚନ୍ଦନ ଯାତ୍ରାରେ ବଳରାମ ଭୂମିକାରେ ମଧ୍ୟ ଅଭିନୟ କରିଛି ।**–ମୁକେଶଚାନ୍ଦ ଆଚାର୍ଯ୍ୟ**



ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜର ଜଣେ ଅଧ୍ୟାପକ । ଏହାବାଦ୍ ଅଭିନୟ, ନିର୍ଦ୍ଦେଶନା ପ୍ରତି ମୋର ରୁଚି ରହିଛି । ଧନୁଯାତ୍ରା କଳାକାରଙ୍କୁ ଏଥର ଯେଭଳି ଦିଗଦର୍ଶନ ଦିଆଯାଇଛି, ତାହା ସାର୍ଥକ ହୋଇଛି ବୋଲି ମନେ ହେଉଛି । ଅନ୍ୟବର୍ଷ ଅପେକ୍ଷା ଏଥର ଅଭିନୟ ଉଚ୍ଚମାନର ହେଉଥିବା ପରିଲକ୍ଷିତ ହୋଇଛି । ପ୍ରତିଟି କ୍ଷେତ୍ରରେ ଅଭିନୟକୁ ବାସ୍ତବ ରୂପ ଦେବା ପାଇଁ ଆମେ ଚେଷ୍ଟା କରିଛୁ । **–ଅଶୋକ ବେହେରା**



ଧନୁଯାତ୍ରାରେ ଗୋପପୁର ଯାତ୍ରା ଏକ ଅଭିନ୍ନ ଅଙ୍ଗ । ଏଠାରେ ନନ୍ଦରାଜା, ନନ୍ଦରାଣୀଙ୍କୁ ଛାଡ଼ିଦେଲେ ଅନ୍ୟ ପ୍ରମୁଖ ଚରିତ୍ର ଶ୍ରୀକୃଷ୍ଣ, ଶ୍ରୀରାଧା, ବଳରାମଙ୍କଠାରୁ ଆରମ୍ଭ କରି ଗୋପୀ, ଗୋପାଙ୍ଗନା ପ୍ରାୟ ସମସ୍ତେ ଶିଶୁ କଳାକାର । ମୋର ଅଜା ସ୍ୱର୍ଗତ ନୀଳମଣି ପୂଜାରୀ ଗୋପପୁର ଯାତ୍ରାର ଉଦ୍ୟୋକ୍ତା ଥିଲେ । ଏହି ଯାତ୍ରାର କଳାକାରଙ୍କୁ ଦିଗ୍‌ଦର୍ଶନ ଦେବାର ସୁଯୋଗ ମୋତେ ମିଳିଛି । ହରିବଂଶ ଅନୁସରଣ ସହିତ ସାଧୁସନ୍ଥଙ୍କୁ ଯୋଗାଯୋଗ କରି କିଛି ନୂଆ କରିବାକୁ ଉଦ୍ୟମ କରୁଛୁ ।**–ରବୀନ୍ଦ୍ର ପୂଜାରୀ**

**ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍**



ରକ୍ ଷ୍ଟାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ ସମାରୋହରେ ଖେଳାଳିଙ୍କ ଗହଣରେ ଅତିଥି।

## ରକ୍ ଷ୍ଟାର କ୍ରିକେଟ: ରାଜଗାଙ୍ଗପୁର ଚାମ୍ପିୟନ

**କିର୍ମିରା,୧୩।୧(ଡି.ଏନ୍.ଏ.)**

କିର୍ମିରା ବ୍ଲକ ସୁଲାହି ପଞ୍ଚାୟତ ଡୁଲେଶରା ଗ୍ରାମରେ ରକ୍ ଷ୍ଟାର୍ କ୍ଲବ ପକ୍ଷରୁ ଗତ ୮ ତାରିଖରୁ ଆରମ୍ଭ ହୋଇଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଜିଲା ତଥା ଜିଲା ବାହାରୁ ୧୬ ଟିମ୍ ଅଂଶଗ୍ରହଣ କରିଥିଲେ। ରାଉରକେଲା ଏବଂ ରାଜଗାଙ୍ଗପୁର ମଧରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରାଜଗାଙ୍ଗପୁର ବିଜୟୀ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ କିଶୋର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ବିଜେଡି ସାଧାରଣ ସମ୍ପାଦକ ତ୍ରିନାଥ ଗୁଆଲ, ରାଜ୍ୟ କାଉନସିଲ ସଭ୍ୟ ରବି ସିଂ, ସୁଲାହି ସରପଞ୍ଚ ସୁମିତ୍ରା ଛତ୍ରିଆ, ପୁରୁଷୋତ୍ତମ ଛତ୍ରିଆ, ତୀର୍ଥବାସୀ ବାଗ, ବନିତା ଛତ୍ରିଆ, ମହେଶ୍ୱର ବେହେରା, ମୁକେଶ ଶର୍ମା, ଗୋପାଳ କଲାର, କୁଳମଣି ରକସା, ସୁମିତ୍ରା ମାଝି, ଚୂଡ଼ାମଣି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ରକ୍ ଷ୍ଟାର କ୍ରିକେଟ କମିଟି ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

ସ୍କୁଲ ପାଣି ଟାଙ୍କିରେ ବିଷ ପ୍ରୟୋଗ ଘଟଣା

## ଅଭିଯୋଗର ୧୧ ଦିନ ପରେ ବି ପଦକ୍ଷେପ ଶୂନ

**ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ**

**ଗଣ୍ଡତୁରୁମ, ୧୩।୧ (ଡି.ଏନ.ଏ)**

ବରଗଡ଼ ଜିଲା ଭେଡେନ ଥାନା ରୁଷୁଡା ଫାଣ୍ଡି ଅନ୍ତର୍ଗତ ଗୁନିଆଁପାଲି ପ୍ରାଥମିକ ବିଦ୍ୟାଳୟ ପାଣି ଟାଙ୍କିରେ କେହି ଦୁର୍ବୃତ୍ତ ବିଷ ପ୍ରୟୋଗ କରିଥିଲେ । ଏ ନେଇ ସ୍କୁଲର ପ୍ରଧାନଶିକ୍ଷକ, ପରିଚାଳନା କମିଟି ଏବଂ ଅଭିଭାବକ ଥାନା ଓ ଫାଣ୍ଡିରେ ଅଭିଯୋଗ କରିବାର ୧୧ ଦିନ ବିତିଯାଇଥିଲେ ମଧ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ବରଂ ଘଟଣାକୁ ଚପାଇଦେବା ଉଦ୍ୟମ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ଗତ ଡିସେମ୍ବର ୨୩ରୁ ଜାନୁୟାରୀ ୨ ତାରିଖ ପର୍ଯ୍ୟନ୍ତ ସ୍କୁଲ ଛୁଟି ଥିଲା । ସ୍କୁଲ ଖୋଲିବା ପର ଦିନ ପ୍ରଧାନଶିକ୍ଷକ ବିପିନ ଦେହୁରୀ ମୋଟର ପମ୍ପ ଚାଲୁ କରିବା ସହିତ ଜଣେ ଛାତ୍ରଙ୍କୁ ବୋତଲରେ ପାଣି ଭର୍ତ୍ତି କରିବା ପାଇଁ କହିଥିଲେ। ମାତ୍ର ପାଣି ଧଳା ରଙ୍ଗ ଦେଖାଯିବା ସହିତ ଫେଣ ହୋଇଯାଇଥିଲା ଏବଂ କୀଟନାଶକର ଗନ୍ଧ ହୋଇଥିଲା । ସେ ତୁରନ୍ତ ସ୍କୁଲ ପରିଚାଳନା କମିଟି ଏବଂ ଗ୍ରାମବାସୀଙ୍କୁ ଡକାଇ ଘଟଣା ବିଷୟରେ କହିବା ସହିତ ପାଣିର ନମୂନା ସଂଗ୍ରହ କରିଥିଲେ। ଏପରିକି ସ୍କୁଲ ପରିଚାଳନା କମିଟି ତରଫରୁ ସିଆରସିସି, ଜିଇଓ, ଏବିଇଓଙ୍କୁ ପତ୍ର ମାଧମରେ ଜଣାଇବା ସହିତ ରୁଷୁଡା ଫାଣ୍ଡି ଓ ଭେଡେନ ଥାନାରେ ଅଭିଯୋଗ ହୋଇଥିଲା । ଖବର ପାଇ ଶିକ୍ଷା ବିଭାଗ ଅଧିକାରୀଙ୍କ ସମେତ ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ସରଜମିନ ତଦନ୍ତ କରିଥିଲେ । ତେବେ ଅଭିଯୋଗର ୧୧ ଦିନ ବିତିଯାଇଥିଲେ ମଧ ତଦନ୍ତର ଅଗ୍ରଗତି ହୋଇନାହିଁ । ଫଳରେ ଗ୍ରାମରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏ ସମ୍ପର୍କରେ ଭେଡେନ ଆଇଆଇସି ତାରା ଜସ୍ମିନ ଗୁଡିଆଙ୍କୁ ପଚାରିବାରୁ ଗ୍ରାମବାସୀ ଏବଂ ସ୍କୁଲ ପରିଚାଳନା କମିଟି ପକ୍ଷରୁ ପୂର୍ବରୁ ଦିଆଯାଇଥିବା ଅଭିଯୋଗ ଅନୁସାରେ ଆମେ ତଦନ୍ତ ଜାରି ରଖିଛୁ ବୋଲି କହିଥିଲେ ।

**ଗୁନିଆଁପାଲି ସ୍କୁଲ**
- ପାଣିଟାଙ୍କିରେ ଦୁର୍ବୃତ୍ତ କରିଥିଲେ ବିଷ ପ୍ରୟୋଗ
- ଘଟଣା ଚପାଇ ଦେବାକୁ ଉଦ୍ୟମ

## ବନ୍ଧବାହାଲ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ପାଇଁ ଦିନ ଧାର୍ଯ୍ୟ



ସମ୍ବଲପୁର ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ଅଧକ୍ଷ ସଞ୍ଜୟ ବାବୁ ବୈଠକରେ ଉଦ୍‌ବୋଧନ ଦେଉଛନ୍ତି।

**ଲଖନପୁର,୧୩।୧(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲରେ ନିର୍ମାଣ ଚାଲିଛି ମା ସମଲେଶ୍ୱରୀଙ୍କ ମନ୍ଦିର । ଏହି ମନ୍ଦିର ନିର୍ମାଣ କାମ ଯୁଦ୍ଧକାଳୀନ ଭାବେ ଜାରି ରହିଛି । ମନ୍ଦିର ପ୍ରତିଷ୍ଠା ଉତ୍ସବ ସାଙ୍ଗକୁ ମାଙ୍କ ପୂଜା ଅର୍ଚ୍ଚନା ଓ ନୀତିନିୟମ ସମ୍ପର୍କରେ ବନ୍ଧବାହାଲ ମନ୍ଦିର କମିଟି ସମ୍ବଲପୁର ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ସହିତ ପରାମର୍ଶ କରିଛି। ବନ୍ଧବାହାଲ ମନ୍ଦିର କମିଟି ଅନୁରୋଧ କ୍ରମେ ସମ୍ବଲପୁର ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ କମିଟି କର୍ମକର୍ତ୍ତା ରବିବାର ବନ୍ଧବାହାଲରେ ପହଞ୍ଚିଥିଲେ । ମନ୍ଦିର ପ୍ରାଙ୍ଗଣରେ କମିଟି ସଭାପତି ସାମଲ ନାଏକଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ଅଧକ୍ଷ ସଞ୍ଜୟ ବାବୁ, ମୁଖ୍ୟ ପୁରୋହିତ ଅକ୍ଷୟ ରାୟ, ଅମ୍ବିକା ରାୟ, ସମଲେଶ୍ୱରୀ ମନ୍ଦିର ତଥା ସମ୍ବଲପୁର ସଂସ୍କୃତି ଗବେଷକ ସୁବୋଧ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ମନ୍ଦିର ନୀତିନିୟମ, ପୂଜା ଅର୍ଚ୍ଚନା ସାଙ୍ଗକୁ ମାଙ୍କ ମୂର୍ତ୍ତି ସହ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତି ସ୍ଥାପନ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ମାହେନ୍ଦ୍ର ବେଳା ଲଗ୍ନ ଦେଖି ମାର୍ଚ୍ଚ ୧୦ରୁ ୧୩ତାରିଖ ଦିନ ଧାର୍ଯ୍ୟ କରାଯାଇଛି । ଏହି ଶୁଭ ମୁହୂର୍ତ୍ତରେ ମନ୍ଦିର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହାକୁ ସଫଳ କରିବା ପାଇଁ କମିଟି ଅଞ୍ଚଳବାସୀଙ୍କ ସାହାଯ୍ୟ ସହଯୋଗ କାମନା କରିଛି । ଏହି ଆଲୋଚନାରେ ସଭାପତି ସାମଲ ନାଏକ, କାର୍ଯ୍ୟକାରୀ ସଭାପତି ପ୍ରଦୀପ କରାଳୀ, ସାଧାରଣ ସମ୍ପାଦକ ସୁବ୍ରତ ପ୍ରଧାନ, ପ୍ରଦୀପ ସେନାପତି, ସାଲେଗ୍ରାମ ନାୟକ, ଦେବାନନ୍ଦ ପ୍ରଧାନ, ରାଜେନ୍ଦ୍ର ଶତପଥୀ, ସମିତିସଭ୍ୟ ଈଶ୍ୱର କଉଡି, ଦ୍ରୋଣ ପାଢୀ, କେଶବ ସା, ରାଜେନ୍ଦ୍ର ଡିଗଲ, ସରପଞ୍ଚ ରାଜେନ୍ଦ୍ର ନାୟକ, ସୁରେଶ ଦୁବେ, ସଞ୍ଜୟ ସିଂହ, ଘନଶ୍ୟାମ ସିଂହ, ଅଖିଳ ସ୍ୱାଇଁ, ସୁବାସ ରଏ, ମୁରଲୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସହଜ ରାଜଯୋଗ ଶିବିର

**ଅମ୍ବାଭୋନା, ୧୩।୧ (ଡି.ଏନ.ଏ)**

**ଅମ୍ବାଭୋନା ବ୍ଲକ**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକର ଚିଚୋଲିଠାରେ ରବିବାର ବାଳସଙ୍ଗ ମଣ୍ଡଳୀ ଦ୍ୱାରା ଆୟୋଜିତ ସହଜ ରାଜଯୋଗ ଶିବିର ଆରମ୍ଭ ହୋଇଛି। ଏହି ଶିବିରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଯଶୋଦା, ଜ୍ୟୋତ୍ସ୍ନା, ଶକୁନ୍ତଳା ପ୍ରମୁଖ ଭଉଣୀମାନେ ବକ୍ତା ଭାବେ ଯୋଗଦେଇ ଆଧାତ୍ମିକ ଚେତନାରେ ଲୋକମାନଙ୍କୁ ସାମିଲ କରିଥିଲେ । ଏହି ଶିବିରରେ ଡା. ଶରତ ପ୍ରଧାନ ସସ୍ତ୍ରୀକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଏହି ବ୍ଲକ ଅଧୀନ ଚିଚୋଲି ଗ୍ରାମର ଶ୍ରଦ୍ଧାଳୁ ପିତବାସ ସା ମୁଖ୍ୟ କର୍ତ୍ତା ଭାବେ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଭୁକ୍ତା ମହାତ୍ମାଗାନ୍ଧୀ ମହାବିଦ୍ୟାଳୟର ଅଧକ୍ଷ ଧ୍ରୁବଚରଣ ସା, ଅଧାପିକା ଦମୟନ୍ତୀ ହୋତା, ଡା. ହିତାଂକ୍ଷୀ ପ୍ରଧାନ, ସହକାରୀ ଶିକ୍ଷକ ଦୁର୍ଯ୍ୟୋଧନ କାଲୋ, ଅବସରପ୍ରାପ୍ତ ଶିକ୍ଷକ କ୍ଷିତେଶ୍ୱର ଭୋଇ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ମଞ୍ଚାସୀନ ରହି ଆଧାତ୍ମିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ। ଏହି ଶିବିର ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବାଳସଙ୍ଗ ମଣ୍ଡଳୀ ପକ୍ଷରୁ କୁହାଯାଇଛି ।

## ଫାଇନାଲରେ ୟୁଥ କ୍ରିକେଟ କ୍ଲବ

**ପଦ୍ମପୁର, ୧୩।୧ (ଡି.ଏନ.ଏ)**

**ବୋରାସମ୍ବର କ୍ରିକେଟ**

ବରଗଡ଼ ଜିଲା ପଦ୍ମପୁର ବୋରାସମ୍ବର ସ୍ପୋର୍ଟିଂ ପକ୍ଷରୁ ଚାଲିଥିବା ୨୫ତମ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ସେମିଫାଇନାଲ ମ୍ୟାଚରେ ରାଉରକେଲା ୟୁଥ କ୍ରିକେଟ କ୍ଲବ ସେଲ ରାଞ୍ଚିକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି। ୩୫ ଓଭର ବିଶିଷ୍ଟ ଏହି ସେମିଫାଇନାଲ ମ୍ୟାଚରେ ୟୁଥ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରିଥିଲା । ଅଧିନାୟକ ଅଶୋକ ବାରିକଙ୍କ ୬୨ (୫୫), ରବି ନାୟକ ୨୬ ଏବଂ ଅଂଶୁମାନ ଗୋପଙ୍କ ୨୬ ରନ ସହାୟତାରେ ୟୁଥ କ୍ଲବ ଦଳ ୩୫ ଓଭରରେ ୮ ଉଇକେଟ ହରାଇ ୨୦୨ ରନ ସଂଗ୍ରହ କରିଥିଲା। ସେଲ ରାଞ୍ଚି ଦଳ ପକ୍ଷରୁ ନିରଞ୍ଜନ ସିଂ ଓ ବିନୟ ସିଂ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ । ୨୦୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ସେଲ ଦଳ ୨୭ ଓଭରରେ ୧୫୧ ରନ କରି ସମସ୍ତ ଉଇକେଟ ହରାଇ ୫୧ ରନରେ ପରାସ୍ତ ହୋଇଥିଲା । ସେଲ ଦଳ ପକ୍ଷରୁ ସନ୍ତୋଷ କୁମାର ୨୯ ଏବଂ ରବି ସିଂ ୨୧ ରନ ସଂଗ୍ରହ କରିଥିଲେ। ୟୁଥ କ୍ରିକେଟ ଦଳ ପକ୍ଷରୁ ରାଜୀବ ନାୟକ ୩୬ ରନ ଦେଇ ୪ଟି ଏବଂ ପପୁ ରାୟ ୨୪ ରନ୍ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅଞ୍ଚଳ କଲେଜ ଅଧକ୍ଷ ଲଳିତେନ୍ଦୁ ନାୟକ ଯୋଗଦେଇ ବିଜୟୀ ଦଳର ରାଜୀବ ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ । ଅମ୍ପାୟାର ଶୁଶାନ୍ତ ପାଣିଗ୍ରାହୀ ଓ ମହେଶ ମୁନସୀ ମ୍ୟାଚ୍ ପରିଚାଳନା, ଦେବାଶିଷ ଚକ୍ରବର୍ତ୍ତି ଧାରା ବିବରଣୀ ଏବଂ ଆକାଶ କୁମାର ଦାଶ ସ୍କୋରର ଥିଲେ । ସୋମବାର ମହତାବ ସମ୍ବଲପୁର ଏବଂ ପାୟୋନିୟର ପୁରୀ ଦଳ ମଧରେ ପ୍ରଥମ ମ୍ୟାଚ୍ ଏବଂ ଗ୍ରୀନ ଏକାଡେମୀ ଭୁବନେଶ୍ୱର ଏବଂ ସ୍ପୋର୍ଟ୍ସ ଆସୋସିଏଶନ ରାଉରକେଲା ମଧରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି ।




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

## ଗୌଡ଼ଗାଁ କଲେଜରେ ଟ୍ରାଫିକ ସଚେତନତା

**ଭଟଲି,୧୩।୧(ଡି.ଏନ୍.ଏ.)**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଗୌଡ଼ଗାଁ ପଞ୍ଚାୟତ ଜୁନିୟର ମହାବିଦ୍ୟାଳୟ ପରିସରରେ ରବିବାର ଏକ ଦିବସୀୟ ଟ୍ରାଫିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ସୁରେଶ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ମୁଖ୍ୟଅତିଥି, ଅଧାପକ ଲୋକେଶ୍ୱର ସା ଏବଂ ଦିବ୍ୟକିଶୋର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଟ୍ରାଫିକ ସଚେତନତା ଉପରେ ମାର୍ଗଦର୍ଶନ କରିଥିଲେ । ରାସ୍ତାରେ ଯିବାବେଳେ କିଭଳି ଟ୍ରାଫିକ୍ ନିୟମ ମାନିବାକୁ ପଡିବ ସେ ନେଇ ଅତିଥିମାନେ ବକ୍ତବ୍ୟ ଦେଇଥିଲେ । ପରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସଙ୍ଗୀତା ମହାନନ୍ଦ ପ୍ରଥମ, ଦେବଜାନୀ ଥପା ଦ୍ୱିତୀୟ, ଜ୍ୟୋତିରଞ୍ଜନ ବାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ରୋଜିସ୍ମା ପ୍ରିୟଦର୍ଶିନୀ ବିଭାରଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା ।